

Source: Author, Digitized by PPRACHIN, SOA

ନାରୀମନ

ଅପର୍ଣ୍ଣା ମହାନ୍ତି

ଓଡ଼ିଶା ବୁକ୍ ଷ୍ଟୋର

Source: Author, Digitized by PPRACHIN, SOA

ନାରୀମନ

ଅପର୍ଣ୍ଣା ମହାନ୍ତି

ପ୍ରତିଷ୍ଠାତା ପ୍ରକାଶକ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ସ୍ଥାପିତ-୧୯୫୯

ପ୍ରକାଶକ
ଶ୍ରୀ ବିଜୟ ଶଙ୍କର ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ : ୨୦୧୨ ଜନ୍ମଦିନ

ପ୍ରଚ୍ଛଦ : ବିଜୟ ପ୍ରଧାନ

ଛାପା ସଂଖ୍ୟା : ୫୦୦

ଅକ୍ଷର ସଜ୍ଜା :
ୟୁନିକର୍ଣ୍ଣ ଗ୍ରାଫିକ୍ସ, କଟକ-୧

ମୁଦ୍ରଣ
ଗୁରୁପ୍ରସନ୍ନ ପ୍ରେସ୍, କଟକ-୧

NARIMANA

By
Aparna Mohanty

Published by
Sri Bijoy Shankar Patra
ORISSA BOOK STORE
Binode Behari, Cuttack-753 002

First Edition : 2012

Price : Rs. 90/-
ISBN 81-7400-559-5

[60 GSM Paper Used]

Source: Author, Digitized by PPRACHIN, SOA

ମୁଖବନ୍ଧ

'ନାରୀମନ' ପୁସ୍ତକଟି ପ୍ରକାଶିତ ହେବା ଅବସରରେ ମୁଁ ସର୍ବାଗ୍ରେ ମୋର ଅନୁଜପ୍ରତିମ କବି ସାମ୍ବାଦିକ ଶ୍ରୀ ନିଳୟକାନ୍ତ ମହାପାତ୍ରଙ୍କୁ ସ୍ମରଣ କରୁଛି। ତାଙ୍କର ବାରମ୍ବାର ତାଗିଦା ଓ ସସ୍ନେହ ଅନୁରୋଧ କ୍ରମେ ମୁଁ ପ୍ରାୟ ଦୀର୍ଘ ଏକବର୍ଷକାଳ ନିୟମିତ ଭାବେ ପର୍ଯ୍ୟବେକ୍ଷକରେ ଏହିସବୁ ସ୍ତମ୍ଭ ଲେଖୁଥିଲି। ଏସବୁ ଲେଖାର ଶୀର୍ଷକ ମଧ୍ୟ ସେ ହିଁ କଳ୍ପନା କରିଛନ୍ତି।

ତେବେ ସ୍ତମ୍ଭ ସବୁ ପ୍ରକାଶିତ ହେବାର ଅଳ୍ପଦିନ ଭିତରେ ଯେଉଁସବୁ ପାଠକୀୟ ମତାମତ ମିଳୁଥିଲା ତାହା ମତେ ଏକାଧାରରେ ବିସ୍ମିତ ଓ ଆନନ୍ଦିତ କରିଛି। ସେମାନଙ୍କର ସକାରାତ୍ମକ ଟିପ୍ପଣୀ ମତେ ଆଶ୍ୱସ୍ତ କରିଛି ଯେ ମନକଥା ଖୋଲି କହିପାରିଲେ ବୁଝିବାପାଇଁ ମଧ୍ୟ ମନର ଅଭାବ ହେବନାହିଁ। ଆମେ କେବଳ ଯୋଗାଯୋଗର କୁଣ୍ଢାକୁ ଧରିବସି ଭ୍ରାନ୍ତିକୁ ପ୍ରଶ୍ରୟ ଦେଇଚାଲୁଁ। ସେହି ଅଗଣିତ ସମ୍ବେଦନଶୀଳ ପାଠକମାନଙ୍କୁ ମୁଁ ମୋର ସମ୍ମାନ ଜଣାଉଛି।

ଏବଂ ପରିଶେଷରେ ମୋର ସୁହୃଦ୍ ଶ୍ରୀ ବିଜୟଶଙ୍କର ପାତ୍ର, ଯାହାଙ୍କର ପ୍ରକାଶକୀୟ ଶ୍ରଦ୍ଧାଶୀଳତା ଓ ବନ୍ଧୁବତ୍ସଳତାର ସମନ୍ୱୟରେ ମୋର ସାରସ୍ୱତ କର୍ମ ବିକଶିତ ହୋଇଅଛି, ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା।

ଅପର୍ଣ୍ଣା ମହାନ୍ତି

ବିଷୁବ ସଂକ୍ରାନ୍ତି, ୨୦୧୧ ମସିହା

Source: Author, Digitized by PPRACHIN, SOA

ଅପର୍ଣ୍ଣା ମହାନ୍ତିଙ୍କ ଅନ୍ୟାନ୍ୟ ରଚନା :

କାବ୍ୟ ସଂକଳନ :

(୧) ଅବ୍ୟକ୍ତ ଆତ୍ମୀୟତା, (୨) ନିଃଶବ୍ଦରେ, (୩) ଅସତୀ, (୪) ଅତିଥି, (୫) ପୂର୍ଣ୍ଣତମା, (୬) ଝିଅପାଇଁ ଝର୍କାଟିଏ, (୭) ନଷ୍ଟନାରୀ, (୮) ତୀର୍ଥଯାତ୍ରା, (୯) ମା'ର କାନ୍ଦଣାଗୀତ ।

ଅନୂଦିତ କବିତା ଓ ଗଦ୍ୟଗ୍ରନ୍ଥ :

୧. ପୋଖରାଜ – କବି ଗୁଲ୍‌ଜାର୍ ।

୨. ଆଉ କେହି ନୁହେଁ – କବି - କୁଅଁର ନାରାୟଣ

୩. ମୋ ଭିତରର ସ୍ତ୍ରୀଲୋକ – କବି - ପବନ କରଣ

୪. ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ – ପ୍ରତିଭା ରାନଡେ

ନିବନ୍ଧ ଓ ଆଲୋଚନା ଗ୍ରନ୍ଥ–

୧. ଓଡ଼ିଆ ଉପନ୍ୟାସରେ ନାରୀଚରିତ୍ର

୨. ଅନ୍ତରଙ୍ଗ ଆଲୋଚନା

Source: Author, Digitized by PPRACHIN, SOA

ସୂଚୀପତ୍ର

୧.	ନାରୀ ମନ	୧
୨.	ଦେହ ଓ ମନର ସତୀତ୍ୱ	୪
୩.	ପ୍ରେମର ମର୍ଯ୍ୟାଦା (୧)	୮
୪.	ପ୍ରେମର ମର୍ଯ୍ୟାଦା (୨)	୧୧
୫.	ପ୍ରେମର ମର୍ଯ୍ୟାଦା (୩)	୧୪
୬.	ନିସର୍ଗ ରମଣୀ, ନିଃସର୍ତ୍ତ ଅନୁରାଗ	୧୭
୭.	ଶିବ ଓ ଶକ୍ତିର ସଂଯୋଗ	୨୦
୮.	ନାରୀ ବ୍ୟକ୍ତିତ୍ୱର ମର୍ଯ୍ୟାଦା	୨୩
୯.	ଆତ୍ମପ୍ରତାରଣାର ପବିତ୍ର କର୍ତ୍ତବ୍ୟ	୨୬
୧୦.	ସୁନ୍ଦର ଶରୀର ଓ କଳ୍ପନାର ବିଭ୍ରମ	୨୯
୧୧.	ପ୍ରକୃତି ପୁରୁଷ ଓ ପ୍ରବୃତ୍ତି	୩୩
୧୨.	ମୁଗ୍ଧମିଥୁନ ଓ ସୃଜନର ସିସିକାର	୩୭
୧୩.	ନାରୀ ମାନସିକତାର ମର୍ଯ୍ୟାଦା	୪୧
୧୪.	ପବିତ୍ର କର୍ତ୍ତବ୍ୟର ଫର୍ମାନ୍	୪୫
୧୫.	ମାତୃଶକ୍ତିର ଆବାହନ	୪୯
୧୬.	ଶକ୍ତିର ସୃଜନଶୀଳ ପରିଭାଷା	୫୨
୧୭.	ନିଷ୍ପତ୍ତି ନେବାର ଅଟଳତା ଓ ପାଳନ କରିବାର ନିଷ୍ଠା	୫୬
୧୮.	ଖୁଦକୁଣ୍ଡାର ଶକ୍ତି	୫୯
୧୯.	ଦେହ ବିପଣୀର ନାଗଫାଶ	୬୨
୨୦.	ବିଳାସର ବିଭ୍ରମ	୬୫

Source: Author, Digitized by PPRACHIN, SOA

୨୧. ମର୍ଯ୍ୟାଦାର ମୁଲାହିଜା ୬୯
୨୨. ଇତର ଉତ୍ତେଜନା ୭୩
୨୩. ମାଆ ଓ ମାତୃତ୍ୱ ୭୭
୨୪. ଚୁଲିମୁଣ୍ଡର ମଣିଷ ୮୨
୨୫. ସମାଜରେ ନାରୀର ଅବୈଧ ସମ୍ପର୍କ ୮୬
୨୬. ନିର୍ବାଚନରେ ନାରୀ : ସମସ୍ୟା ବଢ଼ିଛି ୯୦
୨୭. ପ୍ରକୃତିର ଅବଦାନ ନରନାରୀଙ୍କ ସମ୍ପର୍କ ୯୩
୨୮ ସମ୍ପର୍କର ଉର୍ଦ୍ଧ୍ୱରେ ନାରୀର ଆତ୍ମସମ୍ମାନ ୯୭
୨୯. ନାରୀ ପୁରୁଷର ସମକକ୍ଷ ହେଉ, ଜନନୀ ଓ ଜାୟା ମାୟା ନରହୁ ୧୦୧
୩୦. ଜୀବନର ନାମ ଜୀବିକା ନୁହେଁ ୧୦୫
୩୧. କୁମାରୀ ମାତୃତ୍ୱ ଅପରାଧ ନୁହେଁ ୧୦୯
୩୨. ଅନ୍ଧାରୀ ମୂଳକର କିଶୋରୀ କନ୍ୟା ୧୧୨
୩୩. ନାରୀ ଆତ୍ମଜାଗରଣ ମଶାଲ୍ କେଉଁଠି ? ୧୧୬
୩୪. ନାରୀକୁ ଅଧିକ ଈର୍ଷା କରେ ପୁରୁଷ ୧୨୦
୩୫. ପ୍ରେମର ପୃଥିବୀ : ନାରୀ ୧୨୨
୩୬. ପ୍ରତି ନାରୀର ସ୍ୱପ୍ନର ମଣିଷ ପୁରୁଷୋତ୍ତମ ୧୨୬
୩୭. ନାରୀସୁଲଭ ଗୁଣ କମୁଛି, ଅହଂକାର ବଢୁଛି ୧୩୦
୩୮ ନାରୀ - ମନ ଓ ମାନ ୧୩୩
୩୯. ସାମୂହିକ ଦାୟିତ୍ୱ ସହ ନାରୀ ୧୩୬
୪୦. ଉପଭୋକ୍ତା ସମାଜ ଓ ନାରୀ ମୁକ୍ତି ୧୩୯
୪୧. ସାଂପ୍ରତିକ ସମାଜରେ ନାରୀର ସ୍ଥିତି-ପ୍ରବୃତ୍ତି କିପରି ୧୪୪
୪୨. ସଂରକ୍ଷଣରେ ନୁହେଁ, ନାରୀତ୍ୱର ସୃଜନଶୀଳ ପ୍ରବୃତ୍ତିକୁ ସମର୍ଥନରେ ହିଁ ବିକାଶ ସମ୍ଭବ ୧୪୯

○

Source: Author, Digitized by PPRACHIN, SOA

ନାରୀ ମନ

କହନ୍ତି ନାରୀ ମନ ନାରାୟଣଙ୍କୁ ଅଗୋଚର। କ'ଣ ଥାଏ ଏହି ନାରୀର ମନରେ ? ତା'ର ହଁ ହଁରେ କୁଆଡ଼େ ନା ନା, ନା.. ନାରେ ହଁ, ହଁ ଥାଏ ! ଅତଳ ତଳ ମନ ତଳେ କି କି ରହସ୍ୟ ସେ ଲୁଚାଇ ରଖିଥାଏ। ଅତଳତଳ ମନ ତଳେ ମନ କାଳେ ଆହୁରି ଗଭୀର। ତେଣୁ ଯୁଗେ ଯୁଗେ କବି ଲେଖକମାନେ କହିଛନ୍ତି ସୁନ୍ଦରୀ ଓ ବିଶ୍ୱସ୍ତ ହୋଇଥିବା ନାରୀ ଜଗତରେ ବିରଳ । ଅବଶ୍ୟ ଭାରତୀୟ ପରମ୍ପରା କଥା ଟିକେ ଅଲଗା। ଏଠି କଥା କଥାକେ ନାରୀଙ୍କୁ ସୀତା ସାବିତ୍ରୀର ଉଦାହରଣ ଦିଆଯାଏ। କାହିଁକି ନାରୀର ପଲକ ତଳେ ଏତେ ଛାଇ ଆଲୁଅର ଖେଳ ? କାହିଁକି ବୁଝିହୁଏନା ତା'ର ମାୟା ? ନାରୀ ମନକୁ ନେଇ ଏ ସବୁ ପ୍ରଶ୍ନ କେଉଁ ଆଦିମ କାଳର । କିନ୍ତୁ ଆଜିଯାଏ ବିଡ଼ମ୍ବନା ଏହି ଯେ ନାରୀ ମନତଳର ଅକୁହା କଥାକୁ ନେଇ ପୁରୁଷ ହିଁ ପ୍ରଶ୍ନ କରିଛି-ପୁରୁଷ ହିଁ ଦେଇଛି ଉତ୍ତର। ସଭ୍ୟ ସମାଜରେ ମନଖୋଲି ନିଜ କଥା ନିଜେ କହିବାକୁ ନାରୀକୁ ଅଦ୍ୟାବଧି ସାମାଜିକ ସ୍ୱାଧୀନତା ମିଳିନାହିଁ। ମର୍ଯ୍ୟାଦା ନାମରେ ଆତ୍ମପ୍ରତାରଣା, ପ୍ରେମ ନାମରେ ଶୋଷଣ, ସାମାଜିକତା ନାମରେ ଦାସତ୍ୱ, ସ୍ନେହ-ସୋହାଗ ନାମରେ ଅଧିକାର ଶୂନ୍ୟତା ଓ ସର୍ବୋପରି ନାରୀତ୍ୱ ନାମରେ ଅସତ୍ୟକୁ ହିଁ ନାରୀ ନିଜ ବ୍ୟକ୍ତିତ୍ୱର ଅଳଙ୍କାର ବୋଲି ଭାବିଆସିଛି। କିନ୍ତୁ ତା'ର ଭାବନା ଓ ସ୍ୱୀକୃତିର ଏହି କଠୋର ସାମାଜିକ ମାପକାଠି ତଳେ ଏକ ଛଳଛଳ ସତ୍ୟ ପ୍ରବାହିତ ହେଉଥିବାର ସେ କଅଣ ଅନୁଭବ କରେନାହିଁ ? ନାରୀ ମନ କ'ଣ କାଠ ପଥର ଯେ ସମାଜ ତାକୁ ଯେଉଁବାଟେ ଚଳେଇ ନେବ ସେ ପେଣ୍ଡୁଟି ପରି ସେଇବାଟେ ଗଡ଼ିଯିବ ? ତା' ମନରେ କ'ଣ ବାଟ ଭାଙ୍ଗି ନୂଆବାଟ ତିଆରି କରିବାର ଉନ୍ମାଦନା ଲାଗେନା ? ବେକରେ ଛନ୍ଦି ହୋଇଥିବା ସାମାଜିକ ଶୃଙ୍ଖଳାକୁ ଫିଟେଇ ଦେଇ ନିଜ ପରି ନିଜେ ଓ ନିଜ ପାଇଁ ନିଜେ ହୋଇଯିବାର ଦୂରନ୍ତ ଅଭିଳାଷରେ ସେ କ'ଣ ସବୁ ମଣିଷଙ୍କ ପରି ଘାରିହୁଏନା ? ପାପ ପୁଣ୍ୟର ଅଲଘଂ୍ୟ ପାଚେରୀ ଅତିକ୍ରମ କରି ସେ କ'ଣ ଏକ ସଂଶୟ ତଥା ସଂସ୍କାର-ମୁକ୍ତ ମନର ଅଧିକାରିଣୀ ହେବାକୁ ଚାହେଁନା ? ସଂସାରରେ ତାକୁ କେନ୍ଦ୍ର କରି ଯେତେ ଖେଳ, ଯେତେ ଅଧିକାର, ଯେତେ ଅହଂକାର, ଯେତେ ନୀତିନିୟମ, ସେଥିରେ ସେ

Source: Author, Digitized by PPRACHIN, SOA

କେତେ ପରିମାଣରେ ନିଜ ସ୍ୱାର୍ଥରେ ଓ କେତେ ପରିମାଣରେ ପୁରୁଷଶାସିତ ସମାଜର ସ୍ୱାର୍ଥରେ ଭାଗୀଦାର ସେ କଥା ଜାଣିବାକୁ ତା'ର ଜିଜ୍ଞାସା ହୁଏନା ?

ହୁଏ, ହେବା ଉଚିତ ମଧ୍ୟ । ଜଣେ ଆତ୍ମସଚେତନ ନାରୀ ଭିତରେ ଏ ଜିଜ୍ଞାସା ଆଜି ଖୁବ୍ ପ୍ରବଳ । ନିଜକୁ ଖୋଜିବାକୁ ଯାଇ ସେ କ୍ରମଶଃ ସାରା ବ୍ରହ୍ମାଣ୍ଡଟାକୁ ଖୋଜିପକାଏ, ତନ୍ନତନ୍ନ କରି ନାରୀ ଜାତିର ଲେଖା-ଅଲେଖା, ସଭ୍ୟ-ଅସଭ୍ୟ ସବୁ ଇତିହାସ ପଢ଼ିପକାଏ । ଈଶ୍ୱର, ବିଶ୍ୱବ୍ରହ୍ମାଣ୍ଡ ଓ ପ୍ରକୃତିର ସତ୍ୟ ତଥା ମଣିଷର ସାମାଜିକ ମିଥ୍ୟା ଭିତରୁ ସେ ନିଜର ସ୍ଥିତି ସହିତ ଜଡ଼ିତ ଥିବା ଭୟ, ଛଳନା, ପ୍ରବଞ୍ଚନାକୁ ସେତେବେଳେ ସେ ସ୍ପଷ୍ଟ ଦେଖିପାରେ । ଦୁଃଖ-ସୁଖର ସୀମାରେଖାକୁ ନେଇ ତା'ର ଦ୍ୱନ୍ଦ୍ୱ ଧୀରେ ଧୀରେ ପ୍ରାଞ୍ଜଳ ହୋଇଉଠେ । ମନରୁ ଯୁଗ ଯୁଗର ଅନ୍ଧପଣ, ଅସହାୟତା, କ୍ଷୁଦ୍ରତା ଘୁଞ୍ଚିଘୁଞ୍ଚି ଯାଏ । ସତ୍ୟ କହିବାକୁ ସେ ଧୀରେ ଧୀରେ ସାହସ ସଞ୍ଚୟ କରେ ।

କିନ୍ତୁ ଏପରି ସାହସିନୀ ନାରୀଙ୍କ ସଂଖ୍ୟା ବିଶ୍ୱରେ ନଗଣ୍ୟ କହିଲେ ଚଳେ । ବୈଦିକ ଯୁଗର ଜାବାଳ, ପୁରାଣର ଅହଲ୍ୟା, ତାରା, ଦ୍ରୌପଦୀ, କୁନ୍ତୀ, ମନ୍ଦୋଦରୀ, ଗଙ୍ଗା, ଚର୍ଯ୍ୟାପଦଯୁଗର ଭଗବତୀ ଲକ୍ଷ୍ମୀଙ୍କରା କିମ୍ବା ଆଧୁନିକ ଯୁଗର ନାରୀମୁକ୍ତିର ଉଦ୍‌ଗାତା ମାଡ଼ାମ୍ ସିମନ୍ ଦି ବିଭୁଆଙ୍କଠାରୁ ତସ୍‌ଲିମାଙ୍କ ପର୍ଯ୍ୟନ୍ତ ହାତଗଣତି କେତେଜଣ ମାତ୍ର ନାରୀ ସାମାଜିକ ସତୀତ୍ୱ ତୁଳନାରେ ଅନ୍ତରର ସତ୍ୟକୁ ସର୍ବସାଧାରଣରେ ସାହସର ସହିତ ଅଗ୍ରାଧିକାର ଦେଇଛନ୍ତି । ଅଥଚ ମାନବ ସଭ୍ୟତାର ଇତିହାସ ଆଜିଯାଏ ନାରୀ ମନର ଏହି ଅଭ୍ରାନ୍ତ ସତ୍ୟକୁ ଗୁରୁତ୍ୱର ସହିତ ବିଚାର କରିନାହିଁ । ନାରୀ ମନର ନିସର୍ଗ ମୁକ୍ତ ସ୍ୱରୂପକୁ ସମ୍ମାନ ଦେବା ବଦଳରେ ଭ୍ରଷ୍ଟାଚାରର ଭୟ ଦେଖାଇ ତାକୁ ପିତୃକୈନ୍ଦ୍ରିକ ସମାଜର ସ୍ୱାର୍ଥରେ ପରିଚାଳିତ ହେବାକୁ ପ୍ରଲୁବ୍ଧ କରିଛି । ସାମାଜିକ ସ୍ୱୀକୃତି ଓ ପ୍ରଶଂସା ପାଇବାକୁ ନାରୀ ମଧ୍ୟ କେତେବେଳେ ଅସହାୟ ହୋଇ ଓ କେତେବେଳେ ଜାଣିଶୁଣି ନିଜର ବ୍ୟକ୍ତିଗତ ସତ୍ୟଠାରୁ ଦୂରେଇ ରହିଛି । ସାମାଜିକ ଓ ପୁରୁଷଇଚ୍ଛିତ ସତ୍ୟର ପୃଷ୍ଠପୋଷକତା କରିଛି । ସମସ୍ତ ଶିକ୍ଷାଦୀକ୍ଷା, ସ୍ୱାବଲମ୍ବନଶୀଳତା ସତ୍ତ୍ୱେ ଏହି ପ୍ରବୃତ୍ତି ତା'ର ଆତ୍ମବିଶ୍ୱାସକୁ ଊଣା କରି ରଖିଛି । ପୁରୁଷକୈନ୍ଦ୍ରିକ ସମାଜ ମଧ୍ୟ ଚାହେଁ ନାରୀର ସାମାଜିକ ଆତ୍ମବିଶ୍ୱାସ ଖର୍ବ ହୋଇରହୁ, ତେବେ ଏକ ପିତୃକୈନ୍ଦ୍ରିକ ସମାଜ ବ୍ୟବସ୍ଥା ଓ ସେଥିରେ ପୁରୁଷର ପ୍ରଭୁତ୍ୱ ବଜାୟ ରହିପାରିବ ।

ଆଜି କିନ୍ତୁ ସମଗ୍ର ବିଶ୍ୱରେ ନାରୀ କେବଳ ନିଜର ଅନ୍ତର୍ନିହିତ ଶକ୍ତି ନୁହେଁ, ଅନ୍ତର୍ନିହିତ ସତ୍ୟ ପ୍ରତି ମଧ୍ୟ ସଚେତନତା ଓ ଦାୟବଦ୍ଧତା ପ୍ରକାଶ କରିବାର ବେଳ ଆସିଛି । ନିଜର ପ୍ରେମ, ପ୍ରଣୟ, ଯୌନତା, ମୁକ୍ତିବୋଧ, ବ୍ୟକ୍ତିଗତ ଓ ସାମାଜିକ

Source: Author, Digitized by PPRACHIN, SOA

ଅଧିକାର ଇତ୍ୟାଦି ବିଷୟରେ ଅସମାଧିତ ଅଗଣିତ ପ୍ରଶ୍ନର ଉତ୍ତର ନାରୀକୁ ନିଜେ ଖୋଜିବାକୁ ହେବ । ଏଠାରେ ଓଡ଼ିଶାର ବରେଣ୍ୟ କବି କଥାକାର କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଉକ୍ତିକୁ ଉଦ୍ଧାର କରିବା ପ୍ରାସଙ୍ଗିକ ମନେକରୁଛି । ସେ କହିଛନ୍ତି- ''ଗୋଟିଏ କଥାରେ ବର୍ତ୍ତମାନର ଦୁରବସ୍ଥାରୁ ଉଦ୍ଧାର ପାଇବାକୁ ଏବଂ ନିଜର ସ୍ଥିତି ସମ୍ବନ୍ଧରେ ନିଶ୍ଚିନ୍ତ ହେବା ପାଇଁ ନାରୀ ଅଧିକ ସାହସୀ, ଶକ୍ତିମତୀ, ବୁଦ୍ଧିମତୀ, ନିର୍ଭୀକ ଓ ନିର୍ଲ୍ଲଜ ହେବା ଆବଶ୍ୟକ ।''

୦

Source: Author, Digitized by PPRACHIN, SOA

ଦେହ ଓ ମନର ସତୀତ୍ୱ

ବିଖ୍ୟାତ ଔପନ୍ୟାସିକ ଶରତ ଚନ୍ଦ୍ର ତାଙ୍କର 'ନାରୀର ମୂଲ୍ୟ' ଶୀର୍ଷକ ଗ୍ରନ୍ଥରେ କହିଛନ୍ତି – ''ସତୀତ୍ୱରୁ ବଳି ଗୁଣ ନାରୀର ଅନ୍ୟକିଛି ନାହିଁ । କାହିଁକି ନା ଏଇଟି ପୁରୁଷ ନିକଟରେ ସବୁଠାରୁ ଉପାଦେୟ ସାମଗ୍ରୀ ଏବଂ ସ୍ୱାମୀର ଅବାଧ ହେବା – ସେ ଅତି ପାଷଣ୍ଡ ହେଲେ ବି ତାଙ୍କୁ ମନେମନେ ତୁଚ୍ଛତାଚ୍ଛଲ୍ୟ କରିବା ଭଳି ଦୋଷ ଆଉ ନାହିଁ । ଏହି ସତୀତ୍ୱ ଯେ ନାରୀର କେତେବଡ଼ ଧର୍ମ ହେବା ଉଚିତ, ରାମାୟଣ, ମହାଭାରତ ଓ ପୁରାଣାଦିରେ ପୁନଃ ପୁନଃ ସେକଥା ଆଲୋଚିତ ହୋଇଯାଇଛି । ଏଠି ସ୍ୱୟଂ ଭଗବାନଙ୍କ ପର୍ଯ୍ୟନ୍ତ କେତେଥର ସତୀତ୍ୱର ପରାକ୍ରମରେ ଅସ୍ଥିର ହୋଇଯାଇଛନ୍ତି । କିନ୍ତୁ ସମସ୍ତ ତର୍କ ହିଁ ଏକତରଫା କେବଳ ନାରୀମାନଙ୍କ ପାଇଁ । ପୁରୁଷମାନଙ୍କର ଏ କ୍ଷେତ୍ରରେ ଯେ ବିଶେଷ କିଛି ବାଧବାଧକତା ଥିଲା, ତାହା କେଉଁଠି ଖୋଜିଲେ ମିଳେନା ଏବଂ ଏତେବଡ଼ ଏକ ପ୍ରାଚୀନ ଦେଶରେ ପୁରୁଷ ସମ୍ପର୍କରେ ଏ ନେଇ ଗୋଟିଏ ଶବ୍ଦ ପର୍ଯ୍ୟନ୍ତ ଯେ ନାହିଁ, ଏକଥା ଖୋଲି କହିଲେ ହାତାହାତି ବାଧିବ, ନହେଲେ କହିଥା'ନ୍ତି । ଶାସ୍ତ୍ରକାରମାନେ ବଣଜଙ୍ଗଲରେ ବାସ କରୁଥିଲେ ଠିକ୍ କିନ୍ତୁ ସେମାନେ ସମାଜକୁ ଚିହ୍ନିଥିଲେ । ସୁତରାଂ ଗୋଟିଏ ଶବ୍ଦ ରଚନା କରି ତାଙ୍କର ଜାତିଭାଇଙ୍କୁ ଅର୍ଥାତ୍ ପୁରୁଷକୁ ମୁସ୍କିଲ୍‌ରେ ପକେଇନାହାନ୍ତି । ନାରୀ ସମ୍ପର୍କରେ ସେମାନଙ୍କର ପ୍ରବୃତ୍ତି ଯେତେପ୍ରକାର ହାତଗୋଡ଼ ମେଲି କୁଦାକୁଦି କରିପାରେ, ତା'ର ବ୍ୟବସ୍ଥା କରିଦେଇଯାଇଛନ୍ତି । ପୈଶାଚ ବିବାହଟା ବି ବିବାହ ! ଏଭଳି ସହାନୁଭୂତି ! ଏତେ ଦୟା ! ଆଉ ଏତେ ଦୟା ନଥିଲେ ପୁରୁଷ କ'ଣ ଶାସ୍ତ୍ରକାରଙ୍କୁ ମାନନ୍ତା ! କେବେ କୋଉ ଯୁଗରୁ ସେଇସବୁ ପୋଥିପତ୍ର ଦରିଆରେ ଭସେଇ ଦେଇ ମନମୁତାବକ ଶାସ୍ତ୍ର ତିଆରି କରି ରଖିଥା'ନ୍ତା । ନାରୀ ପାଇଁ ସତୀତ୍ୱ...ପୁରୁଷ ପାଇଁ ନୁହେଁ ।'' (ଶରତ ଚନ୍ଦ୍ର-ନାରୀର ମୂଲ୍ୟ, ଅନୁ-ବିଜୟ କୁମାର ସାହୁ-୧୯୮୨, ପୃ.୩-୪)

ଏହି ଦୀର୍ଘ ଉଦ୍ଧୃତି ଦେବାର ତାତ୍ପର୍ଯ୍ୟ ହେଉଛି, ଶହେରୁ ଅଧିକ ବର୍ଷ ତଳର ଏହି ସମ୍ବେଦନଶୀଳ ମତାମତଟିର ଗୁରୁତ୍ୱ ଆଜି ମଧ୍ୟ ହ୍ରାସ ପାଇନାହିଁ । ଏକବିଂଶ ଶତାବ୍ଦୀର ନାରୀ-ଜାଗରଣ ଯୁଗରେ ମଧ୍ୟ ସତୀତ୍ୱର ତଥାକଥିତ ମହତ୍ତ୍ୱ ସମାଜରେ ଊଣା ହୋଇନାହିଁ । ନାରୀଦେହକୁ ଯାବତୀୟ ବିଳାସବ୍ୟସନର ସାମଗ୍ରୀ ରୂପେ ବ୍ୟବହାର କରୁଥିବା ଉପଭୋକ୍ତା ସମାଜ ଏବେବି ନାରୀର ଶାରୀରିକ ସତୀତ୍ୱକୁ ଖୁବ୍ ପ୍ରଶଂସା

Source: Author, Digitized by PPRACHIN, SOA

କରେ । ଏହି ଆତ୍ମଘାତୀ ପ୍ରଶଂସାର ଶିକାର ହୋଇ ଆଜି ମଧ୍ୟ ରାଜସ୍ଥାନ, ହରିୟାନା, ଉତ୍ତରପ୍ରଦେଶ ପରି ରାଜ୍ୟରେ ସ୍ୱାମୀର ଚିତାରେ ପୋଡ଼ିହୋଇ ମରୁଥିବା ସ୍ତ୍ରୀ ଲୋକଙ୍କୁ ଲୋକେ 'ଦେବୀମାତା' କହି ଜୟଜୟକାର କରନ୍ତି । ଅଭିନେତ୍ରୀ ଖୁସ୍‌ବୁଙ୍କର ବିବାହ ପୂର୍ବର ବା ବିବାହ ବ୍ୟତିରେକ ଯୌନ ସମ୍ପର୍କ ସମ୍ବନ୍ଧରେ ମୁକ୍ତ ମତାମତ ବିରୋଧରେ ଦେଶସାରା ହୁଲ୍‌ସ୍ଥୁଲ୍ ହୋଇଉଠେ । ସଭ୍ୟତାର ଆରମ୍ଭରୁ ନାରୀର ଶାରୀରିକ ସତୀତ୍ୱକୁ ନିଜ ପାଇଁ ଓ ନିଜର ସମାଜ ପାଇଁ ସବୁଠୁଁ ସୁଲଭ ସୁସ୍ୱାଦୁ ଭାବି ଆସିଥିବା ପ୍ରଭୁ-ପୁରୁଷକୁ ଖୁସି କରିବାକୁ ନାରୀ ତେବେ କରେ କ'ଣ ? କାୟ-ମନୋ-ବାକ୍ୟରେ ସ୍ୱାମୀପଦଧାରୀ ପୁରୁଷ ପାଇଁ 'ସତୀ' (ସତ୍ୟବଦ୍ଧ ନୁହେଁ) ହୋଇ ରହିବା ତା'ର ସାମାଜିକ ଦାୟିତ୍ୱ ହୋଇଥିବାରୁ ନାରୀ-ମନ ଏହି ତିନୋଟିର ସତୀତ୍ୱରକ୍ଷା କ୍ଷେତ୍ରରେ ସବୁବେଳେ ଦ୍ୱନ୍ଦ୍ୱରେ ପଡ଼େ । ପ୍ରଥମଟି ହେଲା କାୟା । ନାରୀର ଏହି କାୟାଟି ସବୁରି ଆଖିରେ ପଡ଼େ । ସ୍ଥୁଳ ଶରୀରର ସତୀତ୍ୱ ରକ୍ଷା ଓ ପରୀକ୍ଷା କରିବାକୁ ନାରୀକୁ ଯେ କି କି ଅକଥନୀୟ ପୀଡ଼ା ଭିତର ଦେଇ ଗତି କରିବାକୁ ହୁଏ, ତାହା ନ କହିଲେ ଭଲ । ଆଜି ମଧ୍ୟ ପୃଥିବୀର ବହୁ ସ୍ଥାନରେ ବିବାହର ପ୍ରଥମ ରାତ୍ରିରେ ସତୀତ୍ୱ-ଛିନ୍ନ-ଜନିତ ରକ୍ତପାତକୁ ଆଖିରେ ନ ଦେଖିଲେ ପୁରୁଷ ନାରୀକୁ ସନ୍ଦେହଚକ୍ଷୁରେ ଦେଖିଥାଏ । ତେବେ ନାରୀ-ମନ ଯଦି ଶରୀର ସ୍ଥିତିର ସ୍ଥୁଳତାକୁ ଆଦରିନେଲା ଓ ସାଂସାରିକ ଧନସମ୍ପତ୍ତି-ବିଷୟ ବାସନା ଏବଂ ପିତୃକୈନ୍ଦ୍ରିକ ସମାଜବ୍ୟବସ୍ଥାର ଅନୁକୂଳରେ ମନକୁ ସ୍ଥୁଳ କରି ଶରୀର ସହିତ ଚଳେଇନେଲା, ତେବେ ଦୈହିକ ସତୀତ୍ୱ ରକ୍ଷା କରିବାରେ କିଛି ବିଶେଷ ଅସୁବିଧା ନାହିଁ । ଆଜି ମଧ୍ୟ ଭାରତବର୍ଷର ଅଧିକାଂଶ ସ୍ତ୍ରୀ ଲୋକ ଘରସଂସାର କରି ଏହିପରି ଖୁସିବାସିରେ ଅଛନ୍ତି । ମନର ସୁଖ-ଦୁଃଖ ପ୍ରତି ଉଦାସୀନ ରହି ପୁରୁଷର ଉତ୍ତରାଧିକାରୀ ସୃଷ୍ଟି କରିବାରେ ଏମାନଙ୍କର ନାରୀତ୍ୱ ସୀମିତ ରହିଛି ।

କିନ୍ତୁ ତା' ପରଟି ହେଉଛି ମନ । ଏଇ ମନଟି ସବୁ ନାଟର ଗୋବର୍ଦ୍ଧନ । ମନ ଯଦି ପ୍ରଚଳିତ ସମାଜ ବ୍ୟବସ୍ଥାରେ ନ ମାନିଲା, ତା'ହେଲେ କଥା ସରିଲା । ମନକୁ ଗୋଟାଏ ସମାଜବ୍ୟବସ୍ଥାର ଅକ୍ତିଆରରେ ରଖିବା ପ୍ରାୟ ଅସାଧ୍ୟ ବ୍ୟାପାର । ସ୍ୱାମୀ ବୋଲି ସମାଜ ହାତ ଧରେଇ ଦେଇଥିବା ପୁରୁଷକୁ ମନ ନ ମାନିଲେ ନାରୀ ମନ ତା'ର ନିଜ ଦେହକୁ ପରିତ୍ୟାଗ କରେ । ସ୍ଥୁଳ ଦେହଟିକୁ ସ୍ୱାମୀର ଉପଭୋଗ ପାଇଁ ସମର୍ପି ଦେଲେ ମଧ୍ୟ ସୂକ୍ଷ୍ମ ମନଟି ଅନ୍ୟ କେଉଁ ରାଜ୍ୟରେ ବିଚରଣ କରେ । ଏଇଠି ସବୁ ଗଣ୍ଡଗୋଳର ସୂତ୍ରପାତ ହୁଏ । ନାରୀ ଯେତେବେଳେ ନିଜର ମନ ପ୍ରତି ସଚେତନ ହୁଏ, ସେତେବେଳେ ସେ ଆଉ ଦାସୀପଣରେ ପୁରୁଷର ସେବା କରିପାରେନା । ତା'ର ମନଟି ପୁରୁଷର ଅଧିକାର ବଦଳରେ ପ୍ରେମ ଖୋଜେ । ସେ ନାରୀରୁ ପ୍ରେମିକା ପାଲଟିଯାଏ । ଆମ ସମାଜରେ ତେଣୁ ନାରୀର ପତ୍ନୀ ଓ ପ୍ରେମିକା ରୂପ ସବୁବେଳେ

Source: Author, Digitized by PPRACHIN, SOA

ଅଲଗା । ଏପରିକି ପ୍ରେମିକା ପତ୍ନୀ ହେଲାପରେ ଅନେକ କ୍ଷେତ୍ରରେ ପ୍ରେମିକରୁ ସ୍ୱାମୀ ପାଲଟିଥିବା ପୁରୁଷଟି ନାରୀର ପ୍ରେମିକା-ମନର ରକ୍ଷଣାବେକ୍ଷଣ କରିପାରେନା । ତେଣୁ ନାରୀ ଯେତେବେଳେ ନିଜ ମନକୁ ଚିହ୍ନିବା ଆରମ୍ଭ କରେ, ସେତେବେଳେ ମନରେ 'ସତୀ' ହୋଇ ରହିବା ତା'ପାଇଁ କାଠିକର ପାଠ ହୋଇପଡ଼େ । ବୈଜ୍ଞାନିକ ସମାଜବାଦର ପ୍ରବକ୍ତା କାର୍ଲମାକ୍ସ ତେଣୁ କହିଛନ୍ତି, ପିତୃକୈନ୍ଦ୍ରିକ ବୁର୍ଜୋୟା ସମାଜର ବିବାହ ବ୍ୟବସ୍ଥାରେ ପ୍ରକୃତରେ ଶଯ୍ୟାରେ ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କ ସ୍ଥାନରେ ଚାରିଜଣ ହିଁ ଥାଆନ୍ତି । ଦୁଇଟି ନାରୀପୁରୁଷର ଶରୀର ଏବଂ ଆଉ ଦୁଇଟି ଉକ୍ତ ଦୁଇଟି ଶରୀରର ମାନସସଙ୍ଗୀ ବା ମାନସସଙ୍ଗିନୀ । ତେଣୁ ମନର ସତୀତ୍ୱ ଉପରେ ସମାଜ ପ୍ରାୟ ଗୁରୁତ୍ୱ ଦିଏନାହିଁ କହିଲେ ଚଳେ । ନହେଲେ ମନରେ ସତୀତ୍ୱ ହରାଇ ନଥିଲେ ମଧ୍ୟ ଇନ୍ଦ୍ର ଓ ନାରାୟଣଙ୍କ ଛଳନାର ଶିକାର ହୋଇ ଅହଲ୍ୟା ଏବଂ ଜଳନ୍ଧର ପତ୍ନୀ ବୃନ୍ଦାବତୀଙ୍କ ଶରୀରର ସତୀତ୍ୱ ଲୁଣ୍ଠିତ ହେବାରୁ ସେମାନେ ଏତେ ଦଣ୍ଡ ପାଇ ନଥା'ନ୍ତେ । ଅନ୍ୟକଥାରେ କହିଲେ କାୟାର ସତୀତ୍ୱକୁ ଜଗୁ ଜଗୁ ସମାଜରେ ନାରୀର ମନଟି ମଧ୍ୟ କାୟା ଅନୁରୂପ ସ୍ଥୂଳତା ଓ ସୀମାବଦ୍ଧତାର ବେଷ୍ଟନୀ ଭିତରେ ପଡ଼ି କେବଳ ପୁରୁଷର ସ୍ୱାର୍ଥ-ଅନୁକୂଳରେ ହିଁ ପରିଚାଳିତ ହୋଇଥାଏ । ତେଣୁ ମନର ନିର୍ମଳ ସତୀତ୍ୱ ଲୋଡ଼ିବା ଓ ତା'ଉପରେ ଆସ୍ଥା ରଖିବା ସାମାଜିକ ଦୃଷ୍ଟିରୁ ଯେ କି ଆତ୍ମପ୍ରତାରଣାର କଥା, ତାହା ନ କହିଲେ ଭଲ ।

ବାକି ରହିଲା ବାକ୍ୟ । ଏଇଟି ସବୁଠୁଁ ଗହନ କଥା । କଥାରେ କହନ୍ତି – ''ନ ଦେବ ଧନ, କହିବ ଦିବ୍ୟବଚନ ।'' ତେଣୁ ଆଦୌ ସତକଥା ନ କହି 'ସତୀତ୍ୱ' କଥା କହିବାରେ ଯିଏ ଯେତେ ବାକ୍‌ଚାତୁରୀ ଦେଖାଇପାରିଲା, ତା'ର ସେତେ ମଙ୍ଗଳ । 'ସତୀତ୍ୱ' ସମ୍ପର୍କରେ ଅଧିକାଂଶ ନାରୀଙ୍କର ବାକ୍ୟ ନିଜର ମନର ଭାବ ପ୍ରକାଶ କରିବା ବଦଳରେ ମନର ଭାବକୁ ଆଚ୍ଛାଦିତ କରିବାରେ ଯେ ବ୍ୟବହୃତ ହୁଏ, ଏହା କହିବା ଆଦୌ ଅପ୍ରାସଙ୍ଗିକ ହେବନାହିଁ । ଝିଅଟିକୁ ପିଲାଦିନୁଁ ତେଣୁ ସବୁକଥାରେ ଚୁପ୍ ରହିବାକୁ, ଭାବି ବିଚାରି କଥା କହିବାକୁ ଓ ସବୁବେଳେ ସ୍ୱାମୀର ପ୍ରଶଂସା କରିବାକୁ ଗୁରୁଜନମାନେ ଉପଦେଶ ଦେଇଥା'ନ୍ତି । ସେଇଥିପାଇଁ ତ ବିଚାରୀ ଅଭିନେତ୍ରୀ ଖୁସ୍‌ବୁ ଏତେ ସମାଲୋଚନାର ଶରବ୍ୟ ହେଲେ ଏବଂ ନାରୀର ଯୌନସ୍ୱାଧୀନତା ଉପରେ ମୁକ୍ତ ମତ ପାଇଁ ତାଙ୍କୁ ଶେଷକୁ ସର୍ବସାଧାରଣରେ କ୍ଷମାପ୍ରାର୍ଥନା କରିବାକୁ ହେଲା । ଦେହ-ମନରେ ଯେତେ ଯାହା ଲୁଚାଚୋରା ଥାଉ, ସେଥିରେ ପୁରୁଷଶାସିତ ସମାଜର କିଛି ଆପତ୍ତି ନାହିଁ । ନାରୀଟିଏ ଲୁଚାଚୋରାରେ ଦେହ-ମନର ଖେଳ ଖେଳିଲେ ପୁରୁଷଙ୍କର ଭାରି ଆନନ୍ଦ । ଚୋରାଚାହାଁଣୀ, ଚୋରାପୀରତିର ଦାୟିତ୍ୱଶୂନ୍ୟ ମଉଜ କେଉଁ ପୁରୁଷ ନ ଚାହେଁ ? କଳା ସାହିତ୍ୟରେ ପୁରୁଷମାନେ ଚୋରାରୁଣୀ-

Source: Author, Digitized by PPRACHIN, SOA

ଅସତୀର ଯେତେ ବନ୍ଦନା କରିଛନ୍ତି, ଭଗବାନଙ୍କର ବନ୍ଦନା ମଧ୍ୟ ସେତିକି କରି ନଥିବେ। ମଜାକୁ ମଜା ନେଇହେବ, ଧରାପଡ଼ିଲେ ନାରୀଟିକୁ ପତିତା, ଚରିତ୍ରହୀନା, ବେଶ୍ୟା କହି ସଜା ବି ଦେଇହେବ । ଉଭୟ କ୍ଷେତ୍ରରେ ପୁରୁଷର ବିଳାସ ଓ ପ୍ରଭୁତ୍ୱ ଅକ୍ଷୁଣ୍ଣ ରହିଲା ନା ! କିନ୍ତୁ ନାରୀ ଯଦି ନିଜର କାୟ-ମନର ସତ୍ୟକୁ ବାକ୍ୟରେ ପ୍ରକାଶ କରିଦିଏ ? ନିଜକୁ ସାବ୍ୟସ୍ତ କରେ ? ତା'ହେଲେ ତ' କଥା ଶେଷ । ପୁରୁଷର ସୁବିଧାବାଦ ଯେ ଧସାପଡ଼ିଯିବ । ତେଣୁ ନାରୀର ମୁକ୍ତ ମତପ୍ରକାଶକୁ ସମାଜ ସହ୍ୟ କରେନା । 'ସତୀତ୍ୱ' ଉପରେ ବାକ୍ୟର ଆବରଣ ଟିକକ ଅନ୍ତତଃ ରଖିବାକୁ ଆଜିର ଉପଭୋକ୍ତା ସମାଜ ତେଣୁ ଏତେ ବ୍ୟାକୁଳ ହୋଇଉଠୁଛି ।

ତେଣୁ ପ୍ରତ୍ୟେକ ଆତ୍ମସଚେତନ ନାରୀ-ମନ ଜାଣିବା ଉଚିତ ଯେ, 'ସତୀତ୍ୱ' ସମ୍ପୂର୍ଣ୍ଣଭାବେ ଏକ ଏକଦେଶଦର୍ଶୀ ଶବ୍ଦ । ସାମାଜିକ ଓ ବ୍ୟକ୍ତିଗତ, ଉଭୟ ଦିଗରୁ ନିଜର ସାମଗ୍ରିକ ଅସ୍ତିତ୍ୱର ସତ୍ୟକୁ କାୟ-ମନୋ-ବାକ୍ୟରେ ପ୍ରକାଶ କରିବାର ଅଧିକାର ପ୍ରତ୍ୟେକ ନାରୀର ରହିବା କଥା । 'ସତୀତ୍ୱ' ଶବ୍ଦଟିର ପୁନଃମୂଲ୍ୟାୟନ ଆଜି ତେଣୁ ଜରୁରୀ ହୋଇପଡ଼ିଛି । ନିଜେ ଅନୁଭବ କରୁଥିବା ସତ୍ୟକୁ ସାହସର ସହିତ ସ୍ୱୀକାର ଓ ପ୍ରକାଶ କରିପାରୁଥିବା ନାରୀ ପାଇଁ ଏ ସଂଜ୍ଞା ଲାଗୁହେବା ଉଚିତ। ସମାଜ ଓ ପୁରୁଷର ଦାୟରେ ସତ୍ୟକୁ ଢ଼ାଙ୍କିବାକୁ ବା ଫାଙ୍କିବାକୁ ଚେଷ୍ଟା କରୁଥିବା ନାରୀ ପାଇଁ ନୁହେଁ ।

୦

Source: Author, Digitized by PPRACHIN, SOA

ପ୍ରେମର ମର୍ଯ୍ୟାଦା (୧)

ଜଣେ ପୁରୁଷର ସଫଳତା ପଛରେ ଜଣେ ନାରୀର ଆନ୍ତରିକ ପ୍ରେମ ରହିଥାଏ- ଏଇଟି ଖୁବ୍ ପୁରୁଣା କଥା । କେହି କହନ୍ତି ନାହିଁ ଯେ, ଜଣେ ନାରୀର ସଫଳତା ପଛରେ ଜଣେ ପୁରୁଷର ପ୍ରେମ ଓ ପ୍ରେରଣା ରହିଥାଏ । ଥରେ ଓଡ଼ିଶାର ବରେଣ୍ୟ ନେତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ବକ୍ତବ୍ୟ ଶୁଣିବାର ଅବସର ମିଳିଥିଲା । ସେ ସେଦିନ ଏକ ସାଧାରଣ ସଭାରେ ମୁକ୍ତକଣ୍ଠରେ କହିଥିଲେ ଯେ, ବ୍ୟକ୍ତିଗତ କ୍ଷେତ୍ରରେ ହେଉ ବା ସାମାଜିକ କ୍ଷେତ୍ରରେ ହେଉ, ସେ ଗୋଟିଏ ପାଦ ଆଗକୁ ବଢ଼ାଇଲାମାତ୍ରେ ନିକଟରେ ଥିବା ପ୍ରତ୍ୟେକ ପୁରୁଷ ତାଙ୍କୁ ପଛରୁ ଟାଣି ଧରିବାର, ତାଙ୍କ ଅଗ୍ରଗତିକୁ ପ୍ରତିହତ କରିବାର ପ୍ରୟାସ କରିଛନ୍ତି ।

ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ନାରୀ ମନରେ ଥିବା ପୁରୁଷ ପାଇଁ ପ୍ରେମ ଓ ପୁରୁଷ ମନରେ ଥିବା ନାରୀ ପାଇଁ ପ୍ରେମରେ ଗୋଟିଏ ମୌଳିକ ପ୍ରଭେଦ ରହିଛି । ନାରୀମନର ପ୍ରେମ ପୁରୁଷ ପାଇଁ ଗଠନମୂଳକ, ପ୍ରେରଣାଦାୟକ ଓ ବିକାଶଶୀଳ ହୋଇଥିବାବେଳେ ପୁରୁଷର ପ୍ରେମ ସାଧାରଣତଃ ଦେହକୈନ୍ଦ୍ରିକ, ଅଧିକାରକୈନ୍ଦ୍ରିକ, ସ୍ୱାର୍ଥସର୍ବସ୍ୱ ଓ ବିନାଶଶୀଳ ହୋଇଥାଏ । ପ୍ରେମରେ ନାରୀର ସାହଚର୍ଯ୍ୟ ଯୋଗୁଁ ପୁରୁଷଟି ବିକଶିତ ହେଉଥିବାବେଳେ ପୁରୁଷର ଅଧିକାରଲୋଲୁପତା ନାରୀଟିକୁ ସଙ୍କୁଚିତ କରିଦିଏ । ଏପରିକି ଦେଖାଯାଏ, ବିଦ୍ୟା, ନୃତ୍ୟ, ସଙ୍ଗୀତ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ଦୁଇଟି ନରନାରୀ ପରସ୍ପରର ପ୍ରତିଭା ପ୍ରତି ଆକୃଷ୍ଟ ହୁଅନ୍ତି, ପ୍ରେମରେ ପଡ଼ନ୍ତି ଓ ବିବାହ କରନ୍ତି ।

ଏହାପରେ ସ୍ତ୍ରୀଟି ସ୍ୱାମୀର ପ୍ରତିଭାର ବିକାଶରେ ଯେତିକି ଖୁସି ହୁଏ ଓ ସେଥିପାଇଁ ସହଯୋଗ କରେ, ସ୍ୱାମୀଟି ନାରୀର ପ୍ରତିଭାର ବିକାଶରେ ସେତିକି ହୀନମନ୍ୟତା ପ୍ରକାଶକରେ ଏବଂ ତା'ର ଗତିରୋଧ କରିବାର ଚେଷ୍ଟା କରେ । ଯେଉଁ ଗୁଣ ଯୋଗୁଁ ଏକଦା ସେ ନାରୀକୁ ପ୍ରେମ କରୁଥିଲା, ସେଇ ଗୁଣ ଯୋଗୁଁ ହିଁ ସେ ତାକୁ ଘୃଣା କରିବାକୁ ଆରମ୍ଭ କରେ । ନିଜକୁ ଶ୍ରେଷ୍ଠ ଭାବିବାର ଏଇ ଯେଉଁ ଅହମିକା ପୁରୁଷକୁ ଚିରଦିନ କବଳିତ କରିରଖିଚି, ତାହା ହିଁ ଜଣେ ବିକାଶମୁଖୀ ମଣିଷ ଭାବେ ନାରୀକୁ ଭଲ ପାଇବାରେ ତା'ର ପ୍ରତିବନ୍ଧକ ସାଜିଛି ।

Source: Author, Digitized by PPRACHIN, SOA

ଏଥିପାଇଁ ବ୍ୟକ୍ତିଗତ ଭାବେ କେଉଁ ନିର୍ଦ୍ଦିଷ୍ଟ ପୁରୁଷ ଅପେକ୍ଷା ଏକ ପିତୃକୈନ୍ଦ୍ରିକ ସମାଜବ୍ୟବସ୍ଥା ହିଁ ସମ୍ପୂର୍ଣ୍ଣ ଭାବରେ ଦାୟୀ । ନାରୀକୁ ନ୍ୟୂନଦୃଷ୍ଟିରେ ଦେଖିବାର ପରମ୍ପରା ପୁରୁଷର ଅହଙ୍କାରକୁ ଏତେ ପରିମାଣରେ ପାଳନପୋଷଣ କରିଛି ଯେ, କଦବା କେଉଁଠି ପତ୍ନୀକୁ ଆଗକୁ ଯିବାରେ ସହାୟକ ହେଉଥିବା ପୁରୁଷକୁ ସମାଜ ସ୍ତ୍ରୈଣ କହି ଉପହାସ କରେ, ନିନ୍ଦା ଓ ଅବଜ୍ଞାସୂଚକ ଚକ୍ଷୁରେ ଦେଖେ । ଅର୍ଥାତ୍ ନାରୀକୁ ନିଃସର୍ତ୍ତ ଓ ନିଃସ୍ୱାର୍ଥଭାବେ ପ୍ରେମ କଲେ ପୁରୁଷର ସାମାଜିକ ସ୍ଥିତି ଦୋହଲିଯାଏ । ପୁରୁଷ ନାରୀକୁ ପ୍ରେମ ନୁହେଁ, ଅଧିକାର କରିବାକୁ ହିଁ ସମାଜ ସୁନ୍ଦର ଓ ବିଧିସମ୍ମତ ବୋଲି କହେ ।

ମୋଟାମୋଟି ଭାବରେ ଦେଖିଲେ, ପ୍ରେମ ମୁଖ୍ୟତଃ ଏକ ନାରୀଭାବ। ପ୍ରେମରେ ମଣିଷ ପ୍ରେମାସ୍ପଦ ପ୍ରତି ସମ୍ବେଦନଶୀଳ ହୁଏ, ସମର୍ପିତ ହୁଏ, ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହୁଏ । ସାରା ସଂସାରର ରୂପ-ଗୁଣ ପ୍ରେମାସ୍ପଦ ପାଖରେ ଠୁଳ ହେଲାପରି ଲାଗେ । ପ୍ରେମ ଏପରି ଏକ ପ୍ରବୃତ୍ତି ଯାହା ମଣିଷକୁ, ମଣିଷ ଭିତରେ ଥିବା ଈଶ୍ୱରଙ୍କୁ ଅନୁଭବ କରିବାର ସାମର୍ଥ୍ୟ ଆଣିଦିଏ । ତେଣୁ ବିଖ୍ୟାତ ଚିନ୍ତାନାୟକ ଓଶୋ (ରଜନୀଶ) ପ୍ରେମରେ ପଡିବା ନ କହି ପ୍ରେମରେ ଉତରଣ ବୋଲି କହନ୍ତି । ଏହି ପ୍ରବୃତ୍ତିଟି ନାରୀର ସହଜାତ । ନାରୀ ପ୍ରେମରେ ପୁରୁଷକୁ ଈଶ୍ୱର ସ୍ଥାନରେ ବସାଏ । ପୁରୁଷ ପରି ନାରୀ ମନର ପ୍ରେମ ତା' ଜୀବନର ଏକ ସାମୟିକ ଅବସ୍ଥା ନୁହେଁ, ଏହା ତା'ର ସମଗ୍ର ଜୀବନ । ପ୍ରସିଦ୍ଧ ଇଂରାଜୀ କବି ବାଇରନ୍ ତେଣୁ କହିଛନ୍ତି – "Man's love is of man's life a thing apart-it is woman's whole existence."

ପ୍ରେମରେ ନାରୀ ପୁରୁଷକୁ ତା'ର ସର୍ବସ୍ୱ ଭାବେ କଳ୍ପନା କରେ । ତେଣୁ ପ୍ରେମିକା ନାରୀ ନିଜକୁ ବି ପୂର୍ଣ୍ଣତମା ବୋଲି ଭାବେ । ଆତ୍ମିକ ଓ ଦୈହିକ ଉଭୟ କ୍ଷେତ୍ରରେ ତା'ର ସ୍ୱେଚ୍ଛାକୃତ ଅକୁଣ୍ଠ ସହଯୋଗ ନାରୀ ପୁରୁଷର ସମ୍ପର୍କକୁ ନିସର୍ଗ ପ୍ରକୃତି ପରି ପ୍ରାଣବନ୍ତ କରିଦିଏ । ନାରୀ ପାଇଁ ପ୍ରେମ ଜୀବନର ଚରମ ସାର୍ଥକତା । ଏଥିପାଇଁ ନାରୀ ସମସ୍ତ ସାମାଜିକ ବିଧିବିଧାନକୁ ଅନାୟସରେ ଅଗ୍ରାହ୍ୟ କରିପାରେ ।

ପୁଣି ପ୍ରେମର ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ନିଜକୁ ପ୍ରେମାସ୍ପଦଠାରୁ ଦୂରେଇ ରଖିବାର କ୍ଲିଷ୍ଟତମ ବ୍ରତପାଳନରେ ମଧ୍ୟ ନାରୀର ପ୍ରେମିକା-ମନର ତୁଳନା ନାହିଁ । ନାରୀ ମନରେ ପ୍ରେମ ଏପରି ଏକ ପ୍ରବୃତ୍ତି, ଯାହାକୁ ଅନୁସରଣ କରି ତା'ର କାୟ-ମନୋ-ବାକ୍ୟ ଏକ ପୂର୍ଣ୍ଣ ବିକାଶ ପଥରେ ଅଗ୍ରସର ହୋଇଥାଏ । ନାରୀ-ମନର ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ ଶରତ ଚନ୍ଦ୍ର ତେଣୁ ତାଙ୍କ 'ଶେଷପ୍ରଶ୍ନ' ଉପନ୍ୟାସରେ କହିଛନ୍ତି – ''ଭଲ ପାଇବାର ଶୁଚିତାର ଇତିହାସ ହିଁ ମଣିଷ ସଭ୍ୟତାର ଇତିହାସ । ତାହାହିଁ ବଡ଼ ହେବାର ଧାରାବାହିକ ବିବରଣ ।''

Source: Author, Digitized by PPRACHIN, SOA

ନାରୀ ମନରେ ପ୍ରେମର ଶୁଦ୍ଧତା ସ୍ୱାଭାବିକଭାବେ ବିକାଶଲାଭ କରୁଥିବାବେଳେ ପୁରୁଷଶାସିତ ସମାଜ ଏହାକୁ ପିତୃପ୍ରଧାନ ବ୍ୟବସ୍ଥାର ଅନୁକୂଳରେ ପରିଚାଳିତ କରିବାକୁ ଚେଷ୍ଟା କରେ । ପ୍ରେମକୁ ସାମାଜିକ ନୀତିନିୟମ ସହିତ ସଂଶ୍ଲିଷ୍ଟ କରି ତା'ର ଉଚ୍ଚତାକୁ ଖର୍ବ କରିଦିଏ । ଆଜି ମଧ୍ୟ ସମାଜରେ ପ୍ରେମ କିମ୍ବା ପ୍ରେମିକାକୁ ଉଚିତ ମର୍ଯ୍ୟାଦା ମିଳେନାହିଁ ।

ପିତୃକୈନ୍ଦ୍ରିକ ସମାଜର ଅହଙ୍କାରସର୍ବସ୍ୱ ମାନସିକତା ନାରୀ-ମନର ସ୍ୱତଃ ସ୍ଫୂର୍ତ୍ତ ପ୍ରେମଭାବନାକୁ ରୁଦ୍ଧ କରି ସେ ସ୍ଥାନରେ ସମ୍ପତ୍ତି, ଦାୟିତ୍ୱ, କର୍ତ୍ତବ୍ୟ, ଧର୍ମ ଇତ୍ୟାଦିର ଅଲଂଘ୍ୟ ପାହାଡ଼ ଲଦିଦେଇଛି । ଯେଉଁ ନାରୀ-ମନ ପ୍ରେମରେ କଳକଳ ନିନାଦିନୀ ସ୍ୱଚ୍ଛ ଝରଣାଟିଏ ହୋଇ ବହିଯାଇପାରନ୍ତା-ସରିତ ଓ ସାଗରରେ ରୂପାନ୍ତରିତ ହୋଇପାରନ୍ତା, ତାହା ଲୋଭ, ଈର୍ଷା, ଅସୂୟା, ପରଶ୍ରୀକାତରତା ଓ ସଂକୀର୍ଣ୍ଣତାର ଅନ୍ଧକୂପରେ ପରିଣତ ହୋଇଛି ।

କଦବା କେଉଁଠି ନାରୀ-ମନର ନିର୍ମଳ ପ୍ରେମ ଲୋଡ଼ି ମଣିଷର ଆତ୍ମାର ବିମାନରେ ବସି ଓହ୍ଲେଇ ଆସୁଥିବା ଈଶ୍ୱର ବି ଏ ପରିସ୍ଥିତିରେ ହତାଶ ହୋଇପଡୁଛନ୍ତି । ପ୍ରେମର ଅମର୍ଯ୍ୟାଦା ଭୋଗିଭୋଗି ନାରୀ-ମନ ଯଦି ସଂକୀର୍ଣ୍ଣ, ସ୍ୱାର୍ଥସର୍ବସ୍ୱ ଏକ ଭୟଙ୍କରୀ ସୁବିଧାବାଦୀ ଶକ୍ତିରେ ପରିଣତ ହୁଏ, ତେବେ ସେଥିପାଇଁ ନାରୀସମାଜ ଅପେକ୍ଷା ପ୍ରେମିକା ନାରୀକୁ ସବୁବେଳେ ହୀନ/ଅସ୍ପୃଶ୍ୟ ଦୃଷ୍ଟିରେ ଦେଖୁଥିବା ପିତୃକୈନ୍ଦ୍ରିକ ସମାଜବ୍ୟବସ୍ଥା କ'ଣ ଅଧିକ ଦାୟୀ ନୁହେଁ ?

Source: Author, Digitized by PPRACHIN, SOA

ପ୍ରେମର ମର୍ଯ୍ୟାଦା (୨)

ବେଳେବେଳେ ଭାବିବାକୁ ଇଚ୍ଛା ହୁଏ ଯେ, ସ୍ୱର୍ଣ୍ଣମୃଗର ମାୟାରେ ପ୍ରଲୁବ୍ଧ ହୋଇପଡ଼ିଥିବା ଦେବୀ ସୀତାଙ୍କୁ କ'ଣ ସ୍ୱର୍ଣ୍ଣଲଙ୍କାର ଭବ୍ୟତା ସତରେ ପ୍ରଲୁବ୍ଧ କରି ନ ଥିଲା ? ନାରୀ -ମନରେ ତ' ପୁଣି ବିଷୟବାସନା, ଧନସମ୍ପତ୍ତି, ଅଳଙ୍କାର ପ୍ରତି ପ୍ରବଳ ଲୋଭ ବୋଲି ସମାଜ କହିଥାଏ । ରାବଣର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପଛରେ କ'ଣ ଆପଣା ସତୀତ୍ୱ-ରକ୍ଷାର ସଂକଳ୍ପ ତାଙ୍କ ପାଇଁ ଏକମାତ୍ର କାରଣ ଥିଲା ? ଏକ ପିତୃକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ସୀତାଙ୍କର ଏହି ସତୀତ୍ୱରକ୍ଷା ବ୍ରତର ଭୂରି ଭୂରି ପ୍ରଶଂସା କରାଯାଏ । ସୀତାଙ୍କ ଭିତରେ ଥିବା ନାରୀମନର ସୂକ୍ଷ୍ମ ପ୍ରେମିକାସୁଲଭ ଭାବପ୍ରବଣତା ଓ ତା'ର ଉତ୍‌ଥାନପତନକୁ ତଳେଇ ଦେଖିବା ପାଇଁ କେହି ଆଗ୍ରହୀ ହୁଅନ୍ତି ନାହିଁ ।

ପୁରାଣରେ ଅଛି, ସୀତା ରାଜନନ୍ଦିନୀ ଭାବେ ପ୍ରତିପାଳିତା ହୋଇଥିଲେ ହେଁ ବାସ୍ତବରେ ରାଜା ଜନକ ତାଙ୍କୁ କୃଷିକ୍ଷେତ୍ରରୁ ହିଁ ପାଇଥିଲେ । ସେହି ସଦ୍ୟଜାତା କନ୍ୟାସନ୍ତାନଟି କେଉଁ ହତଭାଗିନୀ ମା'ର ବିଡ଼ମ୍ବିତ ମାତୃତ୍ୱର ଫଳ ହୋଇଥିବା ଆଦୌ ଅସମ୍ଭବ ନୁହେଁ । ବାଲ୍ୟକାଳରୁ ସୀତା ନିଶ୍ଚୟ ନିଜର ବାସ୍ତବ ସ୍ଥିତି ପ୍ରତି ସଚେତନ ଥିବେ ଓ ରାଜନନ୍ଦିନୀର ଅହଂକାର ସ୍ଥାନରେ ମାନବୀୟ ପ୍ରେମ ଓ ସ୍ନେହ ମମତାକୁ ଅଧିକ ଗୁରୁତ୍ୱ ଦେଇଥିବେ । ତେଣୁ ରାମଚନ୍ଦ୍ରଙ୍କ ବନବାସବେଳେ ରାଜରାଣୀ ହେବା ଅପେକ୍ଷା ପ୍ରିୟତମଙ୍କ ସଙ୍ଗିନୀ ହେବାକୁ ସୀତା ଶ୍ରେୟ ମଣିଥିବେ । ତା'ପରେ ବନବାସର ଅପୂର୍ବ ସୁଖ ସୀତାଙ୍କୁ ସବୁବେଳେ ଭାବମୁଗ୍ଧା କରି ରଖିଥିବ । ରାଣୀ ସୀତା ଓ ରାଜା ରାମଙ୍କ ଭିତରେ ଥିବା ରାଜକୀୟ ନୀତିନିୟମର ବ୍ୟବଧାନ ଅରଣ୍ୟରେ ନଥିବ । ଦୁଇଟି ନବବିବାହିତ ତରୁଣ ତରୁଣୀ ପରି ସେମାନେ ଦିନରାତି ପ୍ରଣୟଗଙ୍ଗାରେ ବୁଡ଼ି ରହୁଥିବେ । ବନବାସିନୀ ସୀତାଙ୍କ ଚଟୁଳ ଅଭିମାନ ଭାଙ୍ଗିବା ପାଇଁ ରାମଚନ୍ଦ୍ର ତାଙ୍କୁ ନିଜ ହାତରେ ଫୁଲରେ ସଜାଉଥିବେ, ଦାସଦାସୀଙ୍କର ଅଯଥା ଆଡ଼ମ୍ବର ଓ ରାଜଉଆସର ତଥାକଥିତ ମର୍ଯ୍ୟାଦାର ଅନୁପସ୍ଥିତିରେ ହୃଦୟଭରି ସୀତା ରାମଙ୍କର ଆଦରର ପ୍ରତିଦାନ ଦେଉଥିବେ। ଦୁହେଁ ଦୁହିଁଙ୍କୁ ଭୁଞ୍ଜାଇ ଦେଉଥିବେ ସୁସ୍ୱାଦୁ ଫଳମୂଳ। ପ୍ରାଣପ୍ରିୟାଙ୍କୁ ଲତାକୁଞ୍ଜରେ ରାମଚନ୍ଦ୍ର ଦୋଳି ଝୁଲାଉଥିବେ । ଚନ୍ଦ୍ରକିତ ନିଶୀଥରେ ସୀତାଙ୍କର ଜହ୍ନଧୁଆ ମୁକୁଳା ମୁହଁଟିକୁ ଛାତିରେ ଧରି ପ୍ରୀତିଭରା ଚୁମ୍ବନ ଆଙ୍କି ଦେଉଥିବେ । ରାତ୍ରି ଗଭୀର

Source: Author, Digitized by PPRACHIN, SOA

ହେଲେ ପ୍ରିୟତମଙ୍କ ଅଭୟବାହୁକୁ ଉପାଧାନ କରି ଅଙ୍କପଲଙ୍କରେ ନିଦ୍ରା ଯାଉଥିବେ ଜନକକୁମାରୀ। ରାଜପ୍ରାସାଦର ବୈଭବ ଓ ତଜ୍ଜନିତ ଦାୟିତ୍ୱ /କର୍ତ୍ତବ୍ୟର ଭାରାକ୍ରାନ୍ତ କୋଳାହଳଠାରୁ ବହୁଦୂରରେ ଦୁଇଟି ମୁକ୍ତ ନିଷ୍ପାପ କପୋତ-କପୋତୀ ପରି ପ୍ରକୃତି ହିଁ ତାଙ୍କର କେଳିସଦନ ହୋଇଉଠିଥିବ । ଚଉଦ ବର୍ଷ ବନବାସର ଅଭିଶାପ ତ' ସୀତାଙ୍କ ପାଇଁ ଅବାରିତ ଅରଣ୍ୟ ଅଭିସାରର ବରଦାନ ପାଲଟି ଯାଇଥିବ। କେଉଁ ନାରୀ ବା ଏପରି ସୁଖକୁ ମୂର୍ଚ୍ଛି ପାରିବ? ସ୍ୱର୍ଣ୍ଣମୃଗର ସାମୟିକ ପ୍ରଲୋଭନରେ ସୀତାଙ୍କୁ ଯେତେବେଳେ ଏହି ନିଃସର୍ଗ ପ୍ରେମାଭିସାରରୁ ବଞ୍ଚିତା ହେବାକୁ ପଡ଼ିଥିବ, ସେତେବେଳେ ସ୍ୱର୍ଣ୍ଣପୁରୀ ଲଙ୍କା ପ୍ରତି କି ତୁଚ୍ଛତାରେ ତାଙ୍କ ପ୍ରାଣ ଭରିଯାଇ ନ ଥିବଟି !

ଏହି ପ୍ରସଙ୍ଗ ଅବତାରଣା କରିବାର ତାତ୍ପର୍ଯ୍ୟ ହେଲା - ସତୀତ୍ୱ ତଥା ଅନ୍ୟାନ୍ୟ ସମସ୍ତ ସଦ୍‌ଗୁଣ ପ୍ରେମ-ଘନ ନାରୀ-ମନର ଏକ ସ୍ୱାଭାବିକ ଅବସ୍ଥା, ପ୍ରେମରୁ ସମ୍ଭୂତ ଚରମ ବିକାଶର ଅନୁସଙ୍ଗ ମାତ୍ର। ନାରୀ ଯେତେବେଳେ ପୁରୁଷକୁ ତା'ର ଆଶ୍ରୟଦାତା ପ୍ରଭୁ ବା ସ୍ୱାମୀ ନୁହେଁ, ବରଂ ସଖା ଭାବରେ ପାଏ, ସେତେବେଳେ ତାକୁ କେନ୍ଦ୍ରକରି ନାରୀର ସୁଖ, ଦୁଃଖ, ଦାୟିତ୍ୱ, କର୍ତ୍ତବ୍ୟ, ସବୁକିଛି ଏକ ସ୍ୱତଃସ୍ଫୂର୍ତ୍ତ ଆବେଗରେ ରସାଣିତ ହୁଏ, ମଧୁରତର ହୁଏ । ଆତ୍ମିକ ହେଉ ବା ଦୈହିକ, ପ୍ରତିସ୍ଥଳରେ ନାରୀର ସ୍ୱେଚ୍ଛାକୃତ ସହଯୋଗ ପୁରୁଷ-ନାରୀର ସମ୍ପର୍କକୁ ପ୍ରତିନିୟତ ପ୍ରାଣବନ୍ତ, ରସମୟ କରେ । କେବଳ ପ୍ରେମରେ ହିଁ ନାରୀ ସମଅନୁଭବ ସହ ପ୍ରେମିକ ଓ ନିଜକୁ ଅଭିନ୍ନ ଭାବେ କଳ୍ପନା କରିବାର ଆନନ୍ଦ ଅନୁଭବ କରେ ଏବଂ ନିଜକୁ ଉକ୍ତ ଯୁଗଳମୂର୍ତ୍ତିଠାରୁ ପୃଥକ୍ କରି ଭାବିବା ଦିଗରେ ସେ ଆଦୌ ଆଗ୍ରହୀ ହୋଇ ନଥାଏ । ଭାରତୀୟ ସଂସ୍କୃତିରେ ଆଦର୍ଶ ପ୍ରେମିକ ପ୍ରେମିକାର ପ୍ରତୀକ ରାଧାକୃଷ୍ଣଙ୍କୁ ସେଥିପାଇଁ ପ୍ରଣବ ଓଁକାର ଭିତରେ ଏକକ ଭାବେ କଳ୍ପନା କରାଯାଏ । ନାରୀମନର ଏହି ସମ୍ବେଦନଶୀଳ ପ୍ରବୃତ୍ତିକୁ ଯେତେବେଳେ ସାମାଜିକ ଆଇନକାନୁନ୍ ଓ ବିଧିନିଷେଧର ଶୃଙ୍ଖଳ ପିନ୍ଧେଇ ଦିଆଯାଏ, ସେତେବେଳେ ହୁଏତ କେବଳ ପ୍ରେମ ନୁହେଁ, ନାରୀ ଦେହରୁ ଏହି ନାରୀମନଟି ହିଁ ମରିଯାଏ।

ମର୍ଯ୍ୟାଦା ପୁରୁଷୋତ୍ତମ ବୋଲାଉଥିବା ଶ୍ରୀରାମଚନ୍ଦ୍ର ଯେତେବେଳେ ରାକ୍ଷସପୁରୀରୁ ଫେରୁଥିବା ସ୍ପନ୍ଦିତ-ହୃଦୟା, ଆବେଗଆକୁଳା ସୀତାଙ୍କୁ ଅଗ୍ନିପରୀକ୍ଷାର ଆଦେଶ ଦେଇଥିବେ, ସେତେବେଳେ ସୀତାଙ୍କ ଭିତରେ ଥିବା ପ୍ରେମିକା ନାରୀମନଟି ଯେ କିପରି ହାହାକାର କରିଉଠିଥିବ, ତାହା କଳ୍ପନା କରିହୁଏନା । ସୀତାଙ୍କ ଆଗରେ ପ୍ରିୟତମ ନୁହେଁ, ସେତେବେଳେ ସ୍ୱାମୀ ରାମଚନ୍ଦ୍ର ଠିଆ ହୋଇଥିବେ । ପିତୃକୈନ୍ଦ୍ରିକ ସମାଜବ୍ୟବସ୍ଥାର ତଥାକଥିତ ଧର୍ମ ଓ ଦୈହିକ ପବିତ୍ରତାର ନିକିତିରେ 'ପ୍ରେମ'ର ସ୍ଥିତି ମୂଲ୍ୟହୀନ ହୋଇପଡ଼ିଥିବ। ଅଭିମାନିନୀ ପ୍ରେମିକା-ମନଟି ଆଉ ନିଆଁକୁ ଡେଇଁ ପଡ଼ିବାକୁ କି ପାତାଳରେ ପଶିଯିବାକୁ କୁଣ୍ଠିତା ହେବ କି ? ସୀତାଙ୍କୁ ବାରମ୍ବାର ଅଗ୍ନିପରୀକ୍ଷା ଦେବାକୁ

Source: Author, Digitized by PPRACHIN, SOA

କହି ରାମଚନ୍ଦ୍ର ନିଜର ପୁରୁଷୋତ୍ତମ ପଣକୁ ନ୍ୟୁନ କରିଦେଇଛନ୍ତି କହିଲେ ଭୁଲ ହେବନାହିଁ । ସତୀତ୍ୱ ନିମନ୍ତେ ଅଗ୍ନିପରୀକ୍ଷା ଦେବା ନାରୀ-ମନର ପ୍ରେମ ପାଇଁ ଯେତେ ବେଶୀ ମହତ୍ତ୍ୱପୂର୍ଣ୍ଣ ନୁହେଁ, ପୁରୁଷଶାସିତ ସମାଜର ସଂକୀର୍ଣ୍ଣମନ୍ୟତା ପାଇଁ ସେତିକି ବେଶୀ ତୁଚ୍ଛତାର ଉଦାହରଣ ସୃଷ୍ଟି କରେ ।

ସତୀ ସୀତା ହୁଅନ୍ତୁ ବା ଦୋଚାରୁଣୀ ରାଧା - ଦୁଇ ନାରୀଙ୍କ ମନରେ ପ୍ରେମରେ ଆବେଗର କୌଣସି ଭିନ୍ନତା ନାହିଁ। ପ୍ରେମରେ ସ୍ୱକୀୟା ପରକୀୟାର ଭେଦ ପିତୃକୈନ୍ଦ୍ରିକ ସମାଜ କରେ, ପୁରୁଷର ଅହଂକାର କରେ। ନାରୀ-ମନର ପ୍ରେମ ତ' ଅକୁଣ୍ଠ ଆତ୍ମସମର୍ପଣର ପରମ ପ୍ରବାହ। ଏହି ଦିବ୍ୟ ପ୍ରବାହର ଗତିରୋଧ କରିବା ପରେ ହିଁ ସକଳ ଅମାନବୀୟ ପୀଡ଼ନର ଭିତ୍ତିଭୂମି ମଣିଷ ପାଇଁ ନିର୍ମିତ ହେବାକୁ ଆରମ୍ଭ କରେ।

○

Source: Author, Digitized by PPRACHIN, SOA

ପ୍ରେମର ମର୍ଯ୍ୟାଦା (୩)

ନାରୀ-ମନର ପ୍ରେମ କଥା କହିବି, ଅଥଚ ପ୍ରେମପାଗଳିନୀ ମୀରାଙ୍କ କଥା କହିବି ନାହିଁ - ଏହା ହୋଇ ନ ପାରେ । ନାରୀ-ମନର ଭଲ ପାଇବା ଯେ କେତେ ସୂକ୍ଷ୍ମ ଓ ସୁକୁମାର ଭାବେ ମହାବିଦ୍ରୋହର ରୂପ ନେଇପାରେ, ମୀରା ତା'ର ଏକ ଅନିନ୍ଦ୍ୟ ଉଦାହରଣ । ପ୍ରେମମୟୀ ରାଧାଙ୍କର ସ୍ଥିତି ତ' କଳ୍ପନାର କଥା । କିନ୍ତୁ ମୀରା ରକ୍ତମାଂସଶରୀରଧାରିଣୀ ବାସ୍ତବ ନାରୀ । ରାଜନନ୍ଦିନୀ, ରାଜବଧୂ - କଠୋର ରାଜକୀୟ ଅନୁଶାସନବଦ୍ଧା/ଅସୂର୍ଯ୍ୟଂପଶ୍ୟା ଅନ୍ତଃପୁରଚାରିଣୀ । ସେତେବେଳକୁ 'ମନୁ' ତାଙ୍କ ଗ୍ରନ୍ଥରେ ସ୍ତ୍ରୀଲୋକଙ୍କ ପାଇଁ ନୀତିନିୟମକୁ ଲେଖିସାରିଲେଣି ଯେ "ଜଣେ ସ୍ତ୍ରୀ ତା'ର ସ୍ୱାମୀ ବ୍ୟତୀତ ଆଉ କାହା ପାଇଁ ପ୍ରତିଜ୍ଞା ବା ଉପବାସ କରିବା ଅନୁଚିତ । ଜଣେ ସ୍ତ୍ରୀ ତା'ର ସ୍ୱାମୀକୁ କେବଳ ମାନ୍ୟ କଲେ, ସେ ସ୍ୱର୍ଗଲାଭ କରିପାରିବ (ମନୁସ୍ମୃତି-୫-୧୫୫)।

ଏପରି ସମୟରେ ରାଜବଧୂ ମୀରା କହିଉଠିଲେ, "ଯାକେ ଶିର ମୋର ମୁକୁଟ ମୋରି ପତି ସୋଇ-ମେରୋ ତୋ ଗିରିଧର ଗୋପାଲ ଦୁସରୋ ନା କୋଇ"- ସେ ଏହା ଖାଲି କହିଲେ ନାହିଁ, ଏହି ଗୀତ ଗାଇଗାଇ ପାଦରେ ଘୁଙ୍ଗୁର ବାନ୍ଧି ନାଚିଲେ । ନାଚିନାଚି ସହରର ଗଳିକନ୍ଦିରେ ଘୁରି ବୁଲିଲେ । ପ୍ରକାଶ୍ୟରେ ସାଧୁମାନଙ୍କ ମେଳରେ ଶାସ୍ତ୍ର ଆଲୋଚନା କଲେ । ପୁଣି ଅନ୍ୟ କିଛି ଶାସ୍ତ୍ର ନୁହେଁ, ପ୍ରେମଶାସ୍ତ୍ର । ସ୍ତ୍ରୀ ଲୋକଙ୍କର ଚାଲିଚଳଣ ସମ୍ପର୍କରେ ଯେତେ ସାମାଜିକ ନୀତିନିୟମ ସବୁ ସେ ପାଣିକୁ ପକେଇଦେଲେ । ତାଙ୍କୁ ଭ୍ରଷ୍ଟା, କୁଳଟା, ଉନ୍ମାଦିନୀ ବୋଲି ଯିଏ ଯେତେ ଯାହା କହିଲେ ମଧ୍ୟ ମୀରା ନିଜର ଅଫୁରନ୍ତ ସୃଜନଶୀଳ ଆବେଗକୁ ରୁଦ୍ଧ କରିପାରିଲେ ନାହିଁ । ପ୍ରେମର ମହାପ୍ରବାହରେ ଅବିରତ ବହିବାକୁ ଲାଗିଲେ ।

ନଦୀର ଗତି, ସଂଗୀତର ମୂର୍ଚ୍ଛନା, ଜଳପ୍ରପାତର ବେଗକୁ ଯେପରି ଶବ୍ଦ କିମ୍ବା ରୂପରେ ବ୍ୟକ୍ତ କରିହୁଏନା, ମୀରା ସେହିପରି ନାରୀ-ମନର ପ୍ରେମ-ପ୍ରବାହର ଅବ୍ୟକ୍ତ ଉତ୍ତରଣ ହୋଇ ଝଲମଲ କରିଉଠିଲେ। ଶେଷକୁ ମୀରାଙ୍କ ପାଖରେ ସବୁ ଶାସ୍ତ୍ରନିୟମ ହାର ମାନିଲା । ତାଙ୍କୁ ନିଃଶେଷ କରିଦେବାର ସବୁ ଷଡ଼ଯନ୍ତ୍ରକୁ ସେ ପ୍ରେମର ବିଶ୍ୱାସରେ ଅତିକ୍ରମ କରିଗଲେ । ଯୁଗଯୁଗର ସାଧନା ଓ ତପସ୍ୟା ପରେ ମଧ୍ୟ ଯେଉଁ ଈଶ୍ୱରପ୍ରାପ୍ତି

Source: Author, Digitized by PPRACHIN, SOA

ପୁରୁଷ ପାଇଁ ଅପହଞ୍ଚ ହୋଇ ରହିଯାଏ ମୀରା ଅବଳୀଳାରେ ତା' ପାଖରେ ପହଞ୍ଚିଯାଇପାରିଲେ ।

ଯୁଗ ଯୁଗ ଧରି ସମାଜର ତଥାକଥିତ ଜ୍ଞାନୀ-ଗୁଣୀ- ପଣ୍ଡିତଗଣ ନାରୀମନର ଏହି ସହଜ ସାବଲୀଳ ପ୍ରେମଧାରାକୁ ନାନା ବାଗରେ ନଷ୍ଟ, ଭ୍ରଷ୍ଟ ସମାଜ ଓ ଶାସ୍ତ୍ରବିରୋଧୀ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ପରମାର୍ଥ ପଥରେ କାମିନୀ ପରି କୁତ୍ସିତ, ଘୃଣ୍ୟ ଅନ୍ତରାୟ ପୁରୁଷ ଦ୍ୱିତୀୟ ଖୋଜି ପାଇପାରେନା । ହେଲେ ମୀରାଙ୍କ ପରି ନାରୀ ପ୍ରମାଣ କରିଦେଲେ ଯେ, ସମାଜ ଆଖିରେ କୁଳନାଶୀର ଆଖ୍ୟା ପାଇଥିବା ରମଣୀ ମଧ୍ୟ ପ୍ରେମବଳରେ ସହଜରେ ପରମାର୍ଥର ଅଧିକାରିଣୀ ହୋଇଥାଏ । ବାସ୍ତବରେ ପୁରୁଷ ନାରୀମନର ପ୍ରେମକୁ ଖୁବ୍ ଭୟ କରେ ।

ନାରୀ ମନର ଯେଉଁ ଶକ୍ତିଶାଳୀ ପ୍ରବୃତ୍ତି ଈଶ୍ୱରଙ୍କୁ ଉପାୟଶୂନ୍ୟ କରିଦିଏ, ସେହି ପ୍ରବୃତ୍ତି ତା'ର ଅହଂକାରପ୍ରମତ୍ତ ପ୍ରଭୁତ୍ୱକୁ ତୁଚ୍ଛ କରିଦେଇପାରେ । ନାରୀପ୍ରେମର ସ୍ୱଚ୍ଛନ୍ଦ ଗତିଧାରାରେ ତା'ର ଅସ୍ତିତ୍ୱ କୁଟାଖିଏ ପରି ଭାସିଯାଇପାରେ । ତେଣୁ ପୁରୁଷର ଅହଂକାରପ୍ରବଣ ମନ ପରମାର୍ଥ ଆଗରେ ନାରୀକୁ ଦୂରେଇ ରଖିବାକୁ ଚେଷ୍ଟା କରେ । ନାନା ଭାବରେ ନାରୀସଙ୍ଗକୁ ନରକଗତି ବୋଲି ବର୍ଣ୍ଣନା କରେ । ନାରୀର ପ୍ରେମ ସମ୍ବନ୍ଧରେ ବାରମ୍ବାର ସତର୍କବାଣୀ ଶୁଣାଏ ସାବଧାନ... ''ଦିନ୍‌ମେଁ ମୋହିନୀ ରାତ୍‌ମେଁ ଡାକିନୀ ପଲକ୍ ପଲକ୍ ଲହୁଚୁଷେ ।''

ଯେଉଁ ସମାଜ, ଯେଉଁ ଶାସ୍ତ୍ର 'ପ୍ରେମ' ଶବ୍ଦ ଉଚ୍ଚାରିତ ହେଲାମାତ୍ରେ ପତନ, ପାପ ବୋଲି ବୁଝେ, ଆତଙ୍କରେ ନାରୀ ପ୍ରେମଠାରୁ ଦୂରେଇ ରହେ, ସେଠାରେ ଜଣେ ନାରୀ ସ୍ୱାମୀ ଭିନ୍ନ ଅନ୍ୟ କାହାପାଇଁ (ଈଶ୍ୱର ହୁଅନ୍ତୁ ପଛେ) ପ୍ରେମର ସଙ୍ଗୀତ ଗାଇ ପଥେପ୍ରାନ୍ତେ ନାଚି ବୁଲିବା, ନିଜକୁ ପ୍ରୀତି ପାଗଳିନୀ କହି ଆତ୍ମବିଭୋର ହୋଇଯିବା ଏକ ମହାବିଦ୍ରୋହ ନୁହେଁ ତ' ଆଉ କ'ଣ ?

ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଘରେ କୃଷ୍ଣମୂର୍ତ୍ତି ରଖିଲେ ମୂର୍ତ୍ତିଙ୍କ ହାତରୁ ବଂଶୀ କାଢ଼ି ନିଅନ୍ତି । କାରଣ ସେଠାରେ ବିଶ୍ୱାସ ପ୍ରଚଳିତ ଅଛି ଯେ, କୃଷ୍ଣଙ୍କ ହାତରେ ବଂଶୀ ରହିଲେ, ଘରର ଝିଅମାନେ ପ୍ରେମ କରିବେ ଓ ଚରିତ୍ରହୀନା ହୋଇଯିବେ । ଏଣେ ଈଶ୍ୱର ଈଶ୍ୱରୀ କହି ପୂଜା କରୁଥିବେ, ତେଣେ ଈଶ୍ୱରଙ୍କୁ ଲମ୍ପଟ, ଈଶ୍ୱରୀଙ୍କୁ ଦୋଚାରୁଣୀ କହୁଥିବେ । ସମାଜରେ ନାରୀକୁ ନେଇ ଏପରି ବିଚିତ୍ର, ଦୁର୍ବଳ ବିରୋଧାଭାସ ଲକ୍ଷ୍ୟକଲେ, ବାସ୍ତବରେ ବିସ୍ମିତ ହେବାକୁ ହୁଏ ।

ନାରୀ-ମନର ଦୁର୍ଦ୍ଦମନୀୟ ପ୍ରେମକୁ ଅସ୍ୱୀକାର କରିବାର ଶକ୍ତି ନାହିଁ, ତେଣେ ତାକୁ ଧାରଣ ଓ ଗ୍ରହଣ କରିବାର ସାହସ ବା ପୌରୁଷ ମଧ୍ୟ ହୀନପ୍ରଭ । ସମାଜର ଏହି

Source: Author, Digitized by PPRACHIN, SOA

କ୍ଳୀବତ୍ୱକୁ ନାରୀ-ମନ ଯେତେବେଳେ ବୁଝିପାରେ, ସେତେବେଳେ ସେ ଆଉ ପ୍ରେମକୁ ନ୍ୟୁନଦୃଷ୍ଟିରେ ଦେଖିପାରେନାହିଁ ।

ନାରୀ-ମନରେ ଅଭାବର, ଦୁଃଖ, ପୀଡ଼ାର ଭାରକୁ ସମାଜ ଅତ୍ୟନ୍ତ ଖୁସିରେ ସ୍ୱୀକୃତି ଦିଏ । ନାରୀ ସର୍ବଂସହା, ମହାନ୍ ବୋଲି ତା'ର ଭୂରି ଭୂରି ଗୁଣଗାନ କରେ । କିନ୍ତୁ ସେହି ନାରୀ-ମନ ଯେତେବେଳେ ପ୍ରେମର, ଭାବର, ଆନନ୍ଦର, ପରିପୂର୍ଣ୍ଣତାର ଭାରରେ ପରିପକ୍ୱ ହୋଇଯାଏ, ସେତେବେଳେ ସମାଜ ତାକୁ ସହ୍ୟ କରିପାରେନା । ଏହି ଭାର ପାଖରେ ଯେ ଅହଂକାର ଧୂଳିସାତ୍ ହୋଇଯାଏ । ଏହି ସୂକ୍ଷ୍ମ ସୁକୁମାର ଭାରକୁ କାନ୍ଧେଇବା ପାଇଁ ଯେ "ଦେହି ପଦପଲ୍ଲବ ମୁଦାରଂ" ବୋଲି ଅନୁନୟ କରିବାକୁ ହୁଏ । ସଭ୍ୟତାର ଆଦିକାଳରୁ ନିଜକୁ ନାରୀର ପ୍ରଭୁ ମନେକରି ଶାସ୍ତ୍ରରଚନା କରୁଥିବା ପୁରୁଷପ୍ରଧାନ ସମାଜ ତେଣୁ ନାରୀ ମନର ପ୍ରେମଭାବନାକୁ ସହଜରେ ସମ୍ମାନ ବା ଆଦର କରେନାହିଁ ।

ନାରୀ-ମନରେ ପ୍ରେମକୁ ନେଇ ମୋର ଏହି ବିଚାର ନିତାନ୍ତ ଏକପାଖିଆ ବୋଲି କେହି କେହି ନିଶ୍ଚୟ ଭାବୁଥିବେ । ପୁରୁଷ ମନରେ କ'ଣ ପ୍ରେମ ନାହିଁ ? ହଁ ପୁରୁଷର ମନ ମଧ୍ୟ ପ୍ରେମରେ ଆକୁଳ ହୁଏ । କିନ୍ତୁ ଅଧିକାଂଶ ସ୍ଥଳେ ତା'ର ପ୍ରେମର ବ୍ୟାକୁଳତା ନାରୀର ଦୈହିକ ସ୍ଥିତି ପାଖରେ ହିଁ ଅଟକିଯାଏ । ଶରୀରକୁ ଅତିକ୍ରମ କରି ଆତ୍ମିକ ଉଚ୍ଚତାରେ ପହଞ୍ଚିବାଯାଏଁ ସେ ନାରୀ-ମନର ସମକକ୍ଷ ଶକତିର ଅଧିକାରୀ ହୋଇପାରେ ନାହିଁ । ନାରୀର ପ୍ରେମ ଆରମ୍ଭରୁ ହିଁ ଆତ୍ମିକ ଅନ୍ୱେଷଣର ସୋପାନରେ ପାଦଦେଇ ଶରୀରକୁ କେବଳ ମାଧ୍ୟମ ମଣିଥାଏ ।

ପୁରୁଷର ମନ ଖାସ୍ ସେଇଥିପାଇଁ ଆପଣା ଅସ୍ତିତ୍ୱ ସମ୍ପର୍କରେ ଆଶଙ୍କିତ, ସନ୍ଦିହାନ ହୋଇପଡ଼େ କି ? ପ୍ରେମର ପ୍ରତିଯୋଗିତାରେ ପରାଜିତ ହେବାର ଭୟ ଯୋଗୁଁ ନାରୀକୁ ସେ ଅଧ୍ୟାତ୍ମମାର୍ଗର ଅନ୍ତରାୟ ଭାବୁଥାଏ କି ?

ଏସବୁ ପ୍ରଶ୍ନର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ତଥାପି ବାକି ରହିଛି । କେବେ କେବେ କୌଣସି କବି କିମ୍ବା ସାହିତ୍ୟସ୍ରଷ୍ଟା ଏ ପ୍ରଶ୍ନ ଉଠେଇଛନ୍ତି ସେମାନଙ୍କର କଳାସୃଷ୍ଟିରେ । ସୁରେନ୍ଦ୍ରଙ୍କର 'ମହାନିର୍ବାଣ', ଭଗବତୀ ଚରଣ ବର୍ମାଙ୍କର 'ଚିତ୍ରଲେଖା' ଆଦି ସାହିତ୍ୟରଚନାରେ ଏ ପ୍ରଶ୍ନର କିଞ୍ଚିତ୍ ଅନୁଶୀଳନ କରାଯାଇଛି । କିନ୍ତୁ ଆଜିଯାଏଁ ଜଳ-ପବନ-ମାଟି ଯାହା ପାଇଁ ବାସନ୍ଦ ହୋଇରହିଛି, ସେହି ନାରୀ-ମନର ପ୍ରେମପ୍ରବଣତାର ମୂଲ୍ୟାୟନ କରିବାପାଇଁ ସହସ୍ର ସହସ୍ର ପ୍ରଶ୍ନର ଅବତାରଣା କରିବା ଯେ କ୍ରମଶଃ ଅପରିହାର୍ଯ୍ୟ ହୋଇପଡ଼ୁଛି ।

Source: Author, Digitized by PPRACHIN, SOA

ନିସର୍ଗ ରମଣୀ, ନିଃସର୍ତ୍ତ ଅନୁରାଗ

ମହାସତୀ ସାବିତ୍ରୀଙ୍କୁ ସ୍ମରଣ ନକଲେ ସତୀପତ୍ନୀମାନଙ୍କର ଗତିମୁକ୍ତି ନାହିଁ । ସମାଜରେ ଯେଉଁ ପତିବ୍ରତାମାନେ ପ୍ରେମକୁ ଅତ୍ୟନ୍ତ ଘୃଣାଚକ୍ଷୁରେ ଦେଖନ୍ତି, ଚାରି/ପାଞ୍ଚଜଣ ଏପରି ପତିଗତପ୍ରାଣା ଏକାଠି ହେଲେ ଅନ୍ୟ ଝିଅବୋହୂଙ୍କର କୁତ୍ସାରଟନା କରି ହିଂସ୍ର ଆନନ୍ଦରେ ପ୍ରମତ୍ତ ହୋଇଉଠନ୍ତି, ସେହି ସତୀମାନେ ସାବିତ୍ରୀବ୍ରତ ପାଳିବାକୁ ନିଜର ସତ / ଅସତ୍ ଉପାର୍ଜନକ୍ଷମ ସ୍ୱାମୀମାନଙ୍କୁ ଶାଢ଼ୀଗହଣା ପାଇଁ ରୀତିମତ ତାଗିଦ କରି ରଖିଥା'ନ୍ତି । ବିବାହ ନିମନ୍ତେ ପ୍ରେମକୁ ନ୍ୟୁନଦୃଷ୍ଟିରେ ଦେଖୁଥିବା ଏହି ସମ୍ପଦ-ପ୍ରଣୟ-ମୁଗ୍ଧାମାନଙ୍କ ପାଇଁ ସାବିତ୍ରୀ ଓ ଯମଙ୍କର ଯୁକ୍ତିତର୍କ ସହିତ ସ୍ୱାମୀଙ୍କୁ ଯମପୁରରୁ ଫେରାଇ ଆଣିବାର କିମ୍ବଦନ୍ତୀ ହିଁ ସବୁକିଛି । ସବୁ ଶାସ୍ତ୍ରପୁରାଣ ସ୍ତ୍ରୀ ଲୋକମାନଙ୍କୁ ଏହିପରି ଗଳ୍ପ ଶୁଣେଇ ମୁଗ୍ଧ କରିଥାଏ । କିନ୍ତୁ ଗଳ୍ପରେ ଲୁଚିଥିବା ବାସ୍ତବ ସତ୍ୟର ସ୍ୱରୂପକୁ ଚିହ୍ନିବା ଶିଖେଇ ନଥାଏ ।

ସାବିତ୍ରୀଙ୍କର ଜୀବନଧାରାକୁ ଯଦି ବାସ୍ତବ ଦୃଷ୍ଟିକୋଣରୁ ଦେଖାଯିବ, ତେବେ ନାରୀ ମନର ସର୍ବୋଚ୍ଚ ବିକାଶଧାରାର ଏକ ବଳିଷ୍ଠ ପ୍ରବାହ ସହିତ ପରିଚୟ ହେବ । ସାବିତ୍ରୀ ହେଉଛନ୍ତି ନିଃସନ୍ତାନ ଅଶ୍ୱପତିଙ୍କର ବହୁତପସ୍ୟାଲବ୍ଧ କନ୍ୟାସନ୍ତାନ । ଏକମାତ୍ର ପରମଈପ୍ସିତ ସନ୍ତାନ ହୋଇଥିବାରୁ ରାଜା ଅଶ୍ୱପତି ସାବିତ୍ରୀଙ୍କୁ କନ୍ୟା କିମ୍ବା ପୁତ୍ରର ଚିରାଚରିତ ପକ୍ଷପାତିତାରୁ ଉର୍ଦ୍ଧ୍ୱରେ ରଖି ଏକ ସମର୍ଥ ମଣିଷ ଭାବେ ଗଢ଼ିବାକୁ ଯତ୍ନ କରିଥିବେ । ସାବିତ୍ରୀ ଶୈଶବରୁ ହିଁ ପୁତ୍ରସନ୍ତାନ ଅନୁରୂପ ମୁକ୍ତ ଚିନ୍ତାଧାରା ଓ ଶିକ୍ଷାଦୀକ୍ଷା ଅର୍ଜନରେ କୌଣସି ପ୍ରତିବନ୍ଧକ ଭୋଗି ନଥିବେ । ଆଜି ମଧ୍ୟ ଦେଖାଯାଏ, ପୁତ୍ରସନ୍ତାନ ନଥିବା ପରିବାରର କନ୍ୟମାନେ ପୁତ୍ରସନ୍ତାନ ଥିବା ପରିବାରର କନ୍ୟାମାନଙ୍କ ତୁଳନାରେ ଅଧିକ ବିକଶିତ ହେବାର ସୁଯୋଗ ପାଇଥାଆନ୍ତି । ଯୌବନରେ ପଦାର୍ପଣ କଲାପରେ ପିତାଙ୍କ ଅନୁମତି ନେଇ ସାବିତ୍ରୀ ନିଜର ଜୀବନସାଥୀ ଅନ୍ୱେଷଣରେ ଦେଶ ପର୍ଯ୍ୟଟନରେ ବାହାରନ୍ତି । ଏଠାରେ ଏକ ତରୁଣୀ କନ୍ୟାକୁ ପ୍ରଦତ୍ତ ହୋଇଥିବା ଆସ୍ଥା, ବିଶ୍ୱାସ ଓ ସ୍ୱାଧୀନତାର ଅଦ୍‌ଭୂତ ସ୍ୱରୂପକୁ ଆମ ଦେଖିବାକୁ ପାଉ । ଯେଉଁ ସମାଜରେ ଅସୂର୍ଯ୍ୟଂପଶ୍ୟା କନ୍ୟାମାନଙ୍କର ସତୀତ୍ୱ ହେଉଛି ଶ୍ରେଷ୍ଠ, ସେଠାରେ ସାବିତ୍ରୀ ବରପାତ୍ର ଖୋଜିବାକୁ ଦେଶଭ୍ରମଣରେ ଗଲେ । ଅଶ୍ୱପତି ଝିଅକୁ ବୋଝ ବୋଲି ଭାବିନାହାନ୍ତି । ବଂଶଗତ ରାଜନୀତିକ ବା ଅନ୍ୟକିଛି ସ୍ୱାର୍ଥ ବା ସର୍ତ୍ତକୁ ଆଖି ଆଗରେ ରଖି ଝିଅର ବିବାହ କଥା

Source: Author, Digitized by PPRACHIN, SOA

କଳ୍ପନା କରିନାହାନ୍ତି । ଗୋଟିଏ ଝିଅ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ସେ ପୁରାପୁରି ନିଜର ଶିକ୍ଷିତା, ସ୍ୱାଧୀନଚେତା ଝିଅ ଉପରେ ନିର୍ଭର କରିଛନ୍ତି । ସେହି ଝିଅ ବିଭିନ୍ନ ଦେଶଭ୍ରମଣ କରି ବହୁ ପୁରୁଷ/ରାଜପୁରୁଷଙ୍କ ସହ ଭାବବିନିମୟପୂର୍ବକ ସେମାନଙ୍କ ବ୍ୟକ୍ତିତ୍ୱକୁ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିବା ଆଦୌ ଅସମୀଚୀନ ନୁହେଁ । କାରଣ ଜଣକୁ ଦେଖି ଶ୍ରେଷ୍ଠତ୍ୱ ସ୍ଥିର କରିହୁଏନା – ଶ୍ରେଷ୍ଠର ଅର୍ଥ ହିଁ ହେଉଛି ଅନେକଙ୍କ ମଧ୍ୟରେ ସର୍ବୋତ୍ତମ । ସତ୍ୟବାନଙ୍କୁ ବାଛିବା ପୂର୍ବରୁ ସାବିତ୍ରୀ ବହୁ ପ୍ରଣୟପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ଆକଳନ କରିଥିବେ । ସାବିତ୍ରୀଙ୍କ ପରି ବିଦୂଷୀ ନାରୀ ପ୍ରଥମ ଦେଖାରେ କେଉଁ ପୁରୁଷଙ୍କୁ ହୃଦୟ ଢ଼ାଳି ଦେବାର ନିର୍ବୋଧତା କେବେହେଁ କରିନଥିବେ । ଶେଷକୁ ରାଜନୀତିର ହିଂସା, କପଟ ଓ କୂଟନୀତିରେ ପରାଜିତ ହୋଇ ପିତାମାତାଙ୍କ ସହିତ ବନବାସୀ ସାଜିଥିବା ସରଳ , ସତ୍ୟନିଷ୍ଠ ସତ୍ୟବାନଙ୍କୁ ସେ ହୃଦୟ ଅର୍ପଣ କରିଥିବେ । ପ୍ରେମର ଏହି ସଚେତନ ସମର୍ପଣ ନାରୀମନର ଦୃଢ଼ତାକୁ ହିଁ ସାବ୍ୟସ୍ତ କରିଥାଏ । ତେଣୁ ସତ୍ୟବାନଙ୍କର ସ୍ୱଳ୍ପାୟୁ ହେବାର ଭୟ ସେହି ଦୃଢ଼ତାକୁ ଟଳାଇ ପାରିନାହିଁ ।

ସମାଜରେ ନାରୀକୁ ଯଥାର୍ଥ ଶିକ୍ଷା ଓ ପୂର୍ଣ୍ଣ ସ୍ୱାଧୀନତା ଦିଆଗଲେ, ସେ ବୈଭବଶାଳୀ ପୁରୁଷର ବିଳାସସଙ୍ଗିନୀ ହେବା ଅପେକ୍ଷା ସ୍ୱଳ୍ପାୟୁ ହେଲେ ମଧ୍ୟ ସତ୍ୟ ଓ ଧର୍ମର ସଙ୍ଗିନୀ ହେବାକୁ ଯେ ଶ୍ରେୟ ମଣିଥାଏ, ସାବିତ୍ରୀ ଏହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କଲେ ।

ଯେତେବେଳେ ଜଣେ ମୁକ୍ତଚେତନାର ମାନବୀ ଯଶ-ଅର୍ଥ-କ୍ଷମତାର ପ୍ରଲୋଭନ ଏବଂ ଭାଗ୍ୟର ପ୍ରତିକୂଳତାକୁ ଲଙ୍ଘନ କରି ନ୍ୟାୟ, ଧର୍ମ ଓ ସତ୍ୟ ପାଇଁ ସର୍ବସ୍ୱ ହରାଇଥିବା ଜଣେ ପ୍ରେମିକ ପୁରୁଷର ପ୍ରଣୟିନୀ ହେବାକୁ ଆଗ୍ରହୀ ହୁଏ, ସେତେବେଳେ ପ୍ରେମ ଓ ସତ୍ୟର ସେହି ଦିବ୍ୟମିଳନରେ ଶକ୍ତି ଆଗରେ କାଳ (ଯମ) ପରାଜିତ ହେବାକୁ ବାଧ୍ୟ ହୁଏ । ସତ୍ୟବାନ ପୁରୁଷ ପ୍ରତି ନାରୀମନର ନିଃସର୍ତ୍ତ ଅନୁରାଗ ସଂସାରରେ ମରିଯାଇଥିବା ସତ୍ୟକୁ ପୁଣିଥରେ ଜୀବନ୍ୟାସ ଦିଏ ।

ଆମ ସମାଜରେ ବିବାହପୂର୍ବରୁ ମନଖୋଲି ପ୍ରେମ କରିବାକୁ ନାରୀକୁ ଅନୁମତି ଦିଆଯାଏ ନାହିଁ । କାଳେ ଦୈହିକ ସତୀତ୍ୱରେ ବାଧା ଆସିବ, ଏହି ଭୟରେ ତା' ମନକୁ ବି କଠୋର ଅନୁଶାସନ ଭିତରେ ବାନ୍ଧି ଦିଆଯାଏ । ବହୁ ତରୁଣଙ୍କ ସହିତ ବନ୍ଧୁତ୍ୱ କରି ଶ୍ରେଷ୍ଠସାଥୀ ବାଛିବା ତ' ଦୂରର କଥା, ଅଧିକାଂଶ କ୍ଷେତ୍ର ବିବାହପୂର୍ବରୁ ଆଦୌ ଜାଣିନଥିବା ପୁରୁଷଟିକୁ ଜୀବନସାଥୀ ଭାବେ ପାଇବା ହିଁ ନାରୀର ମର୍ଯ୍ୟାଦା ବୋଲି ଗ୍ରହଣ କରାଯାଏ । ପିତାମାତା, କୁଳଗୋତ୍ର ବିଷୟସମ୍ପତ୍ତି ଓ ଧନ୍ଦା-କନ୍ଦା ରୋଜଗାରକୁ ଆଖି ଆଗରେ ରଖି କନ୍ୟାଦାନ କରନ୍ତି । ଝିଅଟିର ନିଜର କିଛି ମୂଲ୍ୟ

Source: Author, Digitized by PPRACHIN, SOA

ନଥିବା ପରି ବିପୁଳ ଯାନିଯୌତୁକ ଦେଇ ଝିଅଜନ୍ମ କରିବାର କ୍ଷତିକୁ ଭରଣା କରନ୍ତି । (ଏବେ ତ' ଏପରି କ୍ଷତିରୁ ବର୍ତ୍ତିବାକୁ କନ୍ୟାଭ୍ରୁଣକୁ ଗର୍ଭରୁ ହିଁ ହତ୍ୟା କରାଯାଉଛି) । କନ୍ୟାସନ୍ତାନ ପ୍ରତି ଏପରି ହୀନଧାରଣା ପୋଷଣ କରୁଥିବା ତଥା ଝିଅମାନଙ୍କ ମନକୁ ଏତେ ବସ୍ତୁକୈନ୍ଦ୍ରିକ କରି ଗଢୁଥିବା ଏକ ସମାଜ ବ୍ୟବସ୍ଥାରେ 'ପ୍ରେମ' ପରି ଏକ ସୂକ୍ଷ୍ମ, ସୁକୁମାର ମାନବୀୟ ଉତ୍ତରଣର କିପରି ବିକାଶ ହେବ ବା ସାବିତ୍ରୀଙ୍କ ପରି ପ୍ରେମ ଓ ଆତ୍ମବିଶ୍ୱାସର ତେଜରେ ଝଲସୁଥିବା ତେଜୋମୟୀ ନାରୀଙ୍କୁ କିପରି ଦେଖିବାକୁ ମିଳିବ ?

ସାମ୍ପ୍ରତିକ ସମାଜ ଏପରି ହୋଇଛି ଯେ, ପ୍ରେମବିବାହ କ୍ଷେତ୍ରରେ ମଧ୍ୟ କନ୍ୟା, ପାତ୍ରଟିର ସତ୍‌ବ୍ୟକ୍ତିତ୍ୱ ଅପେକ୍ଷା ଅସତ୍ ଅର୍ଥଉପାର୍ଜନର କ୍ଷମତାକୁ ଅଧିକ ଗୁରୁତ୍ୱ ଦେଉଛି । 'ପ୍ରେମ' ପ୍ରେମ ନହୋଇ ଧନ-କ୍ଷମତା ଓ ଯୌନଲାଳସା ପୂର୍ତ୍ତିର ଏକ ଉପକ୍ରମ ମାତ୍ର ହୋଇଯାଇଛି । ପ୍ରେମକୁ ମର୍ଯ୍ୟାଦା ଦେଉନଥିବା ଏକ ଧନତାନ୍ତ୍ରିକ ସମାଜ ବ୍ୟବସ୍ଥା ଯେ ସତ୍ୟକୁ ମର୍ଯ୍ୟାଦା ଦେବ, ଏହା ଆଶା କରିବା ବିଡ଼ମ୍ବନା ମାତ୍ର । ମୁଁ ବାରମ୍ବାର କହିଛି ଯେ, ବସ୍ତୁବାଦୀ ଉପଭୋଗପ୍ରବଣତା ଓ ପୁରୁଷପ୍ରଧାନ ସମାଜର ସ୍ୱାର୍ଥରେ ନାରୀ ବିନିମୟଯୋଗ୍ୟ ପଦାର୍ଥ ଓ ପଣ୍ୟରେ ପରିଣତ ହୁଏ । କେବଳ ପ୍ରେମ ଓ ସତ୍ୟ ପାଇଁ ସମର୍ପିତ ନାରୀତ୍ୱ କାଳକୁ ପରାହତ କରି ଶ୍ରେଷ୍ଠ ପୁରୁଷକୁ ଜଗତରେ ଶ୍ରେଷ୍ଠ ପରିଚୟ ପ୍ରଦାନ କରେ । ତେଣୁ ନାରୀ ମନରେ ପ୍ରେମର ପ୍ରତିଷ୍ଠା ଓ ବିକାଶ ପାଇଁ ଅନୁକୂଳ ସାମାଜିକ ପରିବେଶ ସୃଷ୍ଟି ହେବା ବଡ଼କଥା, ଅନ୍ୟଥା ଶାଢ଼ୀ-ଗହଣା ଓ ଫଳମୂଳର ସମାରୋହରେ ସାବିତ୍ରୀ, ସତ୍ୟବାନ ଓ ଯମଙ୍କ କାହାଣୀ ଗାଇ ବୁଲୁଥିବା ନିର୍ବୋଧ ନାରୀ ଓ ଅହଂକାରୀ ପୁରୁଷଙ୍କୁ ଦେଖି କାଳ କେବଳ ଉପହାସ କରିବା ସାର ହେବ ସିନା... !

○

Source: Author, Digitized by PPRACHIN, SOA

ଶିବ ଓ ଶକ୍ତିର ସଂଯୋଗ

ଏଇ କେତେଦିନ ହେବ ବିଭିନ୍ନ ଗଣମାଧ୍ୟମମାନଙ୍କରେ ଜଣେ ଧର୍ଷିତା ନାରୀଙ୍କର ଦୃପ୍ତ ସ୍ୱୀକାରୋକ୍ତି ମତେ ଅବାକ୍ ବିସ୍ମୟରେ ଭରିଦେଇଛି । ତାଙ୍କର ସ୍ୱୀକାରୋକ୍ତି କେବଳ ସ୍ପଷ୍ଟ ଓ ନିର୍ଭୀକ ନୁହେଁ, ବରଂ ଆଜିର ସମାଜରେ ବିଭିନ୍ନ ଦୃଷ୍ଟିରୁ ନିର୍ଯାତନା ଭୋଗୁଥିବା ନାରୀମାନଙ୍କ ପାଇଁ ଏକ ନୂତନ ସମ୍ଭାବନା ଓ ଆଶାର ଦ୍ୱାର ଉନ୍ମୁକ୍ତ କରିଛି ।

ଝିଅଟି ନିଜର ଅକପଟ ସତ୍ୟଭାଷଣ ସହିତ ଗୋଟିଏ କଥା ବାରମ୍ବାର କହୁଛି ଯେ, ବିବାହ ପୂର୍ବରୁ ତା'ର ପିତାମାତା ତାକୁ ବାରଣ କରୁଥିବାରୁ ସେ ନିଜ ଉପରେ ହୋଇଥିବା ଗଣଧର୍ଷଣର କଥା ତୁଣ୍ଡ ଖୋଲି କହିପାରି ନଥିଲା । କିନ୍ତୁ ଘଟଣା ଘଟିବାର ଦୀର୍ଘ ସାତବର୍ଷ ପରେ ତାଙ୍କର ସ୍ୱାମୀ ତାଙ୍କୁ ସାହସ ଦେବାରୁ ସେ ଆଜି ସତ୍ୟ କହିବାକୁ କୁଣ୍ଠାବୋଧ କରୁନାହାନ୍ତି ।

ବାଲେଶ୍ୱରର ଏକ ଦରିଦ୍ର ପରିବାରର ଏହି ଝିଅଟି ଜୀବିକାଅର୍ଜନ ଆଶାରେ ନିଜର ଶିକ୍ଷୟିତ୍ରୀଙ୍କୁ ଭରସା କରି ଲାଞ୍ଛିତା ହେଲା । ଧର୍ଷିତା ହେଲା । ଏହି ଘୃଣ୍ୟ କ୍ରିୟାରେ ସମାଜର ତଥାକଥିତ ସମ୍ମାନିତ ଓ ପଦସ୍ଥ ବ୍ୟକ୍ତିମାନେ ଜଡ଼ିତ ଥିଲେ । ଘଟଣା ଘଟିଯିବା ପରେ ଆତ୍ମହତ୍ୟା ନକରି ବଞ୍ଚିରହିଥିବା ଏହି ସାହସୀ ସ୍ୱାଭିମାନୀ ଝିଅର ସାମାନ୍ୟ ପ୍ରତିବାଦର ସ୍ୱର ମଧ୍ୟ ଆତ୍ମଘାତୀ ହୋଇଉଠିଲା । ପିତାମାତା ଓ ପରିବାରର ନିରାପତ୍ତା ଦୃଷ୍ଟିରୁ ଅସହାୟ ନୀରବତା ବ୍ୟତୀତ ତା'ର ପ୍ରତିବାଦର ଅନ୍ୟ କୌଣସି ସ୍ୱରୂପ ହିଁ ନଥିଲା । ଝିଅଟିର ଅବସ୍ଥା ସେତେବେଳ କିପରି ଥିବ ଅନୁମାନ କରନ୍ତୁ !

ଶରୀର ହୋଇଥିବ ଲୁଣ୍ଠିତ। ଲାଞ୍ଛନା ଓ ଅପମାନରେ ଆତ୍ମା ହୋଇଥିବା କ୍ଷତବିକ୍ଷତ। ଅଥଚ ନିଜ ନିଜ ସ୍ୱାର୍ଥର ଦ୍ୱାହିରେ ସମସ୍ତେ ତାକୁ ଚୁପ୍ ରହିବାକୁ ବାଧ୍ୟ କରିଥିବେ । ଆହତ ଅପମାନିତ ନାରୀତ୍ୱ ସେହି ମାଂସଲୋଭୀ ପାଷାଣ୍ଡ ପିଶାଚମାନଙ୍କୁ ଶାସ୍ତି ଦେବାକୁ ଛଟପଟ ହେଉଥିବ। ସେମାନଙ୍କର ଲାଳସାର ଯୂପକାଷ୍ଠରେ ବଳି ପଡ଼ିଥିବା ନାରୀଦେହ ଭିତରେ ଥିବା ପୀଡ଼ାଜର୍ଜରିତ ମଣିଷଟିକୁ ଅଭୟ ଓ ସାହଚର୍ଯ୍ୟ ଦେବାକୁ କେହି ନଥିବେ ।

Source: Author, Digitized by PPRACHIN, SOA

ଏପରି ପରିସ୍ଥିତିରେ ଝିଅଟି ବିବାହ କରେ । ତାକୁ ଆପଣାର କରିଥିବା ପୁରୁଷ ଜଣକ ତାକୁ ନିଶ୍ଚୟ ତା'ର ଦୈହିକ ସତୀତ୍ୱର ଅଗ୍ନିପରୀକ୍ଷା ମାଗିନାହାନ୍ତି । ବରଂ ସେ ସେହି ଧର୍ଷିତା ଦେହଟି ଭିତରେ ଥିବା ସତ୍ୟବାକ୍ ନାରୀମନକୁ ଗଭୀର ଭାବେ ପ୍ରେମ କରିଛନ୍ତି । ନାରୀ ଦେହକୁ ନିଜର ଯୌନପ୍ରବୃତ୍ତି ଯୋଗୁଁ ବଳାତ୍କାର କଲେ, ନାରୀଦେହ ନୁହେଁ, ସେହି ବଳାତ୍କାରୀ ଓ ବଳାତ୍କାରୀକୁ ପ୍ରଶ୍ରୟ ଦେଉଥିବା ସମାଜ ବ୍ୟବସ୍ଥା ଅପବିତ୍ର ହୋଇଯାଏ, ହୀନ/ରୁଗ୍ଣ ହୋଇଯାଏ । ସେହି ସମାଜକୁ ସୁସ୍ଥ ଓ ରୋଗମୁକ୍ତ କରିବାକୁ ହେଲେ ଧର୍ଷିତା ନାରୀକୁ ନ୍ୟାୟ ଓ ସମ୍ମାନ ପ୍ରଦାନପୂର୍ବକ ଧର୍ଷଣକାରୀର ଶାସ୍ତିବିଧାନ ଦିଗରେ କଠୋର ମାନସିକତା ପୋଷଣ କରିବା ଏକ ପବିତ୍ର ସାମାଜିକ କର୍ତ୍ତବ୍ୟ । ଝିଅଟିର ସ୍ୱାମୀ ହୁଏତ ଏତେ କଥା ଭାବିଚିନ୍ତି ତାକୁ ସାହସ ଦେଇନଥିବେ । କେବଳ ପ୍ରେମ ଓ ସମ୍ବେଦନଶୀଳତା ତାଙ୍କୁ ଏ ଦିଗରେ ପ୍ରରୋଚିତ କରିଥିବ । ନାରୀମନକୁ ଭଲ ପାଇଲେ ସତ୍ୟ, ନ୍ୟାୟ ଓ ଧର୍ମ ପାଇଁ ଆପେ ଆପେ ଅନୁରକ୍ତି ଆସିଯାଏ ।

ଝିଅଟିର ଜୀବନରେ ବହୁ ନାରୀ ଓ ପୁରୁଷ ଆସିଥିବେ । ତା'ର ପିତାମାତା, ଭାଇଭଉଣୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବନ୍ଧୁ କୁଟୁମ୍ବ, ତଥା ସମାଜର ଅନ୍ୟାନ୍ୟ ଦାୟିତ୍ୱବାନ ମଣିଷ । କିନ୍ତୁ କେହି ତାକୁ ତା'ର ଦୁର୍ଦ୍ଦିନରେ ସାହସ ଦେଇପାରିନାହାନ୍ତି । ନିଜର ଜନନୀ ଭୟରେ ତାକୁ ପ୍ରତିବାଦ କରିବାରୁ ନିବର୍ତ୍ତାଇଛନ୍ତି ତ' ଯାହାଙ୍କୁ ସେ ଜନନୀ ବୋଲି ଭାବିଥିଲା, ସେହି ପିଶାଚିନୀ ଶିକ୍ଷୟିତ୍ରୀ ତା' ପାଇଁ ନାରୀମାଂସର ଦଲାଲ୍ ରୂପରେ ଉଭା ହୋଇଛନ୍ତି । ଏହି ଦୁଇ ନାରୀଙ୍କ ଭିତରୁ ଜଣେ ଅସହାୟ ମୂକ ପିତୁଳା ତ' ଆଉଜଣେ ଆଖି ନଚେଇ, ଅଣ୍ଟା ହଲାଇ ଉପଭୋକ୍ତା ସମାଜ ବ୍ୟବସ୍ଥାରେ ନାଚୁଥିବା କାମୁକ ଓ ବିଳାସୀ ପୁରୁଷର ଖେଳ କଣ୍ଢେଇ । ଆଜିର ଉପଭୋକ୍ତା ସମାଜ ଯେତେବେଳେ କେବଳ ନାରୀଦେହ ନୁହେଁ, ଆଇନ, ପ୍ରଶାସନ, ବିଚାର, ଜୀବନ ସବୁକିଛିକୁ ପଣ୍ୟ ପରି କିଣାବିକା କରିପାରୁଛି, ସେତେବେଳେ ଗୋଟିଏ କୁଡ଼ିଆ ଘରେ ନିଜର ସନ୍ତାନର ଜନନୀକୁ, ପ୍ରାଣପ୍ରିୟାକୁ ସତ୍ୟ କହିବାକୁ ଦମ୍ଭ ଦେଉଛି କୌଣସି ସାମାଜିକ ପତିଆରା ନଥିବା ଜଣେ ପୁରୁଷ । ଏହାକୁ ଶିବ ଓ ଶକ୍ତିର ସଂଯୋଗ ନ କହି ଆଉ କ'ଣ କୁହାଯାଇପାରେ ? ନାରୀର ଦେହ ଉପରେ ଅଧିକାର ଜାହିର କରିବା କିଛି ବଡ଼ କଥା ନୁହେଁ । ପିତାମାତା ଭାବେ ଜନ୍ମ ଦେଇ, ଦଲାଲ୍ ଭାବେ କାରବାର କରି, ଭୟ ଓ ପ୍ରଲୋଭନ ଦ୍ୱାରା ବଳାତ୍କାର କରି, କିମ୍ବା ବିବାହ କରି ନାରୀ ପୁରୁଷ ଉଭୟେ ଏକ ପୁରୁଷଶାସିତ ସମାଜରେ ଅସହାୟ ନାରୀଦେହକୁ ବ୍ୟବହାର କରିପାରନ୍ତି । କିନ୍ତୁ ନାରୀମନ ଭୋଗୁଥିବା ମାନସିକ ଓ ଶାରୀରିକ ନିର୍ଯାତନା, ଗ୍ଲାନି, ଅପମାନରୁ ତାକୁ ମୁକ୍ତ କରି ପ୍ରତିବାଦ କରିବା ପାଇଁ ଯିଏ ତାକୁ ସାହସ ଓ ସହଯୋଗ ଦିଏ, ସେ ହିଁ

Source: Author, Digitized by PPRACHIN, SOA

ନାରୀମନର ଅକୁଣ୍ଠିତ ଅନୁରାଗ ଓ ସମ୍ମାନର ଅଧିକାରୀ ହୁଏ । କହିବା ବାହୁଲ୍ୟ ଏକ ପୁରୁଷଶାସିତ ସମାଜରେ ଏପରି ଏକ ଭୂମିକା ଜଣେ ସତ୍‌ପୁରୁଷ ହିଁ ନେଇପାରିଥାଏ ।

ଏକ ବସ୍ତୁବାଦୀ ଏବଂ ଉପଭୋଗସର୍ବସ୍ୱ ସମାଜ ବ୍ୟବସ୍ଥାରେ ନିଜେ ନାରୀ କେବଳ ବୈଷୟିକ ବିଳାସବ୍ୟସନର ପ୍ରଲୋଭନରେ ଯଶ-ଅର୍ଥ-କ୍ଷମତା ଅର୍ଜନ କରୁଥିବା ପୁରୁଷର ଜୀବନସଙ୍ଗିନୀ ହେବାକୁ ଲାଳାୟିତ ହେଉଛି । ପିତାମାତା ଓ ସମାଜ ଆଖିରେ ମଧ ଏପରି ବିବାହବନ୍ଧନ ଶ୍ରେଷ୍ଠ ପରିଗଣିତ ହେଉଛି । କିନ୍ତୁ ଏହି ବିବାହ ନାରୀକୁ କୌଣସି ଆତ୍ମିକ ମର୍ଯ୍ୟାଦାର ଅଧିକାରିଣୀ କରାଉନାହିଁ । ସେଇଥିପାଇଁ ତ' ଆଜିର ସମାଜରେ ବୀରଜନନୀ କିମ୍ବା ବୀରଜାୟାମାନଙ୍କ ବଦଳରେ ଚୋରମାଆ ଓ ଚୋରପତ୍ନୀମାନଙ୍କର ମୁହଁଫୁଟାଣି ଅଧିକ ଦେଖିବାକୁ ମିଳୁଛି । ଯଶ-ବିଭବ ଥାଉ ନ ଥାଉ, ସତ୍ୟ-ନ୍ୟାୟର ସମ୍ପତ୍ତିକୁ ସୁରକ୍ଷା ଯୋଗାଉଥିବା ପୁରୁଷଟିକୁ ନାରୀମନ ଯଦି ଜୀବନସାଥୀ ଭାବେ ବାଛନ୍ତା, ତା'ହେଲେ ଭାରତବର୍ଷର ଅଧର୍ମ-ଗ୍ଲାନିମୁକ୍ତ ପ୍ରାଚୀନ ବୀରତ୍ୱର ପରମ୍ପରା ପୁଣି ଫେରିଆସନ୍ତା ନାହିଁ କି ?

○

Source: Author, Digitized by PPRACHIN, SOA

ନାରୀ ବ୍ୟକ୍ତିତ୍ୱର ମର୍ଯ୍ୟାଦା

ପ୍ରତିଦିନ ସକାଳୁଁ ଖବରକାଗଜ ଓଲଟାଇଲାମାତ୍ରେ ଏକାଧିକ ନାରୀନିର୍ଯାତନାର ଖବର ଆଖିରେ ପଡ଼େ । କେଉଁଠି ଯୌତୁକ ପାଇଁ ବଧୂହତ୍ୟା, କେଉଁଠି ନାବାଳିକା ବା ଯୁବତୀକୁ ଧର୍ଷଣ, କେଉଁଠି ଅନୈତିକ କାର୍ଯ୍ୟ ନିମନ୍ତେ ଯୁବତୀ ଚାଲାଣ, କେଉଁଠି ବା କର୍ମଜୀବୀ ମହିଳାଙ୍କ ପ୍ରତି ଉପରିସ୍ଥ କର୍ମକର୍ତ୍ତାଙ୍କର ନିର୍ଯାତନା । ସମ୍ପ୍ରତି ଜଣେ ପଦସ୍ଥ ମହିଳା ସାମରିକ କର୍ମଚାରୀଙ୍କ ଆତ୍ମହତ୍ୟାକୁ କେନ୍ଦ୍ରକରି ଖୁବ୍ ଚର୍ଚ୍ଚା ହୋଇଯାଇଛି । ଉକ୍ତ ମହିଳା ଅଫିସରଙ୍କୁ ତାଙ୍କର ଉପରିସ୍ଥ ସବୁବେଳେ ନ୍ୟୁନ ଦୃଷ୍ଟିରେ ଦେଖୁଥିଲେ । ସେନାବାହିନୀର କେହି ବରିଷ୍ଠ କର୍ମକର୍ତ୍ତା ଆସିଲେ ତାଙ୍କୁ ଫୁଲତୋଡ଼ା ଦେବାକୁ କିମ୍ବା ଭୋଜିସଭାରେ ସ୍ତ୍ରୀଲୋକସୁଲଭ ଭଙ୍ଗୀରେ ତାଙ୍କୁ ସାହଚର୍ଯ୍ୟ ଦେବାକୁ ସେ ସେହି ମହିଳା ଅଫିସରଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ । ଏଥିରେ ସ୍ୱାଭିମାନୀ ମହିଳା ଅଫିସର ଜଣକ ଅସ୍ୱସ୍ତି ଓ ଅପମାନିତ ବୋଧ କଲେହେଁ ସେନାବାହିନୀର କଠୋର ଅନୁଶାସନ ଯୋଗୁଁ ଉପରିସ୍ଥଙ୍କର ନିର୍ଦ୍ଦେଶ ମାନିବାକୁ ବାଧ ହେଉଥିଲେ । କ୍ରମେ ତାଙ୍କର ମାନସିକ ଗ୍ଳାନି ଓ ଅବସାଦ ଏତେ ବଢ଼ିଗଲା ଯେ, ସେ ଆତ୍ମହତ୍ୟା ପରି ଏକ ଚରମ ନିଷ୍ପତ୍ତି ନେଲେ । ଏଇ ନିକଟରେ ଆମ ଓଡ଼ିଶାରେ ମଧ୍ୟ କେନ୍ଦ୍ରୀୟ ରିର୍ଜଭ ପୋଲିସ୍ ବାହିନୀରେ ଜଣେ ମହିଳା ହାବିଲ୍‌ଦାରଙ୍କୁ ତାଙ୍କ ଉପରିସ୍ଥ କର୍ମକର୍ତ୍ତାଙ୍କ ଅସଦାଚରଣ ଖବର ଖବରକାଗଜମାନଙ୍କରେ ପ୍ରକାଶିତ ହୋଇଅଛି ।

ଏଇଠି ପ୍ରତ୍ୟେକ ସଚେତନ ନାରୀମନରେ ପ୍ରଶ୍ନ ଉଠେ, କର୍ମକ୍ଷେତ୍ରରେ ପୁରୁଷର ସମକକ୍ଷ ହେବାକୁ ନାରୀଟିଏ ଯେତେବେଳେ ଆଗେଇ ଆସେ, ସେତେବେଳେ କିଛି ପୁରୁଷ ତା'ପ୍ରତି ଏପରି ମନୋଭାବ କାହିଁକି ପୋଷଣ କରନ୍ତି ? ସେନା କିମ୍ବା ପୋଲିସ୍‌ରେ ନିଯୁକ୍ତି ପାଇଁ ଯୋଗ୍ୟ ହେବା ଜଣେ ନାରୀ ପାଇଁ କିଛି ସାଧାରଣ କଥା ନୁହେଁ । ଏଠାରେ ମାନସିକ ଓ ଶିକ୍ଷାଗତ ଯୋଗ୍ୟତା ସହିତ ଶାରୀରିକ ଦକ୍ଷତା ପ୍ରଦର୍ଶନ କ୍ଷେତ୍ରରେ ନାରୀକୁ ବହୁ ନାରୀସୁଲଭ ସୀମାବଦ୍ଧତାକୁ ଅତିକ୍ରମ କରିବାକୁ ହୁଏ, ସମାଜର ଅନ୍ୟ ସାଧାରଣ ବର୍ଗର ପୁରୁଷମାନଙ୍କ ତୁଳନାରେ ଏହି ତେଜସ୍ୱିନୀ ମହିଳାମାନଙ୍କର ଦୈହିକ ଶକ୍ତି ଅଧିକ ହୋଇଥିବାର ସମ୍ଭାବନା ଆଦୌ ଊଣା ନୁହେଁ । ଅବଳା-ଦୁର୍ବଳା କହି କହି ସମାଜ ନାରୀପ୍ରତି ଯେଉଁ ଚିରାଚରିତ ହେୟ ମନୋଭାବ ପୋଷଣ କରିଛି, ସେଥିପ୍ରତି ଏକ ପ୍ରତିବାଦ ତଥା ଆହ୍ୱାନ ଭାବରେ ଏମାନେ ସାମରିକ କିମ୍ବା ପୋଲିସ୍ ଚାକିରିର କ୍ୟାରିୟର ବାଛିଥିବେ । ଏହି ନିଯୁକ୍ତିର ଉପଯୁକ୍ତ ହେବାପାଇଁ ସେମାନଙ୍କୁ ଯେଉଁ

Source: Author, Digitized by PPRACHIN, SOA

ତାଲିମ ଓ ଅଧ୍ୟବସାୟ ଭିତର ଦେଇ ଯିବାକୁ ପଡ଼ିଥିବ, ତାହା ନିଶ୍ଚୟ ଜଣେ ଅବଳା-ଦୁର୍ବଳାର ଭୂମିକା ନୁହେଁ ।

କିନ୍ତୁ ସେମାନଙ୍କର ପୁରୁଷ-ଉପରିସ୍ଥ ନାରୀମନର ସେହି ସଂକଳ୍ପ ଓ ସାଧନାକୁ ବିଚାରକୁ ନେଲେନାହିଁ । ପୁରୁଷଙ୍କ ସହିତ ସମାନ ୟୁନିଫର୍ମ ପିନ୍ଧିଥିବା ଏହି ନାରୀମାନଙ୍କର କେବଳ ଦେହଟି ହିଁ ସେମାନଙ୍କୁ ଦୃଶ୍ୟ ହେଲା । ସେମାନେ ହୁଏତ ଭାବିଲେ ଯେ, ପ୍ରତିରକ୍ଷା ବା ସୁରକ୍ଷା ସେବାରେ ନିଯୁକ୍ତି ପାଇଲେହେଁ ନାରୀ ସବୁବେଳେ ପୁରୁଷର ସେବା ଓ ମନୋରଞ୍ଜନ ପାଇଁ ନିୟୋଜିତ ହେବା ଉଚିତ ।

ସମାଜରେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପୁରୁଷର ପ୍ରାଧାନ୍ୟ ଆଜି ମଧ୍ୟ ବଳବତ୍ତର ରହିଛି । ନାରୀପୁରୁଷଙ୍କର ସମାନତାର ତଥାକଥିତ ସ୍ଲୋଗାନ ଧନତାନ୍ତ୍ରିକ ସମାଜର ଆର୍ଥିକ ସୁବିଧାବାଦ ଓ ଭୋଟ ରାଜନୀତିର ପଶାଖେଳରେ ଏକ ଚାଲ୍ ହୋଇ ରହିଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ସମାଜର ଅଧିକାଂଶ କାର୍ଯ୍ୟକ୍ଷେତ୍ରରେ ପ୍ରଧାନ ସ୍ଥାନରେ ଥିବା ପୁରୁଷ ଜଣେ ନାରୀ ସହକର୍ମୀର ଯଥାର୍ଥ ବନ୍ଧୁ, ହିତୈଷୀ ଓ ମାର୍ଗଦର୍ଶକ ହୋଇପାରିଲେ ହିଁ ଯୁଗ ଯୁଗ ଧରି ଭୋଗି ଆସିଥିବା ହୀନମନ୍ୟତାରୁ ନାରୀ ଧୀରେ ଧୀରେ ମୁକ୍ତ ହେବାର ପରିବେଶ ସୃଷ୍ଟି ହୋଇପାରିବ । ପୁନଶ୍ଚ ପୁରୁଷର ସେବାଦାସୀ ଓ ଯୌନକ୍ରୀଡ଼ନକ ସାଜି ନାନାଦି ସାମାଜିକ ସୁବିଧାସୁଯୋଗ ଉପଭୋଗ କରିବାର ଭୂମିକାକୁ ଅଗ୍ରାହ୍ୟ କରି ଯେଉଁଠି ଆତ୍ମାଭିମାନୀ ନାରୀଟିଏ କଠିନ ଅଧ୍ୟୟନ ଓ ଅଧ୍ୟବସାୟ ଦ୍ୱାରା ପୁରୁଷର ସମଯୋଗ୍ୟତାସମ୍ପନ୍ନ ଏକ କର୍ମଭୂମିରେ ପାଦ ରଖୁଛି, ସେଠାରେ ସେହି ନାରୀ ପ୍ରତି ପୁରୁଷର ଅଧିକ ଶ୍ରଦ୍ଧା, ସମ୍ମାନ ଓ ସହଯୋଗର ଭାବ ରହିବା ଉଚିତ । ତା'ହେଲେ କେବଳ ସମାଜରେ ନାରୀ-ପୁରୁଷର ଯୁଗ୍ମ ବିକାଶର ସୁଦୃଢ଼ ମାନବୀୟ ଭିତ୍ତି ସ୍ଥାପିତ ହେବ ।

କିନ୍ତୁ ସମ୍ପ୍ରତି ସମାଜରେ ଏପରି ହେଉନାହିଁ । ଆର୍ଥନୀତିକ ସ୍ୱାବଲମ୍ବନଶୀଳତା, ବୌଦ୍ଧିକ ବିକାଶ ଓ ସାମାଜିକ ସମ୍ମାନ ଆଶାରେ ସାମ୍ପ୍ରତିକ ନାରୀ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷର ସମଯୋଗ୍ୟତାସମ୍ପନ୍ନ ହୋଇ ଯୋଗଦେବା ଆଜି ଦୈନଦିନର ସାଧାରଣ ଘଟଣା ହୋଇଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହିଯେ, ନାରୀକୁ ସହକର୍ମିଣୀ ଅପେକ୍ଷା ଯୌନବିଳାସର ଉପଭୋଗ ସାମଗ୍ରୀ ଭାବରେ ଦେଖିବାରେ ପୁରୁଷର ଦୃଷ୍ଟିକୋଣର କୌଣସି ପରିବର୍ତ୍ତନ ହୋଇନାହିଁ । ସେଥିପାଇଁ କର୍ମକ୍ଷେତ୍ରରେ ମହିଳା କର୍ମଚାରୀମାନଙ୍କ ପ୍ରତି ଯୌନଉତ୍ପୀଡ଼ନର ହାର ବଢ଼ି ବଢ଼ି ଚାଲିଛି । ପରିସ୍ଥିତି ଏପରି ହୋଇଛି ଯେ, ବହୁକ୍ଷେତ୍ରରେ ଅଧିକ ଯୋଗ୍ୟତା ଓ ଆତ୍ମମର୍ଯ୍ୟାଦାସମ୍ପନ୍ନ ମହିଳା କର୍ମଚାରୀଙ୍କ ତୁଳନାରେ ଉପରିସ୍ଥଙ୍କର ଯୌନଶୋଷଣକୁ ମାନି ନେଉଥିବା ମହିଳା କର୍ମଚାରୀଙ୍କୁ କର୍ମକ୍ଷେତ୍ରରେ ପଦୋନ୍ନତି ଓ ପ୍ରତିଷ୍ଠା ସହଜରେ ଓ ଶୀଘ୍ର ମିଳିଯାଉଛି ।

Source: Author, Digitized by PPRACHIN, SOA

ତେଣୁ ଯୌନଶୋଷଣକୁ ସ୍ୱୀକାର କରିନେବାକୁ କେତେକ ସୁବିଧାବାଦୀ ନାରୀ ଉନ୍ନତିର ସୋପାନ ବୋଲି ଭାବୁଛନ୍ତି । ଫଳରେ ଆତ୍ମସମ୍ମାନର ପ୍ରଶ୍ନ ତୋଳୁଥିବା ମହିଳା କର୍ମଚାରୀ ନାନା ପ୍ରତ୍ୟକ୍ଷ ଓ ପରୋକ୍ଷ ଅବହେଳା ତଥା ମାନସିକ ନିର୍ଯ୍ୟାତନାର ଶିକାର ହୋଇ କ୍ରମଶଃ ଯୋଗ୍ୟତା ଓ ଦକ୍ଷତା ଉପରୁ ଆସ୍ଥା ହରାଇବା ସହିତ ଏକ ପୁରୁଷପ୍ରଧାନ ସମାଜରେ ନାରୀସ୍ୱାଧୀନତା ଓ ସମାନତାର ଧାରଣା ଉପରୁ ମଧ୍ୟ ବିଶ୍ୱାସ ହରାଉଛନ୍ତି ।

ସେ ପୁରୁଷ ହୁଅନ୍ତୁ ବା ନାରୀ, ଯୋଗ୍ୟତା ଅପେକ୍ଷା ଉପଭୋଗ ଓ ସୁବିଧାବାଦର ମାପକାଠିରେ ଯେତେବେଳେ କାର୍ଯ୍ୟଦକ୍ଷତା ନିର୍ଦ୍ଧାରିତ ହୁଏ, ସେତେବେଳେ ଜ୍ଞାନ-ବିଜ୍ଞାନର ସମସ୍ତ ବିକାଶ ସତ୍ତ୍ୱେ ମାନବିକତା ରସାତଳକୁ ଯିବା ନିଧାର୍ଯ୍ୟ ହୋଇଯାଏ । ମହିଳା ଅଫିସରଙ୍କ ଆତ୍ମହତ୍ୟାକୁ ନେଇ ଉଠୁଥିବା ବିରୋଧର ସ୍ୱରକୁ ଚୁପ୍ କରିବାକୁ ଯାଇ ସେନାବାହିନୀର ପଦସ୍ଥ କର୍ତ୍ତା କହିଲେ ଯେ, ''ସେନାରେ ମହିଳାଙ୍କର ଆବଶ୍ୟକତା ନାହିଁ ।'' ତା'ମାନେ କ'ଣ ଯଦି ନାରୀମାନେ ସେନାରେ ଯୋଗ ଦିଅନ୍ତି, ତେବେ ପୁରୁଷସୈନିକମାନଙ୍କର ଭୋଗଲାଳସାର ଶିକାର ହେବା ତାଙ୍କର ନିୟତି ?

ସେନାବାହିନୀର ଉଚ୍ଚ ମୂଲ୍ୟବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଅନୁଶାସନ ଭିତରେ ଯଦି ଆତ୍ମଶାସନର ଏପରି ତୀବ୍ର ଅଭାବ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ କିଏ ଅଧିକ ଦାୟୀ ? ନିଜକୁ ଶକ୍ତ, ସମର୍ଥ ବୋଲାଉଥିବା ପୁରୁଷ ନା ସେହି ଶକ୍ତି ସାମର୍ଥ୍ୟ ଉପରେ ଆସ୍ଥା ରଖି ବିଳାସସଙ୍ଗିନୀ ନ ହୋଇ ବିପଦସଙ୍ଗିନୀ ହେବାକୁ ମନ ବଳାଇଥିବା ଉଚ୍ଚମନା-ସାହସିନୀ ନାରୀ ?

○

Source: Author, Digitized by PPRACHIN, SOA

ଆତ୍ମପ୍ରତାରଣାର ପବିତ୍ର କର୍ତ୍ତବ୍ୟ

ସମାଜରେ ନାରୀ ସପକ୍ଷରେ ସ୍ୱରଉତ୍ତୋଳନ କଲାବେଳେ ଭୁଲିଯିବା ଉଚିତ ନୁହେଁ ଯେ, ନାରୀର ସବୁଠାରୁ ବଡ଼ ଶତ୍ରୁ ହେଉଛି ନାରୀ-ପୁରୁଷ ନୁହେଁ ! ଏହି କଠୋର ମତାମତକୁ କୌଣସି ସମୟରେ ଏଡ଼ାଇ ଯାଇହୁଏ ନାହିଁ । ବୋହୂଟିର ଦେହରେ କିରାସିନି ଢାଳିବାବେଳେ ଶାଶୁ ନଣନ୍ଦ ଅଧିକ ସକ୍ରିୟ ଥାଆନ୍ତି । ଯୁବତୀଟିଏ ବିକ୍ରି ହେଲାବେଳେ ଦଲାଲି କରୁଥିବା ଲୋକମାନଙ୍କ ମଧ୍ୟରେ ନିଶ୍ଚୟ କେହି ନାରୀ ଥାଏ ।

ଅନ୍ୟକଥା ଛାଡ଼ନ୍ତୁ, କନ୍ୟାଭ୍ରୁଣଟିକୁ ଯିଏ ଗର୍ଭରୁ ହତ୍ୟାକରେ, ସେ ଅନ୍ୟ କେହି ନୁହେଁ, ଜଣେ ନାରୀ- ନିଜେ ଗର୍ଭଧାରିଣୀ ମାଆ । ତେଣୁ ଏହି ନିଷ୍ଠୁର ସତ୍ୟକୁ ଅସ୍ୱୀକାର କରିହୁଏନା ଯେ, ସମାଜରେ ନାରୀର ଶତ୍ରୁ ଭାବରେ ନାରୀ ଯେତେ ଅଧିକ କ୍ରିୟାଶୀଳ ହୋଇଛି, ପୁରୁଷ ହୁଏତ ସେତେ ହୋଇନାହିଁ । ଯୋଗଜନ୍ମା ସାମ୍ୟବାଦୀ ଚିନ୍ତାନାୟକ କାର୍ଲମାର୍କ୍ସ ନାରୀର ଏହି ବିଚିତ୍ର ମାନସିକତାକୁ ଲକ୍ଷ୍ୟକରି କହିଥିଲେ ଯେ, ଗୋଟିଏ ପରିବାରରେ ସ୍ୱାମୀ ବୁର୍ଜୋୟା ହେଲେ ସ୍ତ୍ରୀ ପ୍ରୋଲିଟେରିଏଟ୍ ବା ସର୍ବହରା ।

କିନ୍ତୁ ଅନ୍ୟ ସର୍ବହରା(କୃଷକ, ଶ୍ରମିକ)ଙ୍କ ଭିତରେ ଶ୍ରେଣୀ ସଚେତନତା ସୃଷ୍ଟି ହେଲେହେଁ ନାରୀ ଭିତରେ ସେହି ଶ୍ରେଣୀ ସଚେତନତା ସୃଷ୍ଟି ହୁଏ ନାହିଁ। ସ୍ତ୍ରୀ ଲୋକମାନେ କେବେହେଲେ 'ଆମ୍ଭେମାନେ' ବୋଲି ଗୌରବର ସହ କହନ୍ତି ନାହିଁ। ବରଂ ଯେଉଁ ସମାଜ ବ୍ୟବସ୍ଥାରେ ନାରୀ ନିପୀଡ଼ିତ ଶୋଷିତ ହେଉଥାଏ, ସେହି ସମାଜ ବ୍ୟବସ୍ଥାକୁ ସମ୍ମାନ ଦେଇ ଜଣେ ନାରୀ ଆଉ ଜଣେ ନାରୀକୁ ଶୋଷଣ କରେ। ତା'ପରେ ନାରୀକୁ ନିପୀଡ଼ିତ ନିର୍ଯାତିତ କରିବା ପାଇଁ ନିଜେ ନାରୀ ପିତୃପ୍ରଧାନ ସମାଜର ଏକ ସ୍ୱୟଂଚାଳିତ ହତିଆର୍ ପାଲଟିଯାଏ। ତେଣୁ ସେ ବଧୂହତ୍ୟା ହେଉ ବା କନ୍ୟାଭ୍ରୁଣହତ୍ୟା- କୌଣସି ନିର୍ମମ, ନିଷ୍ଠୁର ନାରୀହତ୍ୟା କାର୍ଯ୍ୟ ନାରୀ ପାଇଁ ପାପ କିମ୍ବା ନିନ୍ଦନୀୟ ହୋଇ ରହେନାହିଁ ।

ଏହିସବୁ କାର୍ଯ୍ୟ ପୁରୁଷପ୍ରଧାନ ବ୍ୟବସ୍ଥାର ଅନୁକୂଳରେ ଯାଉଥିବାରୁ ନାରୀ ଏଥିରେ ବରଂ ଏକ ହିଂସ୍ର ଆତ୍ମପ୍ରସାଦ ଲାଭ କରେ ଯେ, ସେ ସମାଜ ଓ ପରିବାରର ଚାହିଦାକୁ ଚାହିଁ ଏହି କାର୍ଯ୍ୟ କରିଅଛି । ସବୁବେଳେ ନିଜର ଶ୍ରେଣୀସ୍ୱାର୍ଥର ବିରୋଧରେ ଯାଉଥିବା ନାରୀ ଅତି ଆନନ୍ଦରେ ଅନ୍ୟ ନାରୀକୁ ନିପାତ କରି ପିତୃପ୍ରଧାନ ସମାଜର ପ୍ରିୟଭାଜନ ହେବାକୁ ଚାହେଁ ।

Source: Author, Digitized by PPRACHIN, SOA

ପରିବାରରେ ଝିଅଟିଏ ସମର୍ଥ ଓ ଶିକ୍ଷିତ ହୋଇ ବଢ଼ିଉଠିବାରେ ମା'ର ସବୁଠୁଁ ଅଧିକ ଅବଦାନ ରହିବା କଥା । କିନ୍ତୁ ପ୍ରାୟ ପରିବାରରେ ଝିଅ ଅପେକ୍ଷା ମା' ପୁଅର ଶିକ୍ଷା ଓ ସ୍ୱାସ୍ଥ୍ୟର ଅଧିକ ଯତ୍ନ ନିଏ । ନିଜେ ବଞ୍ଚିତା ହୋଇଥିବା ସୁବିଧା ସୁଯୋଗରୁ ଝିଅଟିକୁ ମଧ୍ୟ ବଞ୍ଚିତ କରି ରଖିବାକୁ ନାରୀଧର୍ମ ଓ ସଂସ୍କାର ବୋଲି ଭାବେ । ଥରେ ଯଦି କୌଣସି ବଞ୍ଚନା ଓ ଲାଞ୍ଛନା ଧର୍ମରେ ପରିଣତ ହୋଇଗଲା, ତେବେ ସେଥିରୁ ଆଉ ମୁକୁଳିବାର ଉପାୟ ନଥାଏ । ତେଣୁ 'ନାରୀଭାଗ୍ୟ ପଥରତଳେ' ନ୍ୟାୟରେ ସେ ଝିଅକୁ ମୁହଁବୁଜି ସବୁ ଅନ୍ୟାୟ ସହିବାକୁ ଓ ମହାନ୍ (?) ହେବାକୁ ଉପଦେଶ ଦେଇଥାଏ ।

ପୁଅଟି ଜ୍ଞାନ-ବିଜ୍ଞାନର ଆଲୋକ ଦେଖିଲାବେଳକୁ ଝିଅଟି ନାରୀଧର୍ମ ନାମରେ ଆତ୍ମନିପୀଡ଼ନର ଅନ୍ଧାରକୁ ଠେଲିହୋଇଯାଏ । ପରମ୍ପରା ନାମରେ ବଂଶାନୁକ୍ରମେ ଜଣେ ଅସହାୟ, ନିର୍ବୋଧ ଆତ୍ମପ୍ରତାରିତା ମା' ପାଖରୁ ଝିଅ ପାଖକୁ ଏହି ଆତ୍ମପ୍ରତାରଣାର ପବିତ୍ର କର୍ତ୍ତବ୍ୟ ହସ୍ତାନ୍ତରିତ ହେଉଥାଏ ।

ଯୁଗ ଯୁଗର ଏହି ଆତ୍ମଦମନ, ସଂକୀର୍ଣ୍ଣତା, ଅନ୍ଧତ୍ୱର ଅନିବାର୍ଯ୍ୟ ଫଳାଫଳ ସ୍ୱରୂପ ନାରୀ ଭିତରେ ହିଂସା, ଲୋଭ, ଈର୍ଷା, ଅସୂୟା ଇତ୍ୟାଦି ନାନା ଅମାନବୀୟ ହୀନ ପ୍ରବୃତ୍ତି ଜନ୍ମ ନିଏ । କହିବା ବାହୁଲ୍ୟ ଯେ, ପୁରୁଷ ବିରୋଧରେ ତାହା ପ୍ରକାଶ କରିବାର ସାହସ ଅଭାବରେ ସେ ପୁରୁଷକୁ ତୁଷ୍ଟ କରିବା ପାଇଁ ନିଜଠାରୁ ଦୁର୍ବଳତର ନାରୀ ଉପରେ ଅତ୍ୟାଚାର କରି ହିଂସ୍ର ଆନନ୍ଦ ପାଏ ।

ଇତିହାସ ଅନୁଶୀଳନ କଲେ ଦେଖାଯାଏ ଯେ, ସାମୂହିକଭାବେ ସମାଜରେ ନାରୀର ମୁକ୍ତି ଓ ସ୍ଥିତି ପାଇଁ ସବୁବେଳେ ପୁରୁଷମାନେ ହିଁ ସଂଗ୍ରାମ କରିଛନ୍ତି । ରାଜା ରାମମୋହନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ମହାତ୍ମାଗାନ୍ଧୀ, ଜବାହାରଲାଲ ନେହେରୁଙ୍କ ପରି ବ୍ୟକ୍ତି ନଥିଲେ ଭାରତୀୟ ନାରୀ ପାଇଁ ସତୀଦାହ, ବାଲ୍ୟବିବାହ ପରି କଳଙ୍କିତ ପ୍ରଥା ଆଜିବି ବଳବତ୍ତର ଥାଆନ୍ତା ।

ତଥାକଥିତ ପରମ୍ପରା ଓ ଧର୍ମ ନାମରେ ନାରୀ ଉପରେ ହେଉଥିବା ନିଷ୍ଠୁରତମ ଅତ୍ୟାଚାରରୁ ନାରୀକୁ ତ୍ରାହି କରିବାରେ ଏହି ମହାମାନବମାନଙ୍କର ସମ୍ବେଦନଶୀଳତାର ପଟାନ୍ତର ନାହିଁ । ନାରୀଭାବରେ ଯେତେ ମହିୟସୀ ଓ ସୁବିଖ୍ୟାତ ହେଲେହେଁ ସମଗ୍ର ନାରୀଜାତିକୁ ଶୋଷଣ କଷଣରୁ ମୁକ୍ତ କରିବାର ଏପରି ଦୃଢ଼ତା ଆଜିଯାଏ କୌଣସି ନାରୀ ଦେଖାଇପାରିନାହାଁନ୍ତି । ସମାଜରେ ଏକ ସୁବିଧାଜନକ ସ୍ଥିତିରେ ଥିବାରୁ ପୁରୁଷର ସ୍ୱଭାବସୁଲଭ ଉଦାରତା ଓ ଜ୍ଞାନର ବିକାଶ ଯୋଗୁଁ ନାରୀ-ପୁରୁଷ ନିର୍ବିଶେଷରେ ମଣିଷ

Source: Author, Digitized by PPRACHIN, SOA

ପ୍ରତି ହେଉଥିବା ଅତ୍ୟାଚାରର ସେ ବିରୋଧ କରେ ଓ ମାନବିକତା ପ୍ରତିଷ୍ଠା ପାଇଁ ଏହି ଆନ୍ଦୋଳନରୁ ନାରୀକୁ ମଧ୍ୟ ମଣିଷଭାବେ ନୂଆ ପରିଚୟ ମିଳେ ।

ସାମ୍ପ୍ରତିକ ସମାଜରେ ନାରୀର ବ୍ୟକ୍ତିଗତ ଓ ସାମାଜିକ ସ୍ଥିତିରେ ବିପୁଳ ପରିବର୍ତ୍ତନ ଆସିଛି । ମୁକ୍ତି ଆଉ ତା' ପାଇଁ ସୁଦୂରପରାହତ ସ୍ୱପ୍ନ ହୋଇ ରହିନାହିଁ । କିନ୍ତୁ ଆଜିର ନାରୀ ଆଦର୍ଶ, ମୂଲ୍ୟବୋଧ ଓ ମାନବିକତାକୁ ନିଜର ବ୍ୟକ୍ତିତ୍ୱରେ ସ୍ଥାନ ନଦେଇ, ଲୋଭ,ଲାଳସା, ସୁବିଧାବାଦ ଓ ବସ୍ତୁବାଦୀ ଉଚ୍ଚାଭିଳାଷକୁ ଅଧିକ ପ୍ରଶୟ ଦେଉଛି । ଉପଭୋକ୍ତାବାଦୀ ସଭ୍ୟତା ଓ ସଂସ୍କୃତିର ପ୍ରଭାବ ଯେତିକି ପ୍ରବଳ ହେଉଛି, ସତ୍ୟ, ନ୍ୟାୟ ଓ ସମ୍ବେଦନଶୀଳତାର ମାନଦଣ୍ଡ ଯେମିତି ନିମ୍ନଗାମୀ ହେଉଛି ।

ଉପଭୋକ୍ତା ସମାଜର ବ୍ୟବସାୟିକ ପ୍ରତିଯୋଗିତାରେ ମାତିଥିବା ଆଜିର ନାରୀ ଜାଣିପାରୁନାହିଁ ଏହି ଆତ୍ମିକ ସ୍ଖଳନ ଯୋଗୁଁ ପୁରୁଷ ତୁଳନାରେ ସେ ନିଜେ ହିଁ ଅଧିକ ସଂକଟଗ୍ରସ୍ତ ହେବ । ନିଜେ ହିଁ ନିଜକୁ ବିପଣୀର ପଣ୍ୟଦ୍ରବ୍ୟ କିମ୍ୱା ଦଲାଲ ସଜାଇଦେଲେ, ଭବିଷ୍ୟତର କନ୍ୟାସନ୍ତାନମାନଙ୍କ ପାଇଁ ଯେଉଁ ଭୟଙ୍କର ସମାଜ ସେ ଛାଡ଼ିଦେଇଯିବ, ସେଥିପାଇଁ କୌଣସି ସଚେତନ ମଣିଷ ତାକୁ କେବେହେଲେ କ୍ଷମା କରିବ ନାହିଁ । ପୁରୁଷ ପରି ଅତ୍ୟାଚାରୀ,ବିଳାସୀ ହେବା ନତୁବା ଅସହାୟ ହୋଇ ଅତ୍ୟାଚାର ସହିବା ଆଜିର ନାରୀର ଲକ୍ଷ୍ୟ ନୁହେଁ । ବରଂ ନାରୀସୁଲଭ କୋମଳତା ସହିତ ପୁରୁଷସୁଲଭ ଦୃଢ଼ତା ପ୍ରଦର୍ଶନ କରି ପ୍ରତ୍ୟେକ କନ୍ୟାସନ୍ତାନ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଓ ମାନବିକତାପୂର୍ଣ୍ଣ ସମାଜ ଗଠନ କରିବା ପାଇଁ ନିଜର ଶିକ୍ଷା, ଦୀକ୍ଷା, ସ୍ୱାଧୀନତା ଓ ସ୍ୱାବଲମ୍ୱନଶୀଳତାକୁ ପ୍ରୟୋଗ କରିବା ଆଜି ତା' ପାଇଁ ବାସ୍ତବ ସାମାଜିକ ଆବଶ୍ୟକତା ହୋଇଉଠିଛି ।

ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଏହି ଆବଶ୍ୟକତାକୁ ପୂରଣ କରିବାରେ ପଦକ୍ଷେପ ନେଉଥିବା ନାରୀ କେବଳ ନାରୀର ମିତ୍ର ହୋଇପାରେ । ନହେଲେ ସେ ମା', ଭଉଣୀ, ବାନ୍ଧବୀ, ଶିକ୍ଷୟିତ୍ରୀ ବା ଅନ୍ୟ ଯେ କେହି ହେଉ ନା କାହିଁକି, ସେ କେବଳ ନାରୀର ଶ୍ରେଣୀଶତ୍ରୁ ଭାବରେ ହିଁ କାର୍ଯ୍ୟ କରିବ, ନାରୀକୁ ମଣିଷ କରି ଗଢ଼ିପାରିବ ନାହିଁ ।

୦

Source: Author, Digitized by PPRACHIN, SOA

ସୁନ୍ଦର ଶରୀର ଓ କଳ୍ପନାର ବିଭ୍ରମ

ବସରେ ଯାଉଥିବାବେଳେ ଜଣେ ତରୁଣ ଜଣେ ତରୁଣୀ ପରି ଦିଶୁଥିବା ବୟୋଜ୍ୟେଷ୍ଠା ମହିଳାଙ୍କୁ 'ମାଉସୀ ଟିକେ ସାଇଡ଼ ଦିଅ' ବୋଲି କହିଦେଲା । ମହିଳାଙ୍କର କ୍ରୋଧ ତ ପଞ୍ଚମରେ । କ୍ରୋଧର କାରଣ ହେଉଛି ଯୁବକ ଜଣକର 'ମାଉସୀ' ସମ୍ବୋଧନ । ଅନ୍ୟ ଯାତ୍ରୀମାନେ ହତଭମ୍ବ ଯୁବକଟିକୁ ବୁଝାଇଥିଲେ, ''ସେ କ'ଣ ମାଉସୀ ପରି ଦିଶୁଛନ୍ତି ?'' କେହି କେହି ସ୍ମିତହାସ୍ୟ କରୁଥା'ନ୍ତି । ସମଗ୍ର ଘଟଣାଟି ଭାବାନ୍ତର ସୃଷ୍ଟି କଲା । ମା' ମାଉସୀ ହେବା ବୟସରେ ତରୁଣୀ ଦିଶିବାଟା ନାରୀର ଭୁଲ ନା ତରୁଣୀ ଦିଶୁଥିବା ନାରୀକୁ ମା'-ମାଉସୀ ବୋଲି କହିବା ଭୁଲ... !

ଭାରତୀୟ ପରମ୍ପରାରେ ଦେବୀ, ଦୁର୍ଗା ଲକ୍ଷ୍ମୀ, ସରସ୍ୱତୀ ଓ ଅନ୍ୟ ଦେବୀମାନଙ୍କୁ ବୟସ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଭକ୍ତି ଓ ଶ୍ରଦ୍ଧାରେ ମା' ବୋଲି ସମ୍ବୋଧନ କରିଥା'ନ୍ତି । ସାଧୁସନ୍ଥମାନେ ନାରୀମାନଙ୍କୁ ମା' ବୋଲି ସମ୍ବୋଧନ କରିଥା'ନ୍ତି । ଏପରିସ୍ଥଳେ ନାରୀ ଜଣକ ବୃଦ୍ଧା ହେବା କିମ୍ବା ବୃଦ୍ଧା ଦିଶିବା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ତାଙ୍କୁ ଦେଖୁଥିବା ମଣିଷର ଦୃଷ୍ଟିକୋଣ ହିଁ ବଡ଼ କଥା । ଆମ ସମାଜରେ ନାରୀଦେହକୁ ନେଇ ଦୃଷ୍ଟିଭଙ୍ଗୀ ହେଉଛି ଉପଭୋଗପ୍ରଧାନ ।

ନାରୀର ରୂପଯୌବନ କେବଳ ପୁରୁଷର ଭୋଗବିଳାସର ଉପାଦାନ- ଏହି ଧାରଣା ସମାଜର ଅସ୍ଥିମଜ୍ଜାରେ ମିଶି ରହିଛି। ନାରୀଦେହଟି ମଧ୍ୟ ଗୋଟିଏ ମଣିଷର ଦେହ ଏବଂ ସେହି ଦେହଟି ଜଣେ ମଣିଷ ଭିତରେ ଥିବା ଅସୀମ ଶକ୍ତି, ସାହସ, ସୌନ୍ଦର୍ଯ୍ୟ ଓ ସମ୍ଭାବନାର ଅଭିବ୍ୟକ୍ତି ପାଇଁ ଉଦ୍ଦିଷ୍ଟ-ପୁରୁଷ କିମ୍ବା ପୁରୁଷକୈନ୍ଦ୍ରିକ ସମାଜ ଏ ଦିଗ ପ୍ରତି ସଚେତନ କିମ୍ବା ସହିଷ୍ଣୁ ହୁଏ ନାହିଁ। ପୁରୁଷର ଦୃଷ୍ଟିକୁ ଅନୁସରଣ କରି ନିଜ ଦେହ ସମ୍ପର୍କରେ ନାରୀ ଠିକ୍ ସେଇ କଥା ହିଁ ଭାବେ।

ତେଣୁ ପୁରୁଷର ସାଂସାରିକ ଭୋଗ ଲାଳସା ଓ ଆବଶ୍ୟକତାକୁ ପୂରଣ କରୁଥିବାଯାଏ ନାରୀ ନିଜର ଯୌବନ ଓ ଶରୀରର ଯତ୍ନ ନିଏ । ସେହି ସମୟ ଅତିକ୍ରାନ୍ତ ହୋଇଗଲେ, ପୁଅ-ଝିଅ ବଡ଼ ହୋଇଗଲେ ନିଜ ଦେହ ଓ ସୌନ୍ଦର୍ଯ୍ୟର ଅନୁରୂପ ଯତ୍ନ ନେବାକୁ ସେ ସଂକୋଚ ଅନୁଭବ କରେ । ପିଲାମାନେ ମଧ୍ୟ

Source: Author, Digitized by PPRACHIN, SOA

ସାମାଜିକ ଚଳଣି ଅନୁଯାୟୀ ମା'ର ଶ୍ରୀହୀନ ଶରୀରକୁ ସମ୍ମାନ(?) କରିବା ଶିଖନ୍ତି । ମା' ଯେତିକି ବେଶୀ ବଞ୍ଚିତା, ଲୁଣ୍ଠିତା, ଅସହାୟ ଓ କରୁଣ ଦିଶୁଥାଏ, ସନ୍ତାନମାନଙ୍କର ଆଦର-ସହାନୁଭୂତି ସେତିକି ଉଛୁଳେ।

ଆମ ସମାଜରେ ଶିକ୍ଷିତା, ଆଧୁନିକା, ସାହସିନୀ ଓ ସୌନ୍ଦର୍ଯ୍ୟମୟୀ ମା'କୁ ନେଇ ପୁଅଟିଏ ଗର୍ବ କରିବାର ପରମ୍ପରା ଆଜି ମଧ୍ୟ ଖୁବ୍ ଆଦୃତ ହୋଇନାହିଁ । ବରଂ ପରିବାର ପାଇଁ ତ୍ୟାଗ କରି କରି ମା'ଟିଏ କିପରି ଅକାଳବାର୍ଦ୍ଧକ୍ୟ ବରଣ କରିଛି, କଥା କଥାକେ ସେହି ଉଦାହରଣ ଦେଇ ସନ୍ତାନମାନେ ବେଶ୍ ଖୁସି ହୁଅନ୍ତି । ଦେବୀଙ୍କୁ ମା' କହି ପୂଜା କଲାବେଳେ, ମା'କୁ ଦେବୀମାନଙ୍କ ପରି ରୂପଗୁଣ-ଶକ୍ତିସମ୍ପନ୍ନା ଭାବରେ ଗାରିମା ଓ ମର୍ଯ୍ୟାଦା ଦେବାକୁ ସେମାନେ ଗୁରୁତ୍ୱ ଦିଅନ୍ତି ନାହିଁ।

ବ୍ୟକ୍ତିଗତ ଓ ସାମାଜିକ ମନସ୍ତତ୍ତ୍ୱରେ ନାରୀର ରୂପଯୌବନ ପ୍ରତି ଏପରି ଅସୁସ୍ଥ ଦୃଷ୍ଟିକୋଣ କିଛି କମ୍ ଅନୁଶୀଳନର ଅପେକ୍ଷା ରଖେନାହିଁ । ଦେବୀମାନଙ୍କ ଅଙ୍ଗରେ ଅଲୌକିକ ଶକ୍ତିର ଆରୋପ କରୁଥିବାରୁ ସେଥିପ୍ରତି ଜୈବିକଲାଳସାପୂର୍ଣ୍ଣ ଦୃଷ୍ଟି ଦେବାକୁ ପୁରୁଷ ଭୟ କରେ । ଦେବୀ କୋପ କଲେ ଭାବେ ତା'ର ଅନିଷ୍ଟ କରିବେ, ସେହି ଭୟରେ ସେଠାରେ ସେ ସୌନ୍ଦର୍ଯ୍ୟ ଓ ଯୌବନର ଶକ୍ତିକୁ ମା' ଭାବରେ ପୂଜା କରେ । କିନ୍ତୁ ସାଧାରଣ ନାରୀ କ୍ଷେତ୍ରରେ ତା'ର ସୀମିତ ସଂକୀର୍ଣ୍ଣ ଦୃଷ୍ଟିକୋଣ ତାକୁ ସେ କଥା କଳ୍ପନା କରିବାକୁ ସୁଯୋଗ ଦିଏନାହିଁ ।

ନାରୀର ସୁନ୍ଦର ଶରୀର ସହିତ ସବୁବେଳେ ପୁରୁଷର ଜୈବିକ ଉପଭୋଗର ଆବଶ୍ୟକତା ଯୋଡ଼ିହୋଇ ରହୁଥିବାରୁ ସମାଜ ନାରୀର ବ୍ୟକ୍ତିତ୍ୱ ଓ ସୌନ୍ଦର୍ଯ୍ୟକୁ ଗୋଟିଏ ଆଧାରରେ ରଖି ସହଜରେ ଶ୍ରଦ୍ଧା ସମ୍ମାନ ଦେଇପାରେ ନାହିଁ । ସନ୍ତାନମାନେ ବୟଃପ୍ରାପ୍ତ ହେଲେ କିମ୍ବା ନାରୀ ପତିହରା କିମ୍ବା ପତି-ପରିତ୍ୟକ୍ତା ହୋଇଗଲେ, ନିଜ ଶରୀରର ସ୍ୱାସ୍ଥ୍ୟ-ସୌନ୍ଦର୍ଯ୍ୟ ଓ ପ୍ରସାଧନ ପ୍ରତି ଯତ୍ନ କରିବା ସତେ ଯେପରି ଏକ ଅପରାଧ ହୋଇଯାଏ । ଯେହେତୁ ପୁରୁଷ ପାଇଁ ତା' ଶରୀରର ଜୈବିକ ଆବଶ୍ୟକତା ଶେଷ ହୋଇଯାଇଛି, ତେଣୁ ତା'ର ନିଜ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରି ରଖିବା ପୁରୁଷପ୍ରଧାନ ସମାଜରେ ଏକ ଅସହିଷ୍ଣୁତାର ବାତାରଣ ସୃଷ୍ଟି କରେ । ଖୋଦ୍ ନାରୀର ମଧ୍ୟ ଏଥିରେ କିଛି କମ୍ ନକାରାତ୍ମକ ଅବଦାନ ନାହିଁ ।

ମା'ଟିଏ ମା' ପରି ଦିଶିବାର ଦ୍ୱାହିରେ ନିଜକୁ କ୍ଷୟ କରି କରି ଯାବତୀୟ ହୀନମନ୍ୟତାରେ ଘାରି ହେଉଥିବା ନାରୀ ଆଉ ଜଣେ ନାରୀର ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ଈର୍ଷା ଓ ସମାଲୋଚନା କରେ । ଅଥଚ ଭିତରେ ଭିତରେ ଗ୍ଲାନି ଓ ଅବସାଦରେ ପୀଡ଼ିତ ହୋଇ ଶେଷକୁ ମାନସିକ ବିକୃତିର ଶିକାର ହୋଇପଡ଼େ । ଅନ୍ୟପକ୍ଷରେ

Source: Author, Digitized by PPRACHIN, SOA

ନିଜ ସୌନ୍ଦର୍ଯ୍ୟ ପ୍ରତି ସଚେତନ ନାରୀକୁ କେହି ଯଦି ମା' କିମ୍ବା ମାଉସୀ ବୋଲି ଡାକିଦିଏ, ତେବେ ସେହି ନାରୀ ମଧ୍ୟ ଅପମାନିତ ବୋଧ କରେ । କାରଣ ନିଜ ଦୃଷ୍ଟିରେ ନିଜ ସୌନ୍ଦର୍ଯ୍ୟକୁ ସେ କେବଳ ପିତୃପ୍ରଧାନ ସମାଜର ମାନସିକତା ଅନୁଯାୟୀ ଏକ ଭୋଗ୍ୟପଦାର୍ଥ ଭାବରେ ଦେଖିଆସିଛି । ତେଣୁ ମା'-ମାଉସୀ ଡାକି ପୁରୁଷଟିଏ ତା'ର ସୌନ୍ଦର୍ଯ୍ୟକୁ ସମ୍ମାନ ଦେଉଛି ବୋଲି ଭାବିବା ବଦଳରେ ସେ ଭାବେ ପୁରୁଷ ତା' ସୌନ୍ଦର୍ଯ୍ୟକୁ ଅବମାନନା କରୁଛି । ନାରୀଦେହରେ ଦୀର୍ଘସ୍ଥାୟୀ ରୂପଯୌବନ ଓ ସାମର୍ଥ୍ୟକୁ ଦେଖିବାର ଏହି ଦୁଇଟିଯାକ ଦିଗ ଅତ୍ୟନ୍ତ ରୁଗ୍ଣ ଓ ନାରୀ-ପୁରୁଷ ଉଭୟଙ୍କ ପାଇଁ ସମ୍ପର୍କର ଅସମ୍ମାନଜନକ ବାତାବରଣ ହିଁ ସୃଷ୍ଟି କରିଥାଏ ।

ପ୍ରତ୍ୟେକ ମଣିଷ ପାଇଁ ତା'ର ଦେହର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରସିଦ୍ଧ କଥାକାର ଅକିଲନ୍ ତାଙ୍କର 'ସ୍ୱର୍ଣ୍ଣପୁଷ୍ପ' ଉପନ୍ୟାସର ଡାକ୍ତରାଣୀ ନାୟିକା 'ଶଙ୍କରୀ'ଙ୍କର ବୟସଠାରୁ ତରୁଣୀ ଦିଶୁଥିବା ଦେହ ସପକ୍ଷରେ କହିବାକୁ ଯାଇ ତାଙ୍କରି ମୁହଁରେ କୁହାଇଛନ୍ତି ଯେ, ସେହି ଦେହଟି ତାଙ୍କ ପାଇଁ ଅମୂଲ୍ୟ ସମ୍ପଦ। ଏକି ପବିତ୍ର ଆଧାର। କାରଣ ସେହି ଦେହଟି କେତେ ରୋଗୀଙ୍କର ସେବା କରେ, କେତେ ମରଣାସନ୍ନ ଲୋକଙ୍କୁ ସ୍ନେହ, ସାନ୍ତ୍ୱନା ଦିଏ। ତେଣୁ ସେ ନିଜର ଦେହଟିର ଖୁବ୍ ଯତ୍ନ ନିଅନ୍ତି ଓ ତାହାହିଁ ତାଙ୍କର ସୌନ୍ଦର୍ଯ୍ୟ ଏବଂ ଯୌବନର ମର୍ଯ୍ୟାଦା ଅଟେ।

ସେହିପରି ମଣିଷର ଦେହର ସୌନ୍ଦର୍ଯ୍ୟ ସମ୍ପର୍କରେ ବିଶ୍ୱବିଖ୍ୟାତ ଭାସ୍କର ରୋଦାଁ କହନ୍ତି – ମଣିଷର ଶରୀର ଏକ ଜୈବିକ ବସ୍ତୁ ମାତ୍ର ନୁହେଁ, ଏହା ଏକ ମନ୍ଦିର । ଚଳମାନ ଏହି ମନ୍ଦିରଟି ଭାବେ, କଥା କହେ... । ଶରୀର ସାମର୍ଥ୍ୟ, ସୌନ୍ଦର୍ଯ୍ୟ ଓ ତାରୁଣ୍ୟକୁ ଧରି ରଖିବାର ପ୍ରଚେଷ୍ଟା ଏକା ନାରୀର ନୁହେଁ, ନାରୀ-ପୁରୁଷ ନିର୍ବିଶେଷରେ ସବୁ ମଣିଷଙ୍କର । ଅଧିକ ବୟସରେ ଯୁବସୁଲଭ ଉତ୍ସାହ ଓ ମନୋବଳ ବ୍ୟକ୍ତିକୁ ଅଧିକ ଯୋଗ୍ୟତାସମ୍ପନ୍ନ କରିଥାଏ । ତରୁଣସୁଲଭ ମାନସିକତା ଓ ବୟସର ଅଭିଜ୍ଞତା ମିଶି ଯେତେବେଳେ ଗୋଟିଏ ଶରୀରରେ କ୍ରିୟାଶୀଳ ହୁଏ, ସେତେବେଳେ ଜ୍ଞାନ ଅନୁଭବ ଓ ସାମର୍ଥ୍ୟର ତେଜରେ ତେଜୀୟାନ ଜଣେ ଦେବୀ କିମ୍ବା ଦେବତା ପ୍ରତ୍ୟକ୍ଷ ହେବାର ସମ୍ଭାବନା ସୃଷ୍ଟି ହୁଏ ।

ଦୀର୍ଘସ୍ଥାୟୀ ରୂପ, ଯୌବନ କର୍ମଦକ୍ଷତା ମଣିଷକୁ ଏକ ବିରଳ ମନୋବଳ ତଥା ଆତ୍ମବିଶ୍ୱାସ ପ୍ରଦାନ କରେ, ଯାହାଫଳରେ ସେ ମାନସିକ ଗ୍ଳାନି, ଅବସାଦ କିମ୍ବା ହୀନମନ୍ୟତାରେ ପୀଡ଼ିତ ହୁଏନାହିଁ । ନିଜକୁ ତରୁଣ ଓ କାର୍ଯ୍ୟକ୍ଷମ ଭାବେ ବିଚାର କରୁଥିବା ବୟସ୍କ ବ୍ୟକ୍ତିମାନେ ପ୍ରାୟତଃ ସନ୍ତାନମାନଙ୍କ ଉପରେ ଅଯଥା

Source: Author, Digitized by PPRACHIN, SOA

ବୋଝ ହେବାକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ ଏହିପରି ଏକ ମାନସିକତାରୁ ଦୂରେଇ ରହିବାକୁ ଅଧିକାଂଶ ନାରୀ ନିଜର ମର୍ଯ୍ୟାଦା ବୋଲି ଭାବୁଥିବାରୁ ଅବଚେତନରେ ଅସ୍ଥିରତା ସୃଷ୍ଟି ହୁଏ ଓ ସେମାନେ ମାନସିକ ଡିପ୍ରେସନର ଶିକାର ହୋଇପଡ଼ନ୍ତି ।

ସୁଖର କଥା, ଆଜିର କର୍ମଜୀବୀ ନାରୀ ନିଜର ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ ପ୍ରତି ଖୁବ୍ ସଚେତନ ହେଲାଣି ଓ ତା'ର କର୍ମଜୀବନର ଆତ୍ମବିଶ୍ୱାସ ତାକୁ ଏକ ଦୃଢ଼ବ୍ୟକ୍ତିତ୍ୱ ପ୍ରଦାନ କଲାଣି । ସମାଜର ବିଭିନ୍ନ କର୍ମପରିସରର ବହୁକ୍ଷେତ୍ରରେ ଏପରି ହାଇ-ଟେକ୍ ମା'ମାନଙ୍କୁ ଦେଖିଲେ ମନେହୁଏ ଯଦି ତାଙ୍କର ପୁଅଝିଅମାନେ ସେମାନଙ୍କର ଏହି ରୂପକୁ ସ୍ୱୀକାର ଓ ସମ୍ମାନ ନ କରିପାରିବେ, ତେବେ ସେହି ରୁଗ୍ଣ ଓ ଅପରିପକ୍ୱ ତାରୁଣ୍ୟକୁ ପଛରେ ପକାଇ ସେମାନେ ସୁସ୍ଥ, ପରିପକ୍ୱ, ଉଦାର ଏବଂ ଅଭିଜ୍ଞ ତରୁଣମାନଙ୍କର ନିଆରା ସମାଜଟିଏ ଗଢ଼ିବା ପାଇଁ ନିଶ୍ଚୟ ଆଗେଇଯିବେ ।

○

Source: Author, Digitized by PPRACHIN, SOA

ପ୍ରକୃତି ପୁରୁଷ ଓ ପ୍ରବୃତ୍ତି

ଟେଲିଭିଜନ ପରଦାରେ ଅପରାଧ ଓ ଅମାନବିକତାର ବୁକୁଫଟା ଦୃଶ୍ୟ ପ୍ରଦର୍ଶିତ ହୁଏ । ବିଲ ମଝିରେ ପରିତ୍ୟକ୍ତ ଭଙ୍ଗାଘରେ କିମ୍ବା ସ୍କୁଲ ଫେରନ୍ତା ନିରୋଳା ରାସ୍ତାକଡ଼ରେ ପଡ଼ିରହିଛି ପାଞ୍ଚ-ସାତ-ଏଗାର ବର୍ଷର ବାଳିକାମାନଙ୍କର କ୍ଷତବିକ୍ଷତ ରକ୍ତାକ୍ତ ଶବ । ପୋଲିସ ଓ ଦେଖଣାହାରୀଙ୍କ ଗହଳି । ମା'-ବାପାଙ୍କର କରୁଣ କାନ୍ଦଣା... । ଅଧିକାଂଶ ଏପରି ଦୃଶ୍ୟ ଦେଖି ଦର୍ଶକ ପ୍ରାୟ ପ୍ରତିକ୍ରିୟାହୀନ ହୋଇପଡ଼େ । କେଉଁଠି କୁନି ଝିଅଟି ଗଣଧର୍ଷିତା ହୋଇଛି, କେଉଁଠି ବା ଜେଜେବାପା ବୟସର ଷାଠିଏ ପଁଷଠି ବର୍ଷର ବୃଦ୍ଧର କାମଲାଳସାର ଶିକାର ହୋଇ ବଳି ପଡ଼ିଯାଇଛି ନିରୀହ ବାଳିକାଟି । ଦର୍ଶକ ସ୍ୱଗତୋକ୍ତି କରେ-''ଏ ମଣିଷମାନେ ପଶୁ ପାଲଟି ଗଲେଣି ।'' ଖବର କାଗଜରେ ସମ୍ବାଦ ପ୍ରକାଶିତ ହୁଏ, ପାଞ୍ଚବର୍ଷର ଅପ୍ରାପ୍ତ ବୟସ୍କା ବାଳିକା ଉପରେ ଷାଠିଏ ବର୍ଷର ବୃଦ୍ଧର ପାଶବିକ ଅତ୍ୟାଚାର ।

ଏପରି ଘଟଣାରେ ଯୌନବିକୃତିର ଶିକାର ମଣିଷକୁ ଯେତେବେଳେ 'ପଶୁ' ବୋଲି, କୁହାଯାଏ, ସେତେବେଳେ ମନରେ ଖଟ୍‌କା ଲାଗେ । ପଶୁ କ'ଣ ଏତେ କୁତ୍ସିତ, ଏତେ ହୀନ, ଏତେ ହିଂସ୍ର ହୋଇପାରିବ ? ପଶୁପକ୍ଷୀଙ୍କ ଯୌନଆବେଗ ଓ ମିଳନକୁ ଲକ୍ଷ୍ୟ କଲେ ସେଥିରେ ଏକ ସୁନ୍ଦର ଶୃଙ୍ଖଳିତ ସଙ୍ଗମର ଚିତ୍ର ଦେଖିବାକୁ ମିଳେ । ଦୁଇଟି ପାରାବତ ଚଞ୍ଚୁରେ ଚଞ୍ଚୁ ଯୋଖି ଗୁଟରଗୁଁ କଲାବେଳେ ଚାରିଆଡ଼େ ଶୃଙ୍ଗାରର ମଧୁର ମୂର୍ଚ୍ଛନା ଖେଳିଯାଏ ।

କପୋତ-କପୋତୀ କେତେ ଆବେଗରେ କାଠି-କୁଟା-ଜରି ତୁଳା ଗୋଟେଇ ଆଣି ବସା ସଜାଡ଼ନ୍ତି-ପ୍ରେମ କରିବେ ଆଉ ଶାବକମାନଙ୍କୁ ପାଳିବେ ବୋଲି ! ବାଘସିଂହ ଓ ନାଗସାପ ପରି ସମ୍ଭ୍ରାନ୍ତ ପଶୁ ତଥା ସରୀସୃପମାନଙ୍କ ଚରିତ୍ରରେ ଯୌନବିକୃତି ତ' ଦୂରର କଥା, ବରଂ ନିଜର ସାଥୀମାନଙ୍କ ପାଇଁ ଏମାନଙ୍କର ବିଶ୍ୱସ୍ତତା ଓ ସ୍ନେହଶୀଳତାର ପଟାନ୍ତର ନଥାଏ ବୋଲି ପ୍ରାଣୀବିଦ୍‌ମାନେ ମତ ଦିଅନ୍ତି । ଜଣଙ୍କ ବିଚ୍ଛେଦରେ ଆଉଜଣେ ଝୁରିଝୁରି ପ୍ରାଣତ୍ୟାଗ କରିବାର କିମ୍ବା ସାଥୀ-ହତ୍ୟାର ପ୍ରତିଶୋଧ ନେବାର ବହୁ ଉଦାହରଣ ଦେଖିବାକୁ ମିଳେ ।

ପକ୍ଷୀବିଶାରଦ୍‌ମାନେ କହନ୍ତି ଯେ, ଚିଲିକାପରି ହ୍ରଦର ଉଷୁମ ଓ ନିରୋଳା ପରିବେଶରେ ମିଳନର ପର୍ବ ପାଳିବାପାଇଁ ହଜାର ହଜାର ମାଇଲ୍ ଦୂରତା ଲଙ୍ଘି ଉଡ଼ିଉଡ଼ି

Source: Author, Digitized by PPRACHIN, SOA

ଆସନ୍ତି ବିଦେଶୀ ପକ୍ଷୀ ମିଥୁନ । ମୟୂର କିସୁନ୍ଦର ଚନ୍ଦ୍ରିକା ଟେକି ନାଚି ନାଚି ପ୍ରିୟାକୁ ଡାକେ । ଭିତର କନିକା କୁମ୍ଭୀର ଅଭୟାରଣ୍ୟର ଶଙ୍ଖ ଧବଳ କୁମ୍ଭୀର 'ଗୋରୀ'ର କେହି ସାଥୀ ପସନ୍ଦ ନହେବାରୁ, କୌଣସି ପୁରୁଷ କୁମ୍ଭୀର ସହ ତାହାର ସଙ୍ଗମ ସମ୍ଭବ ହେଲାନାହିଁ । ତା' ପାଖରେ ଛଡ଼ାଯାଇଥିବା ପୁରୁଷକୁମ୍ଭୀରମାନେ ତାକୁ ଧର୍ଷଣ କରିପାରିଲେ ନାହିଁ । କିମ୍ବା ଗର୍ଭବତୀ କରାଇ ପାରିଲେନାହିଁ ।

ପଶୁ ପକ୍ଷୀଙ୍କ ଜଗତର ଅନ୍ୟ ଉଦାହରଣ କଥା ଛାଡ଼ନ୍ତୁ– ଯେତେବେଳେ ଆମେ ତାକୁ କୁକୁର ବା କୁତ୍ତା କହି ଗାଳିଦେଉ, ସେତେବେଳେ ଆମେ ଭାବୁନା ଯେ କୁକୁରଟିଏ ମଧ୍ୟ ଅପ୍ରାପ୍ତବୟସ୍କ ମାଈକୁକୁର ଛୁଆଟିଏ ଉପରେ ଯୌନ ଆକ୍ରମଣ କରେନାହିଁ । ରାସ୍ତାଘାଟରେ ଖୋଲାଖୋଲି ସଙ୍ଗମରେ ଲିପ୍ତ ଥିବା କୁକୁର-ବିଲେଇ-ମାଙ୍କଡ଼ କିମ୍ବା ଗାଈ ଗୋରୁଙ୍କ କ୍ଷେତ୍ରରେ ଗଣଧର୍ଷଣ କିମ୍ବା ଅପ୍ରାପ୍ତବୟସ୍କ ପଶୁ ସହ ସଙ୍ଗମ ଆମ୍ଭମାନଙ୍କର କେବେବି ଦୃଷ୍ଟିଗୋଚର ହୁଏନାହିଁ । କୌଣସି ଗର୍ଭିଣୀ ନାରୀପଶୁକୁ ପୁରୁଷପଶୁ କେବେବି ସଙ୍ଗମ ପାଇଁ ବାଛେନାହିଁ । ପୁରୁଷପକ୍ଷୀ ତ' ଅଣ୍ଡା ଉଷୁମାଉଥିବା ସାଥିଟିକୁ ଯେଉଁ ସ୍ନେହସରାଗରେ ଖାଦ୍ୟ ଆଣିଦିଏ, କ୍ୱଚିତ୍ ମଣିଷ ସେହିପରି ଅନୁରାଗ ପ୍ରଦର୍ଶନ କରୁଥିବେ !

ପଶୁପକ୍ଷୀମାନେ ପ୍ରକୃତିର ନିୟମମାନି ଅତ୍ୟନ୍ତ ଶୃଙ୍ଖଳିତ ଯୌନଜୀବନ ଯାପନ କରିଥା'ନ୍ତି । ବୟସ, ଋତୁ ଓ ସଙ୍ଗିନୀର ସମ୍ମତି ପାଇଁ ପଶୁପକ୍ଷୀମାନେ ଯେପରି ପ୍ରକୃତିର ଅନୁଶାସନକୁ ଅନୁସରଣ କରନ୍ତି, ମନୁଷ୍ୟ ସେପରି କରେନାହିଁ । ସମ୍ଭୋଗ ପାଇଁ ଅନୁପଯୁକ୍ତା ଶିଶୁ କନ୍ୟା, ଗର୍ଭବତୀ ନାରୀ, ଏପରିକି ଅଳ୍ପ ବୟସର ବାଳକମାନଙ୍କ ସହ ପୁରୁଷ ବଳପୂର୍ବକ ସମ୍ଭୋଗ କରେ ।

ଅନ୍ୟାନ୍ୟ ପ୍ରାଣୀମାନଙ୍କ ପରି ପୁରୁଷ ମୂଳତଃ ଏକ ଜୈବିକ ପ୍ରାଣୀ ହେଲେହେଁ ଯୌନ ପ୍ରବୃତ୍ତି ଚରିତାର୍ଥ କରିବାରେ ପ୍ରକୃତିର କୌଣସି ଶୃଙ୍ଖଳା ତା' ପାଇଁ ଲାଗୁ ହୁଏନାହିଁ । କାରଣ ମଣିଷ ଏକ ପ୍ରକୃତି ସର୍ବସ୍ୱ ପ୍ରାଣୀ ନୁହେଁ । ତା'ର ମସ୍ତିଷ୍କର ବିକାଶ ତାକୁ ଉନ୍ନତ ଚିନ୍ତା ଚେତନା ଓ ବିବେକର ଅଧିକାରୀ କରାଇଥିବାରୁ ସେ ତା'ର ପ୍ରବୃତ୍ତିକୁ ଆବେଗ ଓ ଆଦର୍ଶ ପଥରେ ନେଇ ପ୍ରେମ ଓ ପରମରେ ପହଞ୍ଚାଇଥାଏ । ଅପରପକ୍ଷେ ନିଜ ମସ୍ତିଷ୍କର କ୍ଷମତାକୁ ଅପପ୍ରୟୋଗକରି ଯଦି ସେ ନିଜର ପ୍ରବୃତ୍ତିକୁ ପ୍ରକୃତିର ପ୍ରତିକୂଳରେ ଚରିତାର୍ଥ କରିବାକୁ ଯାଏ, ତେବେ ସେ ଅତ୍ୟନ୍ତ ହୀନ ତଥା ଅପ୍ରାକୃତିକ ପରିଣତିରେ ମଧ୍ୟ ପହଞ୍ଚିଥାଏ !

ମାନବ ସଭ୍ୟତାର ଇତିହାସ ଅନୁଶୀଳନ କଲେ ଦେଖାଯାଏ, ଧର୍ଷଣ ପ୍ରକ୍ରିୟାଟି କେବଳ ମନୁଷ୍ୟ ପୁରୁଷ ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ। ପଶୁ କିମ୍ବା ନାରୀଙ୍କର ଏହି ଯୋଗ୍ୟତା (?)ଟି ନଥାଏ। ପ୍ରାଗ୍ଐତିହାସିକ କାଳରେ ଯେତେବେଳେ ସମାଜ

Source: Author, Digitized by PPRACHIN, SOA

ମାତୃକୈନ୍ଦ୍ରିକ ଥିଲା ସେତବେଳେ ଏହି ଧର୍ଷଣ କ୍ରିୟାଟିର ଅସ୍ତିତ୍ୱ ନଥିଲା । ସେତେବେଳେ ନିଜର ଯୌନସାଥୀ ବାଛିବାରେ ନାରୀର ଅବାଧ ସ୍ୱାଧୀନତା ଥିଲା । ସେହି ଅସଭ୍ୟ-ବର୍ବର ସମାଜ, ସନ୍ତାନ ଉପରେ ନାରୀ ବା ଜନନୀର ମାଲିକାନାକୁ ଗୁରୁତ୍ୱ ଦେଉଥିବାରୁ ଯୌନ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ନାରୀର ନିଷ୍ପତ୍ତି ହିଁ ଥିଲା ସବୁଠୁ ମହତ୍ତ୍ୱପୂର୍ଣ୍ଣ । ଆଜି ମଧ୍ୟ ଆପାତଃ ଦୃଷ୍ଟିରୁ ଅସଭ୍ୟ ଆଦିବାସୀ ସମାଜରେ ଧର୍ଷଣ ପରି କାର୍ଯ୍ୟକଳାପ ପ୍ରାୟ ଦୃଷ୍ଟିଗୋଚର ହୁଏନାହିଁ ।

ଧର୍ଷଣ, ବଳାତ୍କାର ପରି ଅପ୍ରାକୃତିକ ଯୌନହିଂସ୍ରତା ପ୍ରକୃତରେ ଏକ ପିତୃପ୍ରଧାନ ସଭ୍ୟ ସମାଜର ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ବ୍ୟବହାରଯୋଗ୍ୟ ବସ୍ତୁ ଭାବରେ ନାରୀ ଦେହକୁ ଭୋଗ ଦଖଲ କରିବାର ପରମ୍ପରା ସହିତ ଯୌନ ବିକାରର ମାତ୍ରା ମଧ୍ୟ ପୁରୁଷ ମଧ୍ୟରେ ବୃଦ୍ଧି ପାଇବାକୁ ଲାଗିଲା । ବଳପୂର୍ବକ ଧରିନେଇ ବିବାହ କରିବାକୁ ମଧ୍ୟ ଶାସ୍ତ୍ରସମ୍ମତ ବିବାହର ଆଖ୍ୟା ଦିଆଗଲା । ମହାଭାରତରେ ଭୀଷ୍ମ କାଶୀ ରାଜାଙ୍କର ତିନି କନ୍ୟା ଅମ୍ବା, ଅମ୍ବିକା, ଅମ୍ବାଳିକାଙ୍କୁ ଏହିପରି ବଳପୂର୍ବକ ନିଜ ଭାଇମାନଙ୍କ ନିମନ୍ତେ ସ୍ୱୟମ୍ବର ସଭାରୁ ଉଠାଇ ନେଇଥିଲେ ।

ସଭ୍ୟତାର ବିକାଶ ସହିତ ବୈଷୟିକ ସୁଖ-ସମୃଦ୍ଧି ବୃଦ୍ଧିପ୍ରାପ୍ତ ହେଲା ସତ୍ୟ, କିନ୍ତୁ ନାରୀର ସାମାଜିକ ସ୍ଥିତିରେ ଦ୍ରୁତ ଅବନତି ଘଟିଲା । ପିତୃପ୍ରଧାନ ସମାଜର ନିରଙ୍କୁଶ ସାମାଜିକ ପ୍ରଭୁତ୍ୱ, ପୁରୁଷର ଅନ୍ଧ, ଅବିଚାରୀ ଓ ଉପଭୋଗସର୍ବସ୍ୱ ହେବାରେ ସହାୟକ ହେଲା । ବିଶେଷତଃ ନାରୀ ଦେହ ଭୋଗ କ୍ଷେତ୍ରରେ ସେ ଭାବିପାରିଲା ନାହିଁ ଯେ, ସେ ଦେହ ଏକ ମଣିଷର ଦେହ ଓ ସେଥିରେ ମଧ୍ୟ ପ୍ରାଣ ତଥା ଅନୁଭବ କରିବାର ଶକ୍ତି ଅଛି । ଯୌନତା ତା' ପାଇଁ ପ୍ରବୃତ୍ତି ନହୋଇ ପାଲଟିଗଲା କ୍ଷୁଧା ଏବଂ ନାରୀ ଦେହ ପାଲଟିଗଲା ଖାଦ୍ୟ । 'ବୁଭୁକ୍ଷିତଂ କିଂ ନ କରୋତି ପାପଂ' ନ୍ୟାୟରେ ନାରୀମାଂସଲୋଲୁପୀ କ୍ଷୁଧିତ ପୁରୁଷ କଞ୍ଚା-କଅଁଳ ନାରୀ ଦେହକୁ ସୁସ୍ୱାଦୁ ଖାଦ୍ୟ ଭାବି ତା' ଝାମ୍ପି ପଡ଼ିଲା । ଅଳ୍ପ ବୟସର କୋମଳମତି ବାଳିକା ଭିତରେ ଯୌନ ସଚେତନତା ପ୍ରତିରୋଧ କରିବାର ଶକ୍ତି ନଥିବାରୁ ସେ ହେଲା ଏପରି ହିଂସ୍ର କ୍ଷୁଧାର ସହଜ ଶିକାର । କଦାଚିତ୍ ନିଜ ପରିବାରର ଭାଇ, ଦାଦା, ମାମୁଁ, ଜେଜେବାପା ଏପରିକି କେତେକ କ୍ଷେତ୍ରରେ ନିଜ ବାପାର ଯୌନ ଉତ୍ପୀଡ଼ନରୁ ମଧ୍ୟ ତାଙ୍କୁ ନିସ୍ତାର ମିଳିଲା ନାହିଁ । ପରିସଂଖ୍ୟାନରୁ ଜଣାପଡ଼େ, ଅଧିକାଂଶ ଅପ୍ରାପ୍ତବୟସ୍କା ନାବାଳିକାକୁ ପ୍ରଥମେ ନିଜ ପରିବାର ସଦସ୍ୟମାନଙ୍କଠାରୁ ହିଁ ଯୌନନିର୍ଯାତନା ସହିବାକୁ ପଡ଼ିଥାଏ ।

ଚକଲେଟ ଦେଖେଇ, ଟି.ଭି ଦେଖାଇବାକୁ ଡାକି ନେଇ କିମ୍ବା ସାଇକେଲରେ ଘରେ ଛାଡ଼ିଦେବାକୁ କହି ଘରୁ ରାସ୍ତାରୁ ଉଠେଇନେଇ ବାଳିକାର ଦେହକୁ ଛିନ୍ନଭିନ୍ନ କରି ଉପଭୋଗ କରନ୍ତି ଜଣେ, ଦୁଇଜଣ କିମ୍ବା ଅନେକ ପୁରୁଷ (?) । ଲାଳସା

Source: Author, Digitized by PPRACHIN, SOA

ପୂରଣ ହେବା ଭିତରେ ଦୁର୍ବଳ - ନିରୀହ ଝିଅଟି ଯଦି ମରିଯାଇଥାଏ ତ ଭଲ କଥା, ନହେଲେ କାଳେ ଏହି ବୀର ପୁରୁଷମାନଙ୍କର ପୁରୁଷତ୍ୱର କଥା ସେ କାହା ଆଗରେ ପ୍ରକାଶ କରିଦେବ, ସେଥିପାଇଁ ତାକୁ ତଣ୍ଟି ଚିପି, ପଥରରେ ଛେଚି ବା ଅନ୍ୟ କେଉଁ ଉପାୟରେ ମାରି ଦିଆହୁଏ । ନାରୀ ଦେହର ଯା'ଠାରୁ କରୁଣ ପରିଣତି କ'ଣ ଥାଇପାରେ ? ପଶୁ କ'ଣ ଏପରି କରିପାରିବ ?

ଯୌନତୃଷ୍ଣା ସବୁ ପ୍ରାଣୀମାନଙ୍କର ଅଛି କିନ୍ତୁ ମଣିଷ ଯୌନତାର ଉତ୍ତରଣରୁ ପ୍ରେମ ଭାବନାର ସ୍ୱର୍ଗୀୟ ସ୍ପର୍ଶ ଅନୁଭବ କରେ । ନାରୀ ଦେହକୁ ସ୍ନେହମମତା, ଅନୁରାଗ ଓ ସୃଷ୍ଟିର ମନ୍ଦିର ଭାବି ପୁରୁଷ ଯେତେବେଳେ ଉପାସକ ସାଜେ ସେତେବେଳେ ନାରୀ ନିଜ ଦେହକୁ କେନ୍ଦ୍ରକରି ନିଜକୁ ସାର୍ଥକ ଓ ଧନ୍ୟ ମନେକରେ। କିନ୍ତୁ ବଳାତ୍କାରୀ ପୁରୁଷ ପ୍ରତି 'ପଶୁ' ଶବ୍ଦ ପ୍ରୟୋଗ କରିବାକୁ ଭାବି ପାରେନାହିଁ। ବରଂ ପଶୁର ନିରୀହପଣକୁ ବୁଝି ପାରିଲେ ନାରୀ ହୁଏତ ଦିନେ ମଣିଷର ହିଂସ୍ରତାରୁ ରକ୍ଷା ପାଇବାକୁ ପଶୁପକ୍ଷୀଙ୍କ କୂଳରେ ଜନ୍ମ ଗ୍ରହଣ କରିବା ପାଇଁ ପ୍ରାର୍ଥନା କରିବ।

○

Source: Author, Digitized by PPRACHIN, SOA

ମୁଗ୍ଧମିଥୁନ ଓ ସୃଜନର ସିସିକାର

ନାରୀର ମନ ସହିତ ତା'ର ଦେହର ସମ୍ପର୍କ କଥା ଭାବିଲାବେଳେ କୋଣାର୍କ ମନ୍ଦିରଗାତ୍ରରେ ରାଶି ରାଶି ମିଥୁନମୂର୍ତ୍ତିରେ ନାରୀମୂର୍ତ୍ତିର ନଗ୍ନ ଉପସ୍ଥିତି ସ୍ୱତଃ ମନକୁ ଆନ୍ଦୋଳିତ କରେ । ବିଶ୍ୱର ଏହି ଅତୁଳନୀୟ ସ୍ଥାପତ୍ୟକୁ ବହୁ ପାଶ୍ଚାତ୍ୟ ସମାଲୋଚକ ଅଶ୍ଳୀଳ କହିବାକୁ ପଛାଇ ନଥିଲାବେଳେ ସ୍ୱଦେଶୀ ଆଲୋଚକମାନେ "ଏହାକୁ ସାମନ୍ତବାଦୀ ସମାଜର ବିଳାସମୟ ମାନସିକତାର ପ୍ରତିଛବି ବୋଲି କହିଛନ୍ତି । ଭୂତପ୍ରେତ ଓ ପିଶାଚଗଣଙ୍କୁ ସନ୍ତୁଷ୍ଟ କରିବାଲାଗି ମନ୍ଦିର ନିର୍ମାଣ ଶାସ୍ତ୍ର ଅନୁଯାୟୀ ଏହିସବୁ ମୂର୍ତ୍ତି ମନ୍ଦିରର ବର୍ହିଦେଶରେ ଖୋଦନ କରାଯାଇଛି ବୋଲି କେହି କେହି ସଫେଇ ଦେଇଛନ୍ତି । କିନ୍ତୁ କୌଣସି ଆଲୋଚକ ଜଣେ ନାରୀର ଦେହ-ମନର ସନ୍ତୋଷ ଓ ଆନନ୍ଦର ଦୃଷ୍ଟିକୋଣରୁ ଏହି ମିଥୁନମୂର୍ତ୍ତିର ଅନୁଶୀଳନ କରିବାର ଆବଶ୍ୟକତା ହୁଏତ ଅନୁଭବ କରିନାହାଁନ୍ତି ।

ଭାରତୀୟ ପରମ୍ପରାରେ କାମଶାସ୍ତ୍ର ସର୍ବଦା ଏକ ସମ୍ମାନସ୍ପଦ ସ୍ୱୀକୃତି ଲାଭ କରିଅଛି । ଭାରତର ଜିତେନ୍ଦ୍ରିୟ ମୁନିଋଷିମାନେ ମଧ୍ୟ ସୃଷ୍ଟିର ଏହି ମୌଳିକ ପ୍ରବୃତ୍ତିଟିକୁ କେବେହେଲେ ଲଜ୍ଜାକର କିମ୍ବା ନ୍ୟୂନ ଦୃଷ୍ଟିରେ ଦେଖିନାହାଁନ୍ତି । ସାଧାରଣ ମନୁଷ୍ୟ ପାଇଁ ଭାରତୀୟ ଶାସ୍ତ୍ରର ନିର୍ଦ୍ଦେଶ ଥିଲା ଯେ, ଦେହ ଅଳୀକ ହେଲେହେଁ ସେଥିରେ ଆତ୍ମାର ଅବସ୍ଥାନ ତାକୁ ଦେବାଳୟରେ ରୂପାନ୍ତରିତ କରେ । ନରନାରୀଙ୍କ ଭିତରେ ଜାଗ୍ରତ ହେଉଥିବା ସୃଷ୍ଟିର ଉନ୍ମାଦନା ଦେହ ମାଧ୍ୟମରେ ପରସ୍ପରର ଆତ୍ମାକୁ ଆରାଧନା କରିବାର ଏକ ଦିବ୍ୟ ଉତ୍ତରଣ ସ୍ତରକୁ ଯାଇପାରେ । ଭାଗବତକାର ତେଣୁ କହଛନ୍ତି- "ଏ ଦେହ ଥିଲେ ସର୍ବପାଇ - ଜଳେ ଯେସନ ଚନ୍ଦ୍ରଛାଇ ।" ସାକାରକୁ ଆଧାର କରି ନିରାକାରକୁ ସ୍ପର୍ଶ କରିବାର ଅଧିକାର ଭାରତୀୟ ଶାସ୍ତ୍ରବିତ୍‌ମାନେ ମଣିଷକୁ ସର୍ବଦା ପ୍ରଦାନ କରିଛନ୍ତି ।

ତେଣୁ କୋଣାର୍କରେ ଦେହମିଳନର ଇସ୍ତାହାର ଯେ କେବଳ କାମପ୍ରବଣ ଲୋକଙ୍କର ସନ୍ତୁଷ୍ଟିବିଧାନ ପାଇଁ ଅଭିପ୍ରେତ, ଏହା ଗ୍ରହଣ କରିନେଲେ ଏହି ଶିଳ୍ପକଳାର ଦିବ୍ୟ ଆବେଦନ ପ୍ରତି ଅନ୍ୟାୟ ହେବ। କୋଣାର୍କର ମିଥୁନମୂର୍ତ୍ତିମାନଙ୍କର ଏକ

Source: Author, Digitized by PPRACHIN, SOA

ବିଶେଷ ଲକ୍ଷଣ ହେଲା, ଏଥିରେ ଥିବା ନାରୀମୂର୍ତ୍ତିମାନଙ୍କର ଅସଂକୋଚ ଉଚ୍ଛ୍ୱାସ ଓ ଉନ୍ମୁକ୍ତ ଆବେଦନ । ଏପରିକି ଅଧିକାଂଶ ମିଥୁନରେ ନାରୀର ଭଙ୍ଗୀ ପୁରୁଷ ଅପେକ୍ଷା ଅଧିକ ସ୍ୱଚ୍ଛନ୍ଦ, ମୁକ୍ତ ଓ ପ୍ରାଣମୟ ମନେହୁଏ । ଅଥଚ ମୁଖମଣ୍ଡଳର ଭାବକୁ ଲକ୍ଷ୍ୟକଲେ ଏକ ଅପୂର୍ବ ନାନ୍ଦନିକତା ସହ ସାକ୍ଷାତ ପରି ଲାଗେ । ଏପରି ମନେହୁଏ ଯେ, ନାରୀର ଏହି ଯୌନମୁକ୍ତିର ସ୍ୱରୂପ ପୁରୁଷର ଯୌନପ୍ରବୃତ୍ତିକୁ ଶସ୍ତା ଭାବେ ଆକର୍ଷଣ କରିବା ପାଇଁ ନୁହେଁ କିମ୍ୱା ନିଜେ ମଧ୍ୟ ପ୍ରବୃତ୍ତିର ତାଡ଼ନାରେ ତୁଚ୍ଛା ଜୈବିକଧର୍ମୀ ଅସମ୍ଭାଳ ହୋଇପଡ଼ିବା ଯୋଗୁଁ ନୁହେଁ ।

ଏଠାରେ ନାରୀର ମୁଗ୍ଧ ନିମ୍ନୀଳିତ ଆଖିରେ ଆତ୍ମିକ ସମର୍ପଣର ଏକ ସମାହିତ ଭାବ ଦୃଷ୍ଟିଗୋଚର ହୁଏ । ଅଧରର ସ୍ମିତ ଭିତରେ ପରମପ୍ରାପ୍ତିର ସନ୍ତୋଷ ପରିଲକ୍ଷିତ ହୁଏ । ପୁରୁଷର ମୁଖମଣ୍ଡଳରେ ମଧ୍ୟ ଉପଭୋଗର ତୃଷା ନୁହେଁ ବରଂ ପ୍ରତିଗ୍ରହଣର ସମାଧିସ୍ଥ ଭାବ ସହିତ ସ୍ପଷ୍ଟ ପରିଚୟ ଘଟେ । ଏକ ସାମନ୍ତବାଦୀ ସମାଜର ଯୌନବିଳାସଗ୍ରସ୍ତ ପରିବେଶରେ ଏପରି ତନ୍ମୟ ପ୍ରଶାନ୍ତିର ଯେ ଉଦ୍ରେକ ହୋଇପାରେ, ଏହା ସ୍ଥିର କରିନେବା ବୋଧହୁଏ ସମୀଚୀନ ହେବନାହିଁ ।

ସାମ୍ପ୍ରତିକ ସମାଜରେ ମଧ୍ୟ ଜଣେ ଆତ୍ମସଚେତନ ନାରୀ ଯଦି ନିଜ ଜୀବନ ଓ ଜିଜ୍ଞାସାର ଏକ ମନସ୍ତାତ୍ତ୍ୱିକ ଆକଳନ କରିବସେ, ତେବେ ସେ ଅବଶ୍ୟ ଉପଲବ୍ଧି କରିପାରିବ ଯେ ନାରୀଜୀବନର ସୁଖ ସନ୍ତୋଷ ଦୁଇଟି ପର୍ଯ୍ୟାୟ ଉପରେ ନିର୍ଭର କରେ । ପ୍ରଥମଟି ହେଲା, ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା, ମର୍ଯ୍ୟାଦା ଓ ସ୍ୱାଧୀନତା ପାଇବା ଏବଂ ଦ୍ୱିତୀୟଟି ହେଲା, ଦୈହିକ ତଥା ମାନସିକ ସ୍ତରରେ ତୃପ୍ତିଲାଭ କରିବା । ମାନସିକ ସ୍ତରରେ ପୂର୍ଣ୍ଣ ସନ୍ତୋଷ ପାଇଁ ନାରୀ/ପୁରୁଷ ଉଭୟେ ପ୍ରେମ/ପରିବାର ଇତ୍ୟାଦି ମଧୁର ସମ୍ପର୍କ ସବୁର ସାହାଯ୍ୟ ଲୋଡ଼ିଥା'ନ୍ତି । ଦେହ ମିଳନ ପ୍ରବୃତ୍ତି ଯେତେ ତୀବ୍ର ହେଲେହେଁ ସାମାଜିକ ସ୍ୱୀକୃତି ଓ ସମ୍ମାନ ବ୍ୟତୀତ ସେଥିରେ ପୂର୍ଣ୍ଣସନ୍ତୋଷ ମିଳେନାହିଁ ।

ପୁନଶ୍ଚ ସାମାଜିକ ସ୍ୱୀକୃତି ଓ ସମ୍ମାନ ଥିବା ସତ୍ତ୍ୱେ ପ୍ରେମର ମର୍ଯ୍ୟାଦା ବ୍ୟତିରେକେ ନାରୀ ଦେହମିଳନରେ ଆତ୍ମସନ୍ତୋଷ ଲାଭ କରିପାରେ ନାହିଁ । ତେଣୁ ଏକ ମନୋମତ ସୁପୁରୁଷଠାରୁ ଆତ୍ମିକ ପ୍ରୀତି ପାଇବା ନାରୀର ଯୁଗ ଯୁଗର ପ୍ରତ୍ୟାଶା ହୋଇ ରହିଅଛି । ଏଠାରେ ଉଲ୍ଲେଖ କରାଯାଇପାରେ, ନାରୀ ହୃଦୟରେ ପ୍ରୀତିର ପ୍ରଭାବ ଏତେ ଶକ୍ତିଶାଳୀ ଯେ, ଏହାଯୋଗୁଁ ନାରୀ ଯେତେ କଠୋର ଭାବେ

Source: Author, Digitized by PPRACHIN, SOA

ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିପାରେ, ସେତିକି ନିବିଡ଼ ଭାବେ ଭୋଗର ଉପାସନା ମଧ୍ୟ କରିପାରେ ।

ନାରୀର ଯୌନକାମନା କେବଳ ଏକ ସାମୟିକ ବିଳାସମାତ୍ର ନୁହେଁ । ନାରୀର ଶାରୀରିକ ଗଠନ ଓ ମାନସିକତାର ପରିଧି ଏପରି ଯେ, କେବଳ କିଛି ବ୍ୟତିକ୍ରମକୁ ଛାଡ଼ିଦେଲେ ସାଧରଣ କ୍ଷେତ୍ରରେ ଆନ୍ତରିକ ପ୍ରେମ ବ୍ୟତିରେକ ଯୌନସମ୍ଭୋଗ ନାରୀ ପାଇଁ ଏକ ମୂଲ୍ୟହୀନ ଯନ୍ତ୍ରଣାରେ ପର୍ଯ୍ୟବସିତ ହୁଏ । ପୁଣି ଏହି ପ୍ରେମ କେବଳ ପୁରୁଷର ଶୟନକାଳୀନ ଚାଟୁକାରିତା କିମ୍ବା ରସିକପଣିଆର ଅପେକ୍ଷା ରଖେନାହିଁ ।

ନାରୀ ତା'ର ଦୈନନ୍ଦିନ ଜୀବନଚର୍ଯ୍ୟାର ଟିକିନିଖି କାର୍ଯ୍ୟକଳାପ ଭିତରେ ଯେତେବେଳେ ପୁରୁଷର ଶ୍ରଦ୍ଧାପୂର୍ଣ୍ଣ ଆଦର ଓ ସହଯୋଗ ଲାଭ କରେ, ସମାନ ସ୍ତରରେ ସାମାଜିକ ମର୍ଯ୍ୟାଦା ଓ ବ୍ୟବହାର ପାଏ, ସେତିକିବେଳେ ହିଁ ଏକ ପରିପକ୍ୱ ପ୍ରୀତିପ୍ରବଣତା ଭିତରେ ସେ ପୁରୁଷ ସହ ଶରୀର ସମ୍ପର୍କକୁ ଅନ୍ତରର ସମସ୍ତ ମର୍ଯ୍ୟାଦା, ଶ୍ରଦ୍ଧା ଓ ନିଷ୍ଠା ଦେଇ ଗ୍ରହଣ କରେ । ସେତେବେଳେ ସାଧାରଣ ଲଜ୍ଜା ସଂକୋଚ ଓ ଗୋପନୀୟତାର ସୀମା ଅତିକ୍ରମ କରି ନାରୀ-ପୁରୁଷ ଭିତରେ ପରସ୍ପରର ଆତ୍ମା-ପରମାତ୍ମା ପରି ଏକ ଅଭେଦ ସମ୍ପର୍କ ପ୍ରତିଷ୍ଠିତ ହୁଏ ।

ପୁଷ୍ପ ସହ ସୁରଭି ପରି, ଅଗ୍ନି ସହ ଉତ୍ତାପ ପରି, ଜଳ ସହ ପ୍ରବହମାନତା ପରି ଏଠାରେ ଇନ୍ଦ୍ରିୟର ସଂଯୋଗ ମାଧ୍ୟମରେ ଏକ ଅତୀନ୍ଦ୍ରିୟ ଆନନ୍ଦର ସନ୍ଧାନ ମିଳେ । ଭାରତୀୟ ଦେବଦେବୀମାନଙ୍କ ମଧ୍ୟରେ ଶିବ-ଶକ୍ତିଙ୍କୁ ସୃଷ୍ଟିର ଓ ରାଧାକୃଷ୍ଣଙ୍କୁ ପ୍ରୀତିର ପ୍ରତୀକ ରୂପେ ସର୍ବଦା ଯୁଗଳଭାବେ ପରିକଳ୍ପନା କରାଯାଇଛି । କୋଣାର୍କର ମିଥୁନମାନଙ୍କର ଶରୀର-ଭଙ୍ଗୀରେ ସୃଷ୍ଟିର ଅଦମ୍ୟ ଉନ୍ମାଦନା ଓ ମୁଖମଣ୍ଡଳରେ ପ୍ରୀତିର ବିପୁଳ ପ୍ରଶାନ୍ତିର ସମନ୍ୱୟ ଦେଖିଲେ ମନେହୁଏ, ଏଠାରେ ଶିବ-ଶକ୍ତି ଓ ରାଧା-କୃଷ୍ଣଙ୍କର ଦିବ୍ୟମିଳନର ସ୍ୱରୂପ ଏକାଧାରରେ ଉଦଭାସିତ ହୋଇଛି ।

ଆତ୍ମାର ମିଳନକୁ ଅବଲମ୍ବନ କରି ଦେହ-ମିଳନର ଏହି ଯେଉଁ ଆଲେଖ୍ୟ କୋଣାର୍କ ଗାତ୍ରରେ ଉତ୍‌କୀର୍ଣ୍ଣ କରାଯାଇଛି, ତାହା ନାରୀଜୀବନର ଚରମମୁକ୍ତି-ମର୍ଯ୍ୟାଦା ଓ ସନ୍ତୋଷର ଇସ୍ତାହାର କହିଲେ ଅତ୍ୟୁକ୍ତି ହେବନାହିଁ ଏହି ପ୍ରକାରର ଦିବ୍ୟ ସନ୍ତୋଷକୁ ଭିତ୍ତି କରି ଯେଉଁ ସୃଷ୍ଟିର ମୂଳଦୁଆ ପଡ଼େ ତାହା ଯେ ଏକ ସୁସ୍ଥ-ସୁନ୍ଦର ସୃଷ୍ଟି ପାଇଁ ଉପାଦାନ ସଂଗ୍ରହ କରିଥାଏ, ଏହା କହିବା ବାହୁଲ୍ୟମାତ୍ର । କିନ୍ତୁ ନିଜକୁ ଏବଂ ନିଜ ସଙ୍ଗିନୀକୁ ଏଇ ସ୍ତରକୁ ଉନ୍ନୀତ କରାଇବା ପାଇଁ ଯେଉଁ ଧୈର୍ଯ୍ୟ,

Source: Author, Digitized by PPRACHIN, SOA

ସହିଷ୍ଣୁତା, ଉଦାରତା ଓ ଆତ୍ମଜ୍ଞାନ ଆବଶ୍ୟକ, କ୍ୱଚିତ ପୁରୁଷ ତାହା ଦେଇପାରିଥା'ନ୍ତି ଏବଂ ନିଜର ସମସ୍ତ ମାନସିକ ଅସନ୍ତୋଷକୁ ମନରେ ଚାପିରଖି କେବଳ ପୁରୁଷକୁ ଶରୀରସୁଖ ତଥା ଗର୍ଭାଶୟ ସମର୍ପଣ କରିବାକୁ ନାରୀ ନିଜର ଦୈହିକ କର୍ତ୍ତବ୍ୟ ବୋଲି ଭାବେ । ତେଣୁ ସାମାଜିକ ସ୍ୱୀକୃତି ଓ ସମ୍ମାନପ୍ରାପ୍ତ ବିବାହିତ ଜୀବନରେ ନାରୀ ତା'ର ଦୈନନ୍ଦିନ ଆଶା-ଅଭିଳାଷ ଓ ସୁଖ-ସମ୍ମାନ ପ୍ରତି ଉଦାସୀନ ସ୍ୱାମୀଦ୍ୱାରା ଧର୍ଷିତା ହେବାର ଯନ୍ତଣା ନ କହିଲେ ମଧ୍ୟ ଅଧିକାଂଶ ସମୟରେ ଅନୁଭବ କରେ ଓ ସହ୍ୟ କରେ । ନାରୀର ଦେହ-ମନର ଏ ପ୍ରକାର ଅସନ୍ତୁଳନ ଯେ ଘୃଣା, ହିଂସା, ଅସୂୟା,ଅସହିଷ୍ଣୁତା ପରି ନାନାଦି ମାନସିକ ବିକାରଗ୍ରସ୍ତ ଏକ ଅସୁସ୍ଥ ସୃଷ୍ଟିର ଏନ୍ତୁଡ଼ିଶାଳ ସାଜେ ଏହା କହିଲେ ଅତ୍ୟୁକ୍ତି ହେବନାହିଁ ।

୦

Source: Author, Digitized by PPRACHIN, SOA

ନାରୀ ମାନସିକତାର ମର୍ଯ୍ୟାଦା

ନାରୀଦେହ ସହିତ ନାରୀମନର ସମ୍ପର୍କର ବିବିଧ ଦିଗକୁ ଅନୁଶୀଳନ କଲାବେଳେ ଦେହ-ବ୍ୟବସାୟର ପ୍ରସଙ୍ଗକୁ ଏଡ଼ାଇଯିବା ଠିକ୍ ହେବନାହିଁ। ଦେହଜୀବୀ କହିଲେ ଆମେ କେବଳ ନାରୀକୁ ହିଁ ବୁଝିଥାଉ। କେଇଟା ଟଙ୍କା ବିନିମୟରେ ଦେହ ବିକ୍ରି କରୁଥିବା ନାରୀଟିକୁ ବେଶ୍ୟା ବା ଦେହଜୀବୀ କୁହାଯାଏ। ପୁରୁଷ ତା'ର ଗ୍ରାହକ। ଦେହଜୀବୀ ବା ବେଶ୍ୟାର କାର୍ଯ୍ୟ ସହିତ ଗ୍ରାହକର ସମପରିମାଣର ଭାଗିଦାରୀ ଥିଲେହେଁ ଦେହଜୀବୀକୁ ସମାଜରେ ଯେଉଁ ଘୃଣା, ତିରସ୍କାର ମିଳେ, ଗ୍ରାହକକୁ ସେପରି ତୀବ୍ର ସାମାଜିକ ଅସମ୍ମାନ ମିଳେନାହିଁ। ପ୍ରସିଦ୍ଧ ହିନ୍ଦି ଚଳଚ୍ଚିତ୍ର 'ସାହେବ ବିବି ଗୁଲାମ୍''ର କାହାଣୀ ବରଂ କହେ ଯେ, ସମ୍ଭ୍ରାନ୍ତ ପୁରୁଷର ବେଶ୍ୟାଳୟ ଗମନ ହେଉଛି ତା'ର ପୁରୁଷପଣିଆର ସାମାଜିକ ପତିଆରା।

କିନ୍ତୁ ଅଳ୍ପଦିନ ତଳେ ଏକ ଇଂରାଜୀ ପତ୍ରିକାରେ ପ୍ରକାଶିତ ଦେହବ୍ୟବସାୟର କିଛି ତଥ୍ୟ ମତେ ବିସ୍ମିତ କରିଦେଇଥିଲା। ଏଥିରେ ପଣ୍ୟ ନାରୀଦେହ ନୁହେଁ, ଶିକ୍ଷିତ ଯୁବକ ପୁରୁଷର ସୁନ୍ଦର ସୁଗଠିତ ଶରୀର। ଜଣେ ପୁରୁଷ ଦେହଜୀବୀ ଭାବରେ ଘଣ୍ଟାକୁ ପ୍ରାୟ ୩୦୦୦ ଟଙ୍କା ହାରରେ ଅର୍ଥଉପାର୍ଜନ କରୁଥିବା ଅତ୍ୟନ୍ତ ସୁଦର୍ଶନ ଉଚ୍ଚଶିକ୍ଷିତ ଯୁବକଙ୍କର ସଚିତ୍ର ସାକ୍ଷାତକାର ଏଥିରେ ପ୍ରକାଶିତ ହୋଇଥିଲା। ତାଙ୍କର ନିୟମିତ କ୍ଲାଏଣ୍ଟ ବା ଗ୍ରାହକ ଭାବରେ ସେ କେତେଜଣ ଆଲ୍‌ଫା ଉଇମେନ୍ - ଅର୍ଥାତ୍ ସର୍ବୋଚ୍ଚ ଆୟକାରୀ କେତେକ ଉଚ୍ଚ ପଦାଧିକାରୀ ଅବିବାହିତା ମହିଳାଙ୍କର ଦେହ-ମନର ଆବଶ୍ୟକତା କଥା ଦର୍ଶାଇଥିଲେ।

ଅର୍ଥ, କ୍ଷମତା, ପ୍ରତିପତ୍ତି ଓ କାର୍ଯ୍ୟଦକ୍ଷତା ଦିଗରୁ ଅତ୍ୟନ୍ତ ଶକ୍ତିଶାଳୀ ଏହି ଆଲ୍‌ଫା ଉଇମେନ୍‌ମାନେ ବୃତ୍ତିଜଗତର ପ୍ରତିଯୋଗିତାମୂଳକ ବ୍ୟସ୍ତତା ଯୋଗୁଁ ପାରିବାରିକ ବନ୍ଧନଟିଏ ସୃଷ୍ଟି କରି ସେ ଦାୟିତ୍ୱ ତୁଲାଇବାକୁ ସାହସ କରିପାରନ୍ତି ନାହିଁ। ଯୁବକ ଜଣକ ଭାଷାରେ -"She can afford anything but time for marriage & family." ଯୁବକଙ୍କୁ ପ୍ରଶ୍ନ ଥିଲା, ସେ କିପରି ସଫଳତାର ସହ ଏହି ମହିଳାମାନଙ୍କୁ ଯୌନତୃପ୍ତି ଦେଇପାରନ୍ତି ? ତାଙ୍କ ଉତ୍ତରଟି ଥିଲା ସର୍ବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ସେ କହିଥିଲେ, ଏହି ମହିଳାମାନଙ୍କ ଅଧିକାଂଶ ସମୟରେ ଯୌନସମ୍ପର୍କ ହିଁ ଲୋଡ଼ି ନ

Source: Author, Digitized by PPRACHIN, SOA

ଥା'ନ୍ତି । କର୍ମକ୍ଲାନ୍ତ ଦିନର ଶେଷରେ ତାଙ୍କର ସାମାନ୍ୟ ଯତ୍ନ ନେବା ଓ ଅନ୍ତରଙ୍ଗ ପରିବେଶଟିଏ ସୃଷ୍ଟି କରିବା ସେମାନଙ୍କୁ ସନ୍ତୁଷ୍ଟ କରିଥାଏ । ଏପରିକି ସ୍ନେହରେ ତାଙ୍କ ପାଇଁ କପେ କଫି ତିଆରି କରି ଆଣିଦେଲେ, ସେମାନେ ଗଦ୍‌ଗଦ୍ ହୋଇପଡ଼ନ୍ତି ।

ମୂଳତଃ ଦୈହିକ କାମନା ତୁଳନାରେ ସ୍ନେହ-ଆଦର ସେମାନଙ୍କ ପାଇଁ ଖୁବ୍ ବଡ଼ କଥା । ଏହି ସ୍ନେହ-ଆଦର ପ୍ରଦର୍ଶନ ଭିତରେ କେତେବେଳେ ଦୈହିକ ସମ୍ପର୍କ ହୋଇପାରେ ବା ନ ହୋଇପାରେ, ସେଥିରେ ସେମାନେ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ । ଏଥିସହିତ ତାଙ୍କ ବକ୍ତବ୍ୟରୁ ନାରୀମନର ଆଉ ଏକ ରହସ୍ୟ ମଧ୍ୟ ଉନ୍ମୋଚିତ ହୋଇଥିଲା । ସେ କହିଥିଲେ ଯେ, ଏପରି ଉଚ୍ଚବର୍ଗର ମହିଳାଙ୍କୁ ପୁରୁଷସାଥୀ ଓ ପୁରୁଷଙ୍କୁ ମହିଳାସାଥୀ ଯୋଗାଇବା ପାଇଁ ଥିବା ଏକ ସଂସ୍ଥା ଜରିଆରେ ସେ କାର୍ଯ୍ୟ କରନ୍ତି । ପୁରୁଷମାନେ ସାଧାରଣତଃ ଭିନ୍ନ ଭିନ୍ନ ନାରୀଙ୍କୁ ସାଥୀ ଭାବରେ ନେବାପାଇଁ ଆଗ୍ରହୀ ହେଉଥିବାବେଳେ ମହିଳାମାନେ ପ୍ରାୟ କୌଣସି ନିର୍ଦ୍ଦିଷ୍ଟ ପୁରୁଷକୁ ହିଁ ବାରମ୍ବାର ବାଛିଥାଆନ୍ତି ।

ଯଦି ସେହି ପୁରୁଷଟିର କଲ୍ ଅନ୍ୟ କାହା ସହିତ ନିର୍ଦ୍ଧାରିତ ହୋଇସାରିଥାଏ, ତେବେ ସେମାନେ ପରବର୍ତ୍ତୀ ଦିନ ପାଇଁ ତାକୁ ହିଁ ବୁକ୍ କରି ଫେରିଯାଆନ୍ତି ସିନା, କ୍ୱଚିତ୍ କୌଣସି ନୂଆ ପୁରୁଷସାଥୀ ପାଇଁ ମନ ବଳାଇଥା'ନ୍ତି । ପୁନଶ୍ଚ ପୁରୁଷମାନେ ମହିଳାସାଥୀଙ୍କୁ ନେଇ ହୋଟେଲ୍ ବା କ୍ଲବ୍ ଯିବାକୁ ପସନ୍ଦ କରୁଥିବାବେଳେ ମହିଳାମାନେ କିନ୍ତୁ ପୁରୁଷସାଥୀଟିକୁ ପ୍ରାୟ ନିଜ ଘରକୁ ହିଁ ଡାକିଥାଆନ୍ତି ।

ସମାଜର ଉଚ୍ଚବର୍ଗରେ ଜଣେ ଦେହଜୀବୀ ଭାବରେ ପ୍ରଭୂତ ଅର୍ଥଉପାର୍ଜନ କରୁଥିବା ଏହି ଯୁବକଙ୍କର ଗ୍ରାହକ ମହିଳାମାନଙ୍କ ପ୍ରତି ମତାମତ ପରୋକ୍ଷରେ ଅତ୍ୟନ୍ତ ସମ୍ମାନଜନକ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଏଠି ଆମେ ଜଣେ ଏପରି ନାରୀଙ୍କୁ ଭେଟୁ, ଯିଏ ସ୍ୱୟଂସଚେତନ, ସ୍ୱାଧୀନା, ଯଶ-ଅର୍ଥ-ପ୍ରତିପତ୍ତିରେ ପୁରୁଷଠାରୁ ବହୁ ଆଗରେ । ଯୌନମୁକ୍ତିର ପ୍ରଶ୍ନକୁ ନେଇ ଯାହାଙ୍କ ମନରେ କୌଣସି ପାରମ୍ପରିକ ଧାରଣାର ବନ୍ଧନ ନାହିଁ ଏବଂ ନିଜ ପାଇଁ ସାମୟିକଭାବେ ପୁରୁଷର ସାନ୍ନିଧ୍ୟ କ୍ରୟ କରିବା ଯାହାଙ୍କ ପାଇଁ ବଡ଼କଥା ନୁହେଁ । କିନ୍ତୁ ଏହି ବ୍ୟବସାୟିକ ଦେଣ-ନେଣରେ ମଧ୍ୟ ନାରୀ ବିଳାସ ନୁହେଁ, ସ୍ନେହ ଓ ଆଦର ଖୋଜେ । ଦେହ ନୁହେଁ ମନ ଖୋଜେ ।

ଏଇଠି ନାରୀ-ପୁରୁଷ ସମ୍ପର୍କରେ ସାମାଜିକ ବିବର୍ତ୍ତନର ଗବେଷଣାତ୍ମକ ତତ୍ତ୍ୱ ଉପସ୍ଥାପିତ କରିଥିବା ବିଶିଷ୍ଟ ସମାଜବିଜ୍ଞାନୀ କାର୍ଲ ମାର୍କ୍ସଙ୍କର ଅନୁଶୀଳନର କିଛି ଅଂଶ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେକରୁଛି । ନାରୀର ବିବାହ, ପାତିବ୍ରତ୍ୟ ଓ

Source: Author, Digitized by PPRACHIN, SOA

ସତୀତ୍ୱ ସମ୍ବନ୍ଧରେ ଗବେଷଣାତ୍ମକ ଦୃଷ୍ଟିରେ ସେ କହିଛନ୍ତି ଯେ - ଯୁଗଳ ପରିବାରରେ ନାରୀମାନଙ୍କର ସମ୍ମତି ପ୍ରାଧାନ୍ୟ ଲାଭ କରିଥିବା ଅଧିକ ଯୁକ୍ତିସଂଗତ ମନେହୁଏ । କାରଣ କ୍ରମଶଃ ମାନବଜୀବନଯାତ୍ରାର ଆର୍ଥନୀତିକ ଅବସ୍ଥାର ବିକାଶ ଫଳରେ ଅର୍ଥାତ୍ ଆଦିମ ସାମ୍ୟବାଦୀ ବ୍ୟବସ୍ଥାର ଅବନତି ଓ ଜନସଂଖ୍ୟାର ଘନତ୍ୱ ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରାଚୀନ ବଣ୍ୟଜୀବନର ଯୌନସମ୍ପର୍କ ଯେତେ ଯେତେ ତା'ର ଆଦିମ, ନିଛକ ପ୍ରବୃତ୍ତିଗତ ବଣ୍ୟଚରିତ୍ର ହରେଇବାକୁ ବସିଲା, ନାରୀ ପାଇଁ ତାହା ସେତିକି ହୀନ ଓ ପୀଡ଼ାଦାୟକ ହୋଇଉଠିଥିବା ସ୍ୱାଭାବିକ ଏବଂ ସେମାନେ ଅତ୍ୟନ୍ତ ଆଗ୍ରହରେ ଏଥିରୁ ପରିତ୍ରାଣ ପାଇବା ନିମନ୍ତେ ଏକ ପୁରୁଷ ସହ ସ୍ଥାୟୀ ଅଥବା ଅସ୍ଥାୟୀ ମିଳନର ପ୍ରତ୍ୟାଶା କରିଥିବେ ।

ଏହି ଅଗ୍ରଗତି ପୁରୁଷକୃତ ହୋଇପାରେନା । ଅନ୍ତତଃ ଏହି କାରଣରୁ ଯେ ସେମାନେ କୌଣସି ଦିନ, ଏପରିକି ଆଜି ମଧ୍ୟ ଅସଲ ସମଷ୍ଟିବିବାହର ସୁବିଧା ତ୍ୟାଗ କଥା ସ୍ୱପ୍ନରେ ବି କାମନା କରିନଥିବେ । ନାରୀମାନଙ୍କ ଚେଷ୍ଟାରେ ପ୍ରଥମେ ଯୁଗଳ-ବିବାହର ଉଦ୍‌ଭବ ଘଟିଲା ପରେ ହିଁ କେବଳ ପୁରୁଷମାନେ ପରବର୍ତ୍ତୀ ସଭ୍ୟତାର ପ୍ରଚଳନ ସମୟରେ କଠୋର ଭାବରେ ଏକ-ପତି ଓ ସତୀତ୍ୱ ପ୍ରଥାକୁ ମୁଖ୍ୟତଃ ନାରୀମାନଙ୍କର ପାଳନୀୟ ହିସାବରେ ଚଳେଇପାରିଲେ (ଦ୍ରଷ୍ଟବ୍ୟ-Selected work Marx & Engels. Progress Publisher Morscow. 1977 vol. 3P229) । ଏଥିସହିତ ପୁରୁଷର ଅବାଧ ଯୌନଲାଳସାକୁ ଚରିତାର୍ଥ କରିବାପାଇଁ ବେଶ୍ୟାବୃତ୍ତି ପରି ଏକ ସମାନ୍ତରାଳ ବ୍ୟବସ୍ଥା ମଧ୍ୟ ପୁରୁଷପ୍ରଧାନ ସମାଜର ପରୋକ୍ଷ ସ୍ୱୀକୃତି ଲାଭ କଲା । 'ଆମ୍ରପଲ୍ଲୀ'ଙ୍କ କଥାରୁ ଜଣଯାଏ ଯେ, ସମ୍ଭ୍ରାନ୍ତ ସମାଜରେ ଜଣେ ବିଲକ୍ଷଣ ରୂପବତୀ ନାରୀଙ୍କୁ ଗଣଭୋଗ୍ୟା ହେବାପାଇଁ ସମାଜରେ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଉଥିଲା ଓ ତାଙ୍କୁ ନଗରବଧୂ ହେବାପାଇଁ ବାଧ୍ୟ କରାଯାଉଥିଲା ।

ଆଜି ସମୟ ଦ୍ରୁତଗତିରେ ବଦଳୁଛି । ଯୁଗ ପରିବର୍ତ୍ତନ ସହିତ ତାଳଦେଇ ଶିକ୍ଷିତା, ସ୍ୱାବଲମ୍ବୀ, ନାରୀ ପାଇଁ ମାନସିକ, ଆର୍ଥିକ ଓ ଦୈହିକ ଆବଶ୍ୟକତାର ସ୍ୱରୂପ ମଧ୍ୟ ବଦଳିବା ଆରମ୍ଭ କଲାଣି । ତେଣୁ ଖୁବ୍ ଅଳ୍ପ ସଂଖ୍ୟାରେ ହେଲେହେଁ ପୁରୁଷ ଦେହଜୀବୀମାନେ ଦେହବ୍ୟବସାୟ କଲେଣି । କିନ୍ତୁ ବିପୁଳ ଅର୍ଥ ଦେଇ ପୁରୁଷର ଶରୀରକୁ କିଛି ସମୟ ପାଇଁ କ୍ରୟ କରୁଥିବା ନାରୀ ତାକୁ ହୀନଦୃଷ୍ଟିରେ ଦେଖିପାରେ ନାହିଁ । ସେଠି ମଧ୍ୟ ସେ ଦେହବିଳାସ ତୁଳନାରେ ସ୍ନେହ, ଯତ୍ନଶୀଳତା ଓ ମୁହୂର୍ତ୍ତକର ଆପଣାରପଣକୁ ବେଶୀ ଖୋଜେ ।

ଦେହ ନୁହେଁ, ମାନସିକ ଆସଙ୍ଗଲିପ୍ସା ହିଁ ନାରୀର ମୌଳିକ ଆବଶ୍ୟକତା । ନାରୀମନର ଏହି ଚିରନ୍ତନ ଆସ୍ପୃହା ଟିକକ ତା'ର ଚରିତ୍ର ଓ ବ୍ୟକ୍ତିତ୍ୱର ମାପକାଠି ।

Source: Author, Digitized by PPRACHIN, SOA

ଆଜିଯାଏଁ ପୁରୁଷ ତା' ନିଜ ପ୍ରବୃତ୍ତିର ମାନଦଣ୍ଡରେ ନାରୀକୁ ମାପିଛି, ସାମାଜିକ ମାପଦଣ୍ଡ ତିଆରି କରିଛି । ନାରୀକୁ ବରାଙ୍ଗନା କରିଛି, ବାରାଙ୍ଗନା ବି କରିଛି । କିନ୍ତୁ ନାରୀ ତା'ର ନିଜ ପ୍ରବୃତ୍ତିର ମାପରେ ଯେତେବେଳେ ପୁରୁଷକୁ ମାପିବ, ସେତେବେଳେ ସେ ବୀଟପୁରୁଷ ଭିତରୁ ମଧ୍ୟ ସୁପୁରୁଷକୁ ଖୋଜିବାକୁ ଚେଷ୍ଟା କରିବ । ପୁରୁଷକୁ ମଣିଷର ମର୍ଯ୍ୟାଦା ଦେବାରେ କେବେହେଲେ କାର୍ପଣ୍ୟ କରିବ ନାହିଁ । କାରଣ ସେଇଥିରେ ହିଁ ତା'ର ନିଜ ମନ ଓ ଦେହର ସୁଖ-ସନ୍ତୋଷ ନିହିତ ଅଛି ବୋଲି ସେତେବେଳେ ସେ ସ୍ପଷ୍ଟ ଅନୁଭବ କରିପାରିଥିବ ।

○

Source: Author, Digitized by PPRACHIN, SOA

ପବିତ୍ର କର୍ତ୍ତବ୍ୟର ଫର୍ମାନ୍

ସେପ୍ଟେମ୍ବର ୯ ତାରିଖ 'ପର୍ଯ୍ୟବେକ୍ଷକ'ରେ ପ୍ରକାଶିତ ଶ୍ରୀମତୀ ବନଲତା ଦେବୀଙ୍କ 'ସିନ୍ଦୁରର ସୁନ୍ଦରତା' ରଚନାରେ ଏକ ଖୁବ୍ କୌତୁହଳପ୍ରଦ ତଥ୍ୟ ଅଛି । ତାହା ହେଲା, ''ସିନ୍ଦୁରର ବିଷାକ୍ତ ଗୁଣ ଅଛି । ଦୁଇ ଭ୍ରୂଲତା ମଧ୍ୟରେ ସିନ୍ଦୂର ମାରିଲେ ତାହା ଚର୍ମ ଉପରେ କ୍ଷତି କରିବ ଓ ସ୍ତ୍ରୀ ପ୍ରଥମେ ମୃତ୍ୟୁବରଣ କରିବାର ସୁଯୋଗ ପାଇବ । ସ୍ତ୍ରୀ ପ୍ରଥମେ ମୃତ୍ୟୁବରଣ କଲେ ସୌଭାଗ୍ୟବତୀ ହୁଏ ବୋଲି ଆମର ବିଶ୍ୱାସ ରହିଛି- ୧୩ ସେପ୍ଟେମ୍ବର ଦୈନିକ 'ସମାଜ'ରେ ପ୍ରକାଶ ପାଇଛି ଯେ, ପଞ୍ଜାବ ଓ ହରିୟାନାରେ ଝିଅମାନଙ୍କ ନାଁ ଦିଆଯାଇଛି - ଜାଫି (ବହୁତ), ଭରପାଇ (ସୁଧ ଦେବା), ଭାତେରି (ବହୁତ), ଧ୍ୱସନ (ବଡ଼ପେଟିଆ), ମାରିଆ (ମୃତ୍ୟୁ ଭଳି), ବସ କର (ବନ୍ଦ କର), ଅନଗହି (ଅବାଞ୍ଛିତା) ଇତ୍ୟାଦି... । ଏହିସବୁ ଅସମ୍ମାନଜନକ ସମ୍ବୋଧନକୁ ଗ୍ରହଣ କରିନେବାରେ ସେଠା ସ୍ତ୍ରୀ ଲୋକମାନଙ୍କର ମଧ୍ୟ ବିଶେଷ ଆପତ୍ତି ନାହିଁ । ସମାଜରେ ପ୍ରଚଳିତ ଓ ଆଦୃତ ଏହିସବୁ ପ୍ରଥା ଓ ମନୋବୃତ୍ତି ନାରୀ ସମ୍ପର୍କରେ ଅନ୍ତତଃ ଗୋଟିଏ କଥା ସ୍ପଷ୍ଟ କରିଦିଏ ଯେ, ସମାଜ ଦୃଷ୍ଟିରେ ନାରୀ ନାମକ ପ୍ରାଣୀର ମନ ବୋଲି କିଛି ଗୋଟାଏ ଅସ୍ତିତ୍ୱ ନାହିଁ । ପୁରୁଷର କାମନାକୁ ତୃପ୍ତ କରିବା ପାଇଁ ଓ ପୁରୁଷ ପାଇଁ ପୁରୁଷ ଉତ୍ତରାଧିକାରୀ ସୃଷ୍ଟି କରିବା ପାଇଁ ଗୋଟିଏ ନାରୀଦେହ ଲୋଡ଼ା । ସେତିକି ତା'ର ସାମାଜିକ ସ୍ଥିତି । ସେଇ ଦେହଟି ପୁଣି କମ୍ ଅନର୍ଥର ମୂଳ ନୁହେଁ । ସେଇ ଦେହଟି ଗର୍ଭରେ ସଞ୍ଚାରିତ ହେବା ପାପ, ଜନ୍ମ ନେବା ଆହୁରି ଅବାଞ୍ଛିତ, ଯଦି କୌଣସିମତେ ଜନ୍ମ ପାଇ ବଡ଼ ହୋଇଗଲା, ତେବେ ବାପା-ମାଆ ତା' ମଥାରେ ଟୋପାଏ ସିନ୍ଦୂର ଦେବାର ଦାୟରେ ତଳିତଳାନ୍ତ ହେଲାପରି ପ୍ରକାଶ୍ୟରେ ଅନୁଭବ କରନ୍ତି ଏବଂ ଶେଷକୁ ବହୁ ଭାଗ୍ୟ ଯୋଗୁଁ ଯଦି ସେ ଟୋପାଏ ସିନ୍ଦୁରର ଅଧିକାରିଣୀ ହେଲା, ତା'ହେଲେ ସେଇଠୁ ଆରମ୍ଭ ହେଲା ତା'ର ତିଳ ତିଳ ମରିବା । ଜନ୍ମ ପୂର୍ବରୁ ହେଉ ବା ପରେ ମରିବା ଯେପରି ସ୍ତ୍ରୀ ଲୋକର ସବୁଠୁଁ ବଡ଼ ସୌଭାଗ୍ୟ, ସେପରି ସୌଭାଗ୍ୟ ଗାଈଗୋରୁ, ଛେଳିମେଣ୍ଢାଙ୍କ ପାଇଁ ମଧ୍ୟ ନିର୍ଦ୍ଧାରଣ କରାଯାଇ ନଥିବ । ତଥାପି ନିଜ ଦେହଟିକୁ ପୁରୁଷର ମନଲାଖି କରିବାକୁ ନାରୀ କ'ଣ କ'ଣ ନ କରେ ! ଜାପାନ୍, ଚୀନ୍ ଇତ୍ୟାଦି ଦେଶରେ ନିକଟ ଅତୀତରେ ଛୋଟ ପାଦ ଥିବା ଝିଅଙ୍କୁ ପୁରୁଷ ସୁନ୍ଦରୀ ଭାବୁଥିଲା ବୋଲି ମା'ମାନେ କୁନିଝିଅର ପାଦକୁ କାଠକୋତାରେ

Source: Author, Digitized by PPRACHIN, SOA

ଭର୍ତ୍ତିକରି ବା ପ୍ଲାଷ୍ଟର କରିଦେଇ ଘରେ ବସେଇ ରଖୁଥିଲେ । ବିଚାରୀ କୁନିଝିଅଟି ଛୋଟପାଦ ଧରି ବିବାହବଜାରରେ ଉପଯୁକ୍ତ ହେବ ବୋଲି ତା'ର ଶୈଶବର ଖେଳାବୁଲାରୁ ବଞ୍ଚିତା ହେଉଥିଲା । ପାଶ୍ଚାତ୍ୟ ପୁରୁଷଙ୍କୁ ନାରୀର ସରୁଅଣ୍ଟା ପସନ୍ଦ ବୋଲି ମା'ମାନେ କାଠଫ୍ରେମ୍‌ରେ ଝିଅର ଅଣ୍ଟାକୁ ସ୍କୃ ଦେଇ ଆଣ୍ଟି ଦେଉଥିଲେ ନହେଲେ ମୋଟା କପଡ଼ାରେ ବେଲ୍‌ଟ ତିଆରି କରି ଭିଡ଼ି ବାନ୍ଧି ଦେଉଥିଲେ । ଭାରତବର୍ଷରେ ତ' ଝିଅଟି ଉପରେ ପିଲାବେଳୁ ଚାଲିବା, ବସିବା, ହସିବା, କଥା କହିବାରେ ଯେତେସବୁ କଟକଣା ଜାରି ହେଉଥିଲା, ତାକୁ ମାନି ଚଳୁଁ ଚଳୁଁ ସେଇସବୁ ବିଧିବିଧାନର ଖୋଳପା ଭିତରୁ ନାରୀ ବଦଳରେ ନିଜ ପ୍ରତି ପ୍ରତିହିଂସାପରାୟଣ ଅଥଚ ଭୀରୁ, ଦୁର୍ବଳ, ଯାବତୀୟ ଛଦ୍ମତା ଓ ସ୍ୱାର୍ଥପରତାରେ ପରିପୂର୍ଣ୍ଣ ଏକ କିମ୍ଭୂତକିମାକାର ଜୀବ ବାହାରୁଥିଲା । ପୁରୁଷମାନେ ଗର୍ବର ସହିତ କହୁଥିଲେ - ''ଦେଖ ନାରୀ ନରକର ଦ୍ୱାର ।'' ମନକଥା ଦୂରେ ଥାଉ, ତା' ଦେହଟିର ସୁଖଦୁଃଖ କ'ଣ, ସେ ଅନୁଭବ କରିପାରୁଥିଲା ? ସେଥିପାଇଁ ପରିସଂଖ୍ୟାନ କହେ, ଭାରତବର୍ଷର ଶତକଡ଼ା ୯୮ ଭାଗ ନାରୀ ପତ୍ନୀ, ଜନନୀ ଓ ଜେଜେମା ହୋଇପାରିଲା ପରେ ବି ଯୌନତୃପ୍ତି କ'ଣ ତାହା ଜାଣି ନ'ଥାନ୍ତି । ଯେଉଁ ଦୈହିକ ସତୀତ୍ୱ ପାଇଁ ସମାଜ ନାରୀ ଉପରେ ଲକ୍ଷେ ନିଷେଧ ଜାରି କରିଥାଏ, ବଂଶରକ୍ଷା କଥା ପଡ଼ିଲେ, ସେ ନିଷେଧ କାମ ଦିଏନା । ମହାଭାରତର ବିଧବାରାଣୀ ଅମ୍ବିକା ଅମ୍ବାଳିକାଙ୍କୁ କେବଳ ବଂଶରକ୍ଷା ଉଦ୍ଦେଶ୍ୟରେ ଦେଢ଼ଶୂର ବ୍ୟାସଙ୍କ ଔରସରୁ ସନ୍ତାନ ସୃଷ୍ଟି କରିବାକୁ ପଡ଼ିଥିଲା । ସେ ସନ୍ତାନମାନେ ତେଣୁ ଯେପରି ହେଲେ, ତାହା ପୁରାଣପ୍ରେମୀଙ୍କୁ ଜଣାଥିବ । ଏତେସବୁ ପରେ ବି 'ମନୁ' ଘୋଷଣା କଲେ ଯେ, ବନ୍ଧ୍ୟା ହେଲେ, ଦୁଇବର୍ଷରେ, ମୃତଶିଶୁ ଜନ୍ମ କଲେ ଦଶବର୍ଷରେ, କନ୍ୟାଶିଶୁ, ଜନ୍ମ କଲେ ଏଗାର ବର୍ଷରେ ଓ ଅପ୍ରିୟବାଦିନୀ ହେଲେ ତତ୍‌କ୍ଷଣାତ୍ ସ୍ତ୍ରୀକୁ ତ୍ୟାଗ କରିବ । (ମନୁସ୍ମୃତି-୯-୨)

ମନୁଷ୍ୟ ଜାତିର ଇତିହାସ ଅନୁଶୀଳନ କଲେ ଜଣାଯାଏ ଯେ, ନାରୀକୁ ଅତ୍ୟନ୍ତ ନିମ୍ନସ୍ତରର ଜୀବ ହିସାବରେ ସକଳପ୍ରକାର ଶୋଷଣର ପରୀକ୍ଷାନିରୀକ୍ଷାର ବସ୍ତୁ ପରି ବ୍ୟବହାର କରାଯାଇଛି । ନାରୀ ନିର୍ଯ୍ୟାତନାର ନୂଆ ନୂଆ ଉପାୟକୁ ସମାଜ ଅତି ଆଗ୍ରହରେ ଗ୍ରହଣ କରିଛି । ମୁକ୍ତିର ସମସ୍ତ ଅଧିକାର ପୁରୁଷକୁ ଦେଇ ପରାଧୀନତାର ବୋଝକୁ କର୍ତ୍ତବ୍ୟ ନାମରେ ନାରୀର ଆତ୍ମା ଉପରେ ଲଦିଦେବାକୁ ନାରୀପୁରୁଷ ନିର୍ବିଶେଷରେ ସାମାଜିକ ମଣିଷର ଏତେଟିକିଏ ବି କୁଣ୍ଠା ହୋଇନାହିଁ । ଧର୍ମରକ୍ଷା ନାମରେ ନାରୀ ଶାସ୍ତ୍ରର ବିରୋଧାଚରଣ କରେନାହିଁ, ବରଂ ଶୋଷଣର ନୂଆ ନୂଆ ସୂତ୍ରକୁ ଆଗ୍ରହରେ ସ୍ୱୀକାର କରେ ।

Source: Author, Digitized by PPRACHIN, SOA

ସମାଜବିଜ୍ଞାନୀ ହରବଟ୍ ସ୍ପେନ୍ସର ତାଙ୍କର 'Descriptive Sociology' ଗ୍ରନ୍ଥରେ ଫିଜି ଦ୍ୱୀପର ଆଦିମ ଅଧିବାସୀମାନଙ୍କ ସମ୍ପର୍କରେ ଲେଖିଛନ୍ତି ଯେ, ଫିଜିଆନ୍ ସର୍ଦ୍ଦାରଙ୍କର ପତ୍ନୀମାନେ ସ୍ୱାମୀର ମୃତ୍ୟୁ ପରେ ଗଳାରେ ଦଉଡ଼ି ଦେଇ ମରିବାକୁ ପବିତ୍ର କର୍ତ୍ତବ୍ୟ ବୋଲି ଭାବନ୍ତି । ଜଣେ ବିଧବା ସ୍ତ୍ରୀ ଲୋକଙ୍କୁ ଏହି ନିୟମ କବଳରୁ ଉଇଲିୟମ୍ ନାମକ ସାହେବ ଉଦ୍ଧାର କରିଥିଲେ । କିନ୍ତୁ ସେ ରାତିରେ ଗୋପନରେ ପଳାୟନ କରି ପହଁରି ନଦୀ ପାର ହୋଇ ନିଜର ଆତ୍ମୀୟଙ୍କ ନିକଟରେ ନିଜକୁ ସମର୍ପଣ କରିଥିଲା ଏବଂ ଆତ୍ମବିସର୍ଜନ କର୍ମ, ଯାହାକୁ ସେ ସାମୟିକ ଦୁର୍ବଳତା ସକାଶେ ଅନିଚ୍ଛା ସତ୍ତ୍ୱେ ଅମାନ୍ୟ କରିଥିଲା, ତାହା ସମାପନ ନିମନ୍ତେ ଦାବି କରିଥିଲା । ଏକଦା ଭାରତବର୍ଷରେ ସତୀପ୍ରଥାର ଏତେ ଆଦର ଥିଲା ଯେ, ବାଳିକାବିଧବାଟି ନିଜର ଦୁର୍ଭାଗ୍ୟ କଥା ବୁଝି ନପାରି ଜୀଅନ୍ତା ପୋଡ଼ି ମରିବାକୁ ଅମଙ୍ଗ ହେଲେ, ତାକୁ ଭାଙ୍ଗ ଦୁଦୁରା ପିଆଇ ଅର୍ଦ୍ଧଚେତନ ଅବସ୍ଥାରେ କଞ୍ଚାବାଉଁଶରେ ମାଡ଼ିବସି ସ୍ୱାମୀର ଜଳନ୍ତା ଚିତାରେ ପକାଇ ହତ୍ୟା କରାଯାଉଥିଲା । ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ କେହି ନାରୀ ସ୍ୱାମୀର ଚିତାକୁ ଡେଇଁ ଆତ୍ମହତ୍ୟା କଲେ ସମାଜ ସତୀମାତା କହି ଜୟଜୟକାର କରିଉଠେ । 'ସତୀମନ୍ଦିର' ନିର୍ମାଣ କରି ପୂଜା ଆରାଧନା କରେ । କିନ୍ତୁ ଯେତେ ପ୍ରେମ ପ୍ରଦର୍ଶନ କଲେ ହେଁ କୌଣସି ପୁରୁଷ ପତ୍ନୀ ଚିତାରେ ପୋଡ଼ିହୋଇ ମରିବା ଘଟଣା କମ୍ୱା 'ସତୀପିତା'ର ଜୟଜୟକାର ଆଜିଯାଏଁ କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଶୁଣାଯାଉ ନାହିଁ । ବରଂ ମୋର ଜଣେ ପରିଚିତ ବନ୍ଧୁଙ୍କର ପ୍ରିୟପତ୍ନୀଟି ଲୁଗାରେ ନିଆଁ ଲାଗି ପୋଡ଼ି ମରିଗଲାର ବାରଦିନ ଭିତରେ ସେ କନ୍ୟା ଖୋଜି ବିବାହ କରିବାକୁ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । କାରଣ ବାରଦିନ ଦିନ ବିବାହ ନହେଲେ ପତ୍ନୀର ବାର୍ଷିକ ଶ୍ରାଦ୍ଧ ସରିବା ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ହେବ ଏବଂ ବିନା ପତ୍ନୀରେ ବର୍ଷେ ରହିବା ଯେ କି ଅସମ୍ଭବ କଥା, ତାହା ତାଙ୍କ ପରିବାର ସମସ୍ତଙ୍କର ଚିନ୍ତାର କାରଣ ହୋଇପଡ଼ିଥିଲା ।

ଯେତେବେଳେ କୌଣସି ପ୍ରଥା ଧର୍ମ ଓ ସାମାଜିକ ପରମ୍ପରାରେ ପରିଣତ ହୋଇଛି, ସେତେବେଳେ ତାହା ଯେତେ ବେଶୀ ଅମାନୁଷିକ ହେଲେ ମଧ୍ୟ ମନୁଷ୍ୟ ଜାତି ତାକୁ ଗ୍ରହଣ କରିବାକୁ ଗୌରବ ମଣିଛି । ଏପରିକି ଏହି ଧର୍ମର ଅର୍ଗଳିରେ ବର୍ବରୋଚିତ ବଳିପଶୁରେ ପରିଣତ ହେଉଥିବା ଜାତି ଦ୍ୱାରା ହିଁ ଧର୍ମ ସବୁଠାରୁ ଅଧିକ ସମ୍ମାନିତ ଓ ଆଦୃତ ହୋଇଛି । ପ୍ରାୟ ପ୍ରତ୍ୟେକ ସମାଜରେ ଏହି ପ୍ରତିଷ୍ଠିତ ଧର୍ମ ଓ ପରମ୍ପରାକୁ ରକ୍ଷା କରିବାର ଦାୟିତ୍ୱ ବେଶୀଭାଗ ନାରୀ ଉପରେ ନ୍ୟସ୍ତ କରାଯାଇଥାଏ । ବିନା ପ୍ରଶ୍ନ ଓ ପ୍ରତିବାଦରେ ସେ ଧର୍ମପାଳନ କରିବ । କାହିଁକି ନା ସେ ସହଧର୍ମିଣୀ । ପୁରୁଷର ଦାୟିତ୍ୱ ହେଲା, ତା' ପାଇଁ ଧର୍ମ, ଶାସ୍ତ୍ର ଓ ବିଧିବିଧାନ ତିଆରି କରିବା । ଏହି

Source: Author, Digitized by PPRACHIN, SOA

ଧର୍ମପାଳନ କରିବା ଯୋଗୁଁ ବିଭିନ୍ନ ବାଗରେ ନାରୀର ମୃତ୍ୟୁ ହେଉ ପଛକେ, ଧର୍ମ ଏପରି କାହିଁକି ସୃଷ୍ଟି ହେଲା ବୋଲି ପ୍ରଶ୍ନ କରିବାର ଅଧିକାର ଟିକକ ତାକୁ ସମାଜରେ ଦିଆଯାଇ ନପାରେ । ଏହି ନିକଟଅତୀତରେ ବିଧାନସଭାର ବିବରଣୀଟିଏ ପଢ଼ିଥିଲି । କେହି ଜଣେ ମାନ୍ୟବର ବିଧାୟକ, ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ 'ପୁରୁଷ କମିଶନ୍' କାହିଁକି ଗଠନ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ । ମାନ୍ୟବର ମନ୍ତ୍ରୀ ଯେଉଁ ଉତ୍ତର ଦେଇଥିଲେ, ତାହା କାଳେ ସଭାରେ ହାସ୍ୟରୋଳ ସୃଷ୍ଟି କରିଥିଲା । କିନ୍ତୁ ଉତ୍ତରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମନ୍ତ୍ରୀ କାଳେ କହିଥିଲେ, ''ଯେଉଁଦିନ ପୁରୁଷମାନେ ବିବାହ କରି ମହିଳାମାନଙ୍କ ଘରେ ଆସି ରହିବେ ଓ ପତ୍ନୀମାନଙ୍କ ଦ୍ୱାରା ନିର୍ଯାତିତ ହେବେ, ସେଇଦିନ 'ପୁରୁଷ କମିଶନ୍' ଗଠନ କରାଯିବ ।'' ଅର୍ଥାତ୍ ନାରୀଙ୍କ ଉପରେ ମାଲିକାନା ଓ ନାରୀଙ୍କୁ ନିର୍ଯାତନା ଦେବାର ଅଧିକାର ପୁରୁଷ ପାଇଁ ସମାଜସମ୍ମତ ହୋଇଥିଲାବେଳେ ନିର୍ଯାତନା ସହିବାର ଅଧିକାର ନାରୀ ପାଇଁ ଏବେବି ସମାଜସମ୍ମତ ହୋଇ ରହିଛି । ତେଣୁ ଗର୍ଭପାତର ରକ୍ତଠାରୁ ସିନ୍ଦୂର ଯାଏଁ କୌଣସି ରାସ୍ତା ନାରୀକୁ ସୁଖ-ସମ୍ମାନର ପ୍ରତିଶ୍ରୁତି ଦେଇପାରୁନାହିଁ ।

○

Source: Author, Digitized by PPRACHIN, SOA

ମାତୃଶକ୍ତିର ଆବାହନ

ଏବେ ପାର୍ବଣର ଋତୁ । ଶକ୍ତିରୂପିଣୀ ମା’ ଦୁର୍ଗାଙ୍କର ପୂଜା-ଆରାଧନାର ଉତ୍ସବମୁଖର ବାତାବରଣ ସବୁଆଡ଼େ । ସିଂହବାହିନୀ ଦୁର୍ଗତିନାଶିନୀ ମା’ ଦୁର୍ଗା ଗୋଟିଏ ପାଦ ସିଂହପୃଷ୍ଠରେ ତ’ ଆର ପାଦ ପଶୁଶକ୍ତି ଓ ଆସୁରୀଶକ୍ତିର ପ୍ରତୀକ ମହିଷାସୁରର ଛାତିରେ ରଖି, ତା’ ବକ୍ଷରେ ଶୂଳବିଦ୍ଧ କରି ତାକୁ ନିଧନ କରିବାର ଦୃଶ୍ୟ ପ୍ରତ୍ୟେକ ମୃଣ୍ମୟ ପ୍ରତିମାରେ ବଡ଼ ଜୀବନ୍ତଭାବେ ପ୍ରତିଫଳିତ ।

ପାର୍ବଣର ମହିମା ବଖାଣିବାବେଳେ ମହିଷାସୁରର ତପସ୍ୟା ଓ ବରପ୍ରାପ୍ତି, ଦେବତାମାନଙ୍କ ଉପରେ ତା’ର ଅସହ୍ୟ ଅତ୍ୟାଚାର ଓ ଶେଷରେ ଦେବତାମାନଙ୍କର ଆକୁଳ ପ୍ରାର୍ଥନା ଫଳରେ ତେଜୋମୟୀ ମା’ ଜଗଜନନୀଙ୍କର ଦୁର୍ଗାରୂପରେ ଆବିର୍ଭାବ ଏବଂ ବ୍ରହ୍ମାଙ୍କର ବରଦାନ ଅନୁସାରେ ସମ୍ପୂର୍ଣ୍ଣ ବିବସନା ହୋଇ ମହିଷାସୁରକୁ ବଧ କରିବାର କାହାଣୀକୁ ଗୀତ, ନୃତ୍ୟ, ଅଭିନୟ, ଚିତ୍ର, କବିତା ଆଦି ମାଧ୍ୟମରେ କେତେ ବାଗରେ ପରିବେଷଣ କରାଯାଏ । ଶକ୍ତିଠାରୁ ଆରମ୍ଭ କରି ବିଦ୍ୟା, ଜ୍ଞାନ, ଦୟା, କ୍ଷମା, ଭକ୍ତି, ଶାନ୍ତି ଆଦି କେତେ ରୂପରେ ଦେବୀ ସର୍ବଭୂତରେ ବିରାଜିତା ଅଛନ୍ତି ବୋଲି ତାଙ୍କୁ ବାରମ୍ବାର ବନ୍ଦନା କରାଯାଏ ।

ଷୋଡ଼ଶ ଉପଚାରରେ ମୃଣ୍ମୟୀ ମୂର୍ତ୍ତିଙ୍କୁ ଜୀବନ୍ୟାସ ଦେଇ ଉପାସନା କରାଯାଏ । ଚାରିଦିନର ପୂଜାବିଧି ପରେ ଯାତରାର ଆଡ଼ମ୍ବରଠାରୁ ଭସାଣିର ଜାକଜମକ ବଳିପଡ଼େ । ଏସବୁର ପୃଷ୍ଠପଟ୍ଟରେ ଥିବା ତତ୍ତ୍ୱ ଓ ଆଦର୍ଶକୁ ଖୋଜିବସିଲେ ସେଇ ଗୋଟିଏ ପ୍ରତୀକାତ୍ମକ ଉତ୍ତର ମିଳେ - ମଣିଷ ଭିତରେ ଥିବା ଆସୁରୀପ୍ରବୃତ୍ତିକୁ ବିନାଶ କରି ସତ୍ୟ, ଶାନ୍ତି, ଦୟା, କ୍ଷମା, ବିଦ୍ୟା, ଜ୍ଞାନର ଉନ୍ମେଷ ପାଇଁ ମାତୃଶକ୍ତିର ଆବାହନ । କଥାଟିକୁ ସବୁ ନାରୀ-ମନ ଓ ନାରୀ-ମନକୁ ବୁଝିବାକୁ ଆଗ୍ରହୀ ମଣିଷ ଗଭୀରଭାବେ ଟିକେ ଚିନ୍ତା କରିବା କଥା । ସମଗ୍ର ଉପାଖ୍ୟାନଟି ହୁଏତ ଏହିପରି ଏକ ମାନସିକ ଦୃଶ୍ୟ ପ୍ରସ୍ତୁତି କରିପାରେ । ଗୋଟିଏ ମଞ୍ଚରେ ପରସ୍ପରର ପ୍ରତିପକ୍ଷରେ ରଣହୁଙ୍କାର ଦେଇ ଠିଆ ହୋଇଛନ୍ତି ମାତୃଶକ୍ତି ଓ ଆସୁରିଶକ୍ତି । ମାତୃଶକ୍ତି ଜ୍ଞାନ, ଭକ୍ତି, ଶକ୍ତି, ଶାନ୍ତି, ଦୟା, କ୍ଷମା, ବିଦ୍ୟାର ପ୍ରତିନିଧିତ୍ୱ କରୁଥିବାବେଳେ ଅରସୁରିଶକ୍ତି ଲୋଭ, ଅହଙ୍କାର, ଲାଳସା, ସ୍ୱାର୍ଥ ଅନ୍ୟକୁ ପୀଡ଼ିତ କରି ପୈଶାଚିକ ଉଲ୍ଲାସ ଅନୁଭବ କରୁଥିବାପରି ପ୍ରବୃତ୍ତି ସମୂହର ପ୍ରତିନିଧିତ୍ୱ କରୁଛି । ମଣିଷକୁ ଦାନବରେ ରୂପାନ୍ତରିତ କରିଦେଇଥିବା ଏହି ପ୍ରବୃତ୍ତି

Source: Author, Digitized by PPRACHIN, SOA

ସମୂହର ମୁକାବିଲା କରିବାର ସାମର୍ଥ୍ୟ ଦେବତାମାନେ ନିଜର ବିଳାସପ୍ରିୟତା ଅପରିଣାମଦର୍ଶିତା ଯୋଗୁଁ ହରାଇ ବସିଛନ୍ତି । ମୁମୂର୍ଷୁ ମଣିଷ ଓ ପଳାତକ ଦେବତାମାନେ ଏହି ପ୍ରବୃତ୍ତିର ଭୟଙ୍କର ବିନାଶକାରୀ ଅଭିଯାନ ଆଗରେ ନିଜକୁ ରକ୍ଷା କରିବାପାଇଁ ଆର୍ତ୍ତ ଆକୁଳ କଣ୍ଠରେ ଆବାହନ କରୁଛନ୍ତି ମାତୃ ଶକ୍ତିକୁ । ସଂସାରରେ ପବିତ୍ର, ସୁନ୍ଦର, କୋମଳ ଓ ମାନବୀୟ ଭାବନା ଉପରେ ଦାନବୀୟ ସଂହାରଲୀଳା ଦେଖି ଅଗତ୍ୟା ଆଦ୍ୟା ଶକ୍ତିକୁ ଦଶଭୁଜରେ ଦଶପ୍ରହରଣ ଧାରଣ କରିବାକୁ ପଡ଼େ । ଶାନ୍ତ ସୁନ୍ଦର ଚକ୍ଷୁରେ କ୍ରୋଧର ବହ୍ନି ଜଳେଇବାକୁ ପଡ଼େ । ଏତିକିରେ ଯଥେଷ୍ଟ ହୁଏନା । ତେତ୍ରିଶ କୋଟି ଦେବାଦେବୀ ଯକ୍ଷ, ରକ୍ଷ, ନାଗ, ଗନ୍ଧର୍ବ, କିନ୍ନର, ମାନବ, ପଶୁ, ପକ୍ଷୀ, କୀଟପତଙ୍ଗ - ସମସ୍ତଙ୍କ ସମ୍ମୁଖରେ ବିବସନା ହୋଇ ଜାନୁ ଯୌବନ ଦେଖାଇ ରାକ୍ଷସକୁ ସମ୍ମୋହିତ ହୀନବୀର୍ଯ୍ୟ କରିବାକୁ ପଡ଼େ । ଯେଉଁ ସୁନ୍ଦର ମଧୁର ଉତ୍ସଟି ସକଳ ଜୀବନର ଜନୟିତ୍ରୀ, ପାଳୟିତ୍ରୀ ତାକୁ ନିଜର ଯାବତୀୟ ଦୁଷ୍କର୍ମ, ଲାଳସା ଓ ଅହଂକାର ଯୋଗୁଁ ମଣିଷ କିପରି ନଗ୍ନସଂହାରିଣୀ ଶକ୍ତିରେ ପରିଣତ କରେ, ମା' ଦୁର୍ଗାଙ୍କର ପରିକଳ୍ପନା ତା'ର ଏକ ମାର୍ମିକ ତଥା ନିଷ୍ଠୁର ଉଦାହରଣ ।

ମାତୃଶକ୍ତିର ଏ ବିଚିତ୍ର ନିର୍ମମ ପରିକଳ୍ପନାକୁ କୌଣସି ନାରୀ-ମନ ହୁଏତ କେବେ ସଚେତନଭାବେ ବିଚାର କରେନାହିଁ । ନହେଲେ ଏକ ପୁରୁଷପ୍ରଧାନ ବିଳାସୀ ସମାଜରେ ନାରୀ ଅସ୍ତିତ୍ୱର ଏହି ଶକ୍ତି ଓ ଲାଞ୍ଛନାର ମିଳିତ ଇସ୍ତାହାରର ମର୍ମ ଅଛପା ରହନ୍ତା ନାହିଁ । ଆଦ୍ୟା ଶକ୍ତିକୁ ପୂଜା କରିବା, ସମ୍ମାନ କରିବା ନାମରେ, ଏକ ପୁରୁଷପ୍ରଧାନ ସମାଜର ବିଚିତ୍ର, ବିଚଳିତ ମନସ୍ତତ୍ତ୍ୱର କାହାଣୀ ସ୍ପଷ୍ଟ ହୋଇଯାଆନ୍ତା । ଶକ୍ତି ପୂଜା ଓ ତାନ୍ତ୍ରିକ ପୂଜାପଦ୍ଧତିର ମୂଳକଥାଟି ହେଉଛି ନାରୀର ଯୌନଶକ୍ତିର ଆରାଧନା । ଶକ୍ତି ଓ ତନ୍ତ୍ର ପରମ୍ପରା ଶରୀରକୁ ପୂର୍ଣ୍ଣଭାବେ ସ୍ୱୀକାର କରେ ଓ ସୃଜନର କର୍ତ୍ତ୍ରୀ ହୋଇଥିବାରୁ ନାରୀର ଯୌନତାକୁ ସେ ଆଦିଶକ୍ତି ଭାବରେ ଗ୍ରହଣ କରେ । ଏହି ଆଦିଶକ୍ତିର ପ୍ରଭାବ ମଣିଷର ମନ ଓ ଦେହ ଉପରେ ସର୍ବାଧିକ । ତେଣୁ ତାକୁ ଧାରଣ କରିଥିବା ଶରୀରର ସମ୍ମାନ ଓ ଆଦର ସର୍ବୋଚ୍ଚ ସୀମାରେ ପହଞ୍ଚିଲେ ସମାଜ ସର୍ବମଙ୍ଗଳ ପଥରେ ଯାଏ । ମାନବ ଜାତିର ଉତ୍ତରୋତ୍ତର ବିକାଶ ହୁଏ । ମଣିଷ ଭିତରେ ସକାରାତ୍ମକ ପ୍ରବୃତ୍ତିମାନଙ୍କର ପୁଷ୍ଟିସାଧନ ହୁଏ । କିନ୍ତୁ ଅନ୍ୟପକ୍ଷରେ ଯଦି ପୁରୁଷର ଲାଳସା, ଅହଂକାର ଓ ଦୈହିକ କ୍ଷୁଧାର ପରିତୃପ୍ତି ପାଇଁ ନାରୀର ଯୌନଶକ୍ତିକୁ ବ୍ୟବହାର କରାଯାଏ, ତେବେ ତାହା କ୍ରମଶଃ ଦେବତ୍ୱକୁ ମଧ୍ୟ ହୀନବୀର୍ଯ୍ୟ କରେ । ମଦମତ୍ତ ଆସୁରୀଶକ୍ତିକୁ ପ୍ରୋତ୍ସାହିତ କରେ, ସମାଜରେ ଅତ୍ୟାଚାର ଓ ଶୋଷଣର ମାତ୍ରା ପ୍ରବଳ ହୁଏ, ହୁଏତ ଅବଶେଷରେ ଯୌନଶକ୍ତିର ସାହାଯ୍ୟ ନେବାକୁ ପଡ଼େ । ଯେଉଁ ସୁନ୍ଦର ମଧୁର ଆଦିଶକ୍ତି, ଆଦିରସ, ସକଳ ସୃଷ୍ଟିର ଜନୟତ୍ରୀ, ସକଳ ପ୍ରେମ ଓ

Source: Author, Digitized by PPRACHIN, SOA

ମଙ୍ଗଳର ଉତ୍ସ, ସକଳ କଳା ଓ ସୌନ୍ଦର୍ଯ୍ୟର ଆଧାର, ସକଳ ମାନବୀୟ ସଦ୍‌ଗୁଣାବଳୀର ଉତ୍ତରଣର ଶୀର୍ଷବିନ୍ଦୁ ତାଙ୍କୁ ଶେଷକୁ ଏକ ନଗ୍ନ ବିକଟରୂପରେ ସଂହାରକାରିଣୀ ହେବାକୁ ବାଧ୍ୟ କରାଯାଏ ।

ନିଜର ମହାର୍ଘ ପୁରୁଷାକାରକୁ ଜଳାଞ୍ଜଳି ଦେଇ, ଏହି ମଙ୍ଗଳ - ମଧୁର ପ୍ରୀତି ଓ ମାତୃତ୍ୱକୁ ସମ୍ମାନ ଓ ସୁରକ୍ଷା ଦେବାରେ ଅସମର୍ଥ ହୋଇ ମଣିଷ ସମାଜ ଯେତେବେଳେ କ୍ଳୀବ ଓ ପ୍ରଭାବଶୂନ୍ୟ ହୋଇପଡ଼େ, ପରିଚୟ କହିଲେ କେବଳ ଯଶ-କ୍ଷମତା ସମ୍ବଳିତ ଅହଂକାର କିମ୍ବା ବିଜ୍ଞାପନକୁ ବୁଝାଏ, ସେତିକିବେଳେ ହିଁ ପ୍ରତି ମଣିଷ ଭିତରେ ଥିବା ମହିଷାସୁରର ଏକଛତ୍ର ରାଜତ୍ୱ ପ୍ରତିଷ୍ଠିତ ହୁଏ ।

ଆଜି ଏହି ତତ୍ତ୍ୱଟି ପ୍ରତି କୌଣସି ବ୍ୟକ୍ତି ବା ସମାଜ ସଚେତନ ନୁହଁନ୍ତି । ବସ୍ତୁବାଦୀ ବିଳାସର ଭୂତ ମଣିଷ ମୁଣ୍ଡରେ ଏପରି ସବାର ହୋଇଛି ଯେ, ପ୍ରତ୍ୟେକ ପୂଜାପାର୍ବଣର ସାତ୍ତ୍ୱିକ ଦିଗଟି କ୍ଷୀଣ ହୋଇ ତାମସିକ ଦିଗଟି ହିଁ ଶକ୍ତିଶାଳୀ ହେବାରେ ଲାଗିଛି । ରୂପାମେଢ଼, ସୁନାମେଢ଼, ବାଜା - ବାଣ - ରୋଷଣୀରେ ଦେବୀଙ୍କର ମାଟିପ୍ରତିମା ଝଲସୁଥିବାବେଳେ ଜୀବନ୍ତ ଦେବୀମାନେ ଭ୍ରୁଣ ହତ୍ୟା, ବଧୂ ହତ୍ୟା, ଧର୍ଷଣ, ଅତ୍ୟାଚାର ବେଦୀରେ ପ୍ରତିଦିନ ବଳି ପଡୁଛନ୍ତି । ତେଣୁ ମାତୃଶକ୍ତି ନା ଆସୁରୀ ଶକ୍ତି, ମଣିଷ ପ୍ରକୃତରେ କାହାର ବାସ୍ତବ ପୂଜାରୀ ସାଜିଛି ତାହା ଚିନ୍ତା କରିବାର ଆଜି ବେଳ ଆସିଛି ।

O

Source: Author, Digitized by PPRACHIN, SOA

ଶକ୍ତିର ସୃଜନଶୀଳ ପରିଭାଷା

ଶକ୍ତିମୟୀ ନାରୀଙ୍କ ପ୍ରସଙ୍ଗ ପଡ଼ିଲେ ସମସ୍ତେ ଝାନ୍‌ସିରାଣୀ ଲକ୍ଷ୍ମୀବାଈ, ରେଜିଆ ସୁଲ୍‌ତାନା, ଚାନ୍ଦବିବି କିମ୍ୱା ଓଡ଼ିଶାର ବୀରରାଣୀ ଶୁକଦେଈ ଇତ୍ୟାଦିଙ୍କ କଥା ସ୍ମରଣ କରନ୍ତି । ସେମାନେ କିପରି ଯୁଦ୍ଧକ୍ଷେତ୍ରରେ ରଣରଙ୍ଗିନୀ ବେଶରେ ଶତ୍ରୁର ମୁକାବିଲା କରିଥିଲେ,.ସେକଥା କହି ନାରୀଶକ୍ତିର ପ୍ରଶଂସା କରନ୍ତି । ହିନ୍ଦିର ତ' ପ୍ରବାଦଟିଏ ଅଛି - ''ଓ ଝାନସିବାଲୀ ରାନୀ ଥି - କ୍ୟା ଖୁବ୍ ଲଢ଼ି ମର୍ଦାନୀ ଥି ।'' ଅର୍ଥାତ୍ ଶକ୍ତିମୟୀ ଭାବରେ ନାରୀକୁ ସେତିକିବେଳେ ସ୍ୱୀକୃତି ଓ ସମ୍ମାନ ମିଳେ, ଯେତେବେଳେ ସେ ପୁରୁଷ ସ୍ୱୀକାର କରୁଥିବା ଓ ପୁରୁଷସୁଲଭ ଶକ୍ତିର ପ୍ରଦର୍ଶନ କରିଥାଏ ।

ସଭ୍ୟତାର ଆରମ୍ଭରୁ ପୁରୁଷ ଓ ପୁରୁଷପ୍ରଧାନ ସମାଜ ଯୁଦ୍ଧ ଲଢ଼ିବାର ପ୍ରବୃତ୍ତିକୁ ଶକ୍ତି ଓ ବୀରତ୍ୱର ମର୍ଯ୍ୟାଦା ଦେଇଆସିଛି । କ୍ଷମତା ପାଇଁ, ଅହଂକାର ପାଇଁ, ସମ୍ପତ୍ତି ଓ ରାଜ୍ୟ ପାଇଁ,, ସୁନ୍ଦରୀ ନାରୀ ପାଇଁ କିମ୍ୱା ତଥାକଥିତ ଧର୍ମ ଓ ସମ୍ପ୍ରଦାୟ ପାଇଁ ଯଦି ମଣିଷ ମଣିଷ ଭିତରେ ହଣାକଟା ନହେଲା, ରକ୍ତର ନଦୀ ବୋହି ନଗଲା, ସହସ୍ର ନାରୀ ବିଧବା, ସହସ୍ର ଶିଶୁ ଅନାଥ ନହେଲେ, ତା'ହେଲେ ମଣିଷର ଶକ୍ତି ଓ ବୀରତ୍ୱର ବିଜ୍ଞାପନ ଆଉ କେଉଁ ବାଟରେ କରାଯାଇପାରିବ ? ଆଜି ବିଜ୍ଞାନର ସର୍ବୋଚ୍ଚ ଉତ୍କର୍ଷ ସାଧିତ ହୋଇଥିଲାବେଳେ ମଧ୍ୟ ମଣିଷ ମାରଣାସ୍ତ୍ର ନିର୍ମାଣ ଓ ପ୍ରୟୋଗକୁ ଶକ୍ତି ବୋଲି ଭାବୁଛି । ଯାହା ପାଖରେ ଯେତେ ମାରଣାସ୍ତ୍ର ଗଚ୍ଛିତ ଅଛି ଓ ଯିଏ ତାହାକୁ ଯେତେ ଅଧିକ ନରସଂହାରରେ ଲଗେଇପାରୁଛି, ତାକୁ ହିଁ ସେତେ ଶକ୍ତିଶାଳୀ ବୋଲି ସମାଜ ସ୍ୱୀକାର କରୁଛି । ଶକ୍ତି (?) ଓ ବୀରତ୍ୱ (?)ର ଏହି ଭୀଷଣ, ଉନ୍ମତ୍ତ ତାଣ୍ଡବଲୀଳା ଆଗରେ ନାରୀର ସ୍ଥାନ ସବୁବେଳେ ଅତ୍ୟନ୍ତ ନଗଣ୍ୟ ଓ ଅସହାୟ ହୋଇଆସିଛି ।

ମାନବ ସଭ୍ୟତା ବିକଶିତ ହେବାର ଯେତିକି ବର୍ଷ ବିତିଯାଇଛି, ତା' ଭିତରେ ମଣିଷ ତା'ଠାରୁ ବହୁ ଅଧିକ ଯୁଦ୍ଧ ଲଢ଼ିସାରିଲାଣି ଓ ଏପର୍ଯ୍ୟନ୍ତ ମଧ୍ୟ ଅନବରତ ଲଢ଼ିଚାଲିଛି । ଯୁଦ୍ଧ ଯେଉଁଠି ଲାଗୁ ନା କାହିଁକି, ଯୁଦ୍ଧ ଲାଗିଲେ

Source: Author, Digitized by PPRACHIN, SOA

ସେଠାକାର ସ୍ତ୍ରୀ ଲୋକ ଓ ଶିଶୁମାନଙ୍କର ଦୁର୍ଦ୍ଦଶାର ସୀମା ରହେନାହିଁ । ଘରେ ବାହାରେ ମୃତ୍ୟୁର ବିକଟ ନୃତ୍ୟ ପରିବେଷ୍ଟିତ ହେଉଥାଏ । ସଜଡ଼ା ସଂସାର ବିପର୍ଯ୍ୟସ୍ତ ହୋଇଯାଏ । ସମାପ୍ତ ହୋଇଯାଏ ସୃଷ୍ଟିର ସମସ୍ତ ସୁକୁମାରପଣ । ହିଂସା -ପ୍ରତିହିଂସାର ହୁ...ହୁ ଦାବାନଳରେ ଜଳିପୋଡ଼ି ଭସ୍ମ ହୋଇଯାଏ ପ୍ରେମ ଓ ମମତାର କୁଟାକାଠିରେ ତିଆରି ନୀଡ଼ ।

ହେଲେନ୍, ସୀତା କିମ୍ବା ଦ୍ରୌପଦୀଙ୍କ ପରି ନାରୀମାନେ କେବେ କେବେ ଭୀଷଣ ମହାଯୁଦ୍ଧ ସବୁର ଉପଲକ୍ଷ୍ୟ ହୋଇପଡ଼ନ୍ତି । ଏମାନଙ୍କ ଉପରେ ମାଲିକାନା ସାବ୍ୟସ୍ତ କରିବାକୁ କେନ୍ଦ୍ରକରି ପୁରୁଷପୁଙ୍ଗବମାନଙ୍କର ବଳକଷାକଷି ଚାଲେ । ମଝିରେ ଅପ୍ରତିମ ରୂପ-ଗୁଣ-ବ୍ୟକ୍ତିତ୍ୱର ଅଧିକାରିଣୀ ଏହି ନାରୀମାନଙ୍କ ଆଖିରୁ କେତେବେଳେ ଅଶ୍ରୁ ତ' କେତେବେଳ ଅଗ୍ନି ବର୍ଷୁଥାଏ ।

ଏ ତ' ଗଲା ସଭ୍ୟତାର କାହାଣୀ । କିନ୍ତୁ ଅସଭ୍ୟ ଆଦିବାସୀମାନଙ୍କ କଥା ବିଚାରକୁ ନେଲେ ବଣ୍ଡା ଆଦିବାସୀଙ୍କ କଥା ମନକୁ ଆସେ । ବଣ୍ଡା ପୁରୁଷମାନେ କଥା କଥାକେ ହିଂସ୍ର ହୋଇଉଠି ପରସ୍ପରକୁ ହତ୍ୟା କରନ୍ତି ବୋଲି ଆପାତତଃ ସ୍ୱାଧୀନା ବଣ୍ଡାରମଣୀ ଅଳ୍ପବୟସର ବଶମ୍ବଦ କିଶୋରଟିକୁ ହିଁ ସ୍ୱାମୀଭାବରେ ବାଛିଥାଏ । ମାନବସମାଜର ସବୁଠାରୁ ଉନ୍ନତ ଓ ସବୁଠାରୁ ଅନୁନ୍ନତ ଶ୍ରେଣୀର ନାରୀମାନଙ୍କର ଏହି ମାନସିକ ସ୍ଥିତି ସାବ୍ୟସ୍ତ କରେ ଯେ, ଯୁଦ୍ଧ ଓ ହିଂସା କେବେହେଲେ କୌଣସି ନାରୀର ଆକାଙ୍‌କ୍ଷିତ ପ୍ରବୃତ୍ତି ନୁହେଁ । ନିରାପଦ ଗୃହାଙ୍ଗନ - ସୁସ୍ଥ ସୁନ୍ଦର, ଶିକ୍ଷିତ ପରିବାର ଓ ଏକ ସମ୍ଭାବନାମୟ ଭବିଷ୍ୟତ ପାଇଁ ନାରୀର ସବୁବେଳେ ପ୍ରଗାଢ଼ ଅନୁରକ୍ତି ରହିଛି ।

ଅପରପକ୍ଷରେ କ୍ଷମତା ଓ ଅହଂକାରର ବଶବର୍ତ୍ତୀ ହୋଇ ପୃଥିବୀରେ ଯୁଦ୍ଧ ନିମନ୍ତେ ହିଂସା ଓ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରିବାରେ ପୁରୁଷ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କଦବା କେଉଁଠି ଯଦି ନାରୀ ଯୁଦ୍ଧରେ ଅଗତ୍ୟା ଅବତୀର୍ଣ୍ଣା ହୁଏ, ସେତେବେଳେ ପୁରୁଷଶାସିତ ସମାଜ ତାକୁ ଶକ୍ତିମତୀ ଓ ବୀରାଙ୍ଗନା କହି ପ୍ରଶଂସା କରେ । ସେହି ସମାଜ କିମ୍ବା ନିଜେ ନାରୀ ମଧ୍ୟ ହୁଏତ ବୁଝିପାରେନା ଯେ, ନାରୀର ରଣହୁଙ୍କାର ତା'ର ନିଜସ୍ୱ ଶକ୍ତିର ଝଙ୍କାର ନୁହେଁ, ଏକ ପୁରୁଷଶାସିତ ସମାଜର କ୍ଷମତାଲାଳସା ଓ ହିଂସାର ଅସହାୟ ପ୍ରତିଧ୍ୱନି ମାତ୍ର ।

ଯୁଦ୍ଧକ୍ଷେତ୍ରରେ ଅସ୍ତ୍ରଧାରଣ କରୁଥିବା ନାରୀକୁ ବାସ୍ତବରେ ନିଜ ଶକ୍ତିର ପ୍ରତିକୂଳରେ ହିଁ ଯିବାକୁ ପଡ଼ିଥାଏ । ଇତିହାସ ଅନୁଶୀଳନ କଲେ, ଦେଖାଯାଏ

Source: Author, Digitized by PPRACHIN, SOA

ଯେ, ଯେତେବେଳେ ମଧ୍ୟ ନାରୀ ଅସ୍ତ୍ରଧାରଣ କରିଛି ଆକ୍ରମଣ ନୁହେଁ, ରକ୍ଷା ଓ ଆତ୍ମରକ୍ଷା ପାଇଁ ହିଁ ବାଧ୍ୟ ହୋଇ ଅସ୍ତ୍ର ଉଠେଇଛି । ତଥାପି ପୁରୁଷ ସେଥିରେ ନିଜର ବିନାଶକାରୀ ପ୍ରବୃତ୍ତିର ପ୍ରତିଫଳନ ଦେଖିଛି ଓ ହିଂସା, ବାହୁବଳ, ଯୁଦ୍ଧମନସ୍କତା ପାଇଁ ପରୋକ୍ଷ ସମର୍ଥନ ସଂଗ୍ରହ କରିଛି । ନିଜର ଯେଉଁ ପ୍ରବୃତ୍ତିକୁ ପୁରୁଷ ବୀରତ୍ୱ ଓ ଶକ୍ତି ବୋଲି ଭାବିଛି, ସେହି ପ୍ରବୃତ୍ତିକୁ ଅନୁସରଣ କରିଥିବାରୁ ସେ ନାରୀକୁ ଶକ୍ତିମୟୀ ଭାବରେ ମର୍ଯ୍ୟାଦା ଦେଇଛି । କିନ୍ତୁ ନାରୀ ଯେଉଁ ଶକ୍ତିବଳରେ ପୁରୁଷକୁ ଚାହିଁଛି, ପୁରୁଷ ତାକୁ ଦୁର୍ବଳତା କହି ଉପହାସ କରିଛି । ରାମାୟଣରେ ମନ୍ଦୋଦରୀ ରାବଣକୁ ଯୁଦ୍ଧ ନକରିବାକୁ କେତେ ନେହୁରା ହୋଇଛନ୍ତି । ଶତପୁତ୍ରର ମାତା ଗାନ୍ଧାରୀ ସବୁବେଳେ ଯୁଦ୍ଧର ବିରୋଧରେ କଥା କହିଛନ୍ତି । କିନ୍ତୁ ଏହି ଆତ୍ମଶକ୍ତିମୟୀ ନାରୀମାନଙ୍କର ପରାମର୍ଶକୁ ସେମାନଙ୍କର ସ୍ୱାମୀ, ଭ୍ରାତା ବା ପୁତ୍ର କେହି କେତେବେଳେ ଗ୍ରହଣ କରିନାହାନ୍ତି ।

ଯୁଦ୍ଧ ଓ ଅସ୍ତ୍ରଶସ୍ତ୍ରର ଶକ୍ତି ନରସଂହାର କାରଣ ହୁଏ । ମୃତ୍ୟୁର ମହାମଞ୍ଚ ସଜାଇଥାଏ । କିନ୍ତୁ ପ୍ରେମର ଶକ୍ତି ସବୁବେଳେ ମୃତ ମାନବାତ୍ମାକୁ ଥରକୁ ଥର ଜୀବନ୍ୟାସ ଦେଇଥାଏ । ନାରୀର ଏହି ଶକ୍ତି ସମ୍ପର୍କରେ କହିବାକୁ ଯାଇ ଓଡ଼ିଆ ସାହିତ୍ୟର ପ୍ରାତଃସ୍ମରଣୀୟ ଲେଖକ କାହ୍ନୁଚରଣ ଲେଖିଛନ୍ତି - ''ଧୋବୀ ଉଠିଲା । ତା' ଭିତରର ନାରୀତ୍ୱ ତେଜି ହୋଉଠିଲା । ସେ ନାରୀ, ସୃଷ୍ଟି ପାଇଁ ତା'ର ଜନ୍ମ । ଧ୍ୱଂସ ପାଇଁ ନୁହେଁ । ସେ କରେ ସୃଜନ । ସେ ବଞ୍ଚାଇ ରଖେ ଦୁନିଆକୁ । ସେ ଜନନୀ, ସେ ମାତା । ଜନନୀ ହେବାକୁ ସେ ଖୋଜେ ପୁରୁଷ । ମାତା ହେବାକୁ ସେ ଖୋଜେ ଶକ୍ତି । ଶକ୍ତି ତା'ର କୋମଳତା ।'' (କାହ୍ନୁଚରଣ - ଶାସ୍ତି)

ଅଥଚ ପୁରୁଷପ୍ରଧାନ ସମାଜ ବ୍ୟବସ୍ଥାରେ ନାରୀର ଏହି ସୃଜନଶକ୍ତିର କୋମଳତାକୁ ମଣିଷର ଆଦର୍ଶ ଭାବେ ଗ୍ରହଣ କରାଯାଏ ନାହିଁ । ସଭ୍ୟତା ଯେତେ ଯେତେ ଅଗ୍ରଗତି କରୁଥାଏ, ବାହୁବଳ, କ୍ଷମତାବଳ ଓ ସର୍ବୋପରି ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ସେତିକି ଅଧିକ ହିଂସାତ୍ମକ କ୍ରିୟାକଳାପ ବଢୁଥାଏ । ମଣିଷର ପ୍ରକୃତ ଶକ୍ତି ଯେ ଆତ୍ମଶକ୍ତି ଓ ସୃଜନଶକ୍ତି, ପୁରୁଷର ଅନ୍ଧ ଅହଂକାର, ତାକୁ ଏହା ବୁଝିବାରେ ଓ ବୁଝିଲେ ମଧ୍ୟ ଜୀବନରେ ପାଳନ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ ।

ଯୁଦ୍ଧ ଲଢୁଥିବା ନାରୀକୁ ଶକ୍ତିମୟୀ କହି କହି ଏହି ସମାଜ ନାରୀକୁ ମଧ୍ୟ ନିଜ ଶକ୍ତିର ସ୍ୱରୂପ ସମ୍ପର୍କରେ ବିଭ୍ରାନ୍ତ କରେ । ତେଣୁ ଜ୍ଞାନ-ବିଜ୍ଞାନର ଶୀର୍ଷକୁ ଗଲେ ହେଁ ମାଂସପେଶୀର ଶକ୍ତି ଓ ଅହଂକାରର ପ୍ରତିଯୋଗିତାରୁ ମଣିଷ ସମାଜ ଓହରି

Source: Author, Digitized by PPRACHIN, SOA

ଆସି ପାରୁନାହିଁ । ଶାନ୍ତି ପ୍ରତିଷ୍ଠାର ଉପଠାଉରିଆ ଆହ୍ୱାନ ସତ୍ତ୍ୱେ ପୃଥିବୀକୁ ହଜାର ହଜାର ଥର ଧ୍ୱଂସ କଲାପରି ମାରଣାସ୍ତ୍ରମାନଙ୍କର ଉତ୍ପାଦନ ବଢ଼ି ବଢ଼ି ଚାଲିଛି । କୌଣସି କୂଟନୈତିକ ସମ୍ପର୍କ ଓ ସହବନ୍ଧନ ଏହାର ସମାଧାନ ନୁହେଁ ।

ନାରୀର ସହଜାତ ପ୍ରେମ ଓ ସୃଜନ ଶକ୍ତିକୁ ଆଦର୍ଶ ମାନି ପୁରୁଷ ଯେଉଁଦିନ ସେହି ଶକ୍ତିକୁ କାୟ-ମନୋ-ବାକ୍ୟରେ ଅନୁସରଣ କରିବ ଓ ତା'ର ରକ୍ଷଣାବେକ୍ଷଣ ନିମନ୍ତେ ନିଷ୍ଠାର ସହ ଉଦ୍ୟମ କରିବ ତଥା ସେହି ଶକ୍ତିର ବିକାଶ ଓ ସମୃଦ୍ଧି ନିମନ୍ତେ ପୂର୍ଣ୍ଣପ୍ରାଣରେ ସହଯୋଗ କରିବ, ସେହିଦିନ ହିଁ ଏକ ସୁଖ-ଶାନ୍ତିମୟ ପୃଥିବୀର ପୁନରୁତ୍‌ଥାନ ଘଟିବ, ତା' ପୂର୍ବରୁ ନୁହେଁ ।

○

Source: Author, Digitized by PPRACHIN, SOA

ନିଷ୍ପତ୍ତି ନେବାର ଅଟଳତା ଓ ପାଳନ କରିବାର ନିଷ୍ଠା

ଭାରତୀୟ ପୁରାଣମାନଙ୍କରେ ପ୍ରାତଃସ୍ମରଣୀୟା ପଞ୍ଚକନ୍ୟାଙ୍କ କଥା ଉଲ୍ଲେଖ ଅଛି । ଏହି ପଞ୍ଚକନ୍ୟା ହେଲେ – ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀ । ରାମାୟଣ ଓ ମହାଭାରତର ଏହି ତେଜସ୍ୱିନୀ ନାରୀମାନଙ୍କର ଏକାଧିକ ପୁରୁଷଙ୍କ ସହିତ ଦୈହିକ ସମ୍ପର୍କ କରିଥିଲା । ବିବାହ ପୂର୍ବରୁ କିମ୍ବା ବିବାହ ପରେ ମଧ୍ୟ ଏମାନେ ଅନ୍ୟ ପୁରୁଷଙ୍କ ସହିତ ଶରୀର ସମ୍ପର୍କ ସ୍ଥାପନ କରିଥିଲେ । ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କାହିଁକି ଏହି ନାରୀମାନଙ୍କୁ ସ୍ମରଣ କଲେ ସବୁ ପାତକରୁ ମୁକ୍ତି ମିଳେ ବୋଲି ଭାରତୀୟ ପରମ୍ପରା ବିଶ୍ୱାସ କରେ ?

ଏହି ବିଶ୍ୱାସ ପଛରେ ଗୋଟିଏ ମାତ୍ର କାରଣ ଥାଇପାରେ । ଉପରକୁ ଯେତେ ରକ୍ଷଣଶୀଳ ଜଣାପଡୁଥିଲେହେଁ ଭାରତର ପ୍ରାଚୀନ ବୈଦିକ ସଂସ୍କୃତି ନାରୀର ଅନ୍ତର୍ଜଗତର ସର୍ବୋଚ୍ଚ ବିକାଶକୁ ସମ୍ମାନ ଦେଉଥିଲା । ଏହି ପାଞ୍ଚଜଣ ମହୀୟସୀ ମହିଳାଙ୍କ ଜୀବନରେ ଯୌନସମ୍ପର୍କକୁ କେନ୍ଦ୍ରକରି ବହୁ ଘଟଣା, ଦୁର୍ଘଟଣା ଘଟିଛି । କିନ୍ତୁ ନିଜର ଜୀବନଧାରା ସମ୍ପର୍କରେ ନିଷ୍ପତ୍ତି ନେବାରେ ଓ ସେହି ନିଷ୍ପତ୍ତିକୁ ଜୀବନସାରା ନିଷ୍ଠାର ସହିତ ପାଳନ କରିବାରେ ଏମାନେ ଅସାଧାରଣ ଦୃଢ଼ତା ଓ ବ୍ୟକ୍ତିତ୍ୱର ପ୍ରଦର୍ଶନ କରିଛନ୍ତି । ନାରୀର ସାମାଜିକ ଓ ଆବେଗିକ ଅଧିକାର ସାବ୍ୟସ୍ତ କରିବାରେ ତଥା ଜଣେ ବ୍ୟକ୍ତି ଭାବରେ ନିଜର ଶକ୍ତି ଓ ଅସହାୟତାକୁ ସ୍ୱୀକାର କରିବାରେ ଏମାନେ କପଟ କରିନାହାନ୍ତି । ନିଜକୁ ଅବଳା ଦୁର୍ବଳା କହି ସମାଜରେ ନାରୀକୁ ମିଳୁଥିବା ତଥାକଥିତ ସୁବିଧା-ସୁଯୋଗ ଉପଭୋଗ କରିବାପାଇଁ ମିଥ୍ୟା କିମ୍ବା ଛଳନାର ଆଶ୍ରୟ ନେଇନାହାନ୍ତି । ତେଣୁ ଏକାଧିକ ପୁରୁଷଙ୍କ ସହ ବିବାହପୂର୍ବ, ବୈବାହିକ କିମ୍ବା ବୈଧବ୍ୟ ଅବସ୍ଥାରେ ମଧ୍ୟ ଏମାନଙ୍କର ସମ୍ପର୍କ ଓ ପୁନଃବିବାହକୁ ସମାଜ ନିନ୍ଦା ଦୃଷ୍ଟିରେ ଦେଖିବାର ସାହସ କରିନାହିଁ । ସୀତାଙ୍କୁ ଯେଉଁ ସମୟରେ ସତୀ ଶିରୋମଣିର ସମ୍ମାନ ମିଳିଥିଲା । ଧର୍ଷିତା ଅହଲ୍ୟା, ସ୍ୱାମୀର ହତ୍ୟାକାରୀ ଦେବରଙ୍କୁ ପୁନଃବିବାହ କରିଥିବା ତାରା କିମ୍ବା ମନ୍ଦୋଦରୀଙ୍କୁ ମଧ୍ୟ ସେହି ସମୟରେ ସମ୍ମାନଜନକ ସ୍ଥାନ ଅର୍ପଣ କରାହୋଇଛି ।

ସେ ନାରୀ ହୁଅନ୍ତୁ ବା ପୁରୁଷ, ପ୍ରେମ କରିବା ଓ ଦେହସମ୍ପର୍କ ରଖିବା ସମ୍ପୂର୍ଣ୍ଣଭାବେ ଏକ ବ୍ୟକ୍ତିଗତ ନିଷ୍ପତ୍ତି ହେବା ଉଚିତ । ମଣିଷକୁ ମାନସିକ ଭାବେ

Source: Author, Digitized by PPRACHIN, SOA

ସୁସ୍ଥ ରଖିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରେମ କରିବାପାଇଁ ସବୁ ମଣିଷଙ୍କର ଯେପରି ପ୍ରକୃତିଦତ୍ତ ଅଧିକାର ରହିଛି, ନିଜ ଦେହ ସମ୍ପର୍କରେ ନିଷ୍ପତ୍ତି ନେବାପାଇଁ ସେହିପରି ମଣିଷର ସ୍ୱାଭାବିକ ଅଧିକାର ରହିବା କଥା । ପ୍ରେମ ଦେହ ଓ ବିବାହକୁ କେନ୍ଦ୍ରକରି ଯେତେବେଳେ ଏହିପରି ପ୍ରାକୃତିକ ଓ ବ୍ୟକ୍ତିଗତ ଆକର୍ଷଣକୁ ସମାଜ ଗ୍ରହଣ କରିନିଏ, ସେତେବେଳେ ଏହାକୁ କେନ୍ଦ୍ରକରି ଯାବତୀୟ ଅପ୍ରାକୃତିକ ଓ ଅସ୍ୱାଭାବିକ ସଂଘର୍ଷର ଅନ୍ତ ହୋଇଯାଏ ।

ଅହଲ୍ୟାଙ୍କ ଅସହାୟତାକୁ ଯେଉଁ ସମାଜ ଶାସ୍ତି ଦେଇଥିଲା, ରାମ ଅହଲ୍ୟାକୁ ସେଥିରୁ ମୁକ୍ତ କରି ସେହି ସମାଜକୁ ଭୁଲ ବୋଲି ସୂଚେଇ ଦେଇଥିଲେ । ତାରା ଓ ମନ୍ଦୋଦରୀଙ୍କ ପରି ବିଦୂଷୀ, ସ୍ୱାଧୀନଚେତା ଓ ସ୍ୱାମୀଙ୍କୁ ସବୁବେଳେ ସତ୍‌ପରାମର୍ଶ ପ୍ରଦାନ କରିପାରୁଥିବା ନାରୀମାନଙ୍କୁ ନିଜର ସହଧର୍ମିଣୀ ଭାବରେ ଗ୍ରହଣ କରି ବିଭୀଷଣ ଓ ସୁଗ୍ରୀବ କେବଳ ନିଜର ନୁହେଁ, ସମଗ୍ର ରାଜ୍ୟର କଲ୍ୟାଣ ପାଇଁ ବାଟ ଫିଟାଇ ଦେଇଥିଲେ । କୁନ୍ତୀ ତ' ଧର୍ମର ସଂସ୍ଥାପନା ଓ କୁରୁବଂଶର ବିକାଶ ପାଇଁ ନିଜ ଜୀବନ ଏବଂ ଶରୀରକୁ ଖୁବ୍ ଗାରିମାର ସହ ବ୍ୟବହାର କରିଥିଲେ । ଦ୍ରୌପଦୀଙ୍କ ତେଜ ଧର୍ମକୁ ଉଜ୍ଜୀବିତ ଓ ଧାରଣ କରିବା ଦିଗରେ ପାଣ୍ଡବମାନଙ୍କୁ ସତତ ଅନୁପ୍ରେରିତ କରୁଥିଲା । ଦେହ, ମନ ଓ ଚେତନାରେ ଏହି ନାରୀମାନେ ଥିଲେ ଅବାରିତ ମୁକ୍ତ । ନିଜର ସ୍ୱାଧୀନତାକୁ ନିଜ ବିଚାର ବିବେକର ଅନୁକୂଳରେ ପରିଚାଳିତ କରିବାରେ ଏମାନଙ୍କର ସାହସ ଓ ସହିଷ୍ଣୁତାର ତୁଳନା ନଥିଲା ।

ଆଜିର ସମାଜରେ ନାରୀମାନଙ୍କର ଦେହ-ମନର ମୁକ୍ତସମ୍ପର୍କକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ନିକଟ ଅତୀତରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଖୁସ୍‌ବୁଙ୍କ ଏ ସମ୍ପର୍କୀୟ ମତାମତକୁ ନେଇ ଖୁବ୍ ବିତର୍କ ଓ ପ୍ରତିବାଦର ଝଡ଼ ସୃଷ୍ଟି ହୋଇଛି । ଖୁସ୍‌ବୁଙ୍କୁ ସର୍ବସାଧାରଣଙ୍କ ନିକଟରେ କ୍ଷମାପ୍ରାର୍ଥନା କରିବାକୁ ପଡ଼ିଛି । ଅଭିନେତ୍ରୀ ସୁହାସିନୀ କ୍ରୀଡ଼ାବିତ୍ ସାନିଆ ମିର୍ଜା ଇତ୍ୟାଦି ଖୁସ୍‌ବୁଙ୍କୁ ସମର୍ଥନ କରି ସାଧାରଣ ଲୋକଙ୍କର ଆକ୍ରୋଶଭାଜନ ହୋଇଛନ୍ତି । ଏହି ବିଶିଷ୍ଟ ପ୍ରତିଭାମାନଙ୍କର ଏପରି ମତାମତ ସମାଜକୁ ରସାତଳକୁ ନେଇଯିବ ବୋଲି ତଥାକଥିତ ନୀତିବାଦୀମାନଙ୍କର ଭୟ ହୋଇଛି । ଅପରପକ୍ଷରେ ଭାରତୀୟ ପରମ୍ପରାରେ ଅସାଧାରଣ ନାରୀମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତାକୁ ସାମାଜିକ ସମ୍ମାନ ଓ ସମର୍ଥନର ଭୂରି ଭୂରି ଉଦାହରଣ ରହିଛି । ନିଜର ଦେହ ଓ ମନକୁ ମୁକ୍ତ ଦୃଷ୍ଟିକୋଣର ସହ ଗ୍ରହଣ କରି ପଞ୍ଚକନ୍ୟାଙ୍କ ପରି ନାରୀମାନେ ବ୍ୟକ୍ତି ଓ ସମାଜକୁ ଏକ ଗଠନମୂଳକ ଓ ସମ୍ଭାବନାପୂର୍ଣ୍ଣ ଜୀବନର ପ୍ରତିଶ୍ରୁତି ଦେଇପାରିଛନ୍ତି ।

Source: Author, Digitized by PPRACHIN, SOA

ପ୍ରାଚୀନ ଭାରତର ମୁନିଋଷି, କବି, ଶାସ୍ତ୍ରକାର ପାରମ୍ପରିକ ନୈତିକତାର ଊର୍ଦ୍ଧ୍ୱରେ ନାରୀସ୍ୱାତନ୍ତ୍ର୍ୟକୁ ରଖି ନଥିଲେ ପଞ୍ଚକନ୍ୟାଙ୍କ ବ୍ୟକ୍ତିତ୍ୱକୁ ଏତେ ଶ୍ରଦ୍ଧାର ସହ କେବେହେଲେ ଚିତ୍ରଣ କରି ନଥା'ନ୍ତେ । ମଣିଷର ବ୍ୟକ୍ତିଗତ ଭାବଭାବନାର ଗୁରୁତ୍ୱକୁ ସେମାନେ କେବେହେଲେ ଏଡ଼ାଇଯାଇ ନଥିଲେ କିମ୍ବା ତାକୁ ନେଇ ଅଯଥା ତର୍କବିତର୍କର ପରିବେଶ ସୃଷ୍ଟି କରିନଥିଲେ । ତଥାକଥିତ ମୁକ୍ତବିଚାରର ଦ୍ୱାହି ଦେଇ ସାମ୍ପ୍ରତିକ ସମାଜରେ ବହୁ ବିକାରଗ୍ରସ୍ତ ଆଲୋଚନା/ସମାଲୋଚନାର ସୂତ୍ରପାତ ହେଉଛି । କିନ୍ତୁ ବୁଦ୍ଧି-ବିବେକବତୀ ନାରୀମାନେ ନିଜର ବ୍ୟକ୍ତିଗତ ଓ ସାମାଜିକ ଆବଶ୍ୟକତାକୁ ଦୃଷ୍ଟିରଖି ଅନେକ ସମ୍ବେଦନଶୀଳ ସମସ୍ୟାର ସମାଧାନ କରିଚାଲିଛନ୍ତି ଓ ଆଗକୁ ମଧ୍ୟ କରିଚାଲିବେ, ଏଥିରେ ସନ୍ଦେହ ନାହିଁ ।

ଠ

Source: Author, Digitized by PPRACHIN, SOA

ଖୁଦକୁଣ୍ଡାର ଶକ୍ତି

ମ୍ୟାନେଜ୍‌ମେଣ୍ଟ ଶିକ୍ଷାର ସର୍ବୋଚ୍ଚ ଅନୁଷ୍ଠାନ - 'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ'ରୁ ଜଣେ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲେ । ଦେଶ-ବିଦେଶର ବିଭିନ୍ନ କମ୍ପାନୀ ତାଙ୍କୁ ମୋଟା ଅଙ୍କର ବେତନର ଚାକିରି ଯାଚିଲେ । କିନ୍ତୁ ଛାତ୍ର ଜଣକ ନିଷ୍ପତ୍ତି ନେଲେ ଯେ, ଚାକିରି ନକରି ସେ ସ୍ୱାଧୀନ ଭାବରେ ଇଡ଼ଲି ବ୍ୟବସାୟ କରିବେ । କାରଣ ତାଙ୍କ ମା' ଇଡ଼ଲି ତିଆରି କରି ଯେଉଁ ଉପାର୍ଜନ କରନ୍ତି, ସେଇଥିରେ ସେ ପୁଅକୁ ଏପରି ଉଚ୍ଚଶିକ୍ଷା ଦେଇପାରିଛନ୍ତି । ମା'ଙ୍କର ଘର ଓ ବ୍ୟବସାୟର ସେହି ପରିଚାଳନା ଦକ୍ଷତା ହିଁ ତାଙ୍କୁ ଇଡ଼ଲି ବ୍ୟବସାୟ କରିବାର ପ୍ରେରଣା ଯୋଗାଇଦେଇଛି ।

ଏହି ଖବର ଦେଶର ପ୍ରମୁଖ ସମ୍ବାଦପତ୍ରମାନଙ୍କର ପୃଷ୍ଠାମଣ୍ଡନ କଲାବେଳେ ଅନେକ ବର୍ଷ ତଳେ ଜଣେ ଉଚ୍ଚପଦସ୍ଥ ଅଫିସର ଦେଇଥିବା ଏକ ସାକ୍ଷାତକାର ସମ୍ପର୍କରେ ମୋର ମନେପଡ଼ିଗଲା । ବାଲ୍ୟକାଳରୁ ପିତୃ ମାତୃହୀନ ହୋଇ ଓ ମୂଲ ମଜୁରୀଲାଗି ପେଟ ପୋଷୁଥିବା ଜନନୀ ପାଖରେ ରହି କିପରି ଏତେବଡ଼ ସଫଳତା ପାଇଲେ ବୋଲି ପ୍ରଶ୍ନରେ ଅତ୍ୟନ୍ତ ଆତ୍ମବିଶ୍ୱାସର ସହିତ ସେ ଉତ୍ତର ଦେଇଥିଲେ ଯେ, ପିତୃହୀନ ହୋଇଯିବାର ଦୁର୍ଭାଗ୍ୟ ହିଁ ତାଙ୍କ ସୌଭାଗ୍ୟ ଓ ସଫଳତା ପାଇଁ ବାଟ ଫିଟାଇ ଦେଇଥିଲା ।

ତାଙ୍କର ପିତା ଅତ୍ୟନ୍ତ ମଦ୍ୟପ ଓ ଅଳସୁଆ ଥିଲେ । ପରଘରେ ପାଇଟି କରି ତାଙ୍କ ମା' ଯେଉଁ ଉପାର୍ଜନ କରୁଥିଲେ, ସେତକ୍ ମଧ୍ୟ ସେ ମା'ଙ୍କୁ ମାଡ଼ମାରି ଛଡ଼ାଇ ନେଉଥିଲେ ଓ ମଦ ପାଣିରେ ଉଡ଼ାଇ ଦେଉଥିଲେ । ଫଳରେ ତାଙ୍କୁ ଅଧାଦିନ ଭୋକ ଉପାସରେ ରହିବାକୁ ପଡୁଥିଲା । ଏପରି ପରିସ୍ଥିତିରେ ପାଠପଢ଼ା କ'ଣ, ପେଟ ପୋଷିବାକୁ ତାଙ୍କୁ ହୁଏତ କେଉଁଠି ଶିଶୁ ଶ୍ରମିକଭାବେ ମୂଲ ଲାଗିବାକୁ ହୋଇଥାନ୍ତା । କିନ୍ତୁ ହଠାତ୍ ପିତାଙ୍କ ମୃତ୍ୟୁ ହୋଇଯିବାରୁ ମା'ଙ୍କର ସମସ୍ତ ଉପାର୍ଜନକୁ ସେ ପାଠପଢ଼ାରେ ଲଗାଇପାରିଲେ । ପରିବାରରେ ମଧ୍ୟ ଦୈନଦିନ ଅଶାନ୍ତି ଓ ଆତଙ୍କର ବାତାବରଣ ରହିଲାନାହିଁ - ଯାହା ତାଙ୍କ ପଢ଼ାପଢ଼ି ପାଇଁ ଅନୁକୂଳ ହେଲା ।

ଏଇଠି ଆଉଗୋଟିଏ ଅଙ୍ଗେ ଲିଭେଇଥିବା ଅନୁଭବ ଉଲ୍ଲେଖ କରିବି । ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ ଓ କବି ପ୍ରତିଭା ଶତପଥୀଙ୍କ ପରିବାରରେ ମୁଁ

Source: Author, Digitized by PPRACHIN, SOA

ଜଣେ ସଦସ୍ୟ ପରି । ତାଙ୍କ ବାଣୀବିହାର କ୍ୱାର୍ଟର୍ସ ଆଉଟ ହାଉସ୍‌ରେ ସ୍ତ୍ରୀ ଲୋକଟିଏ ତା' ସ୍ୱାମୀ ଓ ପିଲାମାନଙ୍କ ସହ ରହୁଥିଲା । ସ୍ତ୍ରୀ ଲୋକଟି ଡକ୍ଟର ଶତପଥୀଙ୍କ ଘରେ କାମ କରେ । ତା'ର ସବୁ ପଇସାରେ ତା' ସ୍ୱାମୀ ମଦ ପିଇଦିଏ । ନଦେଲେ ଖୁବ୍ ମାଡ଼ଧର କରେ । ଦିନେ ସେ କାନ୍ଦିକାନ୍ଦି ପ୍ରତିଭା ଶତପଥୀଙ୍କୁ କିଛି ଟଙ୍କା ଅଗ୍ରୀମ ମାଗୁଥାଏ । ଦେହସାରା ମାଡ଼ ଦାଗ, ଆଖିତଳ ଫୁଲିଥାଏ ।

ତା'ର ଏ ଅବସ୍ଥା ଦେଖି ମୁଁ ତାକୁ କହିଲି - ''ତୁ ତୋ ସ୍ୱାମୀଙ୍କୁ ବାଡ଼ଉନୁ !''

ସ୍ତ୍ରୀ ଲୋକଟି ବେଶ୍ ଡେଙ୍ଗୀ ଓ ସ୍ୱାସ୍ଥ୍ୟବତୀ ହୋଇଥିଲାବେଳେ ମଦ୍ୟପ ସ୍ୱାମୀଟି କ୍ଷୁଦ୍ରକାୟ ଓ ଜୀର୍ଣ୍ଣଶୀର୍ଣ୍ଣ ଥିଲା । ସେ ଲୁହପୋଛି କହିଲା - ''ସ୍ୱାମୀଙ୍କୁ କେମିତି ବାଡ଼େଇବି ?'' ମୁଁ ପରାମର୍ଶ ଦେଲି - ''ଯଦି ତତେ ନିଜକୁ ବାଡ଼େଇବାକୁ ଖରାପ ଲାଗୁଛି, ତେବେ ଯେତେ ପଇସା ତାକୁ ମଦ ପିଇବାକୁ ଦେଉଛୁ ସେଇଥିରୁ କିଛି ଖର୍ଚ୍ଚ କରି ଦୁଇଟା ଲୋକ ଡାକିଆଣି ତାକୁ ମାଡ଼ ମରା ... ଥରେ ଦି'ଥର ମାଡ଼ ଖାଇଲେ ତା' ଅଭ୍ୟାସ ଛାଡ଼ିଯିବ ।'' ସ୍ତ୍ରୀ ଲୋକଟି ଏକଥା ଶୁଣି ଖୁବ୍ ରାଗିଗଲା ଓ ମୋତେ ଗାଳିଦେଇ ସେଠାରୁ ପଳେଇଗଲା ।

ଏହି ହେଉଛି ନାରୀ - ମନ । ସ୍ୱାମୀ ସନ୍ତାନ ଓ ପରିବାର ପାଇଁ ଏହି ନରମ ଅନୁରାଗ ତା' ପାଇଁ ସବୁଠୁ ପରାଜୟର କାରଣ ହୁଏ । ନିଜ ସ୍ୱାର୍ଥପାଇଁ, ବିଳାସ ପାଇଁ, ଅହଙ୍କାର ପାଇଁ ପୁରୁଷ ନାରୀଙ୍କୁ ଯେତେ ନିର୍ଯାତନା ଓ ଅପମାନ ଦିଏ, ନାରୀ ସେତିକି କରିପାରେନା । ସ୍ଥଳ ବିଶେଷରେ ସାମାନ୍ୟ ବ୍ୟତିକ୍ରମ ହେଲେହେଁ ନାରୀ ସ୍ୱାଭାବିକ ଭାବରେ ସବୁବେଳେ ସୁଖ-ଶାନ୍ତିର ସଂସାରଟିଏ ଲୋଡ଼େ । ସନ୍ତାନର ସୁଖ, ସ୍ୱାମୀର ସ୍ନେହ, ସନ୍ତାନ ସରାଗ ଓ ସହଯୋଗରେ ସେ ବୈକୁଣ୍ଠପରି ଘରଟିଏ ଗଢ଼ିବାକୁ ନିତି ମାନସିକ କରେ ।

କିନ୍ତୁ ଅଧିକାଂଶ ସମୟରେ ତା'ର ଏହି ସୁନ୍ଦର କୋମଳ ଇଚ୍ଛାଟି ପୁରୁଷର ଦମ୍ଭ ଅଭିମାନର ପାହାଡ଼ ତଳେ ଚାପି ହୋଇଯାଏ । ତଥାପି ସେ ପୁରୁଷଠାରୁ ବିଚ୍ଛିନ୍ନ ହେବାକୁ କିମ୍ବା ତାକୁ ପ୍ରତିଆଘାତ ଦେବାକୁ ଇଚ୍ଛା କରେନାହିଁ । ନିଜର ସନ୍ତାନର ପିତା, ନିଜ ସ୍ୱାମୀର ମୁହଁକୁ ଅନେଇ ସେ ଭାବିପାରେନାହିଁ ଯେ, ସ୍ୱାମୀ ତା'ର ଓ ତା' ସନ୍ତାନର ମଙ୍ଗଳ ଚାହେଁନାହିଁ । ପିତାର ମୁହଁକୁ ଚାହିଁ ସେ ଭାବିପାରେ ନାହିଁ ଯେ, ସେହି ପିତା ତା'ର ମଣିଷ ହୋଇ ଗଢ଼ିଉଠିବା ଚାହେଁନାହିଁ । ସ୍ୱାମୀ, ପିତା କି ପୁତ୍ର / ଭାଇ ପାଖରେ ନାରୀର ପରାଧୀନତା ଓ ଅସହାୟତାକୁ ସମାଜ ଦେଖି ମଧ୍ୟ ଦେଖେନାହିଁ ।

ଅନ୍ୟପକ୍ଷରେ ତା'ର ସ୍ୱାଧୀନତାର ଶକ୍ତିକୁ ମଧ୍ୟ ସମାଜ ସହଜରେ ସ୍ୱୀକାର କରେନାହିଁ । ସାମଗ୍ରିକ ଭାବରେ ନାରୀ ଜାତିର ସୁଖଦୁଃଖ, ମଙ୍ଗଳ-ଅମଙ୍ଗଳ ମଧ୍ୟଦେଇ

Source: Author, Digitized by PPRACHIN, SOA

ଦେଖିଲେ ପିତା, ଭ୍ରାତା, ସ୍ୱାମୀର ସମସ୍ତ ହୀନତା, ପ୍ରତାରଣା ଓ ଫାଙ୍କି ଯେପରି ସ୍ପଷ୍ଟ ହୋଇଉଠେ, ସମଗ୍ର ପୁରୁଷ ଜାତିର ଉନ୍ନତି, ବିକାଶ ଓ ସନ୍ତୋଷ ମଧ୍ୟରେ ନାରୀର ସ୍ନେହ-ମମତା, ତ୍ୟାଗ ଓ ସମର୍ପଣର ସ୍ୱରୂପ ମଧ୍ୟ ସେହିପରି ଦାଉଦାଉ ହୋଇ ଫୁଟିଉଠେ । କଦବାକ୍ୱଚିତ ଏହି କ୍ରିୟା ପ୍ରତିକ୍ରିୟାର ବ୍ୟତିକ୍ରମ ଯେ ନହୁଏ, ତା' ନୁହେଁ । କିନ୍ତୁ ତାହା ସମ୍ପୂର୍ଣ୍ଣଭାବେ ବ୍ୟକ୍ତିଗତ ବିବେକ-ଅବିବେକର ପ୍ରଶ୍ନ ହୋଇଥିବା-ବେଳେ ନାରୀକୁ ତା'ର ନିଜସ୍ୱ ଶକ୍ତି-ସାମର୍ଥ୍ୟ ପ୍ରଦର୍ଶନରୁ ବଞ୍ଚିତ କରି ରଖିବା ବା ହେୟ ମନେକରିବା ତଥା ପୁରୁଷର ଅଧିକାର ଓ ଅହଂକାର ସାବ୍ୟସ୍ତ କରିବାର ସୁଯୋଗ ସୃଷ୍ଟି କରିବା ଆଜି ମଧ୍ୟ ଏକ ସମାଜ ସମ୍ମତ ବ୍ୟବସ୍ଥା ହୋଇ ରହିଅଛି ।

ତେଣୁ ବୈଧବ୍ୟ ଯୋଗୁଁ ହେଉ ବା ଅନ୍ୟକିଛି କାରଣରୁ ହେଉ, ଯେତେବେଳେ ବି ନାରୀକୁ ଅନ୍ଧ ଅଧିକାରର ନାଗଫାଶ କବଳରୁ ସାମାନ୍ୟ ନିଷ୍କୃତି ମିଳିଛି ଓ ତା'ର ସ୍ୱାଧୀନତାକୁ ସାବ୍ୟସ୍ତ କରିବାର ସାମାନ୍ୟ ସୁଯୋଗ ମିଳିଛି, ସେତେବେଳେ ସେ ଅନାୟାସରେ ପୁରଷକୁ ଅତିକ୍ରମ କରି ନିଜ ସନ୍ତାନ ଓ ସମାଜର ମଙ୍ଗଳପ୍ରଦାୟିନୀ ହୋଇପାରିଛି । ଆଜି ମଧ୍ୟ ଜ୍ଞାନୀ-ମାନୀ-ଗୁଣୀ ବା ରାଜନେତା ନୁହଁନ୍ତି ଭଲରେ ବଞ୍ଚିବାର ନିମ୍ନତମ ଅଧିକାର ଦାବୀରେ ଗରୀବ ଶ୍ରେଣୀର ନାରୀମାନେ ହିଁ ନିଶା ନିବାରଣର ସ୍ଲୋଗାନ ଦେଇ ମଦଭାଟି ଭାଙ୍ଗିବାକୁ ରାସ୍ତାକୁ ଓହ୍ଲେଇ ଆସନ୍ତି ।

ବିଶେଷତଃ ସାମାଜିକ ଲାଞ୍ଛନାର ଭୟ ନଥିବାରୁ ପୁରୁଷମାନେ ନିଜର ଉଚ୍ଛୃଙ୍ଖଳ ଆଚରଣପାଇଁ ନାରୀପରି ସେତିକି ତ୍ରସ୍ତ କିମ୍ବା ସଚେତନ ହୁଅନ୍ତିନାହିଁ । ପୁରୁଷଠାରୁ କମ୍ ଉପାର୍ଜନ କଲେ ମଧ୍ୟ ଜଣେ ସ୍ୱାବଲମ୍ବୀ ନାରୀ ଶୃଙ୍ଖଳିତ ଜୀବନଚର୍ଯ୍ୟା ଓ ମିତବ୍ୟୟତା ଦ୍ୱାରା ନିଜ ସନ୍ତାନର ଭବିଷ୍ୟତକୁ ଅଧିକ ସୁନ୍ଦର ବିକଶିତ ଓ ସୁରକ୍ଷିତ କରି ରଖିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରେ । ସେଇଥିପାଇଁ ବୋଧେ ଆମ ଓଡ଼ିଆରେ ଢ଼ଗଟିଏ ଅଛି ଯେ -

"ବାପ ସୁନାମୁଣ୍ଡାରେ ପୋଷି ପାରେନା
ମାଆ ଖୁଦ କୁଣ୍ଡାରେ ପୋଷେ" ।

ନାରୀର ଶକ୍ତି - ଏହି ଖୁଦ କୁଣ୍ଡାର ଶକ୍ତି । ଧନ - ସମ୍ପଦ କ୍ଷମତା କିମ୍ବା ପଦପଦବୀର ଅହଂକାର ନୁହେଁ - ମାୟାମମତା, ଆଦର ଅନୁରାଗ ଓ ତ୍ୟାଗ ତିତିକ୍ଷା ହେଉଛି ଏହି ଶକ୍ତିର ଉତ୍ସ । ନାରୀ - ପୁରୁଷ ନିର୍ବିଶେଷରେ ମଣିଷ ଯେତେବେଳେ ଏହି ଶକ୍ତିକୁ ଚିହ୍ନିବ ଓ ତାହାର ଉପାସନା କରିବ; ସେତେବେଳେ ପୃଥିବୀରେ ସ୍ୱର୍ଗ ଓହ୍ଲେଇ ଆସିବାରେ ଡେରି ହେବନାହିଁ ।

○

Source: Author, Digitized by PPRACHIN, SOA

ଦେହ ବିପଣୀର ନାଗଫାଶ

ପ୍ରଖ୍ୟାତ ନାରୀବାଦୀ ଦାର୍ଶନିକ ଓ ଲେଖିକା ମାଡାମ୍ ସିମନ୍ ଦ ବୁଭୁଆ ତାଙ୍କର "Second Sex' ଗ୍ରନ୍ଥରେ ଲେଖିଛନ୍ତି - "Man can think himself without woman, she cannot think of herself without man. And she is simply what man decrees; thus she is called 'the Sex' by which is meant that she appears essentially to the male as a sexual being. For him she is sex-absolute sex, no less."

ପୃଥିବୀର ସମସ୍ତ ଧର୍ମଶାସ୍ତ୍ର ଓ ପୁରାଣ, କିମ୍ବଦନ୍ତୀ ଉପକଥାରେ ନାରୀକୁ ଈଶ୍ୱର ପୁରୁଷର ମନୋରଞ୍ଜନ ପାଇଁ ସୃଷ୍ଟି କରିଛନ୍ତି । ପୁରୁଷ ନାରୀକୁ ସାମାଜିକ ଓ ଅସମାଜିକ ଦୃଷ୍ଟିକୋଣରୁ ଯୌନ ଉପଭୋଗର ବସ୍ତୁ ଭାବରେ ବ୍ୟବହାର କରିବ । ସାମାଜିକ ଦୃଷ୍ଟିକୋଣରୁ ସେହି ବସ୍ତୁଟି ପୁରୁଷବଂଶର ଉତ୍ତରାଧିକାରୀ ସୃଷ୍ଟି କରିବ । ତେଣୁ ଭରଣପୋଷଣର ହକ୍‌ଦାର ହେବା ସଙ୍ଗେସଙ୍ଗେ ପୁରୁଷର ପଦ ଓ ବଂଶମର୍ଯ୍ୟାଦା ଅନୁଯାୟୀ ସେ ସାମାଜିକ ସୁରକ୍ଷା ଓ ସମ୍ମାନର ଅଧିକାରିଣୀ ହେବ । ଅନ୍ୟପକ୍ଷରେ ଅସମାଜିକ ଦେହଭୋଗରେ ପୁରୁଷ ନାରୀଦେହ ରାଜ୍ୟର ଏକାଙ୍ଗ ଚକ୍ରବର୍ତ୍ତୀ ସ୍ୱାମୀ ନହୋଇ ହେବ ଗ୍ରାହକ ତଥା ଏହି ଗ୍ରାହକକୁ କିଛି ସମୟ ପାଇଁ ଦେହ ବିକ୍ରୀ କରି ନିଜର ରୂପ, ବୟସ ଓ ଯୌନ କଳାକୁଶଳତା ଅନୁଯାୟୀ ନାରୀ ପାଇବ ଅର୍ଥ ଧନ ସମ୍ପଦ ଓ ନିନ୍ଦା ... ଛି ଛିକାର । ତେଣୁ ସ୍ୱାମୀ ହୁଅନ୍ତୁ କି ଗ୍ରାହକ ହୁଅନ୍ତୁ ନାରୀ ଦେହକୁ ଏକ ବ୍ୟବହାର ଯୋଗ୍ୟ ବସ୍ତୁ ଭାବରେ ଗ୍ରହଣ କରିବ । ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ, ନାରୀପ୍ରତି ସମାଜରେ ଏହି ମନୋବୃତ୍ତିର ଆଜି ମଧ୍ୟ ବିଶେଷ ପରିବର୍ତ୍ତନ ହୋଇନାହିଁ ।

ନାରୀ ଦେହର ଏହାହିଁ ଅବଧାରିତ ନିୟତି । ତେଣୁ ଯେତେବେଳେ ମା'ଟିଏ ନିଜର ତେରବର୍ଷର ଝିଅକୁ ମାରଧର କରି ଦେହ ବ୍ୟବସାୟ କରିବାକୁ ବାଧ୍ୟ କରେ କିମ୍ବା କେଇଟା ଟଙ୍କା ବିନିମୟରେ କୌଣସି ଢ଼ାବା ମାଲିକକୁ ବିକ୍ରି କରିବାକୁ ଦରଦାମ ଛିଣ୍ଡାଏ ସେତେବେଳେ ଝିଅଟି ସାମୟିକଭାବେ ଭୟଭୀତ ହୋଇଯାଏ । ଦୌଡ଼ିଆସି ଅନ୍ୟମାନଙ୍କୁ ସୁରକ୍ଷା ଭିକ୍ଷା କରେ । ଲୋକେ ମା'କୁ ଛିଛାକର କରନ୍ତି । କିନ୍ତୁ ଆମର ସମାଜ ବ୍ୟବସ୍ଥାରେ ନାରୀର ଯେଉଁ ସ୍ଥିତି - ସେଥିରେ ତା'ର ବ୍ୟକ୍ତିତ୍ୱର ସୁରକ୍ଷା ଓ

Source: Author, Digitized by PPRACHIN, SOA

ସମ୍ମାନ ଯେ ପଦେପଦେ ବିଡ଼ମ୍ବନାର ଶିକାର ହେବାକୁ ବାଧ୍ୟ, ସେକଥା କିଏ ଗଭୀରଭାବରେ ଚିନ୍ତା କରନ୍ତିନାହିଁ । ପ୍ରକୃତିର ନିୟମ ଅନୁଯାୟୀ ପ୍ରତ୍ୟେକ ପ୍ରାଣୀର ବଂଶଧାରାକୁ ଅବ୍ୟାହତ ରଖିବା ନିମନ୍ତେ ପୁରୁଷ ନାରୀର ଦୈହିକ ମିଳନ ଏବଂ ସନ୍ତାନ ଉତ୍ପାଦନର ଆବଶ୍ୟକତା ରହିଥାଏ । କିନ୍ତୁ ମନୁଷ୍ୟ ସମାଜରେ ଏହି ପ୍ରାକୃତିକ ଆବଶ୍ୟକତାଟି ନାନା ଅପ୍ରାକୃତିକ ନୀତିନିୟମ ଓ ଭୋଗବିଳାସର ଧାରାକୁ ଅନୁସରଣ କରିଥାଏ । ଏକ ପୁରୁଷପ୍ରଧାନ ସମାଜରେ ଏହି ଅନୁସରଣ କରିବାର ପ୍ରଶସ୍ତ ଦିଗଟି ପୁରୁଷ ଭାଗରେ ପଡ଼ିବାବେଳେ ଆପାତତଃ ସଂକୀର୍ଣ୍ଣ ଦିଗଟିକୁ ନାରୀ ବହନ କରିଥାଏ । ମା' ହୋଇଗଲେ ମଧ୍ୟ ନାରୀ ସେହି ସଂକୀର୍ଣ୍ଣ ଦେହଭୋଗର ଧାରଣାରୁ ମୁକ୍ତି ପାଏନାହିଁ । ନିଜ ସହିତ ନିଜ ଝିଅକୁ ମଧ୍ୟ ନିଜ ଅଜାଣତରେ ମଣିଷଟିଏ ଅପେକ୍ଷା ପୁରୁଷର ଭୋଗ୍ୟବସ୍ତୁ ଭାବରେ ଦେଖେ । ପେଟର ଭୋକ ଓ ଅନ୍ୟାନ୍ୟ ବସ୍ତୁବାଦୀ ଆବଶ୍ୟକତା ଆଗରେ ଦେହର ମୂଲ୍ୟ ଯେତେବେଳେ ଉଣା ହୋଇଯାଏ ସେତେବେଳେ କିଶୋରୀ କନ୍ୟାର ଦେହକୁ ପୁରୁଷର ଭୋଗ୍ୟବସ୍ତୁଭାବେ ସଜାଇ ବ୍ୟବସାୟ କରିବାକୁ ସ୍ଥଳ ବିଶେଷରେ ମା' କୁଣ୍ଠିତା ହୁଏନାହିଁ। ଯୌନକ୍ରୀଡ଼ନକ ବ୍ୟତିତ ନାରୀ ଯେତେବେଳେ ଅସ୍ତିତ୍ୱ ପାଇଁ ଅନ୍ୟ କୌଣସି ପରିଭାଷା ଖୋଜି ପାଏନାହିଁ ସେତେବେଳେ ମା'ର ଅଭୟା ରୂପଟି ମଧ୍ୟ ଅନେକ ସମୟରେ ଚତୁର ନିଷ୍ଠୁର ବ୍ୟବସାୟଟି ପରି ଭୟଙ୍କର ଦିଶେ ।

ନାରୀ-ମୁକ୍ତି ଓ ନାରୀ-ସୁରକ୍ଷାର ସବୁ ସ୍ଲୋଗାନ ସତ୍ତ୍ୱେ ପୁରୁଷପ୍ରଧାନ ଭୋଗବାଦୀ ସମାଜରେ ନାରୀପାଇଁ ଏପରି ବ୍ୟବସ୍ଥାର ନିରାକରଣ ଧିରେଧିରେ ସୁଦୂର ପରାହତ ହୋଇଉଠୁଛି । ବିବାହ ଛଳରେ ପ୍ରତିବର୍ଷ ହଜାରହଜାର ନାବାଳିକା ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଚାଲାଣ ହୁଅନ୍ତି । ଦୁଃସ୍ଥ ପିତାମାତା କେଇଟା ଟଙ୍କାପାଇଁ ଦଲାଲ ହାତରେ ଝିଅକୁ ଟେକି ଦିଅନ୍ତି । ନାଲି ଶାଢ଼ୀ-ଶଂଖା ପିନ୍ଧି ବାଳିକାଟି ଭାଗ୍ୟରେ ଥିଲେ କଦବା କ୍ୱଚିତ ଘର ସଂସାର କରେ ନତୁବା କେଉଁ ବେଶ୍ୟାପଡ଼ାରେ ବିକ୍ରୀ କରିଦିଏ ତାକୁ ତା'ର ଦଲାଲ ସ୍ୱାମୀ।

ବିବାହର କି ବିଚିତ୍ର ବ୍ୟବସ୍ଥା ? ଦ୍ରୁତଗତିରେ ଝିଅଙ୍କ ସଂଖ୍ୟା କମିଯାଉଥିବା ହରିୟାନାରେ ଏକ ଦରିଦ୍ର ପରିବାରରେ ଚାରି ଭାଇ ମାତ୍ର ତିନି ହଜାର ଟଙ୍କାରେ ମହାରାଷ୍ଟ୍ରରୁ ଗୋଟିଏ ଝିଅ କିଣି ଆଣନ୍ତି ଓ ସବୁ ଭାଇଙ୍କ ପାଇଁ ଝିଅ କିଣିବାକୁ ସମ୍ବଳ ଅଭାବରୁ ସେଇ ଗୋଟିକୁ ସମସ୍ତେ ସ୍ତ୍ରୀ (?) ଭାବରେ ବ୍ୟବହାର କରନ୍ତି । ସେ ସ୍ତ୍ରୀଟି ବଂଶ ରକ୍ଷା ପାଇଁ ଜନ୍ମ କରିବ ପୁଅ । ଗର୍ଭସଂଚାର ମାତ୍ରେ ପରୀକ୍ଷା ହେବ ଗର୍ଭ ଓ ପେଟରେ ଝିଅ ଥିଲେ ତତ୍‌କ୍ଷଣାତ ଗର୍ଭପାତ । ଏପରି କରିକରି ସହିପାରିଲାନି ଝିଅଟି । ପ୍ରତିବାଦ କଲା। କେବଳ ଜଣକର ସ୍ତ୍ରୀ ହୋଇ ରହିବ ବୋଲି ଜିଦ୍ ଧରି ବସିଲା ।

Source: Author, Digitized by PPRACHIN, SOA

ପରିଣାମ ହେଲା, ଚାରିଭାଇ ତାକୁ ବାଡ଼େଇ ବାଡ଼େଇ ମାରିଦେଲେ । ବିବାହ ଓ ବଂଶର ଜନନୀ ହେବାର ଏହା କ'ଣ କମ୍ ପବିତ୍ର ଓ ସମ୍ମାନଜନକ ବ୍ୟବସ୍ଥା ?

ଦିନ ଥିଲା ଭିତରେ ଯେତେ ଛଳନା ଥାଉ ପଛେ, ପରମ୍ପରାର ଆଚରଣ ଦେଇ ନାରୀକୁ ସମାଜ ଦେବୀ ରୂପରେ ଠିଆ କରେଇ ଦେଉଥିଲା । କିନ୍ତୁ ଆଜିର ଭୋଗବାଦୀ ବ୍ୟବସାୟିକ ସମାଜ ସବୁ ମୂଲ୍ୟବୋଧ ଓ ପରମ୍ପରାକୁ ବାଜି ଲଗେଇଦେଇ ନାରୀ ଦେହର ଗ୍ରାହକ ସାଜିଛି । ତେଣୁ ନିଜେ ମା' ପରଷି ଦେଉଛି ଜନ୍ମକଲା ବାଳିକାର ତାଜା ମାଂସ । ଝିଅ ଦେହର ବେପାରକରି ସୁବିଧାରେ ରୋଜଗାର କରିବାର ଦୁର୍ଦ୍ଦମନୀୟ ଲାଳସାକୁ ସେ ଏହି ଉପଭୋକ୍ତାବାଦୀ ସମାଜରୁ ହିଁ ସଂଗ୍ରହ କରିଛି । ଯେଉଁଠି ଦରିଦ୍ର, ଅସହାୟା ନାରୀ ପିଲାବିକ୍ରି କରେ, ଟଙ୍କାନେଇ ଝିଅକୁ ଅନ୍ୟ ରାଜ୍ୟକୁ ଚାଲାଣ କରେ, ସେଠି ନହେଲେ ଘରେ ବସି ଝିଅ ଦେହକୁ ଭଡ଼ା ଲଗାଏ ।

ବ୍ୟବସାୟୀ ସମାଜରେ ପୁରୁଷର ଭୋଗପିପାସାକୁ ତୃପ୍ତକରି ଜୀବିକାଅର୍ଜନ କରିବାକୁ ବାଧ୍ୟ କରୁଥିବା ନିଷ୍ଠୁର ମା' କବଳରୁ ତେର ବର୍ଷର ଝିଅଟିଏ ଆଜି ଖସି ଆସିଛି - ନିଜର ଏଗାର ବର୍ଷ ସାନ ଭଉଣୀର ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି । ଆମେ ଖବର ପଢ଼ି ନାରୀର ମା' ରୂପକୁ ଅବିଶ୍ୱାସ କରୁଛୁ, ଧିକ୍କାର କରୁଛୁ ସତ, କିନ୍ତୁ ବ୍ୟବସାୟୀ ସମାଜ ବ୍ୟବସ୍ଥାରେ ନାରୀପାଇଁ ବିପଣୀର ଯେଉଁ ପ୍ରତ୍ୟକ୍ଷ / ପରୋକ୍ଷ ନାଗଫାଶ ପ୍ରସ୍ତୁତ ହୋଇରହିଛି, ତା' କବଳରୁ ଭବିଷ୍ୟତର ନାରୀ ନିଜକୁ ରକ୍ଷା କରିପାରିବତ ?

○

Source: Author, Digitized by PPRACHIN, SOA

ବିଳାସର ବିଭ୍ରମ ।

ନାରୀ ନିର୍ଯ୍ୟାତନାର ସଂଖ୍ୟାଧିକ ସମ୍ବାଦ ସହ କ୍ରମଶଃ ଏକ ସମାନ୍ତରାଳ ବିପରୀତଧର୍ମୀ ସମ୍ବାଦର ସଂଖ୍ୟା ମଧ ବଢ଼ିବା ଲକ୍ଷ୍ୟ କରାଯାଉଛି । ଦୁଇ କିମ୍ବା ତିନିଟି ସନ୍ତାନକୁ ଛାଡ଼ି ଜନନୀ ପ୍ରେମିକ ସହିତ ଫେରାର ହୋଇଯାଉଛି । ପ୍ରେମିକ ସହିତ ମିଶି ସ୍ତ୍ରୀ ସ୍ୱାମୀକୁ ଆକ୍ରମଣ କରି ହତ୍ୟା କରୁଛି । ବିବାହ ପରେ ବାପଘରକୁ ଯାଇ ଅନ୍ୟ ପୁରୁଷ ସହ ସମ୍ପର୍କ ରଖି ବୋହୂ ଶାଶୁଘର ଲୋକଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣୁଛି ଓ ସ୍ୱାମୀଠାରୁ ଭରଣପୋଷଣ ଦାବି କରୁଛି । ଏହିସବୁ ଖବର ନାରୀର ତଥାକଥିତ ଅବଳା ଦୁର୍ବଳା ରୂପ ସମ୍ପର୍କରେ ଏକ ପ୍ରଶ୍ନଚିତ୍ର ଆଙ୍କି ଦେଉଛି । ଏଇ ନିକଟରେ ତ' ପରପୁରୁଷ ପ୍ରେମରେ ଉନ୍ମତ୍ତା ଜଣେ ମାଆ ତା'ର ଚଉଦ ବର୍ଷର କିଶୋରୀ କନ୍ୟାକୁ ପୋଡ଼ି ମରାଇଦେବା ପରି ଅମାନୁଷିକ ଘଟଣା ସର୍ବସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି ।

ଏହି ବାସ୍ତବ ଘଟଣାମାନ ନାରୀମାନଙ୍କ ପାଇଁ ଲେଖୁଥିବା ଲେଖନୀ ଆଗରେ ଜ୍ୱଳନ୍ତ ପ୍ରଶ୍ନସବୁ ଉତ୍‌ଥାପନ କରିଥାଏ । ନାରୀଜାତିର ସ୍ଥିତି, କର୍ତ୍ତବ୍ୟ, ଦାୟିତ୍ୱ ଓ ଚାରିତ୍ରିକ ମହତ୍ୱ ସମ୍ପର୍କରେ କୈଫିୟତ୍ ମାଗେ । ବାକି ସବୁକଥା ଏକପ୍ରକାର - କିନ୍ତୁ ଯୌନଲାଳସା ଚରିତାର୍ଥ ପରିବାପାଇଁ ମା'ଟିଏ ଯେତେବେଳେ ଗର୍ଭଜାତ ସନ୍ତାନକୁ ତ୍ୟାଗ କରେ କିମ୍ବା ହତ୍ୟା କରେ, ସେତେବେଳେ ନାରୀର ସ୍ଥିତି ସମ୍ପର୍କରେ ସନ୍ଦେହାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥାଏ । ମାତୃତ୍ୱ ନାରୀର ସହଜାତ ନିଃସର୍ଗ ପ୍ରବୃତ୍ତି । ନାରୀକୁ ପ୍ରକୃତିର ଏହି ଅନବଦ୍ୟ ଅବଦାନ ଯୋଗୁଁ ନାରୀ ସୁଖ ପାଏ, ଦୁଃଖ ବି ପାଏ । ମାତୃତ୍ୱର ତାଡ଼ନା ଯୋଗୁଁ ହିଁ ପୁରୁଷ ନିକଟରେ ସେ ବଶ୍ୟତା ସ୍ୱୀକାର କରେ । ସନ୍ତାନର ସାମାଜିକ ସମ୍ମାନ ପାଇଁ ସେ ସ୍ଥଳବିଶେଷରେ ପୁରୁଷର ଯାବତୀୟ ସ୍ୱାର୍ଥପରତା ଓ ନିଷ୍ଠୁର ଅଧିକାରବୋଧକୁ ମୁଣ୍ଡପାତି ସହେ ।

ପିତୃତ୍ୱ ଏକ ସାମାଜିକ ବିଧାନ । ସନ୍ତାନର ପିତୃତ୍ୱ ଗ୍ରହଣ କରିବା ନ କରିବା ପୁରୁଷ ପାଇଁ ବ୍ୟକ୍ତିଗତ ଓ ସାମାଜିକ ବିବେକ-ବିଧାନର ବ୍ୟାପାର ହୋଇଥାଏ । କିନ୍ତୁ ନାରୀ ପାଇଁ ମାତୃତ୍ୱ ତା'ର ଦେହ-ମନର ପରିପୂର୍ଣ୍ଣତା । ଏକ ପ୍ରକୃତିଦତ୍ତ ସାର୍ଥକତା । ତୁଚ୍ଛ ଦେହବିଳାସ ପାଇଁ ସେହି ମାତୃତ୍ୱ ଯେତେବେଳେ ବିଡ଼ମ୍ବିତ ହୋଇପଡୁଛି,

Source: Author, Digitized by PPRACHIN, SOA

ସେତେବେଳେ କେଉଁଠି କିଛି ମୌଳିକ ତ୍ରୁଟି ରହୁଛି ବୋଲି ଅନୁମାନ କରିବାକୁ ହେବ ।

ପ୍ରଖ୍ୟାତ ଔପନ୍ୟାସିକ ଶରତ ଚନ୍ଦ୍ର ତାଙ୍କର ଗବେଷଣା ଗ୍ରନ୍ଥ 'ନାରୀର ମୂଲ୍ୟ'ରେ ମା' ଓ ସନ୍ତାନର ସମ୍ପର୍କରେ ଅବକ୍ଷୟର କାରଣ ଦର୍ଶାଇ କେତେକ ତଥ୍ୟ ପ୍ରଦାନ କରିଛନ୍ତି । କ୍ୟାପ୍‌ଟେନ୍ ସ୍ମିକ୍ ନାମକ ଜଣେ ଭ୍ରମଣକାରୀଙ୍କୁ ତାଙ୍କ ନିଗ୍ରୋ ଭୃତ୍ୟ ସେମାନେ ନରମାଂସ କୋଉଠୁ ପାଆନ୍ତି ବୋଲି ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲା, ପାଖ ଗାଆଁର ଯେଉଁସବୁ ପିଲାପିଲିଙ୍କ ବାପ ନାହିଁ, ସେମାନେ ଖାଦ୍ୟ ବିନା ପ୍ରାୟ ପୀଡ଼ିତ ହୋଇଥାଆନ୍ତି । ସେମାନଙ୍କ ଜନନୀ ଛେଳିଟିଏ ବଦଳରେ ପିଲାଗୁଡ଼ିକୁ ବିକିଦିଏ ଓ ଏହି ନରମାଂସଭକ୍ଷୀ ଓୟାବିମ୍ବି, ନିଗ୍ରୋମାନେ ସେହି ଶିଶୁମାନଙ୍କୁ ଆଣି ମାରି ଖାଆନ୍ତି ।

ଆଣ୍ଡାମାନ ଦ୍ୱୀପର କେତେକ ଆଦିମ ଅଧିବାସୀମାନଙ୍କର ଗୋଟିଏ ପ୍ରଥା ଅଛି । ଶିଶୁର ଦାନ୍ତ ଉଠିବାଯାଏଁ ସ୍ୱାମୀ-ସ୍ତ୍ରୀ ଏକାସାଙ୍ଗରେ ରହନ୍ତି । ତା'ପରେ ପୁରୁଷଟି ଆଉ ଏକ ସ୍ତ୍ରୀ ଓ ସ୍ତ୍ରୀଟି ଆଉ ଏକ ପୁରୁଷ ଖୋଜେ । ମାଆମାନେ ପ୍ରାୟ ନିଜର ଦାନ୍ତଉଠା ଶିଶୁଟିକୁ କୌଣସି ଏକ ଜଳାଶୟ କଡ଼ରେ ଫିଙ୍ଗିଦେଇ ଦ୍ୱିତୀୟ ସଂସାର କରିବାକୁ ଯାଇଥାଆନ୍ତି । ଅଷ୍ଟ୍ରେଲିଆର ଅସଭ୍ୟମାନେ ନିଜର ଜୀବନ୍ତ ପିଲାପିଲିଙ୍କୁ ବନ୍‌ସିରେ ଗୁନ୍ଥି କୁମ୍ଭୀର, ମଗର ଧରିବା ସକାଶେ ଥୋପ ତିଆରି କରନ୍ତି ଏବଂ ଏହାର ଚର୍ବିରେ ମାଛ ଧରନ୍ତି ।

ମଣିଷ ପିଲାକୁ ତା'ର ପିତାମାତା ଏପରି ହୃଦୟବିଦାରକ ଯାତନା ଦେବାର କାରଣ ଅନୁସନ୍ଧାନ କରି ସେ କହିଛନ୍ତି ଯେ - କୌଣସି ଦେଶରେ ଯେକୌଣସି ଜାତିରେ ନାରୀର ସ୍ଥାନ ତଳକୁ ଖସିଆସିବାମାତ୍ରେ ଶିଶୁର ସ୍ଥାନ ଛାଏଁ ଛାଏଁ ଖସିଆସେ । ନାରୀ ଯେଉଁଠି ଉପେକ୍ଷିତା, ଜାତିର ମେରୁଦଣ୍ଡ ଯେଉଁ ଶିଶୁ, ସେମାନେ ବି ଉପେକ୍ଷା-ଅବହେଳାର ପାତ୍ର ।

(ଦ୍ରଷ୍ଟବ୍ୟ-'ନାରୀର ମୂଲ୍ୟ', ଶରତ ଚନ୍ଦ୍ର, ଅନୁବାଦ - ବିଜୟ କୁମାର ସାହୁ, ପୃ-୪୫।୪୬)

ତେଣୁ ସାମ୍ପ୍ରତିକ ସମାଜରେ ଯଦି ନାରୀର କୋମଳ, ମଙ୍ଗଳମୟ ମାତୃତ୍ୱ ଏପରି ପୈଶାଚିକ ରୂପ ଧାରଣ କରୁଛି ଓ ନିଜର ସନ୍ତାନ ପ୍ରତି ମାୟା-ମମତାକୁ ଜଳାଞ୍ଜଳି ଦେଇ ନିଜର ତୁଚ୍ଛ ଲାଳସା ଓ ସ୍ୱାର୍ଥକୁ ଶ୍ରେୟ ମଣୁଛି, ତେବେ ନାରୀମୁକ୍ତିର ସମସ୍ତ ସ୍ଲୋଗାନ ଓ ନାରୀସୁରକ୍ଷା ପାଇଁ ସମସ୍ତ ଆଇନକାନୁନ ସତ୍ତ୍ୱେ ନାରୀର ସ୍ଥାନ ତଳକୁ ତଳକୁ ଖସୁଛି ବୋଲି ଭାବିବାକୁ ହେବ ।

Source: Author, Digitized by PPRACHIN, SOA

ଆମେ ଏବେ ଏକ ଉପଭୋଗସର୍ବସ୍ୱ ସମାଜ ବ୍ୟବସ୍ଥା ଭିତରେ ବାସ କରୁଛୁ । ମୂଲ୍ୟବୋଧହୀନ ଉପଭୋଗର ବିପୁଳ ବିପଣୀରେ ଯୌନ ଉପଭୋଗ ହିଁ ସବୁଠାରୁ ଶସ୍ତା-ସୁଲଭ ପ୍ରବୃତ୍ତି ହୋଇଅଛି । ଏହି ପ୍ରବୃତ୍ତିର ବିକାକିଣା କରି ବ୍ୟବସାୟୀ ସମାଜବ୍ୟବସ୍ଥା ପ୍ରଚୁର ମୁନାଫା ଅର୍ଜନ କରୁଥିବାରୁ ଏହାର ବଜାର ବିଜ୍ଞାପନର ପ୍ରତିଯୋଗିତା ମଧ୍ୟ ସବୁ ମାନବିକ ଓ ବିବେକ ବିଚାରର କଟକଣାକୁ ବଳିଯାଇଛି । ନାରୀଦେହ ଏହି ବଜାରର ସବୁଠୁଁ ଆକର୍ଷଣୀୟ ବିଳାସ ସାମଗ୍ରୀ । ବସ୍ତୁର କୌଣସି ନୈତିକ ମୂଲ୍ୟ ନଥାଏ । ମଣିଷର ଯୌନଲାଳସା ପାଇଁ ବ୍ୟବହୃତ ହେଉଥିଲା ନାରୀ ଦେହ ତେଣୁ ବେଳେବେଳେ ନିଜେ ଉପଭୋକ୍ତା ସାଜିବା ଆଦୌ ଅସ୍ୱାଭାବିକ ନୁହେଁ । ମାନବିକ ମୂଲ୍ୟହୀନ ଯୌନତାର ହାଟରେ ତେଣୁ ନୂଆନୂଆ ଗ୍ରାହକକୁ ନେଇ ନାରୀ ମଧ୍ୟ ଦ୍ୱିଧାସଂକୋଚହୀନା ଭାବେ ମଉଜ ମଜଲିସ୍‌ରେ ପ୍ରମତ୍ତା ହେଉଛି । ପିତା ସନ୍ତାନକୁ ତ୍ୟାଗ କରି କିମ୍ବା ନିର୍ଯାତନା ଦେଇ ଅନ୍ୟ ନାରୀସଙ୍ଗ କଲେ ମା'ର ପଣତକାନି ପିଲାଙ୍କୁ ନିରାପତ୍ତା ପ୍ରଦାନ କରୁଥିଲା । ମା' ଥିବାରୁ ଶିଶୁ ସାହାହୀନ, ଅନାଥ ହେଉନଥିଲା । କିନ୍ତୁ ମା' ଯେତେବେଳେ ପିଲାକୁ ଛାଡ଼ିଯାଏ କିମ୍ବା ଦୈହିକ ବାସନା ପୂର୍ତ୍ତି ପାଇଁ ପିଲାକୁ ହତ୍ୟା କରେ, ସେତେବେଳେ ପୁରୁଷପ୍ରଧାନ ସମାଜ ନାରୀର ଏହି ଉତ୍‌କୂଳପ୍ଳାବିନୀ ସର୍ପକୁମ୍ଭୀରସଂକୁଳା ଚର୍ମଣ୍ୱତୀର ସର୍ବଗ୍ରାସୀ ଗତିକୁ ରୋଧ କରିପାରେ ନାହିଁ । ସଂସାର ଓ ପରିବାରର ଡଙ୍ଗା ବୁଡ଼ିବା ଆରମ୍ଭ କରେ ଓ ଅସହାୟ, ନିରୀହ ଶିଶୁର ଜୀବନନୌକା ପ୍ରଥମେ ବୁଡ଼ିଯାଏ ।

ଦେହବିଳାସରେ ପ୍ରମତ୍ତା ନାରୀ କେବେହେଲେ ଏକାକିନୀ ନଥାଏ । ତା'ର ଉଗ୍ର ଦୈହିକ କାମନାକୁ ନିଜର ଲାଳସା ପୂର୍ତ୍ତି ପାଇଁ ବ୍ୟବହାର କରିବାକୁ ତା' ସହିତ ସବୁବେଳେ ଏକ ବା ଏକାଧିକ ଉତ୍ସାହୀ ପୁରୁଷ ଥାଆନ୍ତି । ସେହିମାନେ ହିଁ ଉକ୍ତ ନାରୀର ସକଳ ଅପକର୍ମରେ ସହଯୋଗ କରିଥାଆନ୍ତି ।

ନାରୀର ଉଚ୍ଛୃଙ୍ଖଳତା ଜଣେ ପୁରୁଷର ପରିବାରକୁ କ୍ଷତିଗ୍ରସ୍ତ କରେ ସତ, କିନ୍ତୁ ସମାଜରେ ଆଉ ପାଞ୍ଚଜଣ ପୁରୁଷ ସେଥିରୁ ବେଶ୍ ଫାଇଦା ଉଠାଇଥାଆନ୍ତି । ସତ୍ୟ, ଧର୍ମ, ନ୍ୟାୟ ଓ ଅଧିକାର ପାଇଁ ଲଢୁଥିବା ନାରୀ ତେଣୁ ଏକାକିନୀ ହୋଇ ପଡୁଥିବାବେଳେ ଜଣେ ଯୌନବିଳାସିନୀ ନାରୀର ଚାରିପାଖରେ ବିଳାସୀ ପୁରୁଷମାନଙ୍କର ଭିଡ଼ ଲାଗି ରହିଥାଏ । ଏହି ପୁରୁଷମାନଙ୍କର ଦାୟିତ୍ୱହୀନ ଦୈହିକ ପ୍ରଲୋଭନ ଅନେକ ସମୟରେ ନାରୀକୁ ହିତାହିତଜ୍ଞାନଶୂନ୍ୟ କରିଦେଉଥାଏ । ନାରୀଦେହ ଓ ମନକୁ ନେଇ ବିଚାରବିବେକହୀନ ବ୍ୟବସାୟର ଖେଳ ଖେଳୁଥିବା ଲାଭଖୋର ଉପଭୋକ୍ତାବାଦୀ ସମାଜ ଜାଣି ରଖିବା ଉଚିତ ଯେ, ନାରୀର ଯେଉଁ ଯୌନଶକ୍ତି ସଂସାରର ସକଳ ସ୍ନେହ, ପ୍ରେମ, କରୁଣାର ଉତ୍ସ, ଯାହାର ସତ୍ ଉପଯୋଗ

Source: Author, Digitized by PPRACHIN, SOA

ସୃଷ୍ଟିକୁ ସୁନ୍ଦର ଓ ସୃଜନଶୀଳ କରେ, ସେହି ଯୌନଶକ୍ତିର ଉଚ୍ଛୃଙ୍ଖଳ ଅସଦ୍‌ବ୍ୟବହାର ଧ୍ୱଂସର ବିଭୀଷିକା ମଧ ରଚନା କରିପାରେ । କୋମଳମତି ଶିଶୁମାନଙ୍କର ଭବିଷ୍ୟତ ସେହି ଧ୍ୱଂସର ଭୟାବହ ଆଘାତରେ ଛିନ୍ନଭିନ୍ନ ହୋଇଯାଏ । ପୁରୁଷର ଭୋଗବାଦୀ ମାନସିକତା ଓ ଯୌନ ଉଚ୍ଛୃଙ୍ଖଳତା ପ୍ରତି ବେଶ୍ ସହନଶୀଳ ମନୋଭାବ ପୋଷଣ କରୁଥିବା ତଥା ସେହି ଉଚ୍ଛୃଙ୍ଖଳ ମନୋବୃତ୍ତିର ବ୍ୟବସାୟୀକରଣ କରି ଫାଇଦା ଉଠାଇବାକୁ ଚାହୁଁଥିବା ଏକ ଭୋଗସର୍ବସ୍ୱ ସମାଜବ୍ୟବସ୍ଥା ଏହି ଚରମଧ୍ୱଂସର ସୂତ୍ରଧର ସାଜେ ।

ପୁରୁଷପ୍ରଧାନ ସମାଜ ଏଯାବତ୍ ନାରୀଦେହକୁ ଏକ ବ୍ୟବହାରଯୋଗ୍ୟ ବସ୍ତୁ ବୋଲି ଭାବିଆସିଛି । ଉପଭୋକ୍ତା ସମାଜ ସେହି ବସ୍ତୁର ବ୍ୟବହାର କେବଳ ଉପଭୋଗ ପାଇଁ କରିବାର ମାନସିକତାକୁ ଉତ୍ତେଜିତ କରି ବ୍ୟବସାୟରେ ଲାଭ ଉଠାଇବାର ପ୍ରଚ୍ଛନ୍ନ ଲକ୍ଷ୍ୟ ରଖୁଛି । ନାରୀର ତଥାକଥିତ ବିଦ୍ରୋହ ଓ ମୁକ୍ତିବୋଧ ମଧ ଉଚ୍ଛୃଙ୍ଖଳତାକୁ ପ୍ରତିବାଦର ରୂପ ଭାବି ବିଭ୍ରାନ୍ତ ହେଉଛି । ଏପରି ବିଭ୍ରାନ୍ତ ହୋଇ ନାରୀ ଯଦି ନିଜ ଦେହକୁ କେବଳ ଯୌନବିଳାସର ଉପାଦାନ ବୋଲି ଭାବି ବସିବ ଓ ନାରୀତ୍ୱର ଅନ୍ୟ ସମସ୍ତ ମହିମ୍ନ ଦିଗକୁ ପାଶୋରିଯିବ, ତେବେ ନାରୀକୁ ଯୌନକ୍ରୀଡ଼ନକରେ ପରିଣତ କରିବାକୁ ବସିଥିବା ଉପେଭୋକ୍ତାବାଦ ସେତେବେଳେ ନିଜକୁ କ୍ଷମା କରିପାରିବ ତ ?

୦

Source: Author, Digitized by PPRACHIN, SOA

ମର୍ଯ୍ୟାଦାର ମୁଲାହିଜା

କିଛିବର୍ଷ ତଳେ ଶେଖର କପୁର ନାମକ ଜଣେ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରଯୋଜକ/ନିର୍ଦ୍ଦେଶକ ସିନେମାଟିଏ ନିର୍ମାଣ କରିଥିଲେ । ଦୁର୍ଦ୍ଧର୍ଷ ଦସ୍ୟୁନାୟିକା ଫୁଲନଦେବୀଙ୍କ ଜୀବନ କାହାଣୀକୁ ନେଇ 'ବ୍ୟାଣ୍ଡିଟ୍ କୁଇନ୍' ନାମକ ଏହି ଚଳଚ୍ଚିତ୍ରଟି ନିର୍ମିତ ହୋଇଥିଲା । କେନ୍ଦ୍ରାପଡ଼ାର ତାରିଣୀ ହଲ୍‌ରେ ଏହି ସିନେମାଟି ପ୍ରଦର୍ଶିତ ହେଉଛି ଶୁଣି ମୁଁ ମୋ ସ୍ୱାମୀଙ୍କ ସହ ସିନେମାଟି ଦେଖିବାକୁ ଯାଇଥିଲି । ଟିକେଟ୍ କାଟିଲାବେଳେ ଦେଖିଲି ଦର୍ଶକଙ୍କ ଭିଡ଼ ଭିତରେ କେହି ଜଣେହେଲେ ସ୍ତ୍ରୀ ଲୋକ ନାହାନ୍ତି । ସିନେମା ହଲର ଜଣେ କର୍ମଚାରୀ ମୋ ସ୍ୱାମୀଙ୍କୁ ଆସି ଟିକିଏ ଦୂରକୁ ଡାକିନେଇ ପଚାରିଲେ – ''-ମାଡ଼ାମ୍ କ'ଣ ଏ ସିନେମା ହଲରେ ବସି ଦେଖିବେ ? କେତେଗୁଡ଼ିଏ ଖରାପ ସିନ୍ ଅଛି ତ' !''

ମୋ ସ୍ୱାମୀ ମୋ ନିଷ୍ପତ୍ତି ଜାଣିଥିଲେ । ତେଣୁ ସେ କହିଲେ – ''ହଁ ସେ ହଲ୍‌ରେ ବସି ଏ ସିନେମା ଦେଖିବେ ।''

ହଲ୍‌ରେ ମୁଁ ଏକମାତ୍ର ସ୍ତ୍ରୀ ଲୋକ ଥିଲି । କ'ଣ ଭାବି ଟିକେଟ୍ ଦେବା ଲୋକଟି ସବାପଛରେ କାନ୍ଥକୁ ଲାଗି ଗୋଟିଏ କୋଣ ସିଟ୍ ପାଇଁ ଟିକେଟ ଦେଇଥିଲେ । ଅର୍ଥାତ୍ ମୋ ପଛପାଖ ଓ ଦୁଇ କଡ଼ରେ କାନ୍ଥ ଓ ସ୍ୱାମୀଙ୍କ ସୁରକ୍ଷା ରହିବ ଯେପରି ! ସିନେମା ଆରମ୍ଭ ହେଲା । ଆରମ୍ଭ ହେଲା ଏକ ପୁରୁଷପ୍ରଧାନ ସମାଜରେ ଦଳିତ, ଅସହାୟ, ଝିଅ ଫୁଲନ୍ ଉପରେ ନିର୍ଯାତନାର କାହାଣୀ । ଆମ ଭାଷାରେ ଗୋଟିଏ ଢଗ ଅଛି – ''ଗରିବ ମାଇପ ସମସ୍ତଙ୍କର ଶାଳୀ !'' ସ୍ତ୍ରୀ ଲୋକଟି ଯଦି ନିମ୍ନବର୍ଗର ହୋଇଥାଏ ଓ ଭାଗ୍ୟଦୋଷରୁ ତାକୁ ସୁରକ୍ଷା ଦେବାପାଇଁ ସେପରି କେହି ଶକ୍ତିଶାଳୀ ପୁରୁଷ ନଥା'ନ୍ତି, ତେବେ ରାସ୍ତାଘାଟରୁ ଆରମ୍ଭ କରି ନିଜ ଘରର ଚାରିକାନ୍ଥ ଭିତର ବି ସେ କିପରି ଯୌନଉତ୍ପୀଡ଼ନର ଶିକାର ହୁଏ, ତା'ର ଜୀବନ୍ତ ମାର୍ମିକ ଚିତ୍ରଣରେ ମୋର ଭାବନା ଯେପରି ସ୍ତବ୍ଧ ହୋଇଯାଇଥିଲା । କଥା କଥାକେ ଉଚ୍ଚବର୍ଗର ପୁରୁଷମାନଙ୍କର ଫୁଲନ୍ ସହ ଅସତ୍ ବ୍ୟବହାରର ଦୃଶ୍ୟ

Source: Author, Digitized by PPRACHIN, SOA

ସହିତ ଦୁଇଟି ଧର୍ଷଣ ଓ ଗଣଧର୍ଷଣର ଦୃଶ୍ୟ ମଧ୍ୟ ନିର୍ଦ୍ଦେଶକ ଅତ୍ୟନ୍ତ ନିଷ୍ଠୁର ନଗ୍ନତାର ସହ ଦୃଶ୍ୟାୟିତ କରିଥିଲେ । ଏହି ଧର୍ଷଣ ଦୃଶ୍ୟ ସବୁ ବ୍ୟବସାୟିକ ଚଳଚ୍ଚିତ୍ରର ଗ୍ଲାମର୍ ଧର୍ଷଣ ପରି ଶସ୍ତା ଯୌନୋଦ୍ଦୀପକ କିମ୍ବା କୃତ୍ରିମ ନଥିଲା । ଗୋଟିଏ ଅସହାୟ ନାରୀ ପ୍ରତି ସାମାଜିକ ଲାଞ୍ଛନା, ପୀଡ଼ନ, ଅପମାନ ଓ ଅମାନୁଷିକ ଅତ୍ୟାଚାରର ନିର୍ଲଜ୍ଜ ନିଦର୍ଶନକୁ ଦର୍ଶାଇବାରେ ନିର୍ଦ୍ଦେଶକ ତିଳେମାତ୍ର ସଂକୋଚ ପ୍ରଦର୍ଶନ କରିନଥିଲେ ।

ସବୁଠୁଁ ମର୍ମନ୍ତୁଦ ଥିଲା ଗଣଧର୍ଷଣ ପରେ ସର୍ବାଙ୍ଗ କ୍ଷତବିକ୍ଷତ, ରକ୍ତାକ୍ତ ଫୁଲନ୍‌ର ଗାଁ ଦାଣ୍ଡରେ ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ନଗ୍ନ ହୋଇ ଯାଇ ଅନତିଦୂରରେ ଥିବା କୁଅରୁ ପାଣି ଆଣିବାର ଦୃଶ୍ୟ । ଅତ୍ୟାଚାରୀ ଧର୍ଷଣକାରୀମାନଙ୍କ ଅଟ୍ଟହାସ୍ୟ ଭିତରେ ଫୁଲନ୍‌ର ଏହି ନିର୍ଯ୍ୟାତନାର ଦୃଶ୍ୟ ଯେତିକି କରୁଣ, ସେତିକି ଲୋମହର୍ଷକ ଥିଲା । ଏହି ହୃଦୟବିଦାରକ ଦୃଶ୍ୟ କେବଳ କାହାଣୀ ନଥିଲା, ଥିଲା ସତ୍ୟ ଘଟଣାରୁ ଚଳଚ୍ଚିତ୍ର ରୂପାନ୍ତର । ଏହି ଦୃଶ୍ୟର ସତ୍ୟାସତ୍ୟ କଳ୍ପନା କରି ମୋ ଛାତି ଫାଟି ଯାଉଥିଲା । ଆଖିରୁ ଲୁହ ବୋହି ଯାଉଥିଲା । ଭୟ ଏବଂ ଆତଙ୍କରେ ନିଃଶ୍ୱାସ ରୁଦ୍ଧି ହୋଇଯାଉଥିଲା । ଅଥଚ ହଲ୍ ଭିତରେ ଉପସ୍ଥିତ ପୁରୁଷ ଦର୍ଶକମାନଙ୍କ ତାଳିମାଡ଼ ଓ ସୁସୁରିର ଶବ୍ଦରେ ହଲ୍ ଫାଟି ପଡୁଥିଲା । ଏକ ନିର୍ଯାତିତା ଧର୍ଷିତା ନାରୀର କ୍ଷତବିକ୍ଷତ ନଗ୍ନତାର ଅଶ୍ଳୀଳ ଉତ୍ତେଜନାରେ ଉଲ୍ଲସିତ ହୋଇଉଠୁଥିବା ସେହି ପୁରୁଷପ୍ରଧାନ ମାନସିକତାର ପ୍ରତିବାଦ କରିବା ପାଇଁ ସେ ହଲ୍‌ରେ କେହି ଜଣେ ହେଲେ ମହିଳା ଦର୍ଶକ ନଥିଲେ । ସେ ଦୃଶ୍ୟ ଦେଖି ମୁଁ ଭାବୁଥିଲି, ସଂସାରର ସବୁ ନାରୀ ନାରୀର ଏହି ଚରମ ଦୁର୍ଗତିର ରୂପାୟନ ଦେଖିବା ଉଚିତ । ନାରୀର ଅସହାୟତା ଓ ଦୁର୍ଗତିରେ ପୁରୁଷ ସମାଜ କିପରି ଉଲ୍ଲସିତ ହୁଏ, ସେ ଅନୁଭବ ସେମାନଙ୍କର ରହିବା ଉଚିତ । ମୋର ବ୍ୟଥା ଆଉ ଅବଦମିତ ପ୍ରତିବାଦର ପ୍ରତିଧ୍ୱନିରେ ଚଳଚ୍ଚିତ୍ରରେ ଫୁଲନ୍ ଚରିତ୍ର ହାତରେ ବନ୍ଧୁକ ଫୁଟିବାର ଶବ୍ଦ ଶୁଣାଯାଇଥିଲା ସତ୍ୟ, କିନ୍ତୁ ଦର୍ଶକଙ୍କ ପାଖରେ ସେ ଶବ୍ଦର କୌଣସି ଗୁରୁତ୍ୱ ନଥିଲା । ହଲ୍‌ରୁ ବାହାରିଲାବେଳେ ସମସ୍ତେ ସେଥିରେ ଥିବା ହଟ୍ ସିନ୍‌ର ଚର୍ଚ୍ଚା କରୁଥିଲେ । ସେହି ଚରିତ୍ରର କାରୁଣ୍ୟ, ଅସହାୟତା ଓ ଆତ୍ମଘାତୀ ବିଦ୍ରୋହର କଥା ତାତ୍ପର୍ଯ୍ୟହୀନ ହୋଇପଡ଼ିଥିଲା ।

ସଚରାଚର ସମାଜରେ ଏହାହିଁ ହୋଇଥାଏ । ନାରୀପ୍ରତି ସମସ୍ତ ଉତ୍ପୀଡ଼ନ ଓ ଅତ୍ୟାଚାରକୁ ପୁରୁଷସମାଜ ଖୁବ୍ ଉପଭୋଗ କରେ । ନାରୀ ପ୍ରତି ଦୟା ଦେଖାଇବାକୁ ଭଲ ପାଏ ସିନା, ନାରୀର ବିଦ୍ରୋହ ଓ ସାହସକୁ ସହ୍ୟ କରେନାହିଁ ।

Source: Author, Digitized by PPRACHIN, SOA

ଅଥଚ ଯେଉଁମାନେ ଏହି ନିର୍ଯାତନାର ପ୍ରତିବାଦ କରିବା କଥା, ଏହି ସାହସ ଓ ଦମ୍ଭକୁ ସମର୍ଥନ ଦେବା କଥା, ସେହି ନାରୀଜାତି ଏସବୁରୁ ନିଜକୁ ଦୂରେଇ ରଖିବାକୁ ନାରୀର ମର୍ଯ୍ୟାଦା ଓ ଭୂଷଣ ବୋଲି ଭାବେ । ନାରୀ ପାଇଁ ଏହାଠାରୁ ବଳି ବିଡ଼ମ୍ବନା ଆଉ କ'ଣ ବା ଥାଇପାରେ ? ତେଣୁ ଯେତେବେଳେ ସମ୍ବାଦପତ୍ରରୁ ପଢ଼ିଲି ଯେ, ମନୋରମା ନାମ୍ନୀ ଜଣେ ମହିଳା ସେନାବାହିନୀର ଲୋକଙ୍କ ଦ୍ୱାରା ଗଣଧର୍ଷିତା ହେବାର ପ୍ରତିବାଦରେ ମଣିପୁରର ପ୍ରାୟ ୩୦/୪୦ ଜଣ ମହିଳା ସମ୍ପୂର୍ଣ୍ଣ ନଗ୍ନ ହୋଇ ସେନା କାର୍ଯ୍ୟାଳୟ ଆଗରେ - ''ଆସ ଆମକୁ ଧର୍ଷଣ କର''ର ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ; ସେତେବେଳେ ସେହି ଉତ୍‌କ୍ଷିପ୍ତା ପରମା ଶକ୍ତିମତୀ ଚଣ୍ଡିକାବାହିନୀ ଆଗରେ ଦୂରରୁ ମଥାନତ କରି ବାରମ୍ବାର ପ୍ରଣାମ ନିବେଦନ କରିଥିଲି ।

ଲଜ୍ଜା ନାରୀର ଭୂଷଣ ବୋଲି ଆମ ଶାସ୍ତ୍ରପୁରାଣ ସବୁ ଖୁବ୍ ଉଦାର କଣ୍ଠରେ କହିଛନ୍ତି । ଲଜ୍ଜା, ସହିଷ୍ଣୁତା, ବଂଶମର୍ଯ୍ୟାଦା, ସାମାଜିକ ସମ୍ଭ୍ରମ, ଲୋକାପବାଦ ଇତ୍ୟାଦି ଶବ୍ଦ ସବୁର ପୁନଃପୌନିକ ବ୍ୟବହାର ନାରୀମାନଙ୍କୁ ଏପରି ସ୍ଥାଣୁ ଓ ତମସାଚ୍ଛନ୍ନ କରି ରଖିଥାଏ ଯେ, ସେ ନିଜକୁ କିମ୍ବା ଅନ୍ୟ କୌଣସି ନାରୀକୁ ଯାବତୀୟ ଶୋଷଣ କବଳରୁ ରକ୍ଷା କରିବା ପାଇଁ ହଠାତ୍ ସାହସିକ ପଦକ୍ଷେପ ନେଇପାରେ ନାହିଁ । ପୁରୁଷର ଯୌନବିଳାସ ପାଇଁ ହଜାର ହଜାର ବର୍ଷ ଧରି ନଗ୍ନଦେହ ପ୍ରଦର୍ଶନ କରୁଥିବା ନାରୀ ନିଜ ଉପରେ ହେଉଥିବା ଯୌନ ଅତ୍ୟାଚାରର ବିରୋଧ କରି ନଗ୍ନଚଣ୍ଡିକା ରୂପ ଧାରଣ କରିପାରେ ନାହିଁ । ''ଲଜ୍ଜା ନାରୀର ଭୂଷଣ'' - ଉକ୍ତିକୁ ସାର୍ଥକ କରିବା ପାଇଁ ଘରକୋଣରେ ସବୁରି ଅଜ୍ଞାତରେ ମୁହଁ ଲୁଚେଇ ଲୁହ ଝରାଏ ଓ ଅଧିକରୁ ଅଧିକ ଯୌନଉତ୍ପୀଡ଼ନକୁ ମୁହଁ ବୁଜି ସହ୍ୟ କରୁଥାଏ । ତଥାକଥିତ ନାରୀନେତ୍ରୀମାନେ ନାରୀର ନୀତିନୈତିକତା, ମର୍ଯ୍ୟାଦା, ସର୍ବଂସହାପଣ, ଶୋଭନୀୟତା ଆଦିକୁ ନେଇ ଖୁବ୍ ବଡ଼ ବଡ଼ ଆଦର୍ଶର କଥା କହନ୍ତି । କିନ୍ତୁ ଦିନକୁ ଦିନ ବାସ୍ତବ ଜୀବନରେ ନାରୀ ଭୋଗୁଥିବା ଯାବତୀୟ ପୀଡ଼ା ଓ ଯାତନାର ମୁହାଁମୁହିଁ ହେବାପାଇଁ ଦମ୍ଭ ବାନ୍ଧିପାରନ୍ତି ନାହିଁ ।

ଲଜ୍ଜା କେବଳ ନାରୀର ନୁହେଁ - ପୁରୁଷର ମଧ୍ୟ ଭୂଷଣ ହେବା ଉଚିତ । ଯେଉଁ ପୁରୁଷପ୍ରଧାନ, ଉପଭୋକ୍ତା ସମାଜବ୍ୟବସ୍ଥା ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଗଣମାଧ୍ୟମରେ ନାରୀର ନଗ୍ନଦେହ ଓ ତା' ଉପରେ ଧର୍ଷଣ, ବଳାତ୍କାର ପରି ଅମାନୁଷିକ ଦୃଶ୍ୟ ସଜାଇ/ଦେଖି ଖୁବ୍ ବ୍ୟବସାୟିକ ଲାଭ ଉଠାଏ ଓ ମଜା ନିଏ, ତା'ଠାରୁ ନିର୍ଲଜ୍ଜ

Source: Author, Digitized by PPRACHIN, SOA

ସଭ୍ୟତା ମଣିଷ ପାଇଁ ଆଉ କ'ଣ ଥାଇପାରେ ? ଚତୁର୍ଦ୍ଦିଗର ଏହି ଘୋର ଲଜ୍ଜାହୀନତା ଭିତରେ ଲଜ୍ଜାକୁ ଭୂଷଣ କରି ନାରୀ କେତେଦିନ ବା ନିଜର ମର୍ଯ୍ୟାଦାକୁ ରକ୍ଷା କରିପାରିବ ? ବରଂ ମହାନ୍ ବୋଲାଉଥିବା ପୁରୁଷମାନଙ୍କର ନିର୍ଲଜ୍ଜ ସ୍ୱରୂପକୁ ପଦାରେ ପକାଇ ତା' ପାଇଁ ସାମାଜିକ ଧିକ୍‌କାରର ଏକ ଆହ୍ୱାନ ସୃଷ୍ଟି କରିବାକୁ ନାରୀ ଯଦି ନିଜର ନଗ୍ନଦେହକୁ ପ୍ରତିରୋଧର ଏକ ଶାଣିତ, କୋଷମୁକ୍ତ ତରବାରୀ ପରି ବ୍ୟବହାର କରେ, ତା'ହେଲେ ହୁଏତ ସେତେବେଳେ ପୁରୁଷସମାଜ ପ୍ରତି ନାରୀ ଅଙ୍ଗରେ ମା' ଦୁର୍ଗାଙ୍କର ପ୍ରତିଫଳନ ଦେଖିବ ଓ ଭୟଭୀତ ହୋଇ ନାରୀପ୍ରତି ଥିବା ନିଜ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହେବ ।

O

Source: Author, Digitized by PPRACHIN, SOA

ଇତର ଉତ୍ତେଜନା

ସ୍ତ୍ରୀଲୋକମାନଙ୍କର ସାମାଜିକ ମର୍ଯ୍ୟାଦା ଓ ନିର୍ଯାତନା କଥା ଉଠିଲେ ପ୍ରାୟ ଅଧିକାଂଶ ସମୟରେ ଆଧୁନିକା ନାରୀମାନଙ୍କର ବେଶପୋଷାକ ବିଷୟରେ ଚର୍ଚ୍ଚା ହୁଏ । ଆଜିକାଲିକାର ଝିଅମାନେ କିପରି ଅଣପାରମ୍ପରିକ ଓ ଅଶାଳୀନ ପୋଷାକପତ୍ର ପିନ୍ଧି ପୁରୁଷମାନଙ୍କର ଦୃଷ୍ଟିଆକର୍ଷଣ କରୁଛନ୍ତି ଏବଂ ନିଜ ପ୍ରତି ନାନାପ୍ରକାର ବିପଦ ଡାକି ଆଣୁଛନ୍ତି, ସେ ସମ୍ବନ୍ଧରେ ତଥାକଥିତ ନୈତିକ ମୁରବୀମାନେ ଖୁବ୍ ତୁମ୍ବିତୋଫାନ କରନ୍ତି । ଶେଷକୁ ନାରୀର ବେଶଭୂଷା ହିଁ ତା'ର ସମସ୍ତ ଦୁର୍ଦ୍ଦଶାର ଅନ୍ୟତମ ମୁଖ୍ୟକାରଣ ହୋଇଯାଏ । ନାରୀମାନେ ଅର୍ଦ୍ଧନଗ୍ନ ପୋଷାକପତ୍ର ପିନ୍ଧି ବାହାରକୁ ବାହାରିଲେ ପୁରୁଷମାନଙ୍କର ଦୋଷ କାହିଁକି ଧରାଯିବ ଓ ସେମାନେ ଉତ୍ତେଜିତ ହୋଇ ନାରୀଙ୍କୁ କାହିଁକି ଆକ୍ରମଣ ନ କରିବେ - ଏପରି ମନ୍ତବ୍ୟ ଦେବାକୁ ପୁରୁଷମାନେ ଓ ତାଙ୍କଠୁଁ ଅଧିକ ନାରୀମାନେ ଉତ୍ସାହିତ ହୋଇପଡ଼ନ୍ତି । ତେଣୁ ନାରୀର ବେଶପୋଷାକକୁ କେନ୍ଦ୍ରକରି ସମକସ୍ତ ମତ-ମନ୍ତବ୍ୟର ସାରମର୍ମକୁ ଏହିପରି ଭାବରେ କୁହାଯାଇପାରେ ଯେ - ସମ୍ପ୍ରତି ନାରୀମାନଙ୍କ ପ୍ରତି ଘଟୁଥିବା ଯାବତୀୟ ଯୌନ ଅତ୍ୟାଚାରର ମୂଳକାରଣ ହେଉଛି ନାରୀମାନଙ୍କର ପୋଷାକପତ୍ର, ଚାଲିଚଳଣ ଇତ୍ୟାଦିରେ ଉଗ୍ର ଆଧୁନିକତାର ପ୍ରଭାବ ଏବଂ ମାତ୍ରାଧିକ ସ୍ୱାଧୀନତା ଓ ଅଙ୍ଗପ୍ରଦର୍ଶନର ମାନସିକତା । ପୁରୁଷର ଉତ୍ତେଜିତ ହେବା କିମ୍ବା ନାରୀକୁ ନିଜର ଯୌନଲାଳସାର ଶିକାର କରିବା ନିତାନ୍ତ ଗୌଣ ଏବଂ ସ୍ୱାଭାବିକ କଥା ।

ତା'ହେଲେ ଅନ୍ତତଃ ଭାବିବାକୁ ହେବ ଯେ, ଯେଉଁ ସ୍ଥାନରେ ନାରୀମାନେ ପର୍ଦ୍ଦା ଭିତରେ ରହନ୍ତି, ବାହାରକୁ ବାହାରିଲେ ଆପାଦମସ୍ତକ କଳାକନାରେ ଢ଼ାଙ୍କି ହୋଇ ବାହାରନ୍ତି, ସେଠାରେ ନାରୀର ସମ୍ମାନ ଓ ସୁରକ୍ଷା ନିଶ୍ଚୟ ଶୀର୍ଷରେ ଥିବ ! ନାରୀଙ୍କ ଉପରେ ଯୌନ ଅତ୍ୟାଚାର ସେଠାରେ ନିଶ୍ଚୟ ଶୂନ-ପ୍ରତିଶତ ଥିବ । ପୁରୁଷମାନେ ଅତ୍ୟନ୍ତ ସଦାଚାରୀ ହୋଇଥିବେ ! କିନ୍ତୁ ସେପରି କିଛି ପ୍ରମାଣ ମିଳେନାହିଁ । ପର୍ଦ୍ଦା ଭିତରେ ରହୁଥିବା ନାରୀମାନଙ୍କ ଉପରେ ଯୌନ ଅତ୍ୟଚାରର

Source: Author, Digitized by PPRACHIN, SOA

ସୀମା ଆଦୌ ସଂକୁଚିତ ନୁହେଁ, ବରଂ ଅଧିକ । ଯଦିଓ ପର୍ଦାକୁ ଡରି ସେଠାରେ ନାରୀମାନଙ୍କର ପାଟିତୁଣ୍ଡ ଓ ପ୍ରତିବାଦ କରିବାର ଅଧିକାର ଖୁବ୍ ସଂକୁଚିତ ।

ମନୁଷ୍ୟ ସମାଜରେ ଦୁଇଟି ସ୍ତର ଅଛି, ଯେଉଁଠାରେ ମଣିଷର ବେଶପୋଷାକର କୌଣସି ଗୁରୁତ୍ୱ ନଥାଏ । ସେ ଦୁଇଟି ସ୍ତର ହେଉଛି ସବୁଠୁଁ ନିମ୍ନସ୍ତରର ଶ୍ରମଜୀବୀ ଓ ଆଦିବାସୀ ସମାଜର ମଣିଷ ଏବଂ କଳାସଂସ୍କୃତି, ମାନବିକ ଭାବପ୍ରବଣତାରେ ଅତ୍ୟନ୍ତ ଉନ୍ନତ ରୁଚି ରଖୁଥିବା ସ୍ୱର୍ଣକ୍ଷମ ଶିଳ୍ପୀ, କଳାକାର ଓ ସୃଜନଶୀଳ ମଣିଷ । ଗୋଟିଏ ସ୍ତରରେ ନାରୀଦେହର ନଗ୍ନତା, ଅର୍ଦ୍ଧନଗ୍ନତା ଅତ୍ୟନ୍ତ ସ୍ୱାଭାବିକ ଓ ପ୍ରାକୃତିକ ହେଲାବେଳେ, ଅପର ସ୍ତରରେ ଏହା ମହିମ୍ନ ଓ ଅସାଧାରଣ ହୋଇଥାଏ । ମଣିଷର ଯୌନଚେତନା ଗୋଟିଏ ସ୍ତରରେ ନିତିଦିନିଆ ଜୀବନର ସ୍ୱାଭାବିକ, ସହଜାତ ଘଟଣା ହେଲାବେଳେ ଅନ୍ୟସ୍ତରରେ ଏହା ସୌନ୍ଦର୍ଯ୍ୟବୋଧ ରସାନୁଭବ ଓ ସର୍ବୋପରି ଆତ୍ମିକ ଉତ୍ତରଣର ସରଳ ସୁଗମ ମାର୍ଗ ହୋଇଥାଏ ।

ତେଣୁ ଆଦିବାସୀ କିମ୍ବା ଶ୍ରମଜୀବୀ ମହିଳାଙ୍କର ଚାଲିଚଳଣି, ଗୀତବାଦ୍ୟ ସବୁଥିରେ ନଗ୍ନତା ଥିଲେହେଁ ତାହା ଅଶ୍ଳୀଳ ହୋଇ ନଥାଏ । ତାହା ତାଙ୍କର ପୁରୁଷ ସାଥୀକୁ ଆକର୍ଷିତ କରେ ସତ୍ୟ, କିନ୍ତୁ ଅତ୍ୟାଚାରୀ ହେବା ପାଇଁ ଉସ୍କାଉ ନଥାଏ । ଆଦିବାସୀ ତରୁଣ ତରୁଣୀ ପରସ୍ପରର ନଗ୍ନତାକୁ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ । କେଡ଼େ ସହଜ ଓ ସରଳ ଭାବରେ ଏହି ବଣମଣିଷଙ୍କର ଭାବ ଦିଆନିଆ ଓ ଦେହ ଦିଆନିଆ ଚାଲେ । ମଦ ପିଇ ମାତାଲ ହେଲେ ମଧ୍ୟ ଏମାନେ ମାନବିକ ସମ୍ଭ୍ରମ ହରାଇ ଦିଅନ୍ତି ନାହିଁ । କାରଣ କୂଟକପଟ, ବ୍ୟବସାୟିକ ଲାଭ-କ୍ଷତି ଓ କୃତ୍ରିମତାର କଳାଚଷମା ପିନ୍ଧି ଏମାନେ ନାରୀଦେହ କିମ୍ବା ନାରୀପୁରୁଷର ଯୌନସମ୍ଭୋଗକୁ ଦେଖିବାର କଳ୍ପନା ମଧ୍ୟ କରପାରନ୍ତି ନାହିଁ ।

ସେହିପରି ଶିଳ୍ପୀ, ଚିତ୍ରକର, କଳାକାର କିମ୍ବା ସାଧୁସନ୍ଥଙ୍କ ପରି ଉଚ୍ଚଭାବାବେଗସମ୍ପନ୍ନ ମଣିଷଙ୍କ ପାଇଁ ଶାରୀରିକ ନଗ୍ନତା ଓ ଅନ୍ତଃକରଣର ନଗ୍ନତାରେ କିଛି ପ୍ରଭେଦ ନଥିବାରୁ ସେମାନେ ନଗ୍ନତାକୁ ଆଧ୍ୟାତ୍ମିକ ମୂଲ୍ୟ ଦେଇଥାଆନ୍ତି । ଅଧିକାଂଶ ଉଚ୍ଚକୋଟୀର ଚିତ୍ରକଳା, ଭାସ୍କର୍ଯ୍ୟ ଓ ସାହିତ୍ୟକୃତିରେ ନାରୀର ନଗ୍ନସୌନ୍ଦର୍ଯ୍ୟ ପ୍ରତିବିମ୍ବିତ ହୋଇଛି । ଏହି ଉନ୍ନତ ରୁଚି ଓ ମାନବୀୟ ସୁଗୁଣର ଅଧିକାରୀ ସୃଜନଶୀଳ ମଣିଷମାନେ ମଣିଷର ଦେହକୁ କ୍ଷୁଧାଦୃଷ୍ଟିରେ ନୁହେଁ - ସୁଧାଦୃଷ୍ଟିରେ ଦେଖିବାର ସାମର୍ଥ୍ୟ ଅର୍ଜନ କରିଥା'ନ୍ତି । ତେଣୁ ବିଶ୍ୱବିଖ୍ୟାତ ଭାସ୍କର

Source: Author, Digitized by PPRACHIN, SOA

ରୋଦାଁ କହିଛନ୍ତି ଯେ, ଶିଳ୍ପୀ ମୂର୍ତ୍ତି ଗଢ଼ିବା ପାଇଁ ଯେତେବେଳେ ନାରୀ (ମଡ଼େଲ୍)ର ନଗ୍ନ ଦେହକୁ ଦେଖେ, ସେତେବେଳେ ସେ ଦେହକୁ ଭୋଗ କରିବାର ଜୈବିକ ଲାଳସା ଦ୍ୱାରା ସେ ଆକ୍ରାନ୍ତ ହୋଇ ନଥାଏ । ବରଂ ନଗ୍ନନାରୀର ଅଙ୍ଗେ ଅଙ୍ଗେ ଢ଼େଉ ତୋଳୁଥିବା ଈଶ୍ୱରଙ୍କର ଅପୂର୍ବ ସୌନ୍ଦର୍ଯ୍ୟ ରଚନାକୁ ସେ ନିଜର ଶିଳ୍ପକର୍ମରେ ଧରି ରଖିବାକୁ ଧ୍ୟାନସ୍ଥ ହୋଇଯାଏ । ନାରୀ (ମଡ଼େଲ୍)ଟି ମଧ୍ୟ ଶିଳ୍ପୀର ଅଭିନିବେଶ ଭିତରେ ସୌନ୍ଦର୍ଯ୍ୟର ସମ୍ମାନ ଓ ଉପାସନାକୁ ଅନୁଭବ କରେ । ତେଣୁ ଶିଳ୍ପୀ/ କଳାକାରର ମୁଗ୍ଧଦୃଷ୍ଟି ଆଗରେ ନିଜ ଅଙ୍ଗପ୍ରତ୍ୟଙ୍ଗରେ ସଞ୍ଚିତ ସୌନ୍ଦର୍ଯ୍ୟର ପସରାକୁ ମେଲିଦେବାରେ ସେ କୁଣ୍ଠା କିମ୍ୱା ସଂକୋଚ କରେ ନାହିଁ ।

ସେ ନାରୀ ହେଉ ବା ପୁରୁଷ, ମଣିଷର ଦେହ ଓ ସେ ଦେହ ପ୍ରତି ଦୃଷ୍ଟିଭଙ୍ଗୀର ଏକ ସରଳ, ସାବଲୀଳ ଆବେଦନରେ ପ୍ରାକୃତିକତା କିମ୍ୱା ସୂକ୍ଷ୍ମ, ସ୍ପର୍ଶପ୍ରବଣ, ସଚେତନ ଆଧ୍ୟାତ୍ମିକତା ଏହି ଦୁଇ ପ୍ରକାରର ଯୋଗାଯୋଗ ରହିପାରିଲେ, ଦେହର ଆବୃତ-ଅନାବୃତ ଅବସ୍ଥାର କୌଣସି ନକାରାତ୍ମକ ପ୍ରଭାବ ନଥାଏ । କିନ୍ତୁ ଦମ୍ଭ, ଅହଂକାର, କୂଟକପଟ, ଛଳନା, ଧୂର୍ତ୍ତ ବ୍ୟବସାୟିକ ଚତୁରତା ଏବଂ ନୀଚ, ଅପ୍ରାକୃତିକ ଯୌନଲାଳସା ସମାଜରେ ଏକ ଅଶାଳୀନ, ଅମାନବିକ ବାତାବରଣ ସୃଷ୍ଟି କରେ । ଯେଉଁଠି ନାରୀଦେହକୁ ସୃଜନଶକ୍ତିର, ପ୍ରେମର ଆଧାର ଭାବେ ନୁହେଁ, ବରଂ ଉପଭୋଗ ଓ ବ୍ୟବହାରର ବସ୍ତୁ ଭାବରେ ଦେଖାଯାଏ, ସେଠାରେ ନାରୀ ଯେତେ ଆଚ୍ଛାଦିତା ହୋଇ ରହିଲେ ମଧ୍ୟ ତାକୁ ବାରମ୍ୱାର ଯୌନଉତ୍ପୀଡ଼ନର ଶିକାର ହେବାକୁ ପଡ଼େ ।

ଈଶ୍ୱରଙ୍କର ନିସର୍ଗ ସୃଷ୍ଟି ଓ ପ୍ରବୃତ୍ତିକୁ ଏପରି ବିକାରଗ୍ରସ୍ତ ଦୃଷ୍ଟିରେ ଦେଖୁଥିବା ସମାଜରେ ନାରୀ ମଧ୍ୟ ବେଳେବେଳେ ପୁରୁଷକୁ ଗରାଖ ସ୍ଥାନରେ ରଖି ନିଜକୁ ବସ୍ତୁ ଭାବରେ ସଜାଇ ପରିବେଷଣ କରେ । ନାରୀମାନଙ୍କର ସଂକ୍ଷିପ୍ତ ସନ୍ତରଣ ପୋଷାକ ଭାବରେ ପ୍ରଥମେ 'ବିକିନି' ଡିଜାଇନ୍ କରିଥିବା ବ୍ୟକ୍ତିଜଣକ କାଳେ ସେହି ଶବ୍ଦଟିର ଅର୍ଥ କରି କହିଥିଲେ - "It suggests more than what it conceals." ତେଣୁ ପୋଷାକପତ୍ର ନୁହେଁ - ପୋଷାକପତ୍ରକୁ ଚତୁର, ଇଙ୍ଗିତାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିବା ହିଁ ଅସଭ୍ୟ, ଅଶାଳୀନ । ମଣିଷର ନିସର୍ଗ ଓ ଆତ୍ମିକ ଭାବନାକୁ ପ୍ରତିହତ କରି ଏହା ମଣିଷ ମନରେ ଏକ ଇତର ଉତ୍ତେଜନା ସୃଷ୍ଟି କରେ । ନାରୀଦେହ ବ୍ୟବହାରଯୋଗ୍ୟ ବସ୍ତୁ ହୋଇଗଲେ ପୋଷାକ ପରିଚ୍ଛେଦ ତାକୁ ସମ୍ମାନିତ

Source: Author, Digitized by PPRACHIN, SOA

କରିପାରେ ନାହିଁ । ହାତେ ଲମ୍ବର ଓଢ଼ଣା ଟାଣି, ଅଳଙ୍କାର ବିମଣ୍ଡିତା ହୋଇ ପର୍ଯ୍ୟାପ୍ତ ଯୌତୁକ ଦେଇପାରୁଥିବା ନାରୀର ଗରାଖ କିମ୍ବା ସ୍ୱଳ୍ପ ପୋଷାକରେ ଅଶ୍ଳୀଳ ଅଙ୍ଗଭଙ୍ଗୀ କରି ଅର୍ଥ ଉପାର୍ଜନ କରୁଥିବା ନାରୀଙ୍କର ଗରାଖଙ୍କର ଉକ୍ତ ନାରୀ ଦେହକୁ ବ୍ୟବହାର ପ୍ରଣାଳୀ ଟିକେ ଭିନ୍ନ ଭିନ୍ନ ହୋଇଥାଏ ଯାହା... !

ବ୍ୟବସାୟିକ ଲାଭକ୍ଷତି ପାଇଁ ନାରୀଦେହକୁ ମୂଳଧନ ଭାବେ ବିନିଯୋଗ କରୁଥିବା ବେପାରୀ ଓ ଗରାଖ ଉଭୟେ ମଣିଷ ସମାଜର ସୁଖ, ସନ୍ତୋଷ, ଶାନ୍ତି ଓ ସୁରକ୍ଷାର ଶତ୍ରୁ, ନାରୀପୁରୁଷଙ୍କର ନଗ୍ନତା କିମ୍ବା ସୃଜନଲିପ୍‌ସା ନୁହେଁ !

Source: Author, Digitized by PPRACHIN, SOA

ମାଆ ଓ ମାତୃତ୍ୱ

ମାଆ ହେବା ନାରୀ ଜୀବନର ଚରମ ସାର୍ଥକତା । ମାଆ ହେବାର ଶକ୍ତି ଥିବାରୁ ମଣିଷ ନାରୀକୁ ଚିରଦିନ ଉଚ୍ଚ ଆସନ ଦେଇଛି । ନାରୀ ଜୀବନର ଏହି ପର୍ଯ୍ୟାୟରେ ସେ ଉଭୟ ବ୍ୟକ୍ତିଗତ ଓ ସାମାଜିକ ଭୂମିକା ପାଳନର ସନ୍ତୋଷ ଲାଭ କରିଥାଏ । ସନ୍ତାନର ଲାଳନପାଳନ ସୁଖରେ ନିଜ ଅନ୍ତରର କୋମଳ ପ୍ରବୃତ୍ତିକୁ ପରିପୁଷ୍ଟ କରିବା ସହିତ ନାରୀ ସମାଜକୁ ମଧ୍ୟ ଭବିଷ୍ୟତର ନାଗରିକ ପ୍ରଦାନ କରିଥାଏ । ଏକ ସୁସ୍ଥ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ତେଣୁ ସମାଜ ନାରୀ ଉପରେ ଯେ କେତେ ବେଶୀ ନିର୍ଭରଶୀଳ, ତାହା ସହଜରେ ଅନୁମାନ କରଯାଇପାରେ ।

କିନ୍ତୁ ମାଆ ଏବଂ ମାତୃତ୍ୱ ଏହି ଦୁଇଟି ଶବ୍ଦର ତାତ୍ପର୍ଯ୍ୟରେ ଅନେକ ବ୍ୟବଧାନ ରହିଛି । ଶାରୀରିକ ସ୍ତରରେ ଜଣେ ନାରୀ ଗର୍ଭଧାରଣ କରେ । ମାଆ ହୁଏ । ନିଜର ପ୍ରବୃତ୍ତି ଦ୍ୱାରା ପରିଚାଳିତା ହୋଇ ସେ ଆପଣା ସନ୍ତାନର ଯତ୍ନ ନିଏ । ତା' ପ୍ରତି ଶ୍ରଦ୍ଧା ଭାବ ରଖେ । ସୃଷ୍ଟିକୁ ବଞ୍ଚାଇ ରଖିବା ପାଇଁ ଏହା ପ୍ରକୃତିର ନିୟମ । ପଶୁ ପକ୍ଷୀ ଓ ଅନ୍ୟାନ୍ୟ ଜୀବଜନ୍ତୁ ମଧ୍ୟ ଏହି ନିୟମ ଅନୁଯାୟୀ ସନ୍ତାନ ଜନ୍ମ ଓ ପାଳନ କରିଥାନ୍ତି । କିନ୍ତୁ ମଣିଷ ସମାଜ ପାଇଁ ମାତୃତ୍ୱର ପରିଚୟ କେବଳ ଏତିକିରେ ସୀମାବଦ୍ଧ ନୁହେଁ । କାରଣ ସଂସାରରେ ମଣିଷ ହିଁ ଏକମାତ୍ର ପ୍ରାଣୀ, ଯିଏ କି ନିଜର ଉନ୍ନତ ବିଚାର ବିବେକଦ୍ୱାରା ପରିଚାଳିତ ହୋଇ ପ୍ରାକୃତିକ ନିୟମ ଓ ପ୍ରବୃତ୍ତିର ସର୍ବଦା ବ୍ୟାପକତର ପରିସର ଖୋଜି ଚାଲିଛି । ସେହି ପରିପ୍ରେକ୍ଷୀରେ ମଣିଷ ସମାଜରେ ମାତୃତ୍ୱ କହିଲେ ନିଛକ ଗର୍ଭଧାରଣ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟକୁ ବୁଝାଏ ନାହିଁ । ବରଂ ମା'ଠାରେ ନିଜ ପିଲାପାଇଁ ଶ୍ରଦ୍ଧା, ମମତା, ସହିଷ୍ଣୁତା ଇତ୍ୟାଦି ଯେଉଁ ଅମୂଲ୍ୟ ଗୁଣଗୁଡ଼ିକର ଉନ୍ମେଷ ଘଟେ ସେ ସୁନ୍ଦର ସୁକୁମାର ପ୍ରବୃତ୍ତିକୁ ସମଗ୍ର ମାନବଜାତିର କଲ୍ୟାଣ ପାଇଁ ବିନିଯୋଗ କରିବାରେ ମାତୃତ୍ୱର ମହନୀୟତା ପ୍ରତିପାଦିତ ହୁଏ ବୋଲି ମଣିଷ ନିଷ୍ଠାର ସହିତ ବିଶ୍ୱାସ କରେ ।

ଭାରତୀୟ ପୁରାଣରେ ଦେବୀ ଦୁର୍ଗାଙ୍କୁ ଜଗତ୍‌ଜନନୀର ଆସନ ଦିଆଯାଇଛି । ସେ ଆସନ ପାଇଁ ତାଙ୍କୁ ଯେ ଗୁଡ଼ାଏ ଛୁଆପିଲା ଜନ୍ମ କରିବାକୁ ପଡ଼ିଥିଲା, ତା'

Source: Author, Digitized by PPRACHIN, SOA

ନୁହେଁ । ଆର୍ତ୍ତ ମଣିଷର ଦୁର୍ଗତି ନାଶନ ପାଇଁ ନିଜର ବ୍ୟକ୍ତିଗତ ମାନ ଅପମାନକୁ ଖାତିର ନକରି ସଂଗ୍ରାମ କରୁଥିଲେ ବୋଲି ସେ ବିଶ୍ୱର ମା' ବୋଲାଇ ପାରିଛନ୍ତି । ଏହା ତ' ପୁରାଣର କଥା, ବାସ୍ତବ କ୍ଷେତ୍ରରେ ମଧ୍ୟ ମଦରଟେରେସା ସାରା ବିଶ୍ୱରେ ମା' ବୋଲି ପରିଚିତା । ଶ୍ରୀମା'ଙ୍କୁ ତାଙ୍କର ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧାରେ 'ମଦର' ବୋଲି ସମ୍ବୋଧନ କରନ୍ତି । ଏମାନେ କାହାର ଗର୍ଭଧାରିଣୀ ନୁହଁନ୍ତି । କିନ୍ତୁ ଏମାନେ ମାତୃତ୍ୱର ଏକ ଅନନ୍ୟ ମହିମାମୟୀ ପ୍ରତୀକ ଭାବରେ ପରିଚିତା । ମା' ରମାଦେବୀ ଓଡ଼ିଶାର ପୁରପଲ୍ଲୀରେ ଦିନେ ମା' ଭାବେ ସୁପରିଚିତା ଥିଲେ । ଆଜି ସୁଦ୍ଧା ଓଡ଼ିଶାବାସୀ ତାଙ୍କୁ ଗଭୀର ଭକ୍ତିରେ 'ମାଆ' ବୋଲି ସ୍ମରଣ କରନ୍ତି । ଏହି ମାତୃତ୍ୱର ସମ୍ମାନ ସେ ନିଶ୍ଚୟ ତାଙ୍କର ପୁଅ ଝିଅକୁ ଗର୍ଭରେ ଧରିବାଯୋଗୁଁ ପାଇନାହାନ୍ତି । ବରଂ ମାତୃତ୍ୱର ପରିଭାଷାକୁ ଅଧିକ ଉଦାର ଓ ବ୍ୟାପକ କରିବାର ଉଦ୍ୟମ ଭିତରେ ସେ ଏହି ଅକ୍ଷୟ ସମ୍ମାନ ଲାଭ କରିପାରିଛନ୍ତି । କହିବା ବାହୁଲ୍ୟ, ମାନବ ଇତିହାସରେ ଏହିପରି ମହାନ୍ ମାତୃତ୍ୱର କୋଳରେ ମଣିଷ ଜାତିର ମାନବୀୟ ଗୁଣାବଳୀ ଉନ୍ନତ ଓ ଅଗ୍ରଗାମୀ ହୋଇପାରିଛି ।

ଭାରତୀୟ ପରମ୍ପରାରେ ମାତୃତ୍ୱର ଏହି ପରମ ଆଦର୍ଶରେ ବ୍ୟକ୍ତିତ୍ୱ ଗଢ଼ିବାପାଇଁ ନାରୀକୁ ଉଦ୍‌ବୁଦ୍ଧ କରାଯାଉଥିଲା । ଦେଶ, ଜାତି ତଥା ସମୂହ ସ୍ୱାର୍ଥପାଇଁ ସନ୍ତାନକୁ ହସିହସି ବଳି ଦେବା ଦିଗରେ ଭାରତୀୟ ନାରୀର ପଟ୍ଟାନ୍ତର ନଥିଲା । ସ୍ୱାଧୀନତା ସଂଗ୍ରାମବେଳେ ନିଜର ତିନିଟିନିଟି ଯୁବକ ପୁତ୍ରକୁ ଫାସୀ ଖୁଣ୍ଟରେ ଝୁଲିବାର ଦେଖି ମଧ୍ୟ ଚାପେକର ଭାଇମାନଙ୍କର ଜନନୀ ଅବିଚଳିତା ରହିଥିଲେ । ଫାଶୀର ଅବ୍ୟବହିତ ପୂର୍ବରୁ ଭଗତ୍‌ସିଂଙ୍କର ମା' ତାଙ୍କ ପାଖକୁ ଚିଠି ଲେଖି ଜଣାଇଥିଲେ ଯେ, ମସ୍ତକ ଉନ୍ନତ କରି ସେ ଯେପରି ଫାଶୀ ରଜ୍ଜୁକୁ ଗଳାରେ ଧାରଣ କରନ୍ତି । ଏହିପରି ଆହୁରି ବହୁ ଜନନୀଙ୍କର ସେତେବେଳେ ତ୍ୟାଗର ତୁଳନା ନଥିଲା । ମାତୃତ୍ୱକୁ ନିଜର ଗର୍ଭଜାତ ପୁତ୍ର କନ୍ୟା ଓ ବ୍ୟକ୍ତି ସ୍ୱାର୍ଥ ମଧ୍ୟରେ ଆବଦ୍ଧ ନରଖି ଏମାନେ ତାକୁ ଅଧିକ ଉଦାର ଓ ବ୍ୟାପକ କରିପାରିଥିଲେ । ତେଣୁ ଏହି ମରଣଶୀଳ ପୃଥିବୀରେ ଏମାନେ ନିଜର ସନ୍ତାନମାନଙ୍କୁ ଅମରଜୀବନ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଥିଲେ । ମାତୃତ୍ୱ ଯଦି ସୃଷ୍ଟି ଓ ଜୀବନର ସୋପାନ ହୁଏ, ତେବେ ଏମାନେ ତା'ର ଶୀର୍ଷ ସ୍ଥାନ ଆରୋହଣ କରିପାରିଛନ୍ତି ବୋଲି କହିବାକୁ ହେବ । ବୀର ସନ୍ତାନ ପ୍ରସବିନୀ ହେବାକୁ ତପସ୍ୟା କରୁଥିବା ଏହିପରି ନାରୀମାନଙ୍କ ପାଇଁ ଭାରତବର୍ଷ ଏକଦା 'ବୀରପ୍ରସୂ' ନାମରେ ବିଖ୍ୟାତ ହୋଇଥିଲା ।

Source: Author, Digitized by PPRACHIN, SOA

କିନ୍ତୁ ଅତି ଦୁଃଖର ସହ ଲକ୍ଷ୍ୟ କରିବାକୁ ହେଉଛି ଯେ, ଆଜି ଭାରତୀୟ ନାରୀ ଜୀବନରେ ଏ ଧରଣର ମୂଲ୍ୟବୋଧର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି । ଗ୍ରାମ୍ୟ କିମ୍ବା ସହରୀ ପରିବେଶରେ ମାଆ ଆଜି ନିଜ ସନ୍ତାନର ବୈଷୟିକ ପ୍ରଗତିପାଇଁ ଖୁବ୍ ସଚେତନ । ପାଶ୍ଚାତ୍ୟ ବସ୍ତୁବାଦୀ ବିକାଶର ପ୍ରଭାବରେ ଭାରତର ଜନଜୀବନ ଆଜି ଏକ ବିରାଟ ବଜାରରେ ପରିଣତ ହୋଇଛି । ଯେଉଁଠି ମା' ପିଲାଙ୍କୁ ଗୋଟିଏ କେବଳ ବଡ଼ ଚାକିରୀ ବା ଅର୍ଥ ଉପାର୍ଜନର ଯନ୍ତ୍ର ଭାବେ ଗଢ଼ିବାକୁ ପ୍ରାଣପଣ କରି ଉଦ୍ୟମ କରୁଛି । ପଦସ୍ଥ ଚାକିରୀ କରିବା କିମ୍ବା ବୈଷୟିକ ଜ୍ଞାନକୌଶଳ ଅର୍ଜନ କରିବା ଖରାପ କଥା ନୁହେଁ । ଦେଶର ଆର୍ଥିକ ବିକାଶରେ ଏହାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ।

କିନ୍ତୁ ବୈଷୟିକ ସମୃଦ୍ଧି ସହିତ ମୂଲ୍ୟବୋଧ ଓ ସମ୍ବେଦନଶୀଳ ମନୋଭାବର ଯେଉଁ ଧୂର୍ତ୍ତ ଅବକ୍ଷୟ ପରିଲକ୍ଷିତ ହେଉଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ । ଅର୍ଥ ଉପାର୍ଜନ ଆଗରେ ସତ୍ - ଅସତ୍ ପନ୍ଥାର କୌଣସି ମୂଲ୍ୟ ରହୁନାହିଁ । ଘରେ ଘରେ ମାଆମାନେ ଅର୍ଥ ଉପାର୍ଜନର ପ୍ରତିଯୋଗିତା ଆଗରେ ସ୍ନେହ-ଆବେଗ, ଭାବପ୍ରବଣତା, ସୃଜନଶୀଳତା ଏପରିକି ସାଧୁ-ଅସାଧୁ ପ୍ରଶ୍ନକୁ ତୁଚ୍ଛକରି ଦେଖିବାକୁ ସନ୍ତାନମାନଙ୍କୁ ଉତ୍ସାହିତ କରୁଛନ୍ତି । ଆଜି ସୁପୁତ୍ର କହିଲେ, ମାଆ ବୁଝୁଛି ଯେ, ପୁଅ ଯେ କୌଣସି ଚାକିରୀ କରୁ ପଛକେ, ଯେତେ ସ୍ୱଳ୍ପ ବେତନ ପାଉନା କାହିଁକି, ସେ ପ୍ରଭୂତ ଧନସମ୍ପଦର ଅଧିକାରୀ ହେବା ଦରକାର। ଏହା କରିପାରୁନଥିବା ସଙ୍କୋଚ/ଭାବପ୍ରବଣ ଅପାରଗ ସନ୍ତାନକୁ ମା' ତିରସ୍କାର କରିବାକୁ ପଛାଉନାହିଁ । ଯେଉଁ ଦେଶରେ ଦିନେ ବୀରପୁତ୍ରଙ୍କ ପାଇଁ ମାଆ ଗର୍ବରେ ଫାଟି ପଡୁଥିଲା, ସେ ଦେଶରେ ଆଜି ଅଧିକାଂଶ ମାଆ ସ୍ୱାର୍ଥପର ଓ ଚୋରପୁତ୍ରଙ୍କ ପାଇଁ ଗର୍ବରେ ଫାଟି ପଡୁଛନ୍ତି । ତା'ଛଡ଼ା ପୁତ୍ରର ବିବାହ ବୟସ ଆସିଗଲେ ତ ମାଆର ଅହଂକାରର ସୀମା ରହୁନାହିଁ । ଯୌତୁକ ବଜାରରେ ପୁଅଟିକୁ ଧରି ନିଲାମ୍ ଡାକିବାରେ ଆଜି ମା'ମାନଙ୍କର ଯେ କେତେ ଖୁସି, ତାହା ସତରେ କଳନା କରିହୁଏନା। ବୋହୂ ଆସିଲା ପରେ ମଧ୍ୟ ଏହି ମା' ମାନଙ୍କର କୁତ୍ସିତ ମନୋବୃତ୍ତିରେ ପରିବର୍ତ୍ତନ ଘଟେନା । ସଂକୀର୍ଣ୍ଣ ସ୍ୱାର୍ଥକୈନ୍ଦ୍ରିକତା ଓ ବୈଷୟିକ ଭୋଗଲାଳସାର ଚରମବୀଭତ୍ସ ଫଳାଫଳସ୍ୱରୂପ ବୋହୂଟି ପୋଡ଼ି ହୋଇ ମରେ। ବଧୂ ହତ୍ୟା କ୍ଷେତ୍ରରେ ଶତକଡ଼ା ୯୯ଜଣ ମୁଖ୍ୟ ପୁରୋଧା ହେଉଛନ୍ତି ଯେ ଜଣେ ଜଣେ ସନ୍ତାନର ଜନନୀ, ନାରୀଭାବେ ଏହା ସ୍ୱୀକାର କରିବାକୁ ଲଜ୍ଜାରେ ମୁଣ୍ଡ ତଳକୁ ହୋଇଯାଏ ।

Source: Author, Digitized by PPRACHIN, SOA

ଯଦି ମାଆ ପୁଣି କନ୍ୟା ସନ୍ତାନର ଜନନୀ ହୋଇଥାଆନ୍ତି, ତା'ହେଲେ ଝିଅ ଜନ୍ମବେଳୁ ସେ ତା'ପାଇଁ ଯୌତୁକ ଯୋଗାଡ଼ କରିବାରେ ଲାଗିପଡ଼ନ୍ତି । ବହୁ ପରିବାରରେ ଏଥିପାଇଁ କଳାଟଙ୍କା ଉପାର୍ଜନ ପାଇଁ ମାଆମାନଙ୍କର ସମର୍ଥନ ଓ ପ୍ରୋତ୍ସାହନ ଥାଏ । ଏହି ମା'ମାନେ ଶିକ୍ଷାଦୀକ୍ଷା ଦେବା କ୍ଷେତ୍ରରେ ପୁଅଟିଠାରୁ ଝିଅଟିକୁ ଊଣା ସୁଯୋଗ ଦିଅନ୍ତି । ଏପରିକି ଆଜିତ' ଝିଅଟିର ମୃତ୍ୟୁ କାମନା କରିବା ମାଆ ପକ୍ଷେ ଅତ୍ୟନ୍ତ ସାଧାରଣ ଘଟଣା ହୋଇଗଲାଣି । କନ୍ୟା ଭ୍ରୁଣହତ୍ୟାର ତାଲିକାରୁ ଓ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ହେବାର ଅନୁପାତରୁ ଏହା ସ୍ପଷ୍ଟ । ଯଦିବି ଝିଅଟିକୁ ମାଆ ବଢ଼େଇକୁଢ଼େଇ ବଡ଼ କଲା, ତେବେ ତା'ର ବ୍ୟକ୍ତିତ୍ୱ ଗଠନ ନିମନ୍ତେ ଯତ୍ନଶୀଳ ହେବା ପରିବର୍ତ୍ତେ ସେ ଚାହିଁଲା ମୋଟା ଯୌତୁକ ଦେଇ ଯେଣତେଣ ଭାବେ ଝିଅପାଇଁ ବରପାତ୍ର ଯୋଗାଡ଼ କରିବା । ପୁଣି ଯେଉଁ ପାତ୍ରର ସତ୍ ଉପାର୍ଜନ ଅପେକ୍ଷା କଳାଧନ ଆମଦାନୀର ଅଧିକ ସୁଯୋଗ ଥିବ, ସେ ପାତ୍ରର ଭାଉ ସେତେ ଅଧିକ । ଆଜିର ବୀରର ଗଳାରେ ନୁହେଁ, ଏହିପରି ଏକ ଚୋରର ଗଳାରେ ଯଦି ଝିଅ ବରଣମାଳା ପିନ୍ଧାଇ ପାରିଲା ତେବେ ମା' ନିଜକୁ ଗୌରବାନ୍ୱିତ ମନେକରେ, ତଥା ଝିଅ ପାଇଁ ଏହା ସୁବର୍ଣ୍ଣମୟ ଭବିଷ୍ୟତର ସୂଚନା ବୋଲି ଗ୍ରହଣ କରିନିଏ । ସେତେବେଳେ ସେ ଭାବିପାରେ ନାହିଁ, ସ୍ୱାର୍ଥ, ଲୋଭ, ଦୁର୍ନୀତି ଓ ହୀନବ୍ୟବସାୟୀ ମନୋବୃତ୍ତିର ଏହି ଯେଉଁ ପ୍ରତିଯୋଗିତାମୂଳକ ବଜାର ସେ ତିଆରି କଲା, ସେଥିରେ କେତେ ଦରିଦ୍ର ଜନନୀର ଅଶ୍ରୁ ଓ ଦୀର୍ଘଶ୍ୱାସ, କେତେ ଅସହାୟ ବାଳିକାର ହତ୍ୟା, ଆତ୍ମହତ୍ୟା ସାମିଲ୍ ହୋଇନଯିବ !

ହୁଏତ ସମସ୍ତେ ଯୁକ୍ତି କରିବେ ଯେ, ଆପଣା ସନ୍ତାନ ସୁଖ ଚାହିଁବାରେ ମାଆର କେଉଁଠି ଭୁଲ ରହିଲା ? କିନ୍ତୁ ମାତୃତ୍ୱ ଏଠାରେ ଏପରି ସ୍ୱାର୍ଥସର୍ବସ୍ୱ ଅନ୍ଧ ହୋଇଯାଏ ଯେ, ଏହା ସମଗ୍ର ମାତୃଜାତି ପ୍ରତି ଚରମ ଲାଞ୍ଛନା ଓ ବିପର୍ଯ୍ୟୟର ପ୍ରଳୟକୁ ଡାକିଆଣେ। ଶରୀରସର୍ବସ୍ୱ ଇତରପ୍ରାଣୀମାନଙ୍କର ମାତୃତ୍ୱ ଏହା ଅପେକ୍ଷା ଯଥେଷ୍ଟ ବେଶୀ ସମ୍ମାନ ପାଇବାର ଯୋଗ୍ୟତା ରଖେ । କାରଣ ସେମାନେ ଅନ୍ତତଃ ଏହିସବୁ କୁତ୍ସିତ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ନିଜ ଜାତିର ଧ୍ୱଂସର କାରଣ ନିଜେ ହୁଅନ୍ତି ନାହିଁ।

କେବଳ ଜନନେନ୍ଦ୍ରିୟର ପ୍ରକ୍ରିୟା ନାରୀକୁ ମାଆ କରେନାହିଁ, କିମ୍ବା ନିଜର ସନ୍ତାନ ଓ ତାକୁ କେନ୍ଦ୍ରକରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ଚିନ୍ତାରେ ଅନ୍ଧୁଣୀ ମାଆ ମାତୃତ୍ୱ ମହିମାର ଅଧିକାରିଣୀ ହୋଇପାରେନାହିଁ। ବରଂ ଅନେକ ସ୍ତରରେ ଏମାନଙ୍କ ଯୋଗୁଁ ମାତୃତ୍ୱ କଳଙ୍କିତ ହୁଏ। ମଣିଷର ଜନନୀଭାବେ ନାରୀର ଅନେକ ଦାୟିତ୍ୱ ମଧ୍ୟ

Source: Author, Digitized by PPRACHIN, SOA

ରହିଛି । ତାହା ହେଉଛି, କେବଳ ସଂଖ୍ୟାତ୍ମକ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ମଣିଷକୁ ଜନ୍ମ ଦେବା । ମଣିଷର ଆତ୍ମା ଓ ବିଚାରକୁ ଶୁଦ୍ଧ, ଉନ୍ନତ ତଥା ମୁକ୍ତ କରିବା ଦିଗରେ ମାତୃତ୍ୱର ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ତାହାକୁ କୌଣସି କାରଣରୁ ମଧ୍ୟ ଏଡ଼ାଇ ଦେଇ ହୁଏନା । ତେଣୁ ଶତପୁତ୍ର କାହିଁକି, କୋଟିକୋଟି ସମର୍ଥ ପୁତ୍ର, କନ୍ୟାଙ୍କର ଜନନୀ ହେବାର ଦ୍ୱାର ଆଜି ମଧ୍ୟ ନାରୀପାଇଁ ଉନ୍ମୁକ୍ତ ରହିଛି। କେବଳ ସେ ଚେତନାର ପରିସର ମଧ୍ୟରେ ମାନବର ବିଚାର ଓ ବିବେକକୁ ପୁନର୍ଜନ୍ମ ଦେବାର ପ୍ରସବ ବେଦନା ସହ୍ୟ କରିବାକୁ ପ୍ରସ୍ତୁତ ହେଲେ ହେଲା !

୦

Source: Author, Digitized by PPRACHIN, SOA

ଚୁଲିମୁଣ୍ଡର ମଣିଷ

ମାଇପି ଜନମ ଚୁଲିମୁଣ୍ଡକୁ' - ଏହା ଏକ ଅତ୍ୟନ୍ତ ଲୋକପ୍ରିୟ ଓ ପ୍ରସିଦ୍ଧ ଆପ୍ତବାକ୍ୟ । ପୁରୁଷ ହୁଅନ୍ତୁ ବା ନାରୀ, କଥାକଥାରେ ଏହି ଖଣ୍ଡବାକ୍ୟଟି ପ୍ରୟୋଗ କରିବାରେ ଅଦୌ ହେଳା କରନ୍ତି ନାହିଁ । ନାରୀର ସମସ୍ତ ବିଦ୍ୟା, ବୁଦ୍ଧି, ଶିକ୍ଷାଗତ ଓ ବୃତ୍ତିଗତ ଯୋଗ୍ୟତା, ଶକ୍ତି, ସାମର୍ଥ୍ୟ, ସ୍ୱାଭିମାନକୁ ବିଦ୍ରୂପ କରିବା ଓ ହେୟଜ୍ଞାନ କରିବାରେ ଏହି ବାକ୍ୟାଂଶଟି ପରି ବିକଳ୍ପ ଆୟୁଧ ନାହିଁ କହିଲେ ଚଳେ । ସତେ କି ନାରୀଜନ୍ମର ଏହି ଅନିବାର୍ଯ୍ୟ ପରିଣତିଠାରୁ ତୁଚ୍ଛ, ହୀନ ଜୀବନ ଅନ୍ୟକିଛି ହୋଇପାରେନା । ଚୁଲିମୁଣ୍ଡଟି ସତେ କି ଏପରି ସ୍ଥାନ, ଯେଉଁଠାରେ ସବୁତକ ତୁଚ୍ଛତା, ଅପାରଗତା ଓ ଅସହାୟତା ଠୁଳ ହୋଇଥାଏ । ଚୁଲିମୁଣ୍ଡର ଭୂମିକାଟି ସଂସାରର ସବୁଠାରୁ ନିକୃଷ୍ଟ କର୍ମର ଅନ୍ୟତମ୍ ପରିଭାଷା ଓ ସ୍ତ୍ରୀ ଲୋକଟିର ଜନ୍ମ ଏହିପରି ନିକୃଷ୍ଟ ଭୂମିକା ତୁଲାଇବା ପାଇଁ ଆପାତତଃ ଅଭିପ୍ରେତ ହୋଇଥିବାରୁ ସମାଜରେ ତା'ର ଜ୍ଞାନ-ଧ୍ୟାନ, ଶିକ୍ଷା-ଦୀକ୍ଷା କିମ୍ବା ଅନ୍ୟାନ୍ୟ ଯୋଗ୍ୟତାର ବିଶେଷ ଗୁରୁତ୍ୱ ନ ରହିବା ଏକ ସ୍ୱାଭାବିକ କଥା । ହରିୟାନାର ନେତା ଦେବୀଲାଲ ଥରେ ଏକ ସାଧାରଣ ସଭାରେ ସ୍ତ୍ରୀ ଲୋକମାନେ ରାଜନୀତିରେ ଭାଗ ନନେଇ ଚୁଲିମୁଣ୍ଡରେ ରହନ୍ତୁ ବୋଲି କହି ଖୁବ୍ ବିତର୍କିତ ହୋଇପଡ଼ିଥିଲେ । ଚୁଲିମୁଣ୍ଡ କଥା ପଡ଼ିଲେ ହିଁ କି ଶିକ୍ଷିତା, ଅଶିକ୍ଷିତା ସବୁ ନାରୀଙ୍କ ଆଖିରେ ଏକ ଅବସାଦ ଓ ଅସହାୟତାର ଛାୟା ଖେଳିଯିବାର ମୁଁ ଲକ୍ଷ୍ୟ କରିଛି । ଅନ୍ୟପକ୍ଷରେ ଚୁଲିମୁଣ୍ଡର ଦାୟିତ୍ୱ ସମ୍ଭାଳିବାରେ ପୁରୁଷ ଲୋକମାନଙ୍କର ଅସହିଷ୍ଣୁତା ଓ ଅଯୋଗ୍ୟତା ମଧ୍ୟ ମତେ ସେତିକ କ୍ଷୁର୍ଣ୍ଣ ଓ ବିସ୍ମିତ କରିଛି ।

ମୋ ପିଲାଦିନର ଯେଉଁ ଚୁଲିମୁଣ୍ଡର ଚିତ୍ରଟି ମୋ ସ୍ମୃତିରେ ଅଙ୍କା ହୋଇ ରହିଛି, ତାହା ଏବକାର ଗ୍ୟାସ, ହିଟର୍ କି ମାଇକ୍ରୋୱେଭ୍‌ର ଚିତ୍ର ନୁହେଁ । ତିନୋଟି ସୁଢ଼ଳ ଝିଙ୍କା ଥିବା ମାଟି ଗୋବର ଲିପା ଡଉଲଡ଼ାଉଲ ମାଟିଚୁଲିଟିଏ ଖଞ୍ଜାର ଭିତର ନଙ୍ଘା (ଚଉଡ଼ା ବାରଣ୍ଡା) କି ଅଗଣା ମଝିରେ ପରା ହୋଇଥିବ । ଶୀତଦିନେ ସକାଳୁ ଚୁଲି ଚାରିକଡ଼ରେ ଯୋଡ଼ିଯାଡ଼ି ହେଇ ବସି ହାତଗୋଡ଼ ସେକି ହେଉଥିବେ ସମସ୍ତେ । ବୋଉ ଗୋଟିଏ ଗୋଟିଏ କରି ସରୁଚକୁଲି ଖାଇବାକୁ ଦେଉଥିବ । କାହାର ବରାଦ

Source: Author, Digitized by PPRACHIN, SOA

ମୁଡୁମୁଡ଼ିଆ ତ' କାହାର ଫୁଲୁଫୁଲିଆ । ଚତୁର୍ମାସ୍ୟାରେ ସର୍ଦ୍ଦିକାଶରେ ଚୁଲିରୁ ଟିକିଏ ନିଆଁ ଟାଣିଆଣି କରଚୁଲିରେ ରସୁଣ ସୋରିଷ ତେଲ ଫୁଟେଇ ଗୋଡ଼ହାତ-ବେକ ପିଠିରେ ଆଇ ମାଲିସ୍ କରିଦେଉଥିବ । ମଣ୍ଡା, କାକରା, ପୋଡ଼ପିଠା, ବଡ଼ିପୋଡ଼ା, ମାଛପୋଡ଼ା, ଛତୁପତରପୋଡ଼ା, ବଢ଼ାଭାତ ପରି କେତେ କେତେ ସୁଆଦିଆ ଦରବ ଏଇ ଚୁଲିମୁଣ୍ଡର କୁହୁକପେଡ଼ିରୁ ଖାଲି ହାତ ହଲେଇଦେଇ ବୋଉ କେମିତି ଯେ ବାହାର କରିଆଣେ, ସେ ଯାଦୁବିଦ୍ୟା ଖାଲି ତାକୁ ହିଁ ଜଣାଥାଏ । ମାୟା-ମମତା, ତ୍ୟାଗ-ତିତିକ୍ଷାର ପାଠ ଏହି ଚୁଲିମୁଣ୍ଡର ଠାକୁରାଣୀମାନଙ୍କର ସାକ୍ଷାତ୍ ଅନ୍ନପୂର୍ଣ୍ଣା ରୂପ ଆଗରେ ବାରମ୍ବାର ହାର୍ ମାନୁଥାଏ କ୍ଷୁଧା-ଦାରିଦ୍ର୍ୟ, ଅଭାବ କଷଣର ତୁହାକୁ ତୁହା ଆକ୍ରମଣ । ତଥାକଥିତ ପଞ୍ଝୁହତା ମରଦମାନେ ପରାଜୟର ଗ୍ଲାନିରେ କେବେ ଯଦି ଟଳି ପଡ଼ିଲା ପରି ହୁଅନ୍ତି, ସେତେବେଳେ ଏଇ ଚୁଲିମୁଣ୍ଡରୁ ତାଙ୍କ ଆଡ଼କୁ ପ୍ରସରି ଆସେ ସବୁ ସମ୍ଭାଳି ନେବାର ନୀରବ ଆତ୍ମବିଶ୍ୱାସ ଓ ନିଃସ୍ୱର୍ତ୍ତରେ ଆପଣାର ମଣିଷର ଭଲ ପାଇବାର ଉଷୁମ ଆତ୍ମୀୟତା... !

ତା'ହେଲେ ଚୁଲିମୁଣ୍ଡର ମଣିଷଟିକୁ ସମାଜ ସବୁବେଳେ ଏଡ଼େ ତୁଚ୍ଛ ତାଚ୍ଛଲ୍ୟର ଦୃଷ୍ଟିରେ ଦେଖେ କାହିଁକି ? କାହିଁକି ଫକୀରମୋହନଙ୍କ ଜେଜିମା ''ଲୋ ରେବୀ, ଲୋ ନିଆଁ, ଲୋ ଚୁଲି !'' ଡାକରେ ଖଣ୍ଡମଣ୍ଡଳ କମ୍ପାଇଦିଏ ? ଏକ ପୁରୁଷପ୍ରଧାନ ସମାଜର ଅହଂକାରରୁ ହିଁ ମୁଁ ଏଥିପାଇଁ ଦାୟୀ କରିବି । ଧନ, କ୍ଷମତା ଓ ବାହୁବଳର ଅହଂକାର ପୁରୁଷପ୍ରଧାନ ସମାଜରେ ଉଚ୍ଚସ୍ଥାନ ପାଏ । ଚୁଲିମୁଣ୍ଡ ସେହି ତୁଳନାରେ ନଗଣ୍ୟରୁ ନଗଣ୍ୟତମ ସ୍ଥାନକୁ ଖସିଆସେ । ଗୋଟିଏ ପରିବାରର ଅଖଣ୍ଡ ନିରାପତ୍ତାପୂର୍ଣ୍ଣ ପରିବେଶ ଓ ତଥାସ୍ତୁମୟ ମନସ୍ତତ୍ତ୍ୱଟି ଯେ ଚୁଲିମୁଣ୍ଡକୁ କେନ୍ଦ୍ରକରି ଅହରହ ଆବର୍ତ୍ତିତ ହେଉଥାଏ, ଏକଥା ପୁରୁଷମାନେ ଜାଣି ଜାଣି, ଜାଣିବାକୁ ଇଚ୍ଛା କରନ୍ତି ନାହିଁ । ଅହଂକାର ସେମାନଙ୍କର ଏହି କୋମଳ ବୋଧଶକ୍ତିକୁ ସ୍ଥାଣୁ, ନିର୍ବେଦ କରି ରଖିଥାଏ । ଏହି ପୁରୁଷକୈନ୍ଦ୍ରିକ ଅହଂକାର, ଯେହେତୁ ସାମାଜିକ ମନସ୍ତତ୍ତ୍ୱ ଓ ଧାରଣାକୁ ସବୁବେଳେ ଶତ ପ୍ରତିଶତ ପ୍ରଭାବିତ ଓ ପରିଚାଳିତ କରୁଥାଏ, ସେହିହେତୁ ଚୁଲିମୁଣ୍ଡକୁ ଅପାରଗ, ପରାଙ୍ଗପୁଷ୍ଟ ଅବଳାମାନଙ୍କର ଆଶ୍ରୟସ୍ଥଳ ଓ ସେବାସ୍ଥଳ ଭାବି ସେହିପରି କଥା କହେ । ଚୁଲିମୁଣ୍ଡର ମଣିଷଟି ଏସବୁ ଶୁଣି ମନ ମାରିଦେଇ ରହେ । ପୀଢ଼ି ପରେ ପୀଢ଼ି ନିଜ ଶ୍ରେଣୀର ଅନ୍ୟମାନଙ୍କୁ ସେହି ଚୁଲିମୁଣ୍ଡରେ ପରିକଳ୍ପନା କରି ନ୍ୟୁନତାବୋଧରେ ଘାରି ହେବା ଶିଖାଏ ।

ମଣିଷ ଗଢ଼ିବାର ଦୃଷ୍ଟିକୋଣରୁ ଦେଖିଲେ ଚୁଲିମୁଣ୍ଡର ଭୂମିକା ଅନ୍ୟସବୁ ସାମାଜିକ ଉତ୍ପାଦନବ୍ୟବସ୍ଥାର ମହାର୍ଘପଣଠାରୁ ଅଧିକ ହେବ ସିନା, ଊଣା ହେବନାହିଁ । କିନ୍ତୁ

Source: Author, Digitized by PPRACHIN, SOA

ଚୁଲିମୁଣ୍ଡ ପ୍ରତି ମଣିଷ ସୃଷ୍ଟି କରିଥିବା ହୀନତାବୋଧରୁ ହିଁ ଆଜିର ନାରୀମନରେ ସମାଜର ସବୁକ୍ଷେତ୍ରରେ ପୁରୁଷ ସହ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ଯୋଗ୍ୟତା ଓ ସାମର୍ଥ୍ୟ ସାବ୍ୟସ୍ତ କରିବାର ଜିଦ୍ ଭରି ଦେଇଛି । ସ୍ତ୍ରୀ ଲୋକଟି ଏକାଧାରରେ ଚୁଲିମୁଣ୍ଡ ଓ ବୃତ୍ତିଗତ କାର୍ଯ୍ୟକ୍ଷେତ୍ରର ଦାୟିତ୍ୱ କାନ୍ଧକୁ ନେଇ ତୁଲାଇବାର ଚେଷ୍ଟା କରୁଛି । ଅଫିସ୍, ହସ୍ପିଟାଲ, କଲେଜ, କମ୍ପାନୀ, ବ୍ୟାଙ୍କ୍, ସେନାବାହିନୀ, ପୋଲିସ୍ ବାହିନୀ, ବିଜ୍ଞାନାଗାରରେ ପୁରୁଷର ସମାସ୍କନ୍ଦ ହୋଇ କାମ କରୁଥିବା କର୍ମଜୀବୀ ନାରୀ ପାଇଁ କିନ୍ତୁ ଚୁଲିମୁଣ୍ଡର ଭୂମିକା ବିଶେଷ କିଛି ବଦଳି ନାହିଁ । ବଡ଼ି ସକାଳୁ ଉଠି ପ୍ରାଣାନ୍ତକ ହୋଇ ଅଫିସ୍ ଯିବା ପୂର୍ବରୁ ସ୍ତ୍ରୀଟି ସବୁ କାମ ତୁଲାଉଥିବାବେଳେ ପରମ ପୂଜନୀୟ ସ୍ୱାମୀ ଚାହା ପିଇ, ଖବରକାଗଜ ପଢ଼ି ଚୁଲୀମୁଣ୍ଡର ନ୍ୟୁନତାକୁ ସାବ୍ୟସ୍ତ କରନ୍ତି । ପୁଣି ସ୍ୱାମୀ-ସ୍ତ୍ରୀ ଏକାଠି କାମକୁ ବାହାରିଲାବେଳେ ଚାବି, ରୁମାଲ, ମନିପର୍ସ ନେବାକୁ ମନେପକେଇଦେବା, ଖୋଜି ଆଣିବା ଦାୟିତ୍ୱଟିକୁ ମଧ୍ୟ ସ୍ତ୍ରୀକୁ ମୁଣ୍ଡେଇବାକୁ ପଡ଼େ । ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀ ଉଭୟେ ସମାନ କାର୍ଯ୍ୟ ସାରି କ୍ଲାନ୍ତ ହୋଇ ଫେରିଲା ପରେ ଚୁଲିମୁଣ୍ଡର ଆହ୍ୱାନ ସ୍ତ୍ରୀଟିକୁ ସତେଜ କରିଦିଏ ଓ ଚୁଲିମୁଣ୍ଡକୁ ଦାସୀମାନଙ୍କର କ୍ରୀଡ଼ାସ୍ଥଳୀ ଭାବୁଥିବା ସ୍ୱାମୀ ଜଣକ ଆହୁରି କ୍ଲାନ୍ତ ହୋଇପଡ଼ି ବିଶ୍ରାମ ନିଅନ୍ତି । କଦବା କେବେ ସ୍ୱାମୀ ଅଫିସ୍ ସ୍ତ୍ରୀ ଲୋକମାନଙ୍କର ନିକୃଷ୍ଟ କାର୍ଯ୍ୟପ୍ରଣାଳୀକୁ ସମାଲୋଚନା କରି ବନ୍ଧୁମେଳରେ ଗପ ଯୋଡ଼ି ଦେଇଥିଲାବେଳେ ଗରମ ଗରମ ଚା', ପକୋଡ଼ି କରି ପରଶିବା କାମଟି ସେହି ଚାକିରିଆ ସ୍ତ୍ରୀ ତୁଲାଇଥାଆନ୍ତି ।

ସ୍ତ୍ରୀର ଉପାର୍ଜନରେ ଅଧିକ ଆର୍ଥନୀତିକ ସୁବିଧାସୁଯୋଗ ବା ଅନ୍ୟ କଥାରେ କହିଲେ ଷ୍ଟାଟସ୍ ଉପଭୋଗ କରୁଥିବା ପୁରୁଷମାନେ କ୍ୱଚିତ୍ ସ୍ତ୍ରୀ ଲୋକଟିର ଘର ଭିତରର କର୍ମଜଞ୍ଜାଳ ଓ ଦାୟିତ୍ୱରେ ସହଯୋଗ କରିବାକୁ ଆଗଭର ହୋଇଥାଆନ୍ତି । ଘର ବାହାର ହୋଇ ଦିନରାତି ଖଟି ଖଟି ସମସ୍ତଙ୍କ ସୁଖ-ସୁବିଧା ବୁଝୁଥିବା ସ୍ତ୍ରୀ ଲୋକଟି ଚୁଲିମୁଣ୍ଡର କାମ ସାରିଲାବେଳକୁ ବେଳ ଗଡ଼ିଯାଇଥାଏ, ଗଡ଼ିଯାଇଥାଏ ବଳ ବୟସ । ତା'ର ସୁଖ/ଦୁଃଖ କ'ଣ, ସେ କେବେ କ'ଣ ଖାଇଛି କି ନ ଖାଇଛି, ତା'ର ଦେହମନ କେତେ ଭାଙ୍ଗିପଡ଼ିଲାଣି, ସେ କଥା ପଚାରିବାକୁ ଦରଦୀ, ସ୍ନେହଶୀଳ ମଣିଷଟିଏ କେବେ ମଧ୍ୟ ତା' ପାଖରେ ନଥାଏ ।

ଚୁଲିମୁଣ୍ଡ ଖାଲି ଗୋଟିଏ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରିବାର ବ୍ୟବସ୍ଥା ନୁହେଁ । ଏହା ଏକ ପାରିବାରିକ ମୂଲ୍ୟବୋଧ, ଶ୍ରଦ୍ଧା, ସ୍ନେହ, ମମତାର ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ମାନବଶିଶୁ ବଢ଼ିଉଠୁଥିବାବେଳେ ଏହି ଚୁଲୀମୁଣ୍ଡ ତାକୁ ନୀରବରେ ନିଃସର୍ତ୍ତରେ ମଣିଷକୁ ଭଲ ପାଇବା, ଯତ୍ନ ନେବା ଶିଖାଏ । ଶିଖାଏ ନିଜର ଲୋକକୁ ଚାହିଁବସିବା,

Source: Author, Digitized by PPRACHIN, SOA

ଝୁରି ହେବା ପରି କୋମଳ କାବ୍ୟିକ ଗୁଣାବଳୀ । ଶିଖାଏ ଆପଣାର ମଣିଷମାନଙ୍କର ମନ ବୁଝିବା, ଦୁଃଖୀ, ରଙ୍କୀ, ଚଢ଼େଇ ଚିରିଗୁଣୀଙ୍କର ପେଟ ବୁଝିବା ପରି ମାନବୀୟ ସମ୍ବେଦନା ।

ଅଥଚ ଚୁଲିମୁଣ୍ଡର ଏହି ଭୂମିକାକୁ ତୁଚ୍ଛତାଚ୍ଛଲ୍ୟ ପରି କରି ପୁରୁଷର ଅହଂକାର ନାରୀକୁ ଆଜି ଚୁଲିମୁଣ୍ଡରୁ ଦୂରେଇଦେବାରେ ଲାଗିଛି । ଚୁଲିମୁଣ୍ଡରୁ ଦୂରେଇଯାଇ ପୁରୁଷପ୍ରଧାନ କର୍ମକ୍ଷେତ୍ରରେ ନିଜର ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନ କରିବା ନାରୀ ପାଇଁ ଆଉ ସୁଦୂର ପରାହତ ସ୍ୱପ୍ନ ନହୋଇ ବାସ୍ତବ ହୋଇସାରିଲାଣି । କିନ୍ତୁ ସୁଖର ସଂସାରଟିଏ ଗଢ଼ିବା ପାଇଁ ଚୁଲିମୁଣ୍ଡର ଯେଉଁ ଅବଦାନ ଅଛି, ସେ ଦିଗରେ ନିଜର ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନ କରିବାକୁ ଏଥର ପୁରୁଷ ଆଗେଇ ଆସି ପାରିବ ତ ? ସେତିକି ନ କରି ପାରିଲେ ସଂସାରର ଡଙ୍ଗା ବୁଡ଼ିବାକୁ ବେଶୀ ବେଳ ଲାଗିବ ନାହିଁ !

Source: Author, Digitized by PPRACHIN, SOA

ସମାଜରେ ନାରୀର ଅବୈଧ ସମ୍ପର୍କ

ସମ୍ପ୍ରତି ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଗିରିଜା ବ୍ୟାସ ନାରୀମାନଙ୍କର ଆଇନ ବହିର୍ଭୂତ ସମ୍ପର୍କକୁ କେନ୍ଦ୍ରକରି ଏକ ଅତ୍ୟନ୍ତ ସମ୍ବେଦନଶୀଳ ମତାମତ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ, ଜଣେ ନାରୀ ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷ ସହିତ ଅବୈଧ ସମ୍ପର୍କ ସ୍ଥାପନ କଲେ ଭାରତୀୟ ଦଣ୍ଡବିଧି ଆଇନ ଅନୁସାରେ ନାରୀମାନଙ୍କୁ ପୁରୁଷ ପରି ଦଣ୍ଡିତ କରିବା ପାଇଁ ଆଇନ ପ୍ରଣୟନ କରାଯିବା ଉଚିତ ନୁହେଁ । ବହୁପୂର୍ବରୁ ମୁଁ ମଧ୍ୟ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଖୁବ୍ ଚିନ୍ତା କରୁଥିଲି ଓ ନାରୀମାନଙ୍କର ସମାନ ଅଧିକାରର ସ୍ୱର ଉତ୍ତୋଳନ କଲାବେଳେ ବ୍ୟଭିଚାର ପାଇଁ ପୁରୁଷଟି ଦଣ୍ଡ ପାଇବା ପାଇଁ ଆଇନ ଥିଲାବେଳେ ନାରୀଟି କାହିଁକି ଛାଡ଼ ପାଇବ, ସେ ନେଇ ସର୍ବଦା ଦ୍ୱନ୍ଦ୍ୱରେ ପଡୁଥିଲି । କିନ୍ତୁ କ୍ରମଶଃ ନରନାରୀଙ୍କ ସାମାଜିକ ଓ ମାନସିକ ସ୍ଥିତିର ପୁନଃ ପୁନଃ ଅନୁଶୀଳନ କଲାବେଳେ ନାରୀଙ୍କ ସପକ୍ଷ ବିପକ୍ଷରେ ଥିବା ଆଇନକାନୁନ ଓ ବାସ୍ତବ ସାମାଜିକ ଦୃଷ୍ଟିକୋଣ ଭିତରେ ଥିବା ବ୍ୟବଧାନ ମୁଁ ଅନୁଭବ କରିପାରିଲି ।

ଅତୀତ ଭାରତରେ ସତୀଦାହ ଓ ବାଲ୍ୟବିବାହ ପରି ସାମାଜିକ ପ୍ରଥାର ବହୁଳ ପ୍ରଚଳନ ଥିଲା । ରାଜା ରାମମୋହନ କିମ୍ବା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପରି ସମାଜସଂସ୍କାରକମାନେ ଯେତେ ପାଟିତୁଣ୍ଡ କଲେ ମଧ୍ୟ ତଥାକଥିତ ରକ୍ଷଣଶୀଳ ଓ ଧର୍ମକୁ ନିଜମତେ ବାଖ୍ୟା କରୁଥିବା ସମାଜପତିମାନେ ଏଥିରେ କର୍ଣ୍ଣପାତ ନକରି ସେମାନଙ୍କୁ ଧର୍ମଦ୍ରୋହୀ, ସମାଜଛଡ଼ା କହି ବାସନ୍ଦ କରିଥିଲେ । ଲର୍ଡ ବେଣ୍ଟିକ୍‌ଙ୍କ ପରି ଉଦାରଚେତା ବିଦେଶୀ ଶାସକ ଏହି ଅମାନୁଷିକ ସାମାଜିକ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ଆଇନ ପ୍ରଣୟନ କଲେ ଓ ଦଣ୍ଡବିଧାନର ବ୍ୟବସ୍ଥା କଲେ । ଆଇନ ଅନୁଯାୟୀ ଦଣ୍ଡିତ ହେବାର ଭୟ ସୃଷ୍ଟି ହେଲାରୁ ଆମ ସମାଜର ବେଦ-ବେଦାନ୍ତ-ଶାସ୍ତ୍ର-ସଂହିତା ବିଶାରଦ(?) ଜରଦ୍‌ଗବମାନଙ୍କର ଚେତା ପଶିଲା । ବିଧବା ନାରୀଟିକୁ ଧରିବାନ୍ଧି ନିଆଁରେ ପୋଡ଼ିଲେ ନରହତ୍ୟା ଅପରାଧରେ ଦଣ୍ଡିତ ହେବାର ଆଶଙ୍କା ସୃଷ୍ଟି ହେବାରୁ ସେମାନେ ଏଥର ପ୍ରତ୍ୟକ୍ଷ ନାରୀମରା ଅଭିଯାନ ଛାଡ଼ିଦେଇ ପରୋକ୍ଷ ନୀତି ଧରିଲେ । ଅର୍ଥାତ୍ ନାରୀ ବିଧବା ହୋଇଗଲେ ଆଭରଣଶୂନ୍ୟ ହେବ, ଧଳାଶାଢ଼ୀ ପିନ୍ଧିବ, ଆଇଁଷ ଖାଇବ ନାହିଁ, ଚବିଶ ନିର୍ଜଳା ଏକାଦଶୀ କରିବ, କେଉଁଠି କେଉଁଠି ମୁଣ୍ଡ ଲଣ୍ଡା ହୋଇ

Source: Author, Digitized by PPRACHIN, SOA

ଅସୁନ୍ଦର ଦିଶିବାକୁ ଚେଷ୍ଟା କରିବ, ଶୁଭକର୍ମରେ ମୁହଁ ଦେଖାଇବ ନାହିଁ ଇତ୍ୟାଦି ସାମାଜିକ ନିୟମ ଓ ନିଷେଧ ପ୍ରଚଳନ କରି ନାରୀ ନିପୀଡ଼ନର ଏପରି ଜତୁଗୃହ ନିର୍ମାଣିଲେ ଯେ, ଯେଉଁଥିରେ ନାରୀଟି ବିବ୍ରତହୋଇ ଜୀବନସାରା ଏପରି ତିଳ ତିଳ ମରିବା ଅପେକ୍ଷା ଏକାଥରକେ ବଧୂବେଶରେ ସୁସଜ୍ଜିତା ହୋଇ ସମସ୍ତଙ୍କର ହରିବୋଲ ହୁଳହୁଳିର ବର୍ବର ଜୟଜୟକାର ଭିତରେ ପୋଡ଼ିହୋଇ ମରିବାକୁ ସମ୍ମାନର କଥା ବୋଲି ଭାବିଲା । ପୁଣି ବିଧବା ହୋଇ ଦ୍ରବ୍ରତ ନିୟମରେ ଚଳିଲେ କ'ଣ ରକ୍ଷା ଅଛି ? ଯେତେ ମଳିନ ଦିଶିଲେ ମଧ୍ୟ ପୁରୁଷର ଯୌନଲାଳସାର ଆକ୍ରମଣରୁ ତା'ର ଦେହ ଛାଡ଼ ପାଏ ନାହିଁ । ଏକଦା କାଶୀ ବୃନ୍ଦାବନର ଶହ ଶହ ବାଳୁତବିଧବା ନିଜ ପରିବାର କିମ୍ବା ଗ୍ରାମର କାହାରି ନା କାହାରି ଯୌନ ଉତ୍ପୀଡ଼ନର ଶିକାର ହୋଇ ସେହି ଅସହାୟ ଆଶ୍ରିତ ଜୀବନ ଆଦରି ନେବାର ଉଦାହରଣ ଆଜି ମଧ୍ୟ ବିରଳ ନୁହେଁ ।

ଏସବୁ କଥା ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି, ହଜାର ହଜାର ବର୍ଷଧରି ଏକ ପୁରୁଷପ୍ରଧାନ ସମାଜର ସାମାଜିକ ମନସ୍ତତ୍ୱ ନାରୀକୁ ଶୋଷଣ ଓ ପୀଡ଼ନ କରିବାର ପ୍ରଥାକୁ ଯେତିକି ଆଗ୍ରହରେ ଗ୍ରହଣ କରିଛି, ନାରୀକୁ ମୁକ୍ତ କରିବାର ପ୍ରଥା ପ୍ରତି ସେତିକି ଅନୁଦାରତା ଓ ଅସହିଷ୍ଣୁତା ପ୍ରକାଶ କରିଛି । ମୁଁ ବାରମ୍ବାର ସୂଚେଇଦେବାକୁ ଚାହେଁ ଯେ, ଏଠାରେ ମୁଁ ଏକ ପୁରୁଷପ୍ରଧାନ ସମାଜର ମାନସିକତା ପ୍ରତି ହିଁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ନିର୍ଦ୍ଦିଷ୍ଟ ଭାବେ ପୁରୁଷ ପ୍ରତି ନୁହେଁ । କାରଣ ଥରେ ଗୋଟିଏ ପ୍ରଥା ସମାଜରେ ଗୃହୀତ ହୋଇଗଲେ, ତାହା ଯେତେ ନିଷ୍ଠୁର ଅମାନବୀୟ ହେଲେହେଁ ସମାଜ ତାକୁ ମାନି ଚଳେ ଓ ସମାଜରେ ତାହା ସେତେବେଶୀ ନିନ୍ଦନୀୟ ହୁଏ ନାହିଁ । ଖାସ୍ ଏହିପରି ଏକ ସମାଜ ବ୍ୟବସ୍ଥା ଯୋଗୁଁ କନ୍ୟାଭ୍ରୂଣ ହତ୍ୟା, ଯୌତୁକ ନିର୍ଯ୍ୟାତନା କିମ୍ବା ଯୁବତୀଚାଲାଣ ପରି ଘୃଣ୍ୟ କାର୍ଯ୍ୟସବୁ ଆଜି ସମାଜରେ କେବଳ ତିଷ୍ଠି ରହିନାହିଁ, ବରଂ ସାମାଜିକତାର ବାହୁଛାୟା ତଳେ ଏହି ନାରୀ-ମାରଣ କାର୍ଯ୍ୟଗୁଡ଼ିକ ଖୁବ୍ ସୁରକ୍ଷିତ ଓ ସମୃଦ୍ଧ ହୋଇପାରୁଛି । ସବୁଠୁଁ ବିଚିତ୍ର କଥା, ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ବର୍ଗଟି ସେହି ପ୍ରଥାକୁ ସାମାଜିକତା ନାମରେ ଅଧିକ ଆଦର କରେ । ତେଣୁ ନାରୀ ପ୍ରତି ହେଉଥିବା ଯାବତୀୟ ଅନ୍ୟାୟ ଅତ୍ୟାଚାରରେ ନାରୀଜାତି ଯେତେ ସହଭାଗୀ ହୁଅନ୍ତି, ହୁଏତ ସଚେତନ, ସମ୍ବେଦନଶୀଳ ପୁରୁଷମାନେ ସେତିକି ହୋଇପାରନ୍ତି ନାହିଁ । ଏବଂ କହିବା ବାହୁଲ୍ୟ ନାରୀମାନେ ନିଜେ ନାରୀମୁକ୍ତିର ଯେତେ ଉପରଠାଉରିଆ ସ୍ଲୋଗାନ ଦେଲେହେଁ, ମୁକ୍ତ ମାନସିକତା ଦୃଷ୍ଟିରୁ ତାଙ୍କଠାରୁ ବାସ୍ତବରେ ହଜାର ହଜାର ବର୍ଷ ଆଗରେ ଥିବା ପୁରୁଷମାନଙ୍କର ଉଦାର ମାନସିକତା ହିଁ ସର୍ବଦା ନାରୀମୁକ୍ତି ଆନ୍ଦୋଳନର ପୌରୋହିତ୍ୟ କରିଛି । ତେଣୁ ସତୀଦାହ ବାଲ୍ୟବିବାହ କି ବିଧବା ବିବାହ ଆଇନ ଯେପରି ଉଦାରଚେତା ପୁରୁଷମାନଙ୍କର ମାନବୀୟ ସମ୍ବେଦନଶୀଳତାର ଫଳଶ୍ରୁତି,

Source: Author, Digitized by PPRACHIN, SOA

ବ୍ୟଭିଚାର ଓ ଅବୈଧ ସମ୍ପର୍କ କ୍ଷେତ୍ରରେ କେବଳ ପୁରୁଷକୁ ଦଣ୍ଡିତ କରିବାର ଆଇନ ସେହିପରି ସେହି ମହାମନା ପୁରୁଷମାନଙ୍କର ହିଁ ଗଭୀର ବ୍ୟକ୍ତିଗତ ଓ ସାମାଜିକ ମନସ୍ତତ୍ତ୍ୱର ଅଧ୍ୟୟନ ଅନୁଶୀଳନ ତଥା ଅନ୍ତର୍ଦୃଷ୍ଟିର ଫଳ, ନାରୀଙ୍କର ନୁହେଁ ।

ଏଥର ନାରୀପୁରୁଷଙ୍କର ବ୍ୟଭିଚାର ଓ ଅବୈଧ ସମ୍ପର୍କ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରିବା ଉଚିତ ମନେକରୁଛି । ବହୁନାରୀ ସଂସର୍ଗ ପୁରୁଷ ପାଇଁ ଏକ ସାମାଜିକ ସମର୍ଥିତ ପ୍ରଥା । ପୁରୁଷଟିକୁ ଏଥିପାଇଁ ବିଶେଷ ସାମାଜିକ ଲାଞ୍ଛନା କିମ୍ବା ବିଡ଼ମ୍ବନା ଭୋଗିବାକୁ ପଡ଼େନାହିଁ । ପୁଅଟିଏ ଓ ଝିଅଟିଏ ବଢ଼ିଉଠୁଥିଲାବେଳେ ବିପରୀତ ଲିଙ୍ଗ ସହିତ ମିଳାମିଶାକୁ ନେଇ ନିଜେ ମା' ପୁଅଟିଏ ପାଇଁ ଆଦୌ ଚିନ୍ତିତା ହୁଏନା । କାରଣ ତା' ଦୃଷ୍ଟିରେ- ପୁଅ ପିତଳ ହାଣ୍ଡି, ମାଜିମୁଜି ଦେଲେ ସଫା- କିନ୍ତୁ ଝିଅ ଯେ ମାଟିହାଣ୍ଡି-ଛୁଇଁଦେଲେ ମାରା ହୋଇଯାଏ...! ସେହିପରି ଜଣେ ବିବାହିତ ପୁରୁଷ ଯେତେବେଳେ ଅନ୍ୟନାରୀ ସହିତ ସମ୍ପର୍କ ରଖେ, ତେବେ ପତ୍ନୀଟି ସାଧାରଣତଃ ଆଇନର ଆଶ୍ରୟ ନେବା ପରିବର୍ତ୍ତେ ସ୍ୱାମୀକୁ ପର ସ୍ତ୍ରୀ କବଳରୁ ଫେରାଇ ଆଣିବାକୁ ନାନାଦି କଳକୌଶଳ କରେ, ଧୈର୍ଯ୍ୟର ସହ ଅପେକ୍ଷା କରେ ଓ ସ୍ୱାମୀ ତାକୁ କୃପାକରି ସେ ବାଟରୁ ଫେରିଆସିଲେ ନିଜକୁ ଧନ୍ୟ ମନେକରେ। ଏପରିକି ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ-ତୃତୀୟା ନାରୀର ସ୍ଥିତିକୁ ସ୍ୱୀକାର କରି କରି ସ୍ୱାମୀର ଏହି ବହୁନାରୀ ସମ୍ପର୍କକୁ ସାମାଜିକ ସ୍ୱୀକୃତି ଦେବା କ୍ଷେତ୍ରରେ ସହଯୋଗ କରିଥାଏ ।

ସପତ୍ନୀ, ଅସତୀ ପରି ନାରୀ ପ୍ରତି ଉଦ୍ଦିଷ୍ଟ ସମାଜସିଦ୍ଧ ଶବ୍ଦଗୁଡ଼ିକର ପୁଂଲିଙ୍ଗବାଚକ ଶବ୍ଦ ସମାଜରେ ପ୍ରଚଳିତ ହେବାର ଉଦାହରଣ ଆଜିଯାଏ ଦେଖାଯାଏନାହିଁ । ତେଣୁ ସାଧାରଣ ସାମାଜିକ ପୁରୁଷ ନାରୀର ସାମାନ୍ୟ ସ୍ଖଳନକୁ ସହ୍ୟ କରେ ନାହିଁ । ଏହି ସାମାଜିକ ମାନସିକତା ହିଁ ସୀତାଙ୍କ ଅଗ୍ନିପରୀକ୍ଷା ଓ ନିର୍ବାସନର ମିଥ୍‌କୁ ପରିକଳ୍ପନା କରେ ଓ ସମ୍ମାନ ଦିଏ । ବ୍ୟଭିଚାର ସନ୍ଦେହରେ ସ୍ତ୍ରୀକୁ ପଥର ମାରି ହତ୍ୟାକରିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମାଜିକ ଓ ମାନସିକ ନିର୍ଯ୍ୟାତନା ଦେବାର ବ୍ୟବସ୍ଥା ପୃଥିବୀର ସବୁ ସମାଜରେ ଖୁବ୍ ପ୍ରଚଳିତ ପ୍ରଥା ଆଦୃତ ହୁଏ । ''ମାରନା ମୁଁ ମଲିଣି'' ନ୍ୟାୟରେ ସ୍ତ୍ରୀ ଲୋକଟି ସବୁକଥା ମୁଣ୍ଡପାତି ସହେ... ନହେଲେ ଲଜ୍ଜା ଅପମାନରେ ଆତ୍ମହତ୍ୟା କରେ । ସଚ୍ଚି ରାଉତରାୟଙ୍କ ପ୍ରସିଦ୍ଧ ଗଳ୍ପ 'ମଶାଣିର ଫୁଲ', ଟଲଷ୍ଟୟଙ୍କର ଉପନ୍ୟାସ 'ଆନା କାରେନିନା' ଓ ନାଥାନିଏଲ୍ ହଥୋର୍ନଙ୍କ ଉପନ୍ୟାସ 'ସ୍କାରଲେଟ୍ ଲେଟ୍‌ର'ର ତଥାକଥିତ ବ୍ୟଭିଚାରରେ ଲିପ୍ତା ସ୍ତ୍ରୀ ଲୋକମାନେ ଅବୈଧ ସମ୍ପର୍କ ଯୋଗୁଁ କିପରି ସାମାଜିକ ଦଣ୍ଡ ଭୋଗିଛନ୍ତି, ତା'ର ଚିତ୍ରଣ ଯେକୌଣସି ସମ୍ବେଦନଶୀଳ ମଣିଷକୁ ଆଲୋଡ଼ିତ କରେ ।

Source: Author, Digitized by PPRACHIN, SOA

ବିବାହ ବାହାରେ ପ୍ରେମ ଓ ଶରୀର ସମ୍ବନ୍ଧ ପୁରୁଷଙ୍କ ପାଇଁ ଆପାତତଃ ସହଜସାଧ, ଦାୟିତ୍ୱହୀନ ଓ ବିଳାସସର୍ବସ୍ୱ ହୋଇଥିବା ବେଳେ, ନାରୀ ପାଇଁ ଏହା କଠୋର ସାମାଜିକ ନିର୍ଯାତନା, ହୀନଭାବନା ଏବଂ ଅଧିକ ମାନସିକ ଓ ଶାରିରୀକ ଦାୟିତ୍ୱର ପାହାଡ଼ ଲଦି ଦେଇଥାଏ । ବିବାହ ବ୍ୟତିରେକ ସମ୍ପର୍କ ସୃଷ୍ଟି ହେଲେ ନାରୀ ଘରେ ତ' ଘରେ, ସମାଜରେ ମଧ୍ୟ ଏକପ୍ରକାର ବାସନ୍ଦ ଓ ଅସୁରକ୍ଷିତ ଜୀବନ ଯାପନ କରିଥାଏ, ଯାହା ସାଧାରଣତଃ ପୁରୁଷ କ୍ଷେତ୍ରରେ ଘଟି ନଥାଏ । ଆମ ଧର୍ମୀୟ ଭାବନାରେ ସେଥିପାଇଁ ରାଧା ହିଁ କଳଙ୍କିନୀ, କୃଷ୍ଣଙ୍କ ପାଇଁ ତ' ତାହା ଲୀଳା ମାତ୍ର । ତେଣୁ ବୈଧ ବିବାହର ସାମାଜିକ ସମ୍ମାନ ଓ ନିରାପତ୍ତା ଛାଡ଼ି ଅବୈଧ ସମ୍ପର୍କର ଡହ ଡହ ନିଆଁରେ ପାଦଠୁ ମୁଣ୍ଡଯାଏଁ ପୋଡ଼ିହେବାକୁ ଅଧିକାଂଶ ନାରୀ ଇଚ୍ଛା କିମ୍ବା ସାହସ କରନ୍ତି ନାହିଁ ।

ସାତଜନ୍ମ ପାଇଁ ନିନ୍ଦା, ଅପମାନ, କଳଙ୍କ ଓ ପାପଭାରା ମୁଣ୍ଡେଇବାକୁ ପ୍ରସ୍ତୁତ ହୋଇ ଯେଉଁ ନାରୀ ତଥାକଥିତ ଅବୈଧ ସମ୍ପର୍କଟିଏ ଗଢ଼େ, ସେଠାରେ ବୁଝିବାକୁ ହେବ, ସେହି ସମ୍ପର୍କ ପୁରୁଷଶାସିତ ସମାଜରେ ନାରୀର ଦେହମନ ଉପରେ ଲଦି ଦିଆଯାଉଥିବା ଗୋଟାଏ ଧରାବନ୍ଧା ସାମାଜିକ ସ୍ଥିତି ବିରୋଧରେ ଏକ ଦୁରନ୍ତ ବିଦ୍ରୋହ ।

ଯେକୌଣସି ଆଇନ ଅପେକ୍ଷା ସମାଜର ହାତ ବେଶୀ ଲମ୍ବା । ତା'ର ଅନୁସନ୍ଧାନ ଓ ଶାସ୍ତି ଦେବାର ପ୍ରକ୍ରିୟା ବେଶୀ ସୂକ୍ଷ୍ମ ଓ ମାରାତ୍ମକ । ନିଜର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଅବୈଧ ସମ୍ପର୍କର ବିଦ୍ରୋହପଥରେ ପାଦଦେବା ମୁହୂର୍ତ୍ତରେ ହିଁ ନାରୀ ସେହି ସାମାଜିକ ଶାସ୍ତିକୁ ଗ୍ରହଣ କରିସାରିଥାଏ । ହୁଏତ ଡଃ ଗିରିଜା ବ୍ୟାସଙ୍କ ମତାମତ ସେହି ଦୃଷ୍ଟିରୁ ମାନବୀୟ ସମର୍ଥନର ଅପେକ୍ଷା ରଖେ !

O

Source: Author, Digitized by PPRACHIN, SOA

ନିର୍ବାଚନରେ ନାରୀ : ସମସ୍ୟା ବଢ଼ିଛି

ସାରା ରାଜ୍ୟରେ ପଞ୍ଚାୟତ ନିର୍ବାଚନର ରଣଭେରୀ ବାଜି ଉଠିଲାଣି । ତୃଣମୂଳ ସ୍ତରରୁ ଲୋକମାନେ ଗଣତାନ୍ତ୍ରିକ ଅଧିକାର-ସଚେତନ, ରାଜନୀତି-ସଚେତନ ଓ ସର୍ବୋପରି ରାଜନୀତିକ ଦଳ ସଚେତନ ହେବେ । କିନ୍ତୁ ଯେଉଁ ପ୍ରସଙ୍ଗଟିକୁ ମୋର ଆଲୋଚନାର ପରିସରଭୁକ୍ତ କରିଛି, ତାହା ହେଲା, ଏହି ନିର୍ବାଚନରେ ନାରୀମାନଙ୍କ ନିମନ୍ତେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ । ଓଡ଼ିଶାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଏହି କ୍ରାନ୍ତିକାରୀ ନିଷ୍ପତ୍ତି ନେଇ ନାରୀଙ୍କୁ ଗାଁଗହଳିର ପ୍ରତ୍ୟକ୍ଷ ରାଜନୀତିରେ ସାମିଲ କରିବାର ବାଟ ଫିଟାଇ ଦେଇଗଲେ । ହୁଏତ ସେ ଭାବିଥିଲେ, ସ୍ତ୍ରୀ ଲୋକମାନେ ଦାୟିତ୍ୱ ନେଲେ ଓଡ଼ିଶାର ଗାଁଗହଳର ଚିତ୍ର ବଦଳିଯିବ । ଗାଁଗହଳରେ ବିକାଶ ପାଇଁ ଖର୍ଚ୍ଚ ହେବାକୁ ଥିବା ରାଜସ୍ୱ ଠିକ୍ ଭାବରେ ଖର୍ଚ୍ଚ ହେବ । ନାରୀମାନଙ୍କ ପ୍ରତି ହେଉଥିବା ଯାବତୀୟ ଅନ୍ୟାୟ ଅତ୍ୟାଚାର ହ୍ରାସ ପାଇବ । ତେଣୁ ସାରା ଭାରତବର୍ଷରେ ପ୍ରଥମକରି ସେ ଓଡ଼ିଶାର ନାରୀମାନଙ୍କ ପାଇଁ ଏହିପରି ଏକ ବୈପ୍ଳବିକ ସମ୍ଭାବନା ସୃଷ୍ଟି କରିଥିଲେ ।

ମହିଳାମାନଙ୍କ ପାଇଁ ପଞ୍ଚାୟତର ଏହି ସ୍ଥାନ ସଂରକ୍ଷଣକୁ କେନ୍ଦ୍ରକରି କ୍ରମଶଃ ନିର୍ବାଚନ ଏକ ଭିନ୍ନ ରୂପ ନେଲା । ପଞ୍ଚାୟତର ଓ୍ୱାର୍ଡ଼ମେମ୍ବର, ସରପଞ୍ଚ, ଜିଲ୍ଲାପରିଷଦ ଓ ପଞ୍ଚାୟତସମିତି ସଭ୍ୟ ପ୍ରଭୃତି ପଦପଦବୀ ପାଇଁ ସ୍ତ୍ରୀ ଲୋକମାନଙ୍କର ଆଗ୍ରହ ଥାଉ କି ନଥାଉ, ରାଜନୀତିର ସର୍ବନିମ୍ନ କ୍ଷମତାକୁ ହାତମୁଠାରେ ରଖିବାକୁ ଚାହୁଁଥିବା ପୁରୁଷମାନେ ନିଜର ମା', ଭଉଣୀ, ସ୍ତ୍ରୀଙ୍କୁ ଏଥିପାଇଁ ପ୍ରସ୍ତୁତ କରିବାରେ ଲାଗିପଡ଼ିଲେ । ଭାରତବର୍ଷର ତଥାକଥିତ ନାଟୁଆ ରାଜନୀତିକ ନେତାମାନଙ୍କ ପରି ଏହି ପୁରୁଷ ହାତତିଆରି ନେତ୍ରୀମାନେ ମଧ୍ୟ ମୁହଁରେ କୃତ୍ରିମ ହସ ଫୁଟାଇ, ବେକରେ ଫୁଲମାଳ ପକାଇ, ହାତଯୋଡ଼ି, କର୍ମୀମାନଙ୍କ ଧୂଳିଉଡ଼ା ଉଦ୍ଦଣ୍ଡ ଜିନ୍ଦାବାଦ ଧ୍ୱନି ଭିତରେ ପ୍ରାର୍ଥୀପତ୍ର ଦାଖଲ କରିବା କିମ୍ବା ଘର ଘର ବୁଲି ଭୋଟ୍ ମାଗିବାର ଦୃଶ୍ୟ ଏବେ ଗାଁଗହଳିକୁ ବେଶ୍ ସରଗରମ୍ କରି ରଖିଛି । ଗତଥର ପଞ୍ଚାୟତ ନିର୍ବାଚନରେ ଆମ ପଞ୍ଚାୟତର ମହିଳା ସରପଞ୍ଚ ପ୍ରାର୍ଥୀମାନଙ୍କ ଥାଟପଟାଳି ଦେଖି ମୁଁ ଜଣକୁ ପଚାରିଥିଲି – ଏ ଭୋଟ୍‌ରେ ଜଣେ ଜଣେ ପ୍ରାର୍ଥୀ କେତେ ଖର୍ଚ୍ଚ କରୁଥିବେ ? ସେ ଉତ୍ତର ଦେଲେ, ପାଞ୍ଚ-ସାତ ଲକ୍ଷରୁ କ'ଣ କମ୍ ହେବ ?. ପୁଣି ପଚାରିଲି - ଏତେ ଟଙ୍କା କିଏ କୋଉଠୁ ଯୋଗାଡ଼ କରି କାହିଁକି ଭୋଟ୍‌ରେ ଠିଆ ହେବ ? ତିଳେମାତ୍ର ଦ୍ୱିଧା ନକରି ସେ ଉତ୍ତର ଦେଲେ

Source: Author, Digitized by PPRACHIN, SOA

- ଟଙ୍କା ତ ପାର୍ଟି ଓ ଅନ୍ୟମାନେ ଖର୍ଚ୍ଚ କରିବେ । ହେଲେ ଯିଏ ସରପଞ୍ଚ ହେବ, ତା' ଅମଳରେ ତ' ପଞ୍ଚାୟତର କୋଟିଏରୁ ଅଧିକ ଟଙ୍କାର କାମ ହେବ । ସେଥିରୁ ଅଧାରୁ ଅଧିକା କ'ଣ ଯା'ଙ୍କ ଭାଗରେ ପଡ଼ିବନି ?

ତା'ହେଲେ କଥାଟି ଏଇଠି । ଆଜି ଭାରତବର୍ଷରେ ଭୋଟ ରାଜନୀତିର ନେତୃତ୍ୱ ଯେତିକି ଜନସାଧାରଣଙ୍କ ସେବା ହେଇ ରହିନାହିଁ, ତା'ଠୁଁ ବେଶୀ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ ଓ ରାଜସ୍ୱକୁ ଆତ୍ମସାତ୍ କରିବାକୁ ଆଗ୍ରହୀ ହେଉଛି । ତେବେ ଆମ ଲୋକଙ୍କର ଏସବୁ ତ' ଦେହସୁହା ହୋଇଗଲାଣି । କିନ୍ତୁ ଏ କ୍ଷେତ୍ରରେ ନାରୀମାନଙ୍କର ପ୍ରତ୍ୟକ୍ଷ ଯୋଗଦାନ ଓ ଅବଦାନ ହିଁ ଏଠାରେ ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ ।

ସାଧାରଣତଃ ପୁରୁଷମାନେ ରାଜନୀତିର କୂଟକପଟରେ ମାରିଥିଲାବେଳେ ଘରକୋଣର ସ୍ତ୍ରୀ ଲୋକଟି ପ୍ରାୟ ସେଥିରୁ ଦୂରେଇ ରହୁଥିଲା । ପଞ୍ଚାୟତର ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ଯେଉଁ ପୁରୁଷମାନେ ମାଇପି ଲୋକଙ୍କୁ ଭୋଟ୍ କଥାରେ ମୁଣ୍ଡ ନ ପୂରେଇ ସ୍ୱାମୀ, ବାପା-ଭାଇ ଯେଉଁ ଚିହ୍ନରେ କହିବେ, ସେଇଠି ମୋହର ମାରିବାକୁ ବାଧ କରୁଥିଲେ, ସେଇମାନେ ନିଜର ପତ୍ନୀ କିମ୍ବା ସମ୍ପର୍କୀୟାଙ୍କୁ ଭୋଟରେ ପ୍ରାର୍ଥୀ ହେବାପାଇଁ ବାଧ କଲେ । କେବଳ ସେତିକି ନୁହେଁ, ସ୍ତ୍ରୀ ଲୋକମାନଙ୍କର ପ୍ରଚାର ପଦ୍ଧତି ପୁରୁଷମାନଙ୍କଠାରୁ କିଛି ଅଲଗା କିମ୍ବା ସ୍ୱତନ୍ତ୍ର ହେଲାନାହିଁ । ପୁରୁଷମାନେ ସ୍ତ୍ରୀଲୋକମାନଙ୍କର ଏହି ରାଜନୀତିକ ଅଭିଯାନକୁ ସମ୍ପୂର୍ଣ୍ଣ ନିଜସ୍ୱ ଢ଼ଙ୍ଗ ବାଗରେ ପରିଚାଳନା କଲେ । ସେଇ ନିର୍ବାଚନୀ ହିଂସା, ଆଟୋପ ଆଡ଼ମ୍ବର, ଟଙ୍କା ଓ ମଦ-ମାଂସର ଜୁଆର କାଏମ୍ ରହିଲା । ସ୍ତ୍ରୀ ଲୋକଟି ଏକ ମୂଲ୍ୟବୋଧହୀନ ରାଜନୀତିର କରାଳ ସ୍ରୋତରେ ଅଗତ୍ୟା ଭାସି ଯାଉ ଯାଉ ନିଜର ବହୁ କୋମଳ ଓ ମାନବିକ ପ୍ରବୃତ୍ତିକୁ ହରାଇଦେବାର ସମ୍ଭାବନା ସୃଷ୍ଟି ହୋଇଗଲା । ରାଜନୀତିର କୂଟକପଟ ଓ ହିଂସାରେ ପଶିପାରୁନଥିବା ସ୍ତ୍ରୀ ଲୋକଟି ଅଧିକାଂଶ ସ୍ଥାନରେ ଏକ ନିର୍ଜୀବ କାଠପିତୁଳି ପରି ଆସନରେ ବସି ହାତଗୋଡ଼ ହଲାଉଥିବାବେଳେ ଅସଲ ସଞ୍ଚାଳନର ଡୋରି ତାକୁ ନଚାଉଥିବା ପୁରୁଷମାନଙ୍କ ହାତରେ ହିଁ ରହିଲା । ଏକ-ତୃତୀୟାଂଶ କ୍ଷମତାର ସର୍ବେସର୍ବା ହୋଇ ସୁଦ୍ଧା ସ୍ତ୍ରୀ ଲୋକଟି ସମାଜରେ ହୁ ହୁ ବ୍ୟାପି ଯାଉଥିବା ନାରୀ-ସ୍ୱାର୍ଥ-ବିରୋଧୀ କୌଣସି ବ୍ୟବସ୍ଥାର ପ୍ରତିକାର କରିପାରିଲା ନାହିଁ ।

ସମାଜବିଜ୍ଞାନୀମାନେ କହନ୍ତି, ସମାଜରେ ଯଦି ଅମାନବିକତା ଓ ହିଂସା ବଢ଼େ, ତେବେ ନାରୀ ଓ ଶିଶୁମାନେ ହିଁ ତା'ର ସର୍ବାପେକ୍ଷା ଅଧିକ ଶିକାର ହୁଅନ୍ତି । ଯାହା ଦେଖାଯାଉଛି, ଏବେବି ରାଜନୀତି ଓ ନିର୍ବାଚନରେ ହିଂସା କମିନାହିଁ । ଏବେବି ନିର୍ବାଚନୀ ଶୋଭାଯାତ୍ରାର ମଦମତ୍ତ ହୁଙ୍କାରରେ ରାସ୍ତାଘାଟ ବନ୍ଦ ହୋଇ ସାଧାରଣ

Source: Author, Digitized by PPRACHIN, SOA

ଜୀବନ ଅତିଷ୍ଠ ହୋଇପଡ଼େ । ଯାତ୍ରାପାର୍ଟିର ଅଭିନେତାଙ୍କ ପରି ନେତା-ନେତ୍ରୀମାନେ ସିଂହାସନ, ଫୁଲମାଳ, ପଗଡ଼ି, ବାଜା, ରୋଷଣୀର ବାହ୍ୟ ଆଡ଼ମ୍ବର, ଦଳୀୟ କ୍ଷମତା ତଥା ସର୍ବସାଧାରଣଙ୍କ ଧନ ଓ ରାଜସ୍ୱ ଆତ୍ମସାତ୍ ପରି ପ୍ରଚ୍ଛନ୍ନ ସ୍ୱାର୍ଥ ପ୍ରତି ଯେତେ ବେଶୀ ସଚେତନ ହୁଅନ୍ତି, ଜନଗଣଙ୍କ ଅଭାବ ଅସୁବିଧା ପ୍ରତି ସେତିକି ହୁଅନ୍ତି ନାହିଁ । ଏତେଦିନଧରି ଏକ-ତୃତୀୟାଂଶ କ୍ଷମତାରେ ନାରୀମାନେ ରହିଲେ ମଧ୍ୟ ଗାଁ ଗାଁରେ ବଧୂହତ୍ୟା, ଧର୍ଷଣ, ନାରୀନିର୍ଯ୍ୟାତନା, ଶିଶୁକନ୍ୟା ହତ୍ୟା କିମ୍ବା ଯୁବତୀ ଚାଲାଣ ପରି ଘଟଣା କମିବା ପରିବର୍ତ୍ତେ ବଢ଼ିଚାଲେ । ରାଜନୀତି ଓ ଜନସେବା କ୍ଷେତ୍ରକୁ ଏତେ ଆଡ଼ମ୍ବରରେ ଅବତୀର୍ଣ୍ଣା ହୋଇଥିବା ନେତ୍ରୀମାନେ ନାରୀମାନଙ୍କ ପାଇଁ ଏକ ନିରାପଦ ଓ ଅନୁକୂଳ ସମାଜ ଗଠନ କରିପାରନ୍ତି ନାହିଁ ।

ସମାଜରେ ନାରୀର ସ୍ଥାନ ନିରାପଦ ଓ ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ତା'ର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ ପାଇଁ କ୍ଷେତ୍ର ପ୍ରଶସ୍ତ ରହିଲେ ହିଁ ସମାଜ ଛାଏଁ ଛାଏଁ ଏକ ହିଂସାମୁକ୍ତ, ମାନବୀୟ ସୁସ୍ଥ ମାନସିକତା ଆଡ଼କୁ ଆଗେଇ ଯାଉଛି ବୋଲି ବୁଝିବାକୁ ହେବ । ପଞ୍ଚାୟତ ସ୍ତରରେ ଏକ-ତୃତୀୟାଂଶ କ୍ଷମତା ପାଇବା ସତ୍ତ୍ୱେ ନାରୀମାନେ ଏ ଦିଗରେ ସାମାନ୍ୟ ସଫଳତା ହାସଲ କଲେଣି କି ? ଗାଁଗହଳିର ରାସ୍ତାଘାଟରେ ରାତି ଅନ୍ଧାରରେ କୌଣସି ନାରୀ ନିଜକୁ ଏବେ ସୁରକ୍ଷିତ ଅନୁଭବ କଲାଣି କି ? ପ୍ରତ୍ୟେକ ଘରେ ଝିଅଟିଏ ଜନ୍ମ ହେବାପାଇଁ ଏକ ସୁଖ-ସନ୍ତୋଷମୟ ପ୍ରତୀକ୍ଷା ଆରମ୍ଭ ହେଲାଣି କି ? ଝିଅଟିକୁ ବାହାଦେଲା ପରେ ସେଠି ତା'ର ଆତ୍ମା ଓ ଜୀବନ ନିରାପଦରେ ରହିବ ବୋଲି ବାପାମାଆମାନେ ଆଶ୍ୱସ୍ତ ହେଲେଣି କି ?

ଯଦି ଏସବୁ ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ, ତେବେ ନାରୀଙ୍କର କ୍ଷମତା ଦଖଲ କରିବାର ଭୂମିକାକୁ ଧିକ୍...! ଆଜି ନିର୍ବାଚନର ହଟଚମଟରେ ମାତିଥିବା ନେତ୍ରୀମାନେ ଯଦି ତାଳିମାଡ଼ ଓ ଜିନ୍ଦାବାଦର କାନଫଟା ଧ୍ୱନି ଭିତରେ ନିଜକୁ ନିଜେ ଏଇସବୁ ପ୍ରଶ୍ନ ପଚାରିବାକୁ ଭୁଲିଯିବେ, ତେବେ ତାଙ୍କର ନାରୀଜନ୍ମ ଯେଉଁ ଅନ୍ଧକାର ଓ ଧିକ୍କାର ଭିତରେ ଥିଲା, ସେଥିରୁ ଆଦୌ ମୁକୁଳିନାହିଁ କିମ୍ବା ମୁକୁଳିପାରିବ ନାହିଁ ବୋଲି ସେମାନଙ୍କୁ ମନେ ରଖିବାକୁ ହେବ ।

୦

Source: Author, Digitized by PPRACHIN, SOA

ପ୍ରକୃତିର ଅବଦାନ ନରନାରୀଙ୍କ ସମ୍ପର୍କ

ସମ୍ପ୍ରତି ସ୍ତ୍ରୀ ଲୋକମାନଙ୍କର ବୌଦ୍ଧିକ ଓ ବୃତ୍ତିଗତ ସଫଳତା ଧୀରେ ଧୀରେ ଶୀର୍ଷରେ ପହଞ୍ଚିବାରେ ଲାଗିଛି । ଦେଶ ଓ ବିଶ୍ୱର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମହିଳା ପଦାଧିକାରୀମାନେ ଅଧିଷ୍ଠିତ ହୋଇ ନିଜର କାର୍ଯ୍ୟଦକ୍ଷତା ପ୍ରମାଣ କରିବା ସହିତ ପ୍ରଭୂତ ଅର୍ଥ ଓ କ୍ଷମତାର ଅଧିକାରୀ ହୋଇପାରୁଛନ୍ତି । ଅତ୍ୟାଧୁନିକ ପରିଭାଷାରେ ଏହି ପଦକ୍ଷେପରେ ପୁରୁଷମାନଙ୍କଠାରୁ ଖୁବ୍ ଆଗରେ ଥିବା ଓ ସଦାସର୍ବଦା ପୁରୁଷମାନଙ୍କୁ ନିଜର ଅଧସ୍ତନ ଭୂମିକାରେ ଦେଖୁଥିବା ଏହି 'ଆଲ୍‌ଫା ଉଇମେନ୍'ମାନଙ୍କର ବ୍ୟକ୍ତିଗତ ଇଚ୍ଛା ଅନିଚ୍ଛାକୁ ନେଇ ଦେଶର ପ୍ରତିଷ୍ଠିତ ସମ୍ବାଦପତ୍ର 'ଟାଇମସ୍ ଅଫ୍ ଇଣ୍ଡିଆ'ରେ ଏକ ସର୍ଭେର ଫଳାଫଳ ପ୍ରକାଶିତ ହୋଇଥିଲା । ସେଥିରେ ଉଲ୍ଲେଖ ଥିଲା, ଏହି ଅତ୍ୟନ୍ତ ପ୍ରଗତିଶୀଳ, ଉଚ୍ଚକ୍ଷମତାଧାରୀ, ସ୍ୱାବଲମ୍ବୀ ଓ ସ୍ୱନାମଧନ୍ୟା ରମଣୀମାନେ ମନ ଭିତରେ ସବୁବେଳେ ଜଣେ ସ୍ନେହୀ, ଯତ୍ନଶୀଳ ଓ ନିର୍ଭରଯୋଗ୍ୟ ପୁରୁଷର ସାନ୍ନିଧ୍ୟ ଲୋଡ଼ିଥାଆନ୍ତି । ସାରାଦିନର ହାକିମଗିରି ଓ କାର୍ଯ୍ୟବ୍ୟସ୍ତତା ପରେ ଯେତେବେଳେ ଏମାନେ ଘରକୁ ଫେରନ୍ତି, ସେତେବେଳେ କେହି ଜଣେ ସମ୍ବେଦନଶୀଳ ପୁରୁଷର ସୁରକ୍ଷିତ ଓ ସସ୍ନେହ ବାହୁବନ୍ଧନରେ ହଜିଯିବାକୁ ଏମାନଙ୍କର ତଥାକଥିତ ଲୌହକଠିନ, ବଳିଷ୍ଠ ବ୍ୟକ୍ତିତ୍ୱ ବ୍ୟାକୁଳ ହୋଇଉଠେ । 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ଏହି ଆଲୋଚନାର ଆଲୋଚକ କହିଛନ୍ତି, ହୁଏତ ନାରୀକୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ମୁକ୍ତ ଓ ଆତ୍ମନିର୍ଭରଶୀଳ ହେବାକୁ ଆହୁରି ଦଶ ହଜାର ବର୍ଷ ଲାଗିଯାଇପାରେ ।

ଏଇଠି ମୋ ଭିତରେ ସ୍ୱାଭାବିକ ଭାବରେ ପ୍ରଶ୍ନଟିଏ ଉଙ୍କିମାରିଲା ଯେ, ନାରୀ-ପୁରୁଷର ପରସ୍ପର ନିର୍ଭରଶୀଳତା କ'ଣ ପରସ୍ପର ବିକାଶର ପରିପନ୍ଥୀ ? ଉଭୟେ ଉଭୟଙ୍କ ଉପରେ ନିର୍ଭର କରିବାକୁ ବେଳେବେଳେ ନିଜ ବ୍ୟକ୍ତିତ୍ୱର ଅପମାନ ବୋଲି କାହିଁକି ଭାବନ୍ତି ? ବିଶେଷ କରି କେଉଁ ପୁରୁଣା କାଳରୁ ବିଭିନ୍ନ ଧର୍ମଧାରଣା ଓ ଶାସ୍ତ୍ରବିଧିରେ ନାରୀକୁ ନରକର ଦ୍ୱାର ବୋଲି ଆଖ୍ୟା ଦିଆଯାଇଛି । ଯୁଗ ଯୁଗ ଧରି ପୁରୁଷ ନିଜର ପ୍ରବୃତ୍ତି ଚରିତାର୍ଥ ପାଇଁ ନାରୀକୁ ବ୍ୟବହାର କରିଥିଲେ ହେଁ ତଥା ନିଜର ବ୍ୟକ୍ତିତ୍ୱର ଅନ୍ୱେଷଣ ଓ ବିକାଶ ପାଇଁ ନାରୀ ଉପରେ ନିର୍ଭରଶୀଳ

Source: Author, Digitized by PPRACHIN, SOA

ହୋଇଥିଲେ ହେଁ ଅହଂକାରବଶତଃ ନାରୀଙ୍କୁ ପରମାର୍ଥ ପଥରେ ବାଧା କହି ନିନ୍ଦା କରିଛି । ନାରୀକୁ ଏକ ନିମ୍ନସ୍ତରର ଜୀବ ବୋଲି କଳ୍ପନା କରି ନାରୀ ସହିତ ଆବେଗିକ, ମାନସିକ ଓ ଦୈହିକ ସମ୍ପର୍କକୁ ପତନର ଆଖ୍ୟା ଦେଇଛି । ଆମ ସଂସ୍କୃତିରେ ମୁନି, ଋଷିମାନେ ନାରୀଠାରୁ ଦୂରେଇ ରହିବାକୁ ସବୁବେଳେ ପୁରୁଷକୁ ପରାମର୍ଶ ଦେଇଥାଆନ୍ତି । ସ୍ୱୟଂ ଧର୍ମରାଜ ଯୁଧିଷ୍ଠିର ସ୍ୱର୍ଗାରୋହଣ ପଥରେ ଦ୍ରୌପଦୀଙ୍କୁ ସମସ୍ତ ପତନର ମୂଳକାରଣ କହିବାକୁ ପଶ୍ଚାତ୍‌ପଦ ହୋଇନଥିଲେ । ଧର୍ମ, ସଂସ୍କୃତି, ସମାଜ ପ୍ରତି କ୍ଷେତ୍ରରେ ନାରୀକୁ ନିଜ ଖିଆଲ୍ ଖୁସିରେ ବ୍ୟବହାର କରୁଥିବା ଏକ ପୁରୁଷପ୍ରଧାନ ସଭ୍ୟତା ପୁରୁଷର ଜୀବନରେ ନାରୀର ସ୍ଥିତିକୁ କେବେହେଲେ ସମସ୍ତରର ସମ୍ମାନ କିମ୍ବା ମହତ୍ତ୍ୱ ପ୍ରଦାନ କରିନାହିଁ । ଏହାର ବିପରୀତରେ ଯେତେବେଳେ ନାରୀମାନେ ନିଜର ବ୍ୟକ୍ତିତ୍ୱ ସ୍ୱାଧିକାର ସମ୍ପର୍କରେ ସଚେତନ ହେବାକୁ ଆରମ୍ଭ କଲେ, ସେତେବେଳେ ସେମାନେ ମଧ୍ୟ ପୁରୁଷ ଉପରେ ନିର୍ଭରଶୀଳ ହେବାକୁ ନିଜର ଅସମ୍ମାନ ବୋଲି ମନେକରନ୍ତି । ନାରୀବାଦୀମାନେ ପୁରୁଷକୁ ଅବିକଳ ଅନୁକରଣ କରି ନିଜର ବୃତ୍ତିଗତ ଦକ୍ଷତା ବଢ଼େଇବାକୁ ଯତ୍ନ କରିବା ସଙ୍ଗେ ସଙ୍ଗେ ଭାବପ୍ରବଣତା ଓ ଆବେଗପରି କମନୀୟ ଗୁଣଗୁଡ଼ିକୁ ଏଡ଼େଇଯିବାକୁ ବ୍ୟକ୍ତିତ୍ୱର ସଫଳତା ବୋଲି ଭାବିନିଅନ୍ତି । ଗୋଟିଏ ସମୟରେ ପୁରୁଷ ଯେପରି ନାରୀକୁ ନ୍ୟୁନ ଦୃଷ୍ଟିରେ ଦେଖୁଥିଲା, ଅନ୍ୟ ଏକ ସମୟରେ ସ୍ୱାବଲମ୍ବୀ ନାରୀ ମଧ୍ୟ ପୁରୁଷକୁ ସେହିପରି ହେୟ ଦୃଷ୍ଟିରେ ଦେଖିଲା । ସ୍ୱାବଲମ୍ବୀ ନାରୀର ସମର୍ଥ ବ୍ୟକ୍ତିତ୍ୱ ପୁରୁଷକୁ ଅଧିକରୁ ଅଧିକ ହୀନ ଭାବନାରେ ପୀଡ଼ିତ କରି ହିଂସ୍ର ଓ ଅସହିଷ୍ଣୁ କରିଦେଲା । ପରସ୍ପରର ଅହଂକାର ଓ ଅସହିଷ୍ଣୁତାର ସଂଘର୍ଷରେ ଟଳମଳ ହୋଇପଡ଼ିଲା ପରିବାରର ଭିତ୍ତି । ଦୁଇଟି ନରନାରୀଙ୍କ ସମ୍ପର୍କର ସୂଚୀପତ୍ରରୁ ଆବେଗ, ଭାବପ୍ରବଣତା, ମାୟାମମତା ପରି କୋମଳ ପ୍ରବୃତ୍ତିସବୁ ଲିଭିଯାଇ କ୍ରମଶଃ ଈର୍ଷା, ଅସୂୟା, ପ୍ରତିଯୋଗିତା ଓ ହିଂସାର ପ୍ରାଦୁର୍ଭାବ ବୃଦ୍ଧି ପାଇଲା । ଏ ସଂଘର୍ଷରେ ସବୁଠୁ ବେଶି ଅନାଥ ଓ ଅସହାୟ ହୋଇପଡ଼ିଲା ଶିଶୁର ଶୈଶବ । ନାରୀର ମୁକ୍ତି, ଯୋଗ୍ୟତା ଓ ସ୍ୱନିର୍ଭରଶୀଳତା ସତ୍ତ୍ୱେ ମାନବିକ ଓ ପାରିବାରିକ ସମ୍ପର୍କର ବିପର୍ଯ୍ୟୟକୁ ଡାକି ଆଣିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେଲାନାହିଁ । ମଣିଷର ସବୁ ଯୋଗ୍ୟତା, ଦକ୍ଷତା ଓ ଉତ୍କର୍ଷ ଗୋଟାଏ କଥା । କିନ୍ତୁ ସଂସାରରେ ନାରୀ ପୁରୁଷଙ୍କର ପରସ୍ପର ପ୍ରତି ଆକର୍ଷଣ ଓ ନିର୍ଭରଶୀଳତା ଅନ୍ୟ ଏକ କଥା । ଏହା ଏକ ନିସର୍ଗ ସମ୍ପର୍କ । ଏହା ପ୍ରକୃତିର ସର୍ବଶ୍ରେଷ୍ଠ ଅବଦାନ ତଥା ମଣିଷ ଜାତିର ସୃଷ୍ଟି ଓ ବିକାଶର ମୌଳିକ ଭାବାତ୍ମକ ଉପାଦାନ । ଏହି ସମ୍ପର୍କର ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ ଓ ଔଦାର୍ଯ୍ୟକୁ ଉପଲବ୍ଧି କରୁଥିବାରୁ ମଣିଷ କ୍ରମଶଃ ଏଥିରୁ ଗଢ଼ିଛି ପରିବାର,

Source: Author, Digitized by PPRACHIN, SOA

ସମାଜ ଓ ବନ୍ଧୁବାନ୍ଧବ ଘେରା କେତେ ଆତ୍ମୀୟତା ... ! ତୁଚ୍ଛା ଯୌନସମ୍ପର୍କ କିମ୍ବା ଧନସମ୍ପଦ, କ୍ୟାରିଅର୍‌ର ସମ୍ପର୍କ ନାରୀ ପୁରୁଷଙ୍କର ସମ୍ପର୍କର ଶେଷ କଥା ନୁହେଁ । ବରଂ ପାରିବାରିକ ବନ୍ଧନ, ପାରସ୍ପରିକ ମଧୁର ନିର୍ଭରଶୀଳତା, ସନ୍ତାନ ଓ ଅନ୍ୟମାନଙ୍କ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ନରନାରୀଙ୍କ ଯୌନସମ୍ପର୍କର ଏକ ଆତ୍ମିକ ଉତ୍ତରଣ, ଏକ ମହନୀୟ ବିକାଶ । ନାରୀ କେବଳ ଯୌନତାର କ୍ରୀଡ଼ନକ ବୋଲି ଆଜି ମଧ୍ୟ ପୁରୁଷପ୍ରଧାନ ସମାଜ ଭାବି ଚାଲିଛି । ନାରୀକୁ ପରିତ୍ୟାଗ କରିବା ନତୁବା ଭୋଗ କରିବା ହିଁ ପୁରୁଷର ପୌରୁଷ ଭିତରେ ପରିଗଣିତ ହେଉଛି । ଅଥଚ ନାରୀ ଯେତେ ଅଧିକ ସ୍ୱଶକ୍ଷମ ଆତ୍ମନିର୍ଭର ଓ ଆତ୍ମସଚେତନ ହୁଏ, ପୁରୁଷର ସାନ୍ନିଧ୍ୟରୁ ସେ ସେତିକି ବେଶି ବିବେକ, ବିଚାର, ଦାୟିତ୍ୱବୋଧ ଓ ସମ୍ବେଦନଶୀଳତା ଲୋଡ଼ିଥାଏ । ଅଧିକାଂଶ ସ୍ଥଳେ ଜଣେ ସର୍ବଗୁଣସମ୍ପନ୍ନା ନାରୀ ପାଖରେ ପୁରୁଷର ହୀନମନ୍ୟତା ଜନିତ ଅହଂକାର ଏ କ୍ଷେତ୍ରରେ ପ୍ରତିବନ୍ଧକ ସାଜେ । ସାରା ବିଶ୍ୱରେ ସ୍ତ୍ରୀ ଜାତି ନିଜ ସମ୍ପର୍କରେ କ୍ରମଶଃ ଅଧିକରୁ ଅଧିକ ସଚେତନ ହେବାରେ ଲାଗିଛି । ନାରୀର ଆତ୍ମସଚେତନତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ କ୍ରାନ୍ତି ପରିଲକ୍ଷିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଯୁଗଯୁଗର ପୁରୁଷପ୍ରାଧାନ୍ୟ ନାରୀ ଆତ୍ମାର ଏହି ଜାଗରଣକୁ ଦିଶାହୀନ କରିଦେଉଛି କହିଲେ ଭୁଲ ହେବନାହିଁ । ନାରୀ ହୁଏତ ପୁରୁଷର ବିରୋଧାଚରଣ କରୁଛି, ନହେଲେ ଅନୁକରଣ କରୁଛି । ଏ ଦୁଇଟିଯାକ ପ୍ରକ୍ରିୟା ତା'ର ଆତ୍ମିକ ଦାସତ୍ୱର ଶୃଙ୍ଖଳକୁ ଛିନ୍ନ କରିବା ପରିବର୍ତ୍ତେ ନୂଆ ଗଣ୍ଠି ପକାଇ ଚାଲିଛି । ନାରୀର ବୁଝିବା କଥା ଯେ, ସେ କେବେହେଲେ ପୁରୁଷପରି ହେବାକୁ ଇଚ୍ଛା କରିବା ଉଚିତ ନୁହେଁ । ନାରୀର ଦୃଷ୍ଟିକୋଣ ତାର ଜୀବନ ବଞ୍ଚିବାର ଶୈଳୀ ଓ ତା'ର ଚିତ୍ତବୃତ୍ତି ପୁରୁଷଠାରୁ ପୁରାପୁରି ଭିନ୍ନ । ନାରୀ ବ୍ୟକ୍ତିତ୍ୱର ବିକାଶ କେବଳ ଅର୍ଥକ୍ଷମତା କିମ୍ବା ପ୍ରତିପତ୍ତି ହାସଲରେ ସୀମିତ ନୁହେଁ । ନାରୀ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ସମ୍ମାନ ଓ ସତ୍କାର କରିବାକୁ ଶିଖିବା ଉଚିତ । ସେ ଧର୍ମ, ସାଧୁ-ସନ୍ଥ, ଶାସ୍ତ୍ର କିମ୍ବା ସାମାଜିକ ବିଧିବିଧାନ ଯାହା ହେଉନା କାହିଁକି, ଯୁଗଯୁଗଧରି ନାରୀର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ଆଘାତ ଦେଇଥିବା ଓ ଦେଉଥିବା ସମସ୍ତ ଶକ୍ତି ବିରୁଦ୍ଧରେ ନାରୀ ଦୃଢ଼ଭାବେ ବିଦ୍ରୋହ ଘୋଷଣା କରିଅଛି । ଅନ୍ୟପକ୍ଷରେ ତା' ନାରୀତ୍ୱକୁ ଶ୍ରଦ୍ଧା ସମ୍ମାନ କରୁଥିବା ପୁରୁଷକୁ ମଧ୍ୟ ସେ ସେତିକି ଶ୍ରଦ୍ଧା କରିବା ଉଚିତ । ଫଳରେ ନାରୀ-ପୁରୁଷର ଅନ୍ତଃସମ୍ବନ୍ଧରେ ସାର୍ଥକତା ଆସିବ । ସେମାନଙ୍କ ଭିତରେ ପ୍ରେମ-ଶ୍ରଦ୍ଧା-ସମ୍ମାନ ଓ ସର୍ବୋପରି ମୁକ୍ତିର ଆଦାନପ୍ରଦାନ ଲାଗି ରହିବ । ନାରୀ ଭିତରେ ପୁରୁଷର ଶକ୍ତିସାମର୍ଥ୍ୟ ଓ ପୁରୁଷ ଭିତରେ ନାରୀର ସ୍ନେହସମର୍ପଣର ବିନିମୟ ଉଭୟଙ୍କୁ ସତ୍ୟ-ଶିବ ଓ ସୁନ୍ଦରର ପ୍ରତିଭୂ କରି ଗଢ଼ି ତୋଳିବ । ନାରୀକୁ ସେଥିପାଇଁ

Source: Author, Digitized by PPRACHIN, SOA

ରୂଢ଼ିବାଦୀ ସଂସ୍କାର ଓ ଧର୍ମୀୟ ଅନ୍ଧତ୍ୱରୁ ମୁକ୍ତ ହେବା ସହିତ ପାଶ୍ଚାତ୍ୟ ଭୋଗବାଦୀ ମାୟାଜାଲରୁ ମଧ୍ୟ ନିଜକୁ ବିଚ୍ଛିନ୍ନ କରିବାକୁ ହେବ ।

ଯୁଗାବଧିର ଦାସତ୍ୱରୁ କ୍ରମଶଃ ନିଜକୁ ମୁକ୍ତ କରୁଥିବା ସ୍ୱାଧୀନଚେତା ସମର୍ଥା ନାରୀ-ମନର କେଉଁ ନିଭୃତ କୋଣରେ ଯଦି ଜଣେ ଦରଦୀ ପୁରୁଷସାଥୀ ନିମନ୍ତେ ଆଜି ବି ପ୍ରେମପୂର୍ଣ୍ଣ ପ୍ରତୀକ୍ଷା ରହିଛି, ତେବେ ଏହାକୁ ମନୁଷ୍ୟଜାତିର ସୌଭାଗ୍ୟ ବୋଲି ଭାବିବାକୁ ହେବ । ନିଜର ଅଯଥା ଅହଂକାରକୁ ପରିତ୍ୟାଗ କରି ପୁରୁଷକୁ ମଧ୍ୟ ଏହି ଆବେଗମୟ ସମର୍ପଣର ଭାଜନ ହେବାକୁ ହେବ । ସ୍ୱାମୀ ବଦଳରେ ସଖା ହେବାର ମହତ୍ତ୍ୱକୁ ଅନୁଭବ କରିବାକୁ ହେବ । ତେବେ ଯାଇ ଉଭୟଙ୍କର ସମ୍ପର୍କର ସେତୁ ଟାଣ ହେବ ଓ ମାନବଜାତିର ସୁସ୍ଥ ସୁନ୍ଦର ଭବିଷ୍ୟତ ପାଇଁ ପଥ ସୁଗମ ହେବ ।

○

Source: Author, Digitized by PPRACHIN, SOA

ସମ୍ପର୍କର ଊର୍ଦ୍ଧ୍ୱରେ ନାରୀର ଆତ୍ମସମ୍ମାନ

ମୋର ଜଣେ ସମ୍ପର୍କୀୟ ବିଦେଶରେ ରହି ଉଚ୍ଚଶିକ୍ଷା ଗ୍ରହଣ କରୁଥିଲେ ଓ ସେଠାରେ ସେ ଗୋଟିଏ ବଡ଼ ଚାକିରି ମଧ୍ୟ ପାଇଲେ । ସେଠାରେ ଜଣେ ବିଦେଶିନୀ ସହକର୍ମିଣୀଙ୍କ ସହିତ ତାଙ୍କର ଘନିଷ୍ଠତା ହେଲା । ଭାରତବର୍ଷକୁ ଫେରିବା ପରେ ଉକ୍ତ ସମ୍ପର୍କୀୟ ଯଦିଓ ସେହି ତରୁଣୀଙ୍କୁ ବିବାହ କରିବା ନିମନ୍ତେ ବିଶେଷ ଆଗ୍ରହୀ ନଥିଲେ, କିନ୍ତୁ ତରୁଣୀ ଜଣକ ବାଟ ପଚାରି ପଚାରି ଆସି ଓଡ଼ିଶାରେ ପହଞ୍ଚିଲେ ଓ ଅଗତ୍ୟା ସମ୍ପର୍କୀୟଙ୍କୁ ତାଙ୍କୁ ବିବାହ କରିବାକୁ ହେଲା । ବିବାହ ପରେ ସେହି ବିଦେଶିନୀ ଝିଅଟି ସହିତ ମୋର ଅନେକ ଥର ଦେଖାହୋଇଛି । ମୁଁ ଯେତେବେଳେ ରେଭେନ୍‌ସାରେ ଏମ୍.ଏ. ପଢୁଥାଏ ଓ ତାଙ୍କ ଘରକୁ ପ୍ରାୟ ଯିବାଆସିବା ଥାଏ । ଶାଢ଼ୀ, ଶଙ୍ଖା, ସିନ୍ଦୂର ପିନ୍ଧି ଓ ପିଲାଙ୍କ ପରି ପାଚିଲା ଆମ୍ବ ଖାଇବାକୁ ଖୁସି ହୋଇ ସେହି ଉଚ୍ଚଶିକ୍ଷିତା ବିଜ୍ଞାନର ଗବେଷିକା ଜଣକ ଯେମିତି ଘରସଂସାର କରିବାକୁ ବସିଥିଲେ, ଯିଏ ଦେଖିଲେ ଆଶ୍ଚର୍ଯ୍ୟ ହେବ ।

କିନ୍ତୁ ସେହି ସମ୍ପର୍କୀୟଙ୍କର ଏଣେ କ୍ଲବ୍‌ରେ ମଦ୍ୟପାନ, ନାଚଗୀତ ଓ ଅନ୍ୟାନ୍ୟ ମଉଜମସ୍ତିରେ କୌଣସି ହେଳା ନଥାଏ । ପାଶ୍ଚାତ୍ୟ ଶିକ୍ଷା ଫଳରେ ଏସବୁ ତାଙ୍କର ଅଭ୍ୟାସରେ ପଡ଼ିଯାଇଛି ଭାବି ପରିବାରର ଲୋକେ ମଧ୍ୟ କୌଣସି ଆପତ୍ତି କରୁନଥା'ନ୍ତି । ପ୍ରାୟ ବର୍ଷେକାଳ ଏପରି ବିତିଲା ପରେ ଝିଅଟି ଦିନେ ନିଜ ଦେଶକୁ ଚାଲିଗଲା । ସେଠାରୁ ତା' ପାଖରୁ ଏକ ଦୀର୍ଘ ଆବେଗପୂର୍ଣ୍ଣ ପତ୍ର ଆସିଲା, ଯେଉଁଥିରେ ଲେଖାଥିଲା ଯେ, ଯେଉଁ ସ୍ୱପ୍ନ ନେଇ ସେ ସଂସାର କରିବ ବୋଲି ଭାରତବର୍ଷର ଏହି ଅନାମଧେୟ ଅଞ୍ଚଳକୁ ଧାଇଁ ଆସିଥିଲା, ତାହା ପୂରଣ ହେଲା ନାହିଁ । ତା'ର ଏକଦା ସ୍ୱପ୍ନର – ପୁରୁଷ ପାଖରେ ସେ ସ୍ୱପ୍ନ ପୂରଣ କରିବାର ଯୋଗ୍ୟତା ବା ସାମର୍ଥ୍ୟ ନାହିଁ । ତେଣୁ ସେ ତାଙ୍କୁ ବନ୍ଧନମୁକ୍ତ କରୁଛି ଓ ଆଉ ଫେରିବ ନାହିଁ ବୋଲି ନିଷ୍ପତ୍ତି ନେଇସାରିଛି ।

ମୋ ସମ୍ପର୍କୀୟ ଜଣକ କେବଳ ଅତ୍ୟନ୍ତ ଉଚ୍ଚଶିକ୍ଷିତ ନଥିଲେ, ଦେଖିବାକୁ ଖୁବ୍ ସୁଦର୍ଶନ ଓ ଯଥେଷ୍ଟ ଉପାର୍ଜନକ୍ଷମ ମଧ୍ୟ ଥିଲେ । ବିଦେଶିନୀ ଜଣକ ବି ଖୁବ୍ ବିଦୂଷୀ, ରୂପବତୀ ଓ ବିତ୍ତଶାଳିନୀ ଥିଲେ। ତା'ହେଲେ ନିଜ ଦେଶରେ ସମସ୍ତ ସ୍ୱାଧୀନତା ଉପଭୋଗ କରୁଥିବା ସେହି ବିଦେଶୀ ଲଳନାର ଏମିତି କ'ଣ ସ୍ୱପ୍ନ ଥିଲା ଯେ ଭାଙ୍ଗିଗଲା ?

Source: Author, Digitized by PPRACHIN, SOA

ଏବେବି ପାଶ୍ଚାତ୍ୟ ଦେଶର ଝିଅମାନେ ଭାରତୀୟ ପୁରୁଷଙ୍କୁ ବିବାହ କରିବାକୁ ଖୁବ୍ ପସନ୍ଦ କରନ୍ତି । ଭାରତବର୍ଷର ବିବାହ ଓ ପାରିବାରିକ ସମ୍ବନ୍ଧର ସ୍ଥାୟିତ୍ୱ ଏମାନଙ୍କ ଆଖି ଆଗରେ ଆସ୍ଥା ଓ ବିଶ୍ୱାସର ମୀନାର ଗଢ଼ି ଦେଇଥାଏ । କଥାକଥାକେ ଛାଡ଼ପତ୍ର, ଘରବଦଳ ଓ ବିଛଣାବଦଳ କରୁଥିବା ପାଶ୍ଚାତ୍ୟ ପୁରୁଷଙ୍କ ତୁଳନାରେ ସାରାଜୀବନ ସଂସାରର ଦାୟିତ୍ୱ ବହନ କରି ନିଜର ସୁଖଦୁଃଖର ଦୁନିଆଁରେ ଶାନ୍ତ ଓ ସନ୍ତୁଷ୍ଟ ରହୁଥିବା ଭାରତୀୟ ପୁରୁଷଙ୍କ ପ୍ରତି ତେଣୁ ସେମାନେ ସହଜରେ ଆକର୍ଷିତ ହୋଇଥାଆନ୍ତି । ଯେତେ ମୁକ୍ତ ସମାଜ ଓ ପରିବେଶରେ ବଢ଼ିଉଠିଲେହେଁ ସ୍ୱାମୀସନ୍ତାନ ନେଇ ସୁଖଶାନ୍ତିର ଘରକରଣାଟିଏ ଯେ ପ୍ରାଚ୍ୟ ପାଶ୍ଚାତ୍ୟ ନିର୍ବିଶେଷରେ ପ୍ରତ୍ୟେକ ନାରୀର ସହଜାତ ସ୍ୱପ୍ନ, ଏହା ଅଧିକାଂଶ କ୍ଷେତ୍ରରେ ବାରମ୍ବାର ପ୍ରମାଣିତ ହୋଇଛି ।

କିନ୍ତୁ ଏହି ସ୍ୱପ୍ନଟିକୁ ସାର୍ଥକ କରିବାକୁ ବା ଆପାତତଃ ଏ ସ୍ୱପ୍ନ ସାକାର ହେଉଛି ବୋଲି ବାହାରକୁ ଦେଖାଇବାକୁ ଭାରତୀୟ ନାରୀ ଯେ କେତେ କଷ୍ଟ ସହେ, ଦେହ-ମନରେ କେତେ ବୋଝ ଉଠାଏ, କେତେ ଲାଞ୍ଛନା, ବଞ୍ଚନା ଓ ଅପମାନ ଭିତରେ ଜୀବନ ବିତାଇଥାଏ, ବାସ୍ତବକ୍ଷେତ୍ରରେ ଛଳନା ଓ ଛଦ୍ମତାର ଧାର ଧାରି ନଥିବା ପାଶ୍ଚାତ୍ୟ ନାରୀ ତାହା ଜାଣି ନଥାଏ । ସାରାବିଶ୍ୱରେ ସଂସ୍କୃତିସମ୍ପନ୍ନ ଓ ଚିରସ୍ଥାୟୀ ମନେ ହେଉଥିବା ଭାରତୀୟ ପାରିବାରିକ ବ୍ୟବସ୍ଥା କିନ୍ତୁ ବହୁସ୍ଥଳରେ ପୁରୁଷର ପ୍ରବଞ୍ଚନା ଓ ନାରୀର ଅନ୍ଧତ୍ୱ ଏବଂ ଆତ୍ମପ୍ରବଞ୍ଚନା ଭିତରେ ହିଁ ସ୍ଥାୟୀ ହୋଇରହିଛି ।

ଭାରତବର୍ଷର ଅଧିକାଂଶ ପୁରୁଷ ଭାବନ୍ତି ବିବାହ କରି ସ୍ତ୍ରୀ ଲୋକଟିକୁ ଘରେ ଥଇଥାନ କରିଦେଲେ ଓ ସେହି ସ୍ତ୍ରୀଲୋକଟିର ଖାଇବା, ପିନ୍ଧିବା, ପିଲାଜନ୍ମ କରିବା ଓ ସାମାଜିକ ସ୍ଥିତିର ସୁବ୍ୟବସ୍ଥା କରିଦେଲେ ସେମାନଙ୍କର ଦାୟିତ୍ୱ ସରିଗଲା । ସ୍ତ୍ରୀ ଲୋକଟିର ମନ ଓ ଦେହ ପ୍ରତି ଯେ ପୁରୁଷର ଅନ୍ୟକିଛି କୋମଳ ଆବେଗଗତ ସମ୍ପର୍କ ଓ ଦାୟିତ୍ୱ ରହିଛି, ସେକଥା ସେମାନଙ୍କର ଆଉ ମନେ ନଥାଏ । ଏପରିକି ପ୍ରେମକରି ବିବାହ କରିଥିବା ନାରୀ-ପୁରୁଷଙ୍କ କ୍ଷେତ୍ରରେ ମଧ୍ୟ ବିବାହୋତ୍ତର ଜୀବନରେ ଏହିପରି ମାନସିକ ଦୂରତ୍ୱର ଯନ୍ତ୍ରଣା ଓ ନିର୍ଯାତନା ଭୋଗ କରିବାରେ ଅଧିକ ବିଳମ୍ବ ହୁଏ ନାହିଁ । ଏବେ ମଧ୍ୟ କୌଣସି ସ୍ତ୍ରୀ ଲୋକକୁ ବିବାହ କରିବା ମାନେ ସେହି ସ୍ତ୍ରୀ ଲୋକଟି ପ୍ରତି କୃପା କରିବା ବୋଲି ସାମାଜିକ ମାନସିକତା ବଳବତ୍ତର ଅଛି । ଏପରିକି ଜଣେ ନାରୀକୁ ନିର୍ମମ ଭାବରେ ଧର୍ଷଣ କଲାପରେ ଆଇନ ଅନୁସାରେ ଅପରାଧୀ ସାବ୍ୟସ୍ତ ହୋଇଥିବା ଧର୍ଷଣକାରୀ ଜଣକ ଯଦି ଆତ୍ମରକ୍ଷା ପାଇଁ ଧର୍ଷିତାକୁ ବିବାହ କରିବାକୁ ରାଜି ହୋଇଯାଏ, ତାହାହେଲେ କନ୍ୟାପକ୍ଷ ଗଦ୍‌ଗଦ୍ ହୋଇ ଉଠନ୍ତି ଏବଂ ଧର୍ଷଣକାରୀକୁ ଦଣ୍ଡିତ କରିବାର ଜିଦ୍‌ରୁ ଓହରି ଆସନ୍ତି ।

Source: Author, Digitized by PPRACHIN, SOA

ବିବାହ ପରେ ସ୍ତ୍ରୀଲୋକଟିକୁ ଘର ଓ ପିଲାଛୁଆଙ୍କ ଜଞ୍ଜାଳ ଧରେଇଦେଇ ପୁରୁଷଟି ନିଜର ମଉଜମସ୍ତିରେ ମାତିବାରେ ହେଳା କରେନାହିଁ। ଅନ୍ୟ ନାରୀ ସଂସର୍ଗ ତ' ଆଜିକାଲି ଏକ ସାଧାରଣ କଥା ହୋଇଗଲାଣି। ନ ହେଲେ ଯେଉଁ ଦେଶରେ ବିବାହ ଓ ପାରିବାରିକ ସ୍ଥାୟିତ୍ୱକୁ ମହାନ୍ ଆଦର୍ଶ ବୋଲି ଗଣାଯାଏ, ଅଗ୍ନିକୁ ସାକ୍ଷୀରଖି କେବଳ ଗୋଟିଏ ନୁହେଁ, ସାତଜନ୍ମ ପାଇଁ ପରସ୍ପର ପ୍ରତି ବିଶ୍ୱସ୍ତ ରହିବାର ଶପଥ ଗ୍ରହଣ କରାଯାଏ, ସେଠାରେ ଏଡ୍‌ସ ପରି ଯୌନସଂକ୍ରମିତ ମାରାତ୍ମକ ବ୍ୟାଧି ଏପରି ହୁ ହୁ ହୋଇ ବଢ଼ିଚାଲନ୍ତା କେମିତି ? ଏହି ମାରାତ୍ମକ ବ୍ୟାଧିର ପ୍ରସାରରେ ନାରୀମାନଙ୍କର ଭୂମିକା ଯେ କେଡ଼େ ଅସହାୟ ଓ ନଗଣ୍ୟ, ତାହା ଯେ କେହି ସହଜରେ ଅନୁମାନ କରିପାରେ । ଏପରିକି ଏ କ୍ଷେତ୍ରରେ ଦେହଜୀବୀଟିଏ ନିଜ ପାଇଁ ସହଜରେ ସୁରକ୍ଷା ଗ୍ରହଣ କରିପାରେ, କିନ୍ତୁ ବିଚାରୀ ଧର୍ମପତ୍ନୀ ପାଇଁ ସେହି ସୁରକ୍ଷା ଗ୍ରହଣ କରିବାର ଅବକାଶ ନଥାଏ । ମୋର ଜଣେ ବନ୍ଧୁଙ୍କର ପତ୍ନୀବିୟୋଗ ପରେ ସେ ଦ୍ୱିତୀୟ ବିବାହ କରିବାକୁ ଚାହିଁଲେ । କିନ୍ତୁ ସମ୍ପତ୍ତି ବ୍ୟବସ୍ଥାରେ ସମସ୍ୟା ଉପୁଜିବାର ଆଶଙ୍କା କରି ତାଙ୍କର ଭାଇମାନେ ଓ ସନ୍ତାନମାନେ ଘୋର ଆପତ୍ତି ଉଠାଇବାରୁ ସେ ମାନସିକ ଅବସାଦଗ୍ରସ୍ତ ହୋଇ ରହିଥାଆନ୍ତି । ଏପରି ସମୟରେ ଚାପରୁ ମୁକୁଳିବାକୁ ତାଙ୍କର ଜଣେ ଡାକ୍ତରବନ୍ଧୁ ତାଙ୍କୁ କିଞ୍ଚିତ ମଦ୍ୟପାନ ଓ ବେଶ୍ୟାଳୟ ଗମନର ସତ୍‌ପରାମର୍ଶ (?) ଦେଇଥିଲେ । ଏସବୁକୁ ଘୃଣା କରୁଥିବା ସେହି ବନ୍ଧୁଙ୍କର ମାନସିକ ଦୁର୍ଦ୍ଦଶା ଏହାଦ୍ୱାରା ଦ୍ୱିଗୁଣିତ ହୋଇଥିଲା ସିନା ଉପଶମ ହୋଇ ନଥିଲା ।

ଏହାହିଁ ହେଉଛି ଆମର ପୁରୁଷ ତିଆରି ସମାଜର ଭିତିରି କଥା । ଏଠାରେ ନାରୀକୁ ଦାୟିତ୍ୱହୀନ ଭାବେ ଭୋଗ କରିବାରେ କିଛି ବାଧା ନାହିଁ । ପୁରୁଷ ଏହା ସପକ୍ଷରେ ଯାବତୀୟ ଯୁକ୍ତି ପ୍ରସ୍ତୁତ କରିପାରେ କାରଣ ଏହାଦ୍ୱାରା ପୁରୁଷର କ୍ଷୁଦ୍ର ଅହଂକାର ଓ ଭୋଗବିଳାସ ପ୍ରବଣତାରେ କୌଣସି ବାଧା ଉପୁଜେ ନାହିଁ । କିନ୍ତୁ ନାରୀକୁ ଯଥାର୍ଥ ସଖ୍ୟ-ସମ୍ମାନ ଦେବାରେ ସମସ୍ତ ପ୍ରକାର ଅସୁବିଧା ସୃଷ୍ଟି ହୁଏ । କଦବା କେହି ପୁରୁଷ ସତକୁ ସତ ନାରୀର ଆନ୍ତରିକ ସ୍ନେହଶ୍ରଦ୍ଧାର ଦାୟିତ୍ୱ ନେବାକୁ ଚାହିଁଲେ ବି ତଥାକଥିତ ସାମାଜିକ ବ୍ୟବସ୍ଥା ତା'ର ବିରୋଧାଚରଣ କରେ । ଅଥଚ ଯେଉଁ ପୁରୁଷମାନେ ସ୍ୱେଚ୍ଛାଚାରୀ ଓ ବିଳାସବ୍ୟସନପୂର୍ଣ୍ଣ ଜୀବନକୁ ପୌରୁଷ ବୋଲି ଭାବନ୍ତି, ସେମାନଙ୍କର ସାମାଜିକ ପ୍ରତିପତ୍ତି ତ' କାହିଁରେ କେତେ ! ବନ୍ଧୁଙ୍କର ଅକପଟ ସ୍ୱୀକାରୋକ୍ତି ସହିତ ତାଙ୍କର ସରଳ ନିରୀହ ପ୍ରଶ୍ନ ଆଜି ବି ମତେ ଆଲୋଡ଼ିତ କରେ – ''ଆଚ୍ଛା କହିଲେ ମାଡ଼ାମ, ମୁଁ କ'ଣ ଖାଲି ଦେହସୁଖ ପାଇଁ ବ୍ୟାକୁଳ ହୋଇ ବାହା ହେବାକୁ କହୁଛି ? ସ୍ତ୍ରୀଟିଏ ପରିଣତ ବୟସରେ ବି ଯେଉଁ ସ୍ନେହ-ଶ୍ରଦ୍ଧା-ସେବା ଦେଇପାରିବ, କୋଉ . ବେଶ୍ୟା ଦ୍ୱାରା କ'ଣ ତାହା ପୂରଣ ହୋଇପାରିବ ?''

Source: Author, Digitized by PPRACHIN, SOA

ତେଣୁ ଆପାତତଃ ମୁକ୍ତ ଯୌନଜୀବନ ଉପଭୋଗ କରୁଥିବା ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ନାରୀପୁରୁଷଙ୍କର ଅସ୍ଥାୟୀ ସମ୍ପର୍କ ଭିତରେ ଯେଉଁ ସତ୍ୟବଦ୍ଧତା ରହିଛି, ତାହା ଭାରତବର୍ଷର ସ୍ଥାୟୀ ସମ୍ପର୍କ ଭିତରେ ଅଧିକାଂଶସ୍ଥଳେ ନଥାଏ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ନିଜର ଅନ୍ୟନାରୀ ସମ୍ପର୍କକୁ ଦେଶବାସୀଙ୍କ ସମ୍ମୁଖରେ ଅଶ୍ରୁଳ ଆଖିରେ ସ୍ୱୀକାର କରି ନିଜର ପତ୍ନୀ, ପରିବାର ନିକଟରେ କ୍ଷମାପ୍ରାର୍ଥନା କରିଥିଲେ । ଭାରତବର୍ଷର କ୍ଷମତାଧାରୀ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଦିନ ସହସ୍ର ନାରୀଶିକାର ହୁଏ । କେତେଜଣ ସତ୍ୟ ସ୍ୱୀକାର କରନ୍ତି ? ବରଂ ପାରିବାରିକ ମର୍ଯ୍ୟାଦାର ଦ୍ୱାହି ଦେଇ ଏମାନେ ନିଜର ପତ୍ନୀ ଓ ପରିବାରର ସଦସ୍ୟମାନଙ୍କୁ ନିଜ ସପକ୍ଷରେ ନେବାକୁ ଯାଇ କପଟ ଓ ମିଥ୍ୟାଚାରରେ ଲିପ୍ତ କରାନ୍ତି । ସ୍ୱାମୀର ଦୋଷ ଘୋଡ଼ାଇବାକୁ ଯାଇ ଭାରତୀୟ ନାରୀ ବହୁ ନିରୀହ ଝିଅମାନଙ୍କର ସର୍ବନାଶର ମୂକସାକ୍ଷୀ ସାଜେ । ଉଭୟ ଦିଗରୁ ନାରୀର ଲାଞ୍ଛନା, ଅପମାନ ଓ ଅସହାୟତା ହିଁ ଶେଷକଥା ହୁଏ ।

ପାରିବାରିକ ସମ୍ପର୍କଟିଏ ଗଢ଼ିବାକୁ ପରସ୍ପରକୁ ଗ୍ରହଣ କଲାପରେ ଛାଡ଼ପତ୍ର ଖୁବ୍ ଖରାପ କଥା । କିନ୍ତୁ ମିଥ୍ୟାଚାର ଓ ପ୍ରତାରଣା ତା'ଠାରୁ କୋଟିଗୁଣରେ ଅଧିକ ଖରାପ କଥା । ଜନ୍ମ ଜନ୍ମ ଧରି ମିଥ୍ୟାଚାର ଓ ପ୍ରତାରଣାର ପୃଷ୍ଠପୋଷକତା କରି କରି ନାରୀଜନ୍ମକୁ କୃମିକୀଟଠାରୁ ହୀନ କରିବା ତୁଳନାରେ ଆତ୍ମସମ୍ମାନର ସହ ଏକାକୀ ବଞ୍ଚିବା ପାଇଁ ବରଂ କ୍ରମଶଃ ନାରୀ ନିଜ ବ୍ୟକ୍ତିତ୍ୱକୁ ଦୃଢ଼ ଓ ସମର୍ଥ କରିବା ଶ୍ରେୟସ୍କର ।

ଯେକୌଣସି ସମ୍ପର୍କର ମୂଳଧର୍ମଟି ହେଉଛି, ସତ୍ୟ ଓ ପ୍ରେମ । ହୁଏତ ପ୍ରେମ ଉପରେ ମଣିଷର ଅକ୍ତିଆର ନଥାଏ, କିନ୍ତୁ ସତ୍ୟ ଉପରେ ଅକ୍ତିଆର ରଖିବା ମଣିଷ ପାଇଁ ଆଦୌ ଅସାଧ ନୁହେଁ । ନାରୀପୁରୁଷଙ୍କର ସମ୍ପର୍କ ସତ୍ୟ ଓ ବିଶ୍ୱାସ ଆଧାରିତ ହେଲେ, ହୁଏତ ଏପରି ଏକ ମାନବୀୟ ଉର୍ବରତା ବିକଶିତ ହେବ, ଯେଉଁଠି ପ୍ରେମର ବୀଜ ଛାଏଁ ଛାଏଁ ଅଙ୍କୁରିତ ହେବାର ସମ୍ଭାବନା ଆଦୌ ଊଣା ହେବ ନାହିଁ ।

ଠ

Source: Author, Digitized by PPRACHIN, SOA

ନାରୀ ପୁରୁଷର ସମକକ୍ଷ ହେଉ, ଜନନୀ ଓ ଜାୟା ମାୟା ନରହୁ

'ନିଠାରୀ ନରକଙ୍କାଳ' ଘଟଣା ସମ୍ପ୍ରତି ସମଗ୍ର ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଗରୀବ ଘରର ଛୋଟ ଛୋଟ ଝିଅମାନଙ୍କୁ ଭୁଲାଇନେଇ ଯୌନପିପାସା ମେଣ୍ଟାଇବା ପରେ ସେମାନଙ୍କୁ ହତ୍ୟାକରି ଖଣ୍ଡ ଖଣ୍ଡ କରି କାଟି, ଏସିଡ୍ ଡ୍ରମ୍‌ରେ ବୁଡ଼ାଇ ହାଡ଼ମାଂସ ଅଲଗା କରି ବସ୍ତାରେ ପୂରାଇ ପୋତିଦେବାର ଲୋମହର୍ଷକ କାଣ୍ଡ କେବଳ ପ୍ରାଣକୁ ସ୍ତବ୍‌ଧଚକିତ କରିଦେଉନାହିଁ, ଆମ ସମାଜ ବ୍ୟବସ୍ଥାରେ ନାରୀ ସୁରକ୍ଷାର ପ୍ରଶ୍ନ ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ଯୌନ ନିର୍ଯାତନା ଓ ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ନାବାଳିକା । ଏମାନେ ସମସ୍ତେ ଗରିବ ଘରର ଶିଶୁ । ଗତ ଦୁଇ/ତିନିବର୍ଷ ଭିତରେ ଏମାନେ କ୍ରମାନ୍ୱୟରେ ନିଖୋଜ ହେଉଥିଲେ ଓ ବାପାମାଆ ପୋଲିସ୍‌ରେ ଏତଲା ମଧ୍ୟ ଦେଉଥିଲେ । ପୋଲିସ୍ ସେମାନଙ୍କୁ ଖୋଜିବା ଦୂରେଥାଉ, ଏତଲା ମଧ୍ୟ ରଖିବାକୁ ଅନିଚ୍ଛୁକ ହେଉଥିଲା ତଥା ଅନେକ ସମୟରେ ଏହି ଗରିବ ବାପାମାଆଙ୍କୁ ଘଉଡ଼ାଇବାକୁ ମାର୍‌ଧର୍, ଧମକଚମକ ମଧ୍ୟ ଦେଉଥିଲା । ଥରେ ହଜିଯିବା ପରେ କ'ଣ ହେଉଥିବ ଏହି ଛୋଟ ଝିଅମାନଙ୍କ ଅବସ୍ଥା ? ସାଙ୍ଗସାଥୀ ମେଳରେ ଖେଳୁ ଖେଳୁ ପ୍ରାସାଦ ପରି ଦିଶୁଥିବା ବଡ଼ଘରର ଲୋକଟିଏ ଚକ୍‌ଲେଟ୍‌ଟିଏ ଦେଖାଇ ଭିତରକୁ ଡାକିଥିବ । କୁନିଝିଅଟି ସେଇ ଲୋଭରେ ପାଦ ପକାଇଥିବ ପାଚେରୀଘେରା ବଡ଼ ହତା ଭିତରେ । ଜାଣିନଥିବ ଯେ ସେ ଟାଣି ହୋଇଯାଉଛି ନିର୍ମମ ଅମାନୁଷିକ ନିର୍ଯାତନା ଓ ମୃତ୍ୟୁ ଆଡ଼କୁ । ବିଶାଳ ବପୁଧାରୀ ପୁରୁଷମାନେ ତାକୁ ଯୌନଲାଳସାର ଶିକାର କଲାବେଳେ କେମିତି ଦିଶୁଥିବ ସେଇ ନିରୀହ ଭୟାତୁର ମୁହଁ । କେମିତି ଜାକିଜୁକି ହୋଇଯାଉଥିବ ତାଙ୍କ ହାତଗୋଡ଼ ଆତଙ୍କରେ ? ଜଣେ ଦୁଇଜଣ କି ଅନେକ ପୁରୁଷ ତା'ର କଅଁଳ ନଗ୍ନଦେହଟି ଉପରକୁ ଝାମ୍ପି ପଡ଼ିଲାବେଳେ କେମିତି ଛିନ୍ନଭିନ୍ନ ହୋଇଯାଉଥିବ ତାଙ୍କ କୁନି କୁନି କଅଁଳ ଅଙ୍ଗପ୍ରତ୍ୟଙ୍ଗ । ବହିଯାଉଥିବ– ରକ୍ତର ଧାରା... ! ତା'ପରେ ଯଦି ସେ ତଥାପି ବଞ୍ଚିରହିଲା, ତା'ହେଲେ ତଣ୍ଟି ଚିପି, ମାରି ଦିଆଯାଉଥିବ ତାକୁ ।

Source: Author, Digitized by PPRACHIN, SOA

ମୃତ୍ୟୁ ପରେ ବି ତ୍ରାହି ନାହିଁ । ସେଇ ଶବଟିକୁ ବି ନେଇ ଚାଲିବ ବୀଭତ୍ସ ଯୌନଲୀଳା... ! ଏସବୁ ଘଟିଛି ଏଇ ଭାରତରେ... ! 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ... ।'' କିଛି ଆଇନ ଅଦାଲତର କାର୍ଯ୍ୟକ୍ରମ... ! କିଛି ପୋଲିସ୍‌ଙ୍କର ଲୋକଦେଖାଣିଆ ବଦଳି... ! କିଛି କ୍ଷତିପୂରଣର ଫମ୍ପା ପ୍ରତିଶ୍ରୁତି ବ୍ୟତୀତ ଭାରତବର୍ଷର ସ୍ତ୍ରୀ ଲୋକମାନେ ଏ ସମ୍ପର୍କରେ ବିଶେଷ କିଛି ଚିନ୍ତା କରୁଛନ୍ତି ବୋଲି କାହିଁକି ମନେହେଉନି । ଏପରିକି ସେ ଅଞ୍ଚଳର ଜନନେତା ମନ୍ତ୍ରୀ ଓ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଭାଇ ପରିଦର୍ଶନରେ ଆସି ଏହାକୁ ଏକ ରୁଟିନ୍ ଘଟଣା କହି ନାରୀସୁରକ୍ଷାର ଧାରଣା ମୁହଁରେ କାଳି ବୋଳି ଦେଇଛନ୍ତି । ନିଠାରୀ ଘଟଣାଟି ସିନା ନରରାକ୍ଷସମାନଙ୍କ ପାପର କୂଳ ଉଛୁଳି ପଡ଼ିବାରୁ ଧରାପଡ଼ିଗଲା, କିନ୍ତୁ ଆଜି ଦେଶର କୋଣେ ଅନୁକୋଣେ ନାରୀଧର୍ଷଣର ଖବର ପ୍ରତିଦିନ ପଢ଼ିବାକୁ ମିଳୁଛି । ଯେତିକି ଖବର ଖବରକାଗଜରେ ବାହାରୁଛି, ତା'ଠାରୁ ଅତି କମ୍‌ରେ ୫/୧୦ ଗୁଣ ଘଟଣା ଲୋକଲୋଚନର ଅନ୍ତରାଳରେ ଘଟୁଛି । ଏହି ନାରକୀୟ ଘଟଣାର ସହଜ ସୁଲଭ ଲକ୍ଷ୍ୟ ହେଉଛନ୍ତି କୋମଳମତି ବାଳିକାମାନେ । ହେଲେ ଭାରତବର୍ଷର ଅନ୍ଧ, ଅସହାୟ, ଲାଞ୍ଛିତ, ପଦଦଳିତ, ନହେଲେ ପୁରୁଷର ଦମ୍ଭ, ଅହଂକାରରେ ଆତ୍ମଗର୍ବିତା (?) ନାରୀମାନଙ୍କର ସମ୍ମିଳିତ ଆହା ପଦର ହୁଙ୍କାର କେବେବି ଶୁଣାଯାଉନାହିଁ । ନାରୀସୁରକ୍ଷା କଥା ଭାବିଲେ ଇ' ନାରୀ ପାଇଁ ଏକ ସୁରକ୍ଷିତ ସମାଜ ବ୍ୟବସ୍ଥାର କଳ୍ପନା କରିବା ଆଦୌ ଅପ୍ରାସଙ୍ଗିକ ହେବ ନାହିଁ । ସମାଜରେ ନାରୀ କାହିଁକି ଅସୁରକ୍ଷିତ ହେଉଛି ଓ ତାକୁ ପ୍ରକୃତରେ କିଏ ସୁରକ୍ଷା ଦେଇପାରିବ, ଏ ପ୍ରଶ୍ନ ମଧ୍ୟ ପ୍ରାଣକୁ ଆନ୍ଦୋଳିତ କରେ । ଭାରତବର୍ଷରେ ଆମେ ବର୍ତ୍ତମାନ ଏକ ଭୋଗବାଦୀ ପିତୃକୈନ୍ଦ୍ରିକ ସମାଜରେ ବାସ କରୁଛେ । ଏହି ସମାଜରେ ନିରଙ୍କୁଶ ଭୋଗବିଳାସର ପ୍ରାଧାନ୍ୟ ରହିବା ସଙ୍ଗେ ସଙ୍ଗେ ପୁରୁଷତାନ୍ତ୍ରିକ ସମାଜ ହୋଇଥିବାରୁ ଏହି ଭୋଗବିଳାସ ପ୍ରବଣତାର ମୁଖ୍ୟନାୟକ ପଦଟି ପୁରୁଷ ଗ୍ରହଣ କରିବା ସ୍ୱାଭାବିକ । ଏହି ଭୋଗବିଳାସର ଚରମ ପୈଶାଚିକ ଅବସ୍ଥାଟି ହେଉଛି, ନିର୍ବିଚାର ନାରୀଦେହ ଭୋଗ... !

ନିଠାରୀଠାରୁ ନେଇ ସାରାଦେଶରେ ଅମାନୁଷିକ ନାବାଳିକା ଧର୍ଷଣ ଓ ହତ୍ୟାର କାରବାରଟି ହେଉଛି ସେହି ନିର୍ବିଚାର ଭୋଗଲାଳସାର ଅପରିହାର୍ଯ୍ୟ ପରିଣାମ । ଏଥିରୁ ତେବେ ନାରୀକୁ ସୁରକ୍ଷା କିଏ ଦେଉଛି । ଯେଉଁ ସମାଜରେ ପୁରୁଷର ସ୍ୱାର୍ଥରକ୍ଷା ପାଇଁ ଭ୍ରୁଣହତ୍ୟା ହୁଏ, ବଧୂହତ୍ୟା ହୁଏ, ସେହି ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାର ଆଇନକାନୁନ ନାରୀକୁ ସୁରକ୍ଷା ଦିଏ । ନାରୀ ପ୍ରତି ସାମାଜିକ ଦୃଷ୍ଟିକୋଣ ବଦଳେ ନାହିଁ । ଆଇନର ଫାଙ୍କ ଦେଇ ଅପରାଧୀ ନିର୍ଦ୍ଦୋଷ ସାବ୍ୟସ୍ତ ହୁଏ । ଆଇନରେ ଥିବା ଫାଙ୍କର କାରବାର

Source: Author, Digitized by PPRACHIN, SOA

କରି ପୋଲିସ, ଓକିଲ ଭଲ ଦି'ପଇସା ରୋଜଗାର କରନ୍ତି । ନେତାଏ ବଦଳି ହୋଇଥିବା ପୋଲିସ୍‌ଙ୍କର ପଦୋନ୍ନତି କରାଇ ଦିଅନ୍ତି। ନାବାଳିକା ଧର୍ଷଣ ଓ ହତ୍ୟାର ରକ୍ତନଦୀ ସେମିତି ତା' ବାଟରେ ବହି ଚାଲିଥାଏ । ମୋଟାମୋଟି ତର୍ଜମା କଲେ, ଜଣାଯାଏ ନାରୀର ଅସୁରକ୍ଷାର କାରଣ ପୁରୁଷ, ସୁରକ୍ଷାକାରୀ ମଧ୍ୟ ସେଇ ପୁରୁଷ। ତେଣୁ ନାରୀସୁରକ୍ଷାର ପ୍ରଶ୍ନ ପକ୍ଷପାତିତାର ଶିକାର ହେବାକୁ ବାଧ୍ୟ। ଏକ ପିତୃକୈନ୍ଦ୍ରିକ ସମାଜବ୍ୟବସ୍ଥାରେ ନାରୀର ରକ୍ଷଣାବେକ୍ଷଣରେ ପୁରୁଷର ଭୂମିକା ହେଉଛି - ଗୋଟାଏ ପଟେ ଡାହାଣୀ ହୋଇ ଲାଗିବା ତ ଅନ୍ୟପଟେ ଗୁଣିଆ ହୋଇ ଛଡ଼ାଇବା । ଗୋଟାଏ ପାଖରେ ତୀବ୍ର କାମବାସନା - ଭୋଗ - ଲାଳସା ଓ ଅମାନୁଷିକତା ତ ଅନ୍ୟପଟେ ଦୟା, କରୁଣା - ଆଇନକାନୁନ୍‌କୁ ରଖି ନାରୀସୁରକ୍ଷାର ତରାଜୁଟି ଉପର ତଳ ହେଉଛି। କେବେହେଲେ ସନ୍ତୁଳନ ରକ୍ଷା କରିପାରୁନାହିଁ ।

ଯେଉଁମାନେ ଏଇ ବ୍ୟବସ୍ଥାରେ ପୀଡ଼ିତ, ଆତଙ୍କିତ, ଭାରତବର୍ଷର ସେହି ଅର୍ଦ୍ଧଭାଗ ନାରୀଜାତିଙ୍କ ତୁଣ୍ଡରୁ ସମ୍ମିଳିତ 'ଆହା' ପଦଟିଏ ଉଠି ଗଗନପବନ ପ୍ରକମ୍ପିତ କରିଦେଉନାହିଁ । ପ୍ରଳୟ ଡାକି ଆଣିପାରୁନାହିଁ । ଶକ୍ତି ଶକ୍ତି ନାମରେ ମିଥ୍ୟା ଉପାସନାକୁ ଅନେଇ ବସିଥିବା ନାରୀଜାତି ସୁରକ୍ଷା ପାଇଁ ସେହି ରକ୍ତରଞ୍ଜିତ ପୁରୁଷ ହାତକୁ ଅନେଇ ବସିଛି । ସମାଜରେ ଯଦି ସବୁଠାରୁ ଅସଙ୍ଗଠିତ ଶୋଷିତ ବର୍ଗ କେହି ଥାଆନ୍ତି, ତେବେ ସେମାନେ ହେଉଛନ୍ତି ଏହି ନାରୀମାନେ । ନିଜର ନ୍ୟାୟସଙ୍ଗତ ମାନବିକ ଅଧିକାର ପାଇଁ ସମୂହ ଭାବରେ ସ୍ୱର ଉତ୍ତୋଳନ କରିବାର କ୍ଷମତା ନାରୀ ପାଖରୁ ସତେ ଯେପରି କେହି କାଢ଼ି ନେଇଛି । ନିଜ ପ୍ରତି ହେଉଥିବା ଶତ ଅତ୍ୟାଚାରର ନୀରବଦର୍ଶକ ସାଜି ଲୁହ ଢ଼ାଳିବା ଓ ପୁରୁଷର ଦୟାଭିକ୍ଷା କରିବା ବ୍ୟତୀତ ତା'ର ଆଉ ଯେପରି କିଛି ଗତ୍ୟନ୍ତର ନାହିଁ । ଏପରିକି ପ୍ରତ୍ୟକ୍ଷ ବିଦ୍ରୋହ ଓ ପ୍ରତିବାଦ ନକରିପାରିଲେ ମଧ୍ୟ ଯେଉଁମାନେ ନାରୀମାନଙ୍କ ପାଇଁ କିଛି ଲେଖାଲେଖି କରୁଛନ୍ତି, ସେମାନେ ମଧ୍ୟ ନାରୀମାନେ କିପରି ଭଲ ଜନନୀ, ଭଗିନୀ, ଜାୟା ହୋଇପାରିବେ, ସୁଗୃହିଣୀ ହୋଇପାରିବେ, ଶାଶୁଶ୍ୱଶୁରଙ୍କ ସେବା କରିପାରିବେ ପରି କଥା ଲେଖି ଲେଖି ଶୁଖିଲା ଉପଦେଶ ଶୁଣାଇ ଶୁଣାଇ ସମାଜରେ ବାହାବା ନେଉଛନ୍ତି । ମହିଳା ସମ୍ପାଦିକାମାନଙ୍କ ଦ୍ୱାରା ପ୍ରକାଶିତ ହେଉଥିବା ଅଗଣିତ ମହିଳା ପତ୍ରିକାରେ ରନ୍ଧାବଢ଼ା, ଫେଶନ୍, ସ୍ୱାମୀକୁ ଆୟତ୍ତରେ ରଖିବା ପରି ସୂଚନା ରଙ୍ଗବେରଙ୍ଗ ଚିତ୍ର ସହିତ ପ୍ରକାଶିତ ହୋଇଚାଲିଛି । କିନ୍ତୁ ନାରୀର ଯାବତୀୟ ଦୁଃଖ, ଦୈନ୍ୟ, ନିର୍ଯ୍ୟାତନାର ମୌଳିକ କାରଣଟିକୁ ଖୋଜିବା ଓ ପ୍ରଚଳିତ ସମାଜ ବ୍ୟବସ୍ଥାର ପ୍ରତିକୂଳରେ ଯାଇ ନାରୀକୁ ନିଜର ସ୍ଥିତି ଓ ସାମର୍ଥ୍ୟ ସମ୍ପର୍କରେ ସଚେତନ କରାଇବାକୁ କେହି ସାହସ କରୁନାହାନ୍ତି । ତେଣୁ ଅନ୍ୟାୟ

Source: Author, Digitized by PPRACHIN, SOA

ଅତ୍ୟାଚାରର ଏକ ନାରୀକୈନ୍ଦ୍ରିକ ମୁକାବିଲା ନିମନ୍ତେ ସଙ୍ଗଠିତ ହୋଇ ନାରୀ ନୈତିକ ମନୋବଳ ଓ ଦୃଢ଼ତା ସଞ୍ଚୟ କରିପାରୁନାହିଁ।

ଗୋଟିଏ ଝିଅର ଧର୍ଷଣ ଓ ମୃତ୍ୟୁକୁ କୋଟିଏ ନାରୀ ନିଜର ଲାଞ୍ଛନା ଭାବି ପ୍ରତିରୋଧର ନୈତିକ ଦାୟିତ୍ୱ ନେଇ ପାରୁନାହାନ୍ତି । ଯେଉଁ ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥା ଦ୍ୱାରା ସେ ଅତ୍ୟାଚାରିତା ହେଉଛି, ତାହାରି ହାତରେ ସେଥିରୁ ଉଦ୍ଧାର କରିବାର ଦାୟିତ୍ୱ ସମର୍ପି ଦେଉଛି । ପିତୃକୈନ୍ଦ୍ରିକ ସମାଜ ବ୍ୟବସ୍ଥାଟିର - ''ଆଚ୍ଛା ଦେଖିବା ତଦନ୍ତ ଚାଲିଛି - ଏମିତି ତ' ବେଳେବେଳେ ଘଟେ - ସତରେ ବଡ଼ ଦୁଃଖର କଥା...'' ଇତ୍ୟାଦି କେତୋଟି ମତ ମନ୍ତବ୍ୟ ଓ କାଁଭାଁ ଦଣ୍ଡବିଧାନର ଚିରାଚରିତ ମନ୍ଥର ପଦ୍ଧତି ଓ ନାରୀସୁରକ୍ଷା- ନାରୀଜାଗରଣ ବିଜ୍ଞାପନ-ଭେଳିକି ଭିତରେ ସନ୍ତୁଷ୍ଟ ରହୁଛି ।

ଯଦି ପ୍ରତି ଗ୍ରାମ, ପ୍ରଦେଶ ଓ ଦେଶର ପ୍ରତ୍ୟେକ ଅଞ୍ଚଳରେ ଅର୍ଦ୍ଧଭାଗ ଲୋକସଂଖ୍ୟା ଗଠନ କରୁଥିବା ଏ ନାରୀଜାତି ଏପରି ଅତ୍ୟାଚାରରେ ଲୁହଢ଼ାଳି ଚୁପ୍ ହୋଇ ବସନ୍ତେ ନାହିଁ । ଆଦର୍ଶ ଜନନୀ-ଭଗିନୀ-ଜାୟାର ଭୂମିକାକୁ ଗୋଇଠା ମାରି ଏ ଅନ୍ୟାୟ ବିରୋଧରେ ଦାଣ୍ଡକୁ ବାହାରି ଆସନ୍ତେ ! ଜିହ୍ୱା, ବାଡ଼ି, ଝାଡ଼ୁ, ଦାଆ, ପନିକି କିମ୍ବା କଲମ - ହାତପାଆନ୍ତାରେ ଥିବା ସମସ୍ତ ଅସ୍ତ୍ରଶସ୍ତ୍ରରେ ଏହି ବ୍ୟବସ୍ଥାର ପ୍ରତିରୋଧ କରନ୍ତେ - ମହିଳା ସଶକ୍ତିକରଣ ହୁଏତ ସେତେବେଳେ ଯଥାର୍ଥ ଭାବରେ ଅର୍ଥପୂର୍ଣ୍ଣ ହୋଇପାରନ୍ତା !

○

Source: Author, Digitized by PPRACHIN, SOA

ଜୀବନର ନାମ ଜୀବିକା ନୁହେଁ

ନିକଟରେ ଲଣ୍ଡନର 'ହାର୍ପରସ୍ ବଜାର' ନାମକ ଏକ ପତ୍ରିକା ତରଫରୁ ୫୦୦ ବୃତ୍ତିଜୀବୀ ମହିଳାଙ୍କୁ ସେମାନଙ୍କର କର୍ମଜୀବନର ସମ୍ପର୍କ ଓ ପରିବେଶ ସମ୍ବନ୍ଧରେ ପ୍ରଶ୍ନ ପଚରାଯାଇଥିଲା। ଏହି କର୍ପୋରେଟ୍ ମହିଳାମାନେ କହିଥିଲେ ଯେ, ସେମାନେ ମହିଳା ସହକର୍ମୀମାନଙ୍କୁ ନିଜର ପ୍ରତିଦ୍ୱନ୍ଦୀ ବୋଲି ଭାବନ୍ତି । ପୁରୁଷଙ୍କ କ୍ଷେତ୍ରରେ ତାଙ୍କର ସେପରି ଭାବନା ନଥାଏ । ପାଞ୍ଚଜଣରେ ତିନିଜଣ ମହିଳା କହିଥିଲେ ଯେ, ସେମାନେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଅଧୀନରେ କାମ କରିବାକୁ ଭଲ ପାଆନ୍ତି ଏବଂ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, କର୍ମକ୍ଷେତ୍ରରେ ୮୫ ପ୍ରତିଶତ ମହିଳା ପୁରୁଷ ସହକର୍ମୀ ଓ ଉପରିସ୍ଥଙ୍କ ସହିତ ଫ୍ଲର୍ଟ କରିବାକୁ ପସନ୍ଦ କରନ୍ତି । କାରଣ ଏହି ଆଳରେ ସେମାନେ ଶୀଘ୍ର ପ୍ରମୋସନ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ସୁବିଧାସୁଯୋଗ ପାଇବାକୁ ଉଦ୍ୟମ କରିଥାଆନ୍ତି ।

କାର୍ଯ୍ୟଦକ୍ଷତା ତୁଳନାରେ ମହିଳାମାନଙ୍କର ପ୍ରେମାଳାପ ଦକ୍ଷତା ତାଙ୍କ ଚାକିରି କ୍ଷେତ୍ରରେ ବେଶି ସହାୟକ ହୁଏ ବୋଲି ସେମାନଙ୍କର ମତ । ତେଣୁ ଏକ ପ୍ରତିଯୋଗିତାପୂର୍ଣ୍ଣ ପରିବେଶରେ ଏ ପ୍ରକାରର କୌଶଳକୁ ପ୍ରୟୋଗ କରିବାରେ ସେମାନେ କୁଣ୍ଠିତ ହୁଅନ୍ତି ନାହିଁ । ପ୍ରାୟ ୭୦ ପ୍ରତିଶତ ମହିଳା ସ୍ୱୀକାର କରିଛନ୍ତି ଯେ, ସେମାନେ ଅନ୍ୟ ଜଣେ ନାରୀକୁ ହାରି ଯାଉଥିବାର ଦେଖିଲେ ମନେ ମନେ ଖୁବ୍ ଖୁସି ହୁଅନ୍ତି।

ଏକ-ତୃତୀୟାଂଶ ମହିଳା ସ୍ୱୀକାର କରନ୍ତି ଯେ, ନିଜର ପୁରୁଷ ସହକର୍ମୀ କିମ୍ବା ଉପରିସ୍ଥଙ୍କ ପୁରୁଷସୁଲଭ ଅହଂକାରକୁ ସନ୍ତୁଷ୍ଟ କରିବାପାଇଁ ସେମାନେ ନିଜକୁ ବୋକା ଓ ନିରୀହ ବୋଲି ଦେଖାଇବାର ଛଳନା କରିଥା'ନ୍ତି । (Women flirt their way up- Times of India - Feb.7-2007)

ଇଂଲଣ୍ଡ ହେଉ ବା ଭାରତବର୍ଷ, କର୍ମଜୀବୀ ମହିଳାମାନଙ୍କ ପାଇଁ ଏହି ପରିବେଶ ଆଜି ସବୁଆଡ଼େ ପରିଲକ୍ଷିତ ହେଉଛି । ପୁରୁଷ ଓ ମହିଳା ସହକର୍ମୀମାନଙ୍କ

Source: Author, Digitized by PPRACHIN, SOA

ମଧ୍ୟରେ ଯୌନଆବେଦନର ସୁଯୋଗ ନେବା-ଦେବାର କାରବାର ବୃତ୍ତିଗତ ପ୍ରତିଯୋଗିତାକୁ ଏକ ଭିନ୍ନ ମୋଡ଼ ଦେଉଛି । ସ୍ତ୍ରୀ ଲୋକମାନଙ୍କର ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ଦିଗରେ ଏହି ଅସ୍ୱାସ୍ଥ୍ୟକର ବାସ୍ତବତା କିନ୍ତୁ ସତରେ ସାଂଘାତିକ । ବୃତ୍ତିକ୍ଷେତ୍ରରେ ଆଜିକାଲି ଯେପରି ତୀବ୍ର ପ୍ରତିଯୋଗିତା ବଢ଼ିଚାଲିଛି, ସେଥିରେ ଆଗକୁ ଯିବା ପାଇଁ କେବଳ ମହିଳା ନୁହେଁ, ପୁରୁଷମାନେ ମଧ୍ୟ ନାନାଦି କଳାକୌଶଳ ଅବଲମ୍ବନ କରୁଛନ୍ତି ।

ଯୋଗ୍ୟତା ଓ ଦକ୍ଷତା ତୁଳନାରେ ବ୍ୟବସାୟିକ ଓ ବ୍ୟକ୍ତିଗତ ରାଜନୀତି ଓ କୂଟକପଟର ପ୍ରୟୋଗ କରି ଉପରକୁ ଯିବା କର୍ମକ୍ଷେତ୍ରରେ ଏବେ ଏକ ସାଧାରଣ ଘଟଣା ହୋଇଗଲାଣି । କିନ୍ତୁ ସ୍ତ୍ରୀଲୋକମାନଙ୍କ କ୍ଷେତ୍ରରେ ଅନ୍ୟ ଏକ ନିର୍ଦ୍ଦିଷ୍ଟ ଓ ଅତ୍ୟନ୍ତ ଅସମ୍ମାନଜନକ ଉପାୟ ହେଲା ଏଇ - ଛଳନାତ୍ମକ ଯୌନଆବେଦନ । ପ୍ରେମ ବଦଳରେ ବୃତ୍ତିଗତ ଉଚ୍ଚାଭିଳାଷ ହିଁ ଏହି ଯୌନଆବେଦନର ଉତ୍ପ୍ରେରକ ହେଉଅଛି ।

ଯୌନତା ଏଠାରେ ନାରୀ-ପୁରୁଷଙ୍କର ପରସ୍ପରର ହୃଦୟ ଓ ଆତ୍ମାକୁ ସମର୍ପଣ ଓ ଗ୍ରହଣର ସ୍ୱଚ୍ଛ-ଅପାର୍ଥିବ ମାଧ୍ୟମ ହେବା ସ୍ଥାନରେ, ପରସ୍ପରକୁ ବ୍ୟବହାର କରି ବସ୍ତୁବାଦୀ ଓ ବ୍ୟାବହାରିକ ପ୍ରାପ୍ତିର ଅସ୍ୱଚ୍ଛ ଓ ପ୍ରବଞ୍ଚନାପୂର୍ଣ୍ଣ କୌଶଳ ହୋଇଯାଉଛି । ନାରୀର ଯୌନଆବେଦନର ଏହି ଧୂର୍ତ୍ତତା ଆଗରେ ପ୍ରେମ ତ' ପ୍ରେମ - କେତେ କଷ୍ଟ କରି ନାରୀଟିଏ ଅର୍ଜନ କରିଥିବା ଶିକ୍ଷାଗତ ଯୋଗ୍ୟତା କର୍ମଦକ୍ଷତା, ପ୍ରତିଭା ସହିତ ତା'ର ନାରୀ-ପଣର ସ୍ୱାଭିମାନ ଆତ୍ମସମ୍ମାନ-ସବୁକିଛି ମଳିନ ଓ ମୂଲ୍ୟହୀନ ହୋଇଯାଉଛି ।

ଯୌନଆବେଦନ, ପ୍ରତ୍ୟେକ ନାରୀର ଏକ ମହାର୍ଘ ନୈସର୍ଗିକ ସମ୍ପଦ । ସୁନ୍ଦରୀ-ପ୍ରେମମୟୀ ନାରୀର ଆକର୍ଷଣ ପାଖରେ ପୁରୁଷ ଇନ୍ଦ୍ରପଦକୁ ମଧ୍ୟ ତୁଚ୍ଛ ମନେକରେ । କବିଗଣ ସେପରି ନାରୀର ରୂପଗୁଣ ବର୍ଣ୍ଣନାରେ ଶତମୁଖରେ ପ୍ରଗଳ୍ଭ ହୋଇଉଠନ୍ତି । ମହାସମରମାନ ସଂଘଟିତ ହୋଇଯାଏ । ରୂପବତୀ, ଗୁଣବତୀ ନାରୀର ହୃଦୟ ଜୟ କରିବାକୁ ପୁରୁଷ ନିଜ ପୌରୁଷର ସର୍ବୋଚ୍ଚ ସୀମାରେଖା ବୋଲି ମନେକରେ । ଯୌନତା ନାରୀର ଅସହାୟତା ନୁହେଁ କିମ୍ବା ସାମାଜିକ ଅସାମାଜିକ ଭାବରେ ଏକ ବ୍ୟବହାରଯୋଗ୍ୟ ପଦାର୍ଥ ନୁହେଁ । ଏହା ନାରୀର ସୌନ୍ଦର୍ଯ୍ୟ, ତା'ର ଅନୁରାଗ, ତା'ର ଅହଂକାର ଓ ତା'ର ସ୍ୱାଭିମାନ । କେବଳ ପ୍ରେମର ମଣିଷ ପାଖରେ ନିବେଦିତ ହେଲେ ଏହା ପରିପୂର୍ଣ୍ଣ ଓ ପ୍ରଶସ୍ତ ହୁଏ । ସାର୍ଥକ ହୁଏ । ମୂଲ୍ୟବୋଧ, ଆତ୍ମମର୍ଯ୍ୟାଦା ଓ ମୁକ୍ତିର ଚରମ ସୋପାନକୁ ଆରୋହଣ କରେ ।

ସୃଷ୍ଟିରେ ସୌନ୍ଦର୍ଯ୍ୟର ଆବାହନ ଓ ସଂସ୍ଥାପନ ପାଇଁ ଈଶ୍ୱର ଏହି ବିଶ୍ୱରେ ଯୌନତାର ମୁକ୍ତ, ବିପୁଳ ସମ୍ଭାର ମେଲିଦେଇଛନ୍ତି । ଆକାଶର ବର୍ଷା ମାଟିକୁ ଛୁଏଁ,

Source: Author, Digitized by PPRACHIN, SOA

ଅଙ୍କୁରିତ ହୁଏ ବୀଜ । ଭ୍ରମର ଛୁଏଁ ଫୁଲର ଗର୍ଭକୋଷକୁ ବୃକ୍ଷ ଫଳାଏ ଫଳ । ନଦୀ ମିଶେ ସାଗରରେ, ଚାଲିଥାଏ ଋତୁଚକ୍ରର ଆବର୍ତ୍ତନ । କୀଟପତଙ୍ଗ, ତରୁତୃଣ, ପଶୁପକ୍ଷୀଙ୍କଠାରୁ ସରଳ ଆଦିମ ବନବାସୀ ମଣିଷ ପର୍ଯ୍ୟନ୍ତ ସମସ୍ତେ ଏହି ଯୌନତାର ନୈସିର୍ଗିକ ଆକର୍ଷଣର ଅଧୀନ ହୋଇ ସୃଷ୍ଟିକୁ ବଞ୍ଚାଇ ରଖନ୍ତି । ଜୀବନ୍ମୟ କରି ରଖନ୍ତି ।

ସ୍ଥୂଳ ଯୌନତାରେ ସୃଷ୍ଟିର ଏହି ଦିବ୍ୟ ସୂକ୍ଷ୍ମତାକୁ ଅନୁଭବ କରି ଜ୍ଞାନୀ/କବି ମଣିଷ ଏହାର ପରିଭାଷା ସୃଷ୍ଟି କରି କହିଛି - ଏହା ଶୃଙ୍ଗାର, ଆଦିରସ, ମଧୁର ରସ । ଯୌନତା ହିଁ ମଣିଷକୁ ପ୍ରେମ କରିବାର ଶକ୍ତି ଯୋଗାଇ ଦିଏ । ପ୍ରେମର ଶକ୍ତି ମଣିଷକୁ ତପସ୍ୟା ଓ ଆତ୍ମଶକ୍ତିର ଅଧିକାରୀ କରାଏ । ଆତ୍ମଶକ୍ତିରୁ ମାନବ ହୃଦୟରେ ଆଧ୍ୟାତ୍ମଶକ୍ତିର ଉତ୍ତରଣ ଘଟେ । ଏହି ସମଗ୍ର ପ୍ରକ୍ରିୟାଟିରେ ବସ୍ତୁବାଦୀ ଦେଣନେଣର ସାମାନ୍ୟତମ ଅବକାଶ ନଥାଏ । ବରଂ ବସ୍ତୁବାଦୀ ବା ପାର୍ଥିବ ଦେଣନେଣ ଏଠାରେ ଘୃଣ୍ୟ, ପରିତ୍ୟଜ୍ୟ ବିଷୟ ହୋଇଉଠେ । ମଣିଷର କ୍ଷୁଦ୍ର ଦେହ ମଧ ଏଠାରେ ଏକ ଅପାର୍ଥିବ ଆନନ୍ଦ ଓ ସମ୍ପ୍ରସାରିତପଣର ମାଧମ ହୋଇଯାଏ ।

ଦେହରୁ ଆରମ୍ଭ ହୋଇ ଆତ୍ମାର ଉଚ୍ଚତା ଓ ପୂର୍ଣ୍ଣତାରେ ପହଞ୍ଚି ପରମାତ୍ମା ଓ ତାଙ୍କ ସୃଷ୍ଟିର ମହତ୍ତ୍ୱକୁ ଅନୁଭବ କରିବା ପର୍ଯ୍ୟନ୍ତ ମଣିଷର ଯୌନତାର ଯାତ୍ରା। କିନ୍ତୁ ଯଦି କୌଣସି ବୈଷୟିକ ପ୍ରାପ୍ତିର ଲାଳସାରେ ଧୂର୍ତ୍ତତା ଓ ଶଠତା ସହକାରେ କେହି ଏ ଅନୁପମ ପ୍ରବୃତ୍ତିର ଅସଦ୍‌ବ୍ୟବହାର କରେ, ତେବେ ସେଠାରେ ଦେହ ଜୀବନର ସୂକ୍ଷ୍ମ ସୌନ୍ଦର୍ଯ୍ୟ ନହୋଇ ଜୀବିକାର ସ୍ଥୁଳ, ମୂଲ୍ୟବୋଧହୀନ ଓ ସମ୍ମାନହୀନ ଉପାଦାନ ହୋଇଯାଏ । ଦେହ ଯଦି ଜୀବନର ପରମାର୍ଥକୁ ଅନୁଭବିବା ପାଇଁ ନିୟୋଜିତ ନହେଲା, ତେବେ ସେଥିରୁ ଜୀବନ ଛାଏଁ ଛାଏଁ ଅପସରିଯାଏ । ବାକି ରହେ କେବଳ ଜୀବିକା... !

ଜୀବିକା ପାଇଁ କ୍ୟାରିୟର୍ ପାଇଁ ଯିଏ ଜୀବନକୁ, ଜୀବନର ସତ୍-ଚିତ୍-ଆନନ୍ଦକୁ ନିଲାମ କରିଦିଏ, ତା'ର ଆଉ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ କ'ଣ ବାକି ରହିଲା ? ଅତ୍ୟନ୍ତ କ୍ଷୋଭର କଥା ଯେ, ଆଜିର ଉପଭୋକ୍ତାବାଦୀ ସମାଜର ପ୍ରତିଯୋଗିତାମୂଳକ ବ୍ୟବସ୍ଥା ଓ ଆଧୁନିକ ଗଣମାଧମମାନଙ୍କର ନିର୍ବିଚାର ପ୍ରଚାର କୌଶଳକୁ ଭିତ୍ତିକରି ଚାକିରି ବ୍ୟତୀତ କଳା, ସାହିତ୍ୟ, ରାଜନୀତି ଓ ସମାଜସେବା ପରି ମହତ୍ ବୃତ୍ତିଗୁଡ଼ିକ ମଧ ଯଶ, ଅର୍ଥ, କ୍ଷମତା ଲାଭ କରିବାର କ୍ୟାରିୟର ଓ ତତ୍‌ସମ୍ପର୍କୀୟ ଉଚ୍ଚାଭିଳାଷର ପ୍ରବୃତ୍ତିରେ ପରିଣତ ହୋଇଯାଉଛି ।

Source: Author, Digitized by PPRACHIN, SOA

ଥରେ 'ସମ୍ବାଦ'ରେ ଜ୍ୟୋସ୍ନା ରାଉତରାୟ ଲେଖିଥିବା ଗୋଟିଏ ସ୍ତମ୍ଭର ବାସ୍ତବତା ମୁଁ ଭୁଲିପାରେନାହିଁ । ଜଣେ ବରିଷ୍ଠ କବି କାଳେ ତାଙ୍କୁ କହିଥିଲେ ଯେ, ସ୍ୱାମୀଙ୍କୁ ସଙ୍ଗରେ ଧରି ଆସିଲେ, ଲେଖିକାଟିର ଗ୍ଲାମର କମିଯାଏ । ମୁକ୍ତିର ପିପାସାରେ ପ୍ରତିଯୋଗିତାର ସ୍ଥାନ ନଥାଏ - ହଁ ପ୍ରେମ ନିଶ୍ଚୟ ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ପାର୍ଥିବ ପ୍ରତିଯୋଗିତାର ସିଢ଼ିରେ ଦେହକୁ ସୋପାନ କରି ତଥାକଥିତ ସଫଳତାର ଶୀର୍ଷକୁ ଆରୋହଣ କରିବାର ଉଦ୍ୟମ କରୁଥିବା ନାରୀ - ଅନ୍ତର ଭିତରେ ଚିରଦିନ ନିଜକୁ ନିଜେ ହୀନଭାବରେ ଦେଖିବାର ଦୟନୀୟ ସ୍ଥିତିରୁ କେବେହେଲେ ମୁକ୍ତି ପାଇପାରେ ନାହିଁ ।

ଠ

Source: Author, Digitized by PPRACHIN, SOA

କୁମାରୀ ମାତୃତ୍ୱ ଅପରାଧ ନୁହେଁ

ସମ୍ପ୍ରତି କୁମାରୀ-ମାତୃତ୍ୱ ସମାଜରେ ଏକ ବଡ଼ ସମସ୍ୟା ହୋଇ ଦେଖାଦେଇଛି । ପ୍ରେମର ଅଭିନୟ କରି, ବିବାହ କରିବାର ପ୍ରତିଶ୍ରୁତି ଦେଇ ଦେହସମ୍ପର୍କ ରଖିବା ଓ ନାରୀଟି ଅନ୍ତଃସତ୍ତ୍ୱା ହେଲାପରେ ସମ୍ପର୍କକୁ ଅସ୍ୱୀକାର କରିବା ଘଟଣା କ୍ରମଶଃ ବଢ଼ିଚାଲିଛି । ପ୍ରେମିକକୁ ବିବାହ କରି ସ୍ୱାମୀସନ୍ତାନ ନେଇ ସୁଖର ନୀଡ଼ ରଚନା କରିବାକୁ ସ୍ୱପ୍ନ ଦେଖୁଥିବା ଝିଅଟି ହଠାତ୍ ଦିନେ ନିଜକୁ ଏପରି ଏକ ସଂସାରରେ ଆବିଷ୍କାର କରେ, ଯେଉଁଠାରେ ନିନ୍ଦା, ଅପମାନ, କଳଙ୍କ ଓ ଲାଞ୍ଛନାର ଆତଙ୍କ ସହିତ ତା' ଗର୍ଭରେ ଏକ ନିରୀହ, ନିଷ୍ପାପ, ଅନାଗତ ଶିଶୁର ଭ୍ରୂଣ ତାଳ ଦେଇ ବଢୁଥାଏ ।

ଅଧିକାଂଶ କ୍ଷେତ୍ରରେ ସାମାଜିକ ଅପବାଦରୁ ନିଜକୁ ରକ୍ଷା କରିବାକୁ ଗର୍ଭରୁ ହିଁ ସେ ଭ୍ରୂଣଟିକୁ ହତ୍ୟା କରେ । କିନ୍ତୁ ଅନେକ ସମୟରେ ଅଳ୍ପବୟସୀ ନୂଆ ମା'ଟିର ଗର୍ଭସଞ୍ଚାର ସମ୍ପର୍କରେ ଅଜ୍ଞତା ଦୃଷ୍ଟିରୁ ଭ୍ରୂଣଟିକୁ ଗର୍ଭରୁ ନଷ୍ଟ କରିବା ସମ୍ଭବ ହୁଏ ନାହିଁ । ଅଗତ୍ୟା ସେହି ଶିଶୁଟି ଜନ୍ମ ନିଏ । ଶତକଡ଼ା ୮୦ ଭାଗ ପରିସ୍ଥିତିରେ ସେହି ନବଜାତକଟିକୁ ରାସ୍ତାକଡ଼, ଅଳିଆଗଦା କିମ୍ବା ଡ୍ରେନ୍ ଭିତରେ ଜୀବିତ କିମ୍ବା ମୃତ ଅବସ୍ଥାରେ ଫିଙ୍ଗି ଦିଆଯାଏ ବା କେଉଁ ଅନାଥାଶ୍ରମରେ ଛାଡ଼ି ଦିଆଯାଏ । ଯେକୌଣସିମତେ ଏହି ଅବୈଧ ଶିଶୁଟିକୁ ମା' ପାଖରୁ ଅଲଗା କରିନିଆଯିବା ଉପରେ ହିଁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । କଦବା କେଉଁଠି କେହି ମା' ନିଜର ଗର୍ଭଜାତ ସନ୍ତାନଟିକୁ ନିଜ ପାଖରେ ରଖିବାକୁ ସାହସ କରିପାରେ - ଯେଉଁ ସନ୍ତାନର କୌଣସି ସାମାଜିକ ପିତୃପରିଚୟ ନଥାଏ । ଏହି ମା' ଓ ତାଙ୍କର ଛୁଆମାନଙ୍କର ସାମାଜିକ ଲାଞ୍ଛନା କହିଲେ ନ ସରେ । ସାମାଜିକ ବାସନ୍ଦ ତ' ଏକ ସାଧାରଣ କଥା ... ! ମାନସିକ ନିର୍ଯାତନା ତଥା ନିଜ ପାଇଁ ଓ ନିଜ ସନ୍ତାନ ପାଇଁ ଏକ ଅସୁରକ୍ଷିତ ଭବିଷ୍ୟତର ଚିନ୍ତା ଏମାନଙ୍କ ଆଖିରୁ ନିଦ ଓ ମନରୁ ଶାନ୍ତି କାଢ଼ି ନେଇଥାଏ ।

ଧୀରେ ଧୀରେ ଏହିପରି ମା' ଓ ଶିଶୁମାନଙ୍କ ପାଇଁ ବିଭିନ୍ନ ମହିଳା ଅନୁଷ୍ଠାନ ଓ ସମାଜସେବୀମାନଙ୍କ ମନରେ କରୁଣା ଜାଗ୍ରତ ହୋଇଛି । ଏମାନଙ୍କୁ ନ୍ୟାୟ ଦେବାପାଇଁ ଉଦ୍ୟମ ହେଉଛି । ଅନେକ ସ୍ଥାନରେ ଏହି ସମାଜଚ୍ୟୁତ ହତଭାଗିନୀମାନଙ୍କ ପାଇଁ ଆଶ୍ରୟସ୍ଥଳୀମାନ ଖୋଲାଯାଇ ସେମାନଙ୍କର ଥଇଥାନର ବ୍ୟବସ୍ଥା କରାଯାଉଛି ।

Source: Author, Digitized by PPRACHIN, SOA

ସେମାନଙ୍କୁ ଅବୈଧ ମାତୃତ୍ୱର ଅନ୍ଧଗଳିରେ ଛାଡ଼ିଦେଇ ପଳାୟନ କରିଥିବା ପୁରୁଷପୁଙ୍ଗବମାନଙ୍କୁ ଖୋଜି ଲୋଡ଼ି ଆଣି ତାଙ୍କ କାନ୍ଧରେ ପିତୃତ୍ୱର ଜୁଆଳି ଲଦିବା ପାଇଁ ବିବାହର ଆୟୋଜନ କରାଯାଉଛି ।

କିନ୍ତୁ ଏସବୁ କ'ଣ ନାରୀର ଏହି ସମସ୍ୟାକୁ ସତରେ ସମାଧାନ କରିପାରୁଛି ? କାରଣ ଜଣେ ନାରୀ ପାଇଁ ମାତୃତ୍ୱ ଓ ବିବାହ ଦୁଇଟିଯାକ ପୁରାପୁରି ଭିନ୍ନ କଥା । ମାତୃତ୍ୱ ଲାଭ କରିବା ନାରୀର ଜନ୍ମଗତ ଓ ପ୍ରକୃତିଦତ୍ତ ଏକ ଶାଶ୍ୱତ ଅଧିକାର । ମାଆ ହେବାରେ ନାରୀଜନ୍ମର ଚରମ ସାର୍ଥକତା ନିହିତ ଥାଏ । ସନ୍ତାନର ଜନ୍ମ ଓ ଲାଳନପାଳନ କ୍ଷେତ୍ରରେ ପୁରୁଷର ଭୂମିକା ପୁରାପୁରି ନଗଣ୍ୟ ଓ ଗୁରୁତ୍ୱହୀନ କହିଲେ ଚଳେ । କିନ୍ତୁ ବିବାହ ବ୍ୟବସ୍ଥା ହିଁ ନାରୀର ମାତୃତ୍ୱକୁ ପୁରୁଷନିର୍ଭର କରିଦେଇଛି । ଏକ ପିତୃକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ବିବାହ ଜରିଆରେ ନାରୀର ମାତୃତ୍ୱକୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯାଏ । ମାତ୍ର ବିବାହ ବ୍ୟତିରେକ ମାତୃତ୍ୱ ସମାଜରେ ନିନ୍ଦା ଅପମାନର ଶରବ୍ୟ ହୋଇପଡ଼େ ।

ବିବାହ ବ୍ୟବସ୍ଥାକୁ ନିଜ ମାତୃତ୍ୱ ଲାଭର ଭିତ୍ତିରୂପେ ପାଇବାକୁ ନାରୀ ମଧ୍ୟ ଖୁବ୍ ଆଗ୍ରହୀ ହୋଇଥାଏ । କାରଣ ଏହା ଏକ ସାମାଜିକ ଶୃଙ୍ଖଳା ରକ୍ଷା କରିବା ସହିତ ପୁରୁଷ ସାଥୀଟିକୁ ଯୌନସମ୍ପର୍କର ପରବର୍ତ୍ତୀ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାଏ ଓ ଶିଶୁଟି ପିତାମାତା ଉଭୟଙ୍କର ସ୍ନେହ ଆଦର ଭିତରେ ସୁସ୍ଥ ମାନସିକତାର ମଣିଷଟିଏ ହୋଇ ବଢ଼ିଉଠେ । ପୁରୁଷର ଏହି ବାପା ହେବାର ସୁକୁମାର ଭୂମିକାଟି ନିମନ୍ତେ ହିଁ ବିବାହକୁ ଏକ ଅତ୍ୟନ୍ତ ପବିତ୍ର ଓ ଦାୟିତ୍ୱସମ୍ପନ୍ନ ଅନୁଷ୍ଠାନ ଭାବରେ ଗ୍ରହଣ କରାଯାଇପାରେ । ବାପା ଭାବରେ ସାମାଜିକ ସ୍ୱୀକୃତି ପାଇବାରେ ପୁରୁଷ, ମଧ୍ୟ କିଛି କମ୍ ଲାଭବାନ ହୁଏ ନାହିଁ, ବରଂ ନାରୀ ଅପେକ୍ଷା ପୁରୁଷ ଏଥିରେ ବେଶୀ ସୁବିଧାଜନକ ସ୍ଥିତିରେ ରହେ ।

ପରିବାରର ସୁଖ-ସନ୍ତୋଷପୂର୍ଣ୍ଣ ପରିବେଶ ଶିଶୁ ସନ୍ତାନମାନଙ୍କର ସୁକୁମାର ବାତ୍ସଲ୍ୟଲୀଳା ଏସବୁ ମଣିଷକୁ ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ ସନ୍ତୋଷ ଭିତରକୁ ବାଟ କଢ଼େଇ ନେଇଥାଆନ୍ତି । ଯାବତୀୟ ମାନବିକ ସମ୍ବେଦନଶୀଳତା ପରସ୍ପରର ସୁଖଦୁଃଖରେ ସହଭାଗୀ ହେବାର କୋମଳ ଭାବପ୍ରବଣତା, ଆବେଗ, ଅନୁରାଗ, ସ୍ନେହ, ସରାଗ ପରି ମହନୀୟ ପ୍ରବୃତ୍ତିଗୁଡ଼ିକ ପାରିବାରିକ ପରିବେଶକୁ ହିଁ ସୃଷ୍ଟି ହୋଇଥାଏ ଓ ନିଃସନ୍ଦେହରେ ବିବାହ ବ୍ୟବସ୍ଥା ଏହି ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । କିନ୍ତୁ ବିବାହ ବ୍ୟବସ୍ଥାକୁ କେନ୍ଦ୍ରକରି ନାରୀର ମାତୃତ୍ୱର ବିଡ଼ମ୍ବିତ ଓ ଲାଞ୍ଛିତ କରିବାର ପ୍ରବୃତ୍ତି ମଧ୍ୟ ପୁରୁଷକୈନ୍ଦ୍ରିକ ସମାଜର ଏକ ଅକ୍ଷମଣୀୟ ଅପରାଧ ।

Source: Author, Digitized by PPRACHIN, SOA

ଈଶ୍ୱରଙ୍କ ସୃଷ୍ଟିରେ କୌଣସି ନବଜାତକ କିମ୍ବା ତାକୁ ଧାରଣ କରିଥିବା ଗର୍ଭାଶୟ ବୈଧ କି ଅବୈଧ ନୁହେଁ । କିନ୍ତୁ ଏହି ପୁରୁଷଶାସିତ ସମାଜର ବିବାହ ବ୍ୟବସ୍ଥାରେ ପୁରୁଷର ପ୍ରାଧାନ୍ୟ ନାରୀର ଗର୍ଭକୁ ବୈଧ-ଅବୈଧର ସଂକୀର୍ଣ୍ଣତା ଭିତରେ ଆବଦ୍ଧ କରି ରଖିଛି । ସେଇ ଆଳରେ ନାରୀ ଯାବତୀୟ ଯୌନଶୋଷଣର ଶିକାର ହେଉଛି । ପୁରୁଷର ଦାୟିତ୍ୱହୀନ ଦେହସମ୍ପର୍କ ନାରୀ ପାଇଁ ଚରମ ଅସହାୟତା, ବ୍ୟଥା ଓ ନିର୍ଯାତନାର କାରଣ ହୋଇପଡୁଛି ।

ଅଳ୍ପ କେତେକ ସ୍ଥଳରେ ସ୍ୱୟଂଶାସିତ ନାରୀମାନେ ବିବାହ ବ୍ୟତିରେକ ମାତୃତ୍ୱ ପାଇଁ ଚିନ୍ତିତ ନହୋଇ ତାକୁ ସ୍ୱାଭାବିକ ଭାବରେ ଗ୍ରହଣ କରିନେଉଛନ୍ତି । ଚଳଚ୍ଚିତ୍ର ଅଭିନେତ୍ରୀ ନୀନା ଗୁପ୍ତା ଓ ସାରିକାଙ୍କ ପରି ନାରୀମାନେ ମାତୃତ୍ୱ ପାଇଁ ବିବାହ ଅପରିହାର୍ଯ୍ୟ ବୋଲି ମନେ କରିନାହାନ୍ତି । ଏହା କିନ୍ତୁ ଆର୍ଥିକ ଦୃଷ୍ଟିରୁ ଖୁବ୍ ସ୍ୱଚ୍ଛଳ ନାରୀମାନଙ୍କର କଥା । ତଥାପି ଯଦି ଆତ୍ମନିର୍ଭରଶୀଳ ନାରୀମାନେ ଏହାକୁ ଏକ ବିକଳ୍ପ ବୋଲି ଗ୍ରହଣ କରିନେବେ, ତେବେ ନାରୀର ଶାଶ୍ୱତ ମାତୃତ୍ୱର ଶକ୍ତି ଆଗରେ ପିତାର ସ୍ଥିତି ନିହାତି ଅବାନ୍ତର ଓ ଅବାଞ୍ଛିତ ହୋଇପଡ଼ିବ ନାହିଁ କି ?

ଆଜି ଯେଉଁ ପୁରୁଷ ନିଜର ସାମୟିକ ଯୌନକ୍ଷୁଧା ମେଣ୍ଟାଇବାକୁ ଯାଇ ନାରୀର ମାତୃତ୍ୱର ଅସମ୍ମାନ କରୁଛି, କାଲି ହୁଏତ ସେହି ପୁରୁଷକୁ ନାରୀ ତା'ର ସନ୍ତାନର ପିତୃତ୍ୱରୁ ଆପେ ଆପେ ବଞ୍ଚିତ କରି ରଖିବ । ସେହି ଦାୟିତ୍ୱହୀନ ପୁରୁଷକୁ ପରିବାର ଓ ସନ୍ତାନସନ୍ତତି ସହ ସଂଶ୍ଳିଷ୍ଟ ହେବାର ସବୁ ସୁକୁମାର ସୁଖ ସନ୍ତୋଷରୁ ଦୂରକୁ ଠେଲିଦେବ । ହୁଏତ ମା'ଟିଏ ପିଲାର ଦାୟିତ୍ୱ ନେଉନଥିବା ପୁରୁଷଟିକୁ ଗୋଟିଏ ଅଦରକାରୀ ଦ୍ରବ୍ୟ ପରି ଜୀବନରୁ କାଢ଼ି ଫିଙ୍ଗିଦେବ । ପିତୃକୈନ୍ଦ୍ରିକ ସମାଜର ବୈବାହିକ ମାୟାଜାଲରୁ ମୁକୁଳିଯାଇ ଜଣେ ନାରୀ ତା'ର ଜନ୍ମସିଦ୍ଧ ମାତୃତ୍ୱର ଅଧିକାରକୁ ଅସହାୟତା ବୋଲି ନ ଭାବି ଗୌରବ ବୋଲି ଭାବିବ ।

ଆଜି ସମାଜରେ ପୁରୁଷର ସ୍ଥିତି ଦୃଢ଼ ଅଛି ବୋଲି ସେ ନାରୀକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଚାଲିଛି । କିନ୍ତୁ ବାରମ୍ବାର ମା'ଟିଏ ନିର୍ଯାତିତା ହେଲେ ତା'ର ବିଦ୍ରୋହ ଆଗରେ କ୍ରମଶଃ ପୁରୁଷର ସେହି ସାମାଜିକ ଦୃଢ଼ତା ଦୋହଲି ଯିବା ଆଶଙ୍କାକୁ କ'ଣ ଅସ୍ୱୀକାର କରିହେବ ?

○

Source: Author, Digitized by PPRACHIN, SOA

ଅନ୍ଧାରୀ ମୂଲକର କିଶୋରୀ କନ୍ୟା

୨୦୦୫-୨୦୦୬ ମସିହା ପାଇଁ ହୋଇଥିବା ତୃତୀୟ ନ୍ୟାସନାଲ୍ ଫାମିଲି ହେଲ୍‌ଥ ସର୍ଭେ ଅନୁଯାୟୀ ଭାରତବର୍ଷରେ ୫୦ ରୁ ୬୦ ପ୍ରତିଶତ ଝିଅ ୧୮ ବର୍ଷ ହେବାପୂର୍ବରୁ ବିବାହ କରିଥାଆନ୍ତି । ଏହି ପରିସଂଖ୍ୟାନ ଅନୁସାରେ ପଶ୍ଚିମବଙ୍ଗରେ ୫୩.୩%, ଝାଡ଼ଖଣ୍ଡରେ ୬୧%, ବିହାରରେ ୬୦%, ରାଜସ୍ଥାନରେ ୫୭.୭% ଓ ଛତିଶଗଡ଼ରେ ୭୧% ଝିଅ ୧୧/୧୨ ବର୍ଷରୁ ୧୬/୧୭ ବର୍ଷ ମଧ୍ୟରେ ବିବାହ କରନ୍ତି । ଓଡ଼ିଶା କଥା ଯଦିଓ କିଛି ଲେଖାହୋଇନାହିଁ, ତେବେବି ଓଡ଼ିଶାରେ ଏହି ହାରାହାରି ଅନୁପାତରେ କିଛି ଅଧିକ ତାରତମ୍ୟ ଥିବ ବୋଲି ମନେହୁଏ ନାହିଁ ।

ଏହି ସର୍ଭେ ଦ୍ୱାରା ଜଣାଯାଇଅଛି ଯେ, ଅପ୍ରାପ୍ତ ବୟସରେ ବିବାହ କରୁଥିବା ଏହି ଝିଅମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଦରିଦ୍ର ଓ ନିରକ୍ଷର । ଭାରତ ପରି ଗ୍ରୀଷ୍ମପ୍ରଧାନ ଦେଶରେ ସାଧାରଣତଃ ୧୧ ରୁ ୧୩ ବର୍ଷ ବୟସରେ ଝିଅମାନେ ବୟଃପ୍ରାପ୍ତ ହୁଅନ୍ତି, ଅର୍ଥାତ୍ ଗର୍ଭଧାରଣର କ୍ଷମତାଲାଭ କରନ୍ତି । ଝିଅଟିର ପ୍ରଥମ ଋତୁସ୍ରାବ ହେଲାମାତ୍ରେ ବାପାମାଆଙ୍କର ମୁଣ୍ଡବିନ୍ଧା ମଧ୍ୟ ଆରମ୍ଭ ହୋଇଯାଏ । ଝିଅଟି ପିତାମାତା ଓ ପରିବାରରେ ଆଉ ସୁଖ-ଆନନ୍ଦର କାରଣ ନହୋଇ ବରଂ ଚିନ୍ତା ଓ ଉଦ୍‌ବେଗତାର କାରଣ ହୋଇଥାଏ । ଯେତେଶୀଘ୍ର, ଯେନତେନ ପ୍ରକାରେଣ ତାକୁ ପରଘରକୁ ବିଦା କରିଦେଲେ, ବାପାମାଆଙ୍କ ମୁଣ୍ଡରୁ ସତେ କି ବୋଝ ଓହ୍ଲେଇଯାଏ ।

ଏଗାର, ବାର କି ତେରବର୍ଷର ଝିଅ । ତା'ର ହସିବା, ଖେଳିବା, ପାଠ ପଢ଼ିବା ଓ ବଢ଼ିଉଠିବାର ବୟସ । ସଂସାରକୁ ଦେଖିବା ଶିଖିବାର ବୟସ । କିନ୍ତୁ ସମାଜର ଚଳଣି ଓ ଗରଜ ତା'ର ଏଇ ବିକାଶକୁ ମୂଳରୁ ହିଁ ସଂକୁଚିତ କରିଦେଇଥାଏ । ହେତୁ ହେଲାଦିନୁଁ ହୁଏତ ତାକୁ ସାନଭାଇକୁ କାଖେଇବାକୁ ପଡ଼ିଥାଏ । ଭାତ ରାନ୍ଧିବା, ଜାଳକାଠ ଆଣିବା, ଗାଇ, ଛେଳି ଚରାଇବା, ଭଙ୍ଗାଲୁହା, କାଚ, କୋଇଲାଗୁଣ୍ଡି କି ଜରି ଗୋଟେଇ, ଦୁଇପଇସା ରୋଜଗାର କରିପାରିବା ପରି ଦାୟିତ୍ୱ ତୁଲାଇବାକୁ ପଡ଼େ । ଏସବୁ ସତ୍ତ୍ୱେ ସେ ବାପାମାଆଙ୍କ ଉପରେ ବୋଝ ହେଇଯାଏ । ''ଦେଲି ନାରୀ - ହେଲି ପାରି'' ନ୍ୟାୟରେ ବାପାମାଆ ତାକୁ ତା'ର

Source: Author, Digitized by PPRACHIN, SOA

ସମ୍ପୂର୍ଣ୍ଣ ଏକ ଅଜଣା ପରିବାର ଓ ପରିବେଶ ଭିତରକୁ ହସ୍ତାନ୍ତରିତ କରିଦେଇ ଦାୟିତ୍ୱ ଛିଡ଼େଇ ନିଶ୍ଚିନ୍ତ ହୋଇଯାଆନ୍ତି ।

ଧୂଳିଖେଳ ବେଳ ନ ସରୁଣୁ ଝିଅ ଶାଶୁଘର ଯାଏ । ଶାଶୁଘରେ ନୂଆ ପରିବେଶ, ନୂଆ ପ୍ରକାରର ଦାୟିତ୍ୱ । କଅଁଳ ମନଟି ତ' ତା'ର ମରିଯାଇଥାଏ ଅନେକ ଆଗରୁ । ଏବେ ତା' ଅପ୍ରାପ୍ତବୟସ୍କ କଅଁଳ ଦେହଟି ସ୍ୱାମୀର ଯୌନପିପାସା ମେଣ୍ଟାଏ । ଗର୍ଭାଶୟ ପରିପକ୍ୱ ହେବା ଆଗରୁ ଧାରଣ କରେ ଭ୍ରୂଣ । ଅଧିକାଂଶ ସମୟରେ ପ୍ରସବବେଳେ କିମ୍ବା ପ୍ରସବ ପରେ ମୃତ୍ୟୁମୁଖରେ ପଡ଼େ । ଯଦି ବଞ୍ଚିରହେ, ଜୀବନର ସବୁ ସୁକୁମାର ସ୍ୱପ୍ନ ଓ ସମ୍ଭାବନାରୁ ବଞ୍ଚିତ ହୋଇ ୨୫-୩୦ ବର୍ଷ ବୟସ ବେଳକୁ ୫୦-୬୦ ବର୍ଷର ବୁଢ଼ୀଟିଏ ପରି ଦିଶୁଥାଏ ।

ଗରିବ ଖଟିଖିଆ ପରିବାରର ଯୁବତୀ ଝିଅ ପାଇଁ ସାମାଜିକ ନିରାପତ୍ତା ଶୂନ୍ୟ କହିଲେ ଚଳେ । ସମାଜର ଏହି ବଞ୍ଚିତ ଓ ଦଳିତ ବର୍ଗର ଝିଅମାନଙ୍କୁ ଯୌବନ ଛୁଉଁ ନ ଛୁଉଁଣୁ ସେମାନେ ସବୁ ବର୍ଗର ଲୋକମାନଙ୍କର ଯୌନଲାଳସା ଓ ତଜ୍ଜନିତ ପ୍ରଲୋଭନର ଶିକାର ହୁଅନ୍ତି । ଝିଅକୁ ଏହି ପରିସ୍ଥିତି କବଳରୁ ରକ୍ଷା କରିବାକୁ କିମ୍ବା ଝିଅ ଉପରେ ହେଉଥିବା ଅନ୍ୟାୟର ମୁକାବିଲା କରିବାକୁ ବଳ କି ସମ୍ବଳ ନଥାଏ । ଶାଶୁଘରେ ଝିଅଟି ହୁଏତ ପୋଡ଼ିହୋଇ ମରେ କିମ୍ବା ରୋଗରେ ଅଯତ୍ନରେ ମରେ । ନହେଲେ ବିବାହ ଆଳରେ ସ୍ୱାମୀ ତାକୁ ବେଶ୍ୟାଳୟରେ ବିକ୍ରି କରିଦିଏ । କିନ୍ତୁ ସେ ସବୁ ଅତ୍ୟାଚାର-ନିର୍ଯାତନା ବାପା-ମାଆଙ୍କ ପାଇଁ ସାମାଜିକ ନିନ୍ଦା ଅପେକ୍ଷା ସହାନୁଭୂତି ସୃଷ୍ଟି କରେ । ବାପାମା' ତ' ଆଉ ବଦନାମ ହୁଅନ୍ତି ନାହିଁ । ତେଣୁ ବରଂ ବିବାହ ପରେ ଯାହା ନିର୍ଯାତନା ଭୋଗୁଛି ଭୋଗୁ । ବାହାଘର ଆଗରୁ ବାପାମାଆଙ୍କର ନାଁ ନ ପକାଉ । ଅଳ୍ପବୟସର ଝିଅମାନଙ୍କୁ ତରବର କରି ବାହା କରିଦେବା ମୂଳରେ ଆପାତତଃ ଏହିପରି ଏକ ମାନସିକତା କାର୍ଯ୍ୟ କରୁଛି । ଅତ୍ୟନ୍ତ କ୍ଷୋଭର କଥା ଯେ, ୧୯୯୮-୧୯୯୯ ମସିହାର ପରିସଂଖ୍ୟାନଠାରୁ ୨୦୦୫-୨୦୦୬ରେ ଏହି ହାର ଖୁବ୍ ବିପଜ୍ଜନକ ଭାବେ ବୃଦ୍ଧି ପାଇଛି । ଯାହା ପ୍ରମାଣ କରୁଛି ଯେ, ଦିନକୁ ଦିନ ଝିଅମାନଙ୍କ ପାଇଁ ସାମାଜିକ ନିରାପତ୍ତା ଦୁର୍ବଳ ହେଉଛି ସିନା, ସାଧାରଣ ଝିଅମାନେ ବିକଶିତ ହେବାପରି ଏକ ସମାଜ ଆମେ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୬୦ ବର୍ଷ ପରେ ମଧ୍ୟ ଗଢ଼ିପାରିନାହୁଁ ।

ଥରେ ସମ୍ବାଦପତ୍ରରେ ସମ୍ବାଦଟିଏ ଥିଲା ଯେ, ଦଳିତ ବର୍ଗର ମେଧାବୀ ଝିଅଟିଏ ଦୂରରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନକୁ ସାଇକେଲ୍ ଚଢ଼ି ପାଠ ପଢ଼ିବାକୁ ଯିବାରୁ ସେ ଅଞ୍ଚଳର ସବର୍ଣ୍ଣମାନେ ତା'ର ବିରୋଧ କଲେ ଓ ଝିଅଟିକୁ ବାଟରେ ଅଶ୍ଳୀଳ ଇଙ୍ଗିତ ସହିତ

Source: Author, Digitized by PPRACHIN, SOA

ଧମକଚମକ ଦେଲେ । ପ୍ରଶାସନ ଦୃଷ୍ଟିକୁ ଏହା ଆସିବାରୁ ସ୍ଥାନୀୟ ପୋଲିସ୍ ଝିଅଟି ସହିତ ଜଣେ ମହିଳା କନେଷ୍ଟବଲଙ୍କୁ ଯିବା ଆସିବା କରିବା ପାଇଁ ନିଯୁକ୍ତ କଲେ । ତଥାପି କିଛିଦିନ ପରେ ଝିଅଟିର ବାପା ଝିଅଟିର ପାଠପଢ଼ା ବନ୍ଦ କରିଦେଲେ । କାରଣ ଝିଅଟି ପ୍ରତି ସାମାଜିକ ଆକ୍ରୋଶ ଏତେମାତ୍ରାରେ ବଢ଼ିବାକୁ ଲାଗିଲା ଯେ, କୌଣସି ପୋଲିସ୍ ବା ପ୍ରଶାସନ ତାଙ୍କୁ ସୁରକ୍ଷା ଦେଇପାରିବ ବୋଲି ତାଙ୍କର ଆସ୍ଥା ଆସିନଥିଲା । ତା'ପରେ ସେହି ପିତାଟି ଝିଅଟିର ବିକଶିତ ଓ ସମୃଦ୍ଧ ହେବାର ସବୁ ପଥକୁ ରୁଦ୍ଧ କରିଦେଇ ତାକୁ ଯଥାଶୀଘ୍ର ବିବାହ କରାଇ ନଦେଇ ଆଉ କ'ଣ ବା କରିପାରନ୍ତା ?

ଭାରତବର୍ଷରେ ହାରାହାରି ୫୦ ପ୍ରତିଶତ କିଶୋରୀଙ୍କର ଏହାହିଁ ଭାଗ୍ୟ । ଗରିବ ଘରେ ଭଲ ପାଠ ପଢୁଥିବା ଝିଅଟିକୁ ମଧ୍ୟ ପିତାମାତା ଉଚ୍ଚଶିକ୍ଷା ଲାଭ ପାଇଁ ଛାଡ଼ନ୍ତି ନାହିଁ। ବେଶୀ ପାଠ ପଢ଼ିଲେ ତା' ପାଇଁ ଅଧିକ ପାଠ ପଢ଼ିଥିବା ଜ୍ୱାଇଁ ଖୋଜିବାକୁ ପଡ଼ିବ ଓ ସେଥିପାଇଁ ଅଧିକ ଯୌତୁକ ଦେବାକୁ ପଡ଼ିବ- ଏହି ଆତଙ୍କ ଆଜି ମଧ୍ୟ ଭାରତବର୍ଷର ବହୁ ବାଳିକାଙ୍କର ଶିକ୍ଷାଦୀକ୍ଷାର ଦ୍ୱାରକୁ ରୁଦ୍ଧ କରି ରଖିଛି । ସମାଜର ଏକ ସଂଖ୍ୟାଗରିଷ୍ଠ ବର୍ଗର ଝିଅମାନଙ୍କୁ ଦାରିଦ୍ର୍ୟ ଓ ନିରାପତ୍ତାହୀନତା ଭିତରକୁ ଠେଲି ଦେଇଥିବାରୁ କୁମାରୀ ମାତୃତ୍ୱ, ଯୁବତୀ ଚାଲାଣ ଓ ଝିଅବିକ୍ରି ପରି ଲଜ୍ଜାକର ସମସ୍ୟାଗୁଡ଼ିକର ଯେପରି ସମସ୍ତ ଆଇନକାନୁନ ସତ୍ତ୍ୱେ ନିରାକରଣ କରାଯାଇ ପାରୁନାହିଁ, କୋମଳମତି କିଶୋରୀମାନଙ୍କୁ ସେହିପରି ଅପ୍ରାପ୍ତ ବୟସ୍କା ବେଳୁ ବିବାହର ବନ୍ଧନ ଭିତରକୁ ବାଟ କଢ଼େଇ ନେବାରେ କୌଣସି ନିଷେଧ କାର୍ଯ୍ୟ କରୁନାହିଁ ।

ଝିଅଟି ବି ଜଣେ ମାନବଶିଶୁ। ସଂସାରର ସବୁ ମଣିଷଙ୍କ ପରି ତା'ର ବି ପୂର୍ଣ୍ଣବିକଶିତ ହେବାର ଜନ୍ମଗତ ଅଧିକାର ଅଛି। ସେ ବି ଚାହେଁ, ସଂସାରର ଆଉ ପାଞ୍ଚଜଣଙ୍କ ପରି ସେ ବଢ଼ିଉଠିବ, ସଂସାରର ଭଲମନ୍ଦ ସମ୍ପର୍କରେ ଜ୍ଞାନ ଅର୍ଜନ କରିବ । ନିଜର ବ୍ୟକ୍ତିତ୍ୱକୁ ବିକଶିତ କରିବ। ଦେହ ମନରେ ପରିପକ୍ୱ ହେବା ପରେ ତା' ନିଜର ନୂଆ ସଂସାରଟିଏ ଗଢ଼ିବାକୁ ପାଦ ବଢ଼େଇବ। ସେତେବେଳେ ସିନା ସ୍ୱପ୍ନ ଆଉ ସରାଗର ଅଳତାରେ ରଙ୍ଗିନ ତା'ର ଆତ୍ମବିଶ୍ୱାସୀ ପାଦ ଦୁଇଟି ତାକୁ ମାଟି ଉପରେ ଦୃଢ଼ ହୋଇ ଠିଆହେବାର ଶକ୍ତି ଯୋଗାଇଦେବେ। ନହେଲେ ଗୋଟିଏ ଅନ୍ଧାରରୁ ଆଉ ଗୋଟିଏ ଅଜ୍ଞାତ-ଗହନ ଅନ୍ଧକାର ଭିତରକୁ ଗୋଡ଼ ବଢ଼େଇଲାବେଳେ କେତେ ଭୟ ଲାଗୁ ନଥିବ ତାକୁ ? ଅନଭିଜ୍ଞ ଛୋଟ ଛାତିଟି ତା'ର ଭୟରେ ଥରିଉଠୁଥିବ। ଯୌନସଙ୍ଗମ, ଗର୍ଭଧାରଣ, ସନ୍ତାନଜନ୍ମ ସମ୍ପର୍କରେ ସାମାନ୍ୟତମ ଧାରଣା ନଥାଇ ତାକୁ ଏହିସବୁ ପ୍ରକ୍ରିୟା ଭିତରେ ଯନ୍ତ୍ରଚାଳିତ ପରି ଗତି କରିବାକୁ ପଡୁଥିବ । ଏହି ଗତି କରିବା ଭିତରେ ତା'ର ଦେହ-ମନର କଷ୍ଟକୁ କେହି ବୁଝିପାରୁନଥିବେ । କାହାକୁ ସେ ବୁଝାଇ ପାରୁନଥିବ । କାରଣ ଏଗୁଡ଼ିକ ଯେ ପ୍ରତ୍ୟେକ ନାରୀଜୀବନର ଚିରାଚରିତ

Source: Author, Digitized by PPRACHIN, SOA

କର୍ତ୍ତବ୍ୟ । ଇଚ୍ଛା - ଅନିଚ୍ଛାର ପ୍ରଶ୍ନକୁ ପାଶୋରିଯାଇ ଏହିସବୁ କର୍ତ୍ତବ୍ୟ ପାଳନ କରୁ କରୁ ଯେତେବେଳେ ତା'ର ସବୁଠୁଁ ସୁନ୍ଦର ସମୟତକ ସରିଯାଉଥିବ, ସେତେବେଳେ ତା'ର ଜନ୍ମ ସମ୍ପର୍କରେ ଓ ଅଧିକାର ସମ୍ପର୍କରେ ସମଗ୍ର ମଣିଷଜାତିକୁ ଓ ଈଶ୍ୱରଙ୍କୁ ଯେ ପ୍ରଶ୍ନଟିଏ ପଚାରିବାର ଅଛି, ତାହା ସେ ପୁରାପୁରି ଭୁଲିଯାଇଥିବ ।

ଏକବିଂଶ ଶତାବ୍ଦୀର ନାରୀଜାଗରଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମସ୍ତ ସଫଳତା ଓ ନାରୀମାନଙ୍କ ସପକ୍ଷରେ ଯାବତୀୟ ଆଇନକାନୁନର ପ୍ରୟୋଗ ସତ୍ତ୍ୱେ ଆମ ସମାଜ ଯେଉଁ ତିମିରେକୁ ସେହି ତିମିରେ ରହିଛି । ନାରୀର ନିଜସ୍ୱ ପରିଚୟ ତା'ର ଆତ୍ମସମ୍ମାନ ଅପେକ୍ଷା ଏକ ପୁରୁଷକୈନ୍ଦ୍ରିକ ସମାଜରେ ବାପା, ଭାଇ, ସ୍ୱାମୀର ପରିଚୟ ଓ ସମ୍ମାନ ଆଜି ମଧ୍ୟ ନାରୀ ନିମନ୍ତେ ଅଧିକ ଶକ୍ତିଶାଳୀ ହୋଇ ରହିଛି । ନାରୀ ଗୋଟିଏ ମଣିଷ ନହୋଇ ଗୋଟିଏ ବସ୍ତୁ ଭାବରେ ବ୍ୟବହୃତ ହେବାର ବିଧି ଆଜିବି ସମାଜରୁ ଉଚ୍ଛେଦ ହୋଇନାହିଁ । ପୁରୁଷର ଅହଂକାର ଓ ଉପଭୋଗ ସହିତ ତାଳଦେଇ ନାରୀର ହୀନମନ୍ୟତା ଓ ଆତଙ୍କ ତେଣୁ ବହୁଗୁଣିତ ହେବାରେ ଲାଗିଛି । ଯେଉଁଠି ଜନସଂଖ୍ୟାର ଅର୍ଦ୍ଧଭାଗ ମଣିଷ ଅନ୍ଧାର ଓ ଅସହାୟତା ଭିତରେ କାଳ କାଟନ୍ତି, ସେଠି ଅନ୍ୟ ସମସ୍ତ ସମୃଦ୍ଧିକୁ କେବଳ ବାହ୍ୟ ସାମାଜିକ ସମୃଦ୍ଧି ବ୍ୟତୀତ ଆଉ କ'ଣ କୁହାଯିବ ? ଯେପରି ଅନ୍ତର ବିକଶିତ ନହେଲେ ଅତ୍ୟନ୍ତ ବିତ୍ତଶାଳୀ ମଣିଷଟି ଅଧିକରୁ ଅଧିକ ଅନ୍ୟର ପୀଡ଼ାର କାରଣ ହୋଇଥାଏ, ସେହିପରି ଏକ ବିକଶିତ ସମାଜରେ କିଶୋରୀ କନ୍ୟାର ବିକାଶର ପଥ ରୁଦ୍ଧ ହୋଇଗଲେ ସମାଜ ନିଜେ ନିଜେ ହିଁ ନିଜ ଭବିଷ୍ୟତ ପାଇଁ ଏକ ଅନ୍ଧାରି ସଭ୍ୟତାକୁ ଡାକି ଆଣିଥାଏ ।

○

Source: Author, Digitized by PPRACHIN, SOA

ନାରୀ ଆତ୍ମଜାଗରଣ ମଶାଲ୍ କେଉଁଠି ?

ଗତ ମାର୍ଚ୍ଚ ୮ ତାରିଖରେ ସାରା ବିଶ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ଖୁବ୍ ସମାରୋହରେ ପାଳିତ ହୋଇଯାଇଛି । ଆମ ରାଜଧାନୀ ଭୁବନେଶ୍ୱରରେ ଏହି ଉପଲକ୍ଷେ ଆୟୋଜିତ ହୋଇଥିବା ଏକ ମହିଳା ଶୋଭାଯାତ୍ରାର ଦୃଶ୍ୟ ଟି.ଭିରେ ପ୍ରଦର୍ଶିତ ହେଉଥିଲା । ନାରୀଜାଗରଣର ବଡ଼ ବଡ଼ ବ୍ୟାନର ଶୋଭାଯାତ୍ରା ଆଗରେ ପୁରୁଷମାନେ ଧରି ଚାଲିଥିଲେ । ପଛରେ ମୁଣ୍ଡରେ ଟୋପି ଓ ଶାଢ଼ୀ ଉପରେ ଟି-ସାର୍ଟ ଗଳେଇ କିଛି ମହିଳା ଧୀରେସୁସ୍ଥେ ସ୍ଲୋଗାନଦେଇ ଦେଇ ଚାଲିଥିଲେ । ସଭା ହେଲା ଓ ମହିଳାମାନେ ଆଗକୁ ହାତ ଲମ୍ୱେଇ ନିଜକୁ ଜାଗ୍ରତ କରିବାର ଶପଥ ନେଲେ ।

ଅନ୍ୟ ଏକ ସ୍ଥାନରେ ଚଳଚ୍ଚିତ୍ର ତାରକାମାନେ ହାତରେ ପ୍ଲାକାର୍ଡ୍ ଧରି ମହିଳାମାନଙ୍କୁ ଜାଗ୍ରତ ହେବାକୁ ଉତ୍ପ୍ରେରିତ କରୁଥିଲେ । ପ୍ରାୟ ପ୍ରତ୍ୟେକ ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସରକାରଙ୍କ ସହାୟତାରେ ଏପରି ଚିତ୍ତାକର୍ଷକ ନାରୀ-ଜାଗରଣ-ସମାରୋହମାନ ଆୟୋଜିତ ହୋଇଥିଲା । ମୁଁ ନିଜେ ଜଣେ ମହିଳା ହୋଇଥିବାରୁ ଏସବୁ ସମାରୋହ ମତେ ଜାଗ୍ରତ କରିପାରୁଛି କି ନାହିଁ, ମୁଁ ନିଜକୁ ନିଜେ ପ୍ରଶ୍ନ କରୁଥିଲି । କାରଣ କେନ୍ଦ୍ରାପଡ଼ା ସହରରେ ଆୟୋଜିତ ହେବାକୁ ଥିବା ଏହିପରି ଏକ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେବା ପାଇଁ ଏକ ନିମନ୍ତ୍ରଣକୁ ମୁଁ ସବିନୟରେ ଏଡ଼ାଇ ଯାଇଥିଲି । ତା'ହେଲେ କ'ଣ ଜଣେ ମହିଳା ଭାବରେ ଜାଗ୍ରତ ହେବାର ସାର୍ମଥ୍ୟ ମୁଁ ହରାଇ ବସିଲିଣି ? ନା ନାରୀ-ଜାଗରଣର ଏହି ବର୍ଣ୍ଣାଢ୍ୟ ବିପୁଳ ଆୟୋଜନ ଉପରୁ ମୁଁ କ୍ରମଶଃ ଆସ୍ଥା ହରାଇ ବସୁଛି ?

ପ୍ରଥମଟି ସତ୍ୟ ହୋଇଥିଲେ ମୋ ନିଜର କିମ୍ୱା କାହାରି କିଛି ବ୍ୟସ୍ତବିବ୍ରତ ହେବାର ନାହିଁ। କାରଣ ଜଣଙ୍କର ବ୍ୟକ୍ତିଗତ ଅସାମର୍ଥ୍ୟ ସମାଜରେ ବିଶେଷ କିଛି କ୍ଷତିକାରକ ନୁହେଁ। ମୁଁ ଅସମର୍ଥ ହେଲେ ଆହୁରି ଦଶଜଣ ସମର୍ଥ ମହିଳା ବାହାରିପଡ଼ିବେ। ନାରୀଜାତି ଆଗେଇ ଯିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେବନାହିଁ। କିନ୍ତୁ ଯଦି ଦ୍ୱିତୀୟ କାରଣଟି ସତ୍ୟ ହୁଏ, ତେବେ ତାହା ଅତ୍ୟନ୍ତ ସାଂଘାତିକ । ନିଜକୁ ଜଣେ ନାରୀ ଭାବରେ ସ୍ୱୀକାର କରୁଥିବା ନାରୀଟି ଯଦି ନାରୀ ଜାଗରଣମୂଳକ ଆନ୍ଦୋଳନ

Source: Author, Digitized by PPRACHIN, SOA

ଉପରୁ ଆସ୍ଥା ହରେଇବସେ ଏବଂ ତାକୁ ଏକ ଚିରାଚରିତ କାର୍ଯ୍ୟକ୍ରମ ତଥା ସମାଜସେବା ଓ ରାଜନୀତିକୁ କ୍ୟାରିୟର କରି ଯଶ-କ୍ଷମତା-ଅର୍ଥର ଅଧିକାରୀ ହେବାକୁ ଉଦ୍ୟମ କରୁଥିବା କେତେକ ଚାଲାକ୍ ଲୋକଙ୍କର ଚାଲ୍‌ବାଜି ବୋଲି ଭାବିନିଏ, ତେବେ ତାହା ବାସ୍ତବ ନାରୀଜାଗରଣ ପାଇଁ ମାରାତ୍ମକ ପ୍ରତିବନ୍ଧକ ହୋଇ ଦଣ୍ଡାୟମାନ ବୋଲି ବୁଝିବାକୁ ହେବ ।

ପୁନଶ୍ଚ ରାଜନୈତିକ ର୍‌ୟାଲିକୁ ଦିନକର ମଜୁରି ନେଇ ଭାତ-ଡାଲମା ଖାଇବାକୁ ଆସିଥିବା ଲୋକମାନଙ୍କ ପରି ଶୋଭାଯାତ୍ରାରେ ଚାଲିବା ଯଦି ଗରିବ ସ୍ତ୍ରୀ ଲୋକମାନଙ୍କର ମୂଳମଜୁରିର ପ୍ରଶ୍ନ ହୋଇଯାଏ ତଥା ସେହି କୌଶଳରେ ଯଦି ତଥାକଥିତ ନେତ୍ରୀ ସମାଜସେବୀମାନେ ନିଜ ନିଜର ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରନ୍ତି, ତେବେ ଆହୁରି ଭୟଙ୍କର ପରସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥାଏ ।

କଥାଟିକୁ ବୁଝାଇ କହିବା ଆଗରୁ ମୁଁ ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟର ନାରୀଜାଗରଣର ପ୍ରସଙ୍ଗଟି ଉତ୍‌ଥାପନ କରିବି । ଯଦିଓ ମୋର ଜନ୍ମ ସ୍ୱାଧୀନତାର ପାଞ୍ଚବର୍ଷ ପରେ, କିନ୍ତୁ ମୋର ବାପା ବୋଉ, ବଡ଼ବାପା ଓ ପରିବାରର ଅନ୍ୟମାନେ ସର୍ବୋଦୟ କର୍ମୀ ହୋଇଥିବାରୁ ପିଲାଦିନୁଁ ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ ଓ ସର୍ବୋଦୟ ପରିବାର ସହିତ ମୁଁ ଖୁବ୍ ଭଲ ଭାବରେ ମିଶିଥିଲି । ବିଶେଷତଃ ମୋ ବୋଉ ନିର୍ମଳା ଦେବୀ କସ୍ତୁରବା ଟ୍ରଷ୍ଟ ଦ୍ୱାରା ପରିଚାଳିତ ବରୀର ସେବାଘର ଓ ସତ୍ୟଭାମାପୁରର ମାତୃମଙ୍ଗଳ କେନ୍ଦ୍ର ଦୁଇଟିର ପ୍ରଥମ ପରିଚାଳିକା ନିଯୁକ୍ତ ହୋଇଥିବାରୁ ସମାଜସେବୀ ଓ ସଙ୍ଗଠନ ସହିତ ସେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିଲା । ପିଲାଦିନୁଁ ମୋର ଅନିନ୍ଦ୍ୟ ସୁନ୍ଦରୀ ଜନନୀର ନିରାଭରଣା, ଧଳା ଖଦଡ଼ ଶାଢ଼ୀଟିରେ ଆବୃତା ତେଜସ୍ୱିନୀ ରୂପ ମୁଁ ଦେଖିଆସିଛି ।

ସତ୍ୟଭାମାପୁରର ଆବାଳବୃଦ୍ଧବନିତା ସେଇ ୨୨/୨୩ ବର୍ଷର ତରୁଣୀକୁ ସମ୍ଭ୍ରମରେ ଅପା ବୋଲି ଡାକିବାର ଶୁଣିଆସିଛି । ସାଇକେଲ୍‌ଟି ଚଢ଼ି ଏକୁଟିଆ ଗାଁ ଗାଁ ବୁଲି ରୋଗୀ ଓ ପ୍ରସୂତିମାନଙ୍କର ସେ ସେବାଶୁଶ୍ରୂଷା କରେ । ରାତିଅଧରେ ଆସି ଲୋକ ଅପା ଅପା ବୋଲି ଡାକନ୍ତି । ଔଷଧ ଓ ଅନ୍ୟାନ୍ୟ ଉପକରଣ ଥିବା ବ୍ୟାଗଟି ଧରି ସେ ବାହାରିପଡ଼େ । ସତ୍ୟଭାମାପୁରର ଉତ୍କଳଗୌରବ ମଧୁବାବୁଙ୍କ ବିରାଟ ପୈତୃକ ବାସଗୃହରେ ମୋ ପରି ୪/୫ ବର୍ଷର କୁନିଝିଅଟିକୁ ନେଇ ବୋଉ ଏକୁଟିଆ ଥାଏ । ଅସୁରକ୍ଷାର ଭୟ ଦିନେହେଲେ ତା' ମନରେ ସୃଷ୍ଟି ହୋଇଥିବାର ମୁଁ ଅନୁଭବ କରିନାହିଁ । ବଡ଼ ହେଲାପରେ କେବେ କେବେ ତାକୁ ପ୍ରଶ୍ନ କରିଛି – "ବୋଉ ! ତତେ ରାତିରେ

Source: Author, Digitized by PPRACHIN, SOA

ଏକୁଟିଆ କାମ କରିବାପାଇଁ ବାହାରଯିବାକୁ ଡର ମାଡ଼େ ନାହିଁ ?'' ବୋଉ ଉତ୍ତର ଦିଏ - ''ବାପା (ଗୋପବାବୁ) କହୁଥିଲେ, ନିଜକୁ ବାହାରେ ଓ ଭିତରେ ଏପରି ଶକ୍ତିମତୀ ଓ ସାହସୀ କରି ତିଆରି କରିବ ଯେ କେହି ସହଜରେ ତମକୁ କିଛି କହିବାକୁ ସାହସ କରିବେ ନାହିଁ ।''

୧୯୮୫-୮୬ ମସିହାରେ କଲିକତାର ନ୍ୟାସନାଲ ଲାଇବ୍ରେରୀରେ ମୋର ଗବେଷଣା ପାଇଁ ପଢ଼ାପଢ଼ି କରୁଥିବାବେଳେ ଜୟ ବୋଲି ୩୦/୩୧ ବର୍ଷର ଝିଅଟିଏ ମୋର ଖୁବ୍ ସାଙ୍ଗ ହୋଇଯାଇଥିଲା ଓ ନାରୀବାଦ ସମ୍ପର୍କୀୟ ଗବେଷଣାରେ ସେ ମତେ ପଢ଼ାପଢ଼ିରେ ବେଶ୍ ସାହାଯ୍ୟ କରିଥିଲା । ଲଣ୍ଡନର ସେଇ ଝିଅଟି ୧୭ ବର୍ଷ ବୟସରୁ ଲୋକମାନଙ୍କର ସେବା କରିବା ପାଇଁ ସ୍ଥିର କରି ଘର ଓ ଦେଶ ଛାଡ଼ି ଦେଇଥିଲା, ତଥା ପୃଥିବୀର ବିଭିନ୍ନ ଦେଶ ବୁଲାବୁଲି କଲାପରେ ପ୍ରାୟ ୩/୪ ବର୍ଷ ହେବ କଲିକତାକୁ ନିଜର କର୍ମକ୍ଷେତ୍ର ଭାବରେ ବାଛି ନେଇଥିଲା । ପ୍ରଥମେ ସେ ଆସି ଫୁଟ୍‌ପାଥରେ ହିଁ ରହିଥିଲା ଓ ଏବେ ପ୍ରସୂତି ସ୍ତ୍ରୀ ରୋଗ ସମ୍ପର୍କରେ ହୋମିଓପ୍ୟାଥିରେ ଏମ୍‌ବିବିଏସ୍ ପି.ଜି. କରି ଫୁଟ୍‌ପାଥ୍‌ର ସ୍ତ୍ରୀ ଲୋକମାନଙ୍କର ସେବା କରୁଛି । ମୁଁ ତା' ସାଙ୍ଗରେ ତା'ର ତାଲା ପଡୁନଥିବା ବଖୁରିକିଆ ଭଡ଼ାଘରକୁ ଅନେକ ଥର ଯାଇଛି । କାନ୍ଥରେ କଣ୍ଟାପିଟା ହୋଇ ୨/୩ ହଳ ପ୍ୟାଣ୍ଟ ଓ ଅଧାହାତ ସାର୍ଟ ଝୁଲୁଥାଏ । ତକ୍ତପୋଷ ଉପରେ ଖଣ୍ଡେ ସପ, ତକିଆ ଓ କମ୍ବଳ- ତା'ର ସର୍ବମୋଟ ଆସବାବପତ୍ର । ଯଦି କେବେ କେହି କିଛି ପଇସା ଦିଏ, ପ୍ୟାଣ୍ଟ ପକେଟ୍‌ରେ ରଖିଦିଏ । ସେଇ ତା'ର ବ୍ୟାଙ୍କ ।

ଝିଅଟି ଦେଖିବାକୁ ପ୍ରାୟ ପାଞ୍ଚଫୁଟ ଆଠଇଞ୍ଚ ଡେଙ୍ଗା, ଖୁବ୍ ସୁନ୍ଦରୀ । ମୁଁ ତାକୁ ସେଇ ଏକା ପ୍ରଶ୍ନ ପଚାରିଥିଲି - ''ତତେ ଏକୁଟିଆ ଏ ସହରରେ ରାତିରେ ଘୁରି ବୁଲିବାକୁ ଡର ମାଡ଼େନି ?'' ସେ ଉତ୍ତର ଦେଇଥିଲା - ''ଏକଦମ୍ ପ୍ରଥମେ ପ୍ରଥମେ କିଛି ଲୋକ ଅସତ୍ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ । ମୁଁ ଖୁବ୍ ପାଟିତୁଣ୍ଡ କରେ ଓ ଅନ୍ୟମାନଙ୍କୁ ଡାକେ । ଲୋକ ଜମା ହୋଇଗଲେ ବିପଦ ଟଳିଯାଏ । ମୁଁ ପୁଣି ସେହି ଏରିଆର ଲୋକମାନଙ୍କର ଦେହପା'ର ଚିକିତ୍ସା କରେ । ମୋ ମନୋବୃତ୍ତି ବୁଝିଲା ପରେ ଲୋକେ ସ୍ୱାଭାବିକ ଭାବରେ ମୋତେ ଆପଣାର କରିନିଅନ୍ତି ଓ ସୁରକ୍ଷା ସମସ୍ୟାର ଆପେ ଆପେ ସମାଧାନ ହୋଇଯାଏ ।''

ମୋ ବୋଉର ଏବଂ ଜୟର ଜୀବନଚର୍ଯ୍ୟା ନାରୀର ଆତ୍ମବିଶ୍ୱାସର ଅପୂର୍ବ ନିଦର୍ଶନ ମୋ ଆଗରେ ରଖିଥିଲା । ସେ ଧରଣର ଆତ୍ମବିଶ୍ୱାସ, ସାହସ ଓ ସମ୍ବେଦନଶୀଳତା ଆଜିର ତଥାକଥିତ ନାରୀଜାଗରଣର ବାହ୍ୟ ଆଡ଼ମ୍ବରରେ କ'ଣ

Source: Author, Digitized by PPRACHIN, SOA

ସତରେ ପରିଲକ୍ଷିତ ହେଉଛି ? ଏସବୁ ଆଡ଼ମ୍ବର ଦେଖିଲେ ମନେହେଉଛି ଯେ ଗଣମାଧ୍ୟମମାନଙ୍କରେ ପ୍ରକାଶିତ ହେବାକୁ ଏସବୁ ଯେପରି ଏକ ନିଖୁଣ ଗଣଅଭିନୟ । ସେ ନେତ୍ରୀ ହୁଅନ୍ତୁ ବା ସମାଜସେବୀ, ଧର୍ମପ୍ରଚାରିକା ହୁଅନ୍ତୁ ବା ଅଭିନେତ୍ରୀ- ସ୍ତ୍ରୀ ଲୋକଙ୍କ ବିକାଶ ପାଇଁ ପ୍ରକୃତ ଆନ୍ତରିକତା ସ୍ଥାନରେ ନିଜର କ୍ୟାରିୟର ଓ ପ୍ରଚାର ପ୍ରସାର ପାଇଁ ଏମାନେ ବିଜ୍ଞାପନ ଓ ପ୍ରତିଯୋଗିତାରେ ମାତିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ବିଭିନ୍ନ ପୁରସ୍କାର, ସମ୍ମାନ, ସ୍ୱୀକୃତିକୁ ଏମାନେ ନାରୀମାନଙ୍କ ପାଇଁ କାମ କରିବାର୍ ମାପକାଠି ବୋଲି ମନେ କରୁଛନ୍ତି । ବିଜ୍ଞାପନର ମୋହ ଏତେ ଚଢ଼ିଯାଇଛି ଯେ, ନିର୍ଯାତିତା ନାରୀଟିର ଦୁଃଖ ଯେତିକି ଦୂର ନହେଉଛି, ବିଭିନ୍ନ ଗଣମାଧ୍ୟମରେ ତା'ର ବିଜ୍ଞାପନ ତା'ଠାରୁ ଅଧିକ ବଳିପଡୁଛି । ବେଡ଼ିଆ ଜାତିର ସ୍ତ୍ରୀ ଲୋକ ବିକାକିଣା ତଥା ସାମ୍ବାଦିକର ଭୂମିକାକୁ ନେଇ ହୋଇଥିବା ଦୀପ୍ତି ନାଭାଲ ଓ ଶାବାନା ଆଜ୍‌ମୀ ଅଭିନୀତ ପ୍ରସିଦ୍ଧ ଚଳଚ୍ଚିତ୍ର 'କମଲା' ଏହି ପ୍ରବଞ୍ଚନାପୂର୍ଣ୍ଣ ପ୍ରଚାର-ପ୍ରସାର ଓ ବିଜ୍ଞାପନପ୍ରବଣତାର ଏକ କରୁଣ ଓ ନଗ୍ନ ଉଦାହରଣ ।

କୌଣସି ଜାଗୃତି ବିଜ୍ଞାପନ କିମ୍ବା ଆତ୍ମସ୍ୱାର୍ଥସାଧନର ଅପେକ୍ଷା ରଖେନାହିଁ । ଆତ୍ମବିଶ୍ୱାସ ହିଁ ଜାଗୃତିର ପ୍ରଥମ ମନ୍ତ୍ରଉଚ୍ଚାରଣ । ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମାଗାନ୍ଧୀ ନାରୀମାନଙ୍କୁ ଏହି ଆତ୍ମବିଶ୍ୱାସର ମନ୍ତ୍ରରେ ଦୀକ୍ଷିତ କରିଥିଲେ । ଜାଗୃତି ଏବଂ ଶକ୍ତି ନାରୀବ୍ୟକ୍ତିତ୍ୱର ଏକ ମହତ୍ ଦିଗ-ଏକ ଗୁଣ ବୋଲି ନାରୀମାନଙ୍କ ମନରେ ସେ ଧାରଣା ସୃଷ୍ଟି କରିଥିଲେ । ଫଳରେ ଛାଏଁ ଛାଏଁ ନାରୀମାନଙ୍କ ମନରେ ଆତ୍ମଜାଗରଣର ଏକ ବଳିଷ୍ଠ ଚେତନା ବିକଶିତ ହୋଇପାରିଥିଲା । କିନ୍ତୁ ଆଜିର ଏହି ଆତ୍ମସ୍ତୁତି ଓ ଆତ୍ମପ୍ରଚାରର ଯୁଗରେ ଆତ୍ମଜାଗରଣର ସେହି ପ୍ରଜ୍ୱଳିତ ମଶାଲଟି ଲିଭିଯାଇଛି । ଆତ୍ମସ୍ୱାର୍ଥସାଧନର ପ୍ରହେଳିକାମୟ ଅନ୍ଧାର ଭିତରେ ବୁଡ଼ି ବୁଡ଼ି ଯାଉଛି ନାରୀର ସ୍ଥିତି । ସବୁ ଥାଇ କିଛି ନଥିଲା ପରି – ଏକବିଂଶ ଶତାବ୍ଦୀରେ ନାରୀ ନିର୍ଯାତନାର ହାର କେବଳ ବଢ଼ି ବଢ଼ି ଚାଲିଛି ।

O

Source: Author, Digitized by PPRACHIN, SOA

ନାରୀକୁ ଅଧିକ ଈର୍ଷା କରେ ପୁରୁଷ

ବଡ଼ ବଡ଼ ଲୋକେ କହିଛନ୍ତି - ''ନାରୀର ଅନ୍ୟନାମ କାଳେ ଈର୍ଷା ।'' ଈର୍ଷାର ନୀଳନିଆଁରେ ନାରୀ ଯେପରି ଜଳେ ଓ ଜଳାଏ, ପୁରୁଷ ସେପରି କରିପାରେ ନାହିଁ । ବିଶେଷତଃ ନିଜର ମନର ମଣିଷ ସହିତ ଅନ୍ୟ ନାରୀର ସମ୍ପର୍କକୁ ନାରୀ କେବେହେଲେ ସହ୍ୟ କରିପାରେ ନାହିଁ । ଈର୍ଷାର ନିଆଁ ତାକୁ ଏପରି ପ୍ରଜ୍ୱଳିତ କରିଦିଏ ଯେ, ଅନ୍ୟର ଜୀବନରେ ନିଆଁ ଲଗେଇଦେବାକୁ ସେ ତିଳେମାତ୍ର କୁଣ୍ଠା ପ୍ରକାଶ କରେ ନାହିଁ । ପୁରୁଷକୁ କେନ୍ଦ୍ରକରି ନାରୀର ଈର୍ଷା ଯେତିକି ପ୍ରବଳ, ଅନ୍ୟ ଜଣେ ନାରୀର ସୁଖସମୃଦ୍ଧି ଦେଖିଲେ ତା'ର ଈର୍ଷା ତା'ଠାରୁ କମ୍ ପ୍ରବଳ ନୁହେଁ । ଅନ୍ୟ ଜଣେ ନାରୀର ଶାଢ଼ୀ, ଗହଣା, କୋଠା, ଗାଡ଼ି କିମ୍ବା ପିଲାମାନଙ୍କର ଉନ୍ନତି ମଧ୍ୟ ନାରୀ ଭିତରେ ଈର୍ଷା ଉଦ୍ରେକ କରେ । ଯଦି ସେ ଈର୍ଷା ଅପରର କ୍ଷତି କରିପାରେ ତ' କରେ । କିନ୍ତୁ ଅଧିକାଂଶ ସମୟରେ ତାହା ଅନ୍ୟର କ୍ଷତି ନକରି ଈର୍ଷା କରୁଥିବା ବ୍ୟକ୍ତିଟିକୁ ଅଧିକ କ୍ଷତିରେ ପକାଇଥାଏ । ଈର୍ଷା ଓ ହୀନମନ୍ୟତାରେ ଘାରି ହେଉଥିବା ନାରୀଟି ଅକାରଣରେ ପଡ଼ୋଶିନୀର କୁତ୍ସାରଟନା କରେ । ଈର୍ଷାରେ ଜଳି ଜଳି ନିଜେ ମାନସିକ ଅବସାଦଗ୍ରସ୍ତ ହୁଏ । ନିଜର ସ୍ୱାମୀ ଓ ସନ୍ତାନମାନେ ପଡ଼ୋଶିନୀର ପରିବାର ପରି ତା'ର ମନକଥା ବୁଝୁନାହାନ୍ତି ବୋଲି ଭିତରେ ଭିତରେ ଘାରି ହୁଏ । ସ୍ୱାମୀମାନଙ୍କୁ ଦୁର୍ନୀତିଗ୍ରସ୍ତ ହେବାକୁ ଉତ୍ସାହିତ କରିବା ତଥା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରି ଅନ୍ୟମାନଙ୍କ ଆଗରେ ବଡ଼ଲୋକି ଦେଖାଇହେବା ମୂଳରେ ନାରୀମାନଙ୍କର ପରସ୍ପର ପ୍ରତି ଈର୍ଷା ହିଁ ଅଧିକାଂଶ ସ୍ଥାନରେ ଉତ୍ପ୍ରେରକ ହୋଇଯାଏ। ସେତେବେଳେ ଅହରହ ଅନ୍ୟର ସୁଖ ଦେଖିପାରୁନଥିବାର ଯନ୍ତ୍ରଣାରେ ପୀଡ଼ିତ ହେଉଥିବା ନାରୀଟି ହୁଏତ ପାଗଳ ହୋଇଯାଏ ନତୁବା ଆତ୍ମହତ୍ୟା କରେ ।

ନାରୀର ନାରୀ ପ୍ରତି ଈର୍ଷା କେବଳ ପଡ଼ୋଶିନୀ କିମ୍ବା କୁଟୁମ୍ବ ଭିତରେ ସୀମାବଦ୍ଧ ନଥାଏ । ନିଜ ପରିବାର ଭିତରେ ଶାଶୁ ମନରେ ବୋହୂ ପ୍ରତି ଈର୍ଷାଭାବ ଜାଗ୍ରତ ହେବା ମଧ୍ୟ ଏକ ସାଧାରଣ ଘଟଣା । ଅନେକ ସମୟରେ ପୁଅ ବାହାହୋଇ ଘରକୁ ବୋହୂ ଆଣିବା ପରେ ମା' ନୂଆବୋହୂଟି ପ୍ରତି ପୁଅର ଅନୁରାଗକୁ ସହିପାରେ ନାହିଁ । ଈର୍ଷାନ୍ୱିତା ହୁଏ ଓ ବୋହୂ ଉପରେ ଶାଶୁର ନିଷ୍ଠୁର ପଣର ଅନ୍ୟତମ କାରଣ ଭାବରେ ଏହି ପ୍ରଚ୍ଛନ୍ନ ଈର୍ଷା ହିଁ କାର୍ଯ୍ୟ କରିଥାଏ ।

କିନ୍ତୁ ନାରୀମନରେ ଈର୍ଷାର ଏହି ଭିନ୍ନ ଭିନ୍ନ ସ୍ୱରୂପ ନିର୍ଦ୍ଧାରଣ କରିବା ମୋର ଆଲୋଚନାର ଉଦ୍ଦେଶ୍ୟ ନୁହେଁ । ମାନବଜୀବନର ସମସ୍ତ ମହତ୍ତର ଲକ୍ଷ୍ୟରୁ ବଞ୍ଚିତା

Source: Author, Digitized by PPRACHIN, SOA

ହୋଇ ନାରୀ ଯେଉଁଦିନଠାରୁ ଘରକୋଣର ବଦ୍ଧଜୀବ ହୋଇ କାଳାତିପାତ କରିବା ଆରମ୍ଭ କଲା, ସେବେଠାରୁଁ ସଂକୀର୍ଣ୍ଣମନ୍ୟତା, ଅସୂୟା ଓ ଈର୍ଷା ତା'ର ଚରିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଗଲା। ପୁରୁଷସମାଜ ନାରୀର ଏହି ନୀଳ ଭୂମିକାଟି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ତାକୁ ବିଭିନ୍ନ ସାମାଜିକ ଦୁର୍ଘଟଣା ପ୍ରତି ଦାୟୀ କରିବାକୁ ଲାଗିଲେ। ମନ୍ଥରା... କୈକେୟୀଙ୍କ ପରି ଚରିତ୍ରମାନେ ଏହି ହୀନଭାବନାଜନିତ କ୍ରୁରତାର ଉଦାହରଣ ହୋଇ ଉଭା ହେଲେ। ଅନ୍ଧାର ଆରପଟେ ଆଲୋକର ସ୍ଥିତି ପରି ନାରୀର ଈର୍ଷା ଓ ହୀନମନ୍ୟତାର ଅପରହାର୍ଯ୍ୟ ବିପରୀତ ଦିଗ ଭାବରେ ପୁରୁଷର ଉଦାରତା କଥା କହିବାକୁ ସଭିଏଁ ଶତମୁଖ ହୋଇପଡ଼ିଲେ। କିନ୍ତୁ ପୁରୁଷର ମନରେ ଯେ ନାରୀ ପ୍ରତି କିପରି ଈର୍ଷାର ଏକ ଧ୍ୱଂସାତ୍ମକ ମାନସିକତା ରହିଛି, ତାହା ବିଶେଷଭାବରେ ଜଣାପଡ଼ିଲା ନାହିଁ।

ନିକଟରେ ପ୍ରସିଦ୍ଧ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କର ବିବାହ ପରର ଅଭିନୟ ସମ୍ପର୍କରେ ତାଙ୍କର ଭାବୀଶାଶୁ ଜୟା ବଚ୍ଚନଙ୍କ ଏକ ମତାମତ ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେକରୁଛି । ଏକଦା ଜଣେ ପ୍ରତିଭାମୟୀ ଅଭିନେତ୍ରୀ ଥିବା ଜୟା କହିଛନ୍ତି ଯେ, "ଯଦି ଐଶ୍ୱର୍ଯ୍ୟା ଅଭିଷେକଙ୍କଠାରୁ ଭଲ ଅଭିନୟ କରିବେ, ତେବେ ସେମାନଙ୍କ ଜୀବନରେ ସମସ୍ୟା ଆସିପାରେ ।" ଏଇ ପଦକ ମନ୍ତବ୍ୟ ସୂଚେଇ ଦେଉଛି ଯେ, ନାରୀର ଦୁର୍ଗୁଣକୁ ତ' ପୁରୁଷ ସହ୍ୟ କରିପାରେ - ସମାଲୋଚନା କରି, ନିଜକୁ ତା'ଠାରୁ ଶ୍ରେଷ୍ଠ ସାବ୍ୟସ୍ତ କରି ଆନନ୍ଦିତ ହୋଇପାରେ, କିନ୍ତୁ ନାରୀର ପ୍ରତିଭା ଓ ଦକ୍ଷତାକୁ ପୁରୁଷ ଖୁବ୍ ଈର୍ଷା କରେ । କୌଣସି କ୍ଷେତ୍ରରେ ନାରୀ ଆଗେଇଯିବାକୁ ପୁରୁଷ ସାଧାରଣତଃ ସହ୍ୟ କରିପାରେନାହିଁ । ସ୍ୱାମୀ-ସ୍ତ୍ରୀଙ୍କ ସମାନ କାର୍ଯ୍ୟକ୍ଷେତ୍ର ହୋଇଥିଲେହେଁ ସ୍ୱାମୀ ସ୍ତ୍ରୀକୁ ସବୁବେଳେ ନ୍ୟୂନ ସ୍ତରରେ ଦେଖିବାକୁ ପସନ୍ଦ କରେ । ଅଥଚ ପୁରୁଷର ଏହି ଅଭାବିତ ଈର୍ଷାକୁ ନାରୀ ସମ୍ମାନ ଦିଏ । କାଳେ ସ୍ୱାମୀ ହୀନଭାବନାରେ ପୀଡ଼ିତ ହେବେ, ସେଥିପାଇଁ ସେ ଜାଣିଶୁଣି ନିଜକୁ ଟିକିଏ ଊଣାକରି ରଖିବାକୁ ଉଦ୍ୟମ କରେ । ଯଦି କେଉଁଠି ତାହା ହୋଇନପାରେ, ତେବେ ଈର୍ଷା ଓ ଅହଂକାରର ଦ୍ୱନ୍ଦ୍ୱଯୁଦ୍ଧରେ ନାରୀଟି ହିଁ ସବୁଠୁଁ ବେଶୀ କ୍ଷତିଗ୍ରସ୍ତ ହୁଏ । ପ୍ରତିଭାମୟୀ 'ଜୟା' ଅଭିନୟରୁ ଓହରିଯାଇ ସ୍ୱାମୀଙ୍କର ସଂସାର ସଜାଡ଼ି ରଖିବାବେଳେ ହୁଏତ ସେହି ବ୍ୟଥା ଅନୁଭବ କରିଛନ୍ତି - ନହେଲେ, ସେ ଆଜି ଏପରି ମନ୍ତବ୍ୟ ଦେଇନଥା'ନ୍ତେ ।

ନାରୀର ନାରୀ ପ୍ରତି ଈର୍ଷା ସମାଜର ଯେତିକି କ୍ଷତି କରେ ନାହିଁ, ପୁରୁଷର ନାରୀ ପ୍ରତି ଈର୍ଷା ତା'ଠାରୁ କୋଟିଗୁଣ ଅଧିକ ସମାଜର କ୍ଷତି କରେ । ଏହା ନାରୀକୁ କେବେହେଲେ ପୂର୍ଣ୍ଣ ବିକଶିତ ହେବାକୁ ଦିଏ ନାହିଁ । ନାରୀର ଗତିପଥରେ ନାନା ପ୍ରଚ୍ଛନ୍ନ ଓ ପରୋକ୍ଷ ପ୍ରତିରୋଧ ଠିଆ କରେ । ଅଥଚ ନାରୀ ଏହାକୁ ସଂସାରର ନିୟମ ବୋଲି ଗ୍ରହଣ କରିନିଏ । ଏହାଠାରୁ ବିଡ଼ମ୍ବନା ଆଉ କ'ଣ ବା ଥାଇପାରେ ?

୦

Source: Author, Digitized by PPRACHIN, SOA

ପ୍ରେମର ପୃଥିବୀ : ନାରୀ

ଗତ ମାର୍ଚ୍ଚ ୧୭-୧୮ ତାରିଖରେ ମଣିପୁରର ରାଜଧାନୀ ଇମ୍ଫାଲ୍‌ଠାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ତରଫରୁ 'ଭାରତୀୟ ସାହିତ୍ୟରେ ପ୍ରେମକାବ୍ୟ ପରମ୍ପରା' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ଏଥିରେ ଓଡ଼ିଆ ସାହିତ୍ୟର ପ୍ରତିନିଧିତ୍ୱ କରିବାପାଇଁ ମତେ ନିମନ୍ତ୍ରଣ ମିଳିଥିଲା । ମଣିପୁରରେ 'ପ୍ରେମକାବ୍ୟର ପରମ୍ପରା'ର ଆଲୋଚନା ହେବା କଥା ଭାବି ମୁଁ ଖୁବ୍ ପୁଲକିତ ହୋଇଉଠିଥିଲି । କାରଣ ମଣିପୁରର ଶାସ୍ତ୍ରୀୟ ନୃତ୍ୟଶୈଳୀରେ ରାଧାକୃଷ୍ଣଙ୍କର 'ରାସଲୀଳା' ହିଁ ମୁଖ୍ୟ ବିଷୟବସ୍ତୁ ଭାବେ ପରିବେଷିତ ହୁଏ । ମଣିପୁରର ସ୍ତ୍ରୀ ଲୋକମାନେ ବେଶ୍ ମୁକ୍ତଜୀବନଯାପନ କରନ୍ତି ବୋଲି ମୁଁ ଶୁଣିଥିଲି । ତେଣୁ ସେଠାକାର ଜନଜୀବନରେ 'ପ୍ରେମ'ର ଯେ ଏକ ସ୍ୱତନ୍ତ୍ର ସ୍ଥାନ ନିଶ୍ଚୟ ଥିବ, ତାହା ଅନୁମାନ କରିବା ମୋ ପାଇଁ ଆଦୌ ଅସ୍ୱାଭାବିକ ନଥିଲା ।

ମଣିପୁର ମାଟିରେ ଓହ୍ଲାଇବା ପୂର୍ବରୁ ଉଡ଼ାଜାହାଜରୁ ତା'ର ଦୃଶ୍ୟ ଅପୂର୍ବ ଦିଶୁଥିଲା । ସବୁଜ ତରୁଲତାଭରା ପର୍ବତମାଳାରେ ମେଖଳା ପରି ଅଙ୍କାବଙ୍କା ନଈ ବହିଯାଉଥିଲା । ମଝିରେ ମଝିରେ ଉପତ୍ୟକାମାନଙ୍କରେ ଗଢ଼ିଉଠିଥିବା ଜନବସତି ସବୁ ଚିତ୍ର ପରି ଦିଶୁଥିଲା । ମୁଁ ଭାବୁଥିଲି 'ପ୍ରେମ'ର ରାଜ୍ୟ ଏପରି ହେବନି ତ' ଆଉ କିପରି ହେବ ? ସେଇଥିପାଇଁ ତ' ଏଇ ରାଜ୍ୟର ବୀରାଙ୍ଗନା ରାଜକନ୍ୟା ଚିତ୍ରାଙ୍ଗଦା ଓ ତୃତୀୟ ପାଣ୍ଡବ ବୀର ଫାଲ୍‌ଗୁନିଙ୍କର ପ୍ରେମକାହାଣୀ ମହାଭାରତର ପୃଷ୍ଠାମଣ୍ଡନ କରିଥିଲା । ଆଲୋଚନାଚକ୍ର ଯେଉଁ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା, ତାହା ଥିଲା ମଣିପୁର ରାଜପରିବାରର ଦରବାର କକ୍ଷ 'କାଙ୍ଗଲା ହଲ୍' । ପ୍ରବେଶପଥରେ କାଠର ବିରାଟ ସୁଦୃଶ୍ୟ ଗେଟ୍ - ''କାଙ୍ଗ୍‌ଲା ଗେଟ୍' । 'କାଙ୍ଗ୍‌ଲା ଗେଟ୍'ର ନାମ ଶୁଣିବାମାତ୍ରେ ମନେପଡ଼ିଗଲା ଏଇଠି ଘଟିଥିଲା ମନୋରମା ଧର୍ଷଣ କାଣ୍ଡ ଓ ତା'ର ପ୍ରତିବାଦରେ ଏଇ ଗେଟ୍ ସମ୍ମୁଖରେ ମଣିପୁରୀ ମହିଳାଙ୍କର ନଗ୍ନ ବିକ୍ଷୋଭ.. ! ସଭା ଆରମ୍ଭରେ ଉଦ୍‌ଘୋଷକ କହୁଥିଲେ ଯେ, ''ଏଇଠି ଅଳ୍ପଦିନ ତଳେ ମଣିପୁରର ସ୍ତ୍ରୀ ଲୋକମାନେ କରିଥିଲେ ନୈତିକ ଆତ୍ମହତ୍ୟା । ଆଜିବି ମଣିପୁରକୁ ହିଂସା ଓ ଆତଙ୍କବାଦର କଳାବାଦଲ ଘେରି ରହିଛି । କିନ୍ତୁ ଏଇ

Source: Author, Digitized by PPRACHIN, SOA

ମାଟିରେ ପୁଣି ପ୍ରେମର ଫୁଲପସରା ସଜାଇବାକୁ ଆମେ ଆପଣଙ୍କୁ ନିମନ୍ତ୍ରଣ କରି ଆଣିଛୁ ।''

ମୁଁ ଭାବୁଥିଲି, ସ୍ତ୍ରୀ ଲୋକମାନଙ୍କର ଭାଗ୍ୟ କ'ଣ ସବୁବେଳେ ଏମତି ପଥର ତଳେ ? ସମାଜରେ ହିଂସା, ସନ୍ତ୍ରାସ, ଯୁଦ୍ଧର ବିଭୀଷିକା ସୃଷ୍ଟି ହେଲେ ମଣିଷ ତ' ଅକାରଣରେ ମରେ । ହେଲେ ସ୍ତ୍ରୀ ଲୋକମାନଙ୍କ ପାଇଁ ମୃତ୍ୟୁଠାରୁ ମଧ୍ୟ ଅନ୍ୟ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଯାଏ । ବଳାତ୍କାର, ଧର୍ଷଣର ବୀଭତ୍ସ ଲୀଳାରେ ସ୍ତ୍ରୀ ଲୋକମାନଙ୍କର ଶରୀର ଓ ଆତ୍ମା କେତେ ଯେ ନିର୍ଯାତିତ ହୁଏ, ତା'ର କଳ୍ପନା କରିହୁଏ ନାହିଁ । ଅତୀତରେ ସବୁବେଳେ ଯୁଦ୍ଧରେ ରୁଚି ରଖୁଥିବା ରାଜପୁତ୍ରମାନଙ୍କର ସ୍ତ୍ରୀମାନେ ତେଣୁ ପରାଜୟର ବାର୍ତ୍ତା ପାଇବାମାତ୍ରେ ହିଁ 'ଜହରବ୍ରତ'ର ଆୟୋଜନ କରି ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ସମୂହ ଆତ୍ମବିସର୍ଜନ କରୁଥିଲେ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଏ ଯେ, ସ୍ତ୍ରୀ ଲୋକଟିର ଦେହକୁ ଜୋର ଜବରଦସ୍ତ ଭୋଗ କଲେ, ତା'ର ଦେହର କ୍ଷତ ଅପେକ୍ଷା ଆତ୍ମାର କ୍ଷତ କୋଟିଗୁଣରେ ବଳିପଡ଼େ । ସ୍ତ୍ରୀ ଲୋକର ସମଗ୍ର ଅସ୍ତିତ୍ୱଟି ସେତେବେଳେ ସଂସାର, ସମାଜ ଓ ସମସ୍ତ ପୁରୁଷ ଲୋକଙ୍କ ଉପରୁ ବିଶ୍ୱାସ ଓ ଆସ୍ଥା ହରାଇବସେ । ଏହା କେବଳ ଧର୍ଷିତ, ନିର୍ଯାତିତ ହେଉଥିବା ମହିଳାଟି କ୍ଷେତ୍ରରେ ଏକକ ଭାବରେ ଘଟେ ନାହିଁ । ସାରା ସମାଜରେ ଏହା ମହିଳାମାନଙ୍କ ପାଇଁ ଏକ ଗଣଆତଙ୍କର ପରିବେଶ ସୃଷ୍ଟି କରେ । ଏଇ ଭାରତବର୍ଷରେ ସ୍ୱାଧୀନତାଲାଭର ପ୍ରାକ୍ ଓ ପରବର୍ତ୍ତୀ କାଳରେ ଅନେକ ଥର ସାମ୍ପ୍ରଦାୟିକ ଦଙ୍ଗା ଘଟିଯାଇଛି ତଥା ଏବେ ମଧ୍ୟ ପ୍ରତ୍ୟେକ ସମୟରେ ଦଙ୍ଗା ହେବାର ଆଶଙ୍କା ବଳବତ୍ତର ରହିଛି । ଯେକୌଣସି ଦଙ୍ଗା ସମୟରେ ସ୍ତ୍ରୀ ଲୋକମାନଙ୍କ ଉପରେ ବଳାତ୍କାର ଏକ ଚିରାଚରିତ ଘଟଣା ହୋଇଯାଏ । ଯେଉଁ ସମ୍ପ୍ରଦାୟର ହୋଇଥାଆନ୍ତୁ ନା କାହିଁକି, ସାମାଜିକ (?) ହିଂସା ଓ ବିଶୃଙ୍ଖଳା ସୃଷ୍ଟି ହେଲା ମାତ୍ରେ ତଥାକଥିତ ଧର୍ମ ଓ ସମ୍ପ୍ରଦାୟର ଧ୍ୱଜାଧରି ନିଜକୁ ଜାହିର କରିବାକୁ ରଣହୁଙ୍କାର ଦେଇ ବାହାରି ପଡ଼ିଥିବା ପୁରୁଷ ଲୋକମାନଙ୍କର ପ୍ରଥମ ଲୋଲୁପ ଦୃଷ୍ଟି ସ୍ତ୍ରୀ ଲୋକମାନଙ୍କର ରକ୍ତମାଂସ ଉପରେ ହିଁ ପଡ଼ିଥାଏ । ନିଜ ନିଜର ଧର୍ମୀୟ ଇଷ୍ଟମାନଙ୍କର ନାମ ତୁଣ୍ଡରେ ଉଚ୍ଚାରଣ କରିକରି ଏମାନେ କିପରି ଯେ ସ୍ତ୍ରୀ ଲୋକମାନଙ୍କର ଦୁର୍ବଳ ଅସହାୟ ଶରୀର ଉପରକୁ ନରଖାଦକ ପରି ଝାମ୍ପି ପଡ଼ନ୍ତି, ସେକଥା ଭାବିଲେ ଖାଲି ଭୟ, ଘୃଣାରେ ଆତ୍ମା ଶିହରି ଉଠେ ନାହିଁ, ବରଂ ଏକ ପୁରୁଷଶାସିତ ସମାଜ ନିଜର ଧର୍ମ, ସମ୍ପ୍ରଦାୟ ଓ ଯାବତୀୟ ନୀତି, ଆଦର୍ଶକୁ ଦେଇଥବା ସଂଜ୍ଞାକୁ ନେଇ ଚରମ ସଂଶୟ ଓ ସଂକଟ ସୃଷ୍ଟି ହୋଇଯାଏ ।

Source: Author, Digitized by PPRACHIN, SOA

ପୁନଶ୍ଚ ସେହି ଯୁଦ୍ଧ ସନ୍ତ୍ରାସରୁ ସମାଜକୁ ରକ୍ଷା କରିବାକୁ ନିଯୁକ୍ତ ହୋଇଥିବା ସୁରକ୍ଷାବାହିନୀ ଯେତେବେଳେ ସ୍ତ୍ରୀ ଲୋକଙ୍କୁ ନିଜର ଶାରୀରିକ କ୍ଷୁଧା ଓ ଲାଳସାର ଶିକାର କରନ୍ତି, ସେତେବେଳେ ପରିସ୍ଥିତି ତ' ଆହୁରି ଅସମ୍ଭାଳ ହୋଇଉଠେ । ସାପମୁହଁରୁ ଯାଇ ବାଘମୁହଁରେ ପଡ଼ିଲା ପରି ନାରୀଜାତି ଘରେ ବାହାରେ ସବୁଆଡ଼େ ଏକ ଅସୁରକ୍ଷିତ ଆତଙ୍କ ଭିତରେ ସନ୍ତୁଳି ହେଉଥାଏ । ବର୍ମା ଓ ମଣିପୁରର ସ୍ତ୍ରୀ ଲୋକମାନେ ସେମାନଙ୍କର ସ୍ୱାଧୀନତା ପାଇଁ ଖୁବ୍ ଚର୍ଚ୍ଚିତ । କିନ୍ତୁ ସମାଜ ଓ ସୁରକ୍ଷାରେ ବିଡ଼ମ୍ବିତ ପରିସ୍ଥିତି ଯୋଗୁଁ ସେମାନଙ୍କର ସ୍ୱାଧୀନତା କ୍ରମଶଃ ବିପନ୍ନ ହେବାରେ ଲାଗିଛି ।

ଯେତେବେଳେ ସନ୍ଧ୍ୟା ୫ଟା ବାଜିବା ପୂର୍ବରୁ ମଣିପୁରରେ 'ମଦରସ୍ ମାର୍କେଟ୍'ର ସ୍ତ୍ରୀ ଲୋକମାନେ ନିଜ ନିଜର ଜିନିଷପତ୍ର ତରବର କରି ବାନ୍ଧି ଦୋକାନ ବନ୍ଦ କରିବାକୁ ସଜ ହେଉଥବଲେ, ମୋ ମନରେ ସେମାନଙ୍କ ପାଇଁ ଖୁବ୍ ମାୟା ଜାଗୁଥିଲା । ମଣିପୁରର ରାଜ୍ୟ ମହିଳା କମିଶନ ସଦସ୍ୟା ତଥା ମଣିପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର୍ ଡଃ ଶୀଳାରମଣୀ ମଣିପୁରର ସ୍ତ୍ରୀ ଲୋକମାନଙ୍କ ଏହି କ୍ରମବର୍ଦ୍ଧିଷ୍ଣୁ ଆତଙ୍କ ଓ ଅସହାୟତାର କଥା କହୁ କହୁ ଉଦାସ ହୋଇପଡୁଥିଲେ । ଆମ ଆଲୋଚନାଚକ୍ରର ତାରିଖର ମାତ୍ର ଦୁଇଦିନ ପୂର୍ବରୁ ସୈନ୍ୟମାନଙ୍କ ଦ୍ୱାରା ଗୋଟିଏ ୧୩ ବର୍ଷର ବାଳିକାର ଧର୍ଷିତା ହେବାର ପ୍ରତିବାଦରେ ୧୯ ତାରିଖ ମାର୍ଚ୍ଚରେ ଇମ୍ଫାଲ୍‌ବନ୍ଦର ଡାକରା ଦିଆଯାଉଥାଏ । ହିଂସା ଓ ଧର୍ଷଣର ତାଣ୍ଡବ ଭିତରେ ଆମେ ପ୍ରେମକାବ୍ୟ ରଚନା ହେବାର ପରମ୍ପରା ସମ୍ପର୍କରେ ଆଲୋଚନା କରୁଥିଲୁ । ପ୍ରେମର କବିତା ଲେଖିଲାବେଳେ କବିମାନେ କିପରି ନାରୀକୁ ଈଶ୍ୱରଙ୍କଠାରୁ ବି ଅଧିକ ମର୍ଯ୍ୟାଦାଜନକ ସ୍ଥାନରେ ନେଇ ରଖିଛନ୍ତି, ସେକଥା ବର୍ଣ୍ଣନା କରି ଗଦ୍ ଗଦ୍ ହୋଇଉଠୁଥିଲୁ । ପ୍ରେମ କବିତାର ଯୋଗଜନ୍ମା ସ୍ରଷ୍ଟା ଓଡ଼ିଶାର କବି ଜୟଦେବ ମଣିପୁରବାସୀଙ୍କର ମଧ୍ୟ ଅତି ପ୍ରିୟ କବି । ତାଙ୍କର ପଦାବଳୀର ମୂର୍ଚ୍ଛନାରେ ସଭାଘର ପ୍ରେମର ଭାବାବେଶରେ ବିମୁଗ୍ଧ ହୋଇଉଠୁଥିଲା । କିନ୍ତୁ ପ୍ରେମର ସେହି ସମସ୍ତ ମୁଗ୍ଧ ସ୍ତୁତିଚାରଣ ଦିନକୁ ଦିନ ସମାଜରେ ନାରୀପାଇଁ ବଢ଼ିଚାଲିଥିବା ଅମାନବିକ ବ୍ୟବହାର ଓ ଆତଙ୍କର ଛାୟାକୁ ଅପସାରିତ କରିପାରୁ ନଥବଲା । ସଞ୍ଜ ନଇଁବା ପୂର୍ବରୁ ଆମକୁ ଫେରିଆସିବାକୁ ହେଉଥିଲା ଏକ ନିରାପଦ ଆଶ୍ରୟସ୍ଥଳକୁ । ଜୟଦେବଙ୍କର ରାଧାର ଅଭିସାର ପାଇଁ କୌଣସି ମଧୁର ପରିବେଶ ନଥିଲା ଶୁନ୍‌ଶାନ୍ ରାସ୍ତାଘାଟ କିମ୍ବା ଆତଙ୍କବାଦୀ ଅଧ୍ୟୁଷିତ ବଣପାହାଡ଼ଘେରା ଉପତ୍ୟକାରେ । ହୁଏତ

Source: Author, Digitized by PPRACHIN, SOA

ମଣିପୁରର ଆରାଧ୍ୟ ଦେବତା ଗୋବିନ୍ଦଜୀଉଙ୍କର ହାତର ବଂଶୀ ମଧ୍ୟ ବାଜି ଉଠିବାକୁ ସଂକୋଚ କରୁଥିଲା ବୋମା ଓ ବନ୍ଧୁକର ଗର୍ଜନକୁ ବାରମ୍ବାର ଶୁଣିସାରିଲା ପରେ ।

ନାରୀର ପୃଥିବୀ- ସବୁବେଳେ ପ୍ରେମର ପୃଥିବୀ । ପ୍ରେମର ପୃଥବୀରେ ହିଁ ନାରୀ ନିରାପଦ ରହେ - ମୁକ୍ତ ରହେ, ଆନନ୍ଦିତ ହୋଇ ରହେ । ସମାଜର କର୍ତ୍ତା ବୋଲି ଦାବି କରୁଥିବା ପୁରୁଷ ଯଦି ସେଇ ପୃଥିବୀଟିଏ ଗଢ଼ିବାକୁ ସହଯୋଗ ଯୋଗେଇଦେଇ ନପାରିଲା, ତେବେ ସେ ପରାଜୟ ଓ ଲାଞ୍ଛନା ପୁରୁଷର - କେବେହେଲେ ଧର୍ଷିତା - ଭୟଭୀତା ନାରୀର ନୁହେଁ ।

○

Source: Author, Digitized by PPRACHIN, SOA

ପ୍ରତି ନାରୀର ସ୍ୱପ୍ନର ମଣିଷ ପୁରୁଷୋତ୍ତମ

ସବୁ କଥାରେ ନାରୀମାନଙ୍କର ପକ୍ଷପାତିତା କରୁଥିବାରୁ ବହୁ ବ୍ୟକ୍ତି ବେଳେବେଳେ ମୋ ପ୍ରତି ବିରକ୍ତ ହୋଇଉଠନ୍ତି । ବିଶେଷତଃ 'ପର୍ଯ୍ୟବେକ୍ଷକ'ର ଏହି ସ୍ତମ୍ଭ ଯୋଗୁ ଚିଠିପତ୍ର ଓ ଫୋନ୍‌ରେ ମଧ୍ୟ ସେମାନେ ନିଜ ନିଜର ବିରକ୍ତି ଭାବ ପ୍ରକାଶ କଲେଣି ଏବଂ ମୁଁ ଯାହା ଲେଖୁଛି, ତାହା ନିହାତି ଏକପାଖିଆ ଏବଂ ଆଦୌ ସତକଥା ନୁହେଁ ବୋଲି ଯୁକ୍ତିତର୍କ କଲେଣି । ଯୁକ୍ତିତର୍କଗୁଡ଼ିକ ମୂଳତଃ ଦୁଇପ୍ରକାରର । ପ୍ରଥମ ପ୍ରକାରଟି ହେଲା - ସମାଜରେ ନାରୀମାନେ ପ୍ରକୃତରେରେ ଖୁବ୍ ସମ୍ମାନିତ ଓ ସୁରକ୍ଷିତ । ପୁରୁଷମାନେ ନାରୀଙ୍କୁ ଖୁବ୍ ସ୍ନେହଶ୍ରଦ୍ଧା କରନ୍ତି । ନିଜର ଅସ୍ତିତ୍ୱ ପ୍ରତି ନାରୀମନରେ ତେଣୁ ବିଶେଷ କିଛି ସଂଶୟ ଓ କୁଣ୍ଠା ରହିବା ପୂରାପୂରି ଅମୂଳକ ।

ମୋଟାମୋଟି ସେମାନେ କହିବାକୁ ଚାହାନ୍ତି ଯେ, ନାରୀ ପାଇଁ ସମାଜ ବେଶ୍ ଅନୁକୂଳ ରହିଛି, ତେଣୁ ଏ ପ୍ରକାରର 'ନାରୀ ପକ୍ଷପାତିତା'ର କୌଣସି ପ୍ରାସଙ୍ଗିକତା ନାହିଁ । ଦ୍ୱିତୀୟ ପ୍ରକାରଟି ପୁରା ଯୁଦ୍ଧଂ ଦେହି ... ''କ'ଣ ନାରୀମାନେ ଗୋଟାପଣେ ତୁଳସୀ ... ପୁରୁଷମାନେ ବିଛୁଆତି ? ନାରୀମାନେ ବୁଡ଼ି ବୁଡ଼ି ଯେମିତି ପୁରୁଷମାନଙ୍କୁ ନିର୍ଯାତନା ଦିଅନ୍ତି, ସେକଥା କହିଲେ ନସରେ । ବିଚରା ପୁରୁଷ ଲୋକଲଜ୍ଜାକୁ ଡରି ସବୁ ସହ୍ୟ କରେ, ବାହାରକୁ ପ୍ରକାଶ କରେ ନାହିଁ ବୋଲି କ'ଣ ତା'ର ଦୁଃଖ ଦୁଃଖ ନୁହେଁ ? ବିଶେଷ କରି ଆଇନକାନୁନ ସବୁ ନାରୀଙ୍କୁ ଅନ୍ଧ ଭାବରେ ସମର୍ଥନ କଲାପରେ ପୁରୁଷମାନଙ୍କର ଅବସ୍ଥା ତ' ଆହୁରି ବଳେଇ ପଡ଼ିଲାଣି । ଆପଣ ଏ ସମ୍ପର୍କରେ କ'ଣ କେବେ କିଛି ଭାବୁଛନ୍ତି ?'' ଆହୁରି କେତୋଟି ନାମ ଠିକଣା ନଥିବା ଚିଠିରେ ଏହା ମଧ୍ୟ ଆକ୍ଷେପ କରାଯାଇଛି ଯେ, ନିଜକୁ ଜ୍ଞାନୀ ବୋଲାଉଥିବା ବହୁ ଉଚ୍ଚଶିକ୍ଷିତା ନାରୀଙ୍କର ଆଜିକାଲି 'ଚରିତ୍ର' ବୋଲି କିଛି ନାହିଁ।

ପ୍ରଥମ ଅଭିଯୋଗଟିକୁ ମୁଁ ଶ୍ରଦ୍ଧାର ସହିତ ଗ୍ରହଣ କରେ । କାରଣ ଅନ୍ତତଃ କେତେଜଣ ସମ୍ବେଦନଶୀଳ ପୁରୁଷ ମୋର ତୀବ୍ର ମତାମତକୁ ନେଇ ଆଲୋଡ଼ିତ ହେଲେଣି ଓ ନିଜକୁ ନାରୀଜାତିର ସ୍ୱାର୍ଥ ସପକ୍ଷରେ ଉଭା କରାଇବାରେ ସାହସଟିଏ

Source: Author, Digitized by PPRACHIN, SOA

ବାନ୍ଧିଲେଣି । ଇତିହାସ ସାକ୍ଷୀ ଅଛି ଯେ, ଏହିପରି ସମ୍ବେଦନଶୀଳ ପୁରୁଷମାନେ ମାନବିକତାକୁ ସମ୍ମାନ ଦେବାକୁ ଯାଇ ନାରୀକୁ ମଣିଷ ବୋଲି ସ୍ୱୀକାର କରିଥାଆନ୍ତି ଓ ଜଣେ ସାଧାରଣ ମଣିଷ ଭାବରେ ଯେଉଁ ଯେଉଁ ସାମାଜିକ ସୁବିଧା ସମ୍ମାନ ଓ ଅଧିକାର ନାରୀ ପାଇବା କଥା, ସେସବୁ ବିଷୟରେ ସ୍ୱୟଂ ନାରୀମାନଙ୍କଠାରୁ ମଧ୍ୟ ଯଥେଷ୍ଟ ଆଗୁଆ ଥାଆନ୍ତି । ଏଇମାନଙ୍କର ହାତଧରି ନାରୀ ଯୁଗ ଯୁଗର ଅନ୍ଧାରି ଗହ୍ୱର ଭିତରୁ ଆଲୋକ ଦିଗକୁ ଉତ୍ତୋଳିତା ହୁଏ, ତଥା ସମଗ୍ର ନାରୀଜାତି ପାଇଁ ଏମାନଙ୍କର ଅବଦାନକୁ ମଣିଷସମାଜ ସବୁବେଳେ ସ୍ମରଣ ରଖିଥାଏ । ମହାତ୍ମାଗାନ୍ଧୀ, ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଶରତଚନ୍ଦ୍ର, ରବୀନ୍ଦ୍ରନାଥ କିମ୍ବା ଓଡ଼ିଶାର ମଧୁସୂଦନ ଦାସ ଓ ଫକୀରମୋହନ ସେନାପତିଙ୍କ ପରି ଚିନ୍ତାନାୟକମାନେ ଯଦି ଜନ୍ମ ହୋଇନଥା'ନ୍ତେ, ତେବେ ଭାରତବର୍ଷ ଓ ଓଡ଼ିଶାରେ ନାରୀର ଶିକ୍ଷା-ଦୀକ୍ଷା-ସ୍ୱାଧୀନର-ଅଧିକାରର ଅନୁକୂଳ ପରିବେଶଟିଏ ଗଢ଼ିଉଠିବାରୁ ଆହୁରି କେତେ ଯୁଗ ଯେ ଗଡ଼ିଯାଇଥା'ନ୍ତା କିଏ ଜାଣେ ? ମୁକ୍ତିର ଦିଗ୍‌ବଳୟ ଆଡ଼କୁ ଅନେଇଲେ ପ୍ରତ୍ୟେକ ସଚେତନ ନାରୀ ଏଇ ନକ୍ଷତ୍ରମାନଙ୍କୁ ତ' ପଥପ୍ରଦର୍ଶକର ଭୂମିକାରେ ପାଏ ! ତେଣୁ ନାରୀ ପ୍ରତି ଶ୍ରଦ୍ଧା-ସମ୍ମାନ ଅଛି ବୋଲି ଦାବୀ କରି ଯେତେବେଳେ କେହି ପୁରୁଷ ଆଗେଇ ଆସନ୍ତି, ସେତେବେଳେ ତଥାକଥିତ ସ୍ଥାନ ସଂରକ୍ଷଣର ଊର୍ଦ୍ଧ୍ୱରେ ସେମାନେ ଯଦି ଏହି ମହାପୁରୁଷମାନଙ୍କ ପଦଚିହ୍ନକୁ କିଞ୍ଚିତ୍ ମାତ୍ର ଅନୁସରଣ କରୁଥା'ନ୍ତି ତେବେ ତାହା ନାରୀଜାତି ଓ ସମାଜ ପାଇଁ କେତେ ଯେ ମଙ୍ଗଳପ୍ରଦ, ସେକଥା ପ୍ରତ୍ୟେକ ଆତ୍ମସଚେତନ ନାରୀ-ମନ ଜାଣେ ।

କିନ୍ତୁ ଦ୍ୱିତୀୟ ଅଭିଯୋଗଟି ସଂଖ୍ୟାଗରିଷ୍ଠ ପୁରୁଷଙ୍କର ଏବଂ ଏହା ଅତ୍ୟନ୍ତ ପୀଡ଼ାଦାୟକ ତଥା ଏକ ଅନ୍ଧକାରମୟ ଭବିଷ୍ୟତର ସୂଚନା ଦିଏ । ସ୍ତ୍ରୀ ଲୋକଟି ଖୋଲାଖୋଲି କିଛି କଥା କହିବାକୁ ଆରମ୍ଭ କଲାମାତ୍ରେ ଏମାନେ ସଙ୍ଗେ ସଙ୍ଗେ 'ଚରିତ୍ର'ର ପ୍ରସଙ୍ଗ ଉତ୍‌ଥାପନ କରନ୍ତି । ପୁନଶ୍ଚ 'ଚରିତ୍ର' କହିଲେ ଏମାନେ ନାରୀ-ପୁରୁଷର ଯୌନ ସମ୍ପର୍କ ବ୍ୟତୀତ ଅନ୍ୟ କୌଣସି କଥା ପ୍ରାୟ ଚିନ୍ତା କରିପାରନ୍ତି ନାହିଁ । ଯୁଗ ଯୁଗ ଧରି ନାରୀର ଚରିତ୍ରକୁ କେବଳ ଦେହ ସମ୍ପର୍କ ସହିତ ମାପଚୁପ କରି କରି ଏମାନେ ନାରୀକୁ ଏକ ବ୍ୟବହାରଯୋଗ୍ୟ ବସ୍ତୁରେ ପରିଣତ କରିଦେଇଛନ୍ତି କହିଲେ ଭୁଲ ହେବନାହିଁ । ଚରିତ୍ରହୀନତା କଥା ଉଠାଇ ନାରୀର ସବୁ ଜିଜ୍ଞାସାକୁ ଚୁପ୍ କରିଦେବାକୁ ଏହି ଗୋଷ୍ଠୀ ଅମୋଘ ଅସ୍ତ୍ର ବୋଲି ଭାବନ୍ତି । ଯୌନ ସମ୍ପର୍କ ବ୍ୟତୀତ ଚରିତ୍ରର ଯେ ଅନ୍ୟ ଏକ ମହତ୍ତର ପରିଭାଷା ଅଛି, ତାହା ଏମାନଙ୍କୁ ଅଜ୍ଞାତ ଥାଏ କିମ୍ବା ଏମାନେ ଏ ସମ୍ପର୍କରେ ଜାଣି ମଧ୍ୟ ଅଜଣା ରୁହନ୍ତି । ପୁରୁଷମାନଙ୍କର

Source: Author, Digitized by PPRACHIN, SOA

ଯଦି ସ୍ଖଳନ ଘଟେ, ସେଥିପାଇଁ ମଧ୍ୟ ନାରୀକୁ ହିଁ ଦାୟୀ କରାଯାଏ । ତପନିଷ୍ଠ ସନ୍ନ୍ୟାସୀମାନେ ସ୍ଖଳନ ଭୟରେ ନାରୀର ଛାୟାସ୍ପର୍ଶ କରନ୍ତି ନାହିଁ । କେହି କୁଛ୍ର ତପସ୍ୟା କଲେ, ଇନ୍ଦ୍ର ତା'ର ଧ୍ୟାନଭଙ୍ଗ କରିବା ପାଇଁ ସୁନ୍ଦରୀ ଅପ୍‌ସରାମାନଙ୍କୁ ପଠାଇଥାଆନ୍ତି । ଏହିସବୁ ଘଟଣାରୁ ଯୌନପ୍ରବୃତ୍ତିକୁ ନେଇ ଚରିତ୍ର - ଚରିତ୍ର ବୋଲି ହୁରି କରୁଥିବା ପୁରୁଷ ସମାଜର ନିଜର ପ୍ରବୃତ୍ତି ଉପରେ ନିୟନ୍ତ୍ରଣର ସୀମା ସ୍ପଷ୍ଟ ଜଣାପଡ଼ିଯାଏ । କିନ୍ତୁ ଆମ୍ରପାଲ୍ଲୀଙ୍କ ପରି ଗଣଭୋଗ୍ୟା ନଗରବଧୂ ମଧ୍ୟ ଭଗବାନ ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଏକ ଉତ୍ତୀର୍ଣ୍ଣ ଜୀବନ ଯାପନ କରିବା ପାଇଁ ଅଭିଳାଷ ପୋଷଣ କରିପାରନ୍ତି । ଅନେକ ସମୟରେ ଦେହଜୀବୀମାନଙ୍କ କ୍ଷେତ୍ରରେ ଯେଉଁ ମାନବୀୟ ସମ୍ବେଦନଶୀଳତା ଦେଖାଯାଏ, ତଥାକଥିତ ନୀତିନିଷ୍ଠ ସମାଜପତିଙ୍କ ପାଖରେ ତାହା ଦେଖାଯାଏ ନାହିଁ । ସେ ନାରୀ ହୁଅନ୍ତୁ ବା ପୁରୁଷ - କାହାରି ଚରିତ୍ରକୁ ଯୌନତାର ପରିସୀମା ଭିତରେ ଆବଦ୍ଧ କରିହେବ ନାହିଁ । ଚେତନାର ଚକ୍ଷୁ ଉନ୍ମୀଳିତ ହେବାହିଁ ଚରିତ୍ରବତ୍ତା ! ଚେତନା ଅନ୍ଧ ହୋଇଗଲେ, ଚରିତ୍ରର ପତନ ଆରମ୍ଭ ହୋଇଯାଏ । ଏକ ପୁରୁଷକୈନ୍ଦ୍ରିକ ସମାଜ ଜାଣିରଖିବା ଉଚିତ ଯେ, ଇତିହାସ ଆରମ୍ଭ କାଳରୁ ନାରୀ ଓ ପୁରୁଷ ପାଇଁ ଚରିତ୍ରର ଭିନ୍ନ ଭିନ୍ନ ପରିଭାଷା ସୃଷ୍ଟି କରି ସେ ସ୍ୱାମାଜିକ ଚରିତ୍ରର ପତନର ରାସ୍ତା ପରିଷ୍କାର କରିଦେଇଅଛି । ଆଜିର ସମାଜରେ ବ୍ୟଭିଚାର, ଭ୍ରଷ୍ଟାଚାର, ଦୁର୍ନୀତି, ସ୍ୱାର୍ଥପରତା, କୂଟ-କପଟ, ହିଂସା ଓ ବିଦ୍ୱେଷର ମାତ୍ରା ଯଦି ବଢ଼ି ବଢ଼ି ଚାଲିଛି, ତା'ହେଲେ ଆମର ସାମାଜିକ ଚରିତ୍ରଟି ଯାଇ କେଉଁ ପର୍ଯ୍ୟାୟରେ ପହଞ୍ଚିଛି ଓ ସେଥିରେ ନାରୀର କେତେଭାଗ ସହଯୋଗ ରହିଛି ତଥା ନାରୀ କେତେଭାଗ ସେଥିରେ ପୁରୁଷର ଇଚ୍ଛା ଓ ସ୍ୱାର୍ଥ ଅନୁଯାୟୀ ବ୍ୟବହୃତା ହେଉଛି, ଏସବୁର ସଠିକ୍ ଅନୁପାତ ନିର୍ଦ୍ଧାରଣ ପରେ ହିଁ ନାରୀ ଓ ପୁରୁଷଙ୍କର ଚରିତ୍ରର ଏକ ସାମୂହିକ ମାନନିର୍ଦ୍ଧାରଣ କରାଯାଇପାରିବ ।

କିନ୍ତୁ ଅସଲ କଥାଟି ହେଲା, ନାରୀର ଦେହ ଓ ଯୌନପ୍ରବୃତ୍ତିକୁ ଆଜିଯାଏଁ ବ୍ୟକ୍ତିଗତ ଓ ସାମାଜିକ ବିଳାସସାମଗ୍ରୀ ବୋଲି ଭାବି ଆସିଥିବା ଏକ ପିତୃକୈନ୍ଦ୍ରିକ ସମାଜ ନାରୀର ମୁକ୍ତ-ଚେତନାକୁ ସହଜରେ ଗ୍ରହଣ କରିପାରେ ନାହିଁ । ଯୁଗ ଯୁଗର ସାମାଜିକ ଦାସତ୍ୱର ଦାୟବଦ୍ଧତା କବଳରୁ ସଂଖ୍ୟାଗରିଷ୍ଠ ନାରୀ ମଧ୍ୟ ସହଜରେ ମୁକ୍ତି ପାଇପାରନ୍ତି ନାହିଁ । ତେଣୁ ନିଜ ମନଗହନର ବହୁ ଅକୁହା ପ୍ରଶ୍ନ-ଉତ୍ତର ସହିତ ଜଡ଼ିତ ରହି ସର୍ବଦା ଜୀବନ-ସମୀକ୍ଷାରେ ମଗ୍ନ ଥିବା ନାରୀଙ୍କର ସଂଖ୍ୟା ଯେତେ ଅଳ୍ପ, ତାଙ୍କୁ ଶ୍ରଦ୍ଧା-ସମ୍ମାନ କରୁଥିବା ଓ ପ୍ରତ୍ୟେକ ମଣିଷ ପାଇଁ ଏକ ଉତ୍ତୀର୍ଣ୍ଣ ଜୀବନର ସ୍ୱପ୍ନ ଦେଖୁଥିବା ପୁରୁଷଙ୍କର ସଂଖ୍ୟା ମଧ୍ୟ ତା'ଠାରୁ ଆହୁରି ସ୍ୱଳ୍ପ । ଚରିତ୍ରକୁ ଯୌନତା ସହିତ ସଂଯୁକ୍ତ ନକରି ଯିଏ ମାନବିକତା ଓ ଆତ୍ମିକ ବିକାଶ ସହିତ ସଂଯୁକ୍ତ କରେ,

Source: Author, Digitized by PPRACHIN, SOA

ନାରୀ-ମନ ତାକୁ ହିଁ ପୁରୁଷୋତ୍ତମ ଭାବରେ ଗ୍ରହଣ କରେ । ତା' ନହୋଇଥିଲେ ଶ୍ରୀକୃଷ୍ଣ କେବେହେଲେ ପ୍ରତି ନାରୀର 'ସ୍ୱପ୍ନର ମଣିଷ'ର ପ୍ରତୀକ ହୋଇନଥା'ନ୍ତେ କିମ୍ବା ପ୍ରତି ପୁରୁଷର ପୂର୍ଣ୍ଣତାର ପ୍ରତୀକ ହୋଇନଥା'ନ୍ତେ ।

ଯୌନତାକୁ କେନ୍ଦ୍ରକରି ନାରୀକୁ ଏ ସମାଜ ଖୁବ୍ ନିର୍ଯାତନା ଦେଇଆସିଛି । ଆଜି ସେଥିରୁ ମୁକ୍ତ ହେବାର ବେଳ ଆସିଲାବେଳେ ନାରୀକୁ ମଧ୍ୟ ନିଜ ମନ-ଗହନର ଦ୍ୱନ୍ଦ୍ୱ ଓ ବିଶ୍ୱାସକୁ ମୁକ୍ତ ଭାବରେ କହିବାକୁ ପଡ଼ିବ । ହୁଏତ ଅନେଶତ ଜଣ ପୁରୁଷ ବିରୋଧ କରି ଗର୍ଜନ କରିଉଠିବେ । କିନ୍ତୁ କେତେବେଳେ ତ' ଜଣେ ପୁରୁଷୋତ୍ତମଙ୍କ କାନରେ ତାହା ପଡ଼ିବ ଓ ନାରୀ ଜଣେ ସାର୍ଥକ ସହଯାତ୍ରୀଙ୍କୁ ପାଇବ !

○

Source: Author, Digitized by PPRACHIN, SOA

ନାରୀସୁଲଭ ଗୁଣ କମୁଛି, ଅହଂକାର ବଢୁଛି

ସାରା ବିଶ୍ୱରେ ଖ୍ରୀଷ୍ଟିଆନ୍‌ମାନଙ୍କର ଧର୍ମଗୁରୁ ମହାମାନ୍ୟ ପୋପ୍ ଏବେ ନାରୀମାନଙ୍କଠାରେ ନାରୀସୁଲଭ ଗୁଣ ହ୍ରାସ ପାଉଥିବାରୁ ଉଦ୍‌ବେଗ ପ୍ରକଟ କରିଛନ୍ତି । ଏହାଦ୍ୱାରା ମାନବ ସମାଜର ଅନେକ କ୍ଷତି ହେବ ବୋଲି ତାଙ୍କର ଆଶଙ୍କା ପ୍ରକାଶ ପାଇଛି । ଆଜି ସାରା ବିଶ୍ୱରେ ନାରୀ ପୁରୁଷଙ୍କର ସମାନ ଅଧିକାର, ନାରୀ - ପ୍ରଗତି ଇତ୍ୟାଦି ବଡ଼ବଡ଼ କଥାର ଡିଣ୍ଡିମ ପିଟାଯାଉଥିବାବେଳେ ପୋପ୍‌ଙ୍କର ଏହି ଆଶଙ୍କା ନିହାତି ଅମୂଳକ ହେବା କଥା ନୁହେଁକି ? ଯଦି ନାରୀଠାରେ ନାରୀସୁଲଭ ଗୁଣ ହ୍ରାସ ପାଇଲା, ତେବେ ତା'ଠାରେ ନିଶ୍ଚୟ ପୁରୁଷସୁଲଭ ଗୁଣର ବୃଦ୍ଧି ଘଟୁଥିବ । ପୁରୁଷ ସହିତ ସମାନ ହେବାକୁ ଯାଇ ସେ ନିଜର ଅବଳା ଦୁର୍ବଳା ଚରିତ୍ରକୁ କ୍ରମଶଃ ସଂଶୋଧନ କରି ତୋଳି ପୁରୁଷ ପରି ସବଳ - ସମର୍ଥ ହେବାକୁ ଚେଷ୍ଟା କରୁଥିବ । ତା'ହେଲେ ଏହା ଦ୍ୱାରା ମାନବଜାତି କ୍ଷତିଗ୍ରସ୍ତ ହେବ କାହିଁକି ? ବରଂ ଏଥିରେ ଖୁସି ହେବା କଥା ଯେ, ଯୁଗ ଯୁଗ ଧରି ବିଶ୍ୱ ମାନବ ଜାତିର ଯେଉଁ ଅର୍ଦ୍ଧାଂଶ ଏଯାଏ ସ୍ନେହ, ପ୍ରେମ, ମାୟା, ମମତା, ସହନଶୀଳତା, ଦୟା, କ୍ଷମା ପରି ଦୁର୍ବଳଗୁଡ଼ିକୁ ଆପଣାର କରି ତଳେ ପଡ଼ିରହିଥିଲା, ତାହା ଏବେ ବୁଦ୍ଧି, କୌଶଳ, ପ୍ରତିଯୋଗିତା, ଉଚ୍ଚାକାଂକ୍ଷା ତଥା ଅନ୍ୟକୁ ପରାଜିତ ଓ ପଦାନତ କରି ଆଗେଇ ଯିବାର ଶକ୍ତି ହାସଲ କଲାଣି ।

ଜ୍ଞାନୀ ଲୋକମାନେ ଯାହାକୁ ମାନବୀୟ ସଦ୍‌ଗୁଣ ବୋଲି ବର୍ଣ୍ଣନା କରିଥା'ନ୍ତି ସେସବୁକୁ ପରିତ୍ୟାଗ କରି ନିଜର ସାମାଜିକ ଓ ବୈଷୟିକ ପ୍ରଗତି ଓ ପ୍ରତିପତ୍ତି ବଢ଼ାଇବାରେ ଯତ୍ନଶୀଳ ହେଲାଣି । ଏପରି କ୍ଷେତ୍ରରେ ନାରୀ - ପୁରୁଷ ସମାନ ହେବେ କ'ଣ ବରଂ ନିଜର ଅନ୍ତର୍ନିହିତ ପ୍ରଚଣ୍ଡ ମହତ୍ତ୍ୱାକାଂକ୍ଷାକୁ ଫଳବତୀ କରିବାକୁ ଯାଇ ପୁରୁଷପାଇଁ ଏକ ଆହ୍ୱାନ ସୃଷ୍ଟି କଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଇଥିପାଇଁ ସିନା ପୋପ୍‌ଙ୍କର ଏତେ ଚିନ୍ତା !

ନାରୀ ଯଦି ଆଜି ନାରୀ ସୁଲଭ ଗୁଣଗୁଡ଼ିକୁ ପରିତ୍ୟାଗ କରି ପୁରୁଷପରି ବ୍ୟାବହାରିକ ଓ ସାମାଜିକ ଦୃଷ୍ଟି କୋଣରୁ ଶକ୍ତ-ସବଳ ଚେଷ୍ଟା କରୁଥାଏ, ତା'ହେଲେ ତାହା ମୂଳରେ ଏହି ତଥାକଥିତ ଧର୍ମଗୁରୁମାନଙ୍କର ଅବଦାନ ସବୁଠାରୁ ଅଧିକ । ଧର୍ମୀୟ ଆଇନ କାନୁନ ପ୍ରଣୟନ ହେବାଦିନଠାରୁ ଏମାନେ ନାରୀ ଓ ପୁରୁଷ ପାଇଁ ଅଲଗା ଅଲଗା ନୀତିନିୟମ ନିର୍ଦ୍ଧାରଣ କରିଛନ୍ତି । ହିନ୍ଦୁ ଧର୍ମରେ ମନୁ ଯଦି କହିଲେ ଯେ 'ସ୍ତ୍ରୀ' କେବେହେଲେ ସ୍ୱତନ୍ତ୍ର ନୁହେଁ, ଖ୍ରୀଷ୍ଟିଆନ୍ ଧର୍ମର ବାଇବେଲ୍ କହିଲା ଯେ, ନାରୀ

Source: Author, Digitized by PPRACHIN, SOA

ହେଉଛି 'Root of all evil' କିମ୍ବା ଜ୍ଞାନ ଯେପରି ପୁରୁଷର ଶୋଭା ବର୍ଦ୍ଧନ କରେ, ଅଜ୍ଞାନ ସେପରି ନାରୀର ସୌନ୍ଦର୍ଯ୍ୟ ବର୍ଦ୍ଧନ କରେ (ଚୀନ୍ ଦେଶର ପ୍ରଚଳିତ ବାକ୍ୟ) ।

ୟୁରୋପର ପ୍ରସିଦ୍ଧ ଲାଟିନ୍ ଧର୍ମଯାଜକ ଟାରଟୁଲିଆନ୍ ନାରୀ ସମ୍ପର୍କରେ ଲେଖିଛନ୍ତି ଯେ "Thou arts the devils get, the betrayers of the tree, the first deserter of devine love". ଧର୍ମଯାଜକ ସେଣ୍ଟ ଅଗଷ୍ଟିନ୍ ତାଙ୍କ ଶିଷ୍ୟମଣ୍ଡଳୀକୁ ଶିକ୍ଷା ଦେଇଥିଲେ - What does it matter whether it be in person of mother or sister, We have to be aware of eve in every woman. ମାର୍ଟିନ୍ ଲୁଥର ସର୍ବଦା କହୁଥିଲେ– No gain worse becomes a worman the desire to be wise."

ବିଶ୍ୱବିଖ୍ୟାତ୍ ସେଣ୍ଟ ପଲ୍ ଶିକ୍ଷା ଦେଇଛନ୍ତି - ''ପୁରୁଷଙ୍କ ଭଳି ନାରୀ ଧର୍ମ ସମ୍ବନ୍ଧରେ କୌଣସି ପ୍ରଶ୍ନ କରିପାରିବ ନାହିଁ । ସେ ସର୍ବଦା ତା'ର ସ୍ୱାମୀର ଆଶ୍ରିତା– ଯେହେତୁ ଈଶ୍ୱର ପୁରୁଷ ପାଇଁ ନାରୀକୁ ସୃଜନ କରିଛନ୍ତି, ନାରୀ ପାଇଁ ପୁରୁଷକୁ ସୃଜନ କରିନାହାନ୍ତି। ଆହୁରି ମଧ୍ୟ କହିଛନ୍ତି ନାରୀ କସ୍ମିନ୍ କାଳେ, ପୁରୁଷକୁ ଶିକ୍ଷା ଦେଇପାରେନା। ସେ ହିଁ ସଂସାର ଭିତରେ ପାପକୁ ଡାକି ଆଣିଛି, ସେମାନେ ଅନନ୍ତ ନରକରେ ବୁଡିବେ, ସଦ୍ ଗତିର କୌଣସି ଉପାୟ ନାହିଁ, ତେବେ ସନ୍ତାନ - ଧାରଣ କଲେ ସଦ୍‌ଗତି ହୋଇପାରେ।

ଆମ୍ଭମାନଙ୍କ ଶାସ୍ତ୍ରରେ ମଧ୍ୟ ରହିଛି ଯେ, ସନ୍ତାନ ଯୋଗୁଁ ନାରୀ ମହା ଭାଗ୍ୟବତୀ ଏବଂ ପୁତ୍ର ନିମିତ୍ତ ଭାର୍ଯ୍ୟା। ସଂସ୍କାରଯାକର ଯେକୌଣସି ଦେଶର ଇତିହାସ, ଧର୍ମଗ୍ରନ୍ଥ ଆଲୋଚନା କରି ଦେଖିଲେ ଢେର ଅଧିକେ ଅନୁରୂପ ବ୍ୟବସ୍ଥା ଦେଖିବାକୁ ମିଳେ ।'' (ଦ୍ରଷ୍ଟବ୍ୟ)- ନାରୀର ମୂଲ୍ୟ, ଶରତ ଚନ୍ଦ୍ର (ଅନୁବାଦ-ବି.କୁ. ସାହୁ, ୧୯୮୨, ପୃଷ୍ଠା - ୧୨, ୧୩, ୧୪, ୧୫, ୧୬) ।

ତେଣୁ ଏହିସବୁ ଧର୍ମୀୟ ଓ ସାମାଜିକ ବ୍ୟବସ୍ଥା ତଥା ଆଇନକାନୁନକୁ ନାରୀ ଏପର୍ଯ୍ୟନ୍ତ ତା'ର ନାରୀ ସୁଲଭ ଗୁଣରେ କେବଳ ସହନ କରୁନଥିଲା, ନିଷ୍ଠାର ସହିତ ପାଳନ ମଧ୍ୟ କରିଆସୁଥିଲା । ହେଲେ ଅଷ୍ଟାଦଶ ଓ ଊନବିଂଶ, ବିଂଶ ଶତାବ୍ଦୀର ନବଜାଗରଣ, ଜ୍ଞାନବିଜ୍ଞାନର ସ୍ଫୁରଣ ତଥା ସାମାଜିକ ବିପ୍ଳବ ଫଳରେ ନାରୀ ଶିକ୍ଷା ଦୀକ୍ଷାର ସୁଯୋଗ ପାଇଲା ଓ କ୍ରମଶଃ ନିଜର ବାସ୍ତବ ମାନବିକ ଅସ୍ତିତ୍ୱ ସମ୍ପର୍କରେ କିଞ୍ଚିତ ସଚେତନ ହେଲା । ସେ କିଞ୍ଚିତ ସଚେତନତାରୁ ଆରମ୍ଭ ହେଲା ତା'ର ନିଜକୁ ମଣିଷ କରି ଚିହ୍ନିବା ଓ ଚିହ୍ନେଇବାର ଅଗ୍ରଗତି।

ମନସ୍ତତ୍ତ୍ୱ କହେ, ସବୁବେଳେ ସବୁ କଥାକୁ ନୀରବରେ ସହନ କରୁଥିବା ମଣିଷଟି ଭିତରେ ସ୍ୱତଃ ଏକ ବଳିଷ୍ଠ ଅନ୍ତଃପ୍ରବୃତ୍ତିର ବିକାଶ ଘଟିଥାଏ । ଯାହା ଦ୍ୱାରା

Source: Author, Digitized by PPRACHIN, SOA

ସେ ନିଜ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅତ୍ୟାଚାରୀ ମଣିଷ ଅପେକ୍ଷା ଅତ୍ୟନ୍ତ ତୀକ୍ଷ୍ଣ ଭାବେ ଅନୁଧ୍ୟାନ କରିପାରେ । ନାରୀ ପାଖରେ ଏହି ଗୁଣଟି ମଧ୍ୟ ସ୍ୱାଭାବିକ ଭାବେ ବିକଶିତ ହେବା ଆଦୌ ଅସମୀଚିନ ନୁହେଁ । ଶିକ୍ଷା ଦୀକ୍ଷା ସହିତ ଏହି ଜନ୍ମ ଜନ୍ମାନ୍ତରର ଅଭିଜ୍ଞତାର ପ୍ରୟୋଗ ତାକୁ କ୍ରମଶଃ କାର୍ଯ୍ୟ କ୍ଷେତ୍ରର ସଫଳତାରେ ସାହାଯ୍ୟ କଲା ଏବଂ ସ୍ଥଳ ବିଶେଷରେ ସେ ପୁରୁଷ ଅପେକ୍ଷା ଅଧିକ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିପାରିଲା । ଏପରି ନାରୀମାନଙ୍କର ସଂଖ୍ୟା ଖୁବ୍ ସୀମିତ ହେଲେହେଁ ସେମାନେ ସମଗ୍ର ନାରୀଜାତି ସମ୍ମୁଖରେ ଏକ ଏକ ଆଦର୍ଶ ଓ ଉଦାହରଣ ହୋଇ ଉଭା ହେଲେ ।

ଠିକ୍ ଏହି ପର୍ଯ୍ୟାୟରେ ହିଁ ପିତୃକେନ୍ଦ୍ରିକ ସମାଜ ବ୍ୟବସ୍ଥା ଓ ତା'ର ଧ୍ୱଜାଧାରୀ ମାନଙ୍କ ମଧ୍ୟରେ ଶଂକା ସୃଷ୍ଟି ହେଲା । ସମାଜରେ ପୁରୁଷମାନଙ୍କ ପତିଆରା ହ୍ରାସ ପାଇଲେ ଧର୍ମ-ଜାତି-ବର୍ଣ୍ଣ ଭେଦରେ ସମାଜକୁ ଭାଗ ଭାଗ କରି ଯାବତୀୟ ଧ୍ୱଂସ ଓ ଯୁଦ୍ଧର ସମ୍ଭାବନା ସୃଷ୍ଟି କରୁଥିବା ଶକ୍ତିର ପ୍ରତିଆରା ହ୍ରାସ ପାଇଯିବ ଯେ ! ବାସ୍ତବରେ ନାରୀ ସୁଲଭ ଗୁଣଟି ପ୍ରତ୍ୟେକ ମଣିଷର ମହତ୍ତମ ଗୁଣ । ନିଜେ ଯୀଶୁଖ୍ରୀଷ୍ଟ ଯେତେବେଳେ କ୍ରୁଶବିଦ୍ଧ ଅବସ୍ଥାରେ ମଧ୍ୟ ପାପୀମାନଙ୍କ ପାଇଁ କ୍ଷମାର ବାଣୀ ଶୁଣାଉଥିଲେ, ତାହା ତାଙ୍କର ପୁରୁଷ ସୁଲଭ ନୁହେଁ, ନାରୀ ସୁଲଭ ଗୁଣର ପ୍ରକାଶ କେବଳ । ଈଶ୍ୱର ନାରୀକୁ ସହଜାତ ଭାବେ ଏହି ମହାମାନବୀୟ ଗୁଣରେ ଭୂଷିତ କରିଥା'ନ୍ତି କାରଣ ନାରୀ 'ମା' ହୁଏ ଓ ମାନବ ଶିଶୁକୁ ଲାଳନପାଳନ କରି ବିକଶିତ କରାଇବାରେ ଏହିସବୁ ଗୁଣର ଆବଶ୍ୟକତା ଥାଏ । ସେଇଥିପାଇଁ ହୁଏତ ଈଶ୍ୱର ଓ ତାଙ୍କର ପ୍ରତିନିଧିତ୍ୱ କରୁଥିବା ମହାମାନବ, ଅବତାର ପୁରୁଷମାନଙ୍କ ପାଖରେ ଏହି ନାରୀସୁଲଭ ଗୁଣର ଆଧିପତ୍ୟ ବେଶି ଭାଗ ଦୃଷ୍ଟିଗୋଚର ହୁଏ ।

ଯୀଶୁ, ରାମ, କୃଷ୍ଣ, ବୁଦ୍ଧ, ମହାବୀର କିମ୍ବା ମହାତ୍ମାଗାନ୍ଧିଙ୍କ ଚରିତ୍ର ବିଶ୍ଳେଷଣ କଲେ ସେଥିରେ ଆମ୍ଭେମାନେ ଶତକଡ଼ା ୯୯ ଭାଗ ଜଣେ ନାରୀକୁ ହିଁ ପାଉ । କିନ୍ତୁ ଯେତେବେଳେ ସମାଜରେ ଏହି ନାରୀସୁଲଭ ଗୁଣଗୁଡ଼ିକ ଅବଜ୍ଞା ନିର୍ଯାତନା ଓ ଶୋଷଣ ଯନ୍ତରେ ପଡ଼ିଯାଆନ୍ତି, ସେତିକିବେଳେ ହିଁ ଏହି ଯୋଗଜନ୍ମାମାନେ ସେପରି ସମାଜ ବ୍ୟବସ୍ଥା ବିରୁଦ୍ଧରେ ପୁରୁଷସୁଲଭ ଧ୍ୱଂସର ଶେଷ ଅସ୍ତ୍ର ଧାରଣ କରିଥାନ୍ତି, ତା ପୂର୍ବରୁ ନୁହେଁ । ନାରୀଠାରେ ନାରୀସୁଲଭ ଗୁଣ ହ୍ରାସ ପାଉଛି ଅର୍ଥ ସମାଜରେ ପୁରୁଷସୁଲଭ ଅହଂକାରର ବୃଦ୍ଧି ହେଉଛି । ତେଣୁ ବରଂ ଆଜିର ଧର୍ମଗୁରୁମାନେ ପୁରୁଷମାନଙ୍କୁ ନାରୀସୁଲଭ ସଦ୍‌ଗୁଣମାନ ଅଭ୍ୟାସ କରିବାକୁ ଉପଦେଶ ଦିଅନ୍ତୁ - ଯାହା ଫଳରେ ନାରୀ କୃତକୃତ୍ୟ ହୋଇଯିବ ଓ ବାଧ୍ୟବାଧକତାରେ ନୁହେଁ, ସ୍ୱେଚ୍ଛାରେ ନିଜର ସହଜାତ ଗୁଣାବଳୀକୁ ଆଦର କରିବାକୁ ଆଗଭର ହେବ ।

O

Source: Author, Digitized by PPRACHIN, SOA

ନାରୀ - ମନ ଓ ମାନ

ନିକଟ ଅତୀତରେ ଶର୍ମିଷ୍ଠା ମହାନ୍ତି ନାମ୍ନୀ ଜଣେ ଓଡ଼ିଆ ସଫଟୱେୟାର ଇଞ୍ଜିନିୟର ହାଇଦ୍ରାବାଦରେ ପାଞ୍ଚମହଲା କୋଠା ଉପରୁ ଡେଇଁପଡ଼ି ଆତ୍ମହତ୍ୟା କରିଛନ୍ତି । ଏହି ତରୁଣୀ ଜଣକ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦବୀରେ ଥିଲେ ତଥା ମାସିକ ଲକ୍ଷାଧିକ ଟଙ୍କା ଆୟ କରୁଥିଲେ । ଏକ ଅତ୍ୟନ୍ତ ପ୍ରତିଷ୍ଠିତ ପରିବାରରେ ବିବାହ କରିଥିଲେ ତଥା ଅତିଶୀଘ୍ର ମାଆ ହେବାକୁ ମଧ୍ୟ ଯାଉଥିଲେ । ଅଥଚ ଏତେସବୁ ପ୍ରାଚୁର୍ଯ୍ୟ ଓ ପରିପୂର୍ଣ୍ଣତା ତାଙ୍କୁ ମାନସିକ ଅବସାଦରୁ ମୁକ୍ତ କରିପାରିଲା ନାହିଁ ତଥା ଆତ୍ମହତ୍ୟା ପରି ଏକ ଚରମ ଓ ନିର୍ମମ ପନ୍ଥା ତାଙ୍କୁ ବାଛି ନେବାକୁ ହେଲା ।

ଆତ୍ମହତ୍ୟା କରୁଥିବା ମଣିଷମାନଙ୍କର ଯଦି ଏକ ପରିସଂଖ୍ୟାନ ନିଆଯାଏ, ତେବେ ଦେଖାଯିବ ଯେ, ପୁରୁଷମାନଙ୍କ ତୁଳନାରେ ନାରୀମାନେ ଅଧିକ ଆତ୍ମହତ୍ୟାପ୍ରବଣ ହୋଇଥା'ନ୍ତି । କଥା କଥାକେ ଦଉଡ଼ି ଲଗେଇଦେବା, ବିଷ ଖାଇଦେବା, ନଈ ପୋଖରୀକୁ ଡେଇଁପଡ଼ିବା ପରି ପ୍ରବୃତ୍ତି ନାରୀମାନଙ୍କ ପାଖରେ ଅଧିକ ଦେଖିବାକୁ ମିଳିଥାଏ । ଗାଉଁଲି ଅଶିକ୍ଷିତା ନାରୀମାନେ ତ' କନିଅର ମଞ୍ଜି, ଗୁଡ଼ କିମ୍ବା ସିନ୍ଦୂରଗୁଡ଼ ଖାଇ ପ୍ରାଣ ହାରିଦେବାର କଥା କେଉଁ ପୁରୁଣାକାଳରୁ ଶୁଣାଯାଇଥାଏ । ନାରୀମାନେ ସାଧାରଣତଃ ଦୁର୍ବଳ ବ୍ୟକ୍ତିତ୍ୱର ଅଧିକାରୀ । ଜୀବନର ଘାତ-ପ୍ରତିଘାତକୁ ମୁକାବିଲା କରିବାର ସାହସ ଓ ସାମର୍ଥ୍ୟ ଯେଣୁ ସେମାନଙ୍କ ପାଖରେ ନଥାଏ, ତେଣୁ ସେମାନେ ଅଧିକ ଆତ୍ମହତ୍ୟାପ୍ରବଣ ବୋଲି ତଥାକଥିତ ମନସ୍ତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି ।

କିନ୍ତୁ ଶିକ୍ଷା-ଦୀକ୍ଷା ଓ ବୃତ୍ତିଗତ ଦକ୍ଷତା ଯେତେବେଳେ ନାରୀକୁ ସମର୍ଥ ଓ ଆତ୍ମବିଶ୍ୱାସୀ କରିବା କଥା, ସେତେବେଳେ ମଧ୍ୟ ସେ ଆତ୍ମହତ୍ୟା ପରି ଏକ କରୁଣ ନିଷ୍ପତ୍ତି କାହିଁକି ଗ୍ରହଣ କରୁଛି ? ଶିକ୍ଷାଦୀକ୍ଷା, ଆଭିଜାତ୍ୟ, ଉପାର୍ଜନକ୍ଷମତା ସବୁକିଛି ଥାଇ ବି ଜୀବନ ଜୀଇଁବାର ସୁକୁମାର ଓ ସୁନ୍ଦରପଣ ପାଖରୁ ଦୂରେଇ ଯାଇ ମରଣର କରାଳଗର୍ଭକୁ ସେ ନିଜକୁ କାହିଁକି ଫିଙ୍ଗି ଦେଉଛି ? ନାରୀର ମୁକ୍ତି ଓ ପ୍ରଗତି ସହିତ ଏହିପରି ଆହୁରି ଅନେକ ପ୍ରଶ୍ନ ଆଜି ବିଚାର ବିଶ୍ଳେଷଣରେ ଅପେକ୍ଷା ରଖେ ।

କୁହାଯାଏ, ମଣିଷ ଭିତରେ ଷଡ଼ରିପୁ ବା ଛ'ଟି ଶତ୍ରୁଙ୍କ ଭିତରେ କ୍ରୋଧ ଏକ ଅତ୍ୟନ୍ତ ଶକ୍ତିଶାଳୀ ଶତ୍ରୁ । କ୍ରୋଧ ହିଁ ହିଂସାର ଆଦ୍ୟରୂପ ଏବଂ କ୍ରୋଧ ଯେତେ ପ୍ରବଳ

Source: Author, Digitized by PPRACHIN, SOA

ହୁଏ, ହିଂସା ଆଚରଣର ସମ୍ଭାବନା ମଧ୍ୟ ସେତିକି ତୀବ୍ର ହୋଇଉଠେ । ମଣିଷର କ୍ରୋଧ ଓ ହିଂସା ସାଧାରଣତଃ ଦୁଇଟି ଦିଗରେ ପରିଚାଳିତ ହୋଇଥାଆନ୍ତି । ଗୋଟିଏ ଅନ୍ୟକୁ ଧ୍ୱଂସ କଲାବେଳେ ଆର ଦିଗଟି ଆତ୍ମଘାତୀ ହୋଇଥାଏ ।

ପୁରୁଷ ଲୋକମାନେ କ୍ରୋଧିତ ହେଲେ ଅନ୍ୟକୁ ଆଘାତ କରିବାକୁ ଆଗଭର ହୁଅନ୍ତି । ଯାବତୀୟ ଯୁଦ୍ଧ ଓ ହିଂସା ଆଚରଣରେ ଅନ୍ୟକୁ ଆକ୍ରମଣ କରି ନିହତ କିମ୍ବା ପରାଜିତ କରି ପୁରୁଷ ନିଜର ପୌରୁଷ ପ୍ରତିପାଦିତ କରେ । କିନ୍ତୁ ନାରୀର କ୍ରୋଧ ଓ ହିଂସ୍ରା ପୁରୁଷ ପରି ବର୍ହିମୁର୍ଖୀ ନହୋଇ ଅଧିକାଂଶରେ ଅନ୍ତର୍ମୁଖୀ ହୋଇଥାଏ । ଅନ୍ୟକୁ ଆକ୍ରମଣ କରି ପୁରୁଷ ତ' ନିଜ କ୍ରୋଧର ଜ୍ୱାଳାରୁ ମୁକ୍ତି ପାଇଥାଏ, କିନ୍ତୁ ନାରୀର କ୍ରୋଧ ତୁଷାନଳ ପରି ଭିତରେ ଭିତରେ କୁହୁଳି ତା'ର ଆପଣାର ବ୍ୟକ୍ତିତ୍ୱକୁ ହିଁ କ୍ରମଶଃ କ୍ଷୀଣ କରୁଥାଏ ଏବଂ ଶେଷରେ ଏହା ଆତ୍ମଘାତ ପରି ନିଷ୍କରୁଣ ପର୍ଯ୍ୟାୟରେ ପହଞ୍ଚିଯାଏ ।

ଏଠି ପ୍ରଶ୍ନ ଉଠିପାରେ, ନାରୀର କ୍ରୋଧ ଓ ହିଂସାର ସ୍ଫୁରଣ ପାଇଁ କେଉଁ କେଉଁ ପରିସ୍ଥିତିକୁ ଦାୟୀ କରାଯାଇପାରେ ? ସାଧାରଣତଃ ପରିବାର ଭିତରେ ନାରୀ ଏକ ସୁରକ୍ଷିତ ସଦସ୍ୟ । ପୁରୁଷମାନେ ତା'ର ବିଭିନ୍ନ ବୟସର ସୁରକ୍ଷାର ଦାୟିତ୍ୱ ନେଇଥା'ନ୍ତି ଓ ନାରୀ ସ୍ୱଭାବତଃ ଧୈର୍ଯ୍ୟଶୀଳ ହୋଇଥିବାରୁ କ୍ରୋଧ, ହିଂସାକାଣ୍ଡ, ମାତ୍ରା ତା' ପାଖରେ କମ୍ ରହିବା କଥା । କିନ୍ତୁ ଆତ୍ମହତ୍ୟାର ହାର ଦୃଷ୍ଟିରୁ ଏହା ପ୍ରମାଣିତ ହେଉଛି ଯେ, କ୍ରୋଧ ଓ ହିଂସାର ତୀବ୍ରତା ନାରୀ ପାଖରେ ଅଧିକ ସିନା, କେବେହେଲେ କମ୍ ହୋଇନାହିଁ । ଏକ ପୁରୁଷକୈନ୍ଦ୍ରିକ ସମାଜରେ ନାରୀ ପାଇଁ ଅନେକ ବାଧାବିଘ୍ନ ରହିଛି ।

ପରିବାର ଓ ସମାଜରେ ନାରୀର ବ୍ୟକ୍ତିଗତ ଇଚ୍ଛା ଅଭିଳାଷକୁ ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ କହିଲେ ଚଳେ । ଏପରିକି ଯେଉଁ ଯୌନପ୍ରବୃତ୍ତି ମଣିଷର ନାନାଦି ସୂକ୍ଷ୍ମ ମନୋବୃତ୍ତିକୁ ନିୟନ୍ତ୍ରିତ ଓ ପରିଚାଳିତ କରେ, ସେ କ୍ଷେତ୍ରରେ ମଧ୍ୟ ନାରୀ ନିଜକୁ ମୁକ୍ତ ଭାବେ ପ୍ରକାଶିତ କରି ନପାରି ପୁରୁଷର ଇଚ୍ଛାକୁ ହିଁ ନିଜର ଇଚ୍ଛା ବୋଲି ଗ୍ରହଣ କରିନେବାକୁ ବାଧ୍ୟ ହୁଏ । ଭାରତବର୍ଷରେ ନାରୀ-ପୁରୁଷଙ୍କ ଭିତରେ ଏ ସମ୍ପର୍କୀୟ ମାନସିକ ବ୍ୟବଧାନ ଏତେ ବେଶୀ ଯେ, ନିକଟରେ 'ଟାଇମ୍ସ୍ ଅଫ୍ ଇଣ୍ଡିଆ'ର ଏକ ଆଲୋଚନାରେ ପ୍ରକାଶ ପାଇଛି, ଭାରତୀୟ ପୁରୁଷମାନେ କାଳେ ନାରୀମାନଙ୍କୁ କେବଳ ଏକ ସ୍ଲିପିଂ ଟାବ୍‌ଲେଟ୍ ଭାବରେ ବ୍ୟବହାର କରନ୍ତି । ଅଥଚ ମର୍ଯ୍ୟାଦା, ସ୍ୱାଭିମାନ ଓ ଅଭିମାନକୁ ନେଇ ନାରୀ ଏସବୁ ସହ୍ୟ କରେ । ଭିତରର ଅସନ୍ତୋଷକୁ ଭିତରେ ଚାପି ରଖିବାକୁ ଚେଷ୍ଟା କରେ । ଅବଦମିତ ଅସନ୍ତୋଷ ଯେତିକି ବଢ଼େ, ନାରୀର ମାନସିକ ଅସନ୍ତୁଳନ ମଧ୍ୟ ସେତିକି ବଢୁଥାଏ ।

ଗାଁଗହଳିରେ ନାରୀମାନଙ୍କୁ ଏହି କାରଣରୁ ବେଶୀ ଭୂତ କି ଡାହାଣୀ ଲାଗେ । ମାନସିକ ରୋଗୀ ପରି ସ୍ତ୍ରୀ ଲୋକମାନେ ପ୍ରଳାପ କରିଉଠନ୍ତି । ଗୁଣିଆ ଡାକି ଝଡ଼ାଫୁଙ୍କା

Source: Author, Digitized by PPRACHIN, SOA

କରାଯାଏ । ଭୂତ ଉତୁରିଯାଏ ସିନା, କିନ୍ତୁ ସ୍ତ୍ରୀ ଲୋକମାନଙ୍କର ଅକୁହା ବେଦନାର ବୋଝକୁ କେହି ଉତାରି ପାରନ୍ତି ନାହିଁ ।

ଇଏ ତ' ଗଲା ସାଧାରଣ ସ୍ତ୍ରୀ ଲୋକମାନଙ୍କର କଥା । କିନ୍ତୁ ଯେଉଁ ନାରୀମାନେ ଅତ୍ୟନ୍ତ ଉଚ୍ଚଶିକ୍ଷିତା, ମାର୍ଜିତ ରୁଚିସମ୍ପନ୍ନା ଏବଂ ଉପାର୍ଜନକ୍ଷମ, ତାଙ୍କ କ୍ଷେତ୍ରରେ ଏପରି ମାନସିକ ଅସନ୍ତୁଳନତାର କାରଣ କ'ଣ ହୋଇପାରେ ?

ଆଜିକାଲି ଅଧିକ ଅର୍ଥ ଉପାର୍ଜନ ଲକ୍ଷ୍ୟରେ ଏବଂ ନାରୀ ମଧ୍ୟ ନିଜର ଯୋଗ୍ୟତା ଓ ଦକ୍ଷତା ପ୍ରତିପାଦନ କରିବା ଲକ୍ଷ୍ୟରେ ଉଭୟ ପତିପତ୍ନୀ ବଡ଼ ବଡ଼ ଚାକିରି କରୁଛନ୍ତି । ଏହି ଉଚ୍ଚଦରମା ବିଶିଷ୍ଟ ବଡ଼ ପଦପଦବୀଗୁଡ଼ିକ ମଧ୍ୟ କର୍ମଚାରୀମାନଙ୍କଠାରୁ ସେହି ଅନୁପାତରେ ଅଧିକ ସମୟ ଦାବି କରୁଛନ୍ତି । ଚାକିରି ସବୁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ହେବାରୁ କର୍ମଚାରୀଙ୍କୁ ମଧ୍ୟ ସେହି ଅନୁଯାୟୀ ଅନ୍ୟମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି । ଏପଟେ ଘରକୁ ଫେରିଲାବେଳକୁ ଉଭୟଙ୍କର କ୍ଳାନ୍ତି, ଅବସନ୍ନତା ଓ କାର୍ଯ୍ୟକ୍ଷେତ୍ରର ପ୍ରତିଯୋଗିତାର ଚାପ ଜୀବନରୁ ସମସ୍ତ କୋମଳତା ଓ ସତେଜତା ଅପହରଣ କରିନେଉଛି । ବିଶେଷ କରି ଆଜିର ସ୍ୱାବଲମ୍ବୀ ନାରୀ ପାଇଁ ଏହା ଏକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ ହୋଇପଡ଼ିଛି । କାରଣ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ସହିତ ନାରୀର ଯେଉଁ ଅହଂକାର ଟିକକ କ୍ରମଶଃ ପରିପୁଷ୍ଟ ହେଉଥାଏ, ତାହାହିଁ ତା'ର ସଠିକ୍ ବୁଝାମଣା ବାଟରେ ପ୍ରତିବନ୍ଧକ ସାଜେ । ନାରୀର ଅସହାୟତାକୁ ତ' ସମାଜ ଆଗ୍ରହରେ ଗ୍ରହଣ କରିନିଏ, କିନ୍ତୁ ନାରୀର ସାମାନ୍ୟ ଅହଂକାରକୁ କେହି ସହ୍ୟ କରନ୍ତି ନାହିଁ । ଫଳରେ ତୀବ୍ର ମାନସିକ ଚାପର ଶିକାର ହୋଇ ନାରୀ ନିଜ ଉପରେ ହିଁ ପ୍ରତିଶୋଧପରାୟଣ ହୋଇଉଠେ ।

ଏତେଦିନ ଧରି ପୁରୁଷର ଅହଂକାର, କ୍ରୋଧ ଓ ହିଂସାକୁ ସହନ କରି କରି ନାରୀ ପୁରୁଷକୁ ସାହଚର୍ଯ୍ୟ ଦେଇଆସିଛି । ସୁଖ-ସନ୍ତୋଷର ପରିବାରଟିଏ ଗଢ଼ିବାକୁ ଯତ୍ନ କରିଛି । ଆଜି ଯଦି ପୁରୁଷକୁ ମଧ୍ୟ ସେ ସେହି ଭୂମିକାରେ ଦେଖିବାକୁ ଚାହୁଁଛି, ତେବେ ସେ କିଛି ଅନ୍ୟାୟ ଇଚ୍ଛା ପ୍ରକଟ କରୁନାହିଁ । ନାରୀର ଉପାର୍ଜନରେ ସମୃଦ୍ଧ ପରିବାରର ମଧ୍ୟ ନାରୀ ପ୍ରତି କିଛି କୋମଳ ଆନ୍ତରିକତାର ଦାୟିତ୍ୱ ରହିଛି। ସେତିକି ତୁଲାଇ ପାରିଲେ, ହୁଏତ ଏତେ ପ୍ରତିଭାମୟୀ ନାରୀମାନେ ଅକାଳରେ ଦରଫୁଟା ଫୁଲ ପରି ଝଡ଼ିପଡ଼ନ୍ତେ ନାହିଁ ।

○

Source: Author, Digitized by PPRACHIN, SOA

ସାମୂହିକ ଦାୟିତ୍ୱ ସହ ନାରୀ

ପ୍ରାୟ ୭/୮ ବର୍ଷ ତଳେ କେନ୍ଦ୍ରାପଡ଼ାର ରାଜକନିକା ଅଞ୍ଚଳରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା 'ୟୁନିସେଫ୍' ସହାୟତାରେ ଅବିବାହିତା ଝିଅମାନଙ୍କୁ ନେଇ 'ମୀନା' କ୍ଲବମାନ ଗଠନ କରିଥିଲେ । ଶିଶୁକନ୍ୟା (୪/୫ ବର୍ଷ)ଙ୍କଠାରୁ ଆରମ୍ଭ କରି ବହୁ କିଶୋରୀ ଓ ତରୁଣୀ ଏହି କ୍ଲବ୍‌ର ସଦସ୍ୟା ଥିଲେ । କୌଣସି କ୍ଲବ୍ କିମ୍ବା ସମିତି ଇତ୍ୟାଦିର ସଦସ୍ୟା ହେବା କିଛି ନୂଆ କଥା ନୁହେଁ । କିନ୍ତୁ ରାଜକନିକା ପରି ନଦୀ ପରିବେଷ୍ଟିତ ଗୋଟିଏ ନିହାତି ଅପହଞ୍ଚ ଓ ଅନୁନ୍ନତ ଗ୍ରାମାଞ୍ଚଳରେ ଝିଅମାନେ ସଙ୍ଗଠିତ ହୋଇ ନିଜର ବ୍ୟକ୍ତିତ୍ୱ ଗଠନର ସଂକଳ୍ପ ନେବା ଓ ତାକୁ କାର୍ଯ୍ୟରେ କରି ଦେଖାଇବା ନିଶ୍ଚୟ ଏକ ନୂଆ ଏବଂ ବିସ୍ମୟକର ଆନନ୍ଦର କଥା ।

ସେହି 'ମୀନା'ମାନଙ୍କର ଏକ ଉତ୍ସବକୁ ମତେ ଉକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଥରେ ଡାକି ନେଇଥିଲେ । କହିଥିଲେ - ''ଆପଣ ଆମ 'ମୀନା'ମାନଙ୍କୁ କିଛି ଉଦ୍‌ବୋଧନ ଦେବେ !'' ସେଠାରେ ପହଞ୍ଚି ଦେଖିଲି, ଉତ୍ସବର ସେମିତି କିଛି ଆଡ଼ମ୍ବର ନଥିଲା । ବାସ୍ ଗୋଟିଏ ଗଛ ତଳେ ଗାଁଗହଳିର ୪ ରୁ ୨୪ ବର୍ଷର ଅନୂଢ଼ା ଝିଅମାନେ ଏକାଠି ହୋଇଥିଲେ । ଦେଖଣାହାରୀ କହିଲେ କିଛି ବୟସ୍କ ପୁରୁଷ ଓ ମା'ମାନେ ଉପସ୍ଥିତ ଥିଲେ । ସେଇ ଗଛମୂଳେ ୨/୩ଟି ଚଉକି ପଡ଼ିଥିଲା ।

ଆମେ ସେଠାରେ ବସିଲା ପରେ ଆରମ୍ଭ ହେଲା ଉତ୍ସବ । ପରିମଳ ବ୍ୟବସ୍ଥା, ଯୌତୁକ ପ୍ରଥା, ସୁଖ ପ୍ରସବ, ମା' ଓ ଶିଶୁର ଯତ୍ନ, କନ୍ୟା ସନ୍ତାନର ଅଧିକାର, ନିଶାନିବାରଣ, ସାକ୍ଷରତା, ପରିବେଶ ସୁରକ୍ଷା ଆଦି ଯାବତୀୟ ସାମାଜିକ ସମସ୍ୟାକୁ ନେଇ ସେଇ ମୀନାମାନେ ଯେପରି ଗୋଟିଏ ପରେ ଗୋଟିଏ ସ୍ୱରଚିତ, ସ୍ୱନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକମାନ ପରିବେଷଣ କରିଗଲେ, ତାହା ମତେ ଅବାକ୍ କରିଦେଲା । ସମସ୍ତେ ପ୍ରାୟ ଦରିଦ୍ର ପରିବାରର ଝିଅ । ଅଧିକାଂଶଙ୍କ ଦେହରେ ଚିରା, ମଇଳା, ଦରମଇଳା ଫ୍ରକ୍ କିମ୍ବା ସାଲୁଆର୍ ପଞ୍ଜାବୀ ଥିଲା । କିନ୍ତୁ ତା' ସତ୍ତ୍ୱେ ସେମାନଙ୍କର ମୁହଁରେ କିପରି ଏକ ସାହସ ଓ ବ୍ୟକ୍ତିତ୍ୱରେ ଆତ୍ମବିଶ୍ୱାସର ଯେଉଁ ଆଭା ଝଟକି ଉଠୁଥିଲା, ତାହା ସତରେ ଲକ୍ଷ୍ୟ କରିବାର କଥା । ମୁଁ ନିଜକୁ ସେମାନଙ୍କ ତୁଳନାରେ ଖୁବ୍ ନ୍ୟୂନ ମନେ କରୁଥିଲି ।

Source: Author, Digitized by PPRACHIN, SOA

କଥା ପ୍ରସଙ୍ଗରେ ଯେତେବେଳେ ସେମାନଙ୍କୁ ପଚାରିଲି, ଏଇ 'ମୀନା' କ୍ଲବ ଗଢ଼ି ତମର କ'ଣ ଲାଭ ହୋଇଛି ? ଝିଅଟିଏ ଖୁବ୍ ଆଗ୍ରହରେ ଠିଆ ହୋଇପଡ଼ି କହିଲା - 'ମୀନା' ହେଲାପରେ ଆମକୁ ଆଉ ଡର ମାଡୁନି । ଆମେ ରାତିଅଧରେ ବି ସାଇକେଲ୍‌ରେ ଏ ଗାଁରୁ ସେ ଗାଁକୁ ଯାଇପାରୁଛୁ । କାହାର ଟିକିଏ କ'ଣ ଅସୁବିଧା ହେଲେ ସବୁ 'ମୀନା'ମାନେ ଏକାଠି ହୋଇଯାଇପାରୁଛୁ । ସେଇ ଭୟରେ ଗାଁରେ କେହି ମଧ ଆଉ ଆମକୁ ଖରାପ ବ୍ୟବହାର ପ୍ରଦର୍ଶନ କରିବାକୁ ସାହସ କରୁନାହାନ୍ତି ।

ଶୁଣିଲି, ମହାବାତ୍ୟା ପରେ ଏଇ 'ମୀନା'ମାନେ ପ୍ରତି ଗାଁରେ ରିଲିଫ୍ ବାଣ୍ଟିବାର ଦାୟିତ୍ୱ ନେଇଥିଲେ ଓ ସେମାନଙ୍କ ଦାୟିତ୍ୱରେ ଥିବା ଗାଁମାନଙ୍କରେ ରିଲିଫ୍‌ର ହେରଫେର୍ ଆଦୌ ହୋଇପାରି ନଥିଲା । ଏଇ କ୍ଲବର କୌଣସି ନିର୍ଦ୍ଦିଷ୍ଟ ଘର ନଥିଲା । କାହାରି ଘରର ମେଲାରେ, ଖଳାବାଡ଼ିରେ, ପିଣ୍ଡାରେ କି ଗଛମୂଳେ ଏକାଠି ହେଲା ମାତ୍ର ସେଇଟି ପାଲଟି ଯାଉଥିଲା କ୍ଲବ୍ ଘର । କ୍ଲବ୍‌ର ସଦସ୍ୟମାନେ, ବିଲବାଡ଼ି କାମ, ଗାଈଗୋରୁ ଜଗାରଖା, ଘସି ପାରିବା, ଜାଳ ଗୋଟାଇବା ଓ ଘରେ ରୋଷେଇବାସ କରିବା ପରି ସବୁ କାମ କରୁଥିଲେ । କିନ୍ତୁ ସାମୂହିକ ଦାୟିତ୍ୱ ନେଲାବେଳେ ଏକ ସୁଶୃଙ୍ଖଳିତ ସୈନ୍ୟବାହିନୀ ପରି ଜାଗ୍ରତ ହୋଇ ଉଠୁଥିଲେ ।

କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହି ଝିଅମାନଙ୍କ ଚରିତ୍ର ନେଇ ଟୀକା ଟିପ୍ପଣୀ କଲେ ଓ କଥା ସମ୍ବାଦପତ୍ରରେ ପ୍ରକାଶିତ ହେବାଯାଏଁ ଗଲା । ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା 'ମୀନା'-ମାନଙ୍କର ବାସ୍ତବତା ଜଣାଇବାକୁ ସେମାନଙ୍କୁ ଏକ ଦୈନିକ ସମ୍ବାଦପତ୍ରର କାର୍ଯ୍ୟାଳୟକୁ ନେଇଥିଲେ ବୋଲି ଶୁଣିଲି । ସେଠାରେ ସେମାନେ ନିଜର କିପରି ପରିଚୟ ଦେଲେ ବୋଲି ମୁଁ ଯେତେବେଳେ ଉକ୍ତ କର୍ମକର୍ତ୍ତା ଓ ଗୋଟିଏ ମୀନା କ୍ଲବ୍‌ର ସମ୍ପାଦିକାଙ୍କୁ ପଚାରିଲି - ତାଙ୍କ ବିବରଣୀ ମତେ ଆହୁରି ଚକିତ ଓ ଆନନ୍ଦିତ କଲା ।

ସେଠାରେ କନ୍ୟାସନ୍ତାନର ଅଧିକାର ସମ୍ପର୍କରେ ଏକ ଛୋଟ ପ୍ରଶ୍ନୋତ୍ତର ଓ ଭାବ ଆଦାନପ୍ରଦାନର କାର୍ଯ୍ୟକ୍ରମ ହୋଇଥିଲା । ଦୁଇଟି ଦଳ ଝିଅ ସେଥିରେ ଭାଗ ନେଇଥିଲେ । ଗୋଟିଏ ଦଳରେ କଟକର କନ୍‌ଭେଣ୍ଟ ସ୍କୁଲ ପଢୁଆ ଉଚ୍ଚବର୍ଗର ଝିଅମାନେ ଥିଲେ ତ' ଅନ୍ୟ ଦଳରେ ଦରିଦ୍ର ପରିବାରରୁ ଯାଇଥିବା ଓ ଗାଁ ସ୍କୁଲ୍‌ରେ ପଢୁଥିବା ଆମ 'ମୀନା'ମାନେ । ପ୍ରଥମ ଦଳଟି କହିଲେ - ଛୋଟ ପୋଷାକ ପିନ୍ଧିବା, ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ସିନେମା ଦେଖିବା, ନାଇଟ୍ କ୍ଲବ୍ କି ଡିସ୍କୋରେ ନାଚିବା, ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା, ଡେରି ରାତିଯାଏଁ ବାହାରେ ବୁଲିବା - ଏସବୁ କନ୍ୟାସନ୍ତାନର ଅଧିକାର ।

Source: Author, Digitized by PPRACHIN, SOA

ଅନ୍ୟପକ୍ଷରେ ମୀନାମାନେ କହିଲେ ଯେ, ଠିକ୍ ଭାବରେ ପାଠ ପଢ଼ିବା, ପୁଷ୍ଟିକର ଖାଦ୍ୟ ଖାଇବା, ଉପାର୍ଜନକ୍ଷମ ହେବା, ସମାଜ ଓ ପରିବାରର ସମସ୍ୟା ସହିତ ଜଡ଼ିତ ହୋଇ ତା'ର ସମାଧାନ ପାଇଁ ଚେଷ୍ଟା କରିବା ଓ ସବୁରି ସହଯୋଗ, ସମର୍ଥନ ପାଇବା ଝିଅମାନଙ୍କର ଅଧିକାରଭୁକ୍ତ ହେବା ଉଚିତ ।

ସମାଜର ଦୁଇଟି ବର୍ଗର ଝିଅମାନଙ୍କର ନିଜର ଅଧିକାର ପ୍ରତି ଏହି ଦୃଷ୍ଟିକୋଣ ଗୋଟିଏ କଥା ସ୍ପଷ୍ଟ କରିଦେଉଥିଲା ଯେ, ଭୋଗବାଦ କେବେହେଲେ ନାରୀକୁ ବ୍ୟକ୍ତିତ୍ୱ ଓ ଆତ୍ମବିଶ୍ୱାସର ଅଧିକାରୀ କରାଇପାରେ ନାହିଁ । ବରଂ ଭୋଗବାଦର କବଳରେ ପଡ଼ି ନାରୀ ଏକ ବିଚାରଦାରିଦ୍ର୍ୟର ଶିକାର ହୋଇଯାଏ, ଯାହା ତାକୁ ସମାଜର ଶୁଭଙ୍କର ଓ ଶୋଭନୀୟ ଧାରାରୁ ବିଚ୍ୟୁତ କରି ଭ୍ରଷ୍ଟ କରିଦିଏ ।

ସେହି 'ମୀନା'ମାନଙ୍କର କାର୍ଯ୍ୟଧାରା ଓ ଚିନ୍ତାଧାରା ସେଦିନ ମୋ ଭିତରେ ଗୋଟିଏ ଭିନ୍ନ ଧରଣର ବିଶ୍ୱାସ ଆଣି ଦେଇଥିଲା । ବହୁତ ବେଶୀ ଧନସମ୍ପଦ, ଉଚ୍ଚଶିକ୍ଷା, ଉଚ୍ଚ ପଦବୀ, ଯଶ-କ୍ଷମତା ହୁଏତ ନାରୀକୁ ସେତିକି ସୁରକ୍ଷା ଦେବନାହିଁ, ଯେତିକି ନିଜ ପାଇଁ ଓ ସମାଜ ପାଇଁ ତା'ର ଗଠନମୂଳକ ଭୂମିକା ଓ ଚିନ୍ତାଧାରା ତାକୁ ସୁରକ୍ଷା ଦେଇପାରିବ । ଭୋଗବାଦର ପ୍ରତିଯୋଗିତା ମଣିଷକୁ ସାମୂହିକ ମଙ୍ଗଳକାମନାଠାରୁ ଦୂରେଇ ଦେଉଛି । ଉଚ୍ଚଶିକ୍ଷିତ, ସ୍ୱଚ୍ଛଳ, ସ୍ୱାବଲମ୍ବୀ ନାରୀମାନେ ମଧ୍ୟ ଏହାର ଆବର୍ତ୍ତରେ ପଡ଼ି ସାମୂହିକ ଭାବେ ନାରୀ ପାଇଁ ସୁରକ୍ଷା ଓ ସମୃଦ୍ଧିର ସମ୍ଭାବନାଠାରୁ ଦୂରେଇ ଯାଉଛନ୍ତି ।

କିନ୍ତୁ ରାଜକନିକାର 'ମୀନା'ମାନଙ୍କ ପରି ଅଶିକ୍ଷିତା, ସ୍ୱଳ୍ପଶିକ୍ଷିତା ଝିଅମାନେ ଯେଉଁ ବିରଳ ଆତ୍ମବିଶ୍ୱାସ ପ୍ରଦର୍ଶନ କରୁଥିଲେ, ସବୁ ସ୍ତ୍ରୀ ଲୋକମାନଙ୍କର ଉନ୍ନତ ଭବିଷ୍ୟତ ପାଇଁ ତାହା ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି କରୁଥିଲା କହିଲେ ଭୁଲ ହେବନାହିଁ ।

○

Source: Author, Digitized by PPRACHIN, SOA

ଉପଭୋକ୍ତା ସମାଜ ଓ ନାରୀ ମୁକ୍ତି

ଗତ ଦଶନ୍ଧି ମଧ୍ୟରେ ଭାରତୀୟ ଉପମହାଦେଶରେ ସାମାଜିକ ପରିବର୍ତ୍ତନର ଯେଉଁ ମୁଖ୍ୟ ସ୍ରୋତମାନ ପ୍ରବାହିତ ହେଉଛି ତନ୍ମଧ୍ୟରେ ନାରୀମୁକ୍ତି ଏବଂ ଉପଭୋକ୍ତାବାଦ ନିଶ୍ଚୟ ପ୍ରମୁଖ ସ୍ଥାନ ଅଧିକାର କରିବେ । ଜଗତୀକରଣ, ଉଦାରୀକରଣ, ମୁକ୍ତବାଣିଜ୍ୟନୀତି ଇତ୍ୟାଦି ଭାରତର ଅର୍ଥନୀତିକୁ ଯାହା ପ୍ରଭାବିତ କରୁନା କାହିଁକି, ଭାରତର ସାଂସ୍କୃତିକ ପରିମଣ୍ଡଳକୁ ଏହା ଯଥେଷ୍ଟ ବେଶି ପ୍ରଭାବିତ କରିଛି । ପ୍ରଚାର, ପ୍ରସିଦ୍ଧି, ପ୍ରତିଯୋଗିତା ଓ ପ୍ରଯୁକ୍ତିବିଦ୍ୟାର ଏକ ସମୂହ ଘୂର୍ଣ୍ଣି ଭାରତର ନୂଆ ପିଢ଼ିକୁ ସମ୍ପୂର୍ଣ୍ଣଭାବେ ଆନ୍ଦୋଳିତ କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ । ବିଜ୍ଞାପନ ଏବଂ ଯୋଗାଯୋଗ ସ୍ଥାପନ ଆଜି ବୃତ୍ତିଗତ ସଫଳତାର ଚାବିକାଠି ହୋଇଛି । ମଣିଷ ମଣିଷ ମଧ୍ୟରେ ଭାବଗତ ଓ ଆତ୍ମିକ ସମ୍ପର୍କ ହ୍ରାସ ପାଇ ବ୍ୟାବସାୟିକ ସମ୍ପର୍କରେ ବୃଦ୍ଧି ଘଟିଛି । ଆବେଗ, ଜ୍ଞାନ ସୃଜନଶୀଳତା ଏପରିକି ଧର୍ମବିଶ୍ୱାସ ଓ ଆଧ୍ୟାତ୍ମିକତା ପରି ମହତ୍ ମାନବୀୟ ପ୍ରବୃତ୍ତିକୁ ମଧ୍ୟ ଉପଭୋକ୍ତାବାଦୀ ସମାଜ ପଣ୍ୟଭାବେ ବ୍ୟବହାର କରି ମୁନାଫା ଉଠାଇବାକୁ ବ୍ୟଗ୍ର ହୋଇପଡୁଛି । ଅର୍ଥକୁ କ୍ଷମତା ନିମନ୍ତେ ଓ କ୍ଷମତାକୁ ଅର୍ଥ ନିମନ୍ତେ ବିନିଯୋଗ କରିବା ଯେପରି ଏକ ସାମାଜିକ ଧାରା ହୋଇଛି ସେହିପରି ସିଦ୍ଧି ନଥାଇ ପ୍ରସିଦ୍ଧିର ଶିଖରକୁ ଚଢ଼ିଯିବା ଏକ ନିଶାରେ ପରିଣତ ହୋଇଛି । ମୋଟାମୋଟି ଦେଖିବାକୁ ଗଲେ ଏହି ଉପଭୋକ୍ତାବାଦୀ ସମାଜ ବ୍ୟବସ୍ଥାରେ ବିଳାସ, କ୍ଷମତା ଓ ତୁଚ୍ଛ ବୈଷୟିକପ୍ରାପ୍ତି ନିମନ୍ତେ ସଂକୀର୍ଣ୍ଣ ବ୍ୟବସାୟିକ ଆତ୍ମକୈନ୍ଦ୍ରିକତା ତଥା ଆତ୍ମପ୍ରବଞ୍ଚନାର ପରିସର ଏତେ ବ୍ୟାପକ ହୋଇପଡ଼ିଛି ଯେ ମଣିଷ ନିଜର ସମସ୍ତ ପ୍ରବୃତ୍ତି ଓ ଗୁଣ (?)କୁ ପଣ୍ୟ ଭାବୁଛି ଏବଂ ବଜାରରେ ତା'ର କାଟ୍‌ତି ଉପରେ ସେ ନିଜ ଜୀବନର ସଫଳତାର ସୀମା ନିର୍ଦ୍ଧାରଣ କରୁଛି । ବଜାରରେ ନ ଚଳିଲେ ଦେବୀ ମୂର୍ତ୍ତିକୁ ଗୋଡ଼ଘଷା ପଥରରେ ପରିଣତ କରି ଲଙ୍ଗୁଳୀ କଣ୍ଢେଇକୁ କାଚ ଆଲମାରୀରେ ସଜେଇ ରଖୁଥିବା ଏହି ବୈଶ୍ୟ ସମାଜର ପୃଷ୍ଠଭୂମିରେ 'ନାରୀମୁକ୍ତି' ସମ୍ବନ୍ଧରେ ଆଲୋଚନା କଲାବେଳେ ନାରୀମୁକ୍ତିର ପ୍ରଚଳିତ ଦିଗଟି ପ୍ରତି ସ୍ୱତନ୍ତ୍ରଭାବେ ଦୃଷ୍ଟିପାତ କରିବା ଆବଶ୍ୟକ ମନେହୁଏ ।

ବୈଦିକ ଭାରତରେ ଯେତେବେଳେ ମୁକ୍ତିର ପରିଭାଷା ଶତକଡ଼ା ଶହେଭାଗ ଆଧ୍ୟାତ୍ମିକ ଥିଲା ସେତେବେଳେ ନାରୀମୁକ୍ତି – ପୁରୁଷ ମୁକ୍ତି ପରି ସ୍ୱତନ୍ତ୍ର ଧାରଣାର ପ୍ରଶ୍ନ ହିଁ ନଥିଲା । ଆଜି ମଧ୍ୟ ଆମେ ଲୋପାମୁଦ୍ରା, ବିଶ୍ୱବାରା, ଅପାଲା, ଗାର୍ଗୀ, ମୈତ୍ରେୟୀଙ୍କ

Source: Author, Digitized by PPRACHIN, SOA

ପରି ବ୍ରହ୍ମବାଦିନୀମାନଙ୍କ ନାମ ସ୍ମରଣ କରୁ ଯେଉଁମାନେ ଅନ୍ୟସବୁ ଭାରତୀୟ ଋଷିମୁନିଙ୍କ ପରି ଆତ୍ମଜ୍ଞାନର ଶିଖରକୁ ଆରୋହଣ କରିବାର ପ୍ରକ୍ରିୟାକୁ ହିଁ ମୁକ୍ତି ବୋଲି ବୁଝିଥିଲେ । ପୁରୁଷକୈନ୍ଦ୍ରିକ ସମାଜର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଫଳରେ ନାରୀର ଜ୍ଞାନ ଅର୍ଜନର ସୁଯୋଗ ଓ ମାନସିକତା କ୍ରମଶଃ ହ୍ରାସପାଇବା ସଙ୍ଗେ ସଙ୍ଗେ ତାର ଆତ୍ମସଚେତନତା ମଧ୍ୟ ଧୀରେ ଧୀରେ ଲୋପ ପାଇଲା ଏବଂ ଏପରି ଏକ ସମୟ ଆସିଲା ଯେତେବେଳେ ସେ ନିଜକୁ ମଣିଷଭାବେ ନ ଦେଖି ପୁରୁଷର ସ୍ଥାବର ଅସ୍ଥାବର ସମ୍ପତ୍ତିର ଉପଭୋଗଯୋଗ୍ୟ ଅଂଶବିଶେଷ ଭାବେ ଦେଖିଲା । ପୁରୁଷ ହେଲା ଉପଭୋକ୍ତା ଓ ନାରୀ ହେଲା ଉପଭୋଗ ସାମଗ୍ରୀ ।

ସମାଜ ବିବର୍ତ୍ତନର ବିଭିନ୍ନ ସ୍ତରଦେଇ ନାରୀକୁ ପଣ୍ୟବସ୍ତୁରେ ପରିଣତ କରିବାର ପ୍ରକ୍ରିୟା ସହିତ ତାଳଦେଇ ନାରୀ ଉପରେ ନିର୍ଯାତନାର ସୀମା ମଧ୍ୟ ବଢ଼ିବାକୁ ଲାଗିଲା । ଏହି ପର୍ଯ୍ୟାୟରେ ନାରୀ ପାଇଁ ମୁକ୍ତିର ବ୍ୟାକୁଳତା ଆଉ ଆଧ୍ୟାତ୍ମିକ ମୁକ୍ତିର ପ୍ରଶ୍ନ ହୋଇ ରହିଲା ନାହିଁ । ପୁରୁଷ ଓ ପୁରୁଷ କୈନ୍ଦ୍ରିକ ସମାଜ ବ୍ୟବସ୍ଥାର ନିର୍ଯାତନା ଓ ପକ୍ଷପାତିତା କବଳରୁ ମୁକ୍ତି ପାଇବା ନାରୀର ପ୍ରଧାନ ସମସ୍ୟା ହୋଇ ଦେଖାଦେଲା । ଆର୍ଥନୀତିକ ସ୍ୱାବଲମ୍ବନଶୀଳତା ସହିତ ପୁରୁଷସୁଲଭ ଆଚରଣ ପ୍ରଦର୍ଶନ କରିବା ଓ ପୁରୁଷ ପ୍ରତି ପ୍ରତିକ୍ରିୟାଶୀଳ ମନୋଭାବ ପୋଷଣ କରିବା ମୁକ୍ତ ନାରୀର ଆଦର୍ଶ ଆଚରଣଭାବେ ଗୃହୀତ ହେଲା । ମୁଖ୍ୟତଃ ପାଶ୍ଚାତ୍ୟ ଦେଶମାନଙ୍କର ବସ୍ତୁବାଦୀ ସଭ୍ୟତାରେ ନାରୀମୁକ୍ତି ସମ୍ପର୍କିତ ଏହିପରି ଦୃଷ୍ଟିକୋଣକୁ ପଶ୍ଚିମର ନାରୀ ଗ୍ରହଣ କରିଥିଲା । ବିଶ୍ୱଇତିହାସରେ ଏହି ଧାରଣାକୁ ଆମେ ଆଧୁନିକ ବାମାବାଦ (ଫେମିନିଜମ୍) ଭାବେ ଜାଣିଥାଉଁ ।

ଭାରତବର୍ଷରେ କିନ୍ତୁ ଏହି ଫେମିନିଜମ୍‌ର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ଗାନ୍ଧିଜୀ ଭାରତୀୟ ନାରୀମାନଙ୍କୁ ତ୍ୟାଗପୂତ ମୁକ୍ତିର ମନ୍ତ୍ରରେ ଦୀକ୍ଷିତ କରାଇଥିଲେ । ସେ ହୁଏତ ଆଶା କରିଥିଲେ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଭାରତରେ ପୁନଶ୍ଚ ବୈଦିକଯୁଗର ବ୍ରହ୍ମବାଦିନୀ ନାରୀମାନଙ୍କର ଅଭ୍ୟୁଦୟ ଘଟିବ । ଉଚ୍ଚଚିନ୍ତା, ଉଚ୍ଚବିଚାର ଏବଂ ଜ୍ଞାନ-ବିଜ୍ଞାନର ସମନ୍ୱିତ ଶକ୍ତିରେ ସ୍ତ୍ରୀ ଶକ୍ତିର ବଳିଷ୍ଠଧାରା ସୃଷ୍ଟି ହେବ ।

ଅଥଚ ସ୍ୱାଧୀନତା ପରର ଭାରତବର୍ଷ ଯେପରି ବିବେକହୀନତାକୁ ପ୍ରତ୍ୟକ୍ଷ କରୁଛି, ଭାରତର ଇତିହାସରେ ତାହା ବିରଳ । ସ୍ୱାଧୀନତାକୁ ସ୍ୱେଚ୍ଛାଚାର ଓ ବିଳାସର ଅବଲମ୍ବନଭାବେ ଗ୍ରହଣ କରିନେବାକୁ ଏ ଦେଶର ନେତୃବର୍ଗ ଆଦୌ ହେଳା କଲେ ନାହିଁ । ପାଶ୍ଚାତ୍ୟ ବସ୍ତୁବାଦୀ ଜୀବନଚର୍ଯ୍ୟାର ମୋହ ଭାରତୀୟମାନଙ୍କୁ ସମ୍ପୂର୍ଣ୍ଣ ଗ୍ରାସ କଲାବେଳେ ଉପଭୋକ୍ତାବାଦର ଝଡ଼ ସେମାନଙ୍କୁ ନିଜର ମାଟି ଓ ଆତ୍ମାଠାରୁ ପୁରାପୁରି ବିଚ୍ଛିନ୍ନ କରିଦେଲା । ମୂଲ୍ୟବୋଧ-ହୀନତାର ନିର୍ଲଜ ପ୍ରଦର୍ଶନରେ ଭାରତର ନେତୃବର୍ଗ

Source: Author, Digitized by PPRACHIN, SOA

ପାଶ୍ଚାତ୍ୟର ବ୍ୟବସାୟୀ ମାନସିକତାକୁ ମଧ୍ୟ ଲଜ୍ଜିତ କରିଦେଲେ। ସବୁକିଛିର ବ୍ୟାପକ ବ୍ୟବସାୟୀକରଣ ମଧ୍ୟରେ ଶିକ୍ଷା, ସୌନ୍ଦର୍ଯ୍ୟ, ପ୍ରତିଭା, ବ୍ୟକ୍ତିତ୍ୱ ପରି ସୁକୁମାର ଓ ଦୀପ୍ତ ଚେତନାଗୁଡ଼ିକ ମଧ୍ୟ ବଜାରରେ ଖର୍ଦ୍ଦି - ବିକ୍ରି କରିବାର ପଦାର୍ଥରେ ପରିଣତ ହୋଇଗଲା । ଏପରିକି ସମାଜସେବା ରାଜନୀତି ଓ କଳା - ସାହିତ୍ୟ ପରି ମହତ୍ ପ୍ରବୃତ୍ତି ସବୁ ଜୀବିକା, ପ୍ରସିଦ୍ଧି, ଅର୍ଥ ଓ କ୍ଷମତାର୍ଜନର ବିପଣୀରେ ପଣ୍ୟ ରୂପେ ଗୃହୀତ ହେଲା । ଏପରିସ୍ଥଳେ ମୂଳରୁ ବସ୍ତୁଭାବେ ପରିଗଣିତା ହେଉଥିବା ନାରୀର ସ୍ଥିତିରେ କେଉଁ ଉତ୍ତରଣ ଅବା ପ୍ରଗତି ପରିଲକ୍ଷିତ ହୁଅନ୍ତା ?

ଏକ ପୁରୁଷପ୍ରଧାନ ସମାଜ ପୁରୁଷର ବିଳାସ ଓ ଉପଭୋଗର ମାନସିକତାକୁ ସ୍ୱୀକୃତି ଏବଂ ପ୍ରାଧାନ୍ୟ ପ୍ରଦାନ କରିଥାଏ । ଉପଭୋଗପ୍ରବଣତା ତେଣୁ ଏକ ପୁରୁଷକୈନ୍ଦ୍ରିକ ଦୃଷ୍ଟିକୋଣ । ଏହି ଦୃଷ୍ଟିକୋଣରୁ ଦେଖିଲେ ବିଭିନ୍ନ ବିଳାସ ତଥା ଉପଭୋଗସାମଗ୍ରୀ ମଧ୍ୟରେ ନାରୀଦେହ ହେଉଛି ଶ୍ରେଷ୍ଠ ପଦାର୍ଥ । ସେ ଗୃହବଧୂ ହେଉ କିମ୍ବା ବାରାଙ୍ଗନା ହେଉ, ପ୍ରତ୍ୟେକ ନାରୀ ଭିତରେ ପୁରୁଷ ପ୍ରଥମେ ନିଜର ଲାଳସାପୂର୍ତ୍ତିର ଉପାଦାନ ହିଁ ଖୋଜିଥାଏ । ତେଣୁ ନାରୀର ଆତ୍ମା କିମ୍ବା ଅସ୍ମିତା ତୁଳନାରେ ତା'ର ଦେହକୁ ସେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ । ସାମ୍ପ୍ରତିକ ସମାଜରେ ଭାରତୀୟ ନାରୀ ଆଉ ଗୃହକୋଣରେ ଆବଦ୍ଧ ହୋଇ ରହିନାହିଁ । ଉଚ୍ଚଶିକ୍ଷା, ଉଚ୍ଚବୃତ୍ତି ଓ ମୁକ୍ତ ମାନସିକତାର ସ୍ୱାଦ ସେ ଆସ୍ୱାଦନ କରିପାରୁଛି; କିନ୍ତୁ ତା'ର ଏହି ମୁକ୍ତିବୋଧ ଆତ୍ମିକ ମୁକ୍ତିର ଧାରଣାକୁ ବିକଶିତ କରିବା ପରିବର୍ତ୍ତେ ବସ୍ତୁବାଦ ଓ ଉପଭୋକ୍ତାବାଦର ଦାସତ୍ୱ ଦିଗରେ ଝଡ଼ବେଗରେ ସଞ୍ଚାଳିତ ହେଉଛି । ଠିକ୍ ପୁରୁଷପରି ଅର୍ଥ, କ୍ଷମତା ଏବଂ ସାମାଜିକ ପ୍ରସିଦ୍ଧି ହାସଲ କରିବାପାଇଁ ନାରୀ ଦୟା, କ୍ଷମା, କରୁଣା, ମମତା, ପ୍ରେମ, ସମ୍ଭ୍ରମ ପରି ସବୁ ନାରୀସୁଲଭ ଗୁଣକୁ ବାଜି ଲଗେଇ ଦେଉଛି । ନିଜକୁ ବିକଶିତ କରିବା ଅପେକ୍ଷା ବିଜ୍ଞାପିତ କରିବାକୁ ସଫଳତାର ସୋପାନ ବୋଲି ଭାବୁଛି । ସେଥିପାଇଁ ଉଚ୍ଚଶିକ୍ଷା, ଉଚ୍ଚପଦବୀ ତଥା ବିଶ୍ୱପ୍ରସିଦ୍ଧି ସତ୍ତ୍ୱେ ନାରୀ ବ୍ୟକ୍ତିତ୍ୱରେ ମାନବୀୟ ଆଦର୍ଶର ନିର୍ମଳ ଆଭା ଫୁଟିଉଠୁନାହିଁ । ନିଜର ମୁକ୍ତିବୋଧକୁ ଉପଭୋକ୍ତାବାଦୀ ସମାଜ ବ୍ୟବସ୍ଥାର ଅନୁକୂଳରେ ବ୍ୟବହାର କରିବାଦ୍ୱାରା ନାରୀ ଯେ ଅଧିକରୁ ଅଧିକ ପୁରୁଷପ୍ରଧାନ ସମାଜର ଉପଭୋଗସର୍ବସ୍ୱ ମାନସିକତାକୁ ପରିପୁଷ୍ଟ କରୁଛି, ଏହା ଆଜିର ନାରୀ ଜାଣି ମଧ୍ୟ ଅଜଣା ରହୁଛି । ଗୃହରେ, କାର୍ଯ୍ୟାଳୟରେ, ଜୀବନ ଓ ଜୀବିକାର ସମସ୍ତ ସ୍ତରରେ ନାରୀ ନିର୍ଯାତନାର ଅନ୍ତ ନାହିଁ । ଦେଶର ତଥା ରାଜ୍ୟର ସର୍ବୋଚ୍ଚ କ୍ଷମତାରେ ନାରୀ ଆସୀନା ହେଲେ ହେଁ ସାମୂହିକଭାବେ ନାରୀର ସୁସ୍ଥ ଜୀବନଚର୍ଯ୍ୟା ଦିଗରେ ବହୁବିଧ ପ୍ରତିବନ୍ଧକ ସୃଷ୍ଟି ହୋଇଚାଲିଛି । ରାଜନୀତି, ସମାଜସେବା, ଲୋକସେବା, ପ୍ରତିରକ୍ଷା ଇତ୍ୟାଦି କ୍ଷେତ୍ରରେ ସମ୍ମାନଜନକ ସ୍ଥାନ ଅଧିକାର କଲାବେଳେ ମଧ୍ୟ ସମଗ୍ର ନାରୀଜାତିର

Source: Author, Digitized by PPRACHIN, SOA

ପ୍ରଗତିକଳ୍ପେ ପ୍ରତିଷ୍ଠିତ ନାରୀମାନେ ଏକ ସୁରକ୍ଷିତ ସମାଜଗଠନର ଭୂମିକା ଗ୍ରହଣ କରିପାରୁ ନାହାନ୍ତି । ଏ ସବୁର ଏକମାତ୍ର କାରଣ ହେଉଛି ଉପଭୋକ୍ତା ସମାଜରେ ନାରୀର ମୁକ୍ତିଚେତନା ମଧ୍ୟ ବଜାରର ପଣ୍ୟ ପାଲଟିଯାଇଛି ଏବଂ ଉପଭୋଗସର୍ବସ୍ୱ ପୁରୁଷକୈନ୍ଦ୍ରିକ ସମାଜ ନାରୀମୁକ୍ତିର ଏହି ଭ୍ରମକୁ କାରବାର କରି ବେଶ୍ ମୁନାଫା ଅର୍ଜନ କରୁଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଗାନ୍ଧିଜୀ ନାରୀ ପାଇଁ ଦେଖିଥିବା ଆତ୍ମିକ ମୁକ୍ତିର ସ୍ୱପ୍ନ ସୁଦୂର ପରାହତ ହୋଇଉଠିଛି । ତେଣୁ ସମସ୍ତ ଜ୍ଞାନଗରିମା କ୍ଷମତା, ସମାନ ଅଧିକାର ସତ୍ତ୍ୱେ ନାରୀଟିଏ ଆଜି ଭାରତବର୍ଷର ରାଜରାସ୍ତାରେ ରାତି ବାରଟାବେଳେ ନିର୍ଭୟରେ ବାଟ ଚାଲିପାରୁନାହିଁ । ସମାଜର ବଡ଼ପଣ୍ଡାମାନେ ନାରୀଦେହ ଏବଂ କେବଳ ଜୀବିକାର୍ଜନ ପାଇଁ ନାରୀର ଶିକ୍ଷାଦୀକ୍ଷାକୁ ବାହାବା ଦେବାବେଳେ ମାନବଜୀବନ ପାଇଁ ଲଢୁଥିବା ନାରୀର ଅସ୍ମିତା ପ୍ରତି ଅସହିଷ୍ଣୁ ହୋଇଉଠୁଛନ୍ତି । ଅର୍ଥ, କ୍ଷମତା ଓ ଖ୍ୟାତି ନିମନ୍ତେ ତଥାକଥିତ ନେତ୍ରୀ ଓ ନଗ୍ନ ଦେହ ପ୍ରଦର୍ଶନକାରିଣୀ ସୁନ୍ଦରୀମାନେ ରାଷ୍ଟ୍ରୀୟ ମାନ୍ୟତା ପାଉଛନ୍ତି ହେଲେ ତସ୍‌ଲିମା, ମେଧା ପାଟେକର କିମ୍ବା ଅରୁନ୍ଧତୀଙ୍କ ପରି ନାରୀର ଅନ୍ତରାତ୍ମା ଓ ସତ୍ୟବଦ୍ଧତାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତିଙ୍କୁ ବିଭିନ୍ନ କଟକଣା ଓ ବିପଦର ମୁକାବିଲା କରିବାକୁ ପଡୁଛି । ବୈଷୟିକ ପ୍ରାପ୍ତି ଓ ବିଳାସର କୋଳାହଳ ଭିତରେ ସାଧାରଣ ନାରୀର ଆତ୍ମାର ଆର୍ତ୍ତନାଦ କୁଆଡ଼େ ମିଳେଇ ଗଲାଣି । ସମାଜର ରୀତିନୀତି ଓ ବାଧବାଧକତା ଭିତରେ ଯେତେବେଳେ ନାରୀ ପୁରୁଷ ହାତର କ୍ରୀଡ଼ନକ ସାଜୁଥିଲା ସେତେବେଳେ ବରଂ ତା'ର ଦୁଃଖ ଓ ନିପୀଡ଼ନ ତା'ର ସୂକ୍ଷ୍ମ ସମ୍ବେଦନକୁ ଅଧିକ ଶାଣିତ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଆତ୍ମସଚେତନ କରୁଥିଲା । ରାଜାରାଜୁଡ଼ା ଓ କ୍ଷମତାଶାଳୀ ବ୍ୟକ୍ତିମାନଙ୍କର ଅତ୍ୟାଚାରକୁ ସେମାନଙ୍କର ପତ୍ନୀମାନେ ସଚେତନଭାବେ ବିରୋଧ କରିବାର ଦୃଷ୍ଟାନ୍ତ ଆମ ପୁରାଣ ଇତିହାସରେ ବିରଳ ନୁହେଁ। କିନ୍ତୁ ଆଜି ନାରୀଜାତିର ବିଳାସ ସର୍ବସ୍ୱ ମାନସିକତା ପୁରୁଷର ଉପଭୋଗ ସର୍ବସ୍ୱ ମାନସିକତା ସହିତ ସମତାଳରେ ଆଗେଇ ଚାଲିଛି । ବେଳେବେଳେ ଏହାକୁ ବଳିଯାଉଛି ମଧ୍ୟ । ନାରୀ ଆଜି ନିଜେ ନିଜକୁ ଖେଳ କଣ୍ଢେଇ ସଜେଇ ହାଟରେ ବସିଯାଉଛି; କେବଳ ପୁରୁଷପ୍ରଧାନ ସମାଜ ନୁହେଁ - ସେ ନିଜେ ମଧ୍ୟ ନିଜର ଉପଭୋକ୍ତା ପାଲଟିଛି । ଏହି ଉପଭୋକ୍ତା ମନୋବୃତ୍ତିଟିକୁ ସେ ପୁରୁଷଠାରୁ ଗ୍ରହଣ କରିଛି । ନିଜର ଦର କଷାକଷିର ନିଶାରେ ମସଗୁଲ ନାରୀ ଜାଣିପାରୁନାହିଁ ଯେ ସେ କେଉଁ ଅମୂଲ୍ୟ ସତ୍ତାଟିକୁ ହଜେଇ ଦେଉଛି । ନାରୀର ମୌଳିକ ସତ୍ତାଟି ହେଉଛି ସୃଷ୍ଟି ସତ୍ତା । ମାନବିକ ସଦ୍‌ଗୁଣାବଳୀର ବିକାଶରେ ସେହି ସୃଜନଶୀଳ ସତ୍ତାକୁ ନିୟୋଜିତ କରବା ନାରୀମୁକ୍ତିର ପରିଭାଷା ହେବା କଥା। କିନ୍ତୁ ଉପଭୋକ୍ତାବାଦୀ ସମାଜରେ କେବଳ ବୈଷୟିକ ଲାଭ ପାଇଁ ନିଜ ଅସ୍ତିତ୍ୱକୁ ବ୍ୟବହାର କରିବା ଓ

Source: Author, Digitized by PPRACHIN, SOA

ପୁରୁଷର ଯାବତୀୟ ଅସଦ୍‌ଗୁଣ ସହିତ ପାଦମିଳେଇ ଚାଲିବା ଅଧିକାଂଶ ନାରୀ ନିଜର ମୁକ୍ତିର ଅଧିକାର ବୋଲି ଭାବୁଛନ୍ତି । ଗୋଳିପାଣି କଙ୍କଡ଼ାକୁ ସୁହାଇଲା ପରି ପୁରୁଷକୁ ମଧ୍ୟ ଏହା ବେଶ୍ ସୁହାଉଛି । ବାସ୍ତବରେ ଉପଭୋକ୍ତାବାଦ ନାରୀମୁକ୍ତିର ମହିମ୍ନ ଚେତନାଟିକୁ ବିକାଶ ପରିବର୍ତ୍ତେ ବିନାଶଆଡ଼କୁ ବାଟ କଢ଼େଇ ନେଉଛି । ବୈଷୟିକ ସୁଖ- ସଂଭୋଗର ଲାଳସା ନାରୀକୁ ଆଜି ଏତେ ଘାରିଛି ଯେ ପୁରୁଷ ସୁଲଭ ସ୍ଥୂଳ ଉପଭୋଗ ଭାବନାକୁ ସେ ନାରୀସୁଲଭ ସୂକ୍ଷ୍ମପ୍ରେମ ଭାବନା ଅପେକ୍ଷା ଅଧିକ ଶ୍ରେୟ ତଥା ସଫଳ ମନେକରୁନ୍ତି । ଏହି ଦାରୁଣ ଦିଶାହୀନତା ନାରୀର ସ୍ୱତନ୍ତ୍ର ସମ୍ମାନ ଓ ସ୍ୱାଧିକାରକୁ କେବଳ ତଳିତଳାନ୍ତ କରୁନାହିଁ ସମଗ୍ର ମାନବ ଜାତିର ଆତ୍ମିକ ବିକାଶକୁ ମଧ୍ୟ ପ୍ରତିହତ କରୁଛି । ଆତ୍ମଜ୍ଞାନର ଅଭାବରେ ବିଜ୍ଞାନ ତଥା ବୈଷୟିକ ଜ୍ଞାନକୌଶଳର ମୁନାଫାବାଦୀ ବ୍ୟବସାୟିକ ପ୍ରୟୋଗ ସଭ୍ୟତାକୁ ଧ୍ୱଂସମୁଖୀ କରେ । ଉପଭୋକ୍ତା ସମାଜର ଏକ ସକ୍ରିୟ ଅଙ୍ଗଭାବେ ନିଜକୁ ସଫଳ କରିବା ଆଳରେ ପୁରୁଷର ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା ଓ ଯୁଗର ତଥାକଥିତ ବସ୍ତୁବାଦୀ ପ୍ରଗତି ସହ ତାଳ ମିଳାଉଥିବା ନାରୀ ସେହି ଦୃଷ୍ଟିରୁ ଏକ ବିଡ଼ମ୍ୱିତ ମୁକ୍ତିବୋଧର ଶିକାର ହେବା ସଙ୍ଗେ ସଙ୍ଗେ ସମାଜର ଆତ୍ମିକ ଧ୍ୱଂସର ପଥ ପରିଷ୍କାର କରୁନାହିଁ ତ !

Source: Author, Digitized by PPRACHIN, SOA

ସଂପ୍ରତିକ ସମାଜରେ ନାରୀର ସ୍ଥିତି-ପ୍ରବୃତ୍ତି କିପରି

ନାରୀମାନଙ୍କ ସମ୍ପର୍କରେ କହିବାକୁ ଗଲାବେଳେ ସମାଜରେ ସାଧାରଣତଃ ସୀତା, ସାବିତ୍ରୀ, ଦ୍ରୌପଦୀ କିମ୍ବା ଦୁର୍ଗାଙ୍କ ପରି ନାରୀଙ୍କର କଥା ପଡ଼େ । ସୀତାଙ୍କ ସତୀତ୍ୱ, ଦ୍ରୌପଦୀଙ୍କ ତେଜ, ଦୁର୍ଗାଙ୍କର ଶକ୍ତି ଓ ସାବିତ୍ରୀଙ୍କର ପାତିବ୍ରତ୍ୟ ଆମକୁ ସହଜରେ ପ୍ରଭାବିତ କରିଥାଏ । କିନ୍ତୁ ଏମାନଙ୍କ କଥା ଭାବିଲା ବେଳେ ସ୍ୱତଃ କେତେକ ପ୍ରଶ୍ନ ମନରେ ଆଲୋଡ଼ନ ସୃଷ୍ଟି କରେ । ଏହି ନାରୀମାନେ ସାଧାରଣତଃ ପିତାମାତା କିମ୍ବା ଦେବତାମାନଙ୍କର ପ୍ରାର୍ଥନା ଆରାଧନାର ଫଳାଫଳ ଭାବରେ ଜଗତକୁ ଆସିଛନ୍ତି । ଅଧିକନ୍ତୁ ଦୁର୍ଗା, ସୀତା, ଦ୍ରୌପଦୀ ତ ମାତୃଗର୍ଭରୁ ଜନ୍ମ ହୋଇନାହାନ୍ତି । ଦେବତାଙ୍କ ତେଜ, ବସୁଧା ଓ ଯଜ୍ଞାନଳରୁ ଆବିର୍ଭୂତା ହୋଇଛନ୍ତି ଏହି ତିନି ନାରୀ । ମାତୃ ଗର୍ଭରୁ ହିଁ ଅବାଞ୍ଛିତା ହୋଇପଡୁଥିବା ବିଶ୍ୱର ଅଧିକାଂଶ ନାରୀଙ୍କର ଜନ୍ମଜାତକ ସହିତ ଏମାନଙ୍କର କୌଣସି ତୁଳନା କରାଯାଇପାରିବ ନାହିଁ । ତଥାପି କାହିଁକି ଯେ ନାରୀମାନଙ୍କୁ ଏପରି ହେବାକୁ ଉତ୍ସାହିତ କରାଯାଏ ସେ କଥା ମୁଁ ବୁଝିପାରେ ନାହିଁ । ଦେଖିବାକୁ ଗଲେ ସୀତା, ସାବିତ୍ରୀ, ଦ୍ରୌପଦୀ କିମ୍ବା ଦୁର୍ଗାଙ୍କର ଶକ୍ତି ଓ ସ୍ୱାଧିନତାର ଅଣୁମାତ୍ର ସାଧାରଣ ନାରୀ ଭାଗ୍ୟରେ ଜୁଟେ ନାହିଁ । ସମାଜବ୍ୟବସ୍ଥାରେ ନ୍ୟୂନରୁ ନ୍ୟୂନତମ ସ୍ଥାନଟି ନାରୀପାଇଁ ସଂରକ୍ଷିତ ଥାଏ ଏବଂ ସେତକ ମାନିନେଲାପରେ ହିଁ ମଧୁରଛଳନାରେ ସେ 'ଦେବୀ' ଭାବେ ମହାନ ବିବେଚିତ ହୁଏ । ତେଣୁ ଏହି ଦେବୀମାନଙ୍କୁ ଉଦାହରଣଭାବେ ଗ୍ରହଣ କରି ନାରୀ ନିଜର ପରିଚୟ ଗଠନ କରିବାକୁ ମୁଁ ଆଦୌ କୌଣସି ମତ ସପକ୍ଷରେ ଯାଇପାରେନା । ବରଂ ନାରୀର ପରିଚୟ ସାବ୍ୟସ୍ତ କରିବା ଦିଗରେ ଯେଉଁ ନାରୀମାନଙ୍କର ତେଜ ଓ ବ୍ୟକ୍ତିତ୍ୱକୁ ମୁଁ ସ୍ମରଣ କରିବି, ସେମାନେ ହେଲେ ଗାର୍ଗୀ, ଖନା, ଜୋଆନ, ଆମ୍ରପାଲୀ କିମ୍ବା ତସ୍‌ଲିମାଙ୍କପରି ଜୀବନ୍ତ ସାଧାରଣ ବ୍ୟକ୍ତିତ୍ୱସମ୍ପନ୍ନା ମହିଳା, ଏମାନେ ଜନ୍ମମୃତ୍ୟୁ, ଜରାବ୍ୟାଧିର ନିୟମରେ ବନ୍ଧା ହୋଇଥିବା ଜଣେ ଜଣେ ସାଧାରଣ ମଣିଷ । ଅଥଚ ପୁରୁଷପ୍ରଧାନ ସମାଜରେ ଏମାନଙ୍କର ରୂପଗୁଣସମ୍ପନ୍ନ ଅସାଧାରଣ ବ୍ୟକ୍ତିତ୍ୱ ଯେ କେତେ ନିପୀଡ଼ନର ଶିକାର ହୋଇଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବ୍ରହ୍ମବାଦିନୀ ଗାର୍ଗୀ ତର୍କରେ ଯାଜ୍ଞବଲ୍‌କ୍ୟଙ୍କୁ ପରାସ୍ତ କରିବାକୁ ଯାଉଥିବାବେଳେ ପୁରୁଷକଣ୍ଠ ଗର୍ଜି ଉଠିଥିଲା ଯେ - ଚୁପ୍ ନରହିଲେ କାନ୍ଧରୁ ମୁଣ୍ଡଟା ଛିଣ୍ଡେଇ ଦିଆଯିବ । ଜୋଆନ୍ ଅଫ୍ ଆର୍କଙ୍କ ପରି ବୀରା ରମଣୀଙ୍କୁ ଡାଆଣୀ କହି

Source: Author, Digitized by PPRACHIN, SOA

ନିଆଁରେ ପୋଡ଼ି ମାରିଥିଲେ ଅସଂଖ୍ୟ ପୁରୁଷ। ଆମ୍ରପଲ୍ଲୀଙ୍କର ଭୁବନମୋହିନୀ ରୂପ-ଗୁଣ ଯୋଗୁଁ ତାଙ୍କୁ ନଗରବଧୂ ହେବାକୁ ବାଧ୍ୟ କରିଥିଲେ ସଭ୍ୟ ଶିକ୍ଷିତ ପୁରୁଷଗୋଷ୍ଠୀ । ଖନାଙ୍କର ଅନନ୍ୟ ପାଣ୍ଡିତ୍ୟ ଓ ଜ୍ୟୋତିର୍ବିଜ୍ଞାନ ଯୋଗୁଁ ତାଙ୍କୁ ବାକ୍‌ଶକ୍ତି ହରାଇବାକୁ ପଡ଼ିଥିଲା । ଆଉ ବାଂଲାଦେଶରେ ଜଣେ ନାରୀ ପ୍ରଧାନମନ୍ତ୍ରୀ ଥିବା ସତ୍ତ୍ୱେ ନାରୀ ସ୍ୱାଧୀନତାର ଦୃପ୍ତ ସ୍ୱର ଉତ୍ତୋଳନ କରିଥିବା ଉଚ୍ଚଶିକ୍ଷିତା ଲେଖିକା ଡାକ୍ତର ତସ୍‌ଲିମାଙ୍କୁ କେନ୍ଦ୍ରକରି ସେଠି ଯେ କି ଝଡ଼ ଉଠିଥିଲା ତାହା ପୃଥିବୀବାସୀଙ୍କୁ ଅଗୋଚର ନାହିଁ ।

ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଶାସକ ଗାଦିରେ ମୁଖ୍ୟଭାବେ ପୁରୁଷ ବସିଥାନ୍ତୁ କିମ୍ବା ନାରୀ, ଶାସକର ମାନସିକତା ସବୁବେଳେ ଲୋକପ୍ରିୟ ମନସ୍ତତ୍ତ୍ୱକୁ ହିଁ ଅନୁସରଣ କରୁଛି । ସଭ୍ୟତାର ଅୟମାରମ୍ଭରୁ ଏହି ଲୋକପ୍ରିୟ ମନସ୍ତତ୍ତ୍ୱଟି ପୁରୁଷପ୍ରଧାନ ସମାଜର ନୀତିନିୟମ ଦ୍ୱାରା ଅନୁପ୍ରେରିତ ହୋଇ ସର୍ବଦା ନାରୀବ୍ୟକ୍ତିତ୍ୱର ସ୍ୱାଧୀନ ବିକାଶର ପରିପନ୍ଥୀ ମାନସିକତା ଭାବେ ହିଁ ପ୍ରତିଷ୍ଠା ଲାଭ କରିଛି । ଜଣେ ରୂପବତୀ ଓ ଗୁଣବତୀ ନାରୀର ବ୍ୟକ୍ତିତ୍ୱର ଉତ୍କର୍ଷକୁ ସମାଜପତିମାନେ (ନାରୀପୁରୁଷ ନିର୍ବିଶେଷରେ) ବାରମ୍ବାର ପ୍ରତିହତ କରିବାକୁ ଚେଷ୍ଟା କରିଛନ୍ତି । ଅପରପକ୍ଷେ ଯଦି ସେହି ରୂପ-ଗୁଣକୁ ସେ ପୁରୁଷ ଜାତିର ଭୋଗବିଳାସ ପରିତୃପ୍ତି ପାଇଁ ନିୟୋଜିତ କରିପାରିଛି ତେବେ ତା ବିରୋଧରେ ସେପରି କିଛି ସାମାଜିକ ପ୍ରଳୟ ଘଟିଯାଇନାହିଁ । ବରଂ ସମାଜ ତାକୁ ଆଗ୍ରହରେ ସ୍ୱାଗତ କରୁଛି । ଏପରିକି ଦେବଦାସୀ ପ୍ରଥା ନାମରେ ବେଶ୍ୟାବୃତ୍ତି ମଧ୍ୟ ଏକ ପବିତ୍ର ଧର୍ମାନୁଷ୍ଠାନ ଭାବରେ ସ୍ୱୀକୃତି ପାଇଛି । ଆଜିର ଧନତାନ୍ତ୍ରିକ ସମାଜ ବ୍ୟବସ୍ଥାରେ ଗଣତନ୍ତ୍ର ସମ୍ପୂର୍ଣ୍ଣଭାବେ ବ୍ୟବସାୟୀଗୋଷ୍ଠୀର କବଳିତ ହୋଇପଡ଼ିଛି । ତେଣୁ ଏହି ସମାଜରେ ସ୍ୱାଧୀନଚେତା ତସ୍‌ଲିମାଙ୍କୁ ପ୍ରାଣଭୟରେ ଆଶ୍ରୟ ଖୋଜିବାକୁ ପଡୁଥିବାବେଳେ ସୁନ୍ଦରୀ ପ୍ରତିଯୋଗିତାର ଲଙ୍ଗଳା ବିଜୟିନୀମାନଙ୍କୁ ପ୍ରଶଂସା, ଉପହାର ଓ ରାଷ୍ଟ୍ରିୟ ମର୍ଯ୍ୟାଦାରେ ପୋତିଦିଆଯାଉଛି। ବିଜ୍ଞାପନ ଚଳଚ୍ଚିତ୍ର ଓ ଗଣମାଧ୍ୟମମାନଙ୍କରେ ଶହ ଶହ ନାରୀଦେହର ନଗ୍ନପ୍ରଦର୍ଶନକୁ ଲୋକପ୍ରିୟ ମନସ୍ତତ୍ତ୍ୱ ନାମରେ ସମାଜ ଉପଭୋଗ କରିଚାଲିଛି । ଏହି ଲୋକପ୍ରିୟ ମନସ୍ତତ୍ତ୍ୱ (Popular Trend) ଯେ ଏକ ପୁରୁଷପ୍ରଧାନ ଉପଭୋକ୍ତା ସମାଜର ପଚାସଢ଼ା ବିଳାସୀ ମନସ୍ତତ୍ତ୍ୱ ଏହା କହିବା ବାହୁଲ୍ୟ ମାତ୍ର । ଏହି ସମାଜ ବ୍ୟବସ୍ଥାରେ ନାରୀର ଭୂମିକା କେତେବେଳେ ଏ ସବୁ ନାରୀବିରୋଧୀ ଚତୁରତାକୁ ଆଖିବୁଜି ଦେଇଥିବା ପଥର ମୂର୍ତ୍ତି, ନହେଲେ ଏହି ମୁନାଫାଖୋର ବ୍ୟବସାୟୀ ମନସ୍ତତ୍ତ୍ୱର ଜାଲରେ ପଡ଼ି ନାଚୁଥିବା ଲଙ୍ଗୁଳୀ କାଠକଣ୍ଢେଇ । ତଥାକଥିତ କ୍ଷମତାସୀନ ନେତା ବା ନେତ୍ରୀମାନେ ଗାଦିକୁ ଜାବୁଡ଼ି ଧରିବାର ପ୍ରାଣାନ୍ତକ ସଂଘର୍ଷରେ ବ୍ୟସ୍ତବିବ୍ରତ ଯନ୍ତ୍ରମଣିଷ ପରି ନିଜର ବିଚାରବିବେକ ଓ ବ୍ୟକ୍ତିତ୍ୱକୁ ଏହି ଲୋକପ୍ରିୟ (?) ମନସ୍ତତ୍ତ୍ୱର ମୁନାଫାଖୋର ଠିକାଦାରମାନଙ୍କ ହାତରେ ବିକ୍ରୀ କରିଦେଉଛନ୍ତି ।

Source: Author, Digitized by PPRACHIN, SOA

ନାରୀବ୍ୟକ୍ତିତ୍ୱ କଥା ଉଠିଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ନାରୀଟିଏ କେଉଁ ପରିବେଶ କେଉଁ ବ୍ୟକ୍ତିକୁ ପସନ୍ଦ କରେ ? ଶାନ୍ତ, ଯୁଦ୍ଧହୀନ, ନିରୁଦ୍‌ବିଗ୍ନ, ମର୍ଯ୍ୟାଦାବନ୍ତ, ସୃଜନଶୀଳ ନିରାପଦ ପରିବେଶ ଓ ପ୍ରେମପୂର୍ଣ୍ଣ ମାନବିକ ବ୍ୟକ୍ତିତ୍ୱ ପ୍ରତ୍ୟେକ ସାଧାରଣ ନାରୀର କାମ୍ୟ । ସେ ବେଶ୍ୟାଟିଏ ହେଉପଛେ ତା ଦେହରୁ ଲୁଗା ଖୋଲି ନେଉଥିବା ଶହ ଶହ ଗ୍ରାହକଙ୍କ ତୁଳନାରେ ତା ମଥାରେ ପଣତ ଢ଼ାଙ୍କି ଦେଇଥିବା ସମ୍ବେଦନଶୀଳ ବ୍ୟକ୍ତିତ୍ୱଟିକୁ ସେ ପ୍ରାଣର ସବୁ ଶ୍ରଦ୍ଧାସମ୍ମାନ ସମର୍ପି ଦିଏ । ବିଶିଷ୍ଟ ସମାଜବିଜ୍ଞାନୀ ମାର୍କସ ପ୍ରମାଣ କରି ଦେଖାଇଛନ୍ତି ଯେ ବହୁନାରୀ ଭୋଗଲାଳସା ପୁରୁଷର ସହଜାତ ପ୍ରବୃତ୍ତି ହୋଇଥିବାବେଳେ ଏକ ପୁରୁଷଗମନ (Monogamy) ହିଁ ନାରୀର ସ୍ୱାଭାବିକ ଅକାଙ୍‌କ୍ଷା । କାରଣ ଯୌନପ୍ରବୃତ୍ତିର ଆରଣ୍ୟକ ଯଥେଚ୍ଛାଚାର ଦ୍ୱାରା ପରବର୍ତ୍ତୀ ସମୟର ସବୁ ଶାରୀରିକ କଷ୍ଟ ଓ ଦାୟିତ୍ୱ ନାରୀକୁ ହିଁ ଏକା ସହିବାକୁ ପଡ଼ିଥାଏ । ବିବାହ ହେଉ ବା ନ ହେଉ ଗର୍ଭଧାରଣ, ସନ୍ତାନଜନ୍ମ, ତାର ଲାଳନପାଳନ ଇତ୍ୟାଦିର ଶତକଡ଼ା ଶହେଭାଗ ଦାୟିତ୍ୱ ନାରୀକୁ ବହନ କରିବାକୁ ପଡୁଥିବାବେଳେ ପୁରୁଷ ପାଇଁ ଏହି ଦାୟିତ୍ୱ ତାର ନିଜସ୍ୱ ଖିଆଲ ଖୁସି ଉପରେ ନିର୍ଭର କରେ । ତେଣୁ ବହୁନାରୀ ଉପଭୋଗର ଦାୟିତ୍ୱହୀନ ଲାଳସାକୁ ପୁରୁଷ ସହଜରେ ଏଡ଼ାଇ ଦେଇପାରେ ନାହିଁ । ପୁରୁଷପ୍ରଧାନ ସମାଜ ତେଣୁ ପୁରୁଷର ଏହି ଲାଳସା-ପୂର୍ତ୍ତି ଦିଗରେ ବହୁ କୋହଳ ମନୋଭାବ ପୋଷଣ କଲାବେଳେ ନାରୀ ନିମନ୍ତେ ଶାରୀରିକ ସତୀତ୍ୱର ସାମାଜିକ ଅଗ୍ନିବଳୟ ନିର୍ମାଣ କରିଛି । ମୋଟାମୋଟି ଭାବେ ଦେଖିଲେ ନାରୀକୁ ଜ୍ଞାନୀ, ବିଦୂଷୀ, ବ୍ୟକ୍ତିତ୍ୱସମ୍ପନ୍ନା ଓ ପ୍ରେମମୟୀ ମଣିଷଟିଏ ଭାବେ ଦେଖିବା ଅପେକ୍ଷା ପୁରୁଷ ତାକୁ ଏକ ଯୌନ କ୍ରୀଡ଼ନକ ଭାବେ ଦେଖିବାକୁ ଅଧିକ ପସନ୍ଦ କରୁଛି ଓ କ୍ରମଶଃ ପୁରୁଷର ଏହି ପସନ୍ଦ ତଥାକଥିତ ସଭ୍ୟସମାଜର ପସନ୍ଦ ଭାବେ ସମର୍ଥନ ଲାଭ କରୁଛି । ତେଣୁ ରୂପ-ଗୁଣ ସମ୍ପନ୍ନା ବିଦୂଷୀ ନାରୀ ନିଜର ସ୍ୱାଧୀନ ବ୍ୟକ୍ତିତ୍ୱର ସମ୍ମାନଜନକ ବିକାଶ ନିମନ୍ତେ ପଦେ ପଦେ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ବେଳେ ଶରୀରକୁ ବ୍ୟବହାର କରି ସ୍ୱାଧୀନତା ନାମରେ ସୁବିଧାବାଦ ଓ ସ୍ୱେଚ୍ଛାଚାରର ଧ୍ୱଜା ଧରିଥିବା ନାରୀମାନେ ସହଜରେ ନିଜର ସ୍ୱାର୍ଥସାଧନ କରିପାରୁଛନ୍ତି । ଆଜି ସମସ୍ତ ଉଚ୍ଚ ମାନବିକ ମୂଲ୍ୟବୋଧକୁ ପଦାଘାତ କରି ଯେଉଁ ତଥାକଥିତ ଶିକ୍ଷିତା ନାରୀମାନେ ଖୋଲାଖୋଲି ଅଙ୍ଗପ୍ରଦର୍ଶନ ଓ ସ୍ୱେଚ୍ଛାଚାରକୁ ସମର୍ଥନ କରୁଛନ୍ତି ତା କେବଳ ବହୁବର୍ଷବ୍ୟାପୀ ପୁରୁଷ ସ୍ୱେଚ୍ଛାଚାରର ଉଚ୍ଛୃଙ୍ଖଳ ପ୍ରତିବାଦ କହିଲେ ଅତ୍ୟୁକ୍ତି ହେବନାହିଁ ।

ଯେ କୌଣସି ଆଘାତର ଭୁଲ ପ୍ରତିଘାତ ଲକ୍ଷ୍ୟରେ ନ ବାଜି ଓଲଟି ଆଘାତ ଦେଉଥିବା ବ୍ୟକ୍ତିର ହିଁ ଅଧିକ କ୍ଷତି ସାଧନ କରିଥାଏ । ପ୍ରାଚୀନ ସଂସ୍କାରର ଶିକୁଳିରୁ

Source: Author, Digitized by PPRACHIN, SOA

ଛିଟିକିପଡ଼ି ନାରୀ ନିଜର ସ୍ୱେଚ୍ଛାଚାରକୁ ତଥାକଥିତ ମୁକ୍ତି ନାମରେ ନିର୍ଭୟରେ ଉପଭୋଗ କରୁଛି ଏବଂ ନାରୀର ଏହି ଲକ୍ଷ୍ୟଭ୍ରଷ୍ଟ ସ୍ୱାଧୀନତା ପୁରୁଷର ଉଚ୍ଛୃଙ୍ଖଳତାକୁ ଆହୁରି ଅଧିକ ଇନ୍ଧନ ଯୋଗାଇ ଦେଉଛି । ନାରୀ ନିଜକୁ ଏକ ପଣ୍ୟବସ୍ତୁ ରୂପେ ବିକଶିତ କରି ପ୍ରସିଦ୍ଧ (?) ହେବାର ଉନ୍ମାଦକୁ ପୁରୁଷପ୍ରଧାନ ଭୋଗବାଦୀ ସମାଜ ଅଧିକ ଆଗ୍ରହରେ ପ୍ରଶୟ ଦେଇଚାଲିଛି । ତେଣୁ ସମସ୍ତ ଶିକ୍ଷା, ଦୀକ୍ଷା, ଆର୍ଥିକ ସ୍ୱାବଲମ୍ବନଶୀଳତାର ଅଧିକାରିଣୀ ହେବା ସତ୍ତ୍ୱେ ନାରୀ ଆଜି ନିଜକୁ ଏକ ନାରୀର ଦୃଷ୍ଟିକୋଣରୁ ଦେଖିପାରୁ ନାହିଁ । ଏହି ବ୍ୟବସାୟୀ ସମାଜ ତାକୁ କିଭଳି କେଉଁ ଦିଗରୁ କେତେ ଦାମ୍ ଦେଉଛି ସେହି ଅନୁସାରେ ସେ ନିଜକୁ ଦେଖୁଛି । ବ୍ୟକ୍ତି ଭାବେ ବିଖ୍ୟାତ ହେବା ଯଦି କଷ୍ଟକର ହେଉଛି ତେବେ ସେ ପଣ୍ୟଭାବେ ନିଜର ମୂଲ୍ୟ ଆଦାୟ କରିବାରେ ଲାଗିପଡୁଛି । ବ୍ୟକ୍ତିଭାବେ ନିଜକୁ ଫଳବତୀ କରିବାକୁ ଗଲାବେଳେ ଲକ୍ଷେ ପ୍ରତିବାଦର ମୁକାବିଲା କରି ଶେଷରେ ପରାସ୍ତ ହେବାର ସମ୍ଭାବନା ଥିଲାବେଳେ ପଣ୍ୟଭାବେ ନିଜକୁ ବିକଶିତ କରିଦେଲେ ରାତାରାତି ବିଖ୍ୟାତ (?) ଓ ବିତ୍ତଶାଳୀ ହେବାର ସମ୍ଭାବନା କିନ୍ତୁ ବେଶ ଉଜ୍ଜ୍ୱଳ ।

ଆଉ ସବୁଠୁ ମଜାର କଥା ହେଉଛି ନାରୀର ସତୀତ୍ୱ, ଦେବୀତ୍ୱ ଆଦି ସମ୍ପର୍କରେ ଅତ୍ୟନ୍ତ ପ୍ରଗଲ୍‌ଭ ପୁରୁଷଗୋଷ୍ଠୀ ନାରୀ ଦେହର ଏହି ବିପଣୀକୁ ବେଶ ଆନନ୍ଦରେ ଉପଭୋଗ କରନ୍ତି । ଏଠାରେ ସେମାନଙ୍କୁ ଏକ ବଡ଼ ସଫେଇ ମିଳିଯାଏ । ଯେ ନାରୀମାନେ ଯଦି ଉଚ୍ଛୃଙ୍ଖଳ ହେଉଛନ୍ତି ତେବେ ନାରୀ ନିର୍ଯ୍ୟାତନା ପାଇଁ କେବଳ ପୁରୁଷମାନଙ୍କୁ ଦୋଷ ଦେଇ କ'ଣ ଲାଭ ? ଶାସ୍ତ୍ରବିଦ୍‌ମାନେ ମଧ୍ୟ ଶାସ୍ତ୍ର ପ୍ରମାଣ ଦେଇ ଦେଖେଇ ଦିଅନ୍ତି ଯେ ନାରୀ ସମସ୍ତ ଅନର୍ଥର ମୂଳ । ନାରୀ ଯୋଗୁଁ ତ ପୁଣି ସ୍ୱର୍ଣ୍ଣ ଲଙ୍କା ଓ ଟ୍ରୟ ନଗରୀ ଧ୍ୱଂସ ପାଇଥିଲା ! ଅଥଚ ଯେଉଁ ନାରୀ ତାଙ୍କର ମା, ଭଉଣୀ, ପତ୍ନୀ କି' ବନ୍ଧୁ.... ; ସେହି ନାରୀ ଦେହର ଖୋଲା ଖୋଲି ଅଶ୍ଳୀଳ ବ୍ୟବହାର କରି ଯେଉଁ ସମାଜ ବ୍ୟବସ୍ଥାରେ ବ୍ୟବସାୟିକ ଫାଇଦା ଉଠାଇବାର ଅପଚେଷ୍ଟା କରାଯାଉଛି କଦବା କ୍ୱଚିତ କେତେକ ମହିଳା ସଙ୍ଗଠନକୁ ଛାଡ଼ି କାହିଁ କୌଣସି ପୁରୁଷ ଗୋଷ୍ଠୀ ତ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁ ନାହାନ୍ତି ??

ଆମ ସମାଜରେ ପୁରୁଷପାଇଁ ସାମାଜିକ ଓ ବ୍ୟବହାରିକ ସୁବିଧା ସବୁବେଳେ ଯଥେଷ୍ଟ ଅଧିକ । ସେହି ଦୃଷ୍ଟିରୁ ନାରୀ ତୁଳନାରେ ପୁରୁଷର ବ୍ୟକ୍ତିତ୍ୱ ନିଶ୍ଚିତଭାବେ ଅଧିକ ବିକଶିତ ଓ ସଚେତନ ହେବା କଥା ! ଏହା ସତ୍ତ୍ୱେ ରାସ୍ତାଘାଟ କି ଗଣମାଧ୍ୟମରେ ଅର୍ଦ୍ଧନଗ୍ନ ନାରୀଟିଏ ଦେଖିଲେ ସୁସୁରିମାରିବା ଲୋକଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ - ନାରୀକୁ ତାର ନିଜ ବ୍ୟକ୍ତିତ୍ୱର ମର୍ଯ୍ୟାଦା ଓ ଗାରିମା ସମ୍ପର୍କରେ ସଚେତନ କରାଇବା ଓ ସହଯୋଗ କରିବା ପରି ପୁରୁଷଙ୍କ ସଂଖ୍ୟା କମିଯାଉଛି କାହିଁକି ?

Source: Author, Digitized by PPRACHIN, SOA

ଏକ ପୁରୁଷପ୍ରଧାନ ବ୍ୟବସାୟୀ ସମାଜ ନାରୀର ମୂଲ୍ୟ କଷିବା ବେଳେ ଓ ନାରୀକୁ ସାମାଜିକ ଆସନ ଦେବାବେଳେ କେତେ ନାରୀର ବ୍ୟକ୍ତିତ୍ୱ ଆଡ଼େ ଚାହେଁ ଓ କେତେ ପୁରୁଷର ଅସଂଯତ ଦେହଭୋଗ ଲାଳସା ଆଡ଼େ ଚାହେଁ ତାର ଯଥାର୍ଥ ଜବାବ ଆଜି ପାଇବା କଠିନ ।

ବିଖ୍ୟାତ ଔପନ୍ୟାସିକ ଶରତଚନ୍ଦ୍ର ତାଙ୍କ ନାରୀର ମୂଲ୍ୟ ଗ୍ରନ୍ଥରେ ନାରୀର ମୂଲ୍ୟ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି - ''ନାରୀର ନାରୀତ୍ୱର ମୂଲ୍ୟ କ'ଣ ? ଅର୍ଥାତ୍ କି ପରିମାଣରେ ସେ ସେବାପରାୟଣା, ସ୍ନେହଶୀଳା, ସତୀ ଏବଂ ଦୁଃଖକଷ୍ଟରେ ମୌନା, କି ପରିମାଣରେ ସେ ରୂପସୀ ? ଅର୍ଥାତ୍ ପୁରୁଷର ଲାଳସା ଓ ପ୍ରବୃତ୍ତିକୁ କେତେ ପରିମାଣରେ ସେ ନିବଦ୍ଧ ଓ ତୃପ୍ତ ରଖିପାରିବ । ଦାମ କଷିବାର ଯେ ଏହାଛଡ଼ା ଆଉ କୌଣସି ପଥ ନାହିଁ ସେ କଥା ମୁଁ ପୃଥିବୀର ଇତିହାସ ଖୋଲି ପ୍ରମାଣ କରିଦେଇପାରେ ।'' (ଶରତ ଚନ୍ଦ୍ର - ନାରୀର ମୂଲ୍ୟ ଅନୁ - ବି.କୁ ସାହୁ - ପୃ (୨) ତେଣୁ ବିବାହ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାଧ୍ୟମରେ ହେଉ ପୁରୁଷର କାମଲାଳସା ଓ ପ୍ରବୃତ୍ତିକୁ ତୃପ୍ତ କରିବା ଯେ ନାରୀର ମୌଳିକ ଦାୟିତ୍ୱ ଏହି ପୁରୁଷକୈନ୍ଦ୍ରିକ ଧାରଣାରୁ ଆଜି ମଧ୍ୟ ସମାଜ ମୁକ୍ତ ନୁହେଁ ଏବଂ ଏହି ଧାରଣାର ଆପାତତଃ ସୀମିତ ଓ ନରମ ଦିଗଟି ବିବାହ ହୋଇଥିବାବେଳେ ଅବାଧ/ଉଗ୍ର ଦିଗଟି ନାରୀର ଉଚ୍ଛୃଙ୍ଖଳ ଅଂଗପ୍ରଦର୍ଶନରେ ପର୍ଯ୍ୟବସିତ ହେଉଛି । ଉଭୟକ୍ଷେତ୍ରରେ ପୁରୁଷର ଲାଳସାତୃପ୍ତି ହିଁ ମୁଖ୍ୟ କଥା, ନାରୀବ୍ୟକ୍ତିତ୍ୱର ସମ୍ମାନ-ଅସମ୍ମାନର ପ୍ରଶ୍ନ ଏଠାରେ ସମ୍ପୂର୍ଣ୍ଣ ଗୌଣ । ସେଥିପାଇଁ ଏଠାରେ ଆପାଦ ମସ୍ତକ ପୋଷାକ ପିନ୍ଧିଥିବା ପୁରୁଷ ବିଚାରକଙ୍କ ଆଗରେ ଅର୍ଦ୍ଧନଗ୍ନ ବିଶ୍ୱସୁନ୍ଦରୀମାନେ ପ୍ୟାରେଡ୍ କରନ୍ତି । ବିଜ୍ଞାପନରେ ମଧ୍ୟ ପୁରୁଷଟି ପୂର୍ଣ୍ଣପୋଷାକ ପିନ୍ଧିଥିବା ବେଳେ ତାକୁ ଅର୍ଦ୍ଧନଗ୍ନ ନାରୀମାନେ ବେଢ଼ି ରହିଥାଆନ୍ତି । ସବୁଠୁଁ ପରିତାପର ବିଷୟ ଏହିପରି ଏକ ସାମାଜିକ ଧାରଣାର ଘୃଣ୍ୟ ଶିକୁଳିରେ ପୁରୁଷଙ୍କ ତୁଳନାରେ ନାରୀମାନେ ହିଁ ଅଧିକ ପରିମାଣରେ ବନ୍ଧା । ବିବାହ ଏହି ଧାରଣାର ଏକ ଅସହାୟ ଓ ସମ୍ମାନପ୍ରଦ (?) ସମର୍ଥନ ହୋଇଥିବାବେଳେ ନାରୀର ସ୍ୱେଚ୍ଛାକୃତ ଉଚ୍ଛୃଙ୍ଖଳତା ଏହି ଧାରଣାର ଏକ ପଥଭ୍ରଷ୍ଟ ବିଦ୍ରୋହ । ଏହି ବିଦ୍ରୋହକୁ ଆଜିର ବ୍ୟବସାୟୀ ସମାଜ କୋଟି କୋଟି ଟଙ୍କା ବିପୁଳ ଗଣମାଧ୍ୟମର ପ୍ରଚାର ଓ ରାଷ୍ଟ୍ରୀୟ ସ୍ୱୀକୃତି ଦେଇ ଉତ୍ସାହିତ କରୁଥିବାବେଳେ ତସଲିମାଙ୍କ ପରି ସଚେତନ ବିଦ୍ରୋହୀମାନଙ୍କୁ ଜୀବନ ମୂଲ୍ୟ ଦେବାକୁ ପଡୁଛି । ନାରୀର ସ୍ଥିତି ଓ ପ୍ରବୃତ୍ତି ବିଚାର କଲାବେଳେ ଏହାଠାରୁ ଅଧିକ ବିପତ୍ତି ବା ଆଉ କଣ ସୃଷ୍ଟି ହୋଇପାରେ ?

Source: Author, Digitized by PPRACHIN, SOA

ସଂରକ୍ଷଣରେ ନୁହେଁ ନାରୀତ୍ୱର ସୃଜନଶୀଳ ପ୍ରବୃତ୍ତିକୁ ସମର୍ଥନରେ ହିଁ ବିକାଶ ସମ୍ଭବ

ଲେଖିକାମାନଙ୍କର ସୃଷ୍ଟିରେ ନାରୀର ଅନ୍ତର୍ଜଗତ ଓ ବହିର୍ଜଗତର ରୂପାୟନର ପ୍ରଶ୍ନଟି ବାସ୍ତବରେ ଅବ୍ୟକ୍ତ ଜଟିଳ । ଇତିହାସ ଅନୁଶୀଳନ କଲେ ଦେଖାଯାଏ ଯେ ଶୋଷିତ ଶ୍ରେଣୀର ଶ୍ରେଣୀ ସଚେତନତା ଶୋଷଣମୂଳକ ସମାଜବ୍ୟବସ୍ଥାରେ ଅପେକ୍ଷାକୃତ ଭାବେ କମ୍ ବିକଶିତ ହୋଇଥାଏ । ନିଜେ ଉତ୍ପିଡ଼ୀତ ବ୍ୟକ୍ତିଟି ଉତ୍ପୀଡ଼କର ପ୍ରିୟପାତ୍ର ହେବାର ପ୍ରଚେଷ୍ଟାରେ ବହୁ ସମୟରେ ସହଭାଗୀ ସାଥୀଟି ପ୍ରତି ଅତ୍ୟାଚାରୀ ଅପେକ୍ଷା ଅଧିକ ବିଦ୍ୱେଷମୂଳକ ମନୋଭାବ ପୋଷଣ କରିଥାଏ । ବିଶ୍ୱର ଶୋଷିତ ଶ୍ରେଣୀମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସୂକ୍ଷ୍ମ ଶୋଷଣର ଶିକାର ହେଉଥିବା ନାରୀସମାଜ ପ୍ରତି ବୋଧହୁଏ ଏହି ତତ୍ତ୍ୱଟିକୁ ସର୍ବାପେକ୍ଷା ସଫଳ ଭାବେ ପ୍ରୟୋଗ କରାଯାଇପାରେ । ନିଜ ଜାତିକୁ ନିନ୍ଦା କରିବାରେ, ଲାଞ୍ଛିତ କରିବାରେ କିମ୍ବା ନିଜ ଜାତି ପ୍ରତି ହୀନମନ୍ୟତା ପ୍ରଦର୍ଶନ କରିବାରେ ନାରୀ ଜାତିର ବିକଳ୍ପ ପୃଥିବୀରେ ନାହିଁ । ତା ନ ହୋଇଥବଲେ ନାରୀ-ପୁରୁଷର ସମାନତାର ସ୍ଲୋଗାନ୍ ଭିତରେ କନ୍ୟା ଭ୍ରୂଣ ହତ୍ୟାର ହାର ବଢ଼ି ବଢ଼ି ଯାଆନ୍ତା ନାହିଁ । ପିତୃକୈନ୍ଦ୍ରିକ ସମାଜର ନୀତି-ନିୟମ ଭିତରେ ନାରୀତ୍ୱ ଏପରି ଶୃଙ୍ଖଳବଦ୍ଧ ହୋଇ ରହିଛି ଯେ ...ନାରୀର ଚିନ୍ତା, କର୍ମ, ଆଚରଣରେ ପୁରୁଷ ପ୍ରଧାନ ମାନସିକତାର ଆଧିପତ୍ୟ ହିଁ ଦେଖବାକୁ ମିଳିଥାଏ । ନିଜ ପ୍ରତି ଘଟୁଥିବା ଶତ ଅନ୍ୟାୟକୁ ସେ ନାରୀଜନ୍ମର ମର୍ଯ୍ୟାଦା (?) ମନେ କରି ପରମ୍ପରାର ଜୟଗାନ କରିବାକୁ ନିଜର ଧର୍ମ ମନେ କରେ । ତେଣୁ ନାରୀ ଲେଖନୀ ଅଧିକାଂଶ ସ୍ଥଳେ ନାରୀ - ସ୍ୱାର୍ଥ - ସଚେତନ ହେବା ବଦଳରେ ପରମ୍ପରା ସଚେତନ ହିଁ ହୋଇଥାଏ । ପରମ୍ପରାକୁ ମାନ୍ୟତା ଦେବାକୁ ଯାଇ ନିଜ ଅନ୍ତରର ସତ୍ୟତାକୁ ଏଡ଼ାଇ ଯାଉଥିବାରୁ ନାରୀ ଲେଖନୀରେ ନାରୀର ଯୁଗୋପଯୋଗୀ ଓ ଜୀବନ ଚିତ୍ରଣ ଦେଖିବାକୁ ମିଳେ ନାହିଁ । ପରମ୍ପରାକୁ ଭାଙ୍ଗିବା ଓ ଗଢ଼ିବାରେ ଆପାତତଃ ଅଧିକ ସ୍ୱାଧୀନତା ଉପଭୋଗ କରୁଥିବା ଲେଖକମାନେ ଏ ଦୃଷ୍ଟିରୁ ଅଧିକ ସଫଳ ହୋଇପାରନ୍ତି ।

Source: Author, Digitized by PPRACHIN, SOA

ସ୍ଥଳବିଶେଷରେ ଲେଖିକାମାନେ ନିଜ ଜାତିର ଦୁଃଖ, ଯନ୍ତଣା, ଶୋଷଣକୁ ଅନୁଭବ କରି ତଦନୁଯାୟୀ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି । କିନ୍ତୁ କଠିନ ସଂଘର୍ଷ ଓ ସଂଘାତର ପଥ ଦେଇ ଏକ ଯନ୍ତ୍ରଣାର ସରହଦ୍ ପାରିହେବା ପରେ ଜୀବନ ଦର୍ଶନର ଯେଉଁ ବିନ୍ଦୁରେ ଛିଡ଼ା ହୋଇ ସେମାନେ ନିଜେ ଏ ସମସ୍ତ ଅନୁଭବ କରିପାରିବାର ବା ବିଶ୍ଳେଷଣ କରିପାରିବାର ଦକ୍ଷତା ଅର୍ଜନ କରିଛନ୍ତି, ସେଇ ସ୍ତରକୁ ତାଙ୍କ କଳ୍ପିତା ନାରୀ କ୍ୱଚିତ୍ ଉନ୍ନୀତ ହୋଇପାରିଛି । ଅପରପକ୍ଷେ ପୁରୁଷ ସ୍ରଷ୍ଟାଙ୍କର ନାରୀ, ସ୍ରଷ୍ଟାର ବ୍ୟକ୍ତିସତ୍ତାର ନିଜସ୍ୱ ଆତ୍ମପ୍ରତ୍ୟୟ ଓ ସ୍ୱାଧୀନ ଦୃଷ୍ଟିକୋଣ ଦ୍ୱାରା ଅଭିମନ୍ତ୍ରିତା ହୋଇ ଏକ ଉତ୍ତୀର୍ଣ୍ଣ ପର୍ଯ୍ୟାୟକୁ ସ୍ପର୍ଶ କରିପାରିଛି । ଗୋପୀନାଥ ମହାନ୍ତିଙ୍କର 'ରାହୁର ଛାୟା'ର ସତୀ, କାହ୍ନୁଚରଣଙ୍କର 'ଝନ୍‌ଜାର କ୍ଷଣପ୍ରଭା ପରି ଗତିଶୀଳ ଚରିତ୍ର କିମ୍ବା ଶାନ୍ତନୁ ଆଚାର୍ଯ୍ୟଙ୍କର ନରକିନ୍ନରର ଗୋଦରୀ ବୁଢ଼ୀ ପରି ବିଲକ୍ଷଣ ଚରିତ୍ର ସମସାମୟିକ ଲେଖିକାମାନେ ସୃଷ୍ଟି କରିପାରିନାହାନ୍ତି । ପ୍ରଚଳିତ ସମାଜବ୍ୟବସ୍ଥା ପ୍ରତି ନାରୀର ଭୟ ଓ ଆନୁଗତ୍ୟ ଏହାର କାରଣ ନିଶ୍ଚୟ । ସରଳା ଦେବୀ, ବ୍ରହ୍ମୋତ୍ରୀଙ୍କ ପରି ଲେଖିକାଙ୍କ ରଚନାରେ କଦବା କ୍ୱଚିତ୍ ସତ୍ୟ ଓ ବିଦ୍ରୋହର ବିସ୍ଫୋରଣ ପରିଲକ୍ଷିତ ହୋଇଛି । କିନ୍ତୁ ସମଗ୍ର ସମାଜର ଅସ୍ଥିମଜ୍ଜାରେ ଯେଉଁ ପୁରୁଷପ୍ରଧାନ ମାନସିକତାର ଆଧିପତ୍ୟ ପ୍ରତିଷ୍ଠିତ ହୋଇଛି, ତାର ଯୁକ୍ତିସମ୍ମତ ଓ ବିଜ୍ଞାନଭିତ୍ତିକ ବିଶ୍ଳେଷଣ କରି ନିଜକୁ ଯାବତୀୟ ଅନ୍ଧତ୍ୱ ଭିତରୁ ମୁକ୍ତ କରିବାର ସଚେତନ ପ୍ରଚେଷ୍ଟା ଲେଖିକାମାନଙ୍କ ସୃଷ୍ଟିରେ ବିରଳ କହିଲେ ଚଳେ ।

ସମାଜରେ ନାରୀର ସମାନତା, ସ୍ୱାଧୀନତା ଓ ସ୍ୱାଭିମାନର ପ୍ରସଙ୍ଗକୁ ନେଇ ଓଡ଼ିଆ ଲେଖିକାମାନେ ସାହିତ୍ୟିକ ଆନ୍ଦୋଳନଟିଏ ଗଢ଼ିପାରିବାର ପ୍ରଶ୍ନ ଉଠିଛି । ଏହି ତିନୋଟି ବିଭବର କଠୋର ଓ ସୂକ୍ଷ୍ମ ସୀମାରେଖାକୁ ପ୍ରଥମେ ବୁଝିବା କଥା । ସମାନତା କହିଲେ ନାରୀ ଯେ ଠିକ୍ ପୁରୁଷ ପରି ହେବ ତା ନୁହେଁ । ନାରୀ ଭିତରେ ସ୍ନେହ, ପ୍ରେମ, ଦୟା, କ୍ଷମା, ସହନଶୀଳତା ପରି ଅନେକ ନାରୀ ସୁଲଭ ଗୁଣ ରହିଛି ଯାହା ଏକ ଉତ୍ତୀର୍ଣ୍ଣ ମାନବିକ ମୂଲ୍ୟବୋଧର ସ୍ୱାକ୍ଷର ବହନ କରିଥାଏ । ସମାନ ହେବାକୁ ଯାଇ ସମାଜରେ ଏ ପର୍ଯ୍ୟନ୍ତ ନିରଙ୍କୁଶ ପ୍ରଭୁତ୍ୱ ଉପଭୋଗ କରିଆସିଥିବା ପୁରୁଷର ଅହଙ୍କାର, କ୍ରୋଧ, ହିଂସା ପରି ପ୍ରବୃତ୍ତିର ଅନୁସରଣ କରିବା ନାରୀପକ୍ଷେ ଆତ୍ମଘାତୀ ଓ ମାନବଘାତୀ ପଦକ୍ଷେପ ନେଲା ପରି ହେବ । ନାରୀର ଏହି ସହଜାତ ସଦ୍‌ଗୁଣ ଯୋଗୁଁ ପୁରୁଷ ତାକୁ ପଦଦଳିତ କରି ରଖିପାରିଛି ଏହା ସମଗ୍ର ସମାଜ ବୁଝିବା ଉଚିତ୍ । ପ୍ରସିଦ୍ଧ ଔପନ୍ୟାସିକ ଶରତଚନ୍ଦ୍ରଙ୍କ ରଚନାରେ ଅଧିକାଂଶ ନାରୀ ଏହି ସମସ୍ତ ଗୁଣକୁ ନେଇ ଏପରି ଦୃଢ଼ ବିଦ୍ରୋହ କରିଥାନ୍ତି ଯେ ନାରୀ ଶକ୍ତିର ଯଥାର୍ଥ ରୂପଟିକୁ ଆମେ ପ୍ରତ୍ୟକ୍ଷ କରିଥାଉ । କିନ୍ତୁ ସମ୍ପ୍ରତି ସମାନତା ନାମରେ ନାରୀ ପୁରୁଷ ପରି ନିଷ୍ଠୁର, ସ୍ୱାର୍ଥପର ଓ

Source: Author, Digitized by PPRACHIN, SOA

ଅହଂସର୍ବସ୍ୱ ଆଚରଣକୁ ନିଜ ଅଧିକାର ବୋଲି ଭାବୁଛି । ବିଶେଷତଃ ଆର୍ଥନୀତିକ, ରାଜନୀତିକ ଓ ବହୁ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ ନାରୀ ଭିତରେ ସମାନତାକୁ ନେଇ ଏହି ବିଚାରସଙ୍କଟ ଦେଖାଦେଉଛି । ଅସଲରେ ଏହାଦ୍ୱାରା ପୁରୁଷପ୍ରଧାନ ସମାଜର ହିଁ ଲାଭ । ସମାନତା ନାମରେ ସେ ନାରୀକୁ ସ୍ୱେଚ୍ଛାଚାର ଓ ଅହଙ୍କାରର ଗହ୍ୱରରେ ଦେଖି ଆତ୍ମପକ୍ଷ ସମର୍ଥନର ଉପାୟ ପାଇପାରୁଛି । ସମାନତାର ଅସଲ ତତ୍ତ୍ୱଟି ହେଉଛି ନାରୀତ୍ୱର ମହନୀୟ ଗୁଣଗୁଡ଼ିକୁ ତାର ଦୁର୍ବଳତା ଭାବି ଶୋଷଣ କରିବା ବଦଳରେ, ସେ ସବୁର ବିକାଶର ଅନୁକୂଳରେ ସମାଜକୁ ପ୍ରସ୍ତୁତ କରିବା । ସଂରକ୍ଷଣରେ ନୁହେଁ ନାରୀତ୍ୱର ସୃଜନଶୀଳ ପ୍ରବୃତ୍ତିକୁ ସମର୍ଥନରେ ହିଁ ଏହାର ବିକାଶ ସମ୍ଭବ ।

ସେହିପରି ସ୍ୱାଧୀନତା ଓ ସ୍ୱାଭିମାନର ପ୍ରଶ୍ନ । ସ୍ୱାଧୀନତା କହିଲେ ନାରୀର ନିଜ ଚେତନା ଓ ଶରୀର ଉପରେ ସାର୍ବଭୌମ ଅଧିକାର ରହିବା କଥା ବୋଲି ମୁଁ ମନେ କରେ । ନାରୀର ଚେତନା ଯଦି ତଥାକଥିତ ସାମାଜିକ ଚାଲିଚଳଣୀ ଓ ଶରୀର ଯଦି ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାର ଆବଶ୍ୟକତାକୁ ଚାହିଁ ପରିଚାଳିତ ହୁଏ ତେବେ ଲେଖନୀ ମୁକ୍ତ ହେବା ସମ୍ଭବ ନୁହେଁ । ଲେଖନୀ ମୁକ୍ତ ନ ହେଲେ ଆନ୍ଦୋଳନର ସମ୍ଭାବନା ସୁଦୂର ପରାହତ ହୋଇରହିବ । ସମ୍ପ୍ରତି ନାରୀ-ମୁକ୍ତି-ଆନ୍ଦୋଳନର ବସ୍ତୁବାଦୀ ଓ ଉପଭୋକ୍ତାବାଦୀ ଦିଗଟି ସବୁଠୁଁ ପ୍ରବଳ ହୋଇଛି । ଉପଭୋକ୍ତାବାଦୀ ସମାଜ ମୁକ୍ତି ନାମରେ ନାରୀକୁ ଯଶ-ଅର୍ଥ-କ୍ଷମତା ଉପାର୍ଜନର ମହାକାଳଫଳଟିଏ ଧରେଇ ଦେଇଛି । ତେଣୁ ପୂର୍ବରୁ ନାରୀର ନିପୀଡ଼ିତ ଶରୀର ଭିତରେ ହୁଏତ କେଉଁଠି କେମିତି ମଣିଷର ଆତ୍ମାଟିଏ ବଞ୍ଚି ରହୁଥିଲା । କିନ୍ତୁ ଏହି ବ୍ୟବସ୍ଥାରେ ଆପାତତଃ ଦୃଷ୍ଟିରୁ ସ୍ୱାଧୀନ ମନେ ହେଉଥିବା ନାରୀର ଆତ୍ମାଟି ବସ୍ତୁବାଦୀ ଉଚ୍ଚାଭିଳାଷର ସଇତାନ ପାଖରେ ବନ୍ଧା ପଡ଼ିଯାଉଛି । ତେଣୁ ନାରୀମୁକ୍ତି ଓ ମାନବ ମୁକ୍ତିର ଧାରା ପରସ୍ପରର ଅନୁକୂଳରେ ଗତି କରୁନାହିଁ । ଏକ ପିତୃକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ନାରୀର ଦେହକୁ ମାନବାତ୍ମାର ଆଧାରଭାବେ ନ ଦେଖି ତାକୁ ପ୍ରାୟ ପୁରୁଷର ଏକ ବ୍ୟବହୃତ ବସ୍ତୁଭାବେ ବିଚାର କରାଯାଇଥାଏ । ଆଜିର ଉପଭୋକ୍ତାବାଦୀ ସମାଜରେ ନାରୀ ଦେହକୁ ନେଇ ସେହି ଚତୁର ବ୍ୟବସାୟୀ କୌଶଳ ପ୍ରୟୋଗ କରାଯାଉଛି । ଏହି ବ୍ୟବସାୟୀ କୌଶଳକୁ ପ୍ରତିହତ କରି ଏକ ସ୍ୱଷ୍ଟ ମୁକ୍ତିର ଧାରଣା ପାଇଁ ନାରୀକୁ ନିଜ ଯୌନ ସ୍ୱାଧୀନତା କଥା ଚିନ୍ତା କରିବାର ବେଳ ଆସିଛି । ଏ ପର୍ଯ୍ୟନ୍ତ ସାମାଜିକ ହେଉ ବା ଅସାମାଜିକ, ନାରୀ ଦେହ ଚିରଦିନ ଯୌନତାର ପ୍ରତୀକ ହୋଇ ପ୍ରତ୍ୟକ୍ଷ ବା ପରୋକ୍ଷ ଯୌନ ଉତ୍ପୀଡ଼ନ ସହ୍ୟ କରିଆସୁଛି । ଏପରି ସ୍ଥଳେ ଯୌନ ସ୍ୱାଧୀନତା ନାରୀର ସାମାଜିକ ଅଧିକାର ହେବା ଉଚିତ୍ । ଏଠାରେ ମୁଁ ବାରମ୍ବାର ଚେତାଇଦେବାକୁ ଚାହେଁ ଯେ ଯୌନ

Source: Author, Digitized by PPRACHIN, SOA

ସ୍ୱାଧୀନତା ଓ ଯୌନ ଉଚ୍ଛୃଙ୍ଖଳତା ଆଦୌ ଏକା କଥା ନୁହେଁ । ଆଜି ମଧ୍ୟ ଓଡ଼ିଶାର ଆଦିବାସୀମାନଙ୍କର ଯୌନ ସ୍ୱାଧୀନତା ଯୋଗୁଁ ସେଠାରେ ଯୌନ ଉଚ୍ଛୃଙ୍ଖଳତା କିମ୍ବା ଯୌନ ଅପରାଧର ମାତ୍ରା ତଥାକଥିତ ସଭ୍ୟ ସମାଜ ତୁଳନାରେ ବହୁତ କମ୍ ଦେଖାଯାଏ । ଇତିହାସ ଅନୁଶୀଳନ କଲେ ଦେଖାଯାଏ ଆମ୍ରପାଲୀ କିମ୍ବା ବସନ୍ତ ସେନା, ବାସବଦତ୍ତାଙ୍କ ପରି ଯୌନ ସ୍ୱାଧୀନତା ପାଇଥିବା ନାରୀମାନେ ନିଜ ପାଇଁ ଜ୍ଞାନ ଓ ଆଧ୍ୟାତ୍ମିକ ମାର୍ଗ ବାଛିବାର ନିଷ୍ପତ୍ତି ଗ୍ରହଣ କରିପାରିଥିଲେ । ଓଡ଼ିଆ ସାହିତ୍ୟରେ ଚର୍ଯ୍ୟାଗୀତିକା ଗୀତିକାର ରଚୟିତା ୮୨ତମ ସିଦ୍ଧାଚାର୍ଯ୍ୟ ଭଗବତୀ ଲକ୍ଷ୍ମୀଙ୍କରା ତାଙ୍କ 'ଅଦ୍ୱୟସିଦ୍ଧି' ଗ୍ରନ୍ଥରେ ନାରୀ ଦେହ ଓ ତାର ଯୌନ ସ୍ୱାଧୀନତା ଚରମ ଆଧ୍ୟାତ୍ମିକ ଉତ୍ତରଣର ମାର୍ଗ ବୋଲି ଦର୍ଶାଇଥିଲେ । ସେହି ତତ୍ତ୍ୱ ହିଁ ପରବର୍ତ୍ତୀ କାଳରେ ସୂକ୍ଷ୍ମଭାବେ ବୈଷ୍ଣବୀୟ ଭକ୍ତିତତ୍ତ୍ୱରେ ରୂପାନ୍ତରିତ ହୋଇଥିଲା । ଭାଗବତର ପିଙ୍ଗଳା ଚରିତ୍ରକୁ କବି ସେହିପରି ଉତ୍ତୀର୍ଣ୍ଣ ଚରିତ୍ରରେ ପରିଣତ କରିଛନ୍ତି । କିନ୍ତୁ ନିଜ ଦେହକୁ ପୁରୁଷର ବ୍ୟକ୍ତିଗତ ସମ୍ପତ୍ତିଭାବେ ଉତ୍ସର୍ଗ କରି ଦେଇ ଅବିରତ ପ୍ରତ୍ୟକ୍ଷ/ପରୋକ୍ଷ ଯୌନ ଉତ୍ପୀଡ଼ନ ଭୋଗୁଥିବା କୁଳନାରୀ ପ୍ରାଣରେ ଏପରି ବିସ୍ତାର କ୍ୱଚିତ୍ ଦେଖିବାକୁ ମିଳେ । ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ 'ଯଶପାଲ' ତାଙ୍କର 'ଦିବ୍ୟା' ଉପନ୍ୟାସରେ 'ଦିବ୍ୟା' ଚରିତ୍ରଟିକୁ ନାରୀ ସ୍ୱାଧୀନତାର ଏହି ସଙ୍କଟର ଏକ ଜ୍ୱଳନ୍ତ ପ୍ରଶ୍ନବାଚୀ କରି ଠିଆ କରିଛନ୍ତି । ଭାରତୀୟ ନାରୀର ବୈଦିକ ଐତିହ୍ୟର ଉଦାହରଣ ଦେବାକୁ ଯାଇ ଆମେ ବାରମ୍ବାର ଗାର୍ଗୀ ମୈତ୍ରେୟୀ, ବିଶ୍ୱବାରା, ଲୋପାମୁଦ୍ରା, ଅପାଲା, ଜବାଳା ଆଦି ବ୍ରହ୍ମବାଦିନୀମାନଙ୍କ ନାମ ଉଚ୍ଚାରଣ କରୁ । କିନ୍ତୁ ଏହି ବିଦୂଷୀ ବ୍ରହ୍ମବାଦିନୀମାନେ ଯେ ସମକକ୍ଷ ଋଷିମାନଙ୍କ ପରି ଯୌନ ସ୍ୱାଧୀନତା ଉପଭୋଗ କରୁଥିଲେ ଏହି କଥାଟି ପରବର୍ତ୍ତୀ କାଳରେ ଶାସ୍ତ୍ରକାରମାନେ ଉହ୍ୟ ରଖି ଦେଇଛନ୍ତି । କେବଳ ଜବାଳାଙ୍କ ପୁତ୍ର 'ସତ୍ୟକାମ'ଙ୍କ ପିତୃପରିଚୟ ପ୍ରସଙ୍ଗରେ ଏହି ସତ୍ୟର ସାମାନ୍ୟ ଆଭାସ ମିଳିଥାଏ । ଓଡ଼ିଆ ସାହିତ୍ୟରେ ସତ୍ୟର ଆଗ୍ନେୟ-ଉପାସିକା ସରଳା ଦେବୀ ନାରୀର ନିଜ ଦେହ ଉପରେ ନିଜର ଅଧିକାରକୁ ମୁକ୍ତ କଣ୍ଠରେ ଘୋଷଣା କରିଯାଇଛନ୍ତି । କିନ୍ତୁ ଆଜି ମଧ୍ୟ ଅଧିକାଂଶ ଓଡ଼ିଆ ଲେଖିକା ନାରୀର ଏହି ଚରମ ଓ ମରମ ପ୍ରବୃତ୍ତିକୁ ଏଡ଼ାଇ ଯାଇଥାନ୍ତି । ନିଜ ସୃଜନକର୍ମରେ ନାରୀ ସତ୍ତାକୁ ପ୍ରେମମୟୀ ପରମାର୍ଥମୟୀ ବା ସମାନ ମଙ୍ଗଳମୟୀ ଭାବେ ସଜାଡ଼ ସଜାଡ଼ ନାରୀ ମୁକ୍ତିର ଏହି ନିଷ୍ଠୁର ନଗ୍ନ-ମୌଳିକ ଦିଗଟି ପ୍ରତି ଆଖି ବୁଜି ଦେବାକୁ କଳାତ୍ମକତା ଓ ନାରୀ ଲେଖନୀର ମର୍ଯ୍ୟାଦା ବୋଲି ଭାବନ୍ତି । ଏପରି ରଚନା ନାରୀ ପାଇଁ ବାସ୍ତବରେ କୌଣସି ପରିବର୍ତ୍ତନର ସମ୍ଭାବନା ଆଣେ ନାହିଁ କିମ୍ବା ପାଠିକାମାନଙ୍କ ପ୍ରାଣରେ ବିଶ୍ୱାସ ଓ ସାହସ ଜାଗ୍ରତ କରିପାରେ ନାହିଁ । ବାସ୍ତବରେ ହେଉ ବା କଳ୍ପନାରେ

Source: Author, Digitized by PPRACHIN, SOA

ହେଉ ପୁରୁଷଶାସିତ ତଥା ପୁରୁଷ ଅନୁମୋଦିତ ବ୍ୟବସ୍ଥାକୁ ଅତ୍ୟନ୍ତ ପବିତ୍ର ଓ ମର୍ଯ୍ୟାଦାବନ୍ତ ବୋଲି ଭାବି ନେଉଥିବା ନାରୀ ଈର୍ଷା, ଦ୍ୱେଷ, ହୀନମନ୍ୟତା ଓ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିବା କଷ୍ଟକର ହୋଇପଡ଼େ । ତା ବ୍ୟକ୍ତିତ୍ୱରେ ଏକ ମାନସିକ ମାନଦଣ୍ଡର ଦୈର୍ଘ୍ୟ ଖୋଜିଲେ ନିରାଶ ହେବାକୁ ପଡ଼େ । ଏକଦା ଆମ ସମୟର ସବୁଠାରୁଁ ସ୍ପଷ୍ଟଭାଷୀ ଏବଂ କିଞ୍ଚିତ୍ ପରିମାଣରେ ନାରୀର ଯୌନସ୍ୱାଧୀନତା କଥା ଲେଖୁଥିବା ଗାଳ୍ପିକା ସରୋଜିନୀ ସାହୁଙ୍କ ସୃଷ୍ଟି ପ୍ରତି ଜଣେ ଲେଖିକାଙ୍କର ପ୍ରତିକୂଳ ମନ୍ତବ୍ୟ ମତେ ଖୁବ୍ ମର୍ମାହତ କରିଥିଲା ।

ଏଠାରେ ଆଉ ଏକ ପ୍ରଶ୍ନ ଉଠିପାରେ ଲେଖିକା ବ୍ୟକ୍ତିଗତ ସତ୍ୟକୁ ସ୍ୱୀକାର କରିବ ନା ସାମାଜିକ ସତ୍ୟକୁ ସ୍ୱୀକାର କରିବ ? ମୁଁ ଅନୁଭବ କରେ ନାରୀର ବ୍ୟକ୍ତିଗତ ସତ୍ୟ ଓ ସାମାଜିକ ସତ୍ୟ ଭିତରେ ଆକାଶ-ପାତାଳ ପ୍ରଭେଦ ରହିଛି । ସଭ୍ୟତାର ଆରମ୍ଭରୁ ପୁରୁଷ କୈନ୍ଦ୍ରିକ ସମାଜ ନାରୀ ନିମନ୍ତେ କେବେ ହେଲେ ଏକ ନିରପେକ୍ଷ ସତ୍ୟ ଦୃଷ୍ଟିର ପୃଷ୍ଠପୋଷକତା କରିନାହିଁ । ବରଂ ମାନବ ସଭ୍ୟତାର ପ୍ରଗତି (?) ସହ ତାଳ ଦେଇ ନାରୀ-ଶୋଷଣ-ପୀଡ଼ନର ମାତ୍ରା ମଧ୍ୟ ସେତିକି ପରୋକ୍ଷ-ସୂକ୍ଷ୍ମ-ଜଟିଳ ଓ ବସ୍ତୁକୈନ୍ଦ୍ରିକ ହୋଇଛି । ଏକଦା ସମାଜ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ନାରୀଙ୍କ କଥା ଭାବିଲେ କସ୍ତୁରବା, ରମା ଦେବୀ କିମ୍ବା ମଦରଟେରେସାଙ୍କ ବ୍ୟକ୍ତିତ୍ୱ ଆଖିଆଗରେ ନାଚି ଉଠୁଥିଲା । ଉପଭୋକ୍ତାବାଦୀ ସମାଜ ବିଜ୍ଞାପନ ଲବ୍ଧ ଅର୍ଥ ପାଇଁ ନିଜ ଶରୀରକୁ ବିନିଯୋଗ କରି ରାତାରାତି ବିଖ୍ୟାତ (?) ହୋଇଥିବା ସନ୍ତରଣ ପୋଷାକ ଓ ମୁକୁଟମଣ୍ଡିତା ବିଶ୍ୱସୁନ୍ଦରୀଙ୍କୁ ଅନାଥ ପିଲାଙ୍କ ମେଳରେ ବସାଇ ତାଙ୍କୁ ସମାଜସେବିକା ସଜାଇ ଦେଉଛି । ଏପରି ପ୍ରବଞ୍ଚିତ ଆଦର୍ଶ-ବୋଧ ଭିତରେ ନାରୀର ସ୍ୱାଭିମାନ ଓ ଅସ୍ମିତାବୋଧ ଯେ କିପରି ବାଟବଣା ହେଉଛି ତାହା କଳ୍ପନା କଲେ ଆତଙ୍କିତ ହେବାକୁ ପଡ଼େ । ପ୍ରତ୍ୟେକ ମହତ୍ ମୂଲ୍ୟବୋଧର ଏକ ବିକଳ୍ପ ବିପଣନ ବ୍ୟବସ୍ଥାରେ ଆଜି ମଣିଷ ଛନ୍ଦି ହୋଇ ପଡୁଥିବା ବେଳେ ନାରୀର ଆତ୍ମା ଓ ଦେହ ସବୁଠୁଁ ସୁଲଭ ପଣ୍ୟରେ ପରିଣତ ହୋଇଛି । ନାରୀ ଯେତେବେଳେ ନିଜର ଆତ୍ମା ଓ ଅସ୍ମିତାର ଆହ୍ୱାନ ଅନୁଯାୟୀ ନିଜର ଦୈହିକ ସ୍ଥିତି କଥା ଚିନ୍ତା କରିବ ଓ ଆତ୍ମବିକାଶ ପାଇଁ ଦେହକୁ ବିନିଯୋଗ କରିବ ସେତିକି ବେଳେ ହିଁ ତାଙ୍କୁ ସାମାଜିକ ଓ ଅସାମାଜିକ ଦେହପୀଡ଼ନରୁ ନିଷ୍କୃତି ମିଳିବ । ଦେହ ଓ ଆତ୍ମାର ମୁକ୍ତ ମିଳନ ହିଁ ଅସ୍ମିତାର ପରିପୂର୍ଣ୍ଣତା । ଓଡ଼ିଆ ଲେଖିକାମାନଙ୍କର କୃତିରେ ଏସବୁ ପ୍ରଶ୍ନ ଓ ପ୍ରସଙ୍ଗର ସୂକ୍ଷ୍ମ ସୃଜନାତ୍ମକ ପ୍ରତିଫଳନ ଆଜି ଜରୁରୀ ହୋଇପଡ଼ିଛି । ଏଥିପାଇଁ ଲେଖିକାକୁ ନିଶ୍ଚୟ ସମାଜବ୍ୟବସ୍ଥାର ବିରୋଧରେ ଯିବାକୁ ହେବ । ତୀବ୍ର ନିନ୍ଦା ଓ ସମାଲୋଚନାର ଶରବ୍ୟ ହେବାକୁ

Source: Author, Digitized by PPRACHIN, SOA

ହେବ । ସତ୍ୟ କହିବାକୁ ହେଲେ ଲେଖିକାକୁ ତଥାକଥିତ ମର୍ଯ୍ୟାଦା, ଲଜ୍ଜା ଓ ସାମାଜିକତାର ସୀମାରେଖାକୁ ଲଙ୍ଘି ଯିବାକୁ ହେବ । ଯୁଗ ଯୁଗ ଧରି ତା'ର ମୁକ୍ତିକୁ ଚାପି ରଖିଥିବା ବିରାଟ ସିସିଫସିୟ ଶିଳା-ଖଣ୍ଡକୁ ବୋହିବାକୁ ଅରାଜି ହେବାକୁ ହେବ । ଦରକାର ପଡ଼ିଲେ ଅସାମାଜିକ ଓ ସମାଜଚ୍ୟୁତ ହେବାକୁ ହେବ । ତାର ସିଧାସଳଖ ଅଭିବ୍ୟକ୍ତି ଅନେକ ସମୟରେ ନଗ୍ନ ଓ ଅଶ୍ଳୀଳ ଶୁଭିଲେ ହେଁ ନିଜ ଅନ୍ତରାତ୍ମା ପାଖରେ ସତ୍ୟବଦ୍ଧ ହେବାର ରାଜିନାମାକୁ ତାକୁ ପାଳନ କରିବାକୁ ହେବ । ଲେଖିକାମାନେ ମନେ ରଖିବା ଉଚିତ୍ ଯେ ସାହିତ୍ୟ ସୃଷ୍ଟିର ଆରମ୍ଭରୁ ଏଯାବତ୍ ଲେଖକମାନେ ନାରୀ ଦେହର ଯେତେ ନଗ୍ନ ବର୍ଣ୍ଣନା ଦେଇଛନ୍ତି - ହଜାର ହଜାର ବର୍ଷ ଲେଖିଲେ ମଧ ସେମାନେ ତାର ମୁକାବିଲା କରିପାରିବେ ନାହିଁ । ଆଜିଯାଏ ନାରୀ ସେମାନଙ୍କର ବ୍ୟବହୃତ ସାମଗ୍ରୀଭାବେ ନିଜକୁ ଉନ୍ମୁକ୍ତ କରିଛି । ଆଜି ନିଜ ଦୁଃଖ - ସୁଖର ଦୁଇପଦ ସତ୍ୟକଥା କହିବାକୁ ସେ ଯଦି ନିଜକୁ ଉନ୍ମୁକ୍ତ କରିଦିଏ ତେବେ ମହାଭାରତ ଅଶୁଦ୍ଧ ହୋଇଗଲା ବୋଲି ଚିତ୍କାର କରୁଥିବା ଲୋକମାନଙ୍କୁ 'ପ୍ରତାରକ-ପଣ'ରେ ରଖି ସେମାନଙ୍କ ମତାମତକୁ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିବାକୁ ହେବ । କଳାତ୍ମକତା, ସାମାଜିକ ପ୍ରତିବଦ୍ଧତା ଇତ୍ୟାଦିର ଦ୍ୱାହିରେ ଏକ କୁଣ୍ଠିତ, ଶଙ୍କିତ, ସଙ୍କଟଗ୍ରସ୍ତ ସ୍ୱରକୁ ପ୍ରତ୍ୟାଖ୍ୟାନ କରିବାର ସମୟ ଲେଖିକାମାନଙ୍କ ସମ୍ମୁଖରେ ଉପଗତ । ସତ କହିବାକୁ ଗଲେ ଏ କ୍ଷେତ୍ରରେ ଓଡ଼ିଆ ଲେଖିକାଙ୍କର ଆଦର୍ଶ ଭାବେ କାହାକୁ ଖୋଜିବା ଏକ ଅତ୍ୟନ୍ତ କଠିନ କାର୍ଯ୍ୟ । ତେଣୁ ନିଜ ଜୀବନର ଅନୁଭୂତି ଏବଂ ନିଜର ଶାଣିତ ବ୍ୟକ୍ତିସଚେତନତାକୁ ଭିତ୍ତି କରି, ନିଜର ଯାବତୀୟ ଅନ୍ଧାର/ଆଲୋକର ପ୍ରବୃତ୍ତିକୁ ଜିଜ୍ଞାସୁର ଦୃଷ୍ଟି ନେଇ ସ୍ୱୀକାର କରି, ସତ୍ୟର ଆୟୁଧ ବ୍ୟବହାର କରି ନିଜ ସପକ୍ଷ ବା ବିପକ୍ଷରେ ଲେଖନୀଚାଳନା କରିବାର ଅଧିକାର ତାକୁ ସାବ୍ୟସ୍ତ କରିବାକୁ ହେବ ।

୦

Source: Author, Digitized by PPRACHIN, SOA

ଓଡ଼ିଶା ବୁକ୍ ଷ୍ଟୋର
ISBN 817400-559-5
Source: Author, Digitized by PPRACHIN, SOA